# ପ୍ରବନ୍ଧ ପରିଚିତି

ସଂପାଦନା

**ଶ୍ରୀ ବେଣୁଧର ରାଉତ,** ଏମ୍. ଏ.

ରିଡ଼ର ଓ ମୁଖ୍ୟ ଅଧ୍ୟାପକ, ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ

ରେଭେନ୍‌ସା କଲେଜ, କଟକ

**ଶ୍ରୀ ପଠାଣି ପଟ୍ଟନାୟକ,** ଏମ୍. ଏ.

ରିଡ଼ର ଓ ମୁଖ୍ୟ ଅଧ୍ୟାପକ, ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ

ଖ୍ରୀଷ୍ଟ କଲେଜ, କଟକ

ନାଳନ୍ଦା ପୁସ୍ତକ ପ୍ରକାଶକ ଓ ବିକ୍ରେତା

ବିନୋଦ ବିହାରୀ · କଟକ-୨

# ॥ ପ୍ରବନ୍ଧ ପରିଚୟ ॥

●


ସମ୍ପାଦକ

**ଶ୍ରୀ ବେଣୁଧର ରାଉତ**

**ଶ୍ରୀ ପଠାଣି ପଟ୍ଟନାୟକ**


●


ପ୍ରକାଶକ

**ନାଳନ୍ଦା**

ବିନୋଦବିହାରୀ, କଟକ-୨

●

**ପ୍ରଥମ ନାଳନ୍ଦା ସଂସ୍କରଣ—୧୯୭୩**

**ଦ୍ୱିତୀୟ ନାଳନ୍ଦା ସଂସ୍କରଣ—୧୯୭୬**

●

ମୁଦ୍ରଣ

**ବ୍ରଜଚନ୍ଦ୍ର ପ୍ରେସ**

କାଜିବଜାର, କଟକ

●

**ମୂଲ୍ୟ : ପାଞ୍ଚଟଙ୍କା ପଚିଶ ପଇସା**

# ପ୍ରବନ୍ଧକଳା : ଅତୀତ ଓ ବର୍ତ୍ତମାନ

ଇଂରେଜରେ **Essay** ଶବ୍ଦକୁ ଓଡ଼ିଆରେ ପ୍ରବନ୍ଧ ବୋଲି ଅନୁବାଦ କରାଯାଇଛି । ଅବଶ୍ୟ ପ୍ରବନ୍ଧ ଶବ୍ଦଟି ଓଡ଼ିଆ ସାହିତ୍ୟରେ ବହୁ ପ୍ରାଚୀନ କାଳରୁ ପ୍ରଚଳିତ । ଭାଗବତକାର ବହୁ ସ୍ଥାନରେ କହିଛନ୍ତି, 'ଭାଷା ପ୍ରବନ୍ଧେ ଭାଗବତ । କହଇ ଦାସ ଜଗନ୍ନାଥ ।' ପ୍ରକୃଷ୍ଟ ଭାବରେ ବନ୍ଧନ-ଯୁକ୍ତ ଭାବନାକୁ ପ୍ରବନ୍ଧ ବୋଲି କୁହାଯାଇଥିଲା । ଅବଶ୍ୟ ଆଧୁନିକ ପ୍ରବନ୍ଧ ଶବ୍ଦଟି ଇଂରେଜୀ ସାହିତ୍ୟ ପ୍ରଭାବିତ ଏବଂ ସମ୍ପୂର୍ଣ୍ଣ ରୂପେ ଗଦ୍ୟ ସାହିତ୍ୟ ପ୍ରତି ଉଦ୍ଦିଷ୍ଟ ।

ଆଧୁନିକ ସାହିତ୍ୟରେ ପ୍ରବନ୍ଧର ଅଭ୍ୟୁଦୟ ଅଧିକ କାଳର ନୁହେଁ । ଇଂରେଜ **Essay** ଶବ୍ଦଟି ଫରାସୀ **Essai** ଶବ୍ଦରୁ ଉତ୍ପନ୍ନ ହୋଇଅଛି । ଏହି ଶବ୍ଦର ଅର୍ଥ ହେଲା ଚେଷ୍ଟା କରିବା, ସମତୁଲ କରିବା ଏବଂ ଓଜନ କରିବା । ପ୍ରବନ୍ଧ ବା ନିବନ୍ଧ ଆଧୁନିକ ସାହିତ୍ୟର କବିତା, ଉପନ୍ୟାସ, ଏକାଙ୍କିକା, ନାଟକଠାରୁ ସମ୍ପୂର୍ଣ୍ଣ ପୃଥକ । ଅଥଚ୍ ପ୍ରବନ୍ଧ ସାହିତ୍ୟର କ୍ଷେତ୍ର ଅତ୍ୟନ୍ତ ବ୍ୟାପକ । ପୃଥିବୀରେ ଏପରି କିଛି ବିଷୟ ନାହିଁ, ଯାହାକି ପ୍ରବନ୍ଧ ସାହିତ୍ୟର ଅନ୍ତର୍ଗତ ହୋଇ ନପାରିବ । ପ୍ରବନ୍ଧ ସାହିତ୍ୟ ମାଧ୍ୟମରେ ଲେଖକ ନିଜର ମତାମତ ଯେତେ ସ୍ପଷ୍ଟ ଭାବରେ ବ୍ୟକ୍ତ କରିପାରେ, ବୋଧହୁଏ ସାହିତ୍ୟର ଆଉ କୌଣସି ବିଭାଗରେ ସେପରି ସ୍ୱାଧୀନତା ଓ ସୁଯୋଗ ତାର ନାହିଁ ।

ଅବଶ୍ୟ ପ୍ରବନ୍ଧ ସାହିତ୍ୟ ଯୁଗଭେଦରେ ଚଞ୍ଚଳ ରୂପ ପରିବର୍ତ୍ତନ କରି ଚାଲିଅଛି । ମାତ୍ର କେତେବର୍ଷ ପୂର୍ବେ ପ୍ରବନ୍ଧ କହିଲେ ଯାହା ବୁଝାଯାଉଥିଲା, ବର୍ତ୍ତମାନ ପ୍ରବନ୍ଧର ବ୍ୟାଖ୍ୟା ତଦନୁରୂପ ହୋଇ ରହିପାରିନାହିଁ । ସେଥିପାଇଁ ପ୍ରବନ୍ଧ ସମ୍ପର୍କରେ ନାନା ମୁନିଙ୍କର ନାନା ମତ ।

ଇଂରାଜୀ ସାହିତ୍ୟର ସୁଖ୍ୟାତ ଲେଖକ ଡକ୍ଟର ଜନ୍‌ସନ୍ ପ୍ରବନ୍ଧକୁ କହିଥିଲେ **'loose sally of the mind'** ଶିଥିଳ ମନର ବୁଦ୍ଧି-ବିଳାସ ଅନିୟମିତ ଓ ବିକ୍ଷିପ୍ତ ରଚନା ବୋଲି ମଧ୍ୟ ଜନ୍‌ସନ୍ ମତ ଦେଇ-ଥିଲେ । ପ୍ରବନ୍ଧ ଏକ ଅସମ୍ପୂର୍ଣ୍ଣ ରଚନା ବୋଲି ଅନେକ ଆଲୋଚକଙ୍କର ମତ । କାହାରି ମତରେ **An essay on the other hand, is an**

expression of the personal views of the author and gives a picture of his mind though incomplete. ପ୍ରବନ୍ଧ ରଚନାରେ ଜନ୍‌ସନ୍ ଜଣେ ବିଫଳ ଶିଳ୍ପୀ ଥିଲେ । ତେଣୁ ପ୍ରବନ୍ଧ ସମ୍ପର୍କରେ ତାଙ୍କର ଏପରି ନ୍ୟୂନମତ ସର୍ବଜନଗ୍ରାହ୍ୟ ହେବାର କୌଣସି କାରଣ ନାହିଁ । ଇଂରାଜୀ ସାହିତ୍ୟରେ ଗୋଲ୍‌ଡସ୍ମିଥ୍, ଲ୍ୟାମ୍ବ, ଷ୍ଟିଭେନ୍‌ସନ, ଗାର୍ଡିନର ପ୍ରଭୃତି ପ୍ରବନ୍ଧ ରଚନା କ୍ଷେତ୍ରରେ ଅପୂର୍ବ କଳାକୁଶଳତାର ପ୍ରମାଣ ଦେଇ ଯାଇଛନ୍ତି । A. C. Benson କହିଛନ୍ତି—An essay is a thing which someone does himself, and the pivot of the essay is not the subject for any subject will suffice, but the charm of personality.

ପ୍ରବନ୍ଧରେ ପ୍ରତ୍ୟେକଟି କଥା କୁହାଯିବା ସମ୍ଭବ ନୁହେଁ । ତେବେ ଏକ ନିର୍ଦ୍ଦିଷ୍ଟ ସମସ୍ୟାରେ ଲେଖକର ମନୋଭାବ ଯଥାର୍ଥ ଭାବରେ ପ୍ରବନ୍ଧ ମାଧ୍ୟମରେ ଅଭିବ୍ୟକ୍ତି ଲାଭ କରିପାରେ ।

ପ୍ରବନ୍ଧ ମଧ୍ୟ ସାହିତ୍ୟ ରାଜ୍ୟର ଅନ୍ତର୍ଗତ । ତେଣୁ ପ୍ରବନ୍ଧପାଠକ ଏଥିରୁ ସମୁଚିତ ଆନନ୍ଦ ଲାଭକରିବା ସ୍ୱାଭାବିକ । ଅନେକଙ୍କର ଧାରଣା ଯେ ପ୍ରବନ୍ଧ ରଚନା ଅତ୍ୟନ୍ତ ନୀରସ ଏବଂ କ୍ଲିଷ୍ଟ । ମାତ୍ର ସମୃଦ୍ଧ ଇଂରେଜି ସାହିତ୍ୟର ପ୍ରବନ୍ଧଗୁଡ଼ିକ ପାଠ କଲେ ଏ ଧାରଣା ଅଚିରେ ଦୂରୀଭୂତ ହୋଇଯିବ ।

ପ୍ରବନ୍ଧ ସାହିତ୍ୟ ମାଧ୍ୟମରେ ଲେଖକ ବ୍ୟକ୍ତିଗତ ଭାବ ଏବଂ ଜ୍ଞାନ ପ୍ରକାଶ କରିବା ପାଇଁ ସର୍ବାପେକ୍ଷା ଅଧିକ ସୁଯୋଗ ଲାଭ କରିଥାଏ । ପ୍ରବନ୍ଧ ନିଶ୍ଚୟ ଏକ ଶିଳ୍ପାତ୍ମକ ରଚନା । ପ୍ରବନ୍ଧ ରଚନାଗୁଡ଼ିକ ଯୁକ୍ତିପ୍ରବଣ, ବୁଦ୍ଧିଦୀପ୍ତ ଏବଂ ଉଚ୍ଚାଙ୍ଗ ଚିନ୍ତା ପ୍ରସୂତ । ପ୍ରବନ୍ଧଗୁଡ଼ିକ ପୁଣି ଏକାଧାରରେ ଦାର୍ଶନିକ ଏବଂ ତାତ୍ତ୍ୱିକ ମଧ୍ୟ ହୋଇପଡ଼େ । ରାଜନୀତି, ସମାଜନୀତି, ଦର୍ଶନ, ବିଜ୍ଞାନ, ବାଣିଜ୍ୟ, ହସକାନ୍ଦ, ଦୁଃଖ, ବିରହ, ପ୍ରେମ ମିଳନ ପ୍ରଭୃତି ଯେ କୌଣସି ବିଷୟରେ ପ୍ରାବନ୍ଧିକ ଲେଖନୀ ଚାଳନା କରିପାରନ୍ତି । ସେଥିପାଇଁ ପ୍ରବନ୍ଧ ସଂସାର ଅତ୍ୟନ୍ତ ବ୍ୟାପକ ।

ବେଳେ ବେଳେ ପ୍ରବନ୍ଧ ଲେଖକଗଣ ଅଯଥା ବାଗାଡ଼ମ୍ବର ଅଥବା ପାଣ୍ଡିତ୍ୟ ପ୍ରଦର୍ଶନ କରି ପାଠକକୁ ପୀଡ଼ା ପ୍ରଦାନ କରିଥାଆନ୍ତି । ସମାଜଚେତନା-ଧର୍ମୀ ବିଷୟଗୁଡ଼ିକ ପ୍ରବନ୍ଧର କଳେବର ମଣ୍ଡନ କରିପାରେ; ମାତ୍ର ତାହା ଏହି ଶ୍ରେଣୀର ସାହିତ୍ୟକୁ ଚିରନ୍ତନ ମୂଲ୍ୟବୋଧ ଅର୍ପଣ କରିପାରିବ ନାହିଁ । ତହିଁରେ ଜୀବନଧର୍ମୀ ରସାନୁଭୂତି ରୂପାୟିତ କରିବାକୁ ହେବ । ରଚନା ମାଧ୍ୟମରେ ଆତ୍ମୀୟତା ସୃଷ୍ଟି କରି ନ ପାରିଲେ ପ୍ରବନ୍ଧର ଆଦର ବଢ଼ିବ କିପରି ? ଏହି

ସମ୍ପର୍କରେ ବିଖ୍ୟାତ ବଙ୍ଗୀୟ ସମାଲୋଚକ ଶ୍ରୀଶଚନ୍ଦ୍ର ଦାସ ଲେଖିଥିଲେ ଏହିପରି —ସାହିତ୍ୟର ଯାହା ଚରନ୍ତନ ଉଦ୍ଦେଶ୍ୟ—ସୌନ୍ଦର୍ଯ୍ୟ ସୃଷ୍ଟି ଓ ଆନନ୍ଦ ଦାନ ତାହା ହିଁ ପ୍ରବନ୍ଧେର ଉଦ୍ଦେଶ୍ୟ, ଇହା ବଲାଇ ବାହୁଲ୍ୟ । 'ବସ୍ତୁନିଷ୍ଠ' ପ୍ରବନ୍ଧ ଆମାଦେର ବୁଦ୍ଧିକେ ତୀକ୍ଷ୍ଣତର, ଦୃଷ୍ଟିକେ ସମୁଜ୍ଜ୍ୱଳ ଓ ଜ୍ଞାନେର ପରିଧିକେ ପ୍ରଶସ୍ତ କରିଯା ତୋଲେ ଓ ମନ୍ମୟ ବା 'ବ୍ୟକ୍ତିଗତ' ପ୍ରବନ୍ଧ ଜ୍ଞାନେର ବିଷୟକେ ହାସ୍ୟରସମଣ୍ଡିତ ସୂକ୍ଷ୍ମ-ପେଲବତା ଦାନ କରିଯା ଆମାଦିଗକେ ମୁଗ୍ଧ କରେ । **'Wisdom in a smiling mood'** ଇ ଏଇ ଜାତୀୟ ଆଧୁନିକ ପ୍ରବନ୍ଧକାରେର ବିଶେଷତ୍ୱ । ଅଧିକନ୍ତୁ, ଶେଷୋକ୍ତ ଶ୍ରେଣୀର ପ୍ରବନ୍ଧ ପାଠକେର ଚିତ୍ତେ ଏକ ଅଦ୍ଭୁତ ଭାବମଣ୍ଡଳ (atmosphere) ସୃଷ୍ଟିକରେ । ଇହାତେ ଲେଖକେର କଳ୍ପମାନ ବ୍ୟକ୍ତିତ୍ୱ ଅସୀମ ଆକୃତି ରୂପେ ପାଠକେର ପ୍ରାଣ ସ୍ପର୍ଶ କରେ ।"

ବିଷୟ ନିର୍ବାଚନ ଦୃଷ୍ଟିରୁ ଆଲୋଚକଗଣ ପ୍ରବନ୍ଧର ଶ୍ରେଣୀବିଭାଗ କରି-ଥାଆନ୍ତି । ଯଥା—(୧) Narrative (ବିବରଣାତ୍ମକ), (୨) Reflective (ଭାବନାତ୍ମକ), (୩) Descriptive (ବର୍ଣ୍ଣନାତ୍ମକ), (୪) Informative (ତଥ୍ୟମୂଳକ), (୫) Argumentative (ତାର୍କିକ), (୬) Critical (ବିଶ୍ଳେଷଣାତ୍ମକ), (୭) Journalistic (ସମ୍ବାଦଧର୍ମୀ) ।

ଆଲୋଚନାର ସୁବିଧା ପାଇଁ ସାଧାରଣତଃ ପ୍ରବନ୍ଧକୁ ଦୁଇ ଭାଗରେ ବିଭକ୍ତ କରାଯାଇଥାଏ । ତାହା ହେଲା—(୧) ବ୍ୟକ୍ତିନିଷ୍ଠ, (୨) ବସ୍ତୁନିଷ୍ଠ ।

ବ୍ୟକ୍ତିନିଷ୍ଠ ପ୍ରବନ୍ଧକୁ ମନ୍ମୟ ଅଥବା ଅନୁଭୂତିମୂଳକ ପ୍ରବନ୍ଧ ଏବଂ ବସ୍ତୁନିଷ୍ଠ ପ୍ରବନ୍ଧକୁ ତନ୍ମୟ, ଚିନ୍ତାମୂଳକ ବା ତଥ୍ୟପୂର୍ଣ୍ଣ ପ୍ରବନ୍ଧ ବୋଲି ନାମିତ କରାଯାଇଛି ।

ଓଡ଼ିଆ ପ୍ରବନ୍ଧ ସାହିତ୍ୟର ଜନ୍ମ ଊନବିଂଶ ଶତାବ୍ଦୀରେ । ଏହି କାଳରେ ମୁଦ୍ରାଯନ୍ତ୍ରର ପ୍ରତିଷ୍ଠା ଏବଂ ବହୁ ସାମୟିକ ପତ୍ରିକାର ଅଭ୍ୟୁଦୟ ହୋଇଥିବା ଜଣାଯାଏ । ପତ୍ରପତ୍ରିକାର ବିକାଶ ଫଳରେ ପ୍ରବନ୍ଧ ସାହିତ୍ୟ ପ୍ରସାରଲାଭ କଲା । ଏ ଯୁଗରେ ପାଠ୍ୟପୁସ୍ତକ ପାଇଁ ଏକ ଆନ୍ଦୋଳନ ଆରମ୍ଭ ହୋଇଥିଲା । ଓଡ଼ିଆ ଭାଷାର ମର୍ଯ୍ୟାଦା ରକ୍ଷା କରିବାକୁ ଯାଇ ଅନେକ ଲେଖକ ପ୍ରବନ୍ଧ ଲେଖିବାକୁ ଆଗ୍ରହ ପ୍ରକାଶ କରିଥିଲେ । କବି ରାଧାନାଥ ରାୟ, ମଧୁସୂଦନ ରାଓ, ଫକୀରମୋହନ ସେନାପତି, ରାମଶଙ୍କର ରାୟ, ଗୌରୀଶଙ୍କର ରାୟ, ରୁଦ୍ରନାରାୟଣ ଷଡଙ୍ଗୀ, ବିଶ୍ୱନାଥ କର, ଲାଲା ରାମନାରାୟଣ, ଚନ୍ଦ୍ରମୋହନ ମହାରଣା, ଗୋପାଳଚନ୍ଦ୍ର ପ୍ରହରାଜ, ସାଧୁଚରଣ ରାୟ, ବ୍ରହ୍ମାନନ୍ଦ ଦାସ, କୃଷ୍ଣପ୍ରସାଦ ଚୌଧୁରୀ, ଚନ୍ଦ୍ରଶେଖର

ନନ୍ଦ, ଶ୍ୟାମସୁନ୍ଦର ନନ୍ଦ, କାମପାଲ ମିଶ୍ର, ତାରିଣୀ ଚରଣ ପ୍ରଭୃତି ଶିକ୍ଷା, ବିଜ୍ଞାନ, ସାହିତ୍ୟ, ସମାଜସଂସ୍କାର, ଇତିହାସ ପ୍ରଭୃତି ବିଭିନ୍ନ ଧାରାର ପ୍ରବନ୍ଧ ଲେଖି ଓଡ଼ିଆ ପ୍ରବନ୍ଧ ସାହିତ୍ୟର ପ୍ରାଣପ୍ରତିଷ୍ଠା କରିଥିଲେ । ଏମାନେ କେବଳ ପାଠ୍ୟପୁସ୍ତକ ଉଦ୍ଦେଶ୍ୟରେ ପ୍ରବନ୍ଧ ଲେଖି ନଥିଲେ । ସେକାଳରେ ଏକ ସାମାଜିକ ବିପ୍ଳବ ଆନୟନ ଏହି ଲେଖାଗୁଡ଼ିକର ଉଦ୍ଦେଶ୍ୟ ଥିଲା । ପୁନଶ୍ଚ ସତ୍ୟବାଦୀ ସାହିତ୍ୟଗୋଷ୍ଠୀ ଏହି ସଂସ୍କାରଚେତନା ଏବଂ ବୌଦ୍ଧିକ ସାଧନାକୁ ଅଧିକ ଅଗ୍ରସର କରାଇ ନେଇଥିବା ଜଣାଯାଏ । ଏହି ସମୟରେ ଗୋପବନ୍ଧୁ ଦାସ, କୃପାସିନ୍ଧୁ ମିଶ୍ର, ନୀଳକଣ୍ଠ ଦାସ, ଗୋଦାବରୀଶ ମିଶ୍ର, ଜଗବନ୍ଧୁ ସିଂହ, ରତ୍ନାକର ପତି, ଜଲନ୍ଧର ଦେବ, ବାସୁଦେବ ମହାପାତ୍ର, ବିରୂପାକ୍ଷ କର, ଶଶିଭୂଷଣ ରାୟ, ମୋହିନୀମୋହନ ସେନାପତି ପ୍ରଭୃତି ପ୍ରବନ୍ଧ ସାହିତ୍ୟର ସମୃଦ୍ଧ ବିକାଶ ପାଇଁ ସାଧନା କରିଥିବା ଜଣାଯାଏ । ପରବର୍ତ୍ତୀ କାଳର ସାହିତ୍ୟରେ ପ୍ରବନ୍ଧ ଏକ ମୁଖ୍ୟ ଓ ପ୍ରଭାବଶାଳୀ ସ୍ଥାନ ଗ୍ରହଣ କରିଅଛି । ଏ ଯୁଗରେ ନବଭାରତ, ସହକାର, ଯୁଗବାଣୀ, ଆଧୁନିକ, ସତ୍ୟବାଦୀ ପ୍ରଭୃତି ସାମୟିକ ପତ୍ରପତ୍ରିକାମାନଙ୍କର ଅବଦାନ ଅଧିକ ଉଲ୍ଲେଖଯୋଗ୍ୟ ।

ସ୍ୱାଧୀନତା ପରବର୍ତ୍ତୀ କାଳରେ ପ୍ରବନ୍ଧକଳାର ବହୁମୁଖୀନତା ଲକ୍ଷ୍ୟ କରିବାର କଥା । ଏଥିରେ ବୈଜ୍ଞାନିକ ମୂଲ୍ୟବୋଧ, ଆନ୍ତର୍ଜାତିକ ଚେତନା ଏବଂ 'ସମସ୍ୟାର ବିଶ୍ଳେଷଣ ଓ ସମାଧାନର ଆଲୋକପାତ ପାଇଁ ଉଦ୍ୟମ କରାଯାଇଅଛି । ଧର୍ମ, ସଂସ୍କୃତି, କଳା, ଦର୍ଶନ, ବିଜ୍ଞାନ, ମନସ୍ତତ୍ତ୍ୱ, ଅର୍ଥନୀତି ପ୍ରଭୃତି ବହୁ ବିଭାଗରେ ସାଂପ୍ରତିକ କାଳର ପ୍ରବନ୍ଧ ଲେଖକଗଣ ଲେଖନୀ ଚାଳନା କରି ଓଡ଼ିଆ ସାହିତ୍ୟକୁ ସମୃଦ୍ଧ ଏବଂ ରୁଚିବନ୍ତ କରୁଅଛନ୍ତି । ପ୍ରବନ୍ଧ ସାହିତ୍ୟ କେବଳ ବୌଦ୍ଧିକତାର ସ୍ପର୍ଶ ଲାଭ କରିନାହିଁ, ତାହା ଅତ୍ୟନ୍ତ ରସୋତ୍ତୀର୍ଣ୍ଣ ଏବଂ ଉପଭୋଗ୍ୟ ହୋଇଅଛି ।

ଆଲୋଚ୍ୟ ପ୍ରବନ୍ଧ ସଙ୍କଳନରେ କେବଳ ପ୍ରତିଷ୍ଠିତ ପ୍ରବନ୍ଧକାରଙ୍କର ପ୍ରବନ୍ଧ ସଙ୍କଳିତ ହୋଇନାହିଁ, କେତେଗୁଡ଼ିଏ ପ୍ରଭାବଶାଳୀ ପ୍ରବନ୍ଧ ମଧ୍ୟ ସ୍ଥାନଲାଭ କରିଅଛି । ଏଥିରୁ ଅନେକ ପ୍ରବନ୍ଧ ଏଯାବତ୍ ପତ୍ରିକାରେ ପ୍ରକାଶିତ ହୋଇ ଆଧୁନିକ ପାଠକ ନିକଟରେ ଅପରିଚିତ ଥିଲା । ସେଗୁଡ଼ିକର ସଙ୍କଳନ ଦ୍ୱାରା ଓଡ଼ିଆ ପ୍ରବନ୍ଧ ସାହିତ୍ୟ ସମ୍ପର୍କରେ ଏକ ନୂତନ ମୂଲ୍ୟବୋଧ ସୃଷ୍ଟି ହେବ ବୋଲି ଆଶା କରାଯାଏ ।

# ସୂଚୀ


| | | |
|---|---|---|
| ବହିର୍ଦୁଃଖ ଓ କର୍ତ୍ତବ୍ୟ ବିଗ୍ରର ... | ରାଧାନାଥ ରାୟ | ୧ |
| ଆନନ୍ଦ ... | ନବକିଶୋର ଦାସ | ୭ |
| ସୌନ୍ଦର୍ଯ୍ୟ ଓ କଳା ... | ବ୍ରଜବିହାରୀ ମହାନ୍ତି | ୧୬ |
| ଧର୍ମ ଓ ସାହିତ୍ୟ ... | ଭଗବାନ ପତି | ୨୪ |
| କହିପୁଚ୍ଛି ଜାଣେ ଯେ ... | କାଳିନ୍ଦୀଚରଣ ପାଣିଗ୍ରାହୀ | ୪୦ |
| ଆମ ସାଂପ୍ରତିକ ସାହିତ୍ୟ : ଗୋଟିଏ ଅନ୍ତର୍ଦୃଷ୍ଟି ... | ବେଣୁଧର ରାଉତ | ୪୮ |
| ଶିକ୍ଷା ଓ ସମସ୍ୟା ... | ହରେକୃଷ୍ଣ ମହତାବ | ୫୩ |
| ବିପ୍ଳବ ... | କୃଷ୍ଣଚରଣ ବେହେରା | ୬୨ |
| ସଂସ୍କୃତି ଓ ସାହିତ୍ୟ ... | ପଠାଣି ପଟ୍ଟନାୟକ | ୭୨ |
| ସାକାର ଓ ନିରାକାର ... | ଦୈତ୍ୟାରି କର | ୭୮ |
| ଜନଜୀବନ ଓ ଜନ-ସାହିତ୍ୟ ... | ଚିତ୍ତରଞ୍ଜନ ଦାସ | ୮୮ |
| ଗାଡ଼ି ଛୁଡ଼ିଦେଲା ... | ଚନ୍ଦ୍ରଶେଖର ରଥ | ୯୪ |
| ପରିବର୍ତ୍ତନ ଓ ପ୍ରଗତି ... | ବିପିନ ବିହାରୀ ରାୟ | ୧୦୦ |
| କମ୍-ଭୂତ ... | ଗୋପୀନାଥ ମହାନ୍ତି | ୧୦୬ |
| ସମାଲୋଚନା ସାହିତ୍ୟ ... | ଶ୍ରୀନିବାସ ମିଶ୍ର | ୧୧୮ |

# ବହୁଦୁଃଖ ଓ କର୍ତ୍ତବ୍ୟ-ବିଚାର

● ରାଧାନାଥ ରାୟ

**ସଂ**ସାରରେ ଗଞ୍ଜନା ସମସ୍ତଙ୍କୁ ଥରେ ଦୁଇଥର ସହିବାକୁ ହୁଏ । କୋମଳ-ମନସ୍କ ବ୍ୟକ୍ତିମାନେ ଟିକିଏ ନିନ୍ଦାରେ ଭଗ୍ନମନା ହୁଅନ୍ତି । ଯେତେବେଳେ ତୁମର ଗଞ୍ଜନା ହେବ, ମନ ସମ୍ଭାଳି ଧୈର୍ଯ୍ୟ ଧରି ଏହା ଭାଳିବ ଯେ ସଂସାରର ମତ ଦିନକୁ ଦିନ ସଂଶୋଧିତ ହେଉଅଛି । ଯେଉଁମାନେ ତୁମ୍ଭର ଆତ୍ମୀୟ ଅଟନ୍ତି, ସେମାନେ ତୁମ୍ଭର ଆଚରଣ ବିଷୟରେ ଯେଉଁ ମତ ସ୍ଥିର କରିଅଛନ୍ତି, ତାହା ସହଜରେ ପରିବର୍ତ୍ତିତ ହେବାର ଦୁଷ୍କର ଅଟେ । ହେତୁ କି ସେମାନେ ଏହା ଭାଳନ୍ତି ଯେ, ସେମାନେ ତୁମ୍ଭର ଚରିତ୍ର ଭଲରୂପରେ ଜାଣନ୍ତି; ଏଣୁ ସେମାନଙ୍କର ମତ ଅଭ୍ରାନ୍ତ ଅଟେ । ସାଧାରଣ ଲୋକଙ୍କର ମତ ଭ୍ରାନ୍ତ ଥିଲେ ସମୟରେ ଅବଶ୍ୟ ବିଶୋଧିତ ହେବ ।

ମତ ସଂଶୋଧନ କେଉଁ ଯୁଗରେ ହେବ, ସେତେଦିନଯାଏ ଅନାଇଥିବାର ସହଜ ନୁହେଁ; ମାତ୍ର ହେଲେହେଁ ସବୁଦିନ ତୁମ୍ଭର କଳଙ୍କ ଥିବ ନାହିଁ । ମଲୁ ଆଗେ ହେଉ ବା ପଛେ ହେଉ ଅବଶ୍ୟ ଦିନେ ଉପନୀତ ହେବ; ଏହି ଚିନ୍ତା ମନକୁ କିଥିଞ୍ଚିତ୍ ସୁସ୍ଥ କରିପାରେ ।

କୁତ୍ସା ସମ୍ବନ୍ଧରେ ଏହା ଭାଳିବାର ଉଚିତ ଯେ, ଲୋକେ କୁତ୍ସାକୁ ଯେଉଁ କାରଣରୁ ଜାତ ହୋଇଥିବାର ମଣନ୍ତି, କୁତ୍ସା ସେଥିରୁ ଜାତ ହୁଏ ନାହିଁ । ସ୍ଥାୟୀ ହିଂସାର ପ୍ରବର୍ତ୍ତନାରେ କେହି ତୁମ୍ଭର ଅମଙ୍ଗଳ ଭାଳୁଅଛନ୍ତି, ତୁମ୍ଭର ଅନିଷ୍ଟ ସାଧନ ଛଡ଼ା ସେମାନଙ୍କର ଅନ୍ୟ ବ୍ୟବସା ନାହିଁ । ତୁମ୍ଭେ ତାହାଙ୍କର ବିଚ୍ଛୁରି କୁତ୍ସାର ଗୋଟିଏ ମାତ୍ର ଲକ୍ଷ୍ୟସ୍ଥଳ ଅଟ, କେଭେଁ ଏମନ୍ତ ଭାଳିବ ନାହିଁ । ନିଶ୍ଚେ ଜାଣିଥିବ, ସ୍ଥାୟୀ ହିଂସା ସବୁବେଳେ କୁତ୍ସାର ପ୍ରସୂତି ନୁହଇ । ସରଳ ଅଜ୍ଞତା, ସଂକୀର୍ଣ୍ଣ-ମନସ୍କତା ଅଥବା ଅପରିହାର୍ଯ୍ୟଭ୍ରମ, ଏହି ତିନି କାରଣର ଅନ୍ୟତରରୁ କୁତ୍ସା ଜାତ ହେଉଥିବାର ଜଣାଯାଏ । ଏଣୁ କୁତ୍ସାକୁ ଅନ୍ୟାୟ ଉପଦ୍ରବ ନ ମଣି ଦୁର୍ଭାଗ୍ୟ ମଣିବାର ବିହିତ ଅଟେ ।

ଯେଉଁମାନଙ୍କୁ ଅନେକ ଭାର ସମ୍ଭାଳିବାକୁ ହୁଏ, ସେମାନେ ଦୁଇ ଚାରିଥର ଗଞ୍ଜନା ନ ଲଭି ଯେ ଜୀବନ ଗମିବେ, ଏପରି ଆଶା କରିବାର ଭଲ ନୁହେଁ । ହେତୁ କି ଏପରି ଆଶା କେବେ ଫଳିବ ନାହିଁ । ଯେଉଁ ଲୋକମାନଙ୍କ ସଙ୍ଗେ ତୁମ୍ଭର କାରବାର ଚାଲୁଅଛି, ସେମାନଙ୍କ ମଧ୍ୟରେ ବିଜ୍ଞମନ୍ୟ ଅଜ୍ଞ ଏବଂ ଈର୍ଷୀ ଲୋକ ଅନେକ ଅଛନ୍ତି । ଏହା ଯେବେ ଜାଣ, ସେମାନଙ୍କ ସଙ୍ଗେ କାରବାର କଲେ ଅବଶ୍ୟ ଥରେ ଦୁଇଥର ଦୁର୍ନାମ ଘଟିବ, ଏହା ମଧ୍ୟ ଜାଣିବାର ଉଚିତ । ଗଞ୍ଜନାନଳ ଏକ ସ୍ଥାନରେ ପ୍ରଜ୍ୱଳିତ ହୁଏ । ଏମନ୍ତ କେତେଗୁଡ଼ିଏ ଲୋକ ଅଛନ୍ତି, ପରନିନ୍ଦା ସେମାନଙ୍କୁ ଯେଡ଼େ ସୁସ୍ୱାଦୁ ଲାଗେ, କୌଣସି ମିଷ୍ଟାନ୍ନ ସେପରି ଲାଗେନାହିଁ । ଏମାନେ ତୁମ୍ଭର ଗଞ୍ଜନାନଳରେ ଫୁତ୍କାର ଦିଅନ୍ତି । ତୁମ୍ଭଠାରେ ସେମାନଙ୍କର କୌଣସି ଶତ୍ରୁତା ଥିବା ଯୋଗୁଁ ଫୁତ୍କାର ଦିଅନ୍ତି ଏମନ୍ତ ନୁହେଁ । ପରଗଞ୍ଜନା ସେମାନଙ୍କୁ ସ୍ୱାଦୁ ଲାଗେ, ସେଥିପାଇଁ ଫୁତ୍କାର ଦିଅନ୍ତି । ଅଜ୍ଞତା ପୁଣି କଳ୍ପିତକୁ ପ୍ରକୃତ ମଣି ତୁମ୍ଭଠାରେ ଦ୍ୱେଷୀ ହୁଅଇ । ଏଣୁ ତୁମ୍ଭର ମହାନ୍ ଅନିଷ୍ଟ ହେଲା । କ'ଣ କରିବ, ଏଥିରେ ତୁମ୍ଭର ଚାରା ନାହିଁ । ଯେଡ଼େ ସାବଧାନ ହୋଇ ଚଳ, ଯେତେ ପରିଣାମଦର୍ଶୀ ହୁଅ ପଛକେ, ବହୁ ବ୍ୟାପାରୀ ହେଲେ ନିଶ୍ଚେ, ଥରେ ଦୁଇଥର କଳଙ୍କ ରଟିବ । ଏଣୁ ଏପରି ଦୁର୍ଘଟନାକୁ ଦୁର୍ଦ୍ଦୈବକୃତ ମଣିବାର ବିହିତ ଅଟେ । ଯେଉଁ ବିବେକର ସାହାଯ୍ୟ ଘେନି ଆନ ଦୈବବିପାକ ସହୁଅଛ, ଏହି ଦୁର୍ଘଟନାରେ ମଧ୍ୟ ସେହି ବିବେକର ସାହାଯ୍ୟ ନିଅ । ଧୈର୍ଯ୍ୟ ଧରି ପ୍ରତୀକ୍ଷା କର, ଯାହା ସମୟରେ ଜାତ ହୋଇଅଛି, ସମୟରେ ତାହାର ଖଣ୍ଡନ ହେବ । କାଦୁଅ ଯେତେବେଳେ ଶୁଷ୍କ ହେବ, ଆପେ ଝଡ଼ିପଡ଼ିବ, ଶୁଷ୍କ ହେବା ଆଗେ ଝଡ଼ି ପଡ଼ିବ ନାହିଁ । ପୋଛିବା ତୁମ୍ଭର ସାଧ୍ୟ ନୁହେଁ, ଶୁଷ୍କ ହେବାଯାଏ ପ୍ରତୀକ୍ଷା କର । ତୁମ୍ଭ ଜୀବନ ଥାଉଁ ଥାଉଁ ଶୁଷ୍କ ହେବ କି ନାହିଁ, ଏହା ଅବା କିଏ କହିବ ? ଯେ ଯାହାହେଉ ଆତ୍ମସମର୍ଥନ ନିମନ୍ତେ ନିତାନ୍ତ ବ୍ୟଗ୍ର ହେବାର ଭଲ ନୁହେଁ । କର୍ମଠ ଲୋକ ଗଞ୍ଜନାକୁ ଘେନି ଯେବେ ଅହର୍ନିଶ ଚାଳିବ, କର୍ମ କିପରି ଚଳିବ ? କର୍ମିଷ୍ଠ ବ୍ୟକ୍ତିଙ୍କର ଏହା ମନେ ରଖିବା ଉଚିତ କି, ସେମାନେ ଯାହା କରନ୍ତି, ଅନ୍ୟକୁ ସେଥିର କାରଣମାନ ଜଣାଇବା ସେମାନଙ୍କ କର୍ମର ଅଙ୍ଗ ନୁହଇ । ଏତିକି ମାତ୍ର, ସେ ସଦସତ୍ ବିବେଚନାର ଉପଦେଶ ଅନୁସରି ଚଳିବେ ।

ରାଜକର୍ମଚାରୀମାନଙ୍କୁ ଦେଖ । ଏମାନେ କେତେ ଗଞ୍ଜନା ଲଭନ୍ତି; ମାତ୍ର ତୁନିହୋଇ ସବୁ ସହନ୍ତି । ସେମାନଙ୍କ ଅବଲମ୍ବିତ କାର୍ଯ୍ୟପ୍ରଣାଳୀ ଘେନି ଅନେକ ଲୋକ ଅନେକ କଥା କହନ୍ତି । ସମସ୍ତଙ୍କୁ ପ୍ରବୋଧ ଦେବାପାଇଁ ସେମାନଙ୍କର ଅବକାଶ ନାହିଁ । କେବଳ ଉଚ୍ଚତର କର୍ମଚାରୀଠାରେ ସେମାନେ ଦାୟୀ ଅଟନ୍ତି । ଏଥିପାଇଁ ଉଚ୍ଚତର କର୍ମଚାରୀଙ୍କୁ ଅବଲମ୍ବିତ ପ୍ରଣାଳୀର କାରଣମାନ ଜଣାନ୍ତି । ସଂସାରର ଅନ୍ୟାନ୍ୟ

କାର୍ଯ୍ୟରେ ସୁଦ୍ଧା ସେହିପରି ନ କଲେ ଚଳିହେବ ନାହିଁ । ଲୋକର ଆଚରଣ ଉପରେ କେହି ଯେବେ ଅନ୍ୟାୟ ଟୀକା କରନ୍ତି, ସେହି ଟୀକା ଅଶେଷ ମନସ୍ତାପର ହେତୁ ହୁଏ । ବାସ୍ତବରେ କାହାର ଆଚରଣ ଭଲ ଅବା ମନ୍ଦ, ଏ ବିଷୟରେ ମତ ଦେବାକୁ ଲୋକେ କେଡ଼େ ଅନୁପଯୁକ୍ତ ଅଟନ୍ତି, ତାହା ଯେବେ ସମସ୍ତଙ୍କୁ ଜଣାଥାନ୍ତା, ତେବେ କେହି ସହସା କୌଣସି ବିଷୟରେ ମତ ଦିଅନ୍ତେ ନାହିଁ, କାହାକୁ ଅନ୍ୟାୟ ମତଜନିତ କ୍ଳେଶ ସୁଦ୍ଧା ଭୋଗ କରିବାକୁ ହୁଅନ୍ତା ନାହିଁ । ଆଗେ ଭଲ ଦେଖ, ଅନ୍ୟର ପ୍ରକୃତ ଅବସ୍ଥା ବିଷୟରେ ଆମ୍ଭେମାନେ କେଡ଼େ ଅଜ୍ଞ ଅଟୁ । ଜଣକୁ ତୁମ୍ଭେ ଧନୀ ମଣ । ସେ ନିଃସ୍ୱ ଅଟେ, ଅଥବା ସେ ଧନୀ ଅଟେ, ମାତ୍ର ସେହି ଧନର ସଙ୍ଗେ ସଙ୍ଗେ ତାହାକୁ କେତେ ଆପଦ ସହିବାକୁ ହୁଏ, କେତେ-ଲୋକର ମନ ରଖି, କେତେ ଲୋକଙ୍କୁ ଡରି ଚଳିବାକୁ ହୁଏ, ତାହା ତୁମ୍ଭେ ଜାଣ ନାହିଁ । ଜଣକୁ ତୁମ୍ଭେ ସୁସ୍ଥଶରୀର ମଣ, ବାସ୍ତବରେ ସେ ମାନସିକ ରୋଗର ଅଧୀନ ହୋଇ ଅହର୍ନିଶ ଯନ୍ତ୍ରଣା ଭୋଗ କରୁଅଛି । ତୁମ୍ଭେ କହ, "ଅମୁକେଇ ଲୋକ କେଡ଼େ ଅସୁଖୀ, ଏପରି ମୁଖରା ଭାର୍ଯ୍ୟା ଘେନି ମୁଁ ଚଳିପାରନ୍ତି !" ମାତ୍ର ପ୍ରକୃତରେ ତାହାର ଭାର୍ଯ୍ୟା ମୁଖରା ହେଲେହେଁ ସେ ତାହାକୁ ଯଥେଷ୍ଟ ସ୍ନେହ କରେ ଏବଂ ଆପଣାକୁ ସୁଭଗ ମଣେ । ତୁମ୍ଭେ କହ, "ଅମୁକେଇ ଲୋକପରି କପାଳିଆ ମର୍ତ୍ତ୍ୟରେ ନାହିଁ, ଏଡ଼େ ସ୍ନେହବତୀ ଭାର୍ଯ୍ୟା କାହାର ନାହିଁ ।" ପ୍ରକୃତରେ ତାହା ଘର କଳିମନ୍ଦିର ଅଟେ । ତୁମ୍ଭେ କହ, "ଅମୁକେଇ ଲୋକକୁ କୌଣସି କାର୍ଯ୍ୟ କରିବାକୁ ହୁଏ ନାହିଁ, ତାହାର ଦିନଯାକ ଅବକାଶ ।" ବାସ୍ତବରେ ତାହାକୁ କେତେ ଚିନ୍ତା, କେତେ ପରିଶ୍ରମ, କେତେ ଉଦ୍‌ଯୋଗ କରିବାକୁ ହୁଅଇ, ସେଥିର ଲବମାତ୍ର ତୁମ୍ଭଙ୍କୁ ଜଣାନାହିଁ । ଏଥିକୁ ଅନ୍ୟର ଆଚରଣ ଉପରେ ତୁମ୍ଭେ ଯେଉଁ ଟୀକା କର, ସେଥିରେ ଲଭ୍ୟ କଣ ? ଲୋକ ଗୋଟିକୁ ପ୍ରକୃତି ଗୋଟିଏ । ପୁଣି ଅନେକ ଲୋକ ଅଛନ୍ତି, ସେମାନେ ଆପଣା ସମପ୍ରକୃତିକ ଲୋକ ଛଡ଼ା ଅନ୍ୟ ଲୋକକୁ ଅଧମ ମଣନ୍ତି । ଦେଖ, ଅନ୍ୟର ଆଚରଣ ଉପରେ ଟୀକା କରିବା ପାଇଁ କେତେ ଜ୍ଞାନର ପ୍ରୟୋଜନ ରଖେ, ପ୍ରାୟ ସର୍ବଜ୍ଞତାର ପ୍ରୟୋଜନ ରଖେ । ଭିନ୍ନଜାତୀୟ ପ୍ରାଣୀମାନଙ୍କ ପ୍ରକୃତିରେ ଯେତେ ଅନ୍ତର, ଭିନ୍ନ ଭିନ୍ନ ଲୋକମାନଙ୍କର ପ୍ରକୃତିରେ ସେହିପରି ଅନ୍ତର ଥିବାର ଦିଶୁଅଛି । ବଳଦ ଭଲ ଅବା ମନ୍ଦ, ଶିଷ୍ଟ ଅବା ଦୁଷ୍ଟ, ଠେକୁଆ ଏ ବିଷୟର ବିଚାର କରି ନ ପାରେ ।

ଗଞ୍ଜନା ତଳେ ଉପେକ୍ଷା । ଉପେକ୍ଷିତ ବ୍ୟକ୍ତିମାନଙ୍କର ମଧ୍ୟ ସାନ୍ତ୍ୱନାର ଅନେକ ଉପାୟ ଅଛି । ଯେଉଁ ଲୋକ ଆପଣାକୁ ଉପେକ୍ଷାର ଅନର୍ହ ମଣେ, ତାହାକୁ ଉପେକ୍ଷା ଦୁଃସହ କଷ୍ଟ ଦିଏ । ମାତ୍ର ବାସ୍ତବରେ ବିଜ୍ଞ, ଅବହେଳାର ଅନର୍ହ ବ୍ୟକ୍ତି ସୁଦ୍ଧା ଅବହେଳିତ ହୁଅନ୍ତି, ଏପରି ସ୍ଥଳରେ ଉପେକ୍ଷାର ପ୍ରକୃତ

ହେତୁ ସ୍ମରଣ କଲେ ଉପେକ୍ଷାଜନିତ କ୍ଳେଶ ନିଶ୍ଚେ ଊଣା ହେବ । ହେତୁ କି ଉପେକ୍ଷା ସ୍ୱୟଂ କଷ୍ଟକର ହେଲେ ମଧ୍ୟ ସେଥିର ହେତୁ ସବୁବେଳେ ସେପରି କଷ୍ଟକର ହୁଏ ନାହିଁ ।

ଅମୁକେଇ ଉପାୟରେ ଅମୁକେଇ ବସ୍ତୁ ମିଳେ, ତୁମ୍ଭେ ସେ ଉପାୟ ଅବଲମ୍ବି ପାରିବ ନାହିଁ, ଅଥଚ ସେହି ବସ୍ତୁଲିପ୍ସା ତୁମ୍ଭ ମନରେ ସବୁବେଳେ ଜାଗରୂକ ଅଛି । ଏପରି ଅନ୍ୟାୟ ଲିପ୍ସା ତୁମ୍ଭର ବିଜ୍ଞତାର ସଦୃଶ ନୁହେଁ । ତୁମ୍ଭଠାରେ ଗୁଣର ଅଭାବ ନାହିଁ । ମାତ୍ର ଯାହା ଲଭିବାପାଇଁ ତୁମ୍ଭର ଏଡ଼େ ଆଗ୍ରହ, ତାହା କେବଳ ଗୁଣ ଦ୍ୱାରା ଲବ୍ଧ ହୁଅଇ ନାହିଁ । କେତେଗୁଡ଼ିଏ ସୁବିଧାର ପ୍ରୟୋଜନ ରଖେ । ତୁମ୍ଭ ଭାଗ୍ୟରେ ସେପରି ସୁବିଧା ଘଟୁନାହିଁ । ଏଥିପାଇଁ ଲୋକେ ଉତ୍ତର ସାଧକଙ୍କୁ ବନ୍ଧୁ ମଣନ୍ତି । କେତେଗୁଡ଼ିଏ କଥା ଅଛି, ଆପଣାପାଇଁ କେହି କହିପାରିବେ ନାହିଁ; ଯେବେ କେହି କହେ, ଲୋକେ ତାହାକୁ ଅହଂକାରୀ, ଧୃଷ୍ଟ ଏବଂ ନିର୍ଲଜ୍ଜ ମଣନ୍ତି । ଉତ୍ତରସାଧକ ଥିଲେ ଏପରି ଅନର୍ଥ ଜାତ ହୁଏ ନାହିଁ । ସେ ତୁମ୍ଭପାଇଁ ସେହି ସେହି କଥାମାନ ମୁକ୍ତକଣ୍ଠରେ ନିର୍ଭୀକ ମନରେ କହିପାରିବେ । ତୁମ୍ଭର ଯେବେ ଏପରି ଉତ୍ତରସାଧକ ନାହାନ୍ତି, ତୁନି ହୋଇଥାଅ । ତୁମ୍ଭଠାରୁ ଅଧିକ ଅଭାବଗ୍ରସ୍ତ ଲୋକର ଅବସ୍ଥା ସଙ୍ଗେ ଆପଣା ଅବସ୍ଥା ତୁଳନା କରି ମନକୁ ପ୍ରବୋଧ ଦିଅ ।

ଅପେକ୍ଷା ଅନ୍ୟାୟର ମୂର୍ତ୍ତି-ବିଶେଷ । ଅନ୍ୟାୟ ସହି ହୁଏ ନାହିଁ, ମାତ୍ର ନ ସହି ଗତି ନାହିଁ । ଅନେକ ଲୋକ କହନ୍ତି, "ମୋର ଆଉ କିଛି ମାଗୁଣି ନାହିଁ, ନ୍ୟାୟ ହେଲେ ସବୁ ହେଲା, ମୁଁ କେବଳ ନ୍ୟାୟ ପ୍ରାର୍ଥନା କରୁଅଛି ।" "କେବଳ ନ୍ୟାୟ" ପ୍ରାର୍ଥନା କରୁଅଛ ? ନ୍ୟାୟ ଭିତରେ କେତେ ଗଳି ଭାଳି ଦେଖୁଛଟି କି ? ନ୍ୟାୟ ସମୟସାପେକ୍ଷ, ସୂକ୍ଷ୍ମଦର୍ଶିତାସାପେକ୍ଷ, ଶିଷ୍ଟତାସାପେକ୍ଷ ! ତୁମ୍ଭେ ଦିନ ଭିତରେ ଶହେ କାରବାର କରୁଅଛ । ଯେବେ ପ୍ରତି କାରବାରରେ ନ୍ୟାୟ ପ୍ରାର୍ଥନା କରିବ, ପ୍ରତି କାରବାରରେ ତିନୋଟି ଲେଖାଏଁ ଦିନ ମଧ୍ୟରେ ତିନିଶ ପଦାର୍ଥ ତୁମ୍ଭର ମାଗୁଣି ହେଲା । ତୁମ୍ଭଠାରେ ଯେବେ କେହି ଏହି ମାଗୁଣି କରିବ, ତୁମ୍ଭେ ଦେଇପାରିବ ? ଯେତେ ଦିନଯାଏ ତୁମ୍ଭର ଏହି କ୍ଷମତାର ଅଭାବ ଅଛି, ସେତେଦିନଯାଏ ଆନ ଲୋକଠାରେ ଏପରି ଅସଙ୍ଗତ ପ୍ରାର୍ଥନା କରିବାର ଅନୁଚିତ । ସଂସାର ଭ୍ରମ, ଆଳସ୍ୟ, ଚଳଚ୍ଚିତ୍ତତା, ରିପୁପରତନ୍ତ୍ରତା, ସ୍ୱାର୍ଥପରତା ପ୍ରଭୃତି ଅପରିହାର୍ଯ୍ୟ ଅନିଷ୍ଟମାନଙ୍କରେ ପୂରିରହିଅଛି, ଏଥିକୁ ଅନ୍ୟାୟ ନ ହେବାର ବିଚିତ୍ର ଅଟେ । ତୁମ୍ଭେ ମଣିଷରେ ଅଛ, ଲୋକେ ତୁମ୍ଭ ପ୍ରତି ଅନ୍ୟାୟ କରନ୍ତି । ଏମନ୍ତ ଅସଙ୍ଗତ ଗୁହାରି କରିବ ନାହିଁ ।

ନ୍ୟାୟଦେବଙ୍କର ପ୍ରକୃତ ମୂର୍ତ୍ତି ଯେପରି, ଲୋକେ ସେପରି ନ ଭାବି ଆନ ପ୍ରକାର ଭାବନ୍ତି । କବିମାନେ ନ୍ୟାୟଦେବଙ୍କ ଏକ ହାତରେ ନିକ୍ତି, ଆନ ହାତରେ ଖଡ୍ଗ

ଥିବାର କହନ୍ତି । ମାତ୍ର ପ୍ରକୃତରେ ସେହି ଆୟୁଧ ଭାଗ୍ୟଦେବଙ୍କ ଠାରେ ଶୋଭାପାଏ । ନ୍ୟାୟଦେବଙ୍କ ମୂର୍ତ୍ତି ଏପରି କଳ୍ପନା କରିବାର ଭଲ । ନ୍ୟାୟଦେବ ପୃଥିବୀ ଚାରିଆଡ଼େ ଭ୍ରମଣ କରୁଅଛନ୍ତି । ହିଂସା, କୁସଂସ୍କାର, ଆଳସ୍ୟ, ସ୍ୱାର୍ଥପରତା, ଯେଉଁମାନେ ତାହାଙ୍କର ପ୍ରକୃତ ସହଚର ନୁହନ୍ତି, ସେମାନେ ସେହି ଆଲୋକର ବ୍ୟବଧାନ ହୋଇଅଛନ୍ତି । ଭାଗ୍ୟବାନ ଲୋକ ଆଗରେ ଏମାନଙ୍କର ଛିଡ଼ା ହେବାକୁ ବଳ ନାହିଁ । ମାତ୍ର ଅଧିକାଂଶ ଲୋକେ ବୃକ୍ଷଚ୍ଛାୟାରେ ଛିଡ଼ା ହୋଇ ଶାଖାନ୍ତରାଳ ଦେଇ ଆସୁଥିବା ଚନ୍ଦ୍ରକିରଣ ପ୍ରାୟ ନ୍ୟାୟଦେବଙ୍କର କିରଣକଣା ଲଭନ୍ତି । କେହି କେହି ଏପରି ଦୁର୍ଭାଗ୍ୟ ଅଟନ୍ତି ଯେ ଛାୟା ବ୍ୟତୀତ ସେମାନଙ୍କ ଉପରେ ଆଉ କିଛି ପଡ଼େ ନାହିଁ । ଯେଉଁ ସ୍ଥାନରେ ଭୀଷଣ ଛାୟାମାନ ପରସ୍ପର ଭଲରୂପେ ସଂଲଗ୍ନ ହୋଇ ନ ପାରନ୍ତି, କେବଳ ସେହି ସେହି ମାର୍ଗରେ ଲବମାତ୍ର କିରଣ ଆସୁଥାଏ । ମାତ୍ର ଏହା ମନରେ ରଖିଥିବ, ସେହି ଛାୟାମାନ ସଂସାରରେ ଆନ ପଦାର୍ଥ ପ୍ରାୟ ନଶ୍ୱର ଅଟନ୍ତି । ସାନ ସାନ ଦୁର୍ବିପାକ ମାନ ସହିବାର ଦୁଷ୍କର ଅଟେ । ହେତୁ କି, ବଡ଼ ବଡ଼ ଆପଦମାନଙ୍କ ସଙ୍ଗେ ଅନୁରୂପ ବିବେକ ଆସେ । ମାତ୍ର ସାନ ସାନ କଷ୍ଟ ସଙ୍ଗେ ସେହିପରି ସାନ ସାନ ବିବେକ ଆସେ ନାହିଁ । ଏହି ହେତୁରୁ ଯାହାକୁ ସାନ ସାନ କଷ୍ଟ ସବୁବେଳେ ଭୋଗ କରିବାକୁ ହୁଏ, ତାହାର ଚିତ୍ତର ପ୍ରସାଦ ଥାଏ ନାହିଁ । ମୁଁ କିମ୍ପାଇଁ ଆଗୁ ସାବଧାନ ନ ହେଲି, ଏହି ଅନୁତାପ ମଧ୍ୟ ସେହି କଷ୍ଟମାନଙ୍କୁ ଦ୍ୱିଗୁଣିତ କରେ । ଦୁର୍ଭାଗ୍ୟର ରୀତି ଏହି କି ସେ ଅଳ୍ପ ଅନବଧାନଲବ୍ଧ ଛିଦ୍ର ଦେଇ ପୁରୁଷର ସୁଖ-କଳସରେ ପ୍ରବିଷ୍ଟ ହୁଏ, ପ୍ରବିଷ୍ଟ ହୋଇ ଘୋଟିଯାଇ ବିଷାକ୍ତ କରେ । ଏଡ଼େ ସାନ ଛିଦ୍ର ଦେଇ ଏପରି ଅନର୍ଥ ଆସିବ, ଏହା ଆଗରୁ ଜଣା ନ ଥାଏ । ଏଣୁ ଦୁର୍ଭାଗ୍ୟଗ୍ରସ୍ତ ଲୋକଙ୍କୁ କ୍ଷୁବ୍ଧ ଓ ବିସ୍ମିତ ହେବାକୁ ହୁଏ ।

କେତେଗୁଡ଼ିଏ ଉଚ୍ଚମନସ୍କ ଲୋକ ଅଛନ୍ତି ଯେ, ସେମାନେ ଯାହା କରନ୍ତି ସେଥିରେ ସେମାନଙ୍କର ସନ୍ତୋଷ ଉପୁଜେ ନାହିଁ । ହିତାହିତ ଜ୍ଞାନର ଅନନୁମୋଦିତ କାର୍ଯ୍ୟକୁ ପ୍ରଶ୍ରୟ ଦେବା ଆମ୍ଭର ଏ ଉକ୍ତିର ଉଦ୍ଦେଶ୍ୟ ନୁହଇ । ଆମ୍ଭର ଉଦ୍ଦେଶ୍ୟ ଏ ଠିକ କେତେଗୁଡ଼ିଏ ନିତାନ୍ତ ଧର୍ମଭୀରୁ ସତ୍ୟପ୍ରିୟ ଲୋକ ଅଛନ୍ତି, "ମୋ ମନରେ ଯେପରି ଥିଲା, କାର୍ଯ୍ୟରେ ସେପରି ପାରିଲି ନାହିଁ," ସବୁବେଳେ ଏହିପରି ଭାଳି ଆପଣାକୁ ଧିକ୍କାର ଦିଅନ୍ତି । ସେମାନଙ୍କର ଏହା ଜାଣିବାର ଉଚିତ କି, ଆମ୍ଭେମାନେ କଳ୍ପନାକୁ ଯେବେ କାର୍ଯ୍ୟରେ ପରିଣତ କରିପାରନ୍ତୁ, ତେବେ ମର୍ତ୍ତ୍ୟ, ସ୍ୱର୍ଗ, ନର ଅମର ହୁଅନ୍ତା । ତୁମ୍ଭେ କେଉଁ ଛାର ଲୋକ, ତୁମ୍ଭ ଆଗେ କେତେ ମହାନ୍ ଲୋକ ଚାଲିଯାଇଅଛନ୍ତି, ସେମାନେ ଯାହା ଯାହା ସମ୍ପାଦି ଥିଲେ, ସେଥିରେ ସେମାନଙ୍କୁ ଅପରିସୀମ ପ୍ରତିଷ୍ଠା ମିଳିଥିଲା । ମାତ୍ର ସେମାନେ ସୁଦ୍ଧା ତୁମ୍ଭ ପରି ବୃଥା ବିଳାପ କରିଥିଲେ; ସେମାନଙ୍କ ମନରେ ଯାହା ଥିଲା ସେଥିର ପାଦେ ମଧ୍ୟ କାର୍ଯ୍ୟରେ ପରିଣତ କରିପାରି ନାହାନ୍ତି ।

ସଙ୍ଗୀତ ପ୍ରଭୃତି କଳାମାନ ମଧ୍ୟ ସାନ ସାନ କଷ୍ଟ ନିବାରଣର ପ୍ରଧାନ ଉପାୟ ଅଟେ । ଦାରୁଣ ବିପଦରେ ବିବେକ ଆଉ ଧର୍ମ, ଏ ଦୁହିଁଙ୍କର ସାହାଯ୍ୟ ବ୍ୟତୀତ ଆଉ କାହିଁରେ କିଛି ଲଭ୍ୟ ହୁଏ ନାହିଁ ! ମାତ୍ର ସାନ ସାନ କଷ୍ଟ ଶଂସିତ କଳାମାନଙ୍କରେ ଅଂଶତଃ ନିବାରିତ ହୋଇପାରେ ।

ଆଉ ଏକ ବିଷମ ଦୁର୍ବିପାକ ଅଛି, ସେଥିରେ ଚିତ୍ତର ସାନ୍ତ୍ୱନା ହେବାର କଠିନ ଅଟେ । କେହି କେହି କଳ୍ପନାପରତନ୍ତ୍ର ହୋଇ ଭାବନ୍ତି, ଆମ୍ଭର ଏହି ଅଭିଳାଷ ଚରିତାର୍ଥ ହେଲେ ଚିରସୁଖୀ, ନୋହିଲେ ଚିରଦୁଃଖୀ ହେବୁଁ । ଦୁର୍ଦ୍ଦୈବ ଯୋଗୁଁ ସେହି ଚିରପୋଷିତ ଆଶା ଫଳବତୀ ହୁଏ ନାହିଁ । ଭଗ୍ନାଶ ବ୍ୟକ୍ତିର ମନ ସେହିଦିନ ଠାରୁ ଭଗ୍ନ ହୋଇଯାଏ । ସେହି ସେହି ଅଲବ୍‌ଧ ସୁଖର ଉଜ୍ଜ୍ୱଳ ଓ ମନୋହର ମୂର୍ତ୍ତିକୁ ଉଚ୍ଛୃଙ୍ଖଳ କଳ୍ପନା ଉଜ୍ଜ୍ୱଳତର, ମନୋହରତର କରି ହୃଦୟ ପ୍ରାଙ୍ଗଣରେ ନର୍ତ୍ତନ କରାଉଥାଏ । ସଂସାର କାରାଗାର ପ୍ରାୟ ଦିଶେ । ଏଥିପରେ ଯେବେ ଅନ୍ୟାନ୍ୟ ବିଷୟରେ ସେ ବ୍ୟକ୍ତିର ସମୃଦ୍ଧି ଥାଏ, ତେବେ ତାହାକୁ ଆନ୍ତରିକ ନିର୍ବେଦର ପରାକାଷ୍ଠା ଭୋଗ କରିବାକୁ ହୁଏ । ସମୃଦ୍ଧି ବିଡ଼ମ୍ବନାବତ୍ ପ୍ରତିଭାତ ହୁଏ ।

ଏପରି ନିର୍ବେଦର ଶାନ୍ତି ସହଜରେ ହୁଏ ନାହିଁ । ତଥାପି ଏହାର ସୁନ୍ଦର ପ୍ରତିକାର ଅଛି । ମନେକର, ସେହି ଚିରଅଭିଳଷିତ ପଦାର୍ଥର ଅଧିକାରୀ ହେଲ ଜାଣି ସେଥିରୁ ଯେତେ ସୁଖ ଲଭିବାର ଆଶା ଥିଲା, ଏବେ ଅଧିକାରୀ ହୋଇ ସେହି ସୁଖ ସମ୍ପୂର୍ଣ୍ଣ ରୂପେ ପାଉଅଛନ୍ତି କି ? ଯେବେ ତୁମ୍ଭର କଳ୍ପନା ନିତାନ୍ତ ବିକୃତ ହୋଇ ନ ଥାଏ, ଏହି ପ୍ରଶ୍ନର ନିଷେଧ ମୁଖ ଉତ୍ତର ଦେବ । ଆଉ ତୁମ୍ଭର ଏହା ଭାବିବାର ଉଚିତ ଅଟେ ଯେ, ସେହି ସୁଖ ଲବ୍‌ଧ ହେଲେ ତୁମ୍ଭଙ୍କୁ ସବୁବେଳେ ଶଙ୍କାଯୁକ୍ତ କରାଉଥିବ । ସ୍ନେହ ଥିଲେ ଅନିଷ୍ଟାଶଙ୍କା ହୁଏ । ଧନଜନ ପରିବାରାଦି ସ୍ୱାତନ୍ତ୍ର୍ୟ-ବିରୋଧୀ ଅଟନ୍ତି ।

ପରିଶେଷରେ ଏହା ବକ୍ତବ୍ୟ ଯେ ଯେତେ ପ୍ରକାର ଦୁଃଖ ଅଛି, ପ୍ରତ୍ୟେକରୁ ଗୋଟିଏ ଗୋଟିଏ ଅଭ୍ରାନ୍ତ ଉପଦେଶ ଲଭ ହୁଏ ।*

---

* 'ବିବେକୀ'ରୁ ଗୃହୀତ

# ଆନନ୍ଦ

● ନବକିଶୋର ଦାସ*

ସୃଷ୍ଟି ପର୍ଯ୍ୟାୟରେ ମାନବଜୀବନର ବିକାଶ ନାନା ଜଟିଳତା ମଧ୍ୟରେ ସମ୍ଭବପର ହୋଇଅଛି । କେବଳ ଜୀବନଧାରଣ ନୁହେଁ—ମାନବିକ ସମାଜ, ସଂସ୍ଥା ଅନୁଷ୍ଠାନ ସକଳ, ଦେଶକାଳ ମଧ୍ୟରେ ମନୁଷ୍ୟର ମନ ନାନାଭାବ, ନାନା ସ୍ୱପ୍ନ ନେଇ ଚିରମଗ୍ନ । କେତେବେଳେ କେଉଁ ଭାବ, କେଉଁ ଅନୁଭୂତି ପ୍ରବଳ ହୁଏ, କେତେବେଳେ କେଉଁ ସ୍ୱପ୍ନର ଆଶ୍ରୟ ନେଇ ଚିତ୍ତ ଅଞ୍ଚଳ ହୋଇଉଠେ । ମନୁଷ୍ୟ କେବଳ ଦେବତା କିମ୍ବା ପଶୁ ନୁହେଁ । ଏହି ଜଟିଳ ମାନସିକ ଅବସ୍ଥା ମଧ୍ୟରେ ମନୁଷ୍ୟ ଗୋଟିଏ ଆଦର୍ଶ ପଛରେ ପ୍ରଧାବିତ । ସକଳ ପରିସ୍ଥିତିରେ ମନୁଷ୍ୟ ଏକ ଆଦର୍ଶ ସତ୍ତା ଅନୁଭବ କରିବାକୁ ବ୍ୟଗ୍ର । କେହି ଧନୀ, କେହି ନିର୍ଦ୍ଧନ; କେହି ଶ୍ରମିକ, କେହି ସମ୍ରାଟ୍; କେହି ନର, କେହି ନାରୀ; କେହି ରୁଗ୍ଣ, କେହି ସୁସ୍ଥ; କେହି ରୂପବାନ୍, କେହି କୁତ୍ସିତ ହେଲେ ହେଁ ସମସ୍ତେ ଏକ ଅନୁଭୂତି ଲାଭ ନିମିତ୍ତ ବ୍ୟାକୁଳ ।

ସେହି ଶ୍ରେଷ୍ଠ ଅନୁଭୂତି କଅଣ ? ତାହାକୁ ଆନନ୍ଦ ଆଖ୍ୟା ଦିଆଯାଇପାରେ । ଜଗତରେ ଆନନ୍ଦ କିଏ ନ ଚାହେଁ ? ଦରିଦ୍ର ପ୍ରତ୍ୟହ ଶ୍ରମଦ୍ୱାରା ମୁଣ୍ଡର ଝାଳ ତୁଣ୍ଡରେ ମାରି ନିଜର କ୍ଷୁଦ୍ର ସମ୍ବଳ ବୃଦ୍ଧି କରିବାକୁ ବ୍ୟଗ୍ର; କାରଣ ସେ ଆଉ ଟିକିଏ ଆନନ୍ଦ ପାଇବ । ତାହାର ଜୀବନଯାପନର ସୁଖ ଆଉ ଟିକିଏ ବୃଦ୍ଧି ପାଇବ । ଲକ୍ଷପତି ମଧ୍ୟ ଆଉ କେତେଲକ୍ଷ ମୁଦ୍ରା ଚାହୁଁଅଛି; କାରଣ ତାହାର ଆନନ୍ଦ ସେହି ମୁଦ୍ରାପ୍ରାପ୍ତିରେ । ମନୁଷ୍ୟ ଆଶାଶୀଳ ଜୀବ । ଜୀବନ ଓ ସୃଷ୍ଟି ପଶ୍ଚାତରେ ଏହି ଅମୃତ-ଆନନ୍ଦପ୍ରାପ୍ତ ଆଶା । ଆଶା ନାନା ଦିଗରେ ସମ୍ଭବପର ହୋଇପାରେ । କେହି ରୂପବତୀ ନାରୀ ପାଇଁ, କେହି ରାଜ୍ୟ ପାଇଁ, କେହି ଧନପାଇଁ ପୁଣି ଅନ୍ୟ ପକ୍ଷରେ କେହି ସତ୍ୟ, ସେବା, ପରୋପକାର, ଜ୍ଞାନ ବା ଦେଶ ଲାଗି ସକଳ ସ୍ୱାର୍ଥ ବଳିଦାନରେ ସୁଖ ପାଉଅଛନ୍ତି । ଆନନ୍ଦଲାଭ ନାନାଆଡ଼ୁ ହୋଇପାରେ, ଆନନ୍ଦପ୍ରାପ୍ତି ନାନା ବସ୍ତୁ, ନାନା ଭାବଦ୍ୱାରା ସମ୍ଭବପର ହେଲେହେଁ ସମସ୍ତେ ଯେ ଆନନ୍ଦପ୍ରାପ୍ତି ପାଇଁ ପ୍ରଧାବିତ, ଏଥିରେ ତିଳେମାତ୍ର ସନ୍ଦେହ ନାହିଁ ।

ଆଶାକୁ ଅବଲମ୍ବନ କରି ମାନବିକ ମାନସର ଗତି । ଆଶାର ପରିଣତି ଆନନ୍ଦ । ଆଶାଶୂନ୍ୟ ମନୁଷ୍ୟ ସଂସାରରେ ନାହାନ୍ତି । ଏପରି କି ଯେଉଁ ଅର୍ହତ ଜିନ ସଂସାରର ସକଳ ସୁଖସ୍ୱାଚ୍ଛନ୍ଦ୍ୟକୁ ବଳିଦେଇ ବୃହତ୍ତର ଆଦର୍ଶ ଅଭିମୁଖରେ ଯାତ୍ରୀ, ସେ କ'ଣ ଆଶାଶୂନ୍ୟ ? ଲକ୍ଷ୍ୟ ବସ୍ତୁର ମାତ୍ର ପାର୍ଥକ୍ୟ ହୋଇପାରେ । 'ଜୀବନ୍ମୁକ୍ତ' ମଧ୍ୟ ଆଶାଶୂନ୍ୟ ନୁହଁନ୍ତି । ଭଗବତ୍-ବିଶ୍ୱାସ ଏକ ଗଭୀର ଆଶା ଓ ଆନନ୍ଦ । କିନ୍ତୁ ଜଗତରେ ଆନନ୍ଦ କାହିଁ ? ମୃତ୍ୟୁ, ବ୍ୟାଧି, ଜରା, କ୍ଷୟରେ ବିଶ୍ୱ ବ୍ୟଥିତ । ଅଗଣିତ ବାଧାବିଘ୍ନରେ ମାନବଚକ୍ର ସତତ ବିଚଳିତ, ଏହା ଉପରେ ପୁଣି ରାଜନୀତିକ,ଆର୍ଥନୀତିକ ଦ୍ୱନ୍ଦ୍ୱ, ଦୁର୍ଦ୍ଦଶା ଅଛି । ନାନା ଅଭାବ ଅସୁବିଧାର ତାଣ୍ଡବରେ ମାନବ ଅନ୍ତର ଦୁଃଖ-ଧୂଳିରେ ଧୂସରିତ । ଆମ୍ଭମାନଙ୍କର ଅତି ପ୍ରିୟ ବନ୍ଧୁ ଆମ୍ଭମାନଙ୍କୁ ପରିତ୍ୟାଗ କରିଥିବେ, କେତେ ଅବା ଗଲେଣି । ନିଜ ପ୍ରାଣର ପ୍ରିୟତମ ରୂପସୀ ପ୍ରେୟସୀର କୋମଳ କମଳ-କରର ଚମ୍ପକ-ଅଙ୍ଗୁଳିର ସୁଧା-ସ୍ପର୍ଶ କିମ୍ବା ଆରକ୍ତ ଅଧରର ମଧୁ ଚୁମ୍ବନ ଦିନେ ସ୍ପନ୍ଦନହୀନ ହେବ । ନିଜର ପ୍ରାଣାଧିକ ପୁତ୍ର ଚିରଦିନ ସକାଶେ କ୍ଷଣକେ ଚକ୍ଷୁ ମୁଦ୍ରିତ କରିବ । ଧନ ନିଃସ୍ୱ ହୋଇଯିବ । ସୁନ୍ଦର, ସୁଶ୍ରୀ କଳେବର ଜରା, ରୋଗଗ୍ରସ୍ତ ହେବ । ଆଉ ବହୁ ଜନ ଦାରିଦ୍ର୍ୟ, ଦୁଃଖ, ଲାଞ୍ଛନା, ପୀଡ଼ନରେ ପୀଡ଼ିତ । ବିଶ୍ୱ ଯେପରି ଅଗଣିତ ଆର୍ତ୍ତିର ବିକଳ କାତର କଣ୍ଠ-ଧ୍ୱନିରେ ସର୍ବଦା ମୁଖରିତ । ତେବେ ଆନନ୍ଦ କାହିଁ ? ସମ୍ରାଟ୍ ଭିକ୍ଷୁ, ବୀର ପଙ୍ଗୁ, ଜୀବନ ମୃତ୍ୟୁ ସମାଧିରେ ଚିରଶାୟିତ । ସୃଷ୍ଟିର ଚିରଚଞ୍ଚଳ ପରିବର୍ତ୍ତନ ମଧ୍ୟରେ କେତେବେଳେ କାହା ଭାଗ୍ୟର ପରିଣତି କ'ଣ ହେବ, କିଏ କହିବ ? ପ୍ରତ୍ୟହ ଯେପରି ଅସଂଖ୍ୟ ମାନବ ଦୁଃଖର ତପ୍ତ ଲୌହକଟାହରେ ସନ୍ତୁଳି ହେଉଅଛନ୍ତି । ସୃଷ୍ଟି-ମଞ୍ଚରେ ଦୁଃଖ-ତାଣ୍ଡବ ଦାବାଗ୍ନି ଲାଗିଅଛି । କେହି ବିରହରେ, ବିଚ୍ଛେଦରେ; କେହି ଦୁଃଖରେ, ବାଧାବିଘ୍ନରେ; କେହି ଅଭାବ, ଅସୁବିଧାରେ; କେହି ନୈରାଶ୍ୟ ଶୋକ, ଜଞ୍ଜାଳରେ; କେହି ପୀଡ଼ନରେ, ଅତ୍ୟାଚାରରେ ନିତ୍ୟ ତ୍ରସ୍ତ, ବ୍ୟସ୍ତ ଓ ଅର୍ଦ୍ଧମୃତ । ସର୍ବେ ଯେପରି ଦୁଃଖ-ରଥର ଦ୍ରୁତଗାମୀ ଅଶ୍ୱବୃନ୍ଦ, ହେଲେହେଁ ପଥ ଯେପରି ମହାଦୀର୍ଘ ! ଦିନ ପରେ ଦିନ ଗତ ମଧ୍ୟରେ ମାନବର ସୁଖ କାହିଁ, ଆନନ୍ଦ କାହିଁ ? ସଂସାର ଯେପରି ଏକ ଦୁଃଖ-ଚିତା, ମନୁଷ୍ୟ ବଞ୍ଚିଥିଲେ ମଧ୍ୟ ଯେପରି ଏକ ଦୁଃଖ-ଶବ ।

ଏପରି ଅବସ୍ଥାରେ ମନୁଷ୍ୟ କେଉଁ ଆନନ୍ଦ ସ୍ୱପ୍ନକୁ ଆଶ୍ରୟ କରି ଜୀବନ ଯାପନ କରିବ ? ପୃଥିବୀର ସକଳ ସୁଖ ଯେପରି ଦୁଃଖ ସଙ୍ଗରେ ରଞ୍ଜିତ । ରାଜପୁତ୍ର ଗୌତମ ଦିନେ ଏହି ଦୁଃଖ ସତ୍ୟର ଗଭୀର ଉପଲବ୍ଧି ପରେ 'ବୁଦ୍ଧ' ହୋଇଥିଲେ । ବୁଦ୍ଧ ହେଲା ପରେ ସେ କହିଥିଲେ, ' ଜଗତ ଦୁଃଖପୂର୍ଣ୍ଣ । ଦୁଃଖର କାରଣ ତୃଷ୍ଣା ଓ ତୃଷ୍ଣାନାଶରେ ଦୁଃଖର ପରିସମାପ୍ତି ।'' ଏହା ଏକ

ଚରମ ମତ । କିନ୍ତୁ ସଂସାରରେ ସାମାଜିକ ମାନବ ହୋଇ ରହିବାକୁ ଗଲେ, ଆମ୍ଭେମାନେ କଅଣ ତୃଷ୍ଣା ବା ଆଶା ଛାଡ଼ିପାରିବା ? ଏପରି କି ଯେଉଁମାନେ ଭିକ୍ଷୁ, ସେମାନେ କଅଣ ନିର୍ବାଣପ୍ରାପ୍ତି ଆଶା ବା ତୃଷ୍ଣା ପଶ୍ଚାତ୍‌ରେ ପ୍ରଧାବିତ ନୁହନ୍ତି ? ତେବେ ଆନନ୍ଦର ସ୍ୱରୂପ କଅଣ, ଏହାର ମଣିଷ ଜୀବନରେ ସ୍ଥାନ କେଉଁଠି, ନିରାନନ୍ଦ କାହିଁକି ? ଏହିସବୁ ସମସ୍ୟାର ଏକ ସୁସମାଧାନ ପ୍ରୟୋଜନ । ମନୁଷ୍ୟ ମନ 'ଆନନ୍ଦ' ବିଷୟରେ ଗଭୀର ଭାବରେ ଭାବିବାକୁ ଚିର ଉଦ୍ୟତ । ଆନନ୍ଦ କଅଣ 'ଆକାଶ-କୁସୁମ' କିମ୍ବା କେବଳ ପଣ୍ଡିତଜନଙ୍କ ଅଭିଧାନରେ ଲେଖାହେବା ଶବ୍ଦ ମାତ୍ର ?

ବିଚାର ବିବେକୀର ଲକ୍ଷଣ । ମନୁଷ୍ୟତାର ପ୍ରଥମ ଓ ପ୍ରଧାନ ସ୍ମାରକ ବିଚାର । ବିଚାରହୀନ ମନୁଷ୍ୟ ପଶୁ । ବିଶ୍ୱର ବାହାରକୁ ସତ୍ୟ ବୋଲି ଧରିନେଲେ ଆଉ ବିଚାରର ପ୍ରୟୋଜନ କଅଣ ? ଏହି କ୍ଷୟ, ଜନ୍ମ, ଜରା, ମୃତ୍ୟୁ ପୂର୍ଣ୍ଣ, ଚିରଚଞ୍ଚଳ । ପରିବର୍ତ୍ତନ ଓ ଗତିଶୀଳ ଜୀବନ-ପ୍ରବାହ ଭିତରେ ମଣିଷ ଦ୍ରଷ୍ଟା ଭାବରେ ଆଉ କିଛି ଗଭୀର ସତ୍ୟର ଅନୁସନ୍ଧାନ କରିଆସିଅଛି । କଠ ଉପନିଷଦରେ ଆମ୍ଭେମାନେ ଏକ କାହାଣୀ ଶୁଣୁ ।

ବାଳକ ନଚିକେତା ଯମ-ଗୃହରେ ଏହି ଆଧ୍ୟାତ୍ମିକ ସତ୍ୟଲାଭ ପାଇଁ ବ୍ୟଗ୍ର ହୋଇଥିଲା । ସେ ସକଳ ଧନ କିମ୍ବା ଯଶ, ସୁଖପ୍ରାପ୍ତି ଆଶାକୁ ପଦାଘାତ କରି ଯମକୁ ପଚାରିଥିଲା— "କୁହନ୍ତୁ, ମନୁଷ୍ୟ ମୃତ୍ୟୁପରେ କୁଆଡ଼େ ଯାଏ ?" ପୁଣି ବୃହଦାରଣ୍ୟକରେ ସେହି ପ୍ରଶ୍ନ ଆମ୍ଭେମାନେ ପାଉଁ "ମୈତ୍ରେୟୀ"ଙ୍କ ମୁଖରେ । ଯାଜ୍ଞବଲ୍କ୍ୟ ବନଗାମୀ । ସଞ୍ଚିତ ଧନ ନିଜର ଦୁଇ ସପତ୍ନୀଙ୍କ ମଧ୍ୟରେ ବାଣ୍ଟିଦେଇ ଋଷି ବନକୁ ଯିବାବେଳେ 'ମୈତ୍ରେୟୀ' ପଚାରିଥିଲେ— "ଏହା କଅଣ ମୋତେ ଅମୃତର ସନ୍ଧାନ ଦେଇପାରିବ ?" ମାନବର ମାନସିକ ପ୍ରଗତି ଇତିହାସରେ ଏହି ପ୍ରଶ୍ନଗୁଡ଼ିକ ସାର । ଏହି ପ୍ରଶ୍ନର ଉତ୍ତରରେ ମନୁଷ୍ୟ କେବଳ ତାହାର ଜୀବନ ନୁହେଁ, ସକଳ ସୃଷ୍ଟିର ଏକ ମୂଳଦୁଆ ବା ଅବଲମ୍ବନ ପାଇଅଛି । ତାହା ହୋଇ ନ ଥିଲେ ମନୁଷ୍ୟ ପ୍ରକୃତିରେ ସୃଷ୍ଟି ବାହାରର ଦୁଃଖ-ଦାୟକ ପ୍ରତିକ୍ରିୟାରେ ଶାନ୍ତି କିମ୍ବା ଆନନ୍ଦ ପାଇପାରନ୍ତା ନାହିଁ । ଏହାହିଁ ଦର୍ଶନର ଭିତ୍ତି । ଦର୍ଶନ ଏକ ସୃଷ୍ଟିଶୂନ୍ୟ ବାଣୀ ପ୍ରଚାର କରିବାକୁ ଉଦ୍ଦିଷ୍ଟ ନୁହେଁ । ଏହା ମାନବଜୀବନର ଗଭୀର ଅନୁଭୂତିର ପ୍ରକାଶ ମାତ୍ର । ଯାହା କ୍ଷଣିକ, କ୍ଷୁଦ୍ର; ଯାହା ଅସ୍ଥାୟୀ, ପରିବର୍ତ୍ତନଶୀଳ, ତାହା ମନକୁ କିପରି ଏକ ସ୍ଥାୟୀ ଆନନ୍ଦ ଦେବାକୁ କ୍ଷମ ହେବ ? ରୂପବତୀ ଯୁବତୀ ବରବଧୂର ଆରକ୍ତ ଅଧର, କୃଷ୍ଣକୁଞ୍ଚିତ ଜଳଦନିନ୍ଦିତ କବରୀ, ଗୋଲାପ ଗଣ୍ଡଯୁଗଳ, ମୃଣାଳ ବାହୁଦ୍ୱୟ, ଚିରଚଞ୍ଚଳ ଖଞ୍ଜନ-ନିନ୍ଦିତ କଜ୍ଜଳ ଡୋଳାଦ୍ୱୟ ଭୋଳା ପ୍ରେମିକ ପ୍ରାଣରେ କି ଅନିର୍ବଚନୀୟ ଆନନ୍ଦ ନ ଦିଏ ? ଯୁବକ ରୂପ-ମଦିରା ପାନରେ

ଆତ୍ମବିସ୍ମୃତ ହୁଏ । କିନ୍ତୁ ପୁଣି ଅଳ୍ପ କେତେବର୍ଷ ପରେ ଯେତେବେଳେ ସେହି ରୂପ-ବାଳା ପ୍ରସୂତି-ରୋଗରେ ଦେହତ୍ୟାଗ କରେ, ସେତେବେଳେ କି ଅବସ୍ଥା ? ପ୍ରେମିକର ମନ ସେତେବେଳେ କିପରି ? ଯେଉଁ ଶିଶୁପୁତ୍ରର ଡଳ ଡଳ ଚକ୍ଷୁ, ସରଳ ହାସ୍ୟଛଟା, ଛୋଟ ଛୋଟ ହାତ ଦୁଇଟିର କୋମଳ କୁହୁକ ସ୍ପର୍ଶ ପିତାମାତାଙ୍କୁ ସୁଖ-ସ୍ୱର୍ଗ ସ୍ୱପ୍ନରୁ ଚନ୍ଦ୍ର ଦେଖାଇ ଆତ୍ମ-ବିସ୍ମୃତ କରାଏ, ପୁଣି ତାହାର ମୃତ୍ୟୁରେ ଶୋକାକ୍ରାନ୍ତ ପିତାମାତାଙ୍କ ଚିତ୍ତ କିପରି ଦୁଃଖ-ଚିତାନଳରେ ବିଦଗ୍ଧ ନ ହୁଏ ? ତେଣୁ ବିଚାର—ଆନନ୍ଦ କଅଣ ଏହି ସର୍ବଜନବିଦିତ ଦୁଃଖପୂର୍ଣ୍ଣ ସଂସାରରେ ସମ୍ଭବପର ? ନିରବଚ୍ଛିନ୍ନ ଆନନ୍ଦ ଉପଲବ୍ଧି କରିବା ପୂର୍ବରୁ ଆମ୍ଭମାନଙ୍କର ସୃଷ୍ଟିତତ୍ତ୍ୱ ସମ୍ପର୍କରେ ଏକ ସ୍ପଷ୍ଟ ଧାରଣା ଥିବା ବାଞ୍ଛନୀୟ ।

ଏକ ସର୍ବବ୍ୟାପୀ, ସର୍ବଶକ୍ତିମାନ୍, ଅବୋଧ, ଅସୀମ, ଅନନ୍ତ ଶକ୍ତି ସୃଷ୍ଟିରେ ଚିରକାଳାସ୍ଥିତ । ଏହା ମୋର ଗଭୀର ବିଶ୍ୱାସ । ଏହା ଅମୃତ; ତେଣୁ ଅଜନ୍ମା । ବ୍ୟାବହାରିକ ଦୃଷ୍ଟିରୁ ସେହି ସତ୍, ଚିତ୍ ଓ ଆନନ୍ଦ, ସେହି ଶକ୍ତି ମୋ ଭିତରେ, ତୁମ ଭିତରେ ଓ ସାରା ସୃଷ୍ଟିର ଅନ୍ତରରେ, ଅର୍ଥାତ୍ 'ମୁଁ' ଅମୃତ, ମୁଁ କ୍ଷୟ, ବୃଦ୍ଧି, ଜନ୍ମ, ଜରା, ମୃତ୍ୟୁର ଅଧୀନ ନୁହେଁ । ଏହି ସଂକ୍ଷିପ୍ତ, ସରଳ ଆତ୍ମ-ତତ୍ତ୍ୱ ଜୀବନର ଏକ ଦୃଢ଼ ଭିତ୍ତି ଦେବାକୁ ସମ୍ଭବପର । ଏହି ଶକ୍ତି-ବିଶ୍ୱାସ ପରେ ପୁଣି ଆଉ ଏକ କଥା ବିଚାରିବାର ଅଛି । କର୍ମ-ନିୟମଟିକୁ ଟିକିଏ ଭଲ ଭାବରେ ବୁଝିବାକୁ ଚେଷ୍ଟା କରିବା ଦରକାର । ମନୁଷ୍ୟ ଜୀବନ-ତାଆଶ ଖେଳରେ କେତେଗୁଡ଼ିଏ ତାଆଶ ପାଇଅଛି । ତାଆଶ ପ୍ରଦତ୍ତ; କିନ୍ତୁ ଖେଳିବାର ସ୍ୱାଧୀନତା ମନୁଷ୍ୟର ଅଛି । ମନୁଷ୍ୟ ନିଜର ବୁଦ୍ଧି ଖର୍ଚ୍ଚ କରି ଯେପରି ଖେଳିବ, ସେହିପରି ଜିତିବ ବା ହାରିବ । ସୁକର୍ମର ଫଳ କଲ୍ୟାଣପ୍ରଦ ଓ ମନ୍ଦକର୍ମର ଫଳ ଦୁଃଖଦାୟକ । ମୁଁ ଯଦି ସୁକର୍ମ କରିବି, ତେବେ ମୋର ଜୀବନ କଲ୍ୟାଣମୟ ହେବ, ଯଦି ମୁଁ କୁକର୍ମ କରିବି, ତେବେ ମନ୍ଦଫଳରୁ ମୋତେ କିଏ ତ୍ରାଣ କରିପାରିବ ? ଏହି ହେଲା ମୋଟାମୋଟି କର୍ମ-ନିୟମ । ଏହାକୁ ଭିତ୍ତି କରି ପୁନର୍ଜନ୍ମ । ତାହା ଏଠାରେ ଆମ୍ଭମାନଙ୍କର ଆଲୋଚ୍ୟ ବିଷୟ ନୁହେଁ । କିନ୍ତୁ ଆତ୍ମତତ୍ତ୍ୱ ଓ କର୍ମନିୟମକୁ ମନୁଷ୍ୟ ଗଭୀର ଭାବରେ ଉପଲବ୍ଧି କଲେ ଆଉ ଜୀବନରେ ନିରାନନ୍ଦ ପାଇଁ ଅବକାଶ କେଉଁଠି ରହେ, ମୁଁ ବୁଝିପାରେ ନାହିଁ । ଯେଉଁମାନେ ଭାବନ୍ତି ଯେ, ସଂସାରରେ ସାମାଜିକ ମନୁଷ୍ୟ ହୋଇ ରହିବା ଦୁଃଖ ଆଉ ସନ୍ନ୍ୟାସୀ ହେବା ସୁଖ; ମୁଁ ସେମାନଙ୍କ ସହିତ ଏକମତ ନୁହେଁ । ମନୁଷ୍ୟର ଆନନ୍ଦ-ଭୂଇଁରେ କମ-ଅଗରତି ସମ୍ଭବପର, ସଂସାରୀର ଆନନ୍ଦ, ଆଉ ସନ୍ନ୍ୟାସୀର ଆନନ୍ଦବୋଧ ମଧ୍ୟରେ ଗୁଣର ପାର୍ଥକ୍ୟ ନାହିଁ; ପରିମାଣଭେଦ ସମ୍ଭବପର । ସୃଷ୍ଟି ସୁନ୍ଦର, ଆମର ଚାରିଆଡ଼େ ଏକ ଅପୂର୍ବ, ଅନନ୍ୟସୁନ୍ଦର ପ୍ରକୃତିର ରାଜ୍ୟ ବିରାଜିତ । ନଭର ନୀଳିମା, ବନଦାବୃତ

ଶ୍ରାବଣ ଗଗନର ନବ ନବ ଶୋଭାସମ୍ଭାର କିମ୍ବା ବୃଷ୍ଟିର ଜଳଧାରାର ମିଳିତ ମଧୁର ଛନ୍ଦ, ବନ୍ୟାକାଳୀନ ନଦୀର ଗମ୍ଭୀର ଗର୍ଜନ, 'ପକ୍ଷୀକଣ୍ଠର ସୁମଧୁର ଲଳିତ କ୍ରନ୍ଦନ, ଅସଂଖ୍ୟ ପୁଷ୍ପର ଆଭା, ସମ୍ଭାର ଓ ସୁବାସ, ଶ୍ୟାମଳ ବନାନୀ, ଗିରି ନିର୍ଝର, ଶ୍ୟାମ-ଶସ୍ୟାଚ୍ଛାଦିତ ଦୀର୍ଘ କେଦାର ଆଦି, ଋତୁଭେଦର ପଲ୍ଲୀର ପର୍ଣ୍ଣ କୁଟୀରଠାରୁ ନଗରର ସୌଧଯାଏ ସବଂନ୍ଦ ଆଉ ପରିବ୍ୟାପ୍ତ । ଏକ ଅପରୂପ ଛବି ସର୍ବଦା ଆମ ସମ୍ମୁଖରେ ବିରାଜିତ । କେବଳ ଦେଖିବାକୁ ଆଖି ଥିଲେ ହେଲା । ଆମର ନିତ୍ୟ ପରିଚିତ ସୂର୍ଯ୍ୟ ଉଦୟ ଓ ଅସ୍ତ କି ସୁନ୍ଦର ! ଆମ ଗୃହଆଡ଼େ କେବଳ ଚିର ସୁନ୍ଦର, ସରସ, ଶ୍ୟାମଳ ପ୍ରକୃତି ନୁହେଁ, ସଜୀବ ମାନବ-ଗୋଷ୍ଠୀ ମଧ୍ୟ ଅଛି । ଏହିତକ ଅବିଭାଜ୍ୟ ବିଶ୍ୱ-ବ୍ୟାପୀ ସାମାଜିକତାର ମୂଳଭିତ୍ତି ଏହି ନିଃସ୍ୱାର୍ଥରେ । ସେଥିପାଇଁ ଆମ୍ଭେମାନେ ପରସ୍ପରକୁ ସ୍ନେହ, ଶ୍ରଦ୍ଧା, ଭକ୍ତି, ପ୍ରୀତି ରଜ୍ଜୁରେ ବାନ୍ଧୁ । ଆନନ୍ଦ ଯେଉଁମାନେ ଅନୁଭବ କରିବାକୁ ଚାହାନ୍ତି, ଅର୍ଥାତ୍ ଯେଉଁମାନେ ଆନନ୍ଦ ରାଜ୍ୟରେ ବାସ କରିବାକୁ ଚାହାନ୍ତି, ସେମାନଙ୍କର ପ୍ରଥମ ଦାୟିତ୍ୱ ହେଉଛି, ସୃଷ୍ଟିର ଏହି ଚିର ଆନନ୍ଦ ସ୍ୱରୂପର ସ୍ପଷ୍ଟ ଧାରଣା ମନରେ ଅଙ୍କିବା । ପରିବର୍ତ୍ତନ, ପରିବର୍ଦ୍ଧନ, ବିକାଶ, ବିନାଶ, ବିଦ୍ରୋହ ଓ ଶାନ୍ତି ମଧ୍ୟରେ ଯେଉଁମାନେ ସୃଷ୍ଟି ଲୀଳାର ଲୀଳାତ୍ୱ ଧରିପାରିଛନ୍ତି, ସେମାନେ ଆନନ୍ଦ ଅନୁଭବ କରିବାକୁ କ୍ଷମ । କଳା ଓ ସାହିତ୍ୟ ଏହି ଆନନ୍ଦମୟ ମଣିଷ ଜୀବନକୁ ଯୁଗ ଯୁଗ ମଧ୍ୟ ଦେଇଆସିଛି ।

କର୍ମ ଯୋଗୁଁ ମନୁଷ୍ୟର ମାନସିକ ଅବସ୍ଥାର ଗତି । କର୍ମର ମନ ଉପରେ, ପୁଣି ମନର କର୍ମ ଉପରେ ଏକ ଗଭୀର ପ୍ରଭାବ ଅଛି । ମୁଁ ଯଦି ସୁଚିନ୍ତା କରିବି, ମୋର କର୍ମ ମଙ୍ଗଳମୟ ହେବ । ଯଦି ମୋର ସୁକର୍ମ ଅଛି, ମୋର ମନ ଅନାବିଲ ରହିବ ।

ହଁ, ପୁଣି ଆଉ ଟିକିଏ ଚିନ୍ତା କରିବାର ଅଛି । ଦୁଃଖ ଓ ନିରାନନ୍ଦ ପ୍ରାଣରେ କାହିଁକି ଉପୁଜେ ? ମନୁଷ୍ୟ ନାନା ବେଷ୍ଟନୀଦ୍ୱାରା ଆବଦ୍ଧ । ଆବେଷ୍ଟନୀର **(Atmosphere)** ଏକ ପ୍ରଭାବ ମାନବଚରିତ୍ର ଉପରେ ଅଛି । ଜଗତର ନାନା ଦୃଶ୍ୟ, ବନ୍ଧୁପରିଜନଙ୍କର ନାନା ଚିନ୍ତା, ସମାଜ, ଜାତି କିମ୍ବା ରାଷ୍ଟ୍ରର ନାନା ସଂଗ୍ରାମ, ସଂଘର୍ଷରେ ମନୁଷ୍ୟ ପ୍ରଭାବିତ ହେବାକୁ ବାଧ୍ୟ, କିନ୍ତୁ ପ୍ରଭାବିତ ହେବାରେ ଟିକିଏ ଟିକ୍ଷ୍ଣ ବିଚାରର ପ୍ରୟୋଜନ ଅଛି । ନୋହିଲେ ପ୍ରଭାବର ବିଷମ ପରିଣତି ସମ୍ଭବପର । ମଦ୍ୟପର ପ୍ରଭାବରେ ମନୁଷ୍ୟ ମଦୁଆ ହେଲେ ଆନନ୍ଦ କିପରି ମିଳିବ ? ତେଣୁ ଦୁଃଖ, ନିରାନନ୍ଦ ମୂଳରେ ବିଚାରହୀନତା ଓ ଅବିଦ୍ୟା ।

ମୋର ଏକମାତ୍ର ଶିଶୁପୁତ୍ର ମୃତ । ମୋର ପ୍ରିୟ ଭଗିନୀ ଏକ ଆରୋଗ୍ୟହୀନ ଶଯ୍ୟାରେ ଶାୟିତ, ତେବେ ମୁଁ ବ୍ୟଥିତ ହେବି ନା କାହିଁ ? ଏହି ବ୍ୟଥା, ଏହି

ଦୁଃଖ କଅଣ ଠିକ୍ ? ମନୁଷ୍ୟର ବେଦନା-ବୋଧ ବଡ଼ ଗଭୀର । ମନୁଷ୍ୟର ପ୍ରାଣ ପାଷାଣ ନୁହେଁ; କିନ୍ତୁ ଅନୁଭବ କରିବାରେ କିମ୍ବା ଏକ ଭାବରେ ବିହ୍ୱଳ ହେବା ପୂର୍ବରୁ ମନୁଷ୍ୟ ଟିକିଏ ବିଚାରି ଖଟାଇ ପାରିଲେ ସେ ସହଜରେ ଦୁଃଖ, ନୈରାଶ୍ୟ, ଜଞ୍ଜାଳରୁ ନିସ୍ତାର ପାଇପାରେ । ଅବଶ୍ୟ ଏହା ସଂଯମ ଓ ସାଧନାସାପେକ୍ଷ ।

ଜୀବନର ଅନନ୍ତବିକାଶ ସମ୍ଭବପର । ତେଣୁ ମନୁଷ୍ୟଜୀବନ ଦୁର୍ଲ୍ଲଭ । ଏହି ବିକାଶ ପାଇଁ କିନ୍ତୁ ବ୍ୟସ୍ତ ହେଲେ ଚଳିବ ନାହିଁ । ନଚିକେତାଙ୍କୁ ଯେତେବେଳେ ଯମ ଉତ୍ତରଦେଲେ, 'କେହି ମରେ ନାହିଁ, କି ଜନ୍ମହୁଏ ନାହିଁ,' ସେତିକିବେଳେ ନଚିକେତା ପ୍ରାଣରେ ଗଭୀର ଭାବରେ ପ୍ରଥମ ଥର ପାଇଁ ଉପଲବ୍ଧି କଲେ—ମୃତ୍ୟୁ ଲାଗି ଦୁଃଖ ମିଥ୍ୟା । ଯାହା ମିଥ୍ୟା ତାହା ପାଇଁ ପୁଣି ଚିନ୍ତା କଅଣ ? ଏହା ଶରୀର ନାହିଁ, ଶରୀରପୀଡ଼ା ଭଳି କଥା । ଏହାର ପରିବର୍ତ୍ତନ, ପରିବର୍ଦ୍ଧନ ଅବଶ୍ୟମ୍ଭାବୀ । ତେଣୁ ଶରୀର ନଷ୍ଟରେ କ୍ରନ୍ଦନର କାରଣ ଅମୂଳକ । କୃଷ୍ଣା ଗୌତମୀ ତାହାଙ୍କର ଏକମାତ୍ର ପୁତ୍ରଙ୍କୁ ହରାଇ ଯେତେବେଳେ ପାଗଳ ଭଳି ହୋଇ ବୁଦ୍ଧଙ୍କର ଶରଣାପନ୍ନ ହେଲେ, ସେତେବେଳେ ବୁଦ୍ଧ କହିଲେ, "ହଁ, ମୁଁ ତୁମର ପୁତ୍ରଙ୍କୁ ବଞ୍ଚାଇଦେବି ।" କୃଷ୍ଣା ଗୌତମୀଙ୍କ ମୃତପ୍ରାୟ ପ୍ରାଣରେ ଅମୃତ-ଆଶା ସଞ୍ଚାରିତ ହେଲା । କିନ୍ତୁ ବୁଦ୍ଧ ପୁଣି କହିଲେ "ଯାଅ, ମୁଠାଏ ସୋରିଷ ଆଣିବ ଏମିତି ଏକ ଘରୁ, ଯାହାର କେହି ମରି ନ ଥିବେ ।" କୃଷ୍ଣା ଜଗତରେ ଏହି ଅତି ଦୈନନ୍ଦିନ ଘଟଣା ବି ଭୁଲିଯାଇଥିଲେ । ଅନେକ ସମୟରେ ସମସ୍ତେ ବି ଭୁଲନ୍ତି । ଜାଣି ଜାଣି ନିରର୍ଥକ ଅଶ୍ରୁ ଯେ ବହିଯାଏ, ଏହା ପୃଥିବୀର ଅଜଣା ଘଟଣା ନୁହେଁ । କିନ୍ତୁ ଯେତେବେଳେ ରାଜଦୁଲଣୀ କୃଷ୍ଣା ସୋରିଷ ନ ପାଇ ସଂଧ୍ୟାବେଳେ କ୍ଳାନ୍ତ, ଶ୍ରାନ୍ତ ହୋଇ ଏକ ପଥ ପାଖରେ ବସିପଡ଼ିଲେ, ତାହାଙ୍କର ଚେତନା ଉଦୟ ହେଲା । ସେ ବୁଝିଲେ, ତାହାଙ୍କର ପ୍ରିୟ-ପୁତ୍ରର ମୃତ୍ୟୁରେ ଶୋକ ବୃଥା ।

ରାଜଜେମା କୃଷ୍ଣା ଗୌତମୀଙ୍କ ନିର୍ବୋଧତା ସାଧାରଣ ଜଗତରେ ଆଜିକାଲି ମଧ୍ୟ ଦେଖା ପଡ଼ୁନାହିଁ । ଯେଉଁ ଘରେ ନିଆଁ ଲାଗିଲା ମନୁଷ୍ୟ ଭାବରେ ଆମର ପ୍ରଥମ କର୍ତ୍ତବ୍ୟ, ସେହି ଘରକୁ ପାଣି ସାହାଯ୍ୟରେ ଲିଭାଇବାକୁ ଚେଷ୍ଟା କରିବା, ପଡ଼ୋଶୀଜନଙ୍କୁ ସାହାଯ୍ୟ ପାଇଁ ହୁରି ଛାଡ଼ିବା । କର୍ମ ମନୁଷ୍ୟର । ହୁଏତ ମାନବିକ ଚେଷ୍ଟା ଫଳରେ ଘର ଅଗ୍ନିଦାହରୁ ରକ୍ଷା ପାଇପାରେ । ଯଦି ଗୃହ ଭସ୍ମସାତ୍ ହୁଏ, ତଥାପି ବଂଶୀ ନ ବଜାଇ କାନ୍ଦିବାରେ କି ଲାଭ ? ହୁଏତ ପୁଣି କର୍ମ କରି କାଠ, ଦଉଡ଼ି, ଛଣ, ମାଟି ସଂଗ୍ରହ କରି ନୂତନ ଗୃହ ନିର୍ମାଣ କରିବା ମନୁଷ୍ୟୋଚିତ । ଯଦି ବନ୍ଧୁ-ପରିଜନ ରୋଗଗ୍ରସ୍ତ ହେଲେ, ତେବେ ଡାକ୍ତର ବୈଦ୍ୟ ଡାକି ଚିକିତ୍ସାର ବନ୍ଦୋବସ୍ତ କରିବା ବା ନିଜେ ସେବା କରିବା ସିନା ମନୁଷ୍ୟୋଚିତ ! ବୃଥା ମନସ୍ତାପ ଓ କ୍ରନ୍ଦନର କାରଣ ମୁଁ ବୁଝେନାହିଁ ? ଏହା ମୋର ଅତି

ବାସ୍ତବ ଦର୍ଶନ (practical philosophy) । ଯାହା ଅବାସ୍ତବ, ତାହାକୁ ଆମ୍ଭେମାନେ ଅତି ମୋହଗ୍ରସ୍ତ ହୋଇ ନିଜର ଅନ୍ତର ପ୍ରଦେଶରେ ଧରୁ ବୋଲି ଆମର ବୃଥା ଶୋକ ଓ ଶୋଚନା ହୁଏ । ମୋହର କୁଠାର ବିଶ୍ବର ।

ଯେତେବେଳେ ମନୁଷ୍ୟ ଗଭୀରଭାବରେ ବୁଝିବ ଯେ, ରାଜାପ୍ରଜା, ଧନୀ-ନିର୍ଦ୍ଧନ, ଦୁଃଖୀସୁଖୀ, ଗୁରୁଶିଷ୍ୟ, ନର ଓ ନାରୀ ଏକ । "ଏକ ସଦ୍‌ବିପ୍ରା ବହୁଧା ବଦନ୍ତି," ଅର୍ଥାତ୍ ଏକ ସତ୍ୟକୁ ବିପ୍ରମାନେ ବହୁଭାବରେ କହନ୍ତି, ସେତେବେଳେ ଆଉ ହିଂସା, ଦ୍ୱେଷ, ପରଶ୍ରୀକାତରତା ପାଇଁ ଜୀବନରେ ଅବକାଶ କାହିଁ ? ଆମ୍ଭେମାନେ ଏହି ସତ୍ୟଟିକୁ ଭୁଲିଯାଉଁ । କ୍ଷୁଦ୍ର କ୍ଷୁଦ୍ର ସ୍ୱାର୍ଥରେ ଆମ୍ଭେମାନେ ଅନ୍ଧ ହେଉଁ । କିନ୍ତୁ ବୃହତ୍ ଚିନ୍ତା ହିଁ ଆନନ୍ଦ, ଆମ୍ଭେମାନେ ଏକ ବିଶ୍ୱବ୍ୟାପୀ ବିରାଟ ଶକ୍ତିର ଅଚ୍ଛେଦ୍ୟ, ଅବିଭାଜ୍ୟ ଅଂଶ ହୋଇ ମଧ୍ୟ ସେ ବିଷୟରେ ଅଜ୍ଞ— ତେଣୁ ନିରାନନ୍ଦ । ଏହା ଭ୍ରମ । ହିଂସା, ଦ୍ୱେଷ, କୁକର୍ମ ବା କୁଚିନ୍ତାରୁ କେହି ଆନନ୍ଦ ପାଇ ନ ପାରେ । ମାନବ ଏକ ଶ୍ରେଷ୍ଠ ନୈତିକ ଜୀବ । ସୁକର୍ମ ଅନୁତାପ-ହୀନ; ଅର୍ଥାତ୍ ପୁଣ୍ୟ । ଯେଉଁ କର୍ମ ଜୀବନରେ ଅନୁତାପ ଆଣେ, ତାହା ମନ୍ଦ କର୍ମ ବା ପାପ । ଏହାର ଫଳ ଦୁଃଖ । କୁକର୍ମିତା ଯୋଗୁଁ ଆମ୍ଭମାନଙ୍କର ଦୁଃଖ, ସତ୍ୟ ନ ବୁଝିବାଯାଏ ଦୁଃଖ, ଆଲୁଅର ସନ୍ଧାନ ନ ମିଳିବାଯାଏ ଅନ୍ଧାର । କିନ୍ତ ଥରେ ସୃଷ୍ଟିର ସତ୍ୟ-ଧାରଣା ସ୍ପଷ୍ଟ ଭାବରେ ଚିନ୍ତାପାରିଲେ, ଗଭୀର ଭାବରେ ଉପଲବ୍ଧି କରିପାରିଲେ ଓ କର୍ମ ଦର୍ଶନର ସୂକ୍ଷ୍ମ ସୂତ୍ର ବୁଝିପାରିଲେ ଆଉ ଦୁଃଖ, ନୈରାଶ୍ୟ କାହିଁ ? ଆଉ ନିରାନନ୍ଦ କାହିଁ ? ସେଥିପାଇଁ ମୁଁ ବିରହରେ ବ୍ୟସ୍ତ, ବିଚ୍ଛେଦରେ ବ୍ୟଥିତ, ବାଧାବିଘ୍ନରେ ବିଚଳିତ କିମ୍ବା ମୃତ୍ୟୁରେ ମର୍ମାହତ ହେବାର କୌଣସି କାରଣ ଦେଖେ ନାହିଁ । କିନ୍ତୁ ମୋହର ପ୍ରାଣଟା ପଥର ନୁହେଁ । ହୁଏତ ମୋ ଚିତ୍ତରେ ବିଶ୍ୱଲାଗି ପ୍ରଚୁର ପ୍ରୀତି ଓ ଶୁଭ ସ୍ପନ୍ଦନ ପୂରି ରହିଅଛି ।

ପୁଣି ଏ ଯୁଗରେ ଅନ୍ୟ ଏକ ପ୍ରଶ୍ନ ଉଠିବା ସମ୍ଭବପର । ରାଜନୀତିକ, ଆର୍ଥନୀତିକ ସମସ୍ୟା ଘେନି ମାନବର ମାନସିକ ଅବସ୍ଥା କଅଣ ହେବ ? ସମାଜରେ ହୁଏତ କେହି ଦୁଗ୍ଧଫେନନିଭ ଶଯ୍ୟାରେ ଶାୟିତ, କେହି ଛିଣ୍ଡା କେନ୍ଥାଟି ପିନ୍ଧିଛି । ଉପାୟ କଅଣ ? ମୁଁ ପ୍ରଥମରୁ କହିଛି, ସେହି କର୍ମ ବନ୍ଧନ ନୁହେଁ । ବିକାଶ, ବିଦ୍ରୋହ ଯାହା ଆଣ, ତାହା ମୂଳରେ କର୍ମ । କର୍ମ ଅମର । ମୁଁ ଦରିଦ୍ର, କାନ୍ଦି କିମ୍ବା ଧୂଳିରେ ମୁଣ୍ଡ ବାଡେଇ ମୋର ଅବସ୍ଥାର ପରିବର୍ତ୍ତନ ହେବ ନାହିଁ । ମୋର ଅବସ୍ଥାର ପରିବର୍ତ୍ତନ ହେବ ମୋ ନିଜର ବା ସମଷ୍ଟିଗତ କର୍ମବଳରେ; ତେଣୁ ଦୁଃଖ ପାଇଁ ଜୀବନରେ ଆଉ ସ୍ଥାନ କାହିଁ ? ଏଥିରୁ କେହି ଭାବିବେ ନାହିଁ ଯେ, ମନୁଷ୍ୟ ଏକ ପ୍ରସ୍ତରନିର୍ମିତ ଅନ୍ତର ଘେନି ଦୁନିଆରେ ବସବାସ କରିବ । ନା— ବରଂ ମୁଁ କହୁଛି ଯେ, ପ୍ରାଣକୁ ସୁଚିନ୍ତା, ସୁସ୍ପନ୍ଦନ ଓ ସୁଚ୍ଛ୍ୱାସରେ ପରିପୂର୍ଣ୍ଣ

କର । ହିଂସା ନୁହେଁ ପ୍ରେମ, କ୍ଷୁଦ୍ରସ୍ୱାର୍ଥ ନୁହେଁ ନିଃସ୍ୱାର୍ଥତା ଅସତ୍ୟ ନୁହେଁ ସତ୍ୟ, ଅଧର୍ମ ନୁହେଁ ଧର୍ମ, ଆଳସ୍ୟ ନୁହେଁ ସୁକର୍ମ, ନିଶ୍ଚେଷ୍ଟତା ନୁହେଁ ଉଦ୍ୟମ ଆମକୁ ଆନନ୍ଦର ସମ୍ମୁଖୀନ କରିବ । ବୃହତ୍ତର ବିଶ୍ୱ-ବୋଧ ଆମକୁ ବିରହ, ବିଚ୍ଛେଦ, ବ୍ୟାଧି, ଜରା, ମୃତ୍ୟୁର ଭ୍ରମ-ଯନ୍ତ୍ରଣାରୁ ପରିତ୍ରାଣ କରିବ । ବାହାରର ପରିଜଗତରେ ଅନ୍ତର-ମାନବ ପ୍ରଭାବିତ ହେବା ଅନୁଚିତ । ତଥାପି ପ୍ରତ୍ୟେକ ମନୁଷ୍ୟର ଜାଣିରଖିବା ଉଚିତ ଯେ, ଜୀବନ ଏକ ସଳଖ ବାଟ ନୁହେଁ । ତାହା ସଂଘର୍ଷ ଓ ସଂଗ୍ରାମର କ୍ଷେତ୍ର । ବାଧାବିଘ୍ନ ଆସିବ । ଏଥିରେ ମନ ସ୍ୱଭାବତଃ ବିଚଳିତ ହେବା ସମ୍ଭବପର; କିନ୍ତୁ ବାଧାବିଘ୍ନରେ ଯାହାର ମନ ବିଚଳିତ ନ ହେବ, ସେ ସକଳ ଦୁଃଖ, ଦୈନ୍ୟ, ପରିବର୍ତ୍ତନ ଗତି ମଧ୍ୟରେ ମନକୁ ସ୍ଥିର ରଖି ଲକ୍ଷ୍ୟପ୍ରାପ୍ତି ଲାଗି କର୍ମ କରିପାରିବ । ସେହିହିଁ ଜୀବନଯାତ୍ରାରେ ଜୟୀ ବା ପ୍ରକୃତ ବୀର । ତାଙ୍କର ଜୟଗାଥା ହିଁ ଆମ ବୀର-ଜୀବନର ପୃଷ୍ଠା ପୂରଣ କରିବ ।

ଟିକିଏ ଚେଷ୍ଟା, ଟିକିଏ ସାଧନା କଲେ ମନୁଷ୍ୟ ଏହି ଅଖଣ୍ଡ ଆନନ୍ଦ-ବୋଧ ନିଜ ଅନ୍ତରରେ ଲାଭ କରିପାରିବ । ଜୀବନ ଏକ କୌଶଳ । ଯେ ଉପଯୁକ୍ତ କୌଶଳୀ, ସେହି ହିଁ ଜୀବନପର୍ବର ଆନନ୍ଦଧ୍ୱନି ଶ୍ରବଣରେ ସର୍ବଦା ମଗ୍ନ । ତାହାର ସମ୍ମୁଖରେ ହିଁ ଜୀବନ-ଉତ୍ସବର ସାର୍ଥକତା ।

ପୁଣି ଏକ କଥା—ଯେଉଁମାନେ ନିୟମ ଲଙ୍ଘନ କରିବେ, ଅର୍ଥାତ୍ ଯେଉଁମାନେ ଦୋଷୀ, ସେମାନେ କଅଣ ମାନସିକ ଆନନ୍ଦ ପରିପାଳନ କରିବା ସମ୍ଭବପର ? ହଁ, ମୋ ବିଚାରରେ ଭଙ୍ଗା ପାଣିମାଠିଆ ପାଇଁ ଶୋଚନା ବୃଥା । ଯଦି ମୁଁ ନିଶ୍ଚୟ ଲଙ୍ଘନ କଲି, ତେବେ ତ ମୋତେ କର୍ମର ନିୟମାନୁଯାୟୀ ମୋ କୃତକର୍ମର ଫଳ ଭୋଗ କରିବାକୁ ହେବ । ତହିଁରୁ ମୋତେ କିଏ ରକ୍ଷା କରିବ ? କେବଳ ସୁକୃତ କର୍ମଦ୍ୱାରା ପୁଣି ମୋର ପରିତ୍ରାଣ ସମ୍ଭବପର । ତେଣୁ ହତାଶା, ଦୁଃଖ, ନୈରାଶ୍ୟ ସଂସାରରେ ବୃଥା । ମୁଁ ଅସୀମ ଆଶାବାଦୀ ।

ବେଦନାର ପୁଣି ଏକ ଆନନ୍ଦ ଅଛି । 'କରୁଣା'କୁ ଆମ୍ଭେମାନେ ବାଦ୍ ଦେଇ ପାରିବା ନାହିଁ । 'କରୁଣା' ଓ 'ଦୁଃଖ'ର ପାର୍ଥକ୍ୟ ବୁଝିବା ଦରକାର । କେତେକ ଦୃଷ୍ଟାନ୍ତ ଦେଖାଯାଉ । ଧ୍ରୁବ ପ୍ରହ୍ଲାଦ ନାଟକରେ ଧ୍ରୁବର ବନଗମନ ବେଳେ, ପ୍ରହ୍ଲାଦର ସକଳ ଯନ୍ତ୍ରଣା ଭୋଗବେଳେ ମନୁଷ୍ୟର ଆଖିରୁ ଲୁହ ବହେ; ତଥାପି ମଣିଷ ସେହି ଦୃଶ୍ୟ ରଙ୍ଗମଞ୍ଚରେ ବସି ବସି ଦେଖେ କାହିଁକି ? କାରଣ ମନୁଷ୍ୟ ତା'ର ଗଭୀର ଅନ୍ତରରେ ଏକ ଆନନ୍ଦ ପାଉଥାଏ ଏହି ବେଦନାରୁ । ମନୁଷ୍ୟ ଏକ ଗଭୀର ଅନୁଭୂତିମୂଳକ ଜୀବ । ଆମ୍ଭେମାନେ ଅନୁଭୂତିକୁ ବାଦ୍ ଦେଇପାରିବା ନାହିଁ । ଯେତେବେଳେ ଜୀବନ୍ମୁକ୍ତ ସନ୍ନ୍ୟାସୀ ଏକ ଦରିଦ୍ର ଭିକ୍ଷୁର ଲାଞ୍ଛନା, କଷଣ ଦେଖନ୍ତି, ତାଙ୍କ ପ୍ରାଣ କରୁଣାରେ ବିଗଳିତ ହୁଏ । ମାତାର ହୃଦୟ ଭଲ ପରୋପକାର ଲାଗି

ଅନେକଙ୍କ ଚିତ୍ତରେ କରୁଣାର ଉଦ୍ରେକ ହୁଏ । କିନ୍ତୁ କରୁଣା ଓ ଦୁଃଖ ଏକ କଥା ନୁହେଁ । ଏହି କରୁଣାବୋଧ ଆମକୁ ସୃଷ୍ଟି ଲାଗି କର୍ମ କରିବାକୁ ସତ୍ ପ୍ରେରଣା ଦିଏ ।

ତାହା ହୋଇ ନ ଥିଲେ ବୁଦ୍ଧ, ଶଙ୍କର କିମ୍ବା ଖ୍ରୀଷ୍ଟ ଧର୍ମ ପ୍ରଚାର କରି ନ ଥାନ୍ତେ । ସେମାନଙ୍କର ବ୍ୟକ୍ତିଗତ ଦୁଃଖ ନ ଥିଲା । ବୁଦ୍ଧ କହୁଥିଲେ—ସୃଷ୍ଟିରେ ଜଣେ ବ୍ୟକ୍ତି ନିର୍ବାଣ ନ ପାଇବାଯାଏ ସେ ପୁଣି ଆସୁଥିବେ ସଂସାରକୁ 'ଅଷ୍ଟପଥ'ର ଆଲୋକ ଦେବାଲାଗି ।

ତେଣୁ ସମାଜରେ ଆମ୍ଭେମାନେ ଯେଉଁ ତ୍ୟାଗୀ, କର୍ମବୀର ଧର୍ମବୀର ଦେଖୁଁ, ସେମାନଙ୍କ ଜୀବନ-ପ୍ରେରଣାର ମୂଳ ଉତ୍ସ ଏହି ଗଭୀର ବିଶ୍ୱପ୍ରୀତିରେ, ବିଶ୍ୱର ପରିତ୍ରାଣ ଓ ମଙ୍ଗଳ ଲାଗି ସେମାନେ ବ୍ୟସ୍ତ, କର୍ମଯୁକ୍ତ । କିନ୍ତୁ ସେମାନଙ୍କର କର୍ମ ଲୋଡ଼ାନାହିଁ, ସେମାନଙ୍କର ଅସୁବିଧା କିଛି ନାହିଁ, ସେମାନେ ନିଷ୍କାମ-କର୍ମୀ ।

ଜୀବନର ଏହି ପ୍ରକୃତ ମୂଲ୍ୟ ଏବଂ ସ୍ୱରୂପ ବୁଝିଲେ ଓ ଜୀବନଯାପନର ଏହି ସୁକୌଶଳ ଅବଗତ ହେଲେ, ମନୁଷ୍ୟ ଆଉ ନିରାନନ୍ଦ ରହିପାରିବ ନାହିଁ । ସେତେବେଳେ ସେ ହୁଏତ ମୋ ସଙ୍ଗରେ କଣ୍ଠ ମିଳାଇ ଗାଇବ—

"ଆନନ୍ଦୁ ଜନମ, ଆନନ୍ଦେ ମୋ ସ୍ଥିତି
ଅଖଣ୍ଡ ଆନନ୍ଦେ ମୋର ମରଣ ।"

ଏହି ସୁବାଣୀର ସ୍ପନ୍ଦନ ଆଜି କୋଟିକଣ୍ଠରେ ଝଂକୃତ ହେବାର ସମୟ ଆସିଅଛି । ଯେଉଁ ସ୍ପନ୍ଦନ, ସ୍ୱପ୍ନ ଅସଂଖ୍ୟ ଅନ୍ତର ତଳେ ସ୍ପନ୍ଦିତ, ତାହାର ଏକରୂପ ସ୍ୱର ମାତ୍ର ମୁଁ ଏଠାରେ ଦେଲି । ଏହା କୌଣସି ଜୀବନରେ ପ୍ରତିପାଳିତ ହୋଇ ପାରିଲେ କିମ୍ବା ଏହି ଆଦର୍ଶରେ କାହାର ଜୀବନ ଗଠିତ ହୋଇପାରିଲେ, ଆନନ୍ଦ-ଭିକ୍ଷୁ କବିର ଏହି ଶ୍ରମ ଯେ ସାର୍ଥକତା ଲାଭ କରିବ, ତାହା ଏଠାରେ କହିବା ବୋଧହୁଏ ଅସମୀଚୀନ ହେବ ନାହିଁ ।

ଅଦ୍ୱୈତବାଦୀ ହୁଅନ୍ତୁ କିମ୍ବା ହେତୁବାଦୀ ହୁଅନ୍ତୁ, ବୈଷ୍ଣବ ହୁଅନ୍ତୁ ବା ଶାକ୍ତ, ଶୈବ ହୁଅନ୍ତୁ, ଜାତିଧର୍ମବର୍ଣ୍ଣ ନିର୍ବିଶେଷରେ ଏହି ମହନୀୟ ଆଦର୍ଶ ଓ ଶୁଭପ୍ରେରଣାରେ ବିଶ୍ୱ-ମାନବ ସ୍ପନ୍ଦିତ ହେଉ ଏବଂ ତାହାର ଜୀବନଗୃହ ଏହି ଅଖଣ୍ଡ ଆନନ୍ଦଭୂମି ଭିତ୍ତିରେ ଗଢ଼ାଯାଉ, ଏହାହିଁ ମୋର ଶୁଭ କାମନା । ଏହି ଅମୃତ ଆନନ୍ଦବାର୍ତ୍ତା ପ୍ରଚାରରେ ବିଶ୍ୱର ସକଳ ଆର୍ତ୍ତ ଅନ୍ତରରେ ଯଦି ମୁଁ କିଛି ଆଶା, ଆନନ୍ଦବାଣୀ ସଂଚାର କରିପାରେ, ତାହାହିଁ ମୋ ଭଳି କ୍ଷୁଦ୍ର ପକ୍ଷରେ ଯଥେଷ୍ଟ । ✳

---

✳ ସହକାର—ବିଂଶ ଭାଗ, ଦ୍ୱିତୀୟ ସଂଖ୍ୟା

# ସୌନ୍ଦର୍ଯ୍ୟ ଓ କଳା

**ବ୍ରଜବିହାରୀ ମହାନ୍ତି**

ସୌନ୍ଦର୍ଯ୍ୟ ଜୀବନର ଉତ୍ସ । ବିଶ୍ୱପ୍ରକୃତିରେ ଆନନ୍ଦର ସତ୍ତା ସୌନ୍ଦର୍ଯ୍ୟର ଚୟନ-କୌଶଳରେ ଆତ୍ମପ୍ରକାଶ କଲେ ଜୀବଜଗତ୍ ମୋହିତ ହୁଏ । ଆନନ୍ଦର ପ୍ରତ୍ୟକ୍ଷାନୁଭୂତ ସୌନ୍ଦର୍ଯ୍ୟ-ଅବଲମ୍ବନରେ ପ୍ରାଣକୁ ସ୍ପର୍ଶ କରେ । ଏହି ସ୍ପର୍ଶଟିକ ଜୀବନର ଆଦି ସୃଷ୍ଟିରୁ ଆଜି ପର୍ଯ୍ୟନ୍ତ ଲାଗି ରହିଛି ଓ ଏହାର କ୍ରମବିକାଶରେ ଜୀବନର ମହନୀୟତା ସଂଶ୍ଳିଷ୍ଟ ଅଛି । ଏକ ଦିଗରେ ଜୀବସୃଷ୍ଟିର ଅଶେଷ ଶ୍ରେଣୀବିଭାଗ, ଅନ୍ୟ ଦିଗରେ ସୌନ୍ଦର୍ଯ୍ୟର ବିଭିନ୍ନ ସ୍ତର, ଲୌହ ଓ ଚୁମ୍ବକରେ ଆକର୍ଷଣ ପରି ପରସ୍ପର ପ୍ରତି ଆବଦ୍ଧ ରହିଛନ୍ତି । ଆକର୍ଷଣକୁ ଅନୁସରଣ କରି ଜୀବନର ଧାରାଟି ବହିଯାଉଛି ।

ସୌନ୍ଦର୍ଯ୍ୟର ଅଭିବ୍ୟକ୍ତି ପାଇଁ କଳାର ସୃଷ୍ଟି । ଜୀବନର ଉନ୍ନତ ବିକାଶ ସୌନ୍ଦର୍ଯ୍ୟର ଅବଦାନକୁ ନିଜସ୍ୱ କରି ଗୋଟାଏ ସ୍ୱତନ୍ତ୍ରତା ଲୋଡେ ଓ ଏହି ସ୍ୱାତନ୍ତ୍ର୍ୟ ଘେନି ବିଭିନ୍ନ କଳାର ଉତ୍ପତ୍ତି ଘଟେ । ଜୀବନର ଉତ୍କର୍ଷରେ କଳା ପରିମାପ ସ୍ୱରୂପ ହୁଏ । ମାନବୀୟ ସଭ୍ୟତାର ଅତୀତ ଓ ବର୍ତ୍ତମାନ ଏହାର ସାହାଯ୍ୟରେ ଏପରି ମୂର୍ତ୍ତିମନ୍ତ ହୋଇଉଠିଛି ଯେ, ଏହାକୁ ବାଦ ଦେଲେ ମାନବ ଜୀବନର ସରସତା ରହେ ନାହିଁ । ଅଗଣିତ ଭଲ ମନ୍ଦ ପରିବର୍ତ୍ତନ ମଧ୍ୟରେ ସାଂସାରିକ ଜୀବନର ଅଳୀକତା ମନୁଷ୍ୟମନରେ ସ୍ୱତଃ ଗୋଟାଏ ନୈରାଶ୍ୟ ଆଣିଦିଏ । ଦୁଃସହ ଘଟଣାଚକ୍ରର ଆଘାତରେ କେତେ ସୁଖର ସଂସାର ଜଳ ବୁଦ୍‌ବୁଦ ପରି ମୁହୂର୍ତ୍ତକେ ଉଭେଇଯାଏ । ପୁଣି ବିଷାଦ କାଳିମାର କ୍ରୂର ଆବରଣ ଅପସାରିତ ହୋଇ ଅତୁଳନୀୟ ଐଶ୍ୱର୍ଯ୍ୟ ମନୁଷ୍ୟର ମନକୁ ଅଭିଭୂତ କରିଦିଏ । ବିପଦ ଓ ସମ୍ପଦ ଦୁଇଟିଯାକ କ୍ଷଣସ୍ଥାୟୀ । ଜୀବନର ପରିଧି ଏ ଦୁହିଁଙ୍କୁ କେବଳ ସ୍ପର୍ଶ କରି ଗତି କଲେ ତାର ଉନ୍ନତ ବିକାଶ ଜଣାପଡେ ନାହିଁ । ଆଲୋକର ଆଧାରକୁ ଭୁଲିଯାଇ କେବଳ ଆଲୋକଟିକ ପାଇ ଆତ୍ମବିସ୍ମୃତ ହେଲେ ଆଲୋକକୁ ଧରି ରଖିବାର କ୍ଷମତା ଆସେ ନାହିଁ । ମହତ୍ତ୍ୱର ପାର୍ଥକ୍ୟ ଏହି ଅଧିକାର ଶକ୍ତି ଉପରେ ପରୀକ୍ଷିତ ହୁଏ । ସାଧାରଣ ସଂସାରୀର ଦୃଷ୍ଟି ସଂକୀର୍ଣ୍ଣ ସୀମା ମଧ୍ୟରେ ରହିଯାଏ ବୋଲି ତାର ଯଥାର୍ଥ ଗତି ସେ ନିଜେ ଅବଧାରଣ କରିପାରେ ନାହିଁ । ବୃଥାରେ

ଅସାରକୁ ସାର କରି ସେ ଗୋଟାଏ ବାହ୍ୟ ଆନନ୍ଦ ଅନୁଭବ କରେ । ଯେତେଦିନ ପର୍ଯ୍ୟନ୍ତ ମନୁଷ୍ୟ ସଂସାରର ନିଗଡ଼କୁ ଭାଙ୍ଗିଦେଇ ତାର ଦୃଷ୍ଟିକୁ ବିସ୍ତୀର୍ଣ୍ଣ ନ କରିଛି, ସେତେଦିନ ପର୍ଯ୍ୟନ୍ତ ସେ ବାସ୍ତବ ଆନନ୍ଦର ଅଧିକାରୀ ହୋଇପାରିବ ନାହିଁ କିମ୍ବା ତାର ପ୍ରକୃତ ସୌନ୍ଦର୍ଯ୍ୟବୋଧ ଆସିବ ନାହିଁ । ସ୍ରୋତସ୍ୱିନୀ ବହିଯାଇ ଅନନ୍ତ ସାଗର ସଙ୍ଗମରେ ମିଶିଯିବା ପରିବର୍ତ୍ତେ ଯଦି ତପ୍ତ ମରୁଭୂମିରେ ନିଜକୁ ମିଶାଇ ଦିଏ, ତାହା-ହେଲେ ତାର ସ୍ରୋତସ୍ୱିନୀ ଆଖ୍ୟା ବୃଥା ହୋଇଯାଏ । ପ୍ରଚଣ୍ଡ ବାଲୁକା ପ୍ରାନ୍ତରରେ ତାର ଗତି ନିମ୍ନ ଦେଶକୁ ଚାଲିଯାଏ—ରହିଯାଏ କେବଳ ଗୋଟିଏ ବିଭୀଷିକା—ଗୋଟିଏ ମହାଶୂନ୍ୟତାର କରାଳ ମୂର୍ତ୍ତି । ବର୍ତ୍ତମାନ ଦେଖାଯାଉ, ଜୀବନର ଗତିଟା କେଉଁଆଡ଼େ ? ସୌନ୍ଦର୍ଯ୍ୟର ଅବଦାନ ସମସ୍ତଙ୍କ ପାଇଁ ସମାନ ନୁହେଁ । ତେଣୁ ଉତ୍ସ ଏକ ହେଲେ ସୁଦ୍ଧା ପ୍ରବାହ ଏକ ହୁଏ ନାହିଁ । ଗୋଟାଏ ଯଦି ନିଜକୁ ସାଗର ସଙ୍ଗମରେ ମିଶାଇଦେଲା, ଆଉ ଗୋଟାଏ ତପ୍ତ ବାଲୁକାଶଯ୍ୟାରେ ଆତ୍ମଗୋପନ କରି ରହିଲା । ଜୀବନଟା ମଧ୍ୟ ଏହିପରି । ସୌନ୍ଦର୍ଯ୍ୟର ପ୍ରଭାବ ଜୀବନକୁ ଯେ ସ୍ତରକୁ ନେଇଯାଏ, କଳାର ପ୍ରକାଶ ମଧ୍ୟ ତଦନୁଯାୟୀ ସ୍ମାରକ ସ୍ତମ୍ଭ ପରି ଜୀବନର ଗତିରେ ସୌନ୍ଦର୍ଯ୍ୟକୁ ଦେଖାଇଦିଏ । ଆଜିପର୍ଯ୍ୟନ୍ତ ଜଗତରେ ଯେତେ ସଭ୍ୟତାର ଅଭ୍ୟୁଦୟ ହୋଇ ବିଲୟ ଘଟିଲାଣି, ସେ ସମସ୍ତଙ୍କୁ କଳା ସଂଯୋଜନା-ସୂତ୍ରରେ ଉଜ୍ଜୀବିତ କରି ରଖିପାରିଛି ।

ସୌନ୍ଦର୍ଯ୍ୟର ବିକ୍ଷିପ୍ତତାକୁ କଳା ଅଙ୍କନ କୌଶଳରେ ସଜାଇଦିଏ । କେବଳ ସଜାଇଦିଏ ନାହିଁ, ସୌନ୍ଦର୍ଯ୍ୟାନୁଭୂତି ପାଇଁ ପୃଥକ୍ ଧାରାସବୁ ଖୋଲିଦିଏ । ଭିନ୍ନ ଭିନ୍ନ ଶ୍ରେଣୀର କଳାବିତ୍‌ମାନଙ୍କର ସାଧନା ଏହି ଧାରାମାନଙ୍କ ଅବଲମ୍ବନରେ ପୂର୍ଣ୍ଣତା ଆଡ଼କୁ ଗତିକରେ । ସୌନ୍ଦର୍ଯ୍ୟର ଚିତ୍ରଣରୁ ଯେ ଯେତେ ଜୀବନ୍ତ କରି ମନୁଷ୍ୟ ମନରେ ଦୀପ୍ତି ସଞ୍ଚାର କରିପାରିଛି, ତାର ଆସନ ମାନବ ସମାଜରେ ସେତେ ବଡ଼ ହୋଇ ରହିଛି । ଅସଂଯତ ଭାବୋଚ୍ଛ୍ୱାସରେ ପ୍ରକୃତ କବିତାର ପରିଚୟ ମିଳେ ନାହିଁ । ହୃଦୟର ନିଭୃତ କନ୍ଦରରେ ଯେ ସ୍ପନ୍ଦନଟି ରହି ଅନାମୟ ପ୍ରେରଣା ବଳରେ ସୌନ୍ଦର୍ଯ୍ୟକୁ ରୂପଦାନ କରୁଛି, ତାହା ମଧ୍ୟ ସୌନ୍ଦର୍ଯ୍ୟଠାରୁ ବିଚ୍ଛିନ୍ନ ନୁହେଁ । ମହାକବି ବାଲ୍ମୀକିଙ୍କର ଅସାଧାରଣ ପ୍ରେରଣା-ନିଃସୃତ ଅମର କବିତାରେ ଏହାର ପ୍ରକାଶ ସ୍ପଷ୍ଟ ହୋଇ ରହିଛି । ମାନବ ଜୀବନର ଭିତ୍ତି ଉପରେ ସତ୍ୟ ଓ ସୌନ୍ଦର୍ଯ୍ୟର ସମନ୍ୱୟ ଅମର କବିଙ୍କର ଯେ ଅମୃତ ଧାରା ଖୋଲି ଦେଇଛି, ତାହା କଦାପି ଶୁଷ୍କ ହେବନାହିଁ । ଅଦ୍ଭୁତ ଶକ୍ତି ସମ୍ପନ୍ନ ମହାକବି ରାଜୈଶ୍ୱର୍ଯ୍ୟଠାରୁ ଦୀନ କୁଟୀର ବାସ ପର୍ଯ୍ୟନ୍ତ ସବୁ ଚିତ୍ରରେ ସୌନ୍ଦର୍ଯ୍ୟର ଏପରି ସ୍ପର୍ଶ ଲଗାଇ ଦେଇଛନ୍ତି ଯେ, ମନୁଷ୍ୟତ୍ୱର ପରିଣତି ଦେବତ୍ୱରେ ରହିଯାଇଛି ।

ଦେଶକାଳଗତ ପାର୍ଥକ୍ୟରେ କଳାର ରୂପଭେଦ ସମ୍ପୂର୍ଣ୍ଣ ସ୍ୱାଭାବିକ । ଜୀବନର ପରିବର୍ତ୍ତନଶୀଳତା ମଧ୍ୟ ଅନେକ ପରିମାଣରେ ତାକୁ ପ୍ରଭାବିତ କରିଥାଏ । ଦେଶ କିମ୍ବା

ଜାତିବିଶେଷର କଳାଦୃଷ୍ଟିକୁ ଗୋଟାଏ ନିର୍ଦ୍ଦିଷ୍ଟ ଦିଗରେ ନିୟନ୍ତ୍ରଣ କଲାବେଳେ ମୌଳିକତା ଅକ୍ଷୁଣ୍ଣ ରହିବା ବାଞ୍ଛନୀୟ । ଆଜି ପ୍ରାଚ୍ୟ ଓ ପାଶ୍ଚାତ୍ୟର ମିଳନରେ ସତ୍ୟର ଯେଉଁ ଅବମାନନା ଘଟୁଛି, ସେଥିପାଇଁ ଏହି ନିୟନ୍ତ୍ରଣ-ପ୍ରଥା ଦାୟୀ । ଶିକ୍ଷା-ଭିମାନୀ ଭାରତୀୟ କୃତ୍ରିମ ଆବରଣ ତଳେ ଜୀବନର ଯେ ସ୍ତରରେ ଆସି ପହଞ୍ଚିଲାଣି, ସେଠାରୁ ଆଉ ନିମ୍ନକୁ ସ୍ଖଳନ ହେଲେ ତାହାର ବିନାଶ ଅନିବାର୍ଯ୍ୟ । ଜୀବନର ଗତି ଗୋଟିଏ ଦିଗରେ ସ୍ୱାଚ୍ଛନ୍ଦ୍ୟ ଲୋଡ଼ିଲାବେଳେ, ଶିକ୍ଷା ଯଦି ତାକୁ ସାହାଯ୍ୟ କରିବା ପରିବର୍ତ୍ତେ ଦୁର୍ବଳ କରିଦିଏ, ତାହାହେଲେ ତାହା ଆଦୌ 'ଆର୍ଟ' ବା କଳା ନୁହେଁ । ଯେଉଁଠି ସତ୍ୟର ପ୍ରକାଶ ପ୍ରଚ୍ଛନ୍ନ, ସେହିଠି ସୌନ୍ଦର୍ଯ୍ୟର ବିକାଶ ମଳିନ ଓ ଜୀବନର ଗତି ବଡ଼ କ୍ଷୀଣ । ଆମ୍ଭମାନଙ୍କ ଦେଶରେ ଶିକ୍ଷା-ନିୟନ୍ତ୍ରଣ କଲାବେଳେ କେହି ଜୀବନର ପରିସ୍ଥିତିକୁ ଦେଖନ୍ତି ନାହିଁ । ଗୋଟାଏ କଲକୁ ଚଳାଇ କେତେଗୁଡ଼ାଏ ବାହ୍ୟ ସମାନତା ଥିବା ପଦାର୍ଥ ବାହାର କଲାପରି ବିଦ୍ୟାଳୟରୁ କେତେଗୁଡ଼ିଏ ଲୋକ ବାହାରିଆସିଲେ ଜାତୀୟ ଜୀବନର ପ୍ରକୃତ ବିକାଶ ଜଣାପଡ଼େ ନାହିଁ । ବ୍ୟକ୍ତିଗତ ଜୀବନର ଯେଉଁସବୁ ବିଶେଷତ୍ୱ ଥାଏ, ତାହା କଳା ଦୃଷ୍ଟିର ବାହାର ନୁହେଁ । ବିଶ୍ୱସୌନ୍ଦର୍ଯ୍ୟର ଲୀଳାଭୂମିରେ କିଛି ସ୍ଥାନ କିମ୍ବା ହେୟ ନୁହେଁ । କଳାହୀନ କର୍ମ ଓ ସୌନ୍ଦର୍ଯ୍ୟ-ହୀନ ପ୍ରାଣ ସଂସାରରେ ବିରଳ ।

ଜୀବନର ଚଞ୍ଚଳ ଗତିରେ କଳା ବିଶିଷ୍ଟ ବେଷ୍ଟନୀମାନଙ୍କ ପାଇଁ ରେଖାପାତ କରିଦିଏ । ଏହାରି ଭିତରେ କବି, ଭାବୁକ, ଚିତ୍ରକର, ଶିଳ୍ପୀ ପ୍ରଭୃତି ସେମାନଙ୍କ ସାଧନାର କ୍ଷେତ୍ର ପ୍ରସ୍ତୁତ କରିନିଅନ୍ତି । ସୌନ୍ଦର୍ଯ୍ୟର ଉତ୍ସଟି ଦୂରରେ ରହି କ୍ଷେତ୍ରର ଉତ୍କର୍ଷ ସଂପାଦନ କରୁଥାଏ । ନିଦାଘ ପତ୍ର ଅନ୍ତରାଳରେ ମଳୟର ମର୍ମର ଶବ୍ଦ, ଜ୍ୟୋତ୍ସ୍ନା ପ୍ଲାବନ ସଙ୍ଗେ ନୀରବ ନିଶୀଥିନୀର ସମାବେଶ, ଦୂର ପର୍ବତଗାତ୍ରରେ ଅସ୍ତଗାମୀ ରବିର ଶେଷ କିରଣଚ୍ଛଟା, ନିସ୍ତବ୍ଧ ଅରଣ୍ୟାନୀରେ ନାନାଜାତୀୟ ପକ୍ଷୀମାନଙ୍କର ମିଶ୍ରିତ କଳ-ତାନ, ଶାନ୍ତ ସମୀରଣରେ ଭାସି ଆସୁଥିବା ଦୂର ବିପଞ୍ଚୀର ଅସ୍ପଷ୍ଟ ରାଗିଣୀ, ସୁନ୍ଦରୀର ସରଳ ଭାବର ସରସ ସ୍ମୃତି ଜୀବନରେ ମୁହୂର୍ତ୍ତିକ ପାଇଁ ସୌନ୍ଦର୍ଯ୍ୟର ଯେ ଉପାଦାନ ସମ୍ଭାର ଦେଇଯାଏ, ସେଥିରେ କଳାର ଈପ୍ସିତ ବେଷ୍ଟନୀର ଗଠନସାମଗ୍ରୀ ଯଥେଷ୍ଟ ଥାଏ । ସୌନ୍ଦର୍ଯ୍ୟର ଅମଳ ଇଙ୍ଗିତ ସବୁ କଳାବିତ୍‌ମାନଙ୍କ ପକ୍ଷେ ସମାନ ନୁହେଁ । ଜୀବନର ସ୍ୱାତନ୍ତ୍ର୍ୟ ଓ ବିକାଶମାର୍ଗରେ ଭିନ୍ନତାକୁ ଘେନି ଏହା ବେଷ୍ଟନୀମାନଙ୍କୁ ଏପରି ଗଢ଼ିଦିଏ ଯେ, ଗୋଟାଏ ପାର୍ଥକ୍ୟ ସାଧାରଣତଃ ଦେଖା ଯାଇଥାଏ । କବି, ଚିତ୍ରକର ଓ ଶିଳ୍ପୀ ଏକ ସୌନ୍ଦର୍ଯ୍ୟ-ଉତ୍ସରୁ ଉପାଦାନ ଆହରଣ କଲେ ସୁଦ୍ଧା ସେମାନଙ୍କ ପ୍ରକାଶପ୍ରଣାଳୀରେ ଭିନ୍ନତା ରହିଯାଏ । ଏହି ଭିନ୍ନତା ଆଦୌ ଯଥାର୍ଥ ନୁହେଁ । ବିଶ୍ୱ-ସୌନ୍ଦର୍ଯ୍ୟର ବିଶ୍ୱମୂର୍ତ୍ତି ଯଦି ଜଣେ କଳାବିତ୍ ଦ୍ୱାରା ଗୋଟିଏ ବିଶିଷ୍ଟ କଳାରେ ପ୍ରକାଶିତ ହୋଇପାରନ୍ତା, ତା'ହେଲେ କଳାସୃଷ୍ଟି ପାଇଁ ଆଉ ସ୍ଥାନ ରହନ୍ତା ନାହିଁ ।

କୌଣସି ବିଶିଷ୍ଟ କଳାର ଶ୍ରେଣୀ ଓ ଉପଶ୍ରେଣୀ ବିଭାଗ ଦେଖିଲେ ସହଜରେ ଅନୁଭୂତ ହେବ ଯେ ସୌନ୍ଦର୍ଯ୍ୟର ବିଶାଳତାକୁ ସାଧାରଣତଃ ବ୍ୟାପକଭାବରେ ଗ୍ରହଣ କରିବାକୁ ସମସ୍ତେ ସମର୍ଥ ନୁହନ୍ତି । କଳାବିତ୍‌ର ସୌନ୍ଦର୍ଯ୍ୟାନୁଭୂତି ପାଇଁ କୌଣସି ନିର୍ଦ୍ଦିଷ୍ଟ ଧାରା ନାହିଁ ।

ଯାହାର ଯେପରି ଭାବରେ ବିଶ୍ୱ-ସୌନ୍ଦର୍ଯ୍ୟକୁ ଦେଖିବାର ଶକ୍ତି ଅଛି ଓ ନିଜର ଅଙ୍କନ-କୌଶଳରେ ସେ ସେହି ସୌନ୍ଦର୍ଯ୍ୟକୁ ରୂପଦାନ କରି ଗୋଟାଏ ନୂତନତ୍ୱ ଦେଖାଇ ପାରିଛି, ତା'ର କଳାସୃଷ୍ଟି ସେହି ପରିମାଣରେ ଜୀବନ୍ତ ଓ ସ୍ଥାୟୀ । କଳାକୁ ଶ୍ରେଣୀବିଭାଗ କରି ଶିକ୍ଷାଦାନର ଉପଯୋଗୀ କରାଯାଇପାରେ; କିନ୍ତୁ ସମୂହ ଭାବରେ ସୌନ୍ଦର୍ଯ୍ୟ ଉପଭୋଗ କରିବା ପାଇଁ କୌଣସି ନିର୍ଦ୍ଦିଷ୍ଟ କଳାର ଅନୁସୃତି ସବୁବେଳେ ପ୍ରଶସ୍ତ ବୋଧହୁଏ ନାହିଁ । ସାଧାରଣ ଜୀବନର ଧାରାବାହିକ ଗତିରେ ଏହାର ଅନୁଶୀଳନ ଜୀବନକୁ ଗୋଟାଏ ଗ୍ରନ୍ଥିରେ ଗଢ଼ିଦିଏ ଓ ତଦ୍ୱାରା ଜୀବନର ଶୃଙ୍ଖଳା ଦେଖାଦିଏ; କିନ୍ତୁ ସୌନ୍ଦର୍ଯ୍ୟକୁ ଏପରି ସୀମାବଦ୍ଧ କରିଦେବା ଦ୍ୱାରା ବିକାଶମାର୍ଗ ସଂକୁଚିତ ହୋଇଯାଏ । ପ୍ରାଚୀନ କବିତା, ଚିତ୍ର ପ୍ରଭୃତିରେ ଗୋଟାଏ ସମାନତା ଥିଲା । ସେତେବେଳେ କଳାର ନିର୍ଦ୍ଦିଷ୍ଟ ସୀମାକୁ କେହି ଅତିକ୍ରମ କରୁ ନ ଥିଲେ ବୋଲି ଆଜି ନୂତନତ୍ୱ ପ୍ରଭାବରେ କଳାର ବୈଶିଷ୍ଟ୍ୟ ଗୋଟାଏ ଯୁଗାନ୍ତର ଆଣିପାରିଛି । ସୌନ୍ଦର୍ଯ୍ୟର ଉପାଦାନ ସବୁଦିନେ ସମାନଭାବରେ ରହିଛି; କିନ୍ତୁ କଳାବିତ୍‌ର ନୂତନତ୍ୱ ସୃଷ୍ଟି ତାର ନିଜସ୍ୱ; ସୁତରାଂ ଜୀବନର ଚଞ୍ଚଳତାରେ ସେ ସୌନ୍ଦର୍ଯ୍ୟର ଯେଉଁ ଚିର ନୂତନ ସ୍ପର୍ଶଟିକ ଲଗାଇ ଦେଇଯାଏ, ସେଥିପାଇଁ ସେ ଅମର ହୋଇ ରହେ ।

ସାଧାରଣ ସଂସାରୀ ଓ କଳାବିତ୍‌ର ବେଷ୍ଟନୀ ସମାନ ରହେ ନାହିଁ । ଏକ ପରିସ୍ଥିତିରେ ଦୁହିଁଙ୍କର ଜୀବନ ଗଠିତ ହେଲେ ସୁଦ୍ଧା ବିକାଶମାର୍ଗ ଦୁହିଁଙ୍କୁ ପୃଥକ୍ କରିଦିଏ । ଜଣକର ଜଗତର ଜଡ଼ତା ସଙ୍ଗେ ଘନିଷ୍ଠତା, ଓ ସେହି ସମ୍ପର୍କରେ ପ୍ରତ୍ୟକ୍ଷ ସୌନ୍ଦର୍ଯ୍ୟକୁ ଛାଡ଼ିଦେଇ କେବଳ କେତେଗୁଡ଼ାଏ କଳାର ତନ୍ତ୍ର-ନିୟମ ପାଳନରେ ଜୀବନର ସରସତା ଉପଲବ୍ଧି ଓ ଅପରର ସୌନ୍ଦର୍ଯ୍ୟ ସଙ୍ଗେ ମିଶିଯାଇ ନିଜର ଆନନ୍ଦାନୁଭୂତିର ଏକ ଅପୂର୍ବ ଚିତ୍ର ପ୍ରକାଶ ସଂସାରରେ ଦୁଇଟି ବିଶିଷ୍ଟ ଧାରା ଖୋଲିଦିଏ । ଜୀବନଟା ଯେ ପ୍ରକାଣ୍ଡ 'ଆର୍ଟ'ର ଅଭିବ୍ୟକ୍ତି, ଏହା ଯେପରି ସୌନ୍ଦର୍ଯ୍ୟଲିପ୍ସୁ କଳାବିତ୍ ବୁଝିପାରେ, ସାଧାରଣ ସଂସାରୀ ସେପରି ବୁଝେ ନାହିଁ । ଏକ ପକ୍ଷରେ ଜୀବନର ଦିନ କେତୋଟା ପାଇଁ ଅସ୍ଥାୟୀ ସ୍ଫୂର୍ତ୍ତି, ଅନ୍ୟ ପକ୍ଷରେ ଏକ ଅସୀମ ଶାନ୍ତି ସୌନ୍ଦର୍ଯ୍ୟରେ ଏହାର ପରିସମାପ୍ତି ଦୁହିଁଙ୍କୁ ଭୁଲାଇରଖିଛି । ଦୁହେଁ ସୌନ୍ଦର୍ଯ୍ୟର ଉପାସକ; କିନ୍ତୁ ପ୍ରକାରଭେଦ ଯୋଗୁଁ ଜୀବନର ସମାନତା ରହେ ନାହିଁ । ପ୍ରତ୍ୟେକ ସଂସାରୀର କଳାଜ୍ଞାନ ଅଛି; କାରଣ

ଯେତେ ସାମାନ୍ୟ ହେଉ ପଛକେ, ସେ ସୌନ୍ଦର୍ଯ୍ୟର ଅଧିକାରୀ । ନିରୂପିତ କଳାଦ୍ୱାରା ଜୀବନର ଗତିକୁ ନିୟନ୍ତ୍ରିତ କରିଦେଲେ ସୌନ୍ଦର୍ଯ୍ୟ-ବୋଧ କମିଆସେ; ରହିଯାଏ କେବଳ ଗୋଟାଏ ଶୁଷ୍କ କଳାର ବେଷ୍ଟନୀ । ପ୍ରକୃତ କଳାବିତ୍ ଏହାର ବହୁଦୂରରେ ରହେ । ଆଜିକାଲି ସଭ୍ୟତମ ଜାତିମାନଙ୍କ ମଧ୍ୟରେ ବୈଜ୍ଞାନିକ ଗବେଷଣାର ଆବରଣ ତଳେ ଏହି ବେଷ୍ଟନୀର ରୁକ୍ଷତା ବେଶ ଅନୁଭୂତ ହେଲଣି । ସୌନ୍ଦର୍ଯ୍ୟକୁ ବାଦ ଦେଇ କେବଳ କଳାକୁ ଅନୁସରଣ କଲେ କାୟାକୁ ଛାଡ଼ି ଛାୟାକୁ ଅନୁସରଣ କଲାପରି ହୁଏ । 'ଆର୍ଟ'ର 'ଟେକ୍‌ନିକ୍' ବା କଳା-କୌଶଳ-ଶିକ୍ଷା ଓ ସୌନ୍ଦର୍ଯ୍ୟବୋଧ ମଧ୍ୟରେ ଯଥେଷ୍ଟ ପାର୍ଥକ୍ୟ ଅଛି । ଦୁଇଟିଯାକ ଶ୍ରେଷ୍ଠ କଳାବିତ୍‌ର ଅଧିକାରରେ ଥାଏ ।

ସୌନ୍ଦର୍ଯ୍ୟର ଅବଦାନ ବଡ଼ ଉଦାର, ଗ୍ରାହକର ସଂକୀର୍ଣ୍ଣ ଦୃଷ୍ଟିରେ ଏହା ଅନେକ ସମୟରେ ଗ୍ଲେଟ ଦେଖାଯାଇଥାଏ । ମହତ୍‌କୁ ଘୃଣ୍ୟ ଆସନ ଅର୍ପଣ କରିବାରେ ଯେଉଁ ଅବମାନନା ଘଟେ, ସୌନ୍ଦର୍ଯ୍ୟରେ ଲୋଲୁପତାର ଛାୟାପାତ କଲେ ସେହିପରି ଅବିଗ୍ରହ ହୁଏ । ଆସକ୍ତିପୂର୍ଣ୍ଣ କଦର୍ଯ୍ୟ ଲାଳସାର ତୃପ୍ତିପାଇଁ ସୌନ୍ଦର୍ଯ୍ୟର ସୃଷ୍ଟି ହୋଇନାହିଁ । ଜୀବନର ମହିମାମୟତା ଉପଲବ୍‌ଧି କରି ବାସ୍ତବତା ଆଡ଼କୁ ଯିବାପାଇଁ ଏହା ଅବଲମ୍ବନ ସ୍ୱରୂପ । ଅବଲମ୍ବନକୁ ଠିକ୍ ରୂପେ ଆଙ୍କି ନ ପାରିଲେ କଳାର ସାର୍ଥକତା ଜଣାପଡ଼େ ନାହିଁ । କଳାବିତ୍‌ର ବିଶେଷତ୍ୱ ଏହି ଅଙ୍କନ ପ୍ରଣାଳୀ ଉପରେ ସମ୍ପୂର୍ଣ୍ଣ ରୂପେ ନିର୍ଭର କରେ । ସୌନ୍ଦର୍ଯ୍ୟର ଉପଯୁକ୍ତ ବିଗ୍ରହ କରି ତାକୁ ରୂପ ଦାନ କରିବା ଗୋଟାଏ ବିଷମ ସମସ୍ୟା । ଚିତ୍ରକରର ତୂଳୀ ସାମାନ୍ୟ ଟିକିଏ ଏଣେତେଣେ ହୋଇଗଲେ ଯେପରି ଚିତ୍ରର ସୁଶ୍ରୀ ନଷ୍ଟ ହୋଇଯାଏ, ସେହିପରି ଭାବରେ ଅଭିବ୍ୟକ୍ତିର ଚଞ୍ଚଳତା ଦେଖାଦେଲେ ବର୍ଣ୍ଣନା ଅସଙ୍ଗତ ହୁଏ । ଯାହା ଚିର ସୁନ୍ଦର, ତାହା ମଧ୍ୟ ଚିର ନୂତନ । ସୌନ୍ଦର୍ଯ୍ୟକୁ ଆଙ୍କିଲାବେଳେ କଳାବିତ୍ କେବଳ ଗୋଟିଏ ନୂତନତ୍ୱ ଦେଖାଇଥାଏ । ସୌନ୍ଦର୍ଯ୍ୟର ଉପାଦାନକୁ ଗ୍ରହଣ କଲାବେଳେ କଳାବିତ୍ ବିଶେଷ ସାବଧାନ ହେବା ଆବଶ୍ୟକ । କାରଣ ଅମୃତ ସଙ୍ଗେ ଗରଳ ବାହାରି ଆସିପାରେ । ଗରଳକୁ ପାନ କରିବା ପାଇଁ ଶିବଙ୍କ ପରି ଶକ୍ତି-ସମ୍ପନ୍ନ ନ ହେଲେ ଅମୃତର ଆସ୍ୱାଦନ କାହାରି ଅନୁଭୂତିକୁ ଆସିବ ନାହିଁ । ଯେତେବେଳେ କଳାବିତ୍ ଅନ୍ତରରେ ସ୍ୱାଧୀନ ସୌନ୍ଦର୍ଯ୍ୟବୋଧ ଆଣି ତାକୁ କଳାର ରୂପ ଦାନ କରେ, ସେତେବେଳେ ତା'ର ନିଜ ପାଇଁ କିଛି ନ ଥାଏ । ସେ ଉପଭୋଗ୍ୟ ବିଷୟକୁ ଅପର ପାଇଁ ସମ୍ପାଦି ଦେଇ ଚାଲିଯାଏ । ଯେଉଁ ଅବଲମ୍ବନ ସାହାଯ୍ୟରେ ସେ ସୌନ୍ଦର୍ଯ୍ୟକୁ ରୂପଦାନ କରେ, ତାକୁ ଯଦି ଲାଳସା-ପରତନ୍ତ୍ର ହୋଇ ଆତ୍ମସାତ୍ କରେ, ତାହାହେଲେ ଦାନ କରିବା ପାଇଁ ତାର କିଛି ରହେ ନାହିଁ । କଳାବିତ୍‌ର ନିଷ୍ଠା ଓ ମହତ୍ତ୍ୱ ତ୍ୟାଗରେ

ସମୁଜ୍ଜ୍ୱଳ ହୋଇ ରହେ । ଅନ୍ତରର ବୁଭୁକ୍ଷାରେ ସୌନ୍ଦର୍ଯ୍ୟର ପ୍ରକୃତ ଚିତ୍ରଣ ସମ୍ଭବ ହୁଏ ନାହିଁ । ସୁନ୍ଦରୀର ସରସ ଭାବକୁ କାମୁକ ବାସ୍ତବ ଚିତ୍ରରେ ଦେଖାଇପାରେ ନାହିଁ । କନକ-ବରଣୀର ଶିରୀଷକୋମଳ ଅଙ୍ଗଲତା ମାଲତୀକୁଞ୍ଜର ଅନ୍ତରାଳରେ ମିଶିଯାଇ ଜ୍ୟୋତ୍ସ୍ନା-ସ୍ନାତ ନୀରବ ରଜନୀରେ ସୌନ୍ଦର୍ଯ୍ୟର ଏକ ଅନୁପମ ସମ୍ପଦ ଦେଖାଇ ଦେଲାବେଳେ କଳାବିତ୍‌ର ଅନ୍ତର ଯେଉଁ ଆଲୋଡ଼ନ ଅନୁଭବ କରେ, ତାହା ଯୁଗାନ୍ତର ପାଇଁ କଳାର କୋମଳ ସ୍ତର ସୃଷ୍ଟି କରେ । ଭାବର ଗଭୀରତା ଓ ଶୁଦ୍ଧତା ସୌନ୍ଦର୍ଯ୍ୟଚିତ୍ରଣର ପ୍ରଧାନ ଭିତ୍ତିଭୂମି । କଳାବିତ୍ ଏହାରି ଉପରେ ତାର ଅଙ୍କନର ବାସ୍ତବତା ଦେଖାଇବାକୁ ସମର୍ଥ ହୁଏ ।

କଳାର ଉନ୍ନତ ସ୍ତରରେ ସୌନ୍ଦର୍ଯ୍ୟର ସ୍ପର୍ଶଟି ବଡ଼ ସ୍ପଷ୍ଟ ଓ କୋମଳ ହୋଇ ରହେ । ପ୍ରଣୟର ପବିତ୍ର ଚିତ୍ରଣ ପାଇଁ ଏହା ପ୍ରଶସ୍ତ । ଜୀବନର ସରସତା ମଧୁର ପ୍ରଣୟକୁ ଛାଡ଼ିଦେଲେ ଅନ୍ୟ କୌଣସି ଅବଲମ୍ବନରେ ଏପରି ଜଣାପଡ଼େ ନାହିଁ । ସୌନ୍ଦର୍ଯ୍ୟର ତୀବ୍ର ଅନୁଭୂତିରେ କ୍ଷିପ୍ତ ଯୌବନର ଉଦ୍ଦାମ ପ୍ରେରଣା ଜୀବନକୁ ଚଞ୍ଚଳ କରି ଦେଲାବେଳେ ପ୍ରଣୟ ଆସି ବାଧା ଦିଏ । ପ୍ରଣୟର ବାଧାଟା ଗୋଟାଏ ଆଡ଼ୁ ଆସେ ନାହିଁ । ଯେଉଁଠି ଦୁଇଟି ଭାବପ୍ରବାହ ଥରେ ଉଚ୍ଛ୍ୱସିତ ହୋଇ ମିଶିଯିବାବେଳେ ଆଉ ଗୋଟିଏ ଭାବର ପ୍ଲାବନ ଆସି ସେହି ସଙ୍ଗମରେ ଆଘାତ ଦେଇ ଚାଲିଯାଏ, ସେଇଠି ଜୀବନର ସରଳଗତି ବ୍ୟବଧାନପୁଷ୍ଟ ବକ୍ରତାକୁ ଅନୁସରଣ କରେ । ଏହି ବ୍ୟବଧାନ ଉପରେ ଜୀବନର ବାସ୍ତବତା ଅନେକ ସମୟରେ ନିରୂପିତ ହୋଇଯାଏ । ସୌନ୍ଦର୍ଯ୍ୟର ଅନୁଭୂତିରେ ଜୀବନର ଗତି ନିୟନ୍ତ୍ରଣ କଲାବେଳେ ବ୍ୟବଧାନ ଗୋଟାଏ ଅସାଧାରଣ ଆବରଣ ତଳେ ଆସେ । ଜୀବନର ସୌନ୍ଦର୍ଯ୍ୟସ୍ରୋତ ଉଚ୍ଛ୍ୱସିତ ହୋଇ ଶାନ୍ତ ଅବସ୍ଥାକୁ ଆସିଲାବେଳେ ଯଦି ଆଉ ଗୋଟାଏ ସୌନ୍ଦର୍ଯ୍ୟର ଢେଉ ଆସି ଖେଳିଯାଏ, ତାହା ହେଲେ ଜୀବନରି ଗତିଟା ସାଧାରଣ ସୀମାକୁ ଅତିକ୍ରମ କରି ଚାଲିଯାଏ—ରଖିଦେଇଯାଏ ଗୋଟାଏ ପ୍ରକାଣ୍ଡ ଅଭିବ୍ୟକ୍ତିର ବ୍ୟବଧାନ । ଏହି ବ୍ୟବଧାନକୁ କାଳ ନ ପାରି କେତେ ସୁଖର ଜୀବନ ମଉଳିଯାଏ । ଐଶ୍ୱର୍ଯ୍ୟର ମୋହ ସୁଦ୍ଧା ଏହାକୁ ଲୋପ କରିପାରେ ନାହିଁ । ଜୀବନର ଅଭିବ୍ୟକ୍ତି ପାଇଁ ସାଂସାରିକ ଆୟୁଃକାଳ ଅତି ଅଳ୍ପ; କିନ୍ତୁ ସୌନ୍ଦର୍ଯ୍ୟ ସଂସ୍ପର୍ଶରେ କଳାର ବିଶାଳତା ଦେଖିଲେ କାଳର ଅଳ୍ପତା ଘୁଞ୍ଚିଯାଏ; ରହିଯାଏ କେବଳ ସୌନ୍ଦର୍ଯ୍ୟର ଏକ ଅପୂର୍ବ ଚିତ୍ର । କଳାର ଅମୂଲ୍ୟସମ୍ପଦ ପ୍ରଣୟର ପ୍ରତ୍ୟାବାୟରେ ଚିରଦିନ ବିଭବଶାଳୀ ହୋଇ ରହେ ।

ସତ୍ୟ ସୌନ୍ଦର୍ଯ୍ୟର ସତ୍ତାକୁ ସବୁବେଳେ ପ୍ରମାଣ କରେ । କଳା ସେହି ପ୍ରମାଣମାନଙ୍କୁ ଲିପିବଦ୍ଧ କରେ । କଳାର ସ୍ଥାୟିତ୍ୱ ସୌନ୍ଦର୍ଯ୍ୟର ପ୍ରକୃତ ବିକାଶ ଉପରେ ନିର୍ଭର କରେ । ଜୀବନର ଗତି ଯେଉଁଠି ସଙ୍କୁଚିତ, ସୌନ୍ଦର୍ଯ୍ୟର ବିକାଶ ସେଇଠି କ୍ଷୀଣ । ସାଂସାରିକ ଜଟିଳ ଜୀବନର ଧାରାବାହିକ ଗତିରେ ଯେ ବକ୍ରତା ଦେଖାଯାଏ, ତାହାର

ସୌନ୍ଦର୍ଯ୍ୟ ସଙ୍ଗେ କୌଣସି ସମ୍ପର୍କ ରହେ ନାହିଁ । ସୌନ୍ଦର୍ଯ୍ୟବୋଧ ନ ଆଣି ଜୀବନକୁ କଳାବେଷ୍ଟନୀରେ ଆବଦ୍ଧ ରଖିବାଦ୍ୱାରା ଗୋଟିଏ ଗଡ୍‌ଡ଼ଳିକାପ୍ରବାହର ଉତ୍ପତ୍ତି ଘଟେ । ଏହି ପ୍ରବାହରେ ସତ୍ୟର ସନ୍ଧାନ ସହଜ ହୁଏ ନାହିଁ । ବଂଶ, ଜାତି, ଦେଶ ଓ କଳାଗତ ପାର୍ଥକ୍ୟ କଳାକୁ ଭିନ୍ନ ଭିନ୍ନ ରୂପ ଦାନ କଲେ ସୁଦ୍ଧା ସୌନ୍ଦର୍ଯ୍ୟର ଚିହ୍ନଣ ଚିର ନୂତନ ହୋଇ ରହିବ । ପୁରାଣବର୍ଣ୍ଣିତ ଶ୍ୱେତପଦ୍ମାସୀନା ଲକ୍ଷ୍ମୀ, ତପୋନିରତା ଗିରିରାଜନନ୍ଦିନୀ ପାର୍ବତୀ ଓ ଜ୍ଞାନଭକ୍ତିଦାୟିନୀ ସରସ୍ୱତୀ ସୌନ୍ଦର୍ଯ୍ୟର ବିଶିଷ୍ଟ ରୂପକ ହୋଇ କଳାକୁ ଅତି ସାଧାରଣ ଭାବରେ ମୂର୍ତ୍ତିମତୀ କରିଦେଇଛନ୍ତି । ଐଶ୍ୱର୍ଯ୍ୟର ଅଧୀଶ୍ୱରୀ ଦେବୀ ପଦ୍ମାସୀନା ଅନାସକ୍ତ ସୌନ୍ଦର୍ଯ୍ୟ-ଭୋଗର ପ୍ରତୀକ ରୂପେ ଜୀବନର ଯେଉଁ ଉନ୍ନତ ସୋପାନ ଖୋଲିଦେଇଛନ୍ତି, ତାକୁ ପାର୍ବତୀଙ୍କର କଠୋର ତପଶ୍ଚର୍ଯ୍ୟା ତ୍ୟାଗର ଚରମ ନିଷ୍ଠାରେ ଆହୁରି ସମୁଜ୍ଜ୍ୱଳ କରିଦେଇଛି । ଏକ ପକ୍ଷରେ ଅନାସକ୍ତ ଭୋଗର ଚରମ ସୀମା ଏବଂ ଅନ୍ୟ ପକ୍ଷରେ ତ୍ୟାଗର ସତ୍ୟ ଓ ସୌନ୍ଦର୍ଯ୍ୟର ଅମର ବିକାଶ ବୀଣାପାଣିଙ୍କ ବିପଞ୍ଚୀରେ ଯେଉଁ ଯେଉଁ ଅମୃତ ରାଗିଣୀ ତୋଳି ଦେଇଯାଇଛି, ତାକୁ କଳା କଦାପି ବିସ୍ମୃତ ହେବ ନାହିଁ । କଳାବିତ୍‌ର ସାଧନା ସୌନ୍ଦର୍ଯ୍ୟ ଅବଲମ୍ବନରେ ଯେତେବେଳେ ପବିତ୍ରତା ଆଡ଼କୁ ଗତିକରେ, ସେତେ-ବେଳେ ଏହି ତ୍ରିମୂର୍ତ୍ତିଙ୍କର ମହୀୟସୀ ଶକ୍ତି ତା ଅନ୍ତରରେ ଜାଗ୍ରତ ହୋଇଉଠେ । କଳାର କୋମଳ ସ୍ତରରୁ ସତ୍ୟ ଓ ସୌନ୍ଦର୍ଯ୍ୟର ସମନ୍ୱୟ ଜୀବନ୍ତ ବିଗ୍ରହରୂପେ ତାକୁ ଅଗ୍ରସର ହେବାକୁ ଇଙ୍ଗିତ ଦିଏ । କଳାର ବାସ୍ତବତା ଆସି ସୌନ୍ଦର୍ଯ୍ୟର ଅସୀମତାରେ ଗୋଟିଏ ଚିରନୂତନ ମୁକ୍ତଭାବ ଖେଳାଇ ଦେଇ ଅତୀତ ଓ ବର୍ତ୍ତମାନର ଦୂରତ୍ୱକୁ ଲଭାଇଦିଏ ।

ସୌନ୍ଦର୍ଯ୍ୟର ଆତ୍ମା ଏକ । କଳା-ବିଭ୍ରାଟ ଅନେକ ସମୟରେ ସତ୍ୟର ଅପଳାପ ଘଟାଇ ଏହି ଆତ୍ମାକୁ ବଡ଼ ଅସ୍ପଷ୍ଟ କରିଦିଏ । ଯୁଗ-ଯୁଗବ୍ୟାପୀ ଗୋଟାଏ କାଳିମା ଜୀବନର ଗତିକୁ ଢାଙ୍କିରଖେ । ସୌନ୍ଦର୍ଯ୍ୟ-ବୋଧ ସଙ୍ଗେ ସତ୍ୟର ବିଳୟ ଘଟିଲେ ଜୀବନର ନିକୃଷ୍ଟ ସୋପାନଟା ପଡ଼ିରହେ । ଏପରି ପରିସ୍ଥିତିରେ ଜାତୀୟ ଜୀବନର ଉତ୍କର୍ଷ ମଧ୍ୟ କଳା ସାହାଯ୍ୟରେ ସାଧିତ ହୋଇପାରେ ନାହିଁ । ଚିରଦିନ ଜାତୀୟ ଜୀବନର ଗତି ବୃଥାରେ ବନ୍ଦିଯାଏ ନାହିଁ । ବାଧାଗ୍ରସ୍ତ ସ୍ରୋତସ୍ୱିନୀର ଉତ୍ତୁଙ୍ଗ ଆକାର ପରି ଏପରି ଗୋଟାଏ ଉଚ୍ଛ୍ୱାସ ଆସେ, ଯାହା ସବୁ କୃତ୍ରିମ ବାଧା ଏଡ଼ିଦେଇ ପୁଣି ସତ୍ୟ ଓ ସୌନ୍ଦର୍ଯ୍ୟର ବିକାଶକୁ ସ୍ପଷ୍ଟ କରିଦିଏ । ଜାତି ଜାଗ୍ରତ ହୁଏ, ଅତୀତର କଳା ସୌନ୍ଦର୍ଯ୍ୟକୁ ଅବଲମ୍ବନ କରି ନୂତନ କଳା ସୃଷ୍ଟି କରେ । ସତ୍ୟର ଭିତ୍ତି-ଭୂମିରେ ପ୍ରତିଷ୍ଠିତ କଳା ସୌନ୍ଦର୍ଯ୍ୟର ଆକୃତିକୁ ଚିରଦିନପାଇଁ ସମ୍ପାଦିତ ରଖିଥାଏ ଓ ସହସ୍ର ବାଧା ଆସିଲେ ସୁଦ୍ଧା ତାହା ପୁଣି ଦୀପ୍ତି ପ୍ରକାଶ କରେ ।

ସୌନ୍ଦର୍ଯ୍ୟ ଓ କଳାର ଭିନ୍ନତା ଲୋପ ହୋଇଗଲେ ଜୀବନର ବିରାଟ ଛନ୍ଦରେ କୌଣସି ବେସୁରା ରାଗିଣୀ ବାଜେନାହିଁ । ଜୀବନର କଳାକୁ ଜୀବ ଭଲଭାବରେ

ଉପଲବ୍ଧି କରିପାରୁଥିଲେ ଜଗତରେ ଏତେ ଉପଦ୍ରବ ଘଟନ୍ତା ନାହିଁ । ଜୀବନର "ଆର୍ଟ"କୁ ଯେ ଯେତେ ପରିମାଣରେ ଆନନ୍ଦ ଅନୁଭବ କରିବାପାଇଁ ସୌନ୍ଦର୍ଯ୍ୟ ଆହରଣରେ ଦିଏ, ତାର ଗତି ସେତେ ଉନ୍ନତ ରହେ । ସୌନ୍ଦର୍ଯ୍ୟର ଉପଭୋଗରେ କଳାର ବିକାଶ ଦେଖାଇବାକୁ ଯାଇ କଳାବିତ୍ ନିଜର ଦୁର୍ବଳତା ରଖେ ନାହିଁ । ଜୀବନରେ ସୌନ୍ଦର୍ଯ୍ୟର ଅନୁଭୂତି ପାଇଁ କଳାର ଯେତେଗୁଡ଼ିଏ ମାର୍ଗ ନିର୍ମିତ ଅଛି, ସେଥିମଧ୍ୟରେ ପ୍ରେମର ଚିହ୍ନଣଟା ସବୁଠାରୁ ସୁନ୍ଦର, ସରଳ ଓ ମର୍ମସ୍ପର୍ଶୀ ବୋଧହୁଏ । ଅବଶ୍ୟ ପ୍ରେମର ବ୍ୟାପକତା ପରେ ଜ୍ଞାନ ଓ ଭକ୍ତିର ପୃଥକତ୍ୱ ରହି ନ ପାରେ; କିନ୍ତୁ କଳାକୁ ଏକ-ଦେଶଦର୍ଶୀ କରିବାଦ୍ୱାରା ସୌନ୍ଦର୍ଯ୍ୟର ପୂର୍ଣ୍ଣତା ଆସେ ନାହିଁ । ଯେ କଳା ଦେଶ ଓ କାଳକୁ ଅତିକ୍ରମ କରି ନ ପାରେ, ତାର ସ୍ଥାୟିତ୍ୱ ସଂସାରରେ ବେଶି ଦିନ ରହେ ନାହିଁ । ପ୍ରେମରେ ସୌନ୍ଦର୍ଯ୍ୟ ଓ କଳାର ଦ୍ୱୈତ-ଭାବ ରହେ ନାହିଁ । ସୌନ୍ଦର୍ଯ୍ୟ ଓ କଳାକୁ ପ୍ରେମର ଅମୃତ ଝଙ୍କାର ଏକ କରିଦିଏ । ଏହାର ପବିତ୍ର ଉଚ୍ଛ୍ୱାସରେ ଜୀବନର ଜଟିଳ ବାଧାସବୁ ସରଳ ହୋଇଯାଏ ।

ସୌନ୍ଦର୍ଯ୍ୟ ଓ କଳା ଜୀବନର ବାସ୍ତବ ବିକାଶ ଦେଖାଏ । ଏ ଦୁହିଁଙ୍କୁ ଉପେକ୍ଷା କଲେ ଜୀବନରେ ଅଗ୍ରଗତିର ସୂଚନା ମିଳେ ନାହିଁ । ଜୀବନର ଚରମ ପରିଣତି ଆତ୍ମାନୁଭୂତି । କଳାର ବେଷ୍ଟନୀ ଭିତରୁ ସୌନ୍ଦର୍ଯ୍ୟର ଚିହ୍ନଣ ଯେତେବେଳେ ଏକ ଅନାମୟ ଅସୀମତା ଆଡ଼କୁ ଚାଲିଯାଏ ଓ ଜୀବନର ମୁକ୍ତତା ତାହାର ସଙ୍ଗେ ଖୋଲିଦିଏ, ସେତେବେଳେ କଳାର ସାର୍ଥକତା ଆସେ । ଧର୍ମ, ବିଜ୍ଞାନ, ସାହିତ୍ୟ ପ୍ରଭୃତି ବିଶିଷ୍ଟ କଳାଗୁଡ଼ିକ ମାନବଜାତିର ସଭ୍ୟତାକୁ ଆଦିମ ଯୁଗରୁ ନିୟନ୍ତ୍ରିତ କରିଆସିଲାଣି । ଜୀବନର ବିକାଶ ବିଶ୍ୱ-ପ୍ରକୃତି ସହିତ ସଂଶ୍ଳିଷ୍ଟ ଥିବାରୁ ସୌନ୍ଦର୍ଯ୍ୟ-ଚିହ୍ନଣରେ କଳାର ଉତ୍କର୍ଷ ମାନବପ୍ରାଣକୁ ଚିରଦିନ ଆକର୍ଷଣ କରି ରଖେ । ଜୀବନରୁ ସୌନ୍ଦର୍ଯ୍ୟ ଓ କଳାକୁ ବାଦ ଦେଲେ ଆତ୍ମ-ବିକାଶର ପଥ ରୁଦ୍ଧ ହୋଇ ଗୋଟାଏ ଶୁଷ୍କତାର ଅନ୍ତରାଳରେ ତାର ଗତି ମିଶିଯାଏ । ଜୀବନ ଶୂନ୍ୟତାରୁ ଆସି ସେହି ଶୂନ୍ୟତା ରଖି ଚାଲିଯାଏ; ବାସ୍ତବତାର ଅନୁଭୂତି ସୁଦ୍ଧା ମିଳେ ନାହିଁ । *

---

* ସହକାର—୧୮ଶ ଭାଗ, ୧୦ମ ସଂଖ୍ୟା

# ଧର୍ମ ଓ ସାହିତ୍ୟ

● ଭଗବାନ ପତି

ସଭ୍ୟତାର ଦରବାରରେ ସାହିତ୍ୟର ସିଂହାସନ ଅତି ଉଚ୍ଚରେ । ମାନବ ଜୀବନର ସକଳ ସୁଖଦୁଃଖ, ସକଳ ହର୍ଷବିଷାଦ, ସକଳ ଉତ୍ଥାନପତନ ତାର ସାହିତ୍ୟ ଭିତରେ କାଳ କାଳକୁ ଆତ୍ମପ୍ରକାଶ କରି ସାରା ସୃଷ୍ଟିରେ ମାନବର ଶ୍ରେଷ୍ଠତା ପ୍ରତିପାଦନ କରେ । ଏଇଥିପାଇଁ କୁହାଯାଇଥାଏ ଯେ, ସାହିତ୍ୟ ମାନବଜୀବନର ପ୍ରତିବିମ୍ବ । ଦର୍ପଣରେ ଛାୟା ପରି ସାହିତ୍ୟରେ ଜୀବନର ପ୍ରତିଛବି ଫୁଟିଉଠିଥାଏ । ପାଶ୍ଚାତ୍ୟ ଖଣ୍ଡର ପ୍ରବୀଣ ସାହିତ୍ୟିକ ଆର୍‌ନଲ୍‌ଡ (Mr. Arnold) ଥରେ କହିଥିଲେ "Literature is nothing but a criticism of life." ପ୍ରକୃତରେ ଏ ଉକ୍ତିଟି ଗୋଟିଏ ନିରାଟ ସତ୍ୟ । ଜୀବନ ସଙ୍ଗେ ସାହିତ୍ୟର ଘନିଷ୍ଠତା ଏତେ ଅଧିକ ଯେ, ତାକୁ ଜୀବନର ଗୋଟାଏ ପ୍ରକାର ସମାଲୋଚନା ବୋଲି କହିବାର ଲୋଭ ସେ ଏଡ଼ାଇ ପାରିନାହାନ୍ତି । ଦେଶଭେଦରେ, ଜାତିଭେଦରେ ଓ କାଳଭେଦରେ ଏହି ସାହିତ୍ୟ ଭିତରେ ଅବଶ୍ୟ ନାନା ପାର୍ଥକ୍ୟ ପରିଲକ୍ଷିତ ହୁଏ ସତ୍ୟ; ତଥାପି କୌଣସିଠାରେ ଜୀବନଠାରୁ ତାର ସମ୍ପର୍କ ଦୂରତର ହୋଇନାହିଁ । ପାର୍ଥକ୍ୟର ସେ ପରିଖା ଜୀବନଠାରୁ ସାହିତ୍ୟକୁ ସମ୍ପର୍କଶୂନ୍ୟ କରିବା ତ ଦୂରର କଥା, ପରନ୍ତୁ ଜୀବନର ଯାହା ସାର ସତ୍ୟ, ତାରି ଲୀଳା ବିଳାସ ଦିନକୁ ଦିନ ସାହିତ୍ୟ ଭିତରେ ସ୍ପଷ୍ଟତର ହୋଇଉଠୁଛି । ସଭ୍ୟତାର ରାଜପଥରେ ମାନବ ଯେତିକି ଅଗ୍ରସର ହେଉଛି, ତାର ସାହିତ୍ୟରେ ଜୀବନ ସେତିକି ଉଜ୍ଜ୍ୱଳତର ହେଉଛି । ସେଥିପାଇଁ ଆମ୍ଭେମାନେ ଯେତେବେଳେ ଦେଶ, କାଳ କିମ୍ବା ଜାତିର ସାହିତ୍ୟାଲୋଚନାରେ ପ୍ରବୃତ୍ତ ହେଉ, ସେତେବେଳେ ଦୂରତାର ଶତ ଦୁର୍ଲଙ୍ଘ୍ୟ ହିମାଳୟ ଆମକୁ ବାଧା ଦେଇପାରେନା, ବିଭିନ୍ନତାର ଶତ ଆଟଲାଣ୍ଟିକ ପ୍ରତି ଆମେ ଭ୍ରୂକ୍ଷେପ କରୁନା । ପରନ୍ତୁ ପାର୍ଥକ୍ୟର ଶତ ଗଭୀର ପରିଖା ଲଙ୍ଘନ କରି ଆମ୍ଭେମାନେ ସେହି ଦେଶ, କାଳ କିମ୍ବା ଜାତିର ଅତି ନିକଟରେ ଆପଣାକୁ ଦେଖୁ ଏବଂ ସକଳ ପ୍ରକାର ଭେଦରେ ଜଳାଞ୍ଜଳି ପ୍ରଦାନ କରି ଆପଣାକୁ ସେହି ସବୁ ଦେଶ, କାଳ କିମ୍ବା ଅତି ଅନ୍ତରଙ୍ଗ ଜାତିର ବନ୍ଧୁ ବୋଲି ଅନୁଭବ କରୁ ।

ସାହିତ୍ୟ ଏହିରୂପେ ମାନବଜୀବନର ଏକ ସମାଲୋଚନା ହେଲେ ହେଁ ଏହାର ଚିରନୂତନ, ନୂତନତାର ମାଧ୍ୟମରେ ସେହି ଅତି ଜଣାଶୁଣା ଚିରପରିଚିତ ଆମ ନିକଟରେ ନିତ୍ୟ ନୂତନ ବେଶରେ ମୁହଁ ଦେଖାଏ । ସୁତରାଂ ଏକ-ଦେଶ-ଦର୍ଶିତାର ଗ୍ଲାନିରେ ବା ଗୋଟାଏ କଥାର ପୁନରାବୃତ୍ତିରେ ଏହା ଆମର କ୍ଲାନ୍ତି ବା ଅବସାଦ ଆନୟନ କରେ ନାହିଁ । କବି ବା ଭାବୁକ ମାନବଜୀବନକୁ ଯେଉଁ ଦୃଷ୍ଟିରେ ଦେଖନ୍ତି, ସେହି ଦୃଷ୍ଟିରେ ତାର ଆଲୋଚନା ବା ବ୍ୟାଖ୍ୟା କରନ୍ତି । ଏହି ଆଲୋଚନା ବା ବ୍ୟାଖ୍ୟାରେ ଯେଉଁ କବି ବା ଭାବୁକ ଯେତେ ସ୍ୱାଧୀନତାର, ମୌଳିକତାର ପରାକାଷ୍ଠା ପ୍ରଦର୍ଶନ କରନ୍ତି, ସେ କବି ବା ଭାବୁକ ଆମ୍ଭ ନିକଟରେ ସେତେ ପ୍ରିୟ ବା ପୂଜ୍ୟ । ତେଣୁ ବାଧା ବନ୍ଧନର ବିଭୀଷିକା କେବେହେଲେ ସାହିତ୍ୟିକକୁ ବିଚଳିତ କରିପାରେ ନାହିଁ । ସେ ବିଭୀଷିକାର କୁମ୍ଭୀପାକରେ ସାହିତ୍ୟିକ ଥରେ ପତିତ ହୁଏ, ତେବେ ସେହିଠାରେ ହିଁ ତାର ସାହିତ୍ୟିକ ଜୀବନର ସମାଧି କହିଲେ କୌଣସି ଅତ୍ୟୁକ୍ତି ହେବ ନାହିଁ । ତେଣୁ ସାହିତ୍ୟର ଆଲୋଚନାବେଳେ ସାହିତ୍ୟିକର ମୌଳିକତାକୁ ସେଥିରୁ ବାଛି ଗ୍ରହଣ କରିବା ଆମ୍ଭମାନଙ୍କର ସର୍ବାଦୌ କର୍ତ୍ତବ୍ୟ । ଆପଣାର ମୌଳିକତା ଭିତରେ କବି, ଭାବୁକ ପାଠକ ନିକଟରେ ଧରାଦେଇଥାନ୍ତି । ତେଣୁ ଲେଖକକୁ ତା ଭିତରୁ ଧରି ନପାରିଲେ ସାହିତ୍ୟର ପ୍ରକୃତ ଅବବୋଧରେ ଅନେକ ସମୟରେ ବାଧା ଉପସ୍ଥିତ ହୁଏ ।

ଚିତ୍ରକର ଯେପରି ତୂଳିକା ଓ ରଙ୍ଗ ସାହାଯ୍ୟରେ ଆମ୍ଭମାନଙ୍କ ଆଗରେ କୌଣସି ଏକ ପଦାର୍ଥର ଛବି ଉପସ୍ଥାପିତ କରେ, କବି ବା ଲେଖକ ସେହିପରି କାଗଜ କଲମ ସାହାଯ୍ୟରେ ଅନ୍ୟ ଏକ ଆକାରରେ ତାର ଛବି ଉପସ୍ଥାପିତ କରନ୍ତି । ଏହା ବୋଲି କବି ବା ଲେଖକ ମାନେ ସମସ୍ତଙ୍କ ଲେଖା ଯେ ଏକ ହେବ, ଏହା କଦାପି ସମ୍ଭବପର ନୁହେଁ । କାରଣ ମନୁଷ୍ୟମାନେ ପ୍ରତ୍ୟେକର ଚିନ୍ତାଧାରା, ଭାବନାଶୈଳୀ ଏବଂ ରୁଚିସୌଷ୍ଠବ ପ୍ରତ୍ୟେକଠାରୁ ଅନେକାଂଶରେ ପୃଥକ୍ । ସାହିତ୍ୟିକକୁ ଅଭିଜ୍ଞ ତ ଫଟୋଗ୍ରାଫର ବୋଲି ମନେ କରାଯାଇ ନ ପାରେ । ଜଣକର ଭାବନା ଅନ୍ୟ ଜଣକ ସହିତ ସର୍ବତୋଭାବେ ମିଳିଯିବ ବା କିପରି ? ଗୋଟାଏ ଦୃଷ୍ଟାନ୍ତର ସହାୟତାରେ କଥାଟାକୁ ଟିକିଏ ସ୍ପଷ୍ଟତର କରାଯାଇପାରେ । ମନେକର, କୌଣସି ଏକ ପ୍ରାକୃତିକ ଦୃଶ୍ୟକୁ କେତେଜଣ ଚିତ୍ରକର ବା ଫଟୋଗ୍ରାଫର ଏକ ସ୍ଥାନରେ ଥାଇ ଅଙ୍କନ କଲେ । ସେହି ଅଙ୍କିତ ଚିତ୍ରଗୁଡ଼ିକୁ ଫଟୋଗ୍ରାଫ ସହିତ ତୁଳନା କଲେ ଆମ୍ଭେମାନେ ସ୍ପଷ୍ଟ ଦେଖିପାରିବା ଯେ, ସବୁ ଫଟୋଗ୍ରାଫଗୁଡ଼ିକ ଏକାପରି, କିନ୍ତୁ ହସ୍ତାଙ୍କିତ ଚିତ୍ରଗୁଡ଼ିକ କେହି କାହାସଙ୍ଗେ ମିଳୁନାହିଁ । ଚିତ୍ରକର-ମାନେ ସୁଦକ୍ଷ ଓ ଅଭିଜ୍ଞ ହୋଇଥିଲେ ପ୍ରତ୍ୟେକର ଅଙ୍କିତ ଚିତ୍ର ଯେମିତି ସୁନ୍ଦର; ସେମିତି ପ୍ରକୃତ ପଦାର୍ଥର ଅବିକଳ ପ୍ରତିଛବି ପରି ପ୍ରତୀୟମାନ ହେବ ସତ୍ୟ; ତଥାପି

ଫଟୋଗ୍ରାଫ ଭଳି କେହି କାହା ସହିତ ସର୍ବତୋଭାବେ ମିଳିଯିବେ ନାହିଁ । ଅତି ସୂକ୍ଷ୍ମଭାବରେ ପର୍ଯ୍ୟବେକ୍ଷଣ କଲେ ଜଣାଯିବ ଯେ, ପ୍ରତ୍ୟେକ ଚିତ୍ରରେ ଏପରି କିଛି ମୌଳିକତା, ଏପରି କିଛି ନୂତନତା ଓ ସୌନ୍ଦର୍ଯ୍ୟ ନିହିତ ଅଛି ଯେ, ଯାହାଯୋଗୁଁ ସେହି ଛବିଗୁଡ଼ିକ ଭିତରେ କି ଏକ ଅପ୍ରକାଶ୍ୟ ପାର୍ଥକ୍ୟ ମୁଣ୍ଡଟେକି ଉଠୁଛି । ଚିତ୍ରଟି ଯଦି ଆକାଶର ହୋଇଥାଏ, ତେବେ ନିଶ୍ଚୟ ତାହା ଆକାଶ ପରି ସୁନ୍ଦର; ଆକାଶପରି ଚିତ୍ତାକର୍ଷକ ହୋଇଥିବ, କିନ୍ତୁ ଏ ସମସ୍ତ ଛଡ଼ା ସେଥିରେ ଏମିତି କିଛି ଆଉ ଅଧିକା ଥିବ, ଯାହା ପ୍ରକୃତ ଆକାଶରେ ସୁଦ୍ଧା ଦେଖିବାକୁ ବିରଳ । ଅଧିକାଟିକ ହେଲା ଚିତ୍ରକରର ବାହାଦୁରି । ତା କଳ୍ପନାର ପରାକାଷ୍ଠା, ତା ରଙ୍ଗବିନ୍ୟାସର କୁହୁକ, ତା ମୌଳିକତାର ଛଟା ଚିତ୍ରଟିର ସ୍ତରେ ସ୍ତରେ ନୂତନତାର କି ଏକ ଅଞ୍ଜନ ବୋଳି ଦେଇଥାଏ । ସାହିତ୍ୟରେ ଠିକ୍ ଏହିପରି କବି ବା ଲେଖକ ତାର କଳ୍ପନାରୁ ଏମିତି କିଛି ନୂତନତାର ମାୟା ବାହାର କରେ, ସାଧାରଣ ବିଷୟବସ୍ତୁର ବର୍ଣ୍ଣନାରେ ଯାହାର ପରଶ କାଉଁରି କାଠିପରି କେବଳ କୁହୁକ ପରେ କୁହୁକର ଛାୟା ସୃଷ୍ଟି କରି ଅତି ତୁଚ୍ଛ ନୀରସ କଥାଟାକୁ ସୁଦ୍ଧା ସରସ ଏବଂ ଚିତ୍ତାକର୍ଷକ ରୂପେ ସାଧାରଣଙ୍କ ଆଗରେ ଉପସ୍ଥାପିତ କରେ ।

ଗୋଟିଏ ଉଦାହରଣ ଦେଇ କଥାଟାକୁ ଟିକିଏ ସ୍ପଷ୍ଟ କରିବାକୁ ଚେଷ୍ଟା ଏଠାରେ ବୋଧହୁଏ ଅପ୍ରାସଙ୍ଗିକ ହେବ ନାହିଁ । ବନସ୍ତ ଭିତରେ ଦିନର ଆଲୁଅ ପଡ଼ିଥିବା ଦୃଶ୍ୟ ସମସ୍ତେ ବୋଧହୁଏ ଅନୁଭବରେ ଆଣିପାରିବେ । କିନ୍ତୁ କବି ଛଡ଼ା କେହି କି କେବେ କଳ୍ପନା କରେ—

"ସେ ଆଲୋକ ପଶି ଗହନ ବନେ
ତରୁ ଲତା ସଙ୍ଗେ ଖେଳେ ଗୋପନେ ।"

ଦିନର ଆଲୁଅ । ସାଧାରଣ ବସ୍ତୁବୁଦ୍ଧିରେ ତାର ବା ଜୀବନ ଆସିଲା କୁଆଡ଼ୁ ? ସେ ପୁଣି ତରୁଲତା ସଙ୍ଗେ ଗୋପନରେ ଖେଳିବ ବା କିପରି ? ଯେମିତି ଅସମ୍ଭବ; ସେମିତି ଅସଙ୍ଗତ ନୁହେଁ କି ଏ କଥା ? କିନ୍ତୁ ଏ କଥା ସମସ୍ତେ ସ୍ୱୀକାର କରିବେ ଯେ, ସୂର୍ଯ୍ୟକିରଣ ଗଛଲତାର ଫାଙ୍କବାଟେ ଯେତେବେଳେ ତଳେ ପଡ଼ି ଛାୟା ଓ ଆଲୋକରେ ବନଭୂଇଁକି ଝଲମଲିତ କରିଦେଇଥାଏ, ସେତେବେଳେ ବାୟୁର ମୃଦୁ ହିଲ୍ଲୋଳରେ ସେହି ସବୁ ଗଛଲତା ଦୋହଲି ଗଲେ ଭୂଇଁତଳର ଖରା ମଧ୍ୟ ତଦନୁସାରେ ଘୁଞ୍ଚିଯାଏ । ଏହା ଆମ୍ଭମାନଙ୍କ ମଧ୍ୟରୁ ପ୍ରାୟ ସମସ୍ତେ ପ୍ରତ୍ୟକ୍ଷ କରିଥିବେ; ତେଣୁ ସହଜେ ଅନୁଭବରେ ଆଣିପାରିବେ । କିନ୍ତୁ ସୂର୍ଯ୍ୟକିରଣ ଆସି ବନଭୂମିରେ ତରୁଲତାଙ୍କ ସହିତ ଲୁଚକାଳି ଖେଳୁଛି ଏ କଳ୍ପନା ସହଜେ କାହାର ମନକୁ ସ୍ପର୍ଶ

କରେ ନାହିଁ । ମାତ୍ର କବିକଣ୍ଠରୁ ଯେତେବେଳେ ଉଠେ—'ସେ ଆଲୋକ ପଶି ଗହନ ବନେ, ତରୁଲତା ସଙ୍ଗେ ଖେଳେ ଗୋପନେ' ସେତେବେଳେ ସମସ୍ତେ କହିଉଠନ୍ତି, "ହଁ ଠିକ୍ କଥା ! କବି ଠିକ୍ ଗାଇଲେ, ଠିକ୍ କହିଲେ ।" କିନ୍ତୁ କବି ଯେ ଭିତରେ ସତକୁ ଲୁଚାଇ ବାହାରେ ଗୋଟାଏ ମିଛର ଢାଙ୍କୁଣି ଦେଇ ମିଛ କଥାଟାଏ କହିଲେ, ଏ କଥା ସେତେବେଳେ କେହି ଜଣେ ହେଲେ ମନକୁ ଆଣେ ନାହିଁ । ପରନ୍ତୁ ତାଙ୍କ ଗାନର ସତ୍ୟତା, ମାଧୁର୍ଯ୍ୟ, ସୌନ୍ଦର୍ଯ୍ୟ ଏବଂ ପ୍ରକାଶର ଅଭିନବ ଭଙ୍ଗୀ ଦେଖି ଏତେ ମୁଗ୍ଧ ଚକିତ ହୋଇ ଯା'ନ୍ତି ଯେ, ଆନନ୍ଦରେ ଆତ୍ମହରା ହୋଇ କହିଉଠନ୍ତି—"ସାବାସ କବି ! ସାବାସ । ଆମ୍ଭେମାନେ ପ୍ରକୃତ କଥାକୁ ରସାଣିତ ଭାଷାରେ ଏପରି ରୂପ ଦେଇପାରି ନ ଥିଲୁ ।"

କଥାଟାକୁ ବାହାରଆଡ଼ୁ ଦେଖି ବିଚାର କଲେ ସ୍ପଷ୍ଟ ଜଣାପଡ଼େ ଯେ, କବି ଯାହା କହୁଛନ୍ତି; ତାହା ଏକାବେଳେକେ କଞ୍ଚା ମିଛ; କିନ୍ତୁ ସେ ସତ୍ୟସନ୍ଧାନୀ; ଯାହାର ଗୁପ୍ତ ଟିକିଏ ଚକ୍ଷୁରକୁ ସେ କହିବ—"ହେଁ; ମିଛ ହିଁ, କିନ୍ତୁ ଏହାରି ଭିତରେ ଯେ ଗୋଟାଏ ମସ୍ତବଡ଼ ଜ୍ୱଳନ୍ତ ସତ୍ୟ ଲୁକ୍କାୟିତ ହୋଇଅଛି, ତାହା ତ ପାସୋରି ଦେଲେ ଚଳିବ ନାହିଁ ! କଳାର କୁହୁକ ଭେଦ କଲେ ଆମେ ଯାଇଁ ସେ ସତ୍ୟ ସନ୍ଧାନ ପାଇ ପାରିବା ।" ଆଲୋକ ସଙ୍ଗେ ଅନ୍ଧକାରର, ସତ୍ୟ ସଙ୍ଗେ ମିଥ୍ୟାର ଏପରି ଅପୂର୍ବ ସମନ୍ୱୟରେ ହିଁ ସାହିତ୍ୟର ଚରମ ପରିଣତି, ଶେଷ ଓ ଶ୍ରେଷ୍ଠ ବିକାଶ । ଏଥିପାଇଁ କୁହାଯାଏ ଯେ, ସାହିତ୍ୟର ଛନ୍ଦେ ଛନ୍ଦେ ନୂତନତାର ଲୀଳା, ପଦେ ପଦେ ଆନନ୍ଦର ଉଚ୍ଛ୍ୱାସ ।

ଏ ସମସ୍ତ ଆଲୋଚନାରୁ ଏତିକି ଅନ୍ତତଃ ଜଣାଯାଏ ଯେ, ଜୀବନରୁ ଚିରନ୍ତନ ଆନନ୍ଦର ଉପାଦାନ ଗ୍ରହଣ କରି ସତ୍ୟର ସରଣୀରେ ସାହିତ୍ୟ ଆତ୍ମପ୍ରକାଶ କରେ ଚିର ନୂତନ ବେଶରେ । ଅନ୍ୟ ଭାଷାରେ କୁହାଯାଇପାରେ ଯେ, ସାହିତ୍ୟ ହେଉଛି ଆମ ଜୀବନର ନିତ୍ୟ ସଙ୍ଗୀ; ଅର୍ଥାତ୍ ଜୀବନର ସତ୍ତା ମାନିଲେ ସାହିତ୍ୟର ଅସ୍ତିତ୍ୱ ଅବଶ୍ୟ ସ୍ୱୀକାର୍ଯ୍ୟ ଏବଂ ସାହିତ୍ୟ ବ୍ୟତିରେକେ ଜୀବନ ଅସାର । ସାହିତ୍ୟର ବ୍ୟୁତ୍ପତ୍ତିମୂଳକ ଅର୍ଥ ମଧ୍ୟ ଏହି ମତବାଦର ପୋଷକତା କରେ, ଯାହା ଆମ୍ଭମାନଙ୍କ ସହିତ ସବୁବେଳେ ଥାଏ ବା ଯାଏ; ତାହାହିଁ ସାହିତ୍ୟ । ସାହିତ୍ୟର ଏପରି ବ୍ୟାଖ୍ୟା ଯେ ଖୁବ୍ ବ୍ୟାପକ, ଏବଂ ଉଦାର, ସେଥିରେ ସନ୍ଦେହ ନାହିଁ । ତେବେ ଏହାକୁ ସ୍ଥାନ ଯୋଗାଇ ପାରିବା ଭଳି ମନକୁ ଅନେକ ସମୟରେ ଆମ୍ଭେମାନେ ଉଦାର କରିପାରୁ କି ନା ସନ୍ଦେହ ।

ସାହିତ୍ୟପରି ଧର୍ମର ମଧ୍ୟ ଉଦାର ବ୍ୟାଖ୍ୟା ଅଛି; ରୂଢ଼ ଅର୍ଥ ଅଛି; ବ୍ୟୁତ୍ପତ୍ତି-ମୂଳକ ଟିପ୍ପଣୀ ବି ଅଛି । ସେ ସମସ୍ତ ଆଲୋଚନାରୁ ଜଣାପଡ଼େ ଯେ, ଯାହା ଆମ୍ଭମାନଙ୍କୁ ଧାରଣ କରି ଅବସ୍ଥିତ ଅଛି, ତାହା ଧର୍ମ । ଅନ୍ୟ କଥାରେ କହିଲେ କୁହାଯିବ ଯେ, ଯାହା ଆମ ଜୀବନର ନିତ୍ୟ ସହଚର, ଯାହାର ଅଭାବରେ ଜୀବନ ପର୍ଯ୍ୟନ୍ତ ସନ୍ଦେହ-ଜନକ; ସ୍ଥୂଳତଃ ତାହାହିଁ ହେଉଛି ଧର୍ମ ।

ମୋଟାମୋଟି ଧର୍ମ ଓ ସାହିତ୍ୟର ସଙ୍ଗ୍ରାମ ଏହିରୂପେ ଅକ୍ଷରକୁ ଅକ୍ଷର; ରେଖାକୁ ରେଖା ମିଳିଗଲେ କଣ ହେବ, ଦୁହିଙ୍କ ଭିତରେ ଯୁଦ୍ଧର ତୂର୍ଯ୍ୟ ନିନାଦ ଅଧିକାଂଶ ସମୟରେ ଶ୍ରୁତିଗୋଚର ହୋଇଥାଏ । ସାହିତ୍ୟର ପଛପୁରୋଧା ଓ ଧର୍ମଧ୍ୱଜାଧାରୀ-ମାନଙ୍କ ଭିତରେ ଏହି ଯେ ବିବାଦ, ତାର ଗୋଟାଏ ବଡ଼ ଇତିହାସ ଅଛି । ଯୁଗ ଯୁଗ ଧରି ନାନା ଉତ୍‌ଥାନ ପତନର ଭିତର ଦେଇ ଏଇ ବିବାଦ ତାର ଯୋଗସୂତ୍ର ରକ୍ଷା କରିଆସିଛି, କେବଳ ଏଇ ଆଧୁନିକ ଯୁଗରେ ନୁହେଁ, ପ୍ରାଚୀନ ଯୁଗରେ ମଧ୍ୟ । ତେବେ ଏକଥା ସତ୍ୟ ଯେ, ବର୍ତ୍ତମାନ ଯୁଗରେ ଏଇ ବିବାଦଟା ଯେପରି ଉନ୍ମୂଳ ଆକାର ଧାରଣ କରିଛି, ତାହା ଧର୍ମ ଓ ସାହିତ୍ୟର ଇତିହାସରେ ସମ୍ପୂର୍ଣ୍ଣ ଅଭିନବ । ଧାର୍ମିକ ପୁରୁଷମାନଙ୍କ ବିଚାରରେ କବି ବା ଭାବୁକମାନେ ନୀତି ନିୟମର କୌଣସି ଧାର ଧାରନ୍ତି ନାହିଁ, ପାପପୁଣ୍ୟର କୌଣସି ବାରଣ ମାନନ୍ତି ନାହିଁ, ହିତାହିତର କୌଣସି ହିସାବ ରଖନ୍ତି ନାହିଁ । ସେମାନଙ୍କ ବିଚାରରେ କାଳିଦାସ କାମୁକ, ସେକ୍‌ସପିଅର ମଦୁଆ । ଅନ୍ୟପକ୍ଷରେ କବି ବା ଭାବୁକମାନଙ୍କ ବିଚାରରେ ଧର୍ମ ହେଉଛି ସମାଜର ଦଳେ ସ୍ୱାର୍ଥସେବୀଙ୍କର ଗଞ୍ଜେଇ ଅଫିମ ପରି ନିଶା । ସମାଜରେ ସେମାନଙ୍କ ଅଧିପତ୍ୟକୁ ଅକ୍ଷୁଣ୍ଣ ରଖିବା ପାଇଁ ଧର୍ମ ଗୋଟାଏ ଫନ୍ଦି ବା ଫିକର ଛଡ଼ା ଆଉ ଅନ୍ୟ କିଛି ନୁହେଁ । ଶିକ୍ଷା ଓ ସଭ୍ୟତାର ମାନଦଣ୍ଡରେ ସମାଜରେ ଯେଉଁମାନେ ବାମନ, ଚିରକାଳ ପାଇଁ ସେମାନଙ୍କୁ ଏଇ ଧର୍ମର କାରା ଉନ୍ନତିର ସକଳ ପଥରୁଦ୍ଧ କରି ବନ୍ଦୀ କରିରଖିଛି ।

ଏହି ସମସ୍ତ ଆକ୍ରମଣ ଓ ପ୍ରତ୍ୟାକ୍ରମଣ ଫଳରେ ସୁଦୂର ପ୍ରାଚ୍ୟଖଣ୍ଡର ଏକ ବୃହତ୍ତମ ଭୂ-ଭାଗରେ **No-God Campaign** ର ରଣଡଙ୍କା ସାରା ପୃଥିବୀର ପ୍ରାଣରେ ଆଜି କମ୍ପନ ଆଣିଛି । ଧର୍ମ ଆଉ ସାହିତ୍ୟର ଯେତେ ବ୍ୟାପକ ଅର୍ଥ ଥାଉ ପଛକେ; ତାହା କେବଳ ସେହି ପୋଥିବାଇଗଣ ପରି ସେଇ ପୋଥିରେ ହିଁ ପର୍ଯ୍ୟବସିତ । ପ୍ରକୃତ କାର୍ଯ୍ୟକ୍ଷେତ୍ରରେ ଆମ୍ଭେମାନେ ଯଦି ତାହା ସ୍ୱୀକାର କରୁଥାଆନ୍ତୁ, ଏତେ ବିବାଦ ବିସମ୍ବାଦର ସୂତ୍ରପାତ ହେଉ ନ ଥାନ୍ତା; ତେଣୁ ପୋଥିବାଇଗଣ-ଠାରୁ ବାଡ଼ି ବାଇଗଣର ଯାହା ପାର୍ଥକ୍ୟ; ଏ କ୍ଷେତ୍ରରେ ସାହିତ୍ୟିକ ପୁରୁଷ ଓ ଧାର୍ମିକ ପୁରୁଷମାନଙ୍କ ହୃଦୟ ମନରେ ସେହି ପାର୍ଥକ୍ୟ ମୁଣ୍ଡ ଟେକି ଉଠେ । ଧର୍ମ କହିଲେ ସାଧାରଣତଃ ଲୋକେ ବୁଝନ୍ତି ମାଳାତିଳକ ଲୋଟା କମ୍ବଳ, ଗଞ୍ଜେଇ ଚିଲମ, ବିଭୂତିଭୂଷଣ, ଅଷ୍ଟପ୍ରହରୀ ଓ ନାମସଙ୍କୀର୍ତ୍ତନ ଇତ୍ୟାଦି କେତେଗୁଡ଼ାଏ କୁସଂସ୍କାରର ପୁଞ୍ଜୀଭୂତ ବିଗ୍ରହ । ମାନବସମାଜକୁ ଏହି ଧର୍ମର ଭୂତ କବଳରୁ ରକ୍ଷା ନ କଲେ ଅଚିରେ ତାର ଧ୍ୱଂସ ଅନିବାର୍ଯ୍ୟ ।

ଉଭୟ ପକ୍ଷରେ ଏ ଯୁକ୍ତି ପ୍ରତିଯୁକ୍ତି ଏବଂ ଆକ୍ରମଣ ପ୍ରତ୍ୟାକ୍ରମଣ ଯେପରି ହାସ୍ୟୋଦ୍ଦୀପକ, ସେହିପରି ରହସ୍ୟମୟ । ସତ୍ୟର ପୂର୍ଣ୍ଣ ପ୍ରକାଶ ଦିଗରେ ଅଗ୍ରସର

ହେଉ ହେଉ ବାଦ ବିସମ୍ବାଦର ଅବ୍ଧମିକାରେ ଉଭୟ ପକ୍ଷ ଏତେଦୂର ବିଚଳିତ ଯେ, ନଇଁ ନ ଦେଖୁଣୁ ଲଙ୍ଗଳା ମାଡରେ ସତ୍ୟର ନିର୍ଦ୍ଦିଷ୍ଟ ସୀମା ଠାରୁ ବହୁଦୂରରେ ଉଭୟେ କଳହରେ ଲକ୍ଷ୍ୟପଥରୁ ବହୁ ନିମ୍ନକୁ ଖସି ଆସିଛନ୍ତି । ତେବେ ସୁଖର କଥା ଏତିକି ଯେ, ଧର୍ମ ଓ ସାହିତ୍ୟର ଏହି ଦ୍ୱନ୍ଦ୍ୱ ଆମ ଦେଶରେ କେବଳ ଶିକ୍ଷିତ ସମ୍ପ୍ରଦାୟ ମଧ୍ୟରେ ସୀମାବଦ୍ଧ—ବିଶେଷତଃ ଆଧୁନିକ ଶିକ୍ଷିତମାନଙ୍କ ଭିତରେ । ଧର୍ମ ଗୋଟାଏ ସାର୍ବଭୌମ ରୂପ ଏବଂ ସାହିତ୍ୟର ଗୋଟାଏ ସର୍ବତୋମୁଖୀ ପ୍ରକାଶ । ଏ ସୃଷ୍ଟିର ଯବନିକା ଚକ୍ଷୁର ସମୀପରେ ପରିସ୍ଫୁଟ ରହିଅଛି, କିନ୍ତୁ ଉଭୟ ପକ୍ଷ ଶିକ୍ଷା ଓ ସଭ୍ୟତାର ମୋହରେ ଏତେଦୂର ଆଚ୍ଛନ୍ନ ଯେ, ସେମାନେ ପ୍ରକୃତ କଥାଟା ଦେଖି ସୁଦ୍ଧା ଦେଖୁନାହାନ୍ତି । ସାହିତ୍ୟିକମାନେ ମାଳାତିଳକ ଓ ଲୋଟା-କମ୍ବଳର ସଙ୍କୀର୍ଣ୍ଣ ଗଣ୍ଡିଟି ମଧ୍ୟରେ ଧର୍ମର ଅନ୍ଧକୂପ ହତ୍ୟା କଲାବେଳକୁ ଧାର୍ମିକ ପୁରୁଷ-ମାନେ କାବ୍ୟ କବିତା ଓ ନାଟକ ନଭେଲର ଗାରଦ ଭିତରେ ସାହିତ୍ୟର ତଣ୍ଟି ଚିପି ମାରୁଛନ୍ତି । ସ୍ଥୂଳତଃ ଉଭୟ ପକ୍ଷରେ ଏ ବିବାଦଟା ହେଉଛି, ଧର୍ମ କହିଲେ ଗୋଟାଏ ପକ୍ଷ ଯାହା ବୁଝେ, ତାହା ସାହିତ୍ୟ କହିଲେ ଅପରପକ୍ଷ ବୁଝେ ତାହାର ବିବାଦ । ଏଭଳି ବିବାଦ ଅବଶ୍ୟ ଅବଶ୍ୟମ୍ଭାବୀ; କାରଣ ଉଭୟର ପ୍ରତିନିଧି ରୂପେ ଯେଉଁମାନେ ଧର୍ମ ଓ ସାହିତ୍ୟର ପକ୍ଷ ସମର୍ଥନ କରୁଛନ୍ତି, ସେମାନଙ୍କର ବ୍ୟକ୍ତିଗତ ଦୋଷ ଦୁର୍ବଳତାକୁ ଏଡ଼ାଇ ହେବ ନାହିଁ । ଧର୍ମପକ୍ଷାବଲମ୍ବୀମାନଙ୍କ ତୁଣ୍ଡରୁ ଅନେକ ସମୟରେ ଶୁଣାଯାଇଥାଏ ଯେ, ଧର୍ମ ହେଉଛି ଆମ ଏ ଦେଶରେ ସନାତନ ଆଉ ସାହିତ୍ୟଟା ନିହାତି ଅର୍ବାଚୀନ । ଯେତେଦୂର ମନେହୁଏ ବିବାଦର ପ୍ରଥମ ସୂତ୍ରପାତ ହୁଏ ଏହିଠାରୁ । ଗୋଟାଏ ପକ୍ଷ କହୁଛନ୍ତି, ସାହିତ୍ୟ ଭିତର ଦେଇ ପାଶ୍ଚାତ୍ୟ ଜୀବନ ଭୋଗଦର୍ଶନ ଯେପରି ଭାବରେ ତାର ତପ୍ତ ସ୍ରୋତ ବୁହାଇ ନେଉଛି, ସେଥିରେ ପ୍ରମତ୍ତ ଯୌବନର ଉଦ୍ଦାମ ଆବେଗ ଆମର ଶିରା ପ୍ରଶିରାରେ କି ଏକ ଉନ୍ମାଦନା ଝେଲାଇ ଦେଉଛି । ଆମେ ଜୀବନକୁ ନାନା ଦିଗରୁ ଉପଭୋଗ କରିବାକୁ ଚାହୁଁ, ନାନାଦିଗରୁ ଆସ୍ୱାଦନ କରିବାକୁ ଚାହୁଁ । ବୁଢ଼ା ଧର୍ମର ଷଣ୍ଢଟାକୁ ପଡ଼ିଆ ଆଡ଼କୁ ବାଡ଼େଇ ଦିଅ; ସେଇଠି ସେ ଚରିବୁଲି ତାର ମନର ଆନନ୍ଦରେ ବେଳକାଳ କଟାଉ; ଗୁହାଳରେ ବାନ୍ଧି ତାର ଷୋଡ଼ଶ ଉପଚାର କରିବା ପାଇଁ ଆମର ସମୟର ଅଭାବ । କାରଣ, Life is short and there are many things to be enjoyed—ଏହାହିଁ ହେଉଛି ନବ୍ୟ ପନ୍ଥୀମାନଙ୍କର ମନୋଭାବ, ଅର୍ଥାତ୍ ଯେଉଁମାନେ କି ସାହିତ୍ୟ କି ଶିଳ୍ପ ସବୁଥିରେ ଅତି ଆଧୁନିକତାର ପକ୍ଷପାତୀ, ସେମାନେ ଏଭଳି ମତବାଦର ପୃଷ୍ଠପୋଷକ ।

ପ୍ରାଚୀନ ପନ୍ଥୀମାନେ ମଧ୍ୟ ପ୍ରତିବାଦରେ ଏହାର ଓଲଟା ଜବାବ ଦେବାକୁ ଢଳେହେଲେ ପଛଘୁଞ୍ଚା ଦେଉନାହାନ୍ତି । "The old should make room

for a new" ବୋଲି ଗୋଟାଏ କଥା ଅଛି । ଆମ ଦେଶରେ ମଧ୍ୟ ମାଇପେ ଢଗ ବୋଲି କହିଥା'ନ୍ତି, ତଳ ବରଡ଼ା ଖସୁଛି; ଉପର ବରଡ଼ା ହସୁଛି; ମଝି ବରଡ଼ା ଥାଇ ବୋଲଇ ମୋ ଦିନକାଳ ଆସୁଛି । କିନ୍ତୁ ଦୁଃଖର କଥା ପ୍ରାଚୀନ-ପନ୍ଥୀମାନେ ଯେତେ ପଳିତଚର୍ମ ଏବଂ ଗଳିତଦନ୍ତଶିନ ହେଲେହେଁ ତଳ ବରଡ଼ାର ଆସ୍ଫାଳନରେ କେବେହେଲେ ଜଳାଞ୍ଜଳି ଦେଇପାରୁ ନାହାନ୍ତି; କାରଣ ପୁରୁଣା ପୁଞ୍ଜିରୁ ଏଇମାନେ କିଛି ହାତପଇଠ କରିଛନ୍ତି । ବର୍ତ୍ତମାନ ସେମାନଙ୍କର କିଛି-ଗୋଟେ ଧର୍ମକର୍ମ ନ ଥିଲେ ମଧ୍ୟ ବୃନିୟାଦୀ ତ ଅଛି । ବାପ ଅଜାଙ୍କ ନାଁ ବିକି ଘିଅର ଅଭାବରେ ନିଶରେ ପେଜ ବୋଳି ଏମାନେ କୌଣସିମତେ ନିଜର ଦିନଗୁଜୁରାଣ ମେଣ୍ଟାଇ ନେବେ ବୋଲି ଭାବନ୍ତି । ଦୁର୍ବଳ ଆତ୍ମପକ୍ଷ ସମର୍ଥନ ନିମିତ୍ତ ପ୍ରବଳର ନାମୋଚ୍ଚାରଣ କଲାଭଳି ଏ ପ୍ରସଙ୍ଗରେ ଅନେକ ସମୟରେ ବେଦ ବେଦାନ୍ତଠାରୁ ଆରମ୍ଭ କରି ଶ୍ରୀକୃଷ୍ଣ ଚୈତନ୍ୟଙ୍କ ପର୍ଯ୍ୟନ୍ତ କାହାରି ନାମୋଚ୍ଚାରଣ ମଧ୍ୟ ବାଦ ଯାଏନାହିଁ । ଏଇଠାରେ ଅବସ୍ଥାଟା ହୋଇଉଠେ ସାଙ୍ଘାତିକ ।

ମହର୍ଷି ବ୍ୟାସଦେବ ବେଦର ଶ୍ରେଣୀବିଭାଗ କଲେ, ବେଦାନ୍ତରେ ଏହି ଧର୍ମ ଜିନିଷଟାର ଗୋଟାଏ ମୀମାଂସା କଲେ; ଉପନିଷଦ ଲେଖିଲେ; ମହାଭାରତ ରଚନା କଲେ ଏବଂ ସେଥିରେ ପୁଣି ଗୀତା ଭଳି ଅମୂଲ୍ୟ ସମ୍ପଦ ସକଳ ବେଦ ବେଦାନ୍ତରୁ ସଂଗ୍ରହ କରି ଆଣି ଥୋଇଦେଲେ । କିନ୍ତୁ ସେ ଗହନ ଭିତରେ ପଶି କାଳେ ଧର୍ମର ପ୍ରକୃତ ସ୍ୱରୂପ ସଙ୍ଗେ ପରିଚୟ ଲାଭ କରି ନ ପାରିବେ, ଏହି ଆଶଙ୍କାରେ ବୋଧହୁଏ ସେ ମହାଭାରତର ସ୍ଥଳବିଶେଷରେ ଅତି ସଂକ୍ଷେପରେ ଧର୍ମର ସ୍ୱରୂପ ବର୍ଣ୍ଣନା କରିଅଛନ୍ତି । ଧର୍ମଙ୍କ ମୁଖରେ ସେ ଧର୍ମପୁତ୍ରଙ୍କୁ ପଚାରିଛନ୍ତି—କଃ ପନ୍ଥାଃ ? ଜାଆଣୀ ହୋଇ ଖାଇ ଗୁଣିଆ ହୋଇ ଝାଡ଼ିଲାଭଳି ଧର୍ମପୁତ୍ରଙ୍କ ମୁଖରେ ଏ ପ୍ରଶ୍ନର ଯେଉଁ ଉତ୍ତର ଦେଇଛନ୍ତି; ତାହା ସକଳ ବେଦ ବେଦାନ୍ତର ସାର ସତ୍ୟ । ଯୁଧିଷ୍ଠିର କହିଛନ୍ତି—ବେଦ ଅଲଗା; ଅଲଗା ସ୍ମୃତି ମଧ୍ୟ ଅଲଗା ଅଲଗା । ଏଭଳି ଜଣେ କେହି ମୁନି ନାହିଁ, ଯାହାର ମତ ଅନ୍ୟମତଠାରୁ ଅଲଗା ନୁହେଁ । ଧର୍ମର ତତ୍ତ୍ୱରୂପ ଗୁହାର ଅନ୍ଧକାରର ଭିତରେ ଲୁକ୍କାୟିତ, ଅତଏବ ମହାଜନମାନେ ଯେଉଁ ପଥରେ ଯାଆନ୍ତି; ସେ ହେଉଛି ପଥ ।

ଚିନ୍ତା ବା ଭାବନା ପାଇଁ ଏ ଜବାବଟି ଭିତରେ ଯଥେଷ୍ଟ ଖୋରାକ ଅଛି । କାରଣ ମନେ ରଖିବାକୁ ହେବ ଯେ, ଯୁଧିଷ୍ଠିର ଏ କ୍ଷେତ୍ରରେ କେବଳ ନିମିତ୍ତ । ପ୍ରକୃତ ଉତ୍ତରଦାତା, ସେ, ଯେ ହେଉଛନ୍ତି ବ୍ୟାସଦେବ । ତେଣୁ ସାମ୍ପ୍ରଦାୟିକ ମନୋଭାବଠାରୁ ଦୂରରେ ରହି ଏହି ଉକ୍ତିଟିର ସମ୍ୟକ୍ ବିଚାର କଲେ ଆମ୍ଭେମାନେ ପ୍ରକୃତ ସତ୍ୟରେ ଉପନୀତ ହୋଇପାରିବା । ଦୀର୍ଘ ଭୂମିକାର ଅବତାରଣା ନ କରି ସଂକ୍ଷେପରେ ଏତିକି କହିଲେ ଯଥେଷ୍ଟ ହେବ ଯେ, ଏଥିରେ ତିନୋଟି ପ୍ରଧାନ ସିଦ୍ଧାନ୍ତର ଇଙ୍ଗିତ

ଅଛି । ପ୍ରଥମ କଥା—ଧର୍ମ ଯଦ୍ୟପି ଗୋଟାଏ ମତବାଦର ସାମଗ୍ରୀ ହୁଏ, ତେବେ ତାହା ନାନା ବୈଚିତ୍ର୍ୟରେ ଭରି ଥିବାର ଦେଖିପାରିବ । ଦ୍ୱିତୀୟତଃ ଧର୍ମର ତତ୍ତ୍ୱରୂପ ଯଦି ଖୋଜି ବାହାର କରିବାକୁ ଚାହଁ, ତା'ହେଲେ ଅନ୍ତରର ଅନ୍ଧକାରମୟ ଗୁହା ଭିତରେ ଗଭୀରରୁ ଗଭୀରତର, ଗଭୀରତମ ପ୍ରଦେଶ ପର୍ଯ୍ୟନ୍ତ ଚଲେଇ ଚଲେଇ ଯାଅ—ସେଠି କ'ଣ ଅଛି, ଆଉ କ'ଣ ବା ନ ଅଛି, ସେ ଖବର ଏକମାତ୍ର ତୁମେ ହିଁ ଜାଣିପାରିବା ସମ୍ଭବପର, ଅର୍ଥାତ୍ ତୁମର ବ୍ୟକ୍ତିଗତ ଧର୍ମ ତୁମଠାରେ ଗୁହାହିତ । ତୁମ ନିକଟରେ ତାହା ଅତି ଅନ୍ତରଙ୍ଗ; କିନ୍ତୁ ଅପର ନିକଟରେ ତାହା ଅନ୍ଧକାରାଚ୍ଛନ୍ନ । ତୃତୀୟତଃ ଧର୍ମକୁ ଯଦି ମତ କିମ୍ବା ତତ୍ତ୍ୱରୂପେ ନ ବୁଝି ପଥ ବା ଆଚାର ରୂପେ ବୁଝିବାକୁ ଇଚ୍ଛାକର, ତେବେ ଉଦାର ସର୍ବସମଞ୍ଜସା ହୃଦୟ ସେଥିପାଇଁ ଲୋଡ଼ା । ଅତଏବ ଯେଉଁମାନେ ଉଦାରହୃଦୟ ମହାଜନ, ଯେଉଁମାନଙ୍କର ସର୍ବସମଞ୍ଜସା ବୁଦ୍ଧି ଅଛି, ସେହିମାନଙ୍କର ଅନୁସରଣ କରିବା ହିଁ ଶ୍ରେଷ୍ଠ ପନ୍ଥା ।

ଧର୍ମର ତତ୍ତ୍ୱରୂପ ସଙ୍ଗେ ବିଳମ୍ବରେ ହେଉ ବା ଶୀଘ୍ର ହେଉ, ଆମ୍ଭମାନଙ୍କର ପରିଚୟ ଯେ ଏକାନ୍ତ ପ୍ରୟୋଜନୀୟ, ଏ କଥା ସ୍ୱୀକାର ନ କରି ଅନ୍ୟ ଗତି ନାହିଁ । ଅତଳ ସାଗରର ଜଳରାଶି ତଳେ ମଣିମୁକ୍ତା କେଉଁଠାରେ ପଡ଼ି ରହିଛି, ତାକୁ ଆହରଣ କରିବା ପାଇଁ ହେଲେ ମଜ୍ଜନ ବିଦ୍ୟାରେ ପାରଦର୍ଶିତା ଯେ କେବଳ ଆବଶ୍ୟକୀୟ ଯୋଗ୍ୟତା, ତା ନୁହେଁ, ପରନ୍ତୁ ସେଥିପାଇଁ ପ୍ରୟୋଜନୀୟ ସାହସ ଓ ପ୍ରବୃତ୍ତିର ଅଧିକାରୀ ହେବା ·ଏକାନ୍ତ ବାଞ୍ଛନୀୟ । ଦର୍ଶକ ପରି ସମୁଦ୍ରତୀରରେ ପଦଚାରଣ କରି କେହି କେବେ ମଣିମୁକ୍ତା ଆହରଣ କରି ନ ପାରେ । ଠିକ୍ ସେହିପରି ଅନ୍ଧକାରର ଅତଳ ଗହ୍ୱର ଭିତରେ ଖୋଜି ଲୋଡ଼ି ଧର୍ମର ତତ୍ତ୍ୱରୂପ ସଙ୍ଗେ ପରିଚୟ ସ୍ଥାପନ କରିବାକୁ ହେଲେ ଅତୀନ୍ଦ୍ରିୟ ସାହସ ଓ ପ୍ରବୃତ୍ତିକୁ ନିଜର କରାୟତ୍ତ କରିବା ବାଞ୍ଛନୀୟ । ବେଦାନ୍ତର ଭାଷାରେ ତାହା ହିଁ ହେଉଛି ଧର୍ମସାଧନା । ଏହି ଅନ୍ତରଙ୍ଗ ସାଧନା ନିକଟରେ ମତ ଓ ପଥ ଯେ ଅତି ଅବାନ୍ତର, ଏ କଥା ଧାର୍ମିକମାନେ ହିଁ ସମସ୍ତେ ସ୍ୱୀକାର କରିବେ ।

କିନ୍ତୁ ଯେତେବେଳେ ତତ୍ତ୍ୱ ଉପରେ ଦୃଷ୍ଟି ନ ରଖି ମତ ବା ପଥ ନେଇ ବିତଣ୍ଡାର ଅବତାରଣା କରାଯାଏ, ସେତିକିବେଳେ ଧର୍ମରାଜ୍ୟରେ ହୁଏ ଘୋର ବିପ୍ଳବର ସୂତ୍ରପାତ ।

ଧର୍ମର ତତ୍ତ୍ୱରୂପ ସମ୍ବନ୍ଧରେ ଆଉ ଜଣେ ମୁନିଙ୍କର ସୂତ୍ର ଏଠାରେ ଉଦ୍ଧାର କରାଯାଇପାରେ । ଜୈମିନି କହିଛନ୍ତି—ଚୋଦନାଲକ୍ଷଣୋଽର୍ଥୋ ଧର୍ମଃ । ଅର୍ଥାତ୍ ଯେଉଁ ଅର୍ଥ ଅଥବା ଲକ୍ଷ୍ୟ (objective)ର ଲକ୍ଷଣ ହେଉଛି ଚୋଦନା ବା ପ୍ରେରଣା, ତାହା ହିଁ ଧର୍ମ । ଏହି ସୂତ୍ରଟିର ନାନାବିଧ ସାମ୍ପ୍ରଦାୟିକ ବ୍ୟାଖ୍ୟା କରାଯାଇପାରେ; କିନ୍ତୁ ସେ ସମସ୍ତ କେବଳ ଘୃତାହୁତି ତୁଲ୍ୟ ଧର୍ମବିପ୍ଳବକୁ ଆଗେଇ ନେବାରେ

ସାହାଯ୍ୟ କରିବ । ତେଣୁ ସୂତ୍ରଟିର ଅନ୍ତରାର୍ଥରୁ ଯେଉଁ ସର୍ବସମଞ୍ଜସା ଉଦାର ବ୍ୟାଖ୍ୟା ମିଳୁଛି, ତାହାହିଁ ଏ କ୍ଷେତ୍ରରେ ଗ୍ରହଣ କରିବା ବୁଦ୍ଧିମାନର କାର୍ଯ୍ୟ ହେବ । ପ୍ରଥମ କଥା ହେଉଛି, ଧର୍ମ ଗୋଟାଏ ଅର୍ଥ, ଅର୍ଥାତ୍ ତାହା ଆମର ଗୋଟାଏ ପ୍ରୟୋଜନ ଇଷ୍ଟବସ୍ତୁ, ନିଜର ଗରଜର କଥା । ଦ୍ୱିତୀୟତଃ ତାର ମୂଳରେ ଅଛି ପ୍ରେରଣା ବା ଆମର ସ୍ୱଭାବନିହିତ ଇଙ୍ଗିତ । ତାହା ଆମର ଇଷ୍ଟ ବୋଲି ନିରୂପିତ । ତତ୍‌ପ୍ରତି ସ୍ୱଭାବ-ସଙ୍ଗତ ପ୍ରେରଣାହିଁ ମୋର ଧର୍ମ । କିନ୍ତୁ ଠିକ୍ ଏହିଠାରେ ହିଁ ଉଠେ ନୀତି ବାଗୀଶମାନଙ୍କର ଚିତ୍କାର ଆଉ କଥାଟା ହୋଇଯାଏ ବଡ଼ ଗୋଳମାଳିଆ । ପ୍ରବୃତ୍ତି ଆଉ ନିବୃତ୍ତିର ଭୂତ ସେମାନଙ୍କୁ ଅସ୍ଥିର କରିପକାଏ । ତହୁଁ ନୀତିର ରେଗୁଲେଶନ ଲାଠି ଚଳାଇ ସେମାନେ ସିଦ୍ଧାନ୍ତ କରନ୍ତି ଯେ, ପ୍ରବୃତ୍ତି ଅଧର୍ମ, ଆଉ ନିବୃତ୍ତି ଧର୍ମ । କିନ୍ତୁ ଏଭଳି ଏକ ସିଦ୍ଧାନ୍ତର ଫଳରେ ଧର୍ମର ମୂଳ ସୂତ୍ର ଉପରେ ଯେ ଘୋର ବାଧା ଲାଗିଲା, ତାହା ସେମାନେ ବୁଝନ୍ତି ନାହିଁ । ପ୍ରବୃତ୍ତି ଯେଉଁ ବାଟ ଦେଖାଇ ଦେଉଛି, ଯେଉଁ ଇଷ୍ଟ ସାଧନର ଅଭିମୁଖରେ ପ୍ରଣୋଦିତ କରୁଛି, ତାକୁ ଅଧର୍ମ ବୋଲି କିପରି ବା ମୁଁ ମାନିବି ? ଆଉ ଯେଉଁ ନିବୃତ୍ତିର କଠୋର ଅନୁଶାସନ ମୋ ପାଖରେ ନିତାନ୍ତ ରସହୀନ, ପ୍ରାଣହୀନ, ତାହାକୁ ବା ଧର୍ମ ବୋଲି କିପରି ମାନିବି ?

କେବଳ ଗତାନୁଗତିକତାର ଅନୁସରଣରେ ନୁହେଁ, ଗୁହାହିତ ଧର୍ମର ସ୍ୱରୂପ ନିର୍ଦ୍ଧାରଣ କରିବା ପାଇଁ ଯେଉଁ ନିର୍ଭୀକ ସାଧକ ଅଗ୍ରସର ହୁଏ, ତାହା ଆଗରେ ଏହି ଦ୍ୱନ୍ଦ୍ୱ ଆସି ଉପସ୍ଥିତ ହୁଏ । ଗୋଟାଏ ଆଡ଼େ ଆମ ବାସ୍ତବ ଜୀବନର ଅଭିଜ୍ଞତା, ଆଉ ଗୋଟାଏ ଆଡ଼େ ଆମ ଉପରେ ଏକ ଉଚ୍ଚ ଆଦର୍ଶବାଦର ଚାପ । ସେହିଭଳି ଶକ୍ତିଶାଳୀ ସାଧକ ନ ହେଲେ ଦ୍ୱନ୍ଦ୍ୱର ଘୂର୍ଣ୍ଣାବର୍ତ୍ତ ଭିତରୁ ସହଜେ କେହି ଉତ୍ତୀର୍ଣ୍ଣ ହୋଇପାରନ୍ତି ନାହିଁ । ଆଦର୍ଶବାଦର ଉତ୍ପୀଡ଼ନରେ ମାନବ ଯେ କିପରି ବାସ୍ତବ ଜୀବନଠାରୁ ଦୂରକୁ ଚାଲିଯାଇଛି ଏବଂ ଅନେକ ସମୟରେ ଗୋଟାଏ ମେସିନ ଭଳି ହିତାହିତ ବୁଦ୍ଧିବିବେକ ହରାଇ ଦୁଃଖମୟ ପରିଣାମର କବଳରେ ନିଜକୁ ଉତ୍ସର୍ଗ କରିଛି, ତାର ଦୃଷ୍ଟାନ୍ତ ପୃଥିବୀର ସବୁ ଦେଶରେ ଊଣାଅଧିକେ ଦେଖିବାକୁ ମିଳେ । ଅସମୟରେ ପଣସ କିମ୍ବା କଦଳୀକି ପଚାଇବା ପାଇଁ ଏ ଦେଶରେ ଲୋକେ ଧୂପ ଧୂଆଁ ଅଥବା ଅତ୍ୟଧିକ ଉତ୍ତାପ ପ୍ରୟୋଗ କରି ଉଦ୍ଦେଶ୍ୟଟି ହାସଲ କରିଥାନ୍ତି । ଠିକ୍ ସେହିପରି ଆଦର୍ଶବାଦର ଅତ୍ୟାଚାରରେ ଅସମୟରେ କେତେ ଯେ ଜୀବନ ସାହାରାର ମରୁଭୂମିରେ ପରିଣତ ହୋଇଛି; ତାହାର ଦୃଷ୍ଟାନ୍ତ କି ଧର୍ମ କି ସାହିତ୍ୟ, କି ସମାଜ ସବୁକ୍ଷେତ୍ରରେ ସୁସ୍ପଷ୍ଟ । ଦେଶବିଦେଶର ଇତିହାସ ବଜ୍ର ନିର୍ଘୋଷରେ ଏହି ଆତ୍ମ-ନିଗ୍ରହର ଶୋଚନୀୟ ପରିଣତି କଥା ଘୋଷଣା କରୁଅଛି । ସତ୍ୟର କ୍ରମବିକାଶ ପଥରେ ଆମ ନିଜ ଅନୁଭୂତି ବା ଅନୁଭବର ଯେ ଗୋଟାଏ ସ୍ଥାନ ଅଛି, ଏହି ସାହସପୂର୍ଣ୍ଣ ସ୍ୱୀକୃତି ଟିକିକ ଦେବାକୁ ସୁଦ୍ଧା ଆଦର୍ଶବାଦୀମାନେ ନାରାଜ । ଅଥଚ ଆମର ଶାସ୍ତ୍ରରେ

ଏହାର ସୁନ୍ଦର ମୀମାଂସା ଅଛି । ନିଜର ଅନୁଭୂତି ସଙ୍ଗେ ମିଳାଇ ହୃଦୟର ସହିତ ଶାସ୍ତ୍ରାନୁଶୀଳନ ନ କଲେ ସେ ମୀମାଂସା ସହଜେ ଆଖିରେ ପଡ଼ିବ ନାହିଁ ।

ମହର୍ଷି ମନୁ କହିଛନ୍ତି—ନ ମାଂସ ଭକ୍ଷଣେ ଦୋଷୋ ନ ମଦ୍ୟ ନ ଚ ମୈଥୁନେ । ପ୍ରବୃତ୍ତିରେଷାଭୂତାନାଂ ନିବୃତ୍ତିସ୍ତୁ ମହାଫଳା । ଅର୍ଥାତ୍ ମାଂସଭକ୍ଷଣରେ ଦୋଷ ନାହିଁ, ମଦ ପିଇବାରେ ଦୋଷ ନାହିଁ, ମୈଥୁନରେ ବି ନାହିଁ; କାରଣ ଏଗୁଡ଼ାକ ହେଉଛି ପ୍ରାଣୀମାନଙ୍କର ପ୍ରବୃତ୍ତି, ତେବେ ନିବୃତ୍ତି ମହାଫଳୋପଧାୟକ ।

ଉଦାର ହୃଦୟରେ ଏହି ଉକ୍ତିଟିର ବିଚାର କରିବାକୁ ହେବ ।·ନୀତିବାଗୀଶ-ମାନଙ୍କର ଜାଣି ରଖିବା ଉଚିତ ଯେ, କେବଳ ସଙ୍ଗୀନ ମୁହଁ ଉଞ୍ଚାଇ, ଲାଲ ଆଖି ଦେଖାଇଲେ ଚଳିବ ନାହିଁ; ପରନ୍ତୁ ମନୁଷ୍ୟର ପ୍ରବୃତ୍ତି କ'ଣ ଚାହେଁ, ତାହା ବୁଝିବାକୁ ହେବ, ଆଉ ଖୁବ୍ ସାବଧାନ ହୋଇ ସହାନୁଭୂତିଶୀଳ ହୃଦୟଦ୍ୱାରା ସ୍ୱାଭାବିକ ଉପାୟରେ ତାହାକୁ ନିବୃତ୍ତି ପଥକୁ ଟାଣି ଆଣିବାକୁ ହେବ । ଚାଲିବାକୁ ଚେଷ୍ଟାକରି ଛୋଟ ପିଲାଟି ଯଦି କଚଡ଼ାଟା ଖାଏ, ତାହାହେଲେ ଯତ୍ନର ସହିତ ତାକୁ ଉଠାଇ ଆଣି ଧୂଳି ବାଲି ଝାଡ଼ିଦେଇ ଚାଲିବାପାଇଁ ପୁଣି ଉତ୍ସାହ ଦେବାକୁ ହୁଏ ନା କି ? ଏ କଥା ଅବଶ୍ୟ ସତ୍ୟ ଯେ, ପ୍ରବୃତ୍ତିର ଦାବୀକି ସ୍ୱୀକାର କରି ତା ଭିତର ଦେଇ ନିବୃତ୍ତିର ସୀମାରେ ନିଜେ ଅବତୀର୍ଣ୍ଣ ହେବା କିମ୍ବା ଅପର କାହାକୁ ଅବତାରିତ କରିବା ଅତି କଠିନ ବ୍ୟାପାର । କିନ୍ତୁ ଅନ୍ୟ ଉପାୟ କିଛି ନାହିଁ । ଧର୍ମଲାଭର କୌଣସି ଏକ ସାର୍ବଜନୀନ ସହଜ ସରଳ ରାସ୍ତା ବାହାରିଲାଣି ବୋଲି ଏ ପର୍ଯ୍ୟନ୍ତ ତ ଆମେ ଶୁଣି ନାହୁଁ । ଫଳାକାଙ୍‌କ୍ଷା ତୀବ୍ରତର ହେଲେ ମନୁଷ୍ୟ ଆଉ ମୁହୂର୍ତ୍ତେ ମାତ୍ର ବିଳମ୍ବ ସହେନା—ରାତିକ ଭିତରେ ସେ କୁବେରସମ୍ପତ୍ତି ଲାଭ କରିବାକୁ ଇଚ୍ଛା କରେ । କିନ୍ତୁ ତାହା କି କେବେ ହୁଏ ? ଏ କଥା ମନେ ରଖି ନୀତିବାଗୀଶମାନଙ୍କର ଅତିବ୍ୟସ୍ତତା କବଳରୁ ନିଷ୍କୃତି ପାଇବା ପାଇଁ ସଚେଷ୍ଟ ହେବା ଉଚିତ ।

ପ୍ରବୃତ୍ତିନିବୃତ୍ତିର ଦ୍ୱନ୍ଦ୍ୱ ମେଣ୍ଟାଇବାକୁ ଯାଇ ଆମ୍ଭେମାନେ ସମାଜଟାକୁ ବଡ଼ କରି ଦେଖିବାରେ ଚିର ଅଭ୍ୟସ୍ତ । ଭାରତ ଭଳି ଦେଶରେ ଏ ଅଭ୍ୟାସଟା ଅସ୍ଥିମଜ୍ଜାଗତ କହିଲେ ଚଳେ । ଯେତେବେଳେ ମଣିଷର କୌଣସି ବ୍ୟକ୍ତିଗତ ପ୍ରବୃତ୍ତି ଚରିତାର୍ଥ କରିବାର ପ୍ରଶ୍ନ ଏ ଦେଶରେ ଉଠିଛି, ସେତେବେଳେ ସମାଜ ତା ଆଖିରେ ବଡ଼ ହୋଇ ଦେଖାଦେଇଛି । ନୀତିବାଦୀମାନେ ସମାଜ ଆଡ଼କୁ ଅଙ୍ଗୁଳି ନିର୍ଦ୍ଦେଶ କରି କହିଥାନ୍ତି—ତୁମେ ଯଦି ଆଜି ତୁମ ଦାବୀର ଷୋଳଅଣା ବୁଝି ନେବାକୁ ଚାହଁ, ତେବେ ଏଣେ ଆଖିଦେଇ ଦେଖ କେତେ ଦିନର କେତେ କଷ୍ଟରେ ଗଢ଼ା ଏହି ସମାଜଟା ଏକାବେଳକେ ଭାଙ୍ଗି ଚୂନା ହୋଇଯିବ । ପାଶ୍ଚାତ୍ୟ ନୀତିଶାସ୍ତ୍ର କିନ୍ତୁ ଠିକ୍ ଏହାର ବିପରୀତ ମତପ୍ରମାଣ ପ୍ରକାଶ କରେ । ତା ଆଖିରେ ସମାଜ ଧର୍ମ ଅପେକ୍ଷା ହୃଦୟ ଧର୍ମର ମୂଲ୍ୟ ଅଧିକ, ସାମୂହିକ ଦାବୀ ପଛେ, ବ୍ୟକ୍ତିଗତ ଦାବୀ ଆଗ । ବ୍ୟକ୍ତିକି ଛୋଟ କରି ସମାଜକୁ ବଡ଼ କରିବା ନୀତି ସେ ସ୍ୱୀକାର କରେନା ।

ବ୍ୟକ୍ତି ଆଉ ସମଷ୍ଟି ବା ବ୍ୟକ୍ତି ଆଉ ସମାଜର ଏହି ଦ୍ୱନ୍ଦ୍ୱ ଚିରକାଳ ଲାଗି ରହିବ । କିନ୍ତୁ ଆମର ଏ ଦେଶରେ ଯେ ବ୍ୟକ୍ତିକି ଖର୍ବ କରି ସମାଜ ଗର୍ବ କରିଆସିଛି, ତାର ଯୁକ୍ତିଯୁକ୍ତ ସମର୍ଥନ ଅଛି ଆମର ବେଦାନ୍ତ ଦର୍ଶନରେ । ବେଦାନ୍ତବିତ୍‌ମାନେ ବିଚାରନ୍ତି ଯେ, ସମାଜଟା କୌଣସିମତେ ଆମର ଗୋଟାଏ ବିରୋଧୀ ସତ୍ତା ନୁହେଁ; ପରନ୍ତୁ ତାହା ହେଉଛି ଆମର ଗୋଟାଏ ବ୍ୟାପକ ରୂପ । ନିଜର ବ୍ୟକ୍ତିଗତ 'ମୁଁ ତ୍ୱ' ଆଡ଼କୁ ଅନାଇ ତାର ପ୍ରବୃତ୍ତିମୂଳକ ଦାବୀମାନ ପୂରଣ କରିବାର ସହଜ ପ୍ରେରଣା ଆମ୍ଭେମାନେ ଯେମିତି ପାଉଛୁ, ସାମ୍ରାଜ୍ୟରୂପୀ ବୃହତ୍ତର 'ମୁଁ' ଆଡ଼କୁ ଅନାଇ ତାର ଦାବୀଗୁଡ଼ିକୁ ସେମିତି ସ୍ୱାଭାବିକ ଓ ନ୍ୟାୟସଙ୍ଗତ ବୋଲି ନ ବିଚାରିବୁ ବା କାହିଁକି ଏବଂ ଏହି ହେତୁ ଆମର କ୍ଷୁଦ୍ର ସ୍ୱାର୍ଥକୁ ବୃହତ୍ ସ୍ୱାର୍ଥ ନିକଟରେ ବଳି ନ ଦେବୁ ବା କାହିଁକି ? ବାରଶି ବଢ଼େଇଙ୍କ ପାଇଁ ଧରମା ଭଳି ପୁଅକୁ ମୁରୁଛି ଦେଇଥିଲା ତ ଏଇ ଦେଶର ଜଣେ ମହାରଣା ପୁଅ !

ଏ ଯୁକ୍ତି ଯେ ନ୍ୟାୟସଙ୍ଗତ, ଏଥିରେ କୌଣସି ସନ୍ଦେହ ନାହିଁ । ସ୍ୱାଭାବିକ ଉପାୟରେ ଜଣକର କ୍ଷୁଦ୍ର 'ମୁଁ ତ୍ୱ' ଯେତେବେଳେ କ୍ରମେ ପ୍ରସାରଲାଭ କରିବ, ସେତେବେଳେ ଏହିଭଳି ଆତ୍ମୋତ୍ସର୍ଗ ଓ ପରାର୍ଥପରାୟଣତାର ଗୋଟାଏ ଭାବ ଯେ ତା ଭିତରେ ନ ଆସି ରହିପାରିବ, ତାହା ଅସ୍ୱୀକାର କରିହେବ ନାହିଁ । ବିଶେଷତଃ ଭାରତଭଳି ଯେଉଁ ଦେଶ ଚିରଦିନ ବେଦାନ୍ତରେ ଅନୁପ୍ରାଣିତ, ସେଠି ଏହା ନିଃଶ୍ୱାସ ପ୍ରଶ୍ୱାସ ପରି ଅତି ସ୍ୱାଭାବିକ ବୋଲି ମନେ କରିବା ବିଚିତ୍ର ନୁହେଁ । ତେବେ ତାହା ସଙ୍ଗେ ସଙ୍ଗେ ଏତିକି ପୁଣି ମନେ ରଖିବା ଉଚିତ ଯେ, "ସ୍ୱଭାବୋ ମୂର୍ଦ୍ଧ୍ନି ବର୍ତ୍ତତେ', 'ପ୍ରକୃତିଂ ଯାନ୍ତି ଭୂତାନି' 'ଅବଶଃ—ପ୍ରକୃତେର୍ବଶାତ୍' ଇତ୍ୟାଦି ନୀତିଶାସ୍ତ୍ରର ବିରୁଦ୍ଧ ଜଜ୍‌ମେଣ୍ଟ ସ୍ୱୟଂ ଭଗବାନଙ୍କ ଶ୍ରୀମୁଖ ଦେଇ ବାହାରିଛି । ଉଭୟ ପକ୍ଷର ଏ ଆଲୋଚନାରୁ ଏତିକି ଅନ୍ତତଃ ବୁଝାଯାଏ ଯେ, ସ୍ୱଭାବ ଚିରକାଳ ସେହି ସ୍ୱଭାବ ଏବଂ ଚିରକାଳ ଦୁରତିକ୍ରମଣୀୟ । ତେବେ ସମୟରେ ଯେ ତାହା ସ୍ୱତଃ ପରିବର୍ତ୍ତିତ ହେବ ଏବଂ ପ୍ରବୃତ୍ତିର ସ୍ଥାନ କ୍ରମେ ନିବୃତ୍ତି ଅଧିକାର କରିବ, ଏଭଳି ଆଶା ପୋଷଣ କରିବାରେ କୌଣସି ଅସାଙ୍ଗତ୍ୟ ନାହିଁ । ଆଜି ଯେଉଁ କଳକାଟି ଦଳଗୁଡ଼ିକ ସଙ୍କୁଚିତ କରି ଆଣି ପ୍ରାଣଭରି ରୂପ ରସ ଗନ୍ଧକୁ ନିଜର ଅନ୍ତର ଭିତରେ ବନ୍ଦୀ କରି ରଖିଅଛି, କାହାରି ମିନତିର ଅପେକ୍ଷା ନ ରଖି କାଲି ହୁଏତ ଦଳଗୁଡ଼ିକ ପ୍ରସାରିତ କରି ସେ ଫୁଟିଉଠିବ ଏବଂ ବିଶ୍ୱର ମୁକ୍ତ ପ୍ରାଙ୍ଗଣରେ ତାର ବାସ ପସରା ମେଲାଇ ଧରିବ—ଏପରି କି ଅଳିର ଗୁଞ୍ଜନ ଝଙ୍କାର କିମ୍ବା କୀଟର ଦଂଶନ ବିଭୀଷିକା ତାକୁ ଭୀତ ଚକିତ କରିପାରିବ ନାହିଁ । ସେଥିପାଇଁ ଭଗବାନ କହୁଛନ୍ତି—"କାଳେନାତ୍ମନି ବିନ୍ଦତି ।" ନିଜ ଭିତରୁ ହିଁ ସବୁ ମିଳିବ, ତେବେ କାଳ ଯାଇ ପୂର୍ଣ୍ଣ ହେଲେ ।

ଏଥିପାଇଁ ଯେଉଁ ଧୈର୍ଯ୍ୟ ଆବଶ୍ୟକ, ସେତକର ଯଦି ଅଭାବ ହୁଏ, ତେବେ ଏଇ ପ୍ରବୃତ୍ତିର ମୀମାଂସା ସମ୍ଭବପର ହେବ ନାହିଁ । ମାଡର ଲାଠି ଚଳେଇ ସବୁ ସମୟରେ ମଣିଷକୁ ସରଳ ସହଜ ବାଟକୁ ଅଣାଯାଇ ପାରେନା । ଏଥିପାଇଁ ଉଦାର ହୃଦୟ, ତତ୍ତ୍ୱମୟ ଦୂରଦୃଷ୍ଟିର ପ୍ରୟୋଜନ । ଅସୀମ ଧୈର୍ଯ୍ୟଶାଳୀ ତତ୍ତ୍ୱଦର୍ଶୀ ମୁନିର ହୃଦୟ ନ ହେଲେ ଆଉ କିଏ କହିବ ଯେ—"ନ ମାଂସ ଭକ୍ଷଣେ ଦୋଷୋ, ନ ମଦ୍ୟେ ନ ଚ ମୈଥୁନେ, ପ୍ରବୃତ୍ତିରେଷା ଭୂତାନାଂ ନିବୃତ୍ତିସ୍ତୁ ମହାଫଳା ।" ପ୍ରବୃତ୍ତି ଦୋଷ ନୁହେଁ; କି ନିବୃତ୍ତି ଗୁଣ ନୁହେଁ—ଦୁଇଟାଯାକ ମନୁଷ୍ୟର ସ୍ୱଭାବ; ସୁତରାଂ ସେଥିରେ ଗୁଣଦୋଷର ବିଶେଷଣ ଆରୋପ ସଂପୂର୍ଣ୍ଣ ମିଥ୍ୟା, କପୋଳକଳ୍ପନା । କିନ୍ତୁ ଏଭଳି ଭାବ ପୋଷଣ କରିବା ପାଇଁ ହୃଦୟରେ ଯେଉଁ ଉଦାରତାର ପ୍ରୟୋଜନ; ସାଧାରଣ ଲୋକଙ୍କ ପ୍ରାଣରେ ତାର ଏକାନ୍ତ ଅଭାବ ପରିଲକ୍ଷିତ ହୁଏ । ପାଶ୍ଚାତ୍ୟଖଣ୍ଡରୁ କମାଣଗର୍ଜନ ଭଳି ଚିତ୍କାର ଉଠୁଛି—ପ୍ରବୃତ୍ତି ହିଁ ସ୍ୱଭାବ, ଅତଏବ ଗୁଣ; ଆଉ ନିବୃତ୍ତି ଅତ୍ୟାଚାର, ତେଣୁ ଦୋଷ । ଏଣେ ପ୍ରାଚ୍ୟଖଣ୍ଡର ବୃଦ୍ଧ ଭାରତ ଦାଢ଼ିରେ ହାତପକାଇ କହୁଛି—ନା, ନିବୃତ୍ତି ହିଁ ସ୍ୱଭାବ ବା ଆତ୍ମଭାବ; ଅତଏବ ଗୁଣ ଆଉ ପ୍ରବୃତ୍ତି ଅନାଚାର; ତେଣୁ ଦୋଷ । କିନ୍ତୁ ପ୍ରକୃତ କଥା ହେଉଛି ଏହି ଯେ, ପ୍ରବୃତ୍ତି ନିବୃତ୍ତି ଦୁଇଟାଯାକ ମଣିଷର ସ୍ୱଭାବ । ଆମକୁ କିନ୍ତୁ ଏଇ ଦୁଇର ବହୁ ଊର୍ଦ୍ଧ୍ୱକୁ ଯିବାକୁ ହେବ । ତା'ହେଲେ ଆମେ ଯାଇ ଗୁହାହିତ ଧର୍ମର ତତ୍ତ୍ୱ ରୂପ ସଙ୍ଗେ ପରିଚୟ ସ୍ଥାପନ କରି ପାରିବୁ ।

ଧର୍ମର ସ୍ୱରୂପ ସମ୍ବନ୍ଧରେ ଏହି ସମସ୍ତ ଆଲୋଚନାରୁ ଏତିକି ଅନ୍ତତଃ ସ୍ପଷ୍ଟ ହେଲା ଯେ, ମାନବ ସ୍ୱଭାବର ଦୁଇଟି ଦିଗ—ଗୋଟିଏ ପ୍ରବୃତ୍ତି, ଆଉଟି ନିବୃତ୍ତି ଏବଂ ଏହି ଅନ୍ତର୍ନିହିତ ସ୍ୱଭାବର ବହିଃପ୍ରକାଶହିଁ ଧର୍ମ । ଗୋଟାଏ ଡେମ୍ଫରେ ଦୁଇଟା ଫୁଲ ପରି ଧର୍ମ ଓ ସାହିତ୍ୟର ସଂପର୍କ; ତେଣୁ ଧର୍ମ ସମ୍ବନ୍ଧରେ ଆମ୍ଭେମାନେ ଯେଉଁ ସମସ୍ତ ସମସ୍ୟାର ସମ୍ମୁଖୀନ ହେଲେ ସାହିତ୍ୟ ସମ୍ବନ୍ଧରେ ଯେହି ସେହି ସମସ୍ୟା ଆମର ଗତିରୋଧ କରିବ । ମଣିଷର ଅନ୍ତର୍ନିହିତ ଆନନ୍ଦର ପ୍ରକାଶ ହେଉଛି ସାହିତ୍ୟ । ଏ କଥା ଅବଶ୍ୟ ମନେରଖିବାକୁ ହେବ ଯେ, ଏଠାରେ ସାହିତ୍ୟ ଅର୍ଥରେ କୌଣସି ସଂକୀର୍ଣ୍ଣ ପ୍ରକାଶଭଙ୍ଗୀର ପୋଷକତା କରିବା ଆମର ଉଦ୍ଦେଶ୍ୟ ନୁହେଁ । ଧର୍ମରେ ଚିତା ଚଇତନ ବା ସାଂପ୍ରଦାୟିକତା ଯାହା, ସାହିତ୍ୟରେ ସଂକୀର୍ଣ୍ଣ ପ୍ରକାଶ-ଭଙ୍ଗୀ ହେଉଛି ସେଇଆ । ତେଣୁ ଏ ସବୁର ଉପରକୁ ଉଠି ଆମର ଅଗ୍ରସର ହେବା ସମୀଚୀନ । ସବୁ ମଣିଷର ସ୍ୱଭାବ ଯେମିତି ସମାନ ନୁହେଁ, ସେମିତି ସମସ୍ତଙ୍କର ଆନନ୍ଦପ୍ରକାଶର ଭଙ୍ଗୀ ବି କେବେହେଲେ ସମାନ ହୋଇ ନ ପାରେ । ତେଣୁ 'ଏଉଟା ଧର୍ମ' ଏ କଥା କହିବା ଆମ ପକ୍ଷରେ ଯେମିତି ଧୃଷ୍ଟତା, ସେମିତି କେବଳ ଏଇ ପ୍ରକାରର ପ୍ରକାଶଭଙ୍ଗୀ ହିଁ ସାହିତ୍ୟ, ଏକଥା କହିବା ମଧ୍ୟ ତତୋଽଧିକ ଧୃଷ୍ଟତା ।

ଏହାର କାରଣ ଅନୁସନ୍ଧାନ କରିବା ପାଇଁ ଆମକୁ ଅଧିକ ଦୂର ଅଗ୍ରସର ହେବାକୁ ପଡ଼ିବ ନାହିଁ । ମୋର ବ୍ୟକ୍ତିତ୍ୱକୁ କେନ୍ଦ୍ର କରି ମୋର 'ମୁଁତ୍ୱ'ର ପ୍ରକାଶ ହୋଇନାହିଁ କି ମୋର ବ୍ୟକ୍ତିତ୍ୱ ପଛେ ପଛେ ମୁଁତ୍ୱର ପରିସମାପ୍ତି ହୁଏନା । ସମାଜକୁ ଘେନି ମୋର ଗୋଟିଏ ବୃହତ୍ତର ଯୌଥ ଅସ୍ତିତ୍ୱ ଅଛି । ତାର ଆହ୍ୱାନ ମୋତେ ଶୁଣିବାକୁ ହେବ, ତାର ଦାବୀ ମୋତେ ମାନିନେବାକୁ ହେବ । ଯେଉଁଠାରେ ଏଇ ବ୍ୟକ୍ତିଗତ ମୁଁ ସହିତ ସମଷ୍ଟିଗତ ବା ବ୍ୟୂହଗତ ମୁଁର ସାମଞ୍ଜସ୍ୟ ସାଧନ କରିବାକୁ ପଡ଼େ, ସେହିଠାରେ ପ୍ରବୃତ୍ତିକି ନିୟନ୍ତ୍ରିତ କରିବାପାଇଁ ହୁଏ ନିବୃତ୍ତିର ଆବିର୍ଭାବ । ଅଥଚ ଯେଉଁମାନେ ପ୍ରକୃତ ସତ୍ୟସଂଧାନୀ, ସେମାନେ କହନ୍ତି—ପ୍ରବୃତ୍ତି ଯେମିତି ସୁଖପ୍ରଦ, ନିବୃତ୍ତି ବି ସେମିତି ସୁଖପ୍ରଦ । କାରଣ ସେ ଦୁଇଟାଯାକ ହେଉଛି, ମୋର ସ୍ୱଭାବର ବହିଃପ୍ରକାଶ ।

ସାହିତ୍ୟର କଥା ଆଲୋଚନା କଲାବେଳେ ଠିକ୍ ଏ ଧରଣର ଦ୍ୱନ୍ଦ୍ୱ ମଧ୍ୟ ଆସି ଉପସ୍ଥିତ ହୁଏ । ମୋର ବ୍ୟକ୍ତିଗତ ଆନନ୍ଦପ୍ରକାଶର ଭଙ୍ଗୀ ମୋର ବ୍ୟୂହଗତ ଆନନ୍ଦପ୍ରକାଶର ଭଙ୍ଗୀ ସହିତ ହୁଏତ ମିଳି ନ ପାରେ; କିନ୍ତୁ ଏହା ବୋଲି କ'ଣ ତାହା ସାହିତ୍ୟ ହେବ ନାହିଁ ? ଏହାର ଉତ୍ତରରେ ଅନ୍ତତଃ ଏତିକି ମାତ୍ର କୁହାଯାଇ ପାରେ ଯେ, ବ୍ୟକ୍ତି ସଙ୍ଗେ ସମଷ୍ଟିର ସାମଞ୍ଜସ୍ୟ ଆଣି ଉଭୟ ଭିତରେ ମିଳନର ମୋହନ ମୁରଲୀ ବଜାଇବାର ଦାୟିତ୍ୱଟା ତ ମୋର । ଏହି ଦାୟିତ୍ୱ ପ୍ରତି ଯେ ଉଦାସୀନତା ଦେଖାଏ ବା ଉପେକ୍ଷା ପ୍ରଦର୍ଶନ କରେ, ସେ କି ଧର୍ମ, କି ସାହିତ୍ୟ ଉଭୟର ବୃହତ୍ତର ପ୍ରକାଶ ଦିଗରୁ ବିମୁଖ ହୋଇ ସଂକୀର୍ଣ୍ଣର କୁମ୍ଭୀପାକରେ ନିଜର ହୃଦୟ ମନକୁ ପକାଇଦିଏ ।

ଧର୍ମର ସ୍ୱରୂପ ନିର୍ଣ୍ଣୟବେଳେ ଜଣାଯାଇଛି ଯେ, ପ୍ରବୃତ୍ତିର ଡାକ ଯେତେ ନ୍ୟାୟସଂଗତ, ଯେତେ ବଳଶାଳୀ ହେଉ ପଛକେ ନିବୃତ୍ତିର ଆହ୍ୱାନକୁ ଏଡ଼ାଇଦେବାର ଆମର ଅଧିକାର ନାହିଁ । 'ମୋର ସ୍ୱଭାବ ଯାହା କରାଇବ, ମୁଁ ତାହା କରିବି; ସୁତରାଂ ତାହାହିଁ ମୋର ଧର୍ମ'—ଏଭଳି ଗୋଟାଏ ଜିଦ୍ ଧରି ବସିବା କୌଣସିମତେ ସୁନ୍ଦର ହୋଇ ନ ପାରେ;' କିନ୍ତୁ ସ୍ୱଭାବବଶତଃ ଯଦି ଏଭଳି ପ୍ରବୃତ୍ତି ପ୍ରକାଶିତ ହୋଇପଡ଼େ, ତେବେ ସେ ପ୍ରବୃତ୍ତି ନିବୃତ୍ତିର ଅଜ୍ଞାତ, ତାଙ୍କର ପାଖରେ ମୋର ସ୍ୱଭାବର ଯଥାର୍ଥତାର ବିଚାର ହେବ—ଧର୍ମର ଦରବାରରେ ଅନ୍ତତଃ ଏତିକି concession ପାଇବାର ଅଧିକାରୀ ମୁଁ ହୋଇପାରେ । ସାହିତ୍ୟ କ୍ଷେତ୍ରରେ ମଧ୍ୟ ଠିକ୍ ଏହି କଥାଟା ଖାଟିପାରେ । ମୋର ଯେମିତି ଇଚ୍ଛା ସେମିତି ମୋର ଆନନ୍ଦକୁ ପ୍ରକାଶ କରିବି, ତାହାହିଁ ହେବ ମୋର ସାହିତ୍ୟ—ଏଭଳି ଗୋଟାଏ ଜିଦ୍ ନିଜର ଅହମିକା ବା ବ୍ୟକ୍ତିତ୍ୱର ମାପକାଠିରେ ଯେତେ ନ୍ୟାୟସଂଗତ ହେଉ ନା କାହିଁକି, ବୃହତ୍ତର ମୁଁ କିମ୍ବା ସମାଜ ବ୍ୟୂହ ପାଖରେ ନିହାତି ଅସୁନ୍ଦର । ସମାଜକୁ ବାଦ୍ ଦେଇ ମଣିଷ

ଯେମିତି ବ୍ୟକ୍ତିଗତ ଧର୍ମ କମ୍ବା ଆଚ୍ଛର ଗଢ଼ିପାରେନା, ଠିକ୍ ସେମିତି ସମସ୍ତଙ୍କୁ ବାଦ୍ ଦେଇ ସାହିତ୍ୟ ବା ଆନନ୍ଦ ଆତ୍ମପ୍ରକାଶ କରିପାରେନା । କିନ୍ତୁ ଏହିଠାରେ ଉଠେ ମହା ଗଣ୍ଡଗୋଳ । ଧର୍ମକ୍ଷେତ୍ରରେ ଯେମିତି ଦଳେ ଚିତାଚଇତନଧାରୀ ବାନା ଟେକିରଖି ଧରି ଅର୍ଥରୁ ଅନର୍ଥ ବାହାର କରନ୍ତି, ସାହିତ୍ୟକ୍ଷେତ୍ରରେ ମଧ୍ୟ ସେହିପରି ଦଳେ ଧ୍ୱଜାଧାରୀ ଅଛନ୍ତି । ଅଶ୍ଳୀଳତା ବା Erotic elementର ଗନ୍ଧ ପାଇଲେ ସେମାନଙ୍କ ନାକ କପାଳ ଯାଏ କୁଞ୍ଚିତ ହୋଇଯାଏ । ଧର୍ମକ୍ଷେତ୍ରରେ ଅନୁଦାର ନୀତିବାଗୀଶମାନଙ୍କ ଭଳି ସେମାନେ ମଧ୍ୟ ସମୟ ସମୟରେ ଶୀଳତାର ସଙ୍ଗୀନ ମୁନ ହଲାଇ ସାହିତ୍ୟ ବିଚାରୀଙ୍କୁ ନୀତିର ଗାରଦ ଭିତରେ ବିନା ବିଚାରରେ ପୂରାଇ ଦିଅନ୍ତି । ଧର୍ମରେ ଶ୍ରୀକୃଷ୍ଣଙ୍କ ରାସଲୀଳା ଯେପରି ନବ୍ୟପନ୍ଥୀମାନଙ୍କର ଘୃଣା ଓ ବିରକ୍ତି ଉତ୍ପାଦନ କରେ, ସାହିତ୍ୟରେ ଅଶ୍ଳୀଳତା ବା Realistic picture ସେହିପରି ପ୍ରାଚୀନ-ପନ୍ଥୀମାନଙ୍କର ନାସିକା କୁଞ୍ଚନ ଆନୟନ କରେ; ଏପରି କି କଳା ହିସାବରେ ସାହିତ୍ୟରେ ଯେ ଅଶ୍ଳୀଳ ହୋଇ କିଛି ନାହିଁ, ଏହି ସାମାନ୍ୟ ସତ୍ୟଟାକୁ ଅବଧାରଣ କରିବାର ଯୋଗ୍ୟତା ସୁଦ୍ଧା ସେମାନେ ହରାଇବସନ୍ତି । କବି ବା ଚିତ୍ରକର ଯାହା କିଛି କହିବାକୁ ଯାଆନ୍ତି ବା ଯାହା ଆଙ୍କିବାକୁ ବସନ୍ତି, ତାହା ଯଦି ଯଥାଯଥ ଭାବରେ କହିପାରିଲେ କମ୍ବା ଯଥାଯଥ ଭାବରେ ଆଙ୍କିପାରିଲେ, ତାହାହେଲେ ସେହିଠାରେ ତାଙ୍କର କର୍ତ୍ତବ୍ୟ ଶେଷ । ଉଦ୍ଦେଶ୍ୟ ଉପରେ ଆଖି ରଖି ବିଚାର ନ କରିବା ଫଳରେ ଅର୍ଥରୁ ଅନର୍ଥ ବାହାରିବା ହିଁ ସାର ହୁଏ ।

ଏହା ବୋଲି ସାହିତ୍ୟରେ ଧର୍ମ ପରି ସଂଯମର ସ୍ଥାନ ନାହିଁ, ତାହା ନୁହେଁ । ଏ କଥା ଅବଶ୍ୟ ସ୍ୱୀକାର୍ଯ୍ୟ ଯେ, ମନୁଷ୍ୟ ଭିତରେ ଗୋଟାଏ ସ୍ୱାଧୀନତାର ବାସନା ବା ସ୍ୱାତନ୍ତ୍ର୍ୟର ସ୍ପୃହା ସବୁବେଳେ ଜାଗରୂକ ଅଛି । ପାଞ୍ଚଜଣଙ୍କଠାରୁ ଅଲଗା କରି ନିଜକୁ ଚହ୍ନାଇ ହେବାରେ ମନୁଷ୍ୟ ଅପାର ଆନନ୍ଦ ପାଏ । ସେଥିପାଇଁ 'ମୋତେ ଯାହା ଭଲ ଲାଗିଲା, ତାହା ହିଁ ସତ୍ୟ, ତାହା ହିଁ ଶିବ ଏବଂ ତାହା ହିଁ ସୁନ୍ଦର' ଏଭଳି ଏକ ଜିଦ୍ ଧରି ବସିବା ତା ପକ୍ଷରେ ସ୍ୱାଭାବିକ । ଧର୍ମ ବା ଆଚାରରେ ଯେମିତି ଆତ୍ମତୁଷ୍ଟିକି ସ୍ଥଳବିଶେଷରେ ପ୍ରମାଣ ବୋଲି ସ୍ୱୀକାର କରାଯାଇଛି, ସେମିତି ସାହିତ୍ୟ ବେଳକୁ ଏ ନଜିରଟା ଚଳିବ ନାହିଁ ବା କାହିଁକି ? ସ୍ୱାତନ୍ତ୍ର୍ୟବାଦୀମାନେ ବିନା ବାଧାରେ ଏଭଳି ଦାବୀ ଉପସ୍ଥାପିତ କରିପାରନ୍ତି । କିନ୍ତୁ ସ୍ୱାତନ୍ତ୍ର୍ୟ ସ୍ପୃହା ଦ୍ୱାରା ନିଜକୁ ପଚାଶ ଜଣଙ୍କଠାରୁ ଖଣ୍ଡିତ କରି ଆଣି ଉଗ୍ରଭାବରେ ଆସ୍ୱାଦନ କରିବାର ସ୍ପୃହାଟା ଯେମିତି ସ୍ୱାଭାବିକ, ସେମିତି ଆପଣାକୁ ପଚାଶ ଜଣଙ୍କ ଭିତରେ ବ୍ୟାପ୍ତ କରି ଉପଭୋଗ କରିବାର ବାସନାଟା ଅଳ୍ପ ପ୍ରବଳ ନୁହେଁ । ଏହି ବ୍ୟାପ୍ତିବୋଧ ଧର୍ମ ଭିତରେ ଯେମିତି ଆତ୍ମ-ପ୍ରକାଶ କରେ, ତା'ଠାରୁ ଯଥେଷ୍ଟ ଅଧିକ କରେ ସାହିତ୍ୟରେ । ମୋତେ ଯେଉଁ ଅଚାରଟା ଭଲ ଲାଗୁଛି, ମୁଁ ତୁମ୍ଭମାନଙ୍କୁ ଖୁଣ୍ଟି ସେଇଆକୁ ନେଇ ରହିବି, ଏମିତିକା

ଜିଦ୍ ମଣିଷ ଧର୍ମର ଦ୍ୱାହି ଦେଇ ଅନାୟାସରେ ଧରିପାରେ; କିନ୍ତୁ 'ମୋତେ ଯାହା ଭଲ ଲାଗିଲା, ମୁଁ ତାହାହିଁ ସୃଷ୍ଟି କରି ଏକାନ୍ତରେ ବସି ଉପଭୋଗ କରିବି'—ଏଭଳି Non-co-operationର ଭାବ କବି ବା ସାହିତ୍ୟିକର ପ୍ରାଣରେ ସହଜେ ଆସେ ନା । ବହିଃପ୍ରକାଶ ଦ୍ୱାରା ନିଜକୁ ସାରା ବିଶ୍ୱ ମଧ୍ୟରେ ପ୍ରସାରିତ କରିବାର ଉତ୍ତେଜନା ଧର୍ମ ଅପେକ୍ଷା ସାହିତ୍ୟରେ ଖୁବ୍ ବେଶି । କେବଳ ନିଜେ ଆନନ୍ଦ ଉପଭୋଗ କରି ସନ୍ତୁଷ୍ଟ ରହିପାରେ ନାହିଁ, ପରନ୍ତୁ ଅନ୍ୟ ଦଶଜଣଙ୍କୁ ସେହି ଆନନ୍ଦରେ ଅଂଶୀଦାର କରିବାର ବାସନା ଭିତରେ ଆଗ୍ରହ ଉତ୍ତେଜନାର ବାତ୍ୟା ସୃଷ୍ଟି କରେ ।

ଏହିଠାରେ ଆତ୍ମନିଗ୍ରହ ଓ ଆତ୍ମଶାସନର କଥା ଉଠେ । ମୋର ଭଲ ଲାଗିବାଟାକୁ ସମସ୍ତଙ୍କ ଭଲ ଲାଗିବାରେ ପରିଣତ କରିବାକୁ ଗଲେ ନିଜକୁ ପୀଡ଼ନ କରିବାକୁ ହୁଏ—ଏହା ପ୍ରକୃତିର ନିୟମ । ମାଆ ନିଜ ଓଠରୁ ହସପରି ହସ ଟିକେ ଶିଶୁ ଓଠରେ ଫୁଟାଇବାକୁ କିପରି ନିଜ ପେଟରୁ କାଟି ପିଲାଟିର ପେଟରେ ଦିଏ, ତାର ଦୃଷ୍ଟାନ୍ତ ଭୂରି ଭୂରି । କିନ୍ତୁ ଏ ଯୁଗରେ କି ଧର୍ମ, କି ସାହିତ୍ୟ—ସବୁକ୍ଷେତ୍ରରେ ଏହି ଗୋଟାଏ ହୁଡ଼ା ଉଠିଛି ଯେ, 'ମୋତେ ଯାହା ଭଲ ଲାଗିଲା, ମୁଁ ତାହା ହିଁ କରିବି, ତାହା ହିଁ ମୋର ଧର୍ମ'—'ମୋତେ ଯାହା ଭଲ ଲାଗିଲା, ମୁଁ ତାହା ହିଁ ଲେଖିବି, ତାହା ହିଁ ମୋର ସାହିତ୍ୟ ।' ପ୍ରବୃତ୍ତି କଥାଟାକୁ ଯଦି କେହି ତିରସ୍କାର ବୋଲି ମନେ ନ କରନ୍ତି, ତେବେ ଏ ଧରଣର ମନୋଭାବକୁ ପ୍ରବୃତ୍ତିବାଦ ନାମରେ ଅଭିହିତ କରାଯାଇପାରେ । ଏ ଧରଣର ମନୋଭାବ ପୋଷଣ କରିବା ଯେ ଅସଙ୍ଗତ କିମ୍ବା ଅସ୍ୱାଭାବିକ, ଏହା ଅବଶ୍ୟ କୁହାଯାଇ ନ ପାରେ । କିନ୍ତୁ ଏଇ କଥାଟାର ପଶ୍ଚାଦ୍ ଭାଗରେ ନିବୃତ୍ତି ପ୍ରତି ଯେଉଁ ପ୍ରଚ୍ଛନ୍ନ ଆକ୍ରୋଶର ସଙ୍କେତ ରହିଛି, ତାହା ସୁସ୍ଥ ସବଳ ମନୋବୃତ୍ତିର ପରିଚାୟକ ବୋଲି ମନେ ହୁଏନା । ନବ୍ୟପନ୍ଥୀମାନେ ଧର୍ମ ଭିତରୁ ଶାସ୍ତ୍ରର ଅନୁଶାସନ ଉଠାଇ ଦେବାକୁ ଚାହାନ୍ତି, ସାହିତ୍ୟର ଦରବାରରୁ ସମାଲୋଚନାର ଅଙ୍କୁଶ ଉଠାଇ ଦେବାକୁ ଚାହାନ୍ତି । ଏହାଦ୍ୱାରା ଯଦି ଧର୍ମ କିମ୍ବା ସାହିତ୍ୟର ବିକାଶ ଉତ୍ତରୋତ୍ତର ସରସ ଏବଂ ପ୍ରାଣବନ୍ତ ହୁଅନ୍ତା, ତେବେ କାହାର କିଛି କହିବାର ନ ଥାନ୍ତା; କିନ୍ତୁ ଧର୍ମ ଆଉ ସାହିତ୍ୟର ନାମରେ ଏ ଯୁଗରେ ଦେଶରେ ଯେଉଁ ସହଜିଆ ମନୋବୃତ୍ତିର ବିକାଶ ହେଉଅଛି, ତାହା ବିପ୍ଳବର ଅଗ୍ରଦୂତ ଛଡ଼ା ଆଉ କ'ଣ ହୋଇପାରେ ?

ପ୍ରବୃତ୍ତିକୁ ଯେମିତି ବିନା ଆପତ୍ତିରେ ସ୍ୱଭାବ ବୋଲି ସ୍ୱୀକାର କରି ନିଆଯାଇଛି, ନିବୃତ୍ତିକି ଠିକ୍ ସେହିପରି ସ୍ୱଚ୍ଛନ୍ଦ ଭାବରେ ସ୍ୱଭାବଗତ କରି ନେଇ ପାରୁନାହୁଁ—ଏହାହିଁ ହେଉଛି ଆମର ଗୋଟିଏ ମସ୍ତବଡ଼ ମାନସିକ ଦୁର୍ବଳତା । ଧର୍ମ ଓ ସାହିତ୍ୟରେ କେବଳ ଏଇ ଦୁର୍ବଳତା ଯୋଗୁ ବାଦବିବାଦର ସୂତ୍ରପାତ, ସାମ୍ପ୍ରଦାୟିକତାର ଅଭ୍ୟୁଦୟ । ନବ୍ୟପନ୍ଥୀମାନଙ୍କଠାରେ ଏହି ଧରଣର ଦୁର୍ବଳତା

ପୂର୍ଣ୍ଣମାତ୍ରାରେ ପରିଦୃଷ୍ଟ ହୁଏ । ଏହାର ଫଳରେ ଆମ୍ଭମାନଙ୍କ ଚିନ୍ତା-ରାଜ୍ୟରେ ଘୋର ଅରାଜକତାର ସୂତ୍ରପାତ ହୋଇଅଛି । ସ୍ୱଭାବର ସ୍ୱଚ୍ଛନ୍ଦ ବିକାଶ ଏବଂ ପ୍ରାଣର ବିଚିତ୍ର ପ୍ରକାଶ ବୋଲି ଧରିନେଇ ଆମ୍ଭେମାନେ ଧର୍ମ ଓ ସାହିତ୍ୟର ନାମରେ ଆସ୍ଫାଳନ କରୁଅଛୁ; କିନ୍ତୁ ସେ ସ୍ୱଭାବ ଯେ କିପରି ପତନୋନ୍ମୁଖ ଏବଂ ସେ ପ୍ରାଣ ଯେ କିପରି ଦୁର୍ବଳ ଓ କ୍ଷୟୋନ୍ମୁଖ, ତାହା ଥରେ ହେଲେ ଭାବନାରେ ଆଣୁନାହୁଁ । ବାତରୋଗୀ ରୋଗର ଦାଉରେ ଉଚ୍ଚକଣ୍ଠରେ ଚିତ୍କାର କରୁଛି, ଗଗନଭେଦୀ ପ୍ରଳାପ କରୁଛି; କିନ୍ତୁ ମୂଢ଼ ଅଜ୍ଞ ଆମେ ତାକୁ ସବଳତାର ଲକ୍ଷଣ ବୋଲି ବରଂ ଆତ୍ମପ୍ରସାଦ ଅନୁଭବ କରୁଛୁ । ଜୀବନ ତ କେବଳ ପ୍ରବୃତ୍ତିର ଉପାଦାନରେ ଗଢ଼ା ନୁହେଁ; ନିବୃତ୍ତି ଯେ ତାର ପ୍ରାଣର ଦୋସର । କେବଳ ଆମର ସୃଷ୍ଟି, ଆମର ଆଗ୍ରହକୁ ଘେନି ଆମର ଆମତ୍ୱ ତ ନିଃଶେଷ ହୋଇ ଯାଏନା; ସମସ୍ତଙ୍କୁ ଆଲିଙ୍ଗନ ପାଶରେ ଆବଦ୍ଧ କରି ଯେ ଗୋଟାଏ ବୃହତ୍ତର ଆମତ୍ୱ ଆମର ଚାରିଆଡ଼େ ଆମକୁ ଘେରି ରହିଅଛି, ତାର ଆରତି, ତାର ଆବେଦନକୁ ଉପେକ୍ଷା କଲେ, ଏ ସାହାରାରେ ଜୀବନର ଫୁଲଟି ସତେ କିଣ ଫୁଟିବ, ସତେ କିଣ ସୁବାସ ବିତରଣ କରିବ ! ଏଥିପାଇଁ ବିଶ୍ୱକବି ବ୍ୟାସଦେବ ଉପନିଷଦରେ ଗାଇଛନ୍ତି - ଦୁର୍ବଳତା ପରିହାର କରି ଉଠ, ଜାଗ୍ରତ ହୁଅ, ଜୀବନରେ ଯାହା ଅସଲ, ତାହାକୁ ଲାଭ କରିବା ପାଇଁ ସଚେଷ୍ଟ ହୁଅ, ସେ ପଥ କ୍ଷୁରଧାର ପରି ତୀକ୍ଷ୍ଣ । ତେଣୁ ପଦେ ପଦେ ସାବଧାନତା ଅବଲମ୍ବନ କରି ଅଗ୍ରସର ହୁଅ ।

ଉତ୍ତିଷ୍ଠତ ଜାଗ୍ରତ ପ୍ରାପ୍ୟ ବରାନ୍ ନିବୋଧତ
କ୍ଷୁରସ୍ୟ ଧାରା ନିଶିତା ଦୁରତ୍ୟୟା
ଦୁର୍ଗଂ ପଥସ୍ତତ୍ କବୟୋ ବଦନ୍ତି ।

---

ସହକାର — ଊନବିଂଶ ଭାଗ, ୩ୟ ସଂଖ୍ୟା

# କହୁପୁଛି ଜାଣେ ଯେ

● କାଳନ୍ଦୀ ଚରଣ ପାଣିଗ୍ରାହୀ

**ବା**କ୍ୟ, ମନ ଓ ହାତଗୋଡ଼ ଲଗାଏତ ଯେତୋଟି ଇନ୍ଦ୍ରିୟକୁ ମିଶାଇ ମଣିଷର ସଙ୍ଗା ତିଆରି ହୋଇଛି, ପୃଥିବୀରେ ସଭ୍ୟ, ଅସଭ୍ୟ ସମସ୍ତଙ୍କୁ ଗ୍ରହି ମନେହୁଏ, ସେଥିଭିତରୁ ହାତଗୋଡ଼ ହିଁ ସବୁଠୁଁ ବେଶି ବଳୁଆ । ଯାହାର ହାତଗୋଡ଼ ଯେତିକ ବୋଲ କରିପାରେ, ଦୁନିଆଁରେ ମଣିଷପରି ଗ୍ଳବୁଲ୍‌ବାକୁ ପରୁଆ ତାହାର ସେତିକ କମ । ହାତଗୋଡ଼ ପଛକୁ ଦେଖାଯାଏ ମୁହଁ-ଜୋର ଏବଂ ସବାଶେଷରେ ବିଦ୍ୟା ବୁଦ୍ଧି ନାମଧେୟ—ଇନ୍ଦ୍ରିୟଜାତ ଗୁଣମାନ ବୋଧହୁଏ ଥାର୍ଡ଼କ୍ଲାସରେ ଥାନ ପାଇବ ।

ଏରୂପ ଶ୍ରେଣୀ ବିଭାଗର ଯାଥାର୍ଥ୍ୟ ବୁଝିବା ପାଇଁ ବିସ୍ତର ଉଦାହରଣ ସମସ୍ତଙ୍କର ସବୁ ପାଖରେ ପୂରି ରହିଛି । "ଜୋର ଯାହାର, ମୁଲକ ତାହାର" କଥାଟା ପଛରେ ଯେ ଅନେକ ଅଭିଜ୍ଞତା ଓ ପର୍ଯ୍ୟବେକ୍ଷଣ ଲୁଚିଅଛି; ପୁଣି ପୃଥିବୀର ଅଳ୍ପ କେତୁଟା ସତ୍ୟ ଭିତରୁ ଏ ଯେ ଗୋଟେ ବଡ଼ ସତ୍ୟ ଏବଂ ଏତିକ ପ୍ରମାଣ କରିବାପାଇଁ ଡାର୍‌ଉଇନଙ୍କଠାରୁ ନିଟ୍‌ସେଙ୍କ ପର୍ଯ୍ୟନ୍ତ ବୈଜ୍ଞାନିକ ଓ ଦାର୍ଶନିକଗଣ ଏବଂ ସେମାନଙ୍କର ବହୁ ଚେଲା ଓ ଟୀକାକାର ଯେ ଅସୁମାରି ଶବ୍ଦ ଲେଖିଯାଇଛନ୍ତି, ସେ କଥା ମନେପକାଇଲେ ଅନାମଧେୟ ଏହି ଓଡ଼ିଆ ପ୍ରବଚନକାରଙ୍କୁ ସାବାସ ନ କହି ଗ୍ଳରି କାହାର ? ଏହି ପ୍ରବଚନକାରଙ୍କ କଥା ସଙ୍ଗେ ଇଂଲଣ୍ଡର ବିଜ୍ଞାନ-ବିଶାରଦ ଡାର୍‌ଉଇନଙ୍କ Survival of the Fittest ଏବଂ ଜର୍ମାନ ଦାର୍ଶନିକ ନିଟ୍‌ସେଙ୍କର Will-to-Power ପୁଣି ଭାରତର ଶ୍ରେଷ୍ଠ ଋଷିଙ୍କର "ନାୟମାତ୍ମା ବଲହୀନେନ ଲଭ୍ୟଃ" କଥାଗୁଡ଼ିକ ତୁଳାଦେଲେ ବରାବର ସମାନ ଓଜନ ହେବ ନାହିଁ କି ? ଗୋଟିଏ କଥାକୁ ହିଁ ଟିକିଏ ଫରକ ବାଟରେ ଅଲଗା ଭାଷାରେ କହିବାର ଭଙ୍ଗୀଛଡ଼ା ଏଗୁଡ଼ିକରେ ଆଉ କ'ଣ ଅଛି ?

ଏବେ ମଧ୍ୟ ଆମେ ଦେଖୁଥାଉଁ, ସାଧାରଣତଃ ଯେଉଁ ଲୋକଙ୍କୁ ଆଦିମ ଓ ଅନାର୍ଯ୍ୟ କହୁଥାନ୍ତି, ତାଙ୍କ ଭିତରେ ସବୁଠୁଁ ବଳୁଆ ଲୋକର ଆୟୋଜନ

ଅଧିକାର ଯେମିତି ଅଧିକ, ସଭ୍ୟ ଅର୍ଯ୍ୟଙ୍କ ଭିତରେ ବି ଠିକ୍ ସେମିତି । ପଶୁ ମାନଙ୍କର ଭିତରେ ମଧ୍ୟ ବଳୁଆ ମାନଙ୍କର, ବଳୁଆ କୁକୁର ବା ବଳୁଆ ଷଣ୍ଢ ନିଜ ଆହାର ବିହାର ପାଇଁ ଦୁର୍ବଳଠାରୁ ବେଶି ଆଦାୟ କରିଥାଏ । ଆର୍ଯ୍ୟ ଅନାର୍ଯ୍ୟ ସବୁ ମଣିଷ ଆପଣାର ବଳ ପରଖ ପାଇଁ ସୁବିଧା ପାଇଲେ ସବୁ ପ୍ରକାର ଧର୍ମ ଓ ନୀତି ମୁହଁରେ ଉକ୍ତରୂପ ଆଚରଣ କରିବାକୁ ଛାଡ଼େ ନାହିଁ ।

ଏ ତଥ୍ୟର ଉଦାହରଣ ପାଇଁ ଖାଲି କୁକୁରକୁକୁରି, ଷଣ୍ଢଗାଈ କିମ୍ବା ପୁରୁଷ ସ୍ତ୍ରୀର ସମ୍ବନ୍ଧ ଉଲ୍ଲେଖ କଲେ ଯଥେଷ୍ଟ ହେବ ନାହିଁ । ଟିକିଏ ନିରେଖି ଚାହିଁଲେ ବଳୁଆ ବ୍ୟକ୍ତିଠାରୁ ବଳୁଆ ଜାତିର ସ୍ୱାର୍ଥପରତା ଭୀଷଣତର, ଉତ୍କଟ ଓ ମାରାତ୍ମକ । ବିଜିତ ଦେଶର ସ୍ତ୍ରୀ ଉପରେ ବିପକ୍ଷ ସୈନ୍ୟମାନେ ଯେଉଁ ଧର୍ଷଣ କରନ୍ତି, ତାହା ଆଜି ମଧ୍ୟ ଅସାଧାରଣ ଘଟଣା ନୁହେଁ । ଦୁର୍ବଳ ବୋଲି ତାହାର ପୈତୃକ ବୃତ୍ତି କେରାଣୀ ପାଇଁ କେତେ ପରିହାସ, ଅପମାନ ଓ ଛିଙ୍କା ଓଟରି ସହି ଶେଷରେ ସମଗ୍ର ଓଡ଼ିଆ ଜାତିଟା ପିତୃପୁରୁଷଙ୍କ ଶ୍ରାଦ୍ଧ କରି ଲଣ୍ଡା ହେବାକୁ ବାଧ୍ୟ ହୋଇଛି; ଅଥଚ ଶିଖ୍ ଜାତିଟା ସୁସଭ୍ୟ ଇଂରେଜ ସମ୍ରାଟଙ୍କ ଦରବାରରେ ମଧ୍ୟ ଖାଲି ବୃତ୍ତି ନୁହେଁ, ତହିଁରେ ପାଗଡ଼ି ଖୋସି ଏବଂ ଲମ୍ବାଦାଢ଼ିରେ ଲୁହାବଳାଲଗା ହାତ ବୁଲାଇ ନିର୍ବିକାର ଚିତ୍ତରେ ବସୁଛି, ସେଥିରେ କାହାର ଟିକିଏ ଉଁ ଚୁଁ ହେବାକୁ ସାହସ ନାହିଁ ।

ହାତ ଗୋଡ଼ ଯାହାର ବେଶି ବୋଲ କରେ ନାହିଁ, ତାକୁ ପ୍ରାୟ କସ୍ରିମାନ୍ତ କରିବାର ଦେଖାଯାଏ ମୁହଁ ଜୋରରେ । କିନ୍ତୁ ହାତ ଗୋଡ଼ ଚାଳକ ପାଖରେ କଥାର ଚାଳକକୁ ଅନେକ ସମୟ ତୁନି ରହିବାର ଦେଖାଯାଏ । ପୃଥିବୀର ନାରୀ ଏବଂ ଶିଶୁଜାତିର ଏହି କାରଣରୁ ମୁହଁ ବେଶି ବୋଲକରେ ଏବଂ ଭାରତବର୍ଷର ନାରୀ ଏହି କାରଣରୁ ପୁରୁଷ ଆଗରେ ଚୁପ୍ । ଏହି କାରଣରୁ ହିଁ ମିଲ୍‌ଟାରିଜିମ୍‌ର ଆସନ ଆଜି ପୃଥିବୀର ଶୀର୍ଷସ୍ଥାନରେ ଏବଂ ଆନ୍ତର୍ଜାତିକ ଲିଗ୍‌ର ରାଜନୈତିକ ବାକ୍‌ସ୍ଫୂର୍ତ୍ତି ଇଟାଲୀ ଜର୍ମାନୀର ସାମରିକ ଧମକ ପାଖରେ ଏକାବେଳେ ତୁଚ୍ଛ ଓ ଅର୍ଥହୀନ । ଏହି କାରଣରୁ ହିଁ ଆମ ଆଖି ଆଗରେ କେତେ କାଳର ଗୋଟେ ପୁରୁଣା ସାମ୍ରାଜ୍ୟ ସ୍ୱାଧୀନତା ହରାଇ ବୈଧବ୍ୟ ଗ୍ରହଣ କଲା, ଆଉ ଗୋଟାକର ଦଶା ତାହାହିଁ ହେବାକୁ ଯାଉଛି ।

ଏବିସିନିଆରେ କୁହାଳିଆ ଲୋକେ ଥିଲେ, ଚୀନାରେ ମଧ୍ୟ ଅଛନ୍ତି; କିନ୍ତୁ ଆଧୁନିକ ରୀତିରେ ଗୋଇଠା ଚାପୁଡ଼ା ମାରିବାପାଇଁ ସେ ଦେଶ ଲୋକଙ୍କର ହାତଗୋଡ଼ ଖୁବ୍ ସମର୍ଥ ନୁହେଁ; ସେଥିଲାଗି ତାଙ୍କର ଏହି ଦଶା । ଯେତେ କୁହାଳିଆ ହୁଅ, ଭଲ ରୂପେ ଯେ ହାତଗୋଡ଼ ଚଳାଇ ଜାଣେ, ତାହା ପାଖେ ସାବଧାନରେ ମୁହଁ ଫିଟାଇବାକୁ ପଡ଼ିବ । ଯୁଦ୍ଧଭୂମିର ନାନା ଅଦ୍ଭୁତ ଗପ ଭିତରେ ଶୁଣାଥାଏ

ଦିନେ ଦିନେ ମଲାଖଣ୍ଡିଆ ସୈନ୍ୟସଂଖ୍ୟା ଏତେ ବେଶି ହୋଇପଡ଼େ ଯେ, ଡାକ୍ତର ପକ୍ଷରେ ପ୍ରତି ସୈନ୍ୟଙ୍କୁ ପରୀକ୍ଷାକରି କିଏ ମଲା, କିଏ ଜୀଅନ୍ତା ବାଛି ପାରିବା ଅସମ୍ଭବ ହୋଇଉଠେ । ମଲା ଖଣ୍ଡିଆଙ୍କୁ ନିଆରା ନିଆରା ସୁମାରି କରି ସାର୍ଟିଫିକେଟ୍ ଦେଲାବେଳେ ଡାକ୍ତରର ଏ କ୍ଷେତ୍ରରେ ଭୁଲ ହେବା ହିଁ ସାଧାରଣ କଥା ଏବଂ ଠିକ୍ ହେବା ବରଂ ଅସାଧାରଣ । ସେଥିପାଇଁ ଏରୂପ ମଲା ସାର୍ଟିଫିକେଟ ପାଇ ସାରିବାପରେ କେହି କେହି ଜୀଅନ୍ତା ସୈନ୍ୟର ହୋସ୍ ଆସିଗଲେ ଏବଂ ସେ ମଲାଲୋକ ପାଖେ ରଖା ହୋଇଥିବାର ଆପତ୍ତି କଲେ, ଜଗୁଆଳମାନେ ତାହାର ସାକ୍ଷ୍ୟ ଅପେକ୍ଷା ଡାକ୍ତର ସାର୍ଟିଫିକେଟ୍ ବେଶି ମୂଲ୍ୟବାନ ଓ ବିଶ୍ୱାସଯୋଗ୍ୟ ବୋଲି ଜବାବ ଦିଅନ୍ତି । ଅଥଚ ସେହି ସୈନ୍ୟର ହାତଗୋଡ଼ ଯେବେ ଟିକିଏ ଚଳୁଥାନ୍ତା, ତେବେ ଜଗୁଆଳ କଥା କ'ଣ, ଯେ କେହି ଡାକ୍ତରଙ୍କୁ ମଧ୍ୟ ଆଗ ଆପଣାର ଦେହ ମୁଣ୍ଡ ସମ୍ଭାଳି ପରେ ତାହାକୁ ପରୀକ୍ଷା କରିବାକୁ ହୁଅନ୍ତା ।

ଅବଶ୍ୟ ନିତାନ୍ତ ବିକାରଗ୍ରସ୍ତ ନ ହେଲେ ୩୬୫ ଦିନ କୌଣସି ଲୋକ ଖାଲି ହାତଗୋଡ଼ ପ୍ରୟୋଗ କରିବାକୁ ସୁଖ ପାଇବ ନାହିଁ । ଯେଉଁମାନେ ଯୁଦ୍ଧ କରନ୍ତି, ତାଙ୍କୁ ମଧ୍ୟ ବହୁକାଳ ବିଶ୍ରାମ କରି ଥରେ ଅଧେ ଯୁଦ୍ଧ ଭୂଇଁରେ ଓହ୍ଲାଇବାକୁ ହୋଇଥାଏ । ଇଂଲଣ୍ଡ, ଆମେରିକା ଓ ରୁଷିଆ ପ୍ରଭୃତି କେତୁଟା ଦେଶର ସୈନ୍ୟମାନେ ତ ପ୍ରଥମ ମହାଯୁଦ୍ଧ ପରଠାରୁ ପ୍ରାୟ କୋଡ଼ିଏ ବର୍ଷ ହେବ ଖାଲି ଲେଫ୍‌ଟ ରାଇଟ୍ ଛଡ଼ା ଆଉ କିଛି ଉଲ୍ଲେଖଯୋଗ୍ୟ କାମ କରିଥିବାର ଶୁଣାନାହିଁ । ସ୍ପେନ୍ ଦେଶରେ ଯେଉଁ ରାଜନୈତିକ ଘରକଳିଆ ଲାଗିଥିଲା, ତାହାର ସାଲତମାମୀରୁ ଦେଖାଯାଏ, ତହିଁରେ ମରିଶୋଇଥିଲେ ଦଶ ଲକ୍ଷ ଏବଂ ଖଣ୍ଡିଆ ଓ ଅକର୍ମଣ୍ୟ ହୋଇ ପଡ଼ିଥିଲେ ଏହି ସଂଖ୍ୟାର ପ୍ରାୟ ଦୁଇଗୁଣ । ଆମ୍ଭେମାନେ ସ୍ପେନ୍ ଦେଶର ଅନେକ ଦୂରରେ ବେଶ୍ ନିରାପଦରେ ଅଛୁଁ । ଆମ ନିଜର କିମ୍ବା କେହି ବନ୍ଧୁ ସ୍ୱଜନର କିଛି କ୍ଷତି ଘଟିନାହିଁ । ତେଣୁ ସ୍ପେନ୍ ବା ସାଙ୍ଘାଇର ଯୁଦ୍ଧ ଖବର ପାଇବା, ମଲା ଓ ଖଣ୍ଡିଆଙ୍କର ସଂଖ୍ୟା ଜାଣିବା, ଆମ ପାଇଁ ଖୁବ୍ ସ୍ପନ୍ଦନପୂର୍ଣ୍ଣ ଓ ଉପଭୋଗ୍ୟ ହୋଇପାରେ । ସେମିତି କିଛି ଖବର ନ ଥିଲେ 'କିଛି ନାହିଁ' କହି ଖବରକାଗଜକୁ ତାଚ୍ଛଲ୍ୟ କରିପାରୁଁ । କିନ୍ତୁ ଯେଉଁମାନେ ଅସଲ ଯୁଦ୍ଧ କରନ୍ତି, ଅନ୍ୟକୁ ହାଣନ୍ତି ବା ନିଜେ ହାଣ ଖାଆନ୍ତି, ତାଙ୍କ ଭିତରୁ ଅତି ଅଳ୍ପ ଖବର କାଗଜ ପଢ଼ନ୍ତି ବା ପଢ଼ି ଜାଣନ୍ତି । ଯେ ବା ପଢ଼ନ୍ତି, ସ୍ପନ୍ଦନ ଅନୁଭବ କରିବାର କ୍ଷେତ୍ରେ ତାଙ୍କର ଅତି ସଙ୍କୀର୍ଣ୍ଣ ଓ ନିଘଞ୍ଚ ଏବଂ କୌଣସି ସ୍ପନ୍ଦନର ବଶବର୍ତ୍ତୀ ହୋଇ ଅନ୍ୟ ଅପରିଚିତ ଲୋକକୁ (ଯାହା ସଙ୍ଗେ କେବେହେଲେ ନିଜର ଶତ୍ରୁତା ନାହିଁ କି ନ ଥିଲା) ଆଖି ବୁଜି ହତ୍ୟା କରନ୍ତି ନାହିଁ । କାରଖାନାର କୁଲି ଯେମିତି କଳପାଖେ ଛିଡ଼ା ହୋଇ କାମ କରେ, କୃଷୀ ଯେମିତି ବଳଦରେ ହଳ ବୁଲାଏ, କିରାନି ଯେମିତି ଅଫିସ ଘରେ

ଫାଇଲ ଘାଣ୍ଟେ, ତାଙ୍କର ମଣିଷ ମାରିବା କାମ ସେମିତି । ମାତ୍ର ଦେଶ-ପ୍ରେମରୁ ସ୍ପନ୍ଦନ ଖାଲି ଅଳ୍ପ କେତେଜଣ ଖବର କାଗଜ ପଢ଼ୁଆଙ୍କୁ ଗ୍ରାସ କରିଥାଏ ।

ସୈନ୍ୟ ବିଭାଗରେ ମଧ୍ୟ ଯେଉଁମାନେ ନାମ ଲେଖାନ୍ତି, ସେମାନେ ସମସ୍ତେ ହିଁ ଚାକିରି ଓ ଖାଦ୍ୟର ପାଇବା ପାଇଁ ତାହା କରନ୍ତି । ଦେଶପାଇଁ ଆତ୍ମବଳି ଦେବାର କାହାର ଉଦ୍ଦେଶ୍ୟ ଥାଏ, ସେ ସମ୍ବନ୍ଧରେ ଏ ଯୁଗରେ ଅତି ଅଳ୍ପ ବିବରଣ ପ୍ରକାଶିତ ହୋଇଅଛି, ବରଂ ଯେଉଁମାନେ ଯୁଦ୍ଧଭୂମିରେ ଓହ୍ଲାନ୍ତି, ଯେଉଁ ଶ୍ରେଣୀରୁ ସୈନ୍ୟ-ମାନଙ୍କୁ ନିଆଯାଏ ଏବଂ ସମଗ୍ର ପୃଥିବୀର ଏ ମୁଣ୍ଡ ସେ ମୁଣ୍ଡଯାଏ ଯାହାଙ୍କ ସଂଖ୍ୟା ପନ୍ଦର ପଣରୁ ବେଶି ପଛେ କମ୍ ନୁହେଁ, ସେମାନେ ପ୍ରାୟ ଶାନ୍ତିପ୍ରିୟ ବୋଲି ଅନେକ ବିବରଣୀ ଆଖି ଆଗରେ ପଡ଼େ । ପୃଥିବୀ ଉପରର ଏହି ବହୁ ଏବଂ ଅଧିକାଂଶ ହିଁ ଯୁଦ୍ଧ ନାଁ ଶୁଣି ଭୟ କରନ୍ତି, ହଣାମରାଠାରୁ ଦୂରରେ ରହିବାକୁ ଲୋଡ଼ନ୍ତି । କେଉଁ ଦେଶର ସ୍ତ୍ରୀ ଆପଣା ବାପ ଭାଇ, ପିଲା ଛୁଆଙ୍କୁ ଘେନି ଦୁଃଖ ଓ ଅଭାବର ଘରଟିରେ ହସଖୁସି କରୁଥିବାବେଳେ ଆକାଶର ଚଡ଼କ ପଡ଼ି ପରକ୍ଷଣରେ କାହାକୁ ହାତଗୋଡ଼ହୀନ ଏବଂ କାହାକୁ ପ୍ରାଣହୀନ ଦେଖି ଦେଶପାଇଁ ବା ସେମିତି ଗୋଟାଏ କିଛି ବଡ଼ ଆଦର୍ଶ ଯୋଗୁଁ ଏହା ତ୍ୟାଗକଲି ବୋଲି ତୃପ୍ତି ପାଇବ ? ଦିନଯାକ ପରିଶ୍ରମ ପରେ ଘର ଭିତରେ ଶାନ୍ତିରେ ଶୋଇଥିବାବେଳେ କେଉଁ ପୁରୁଷ ରାତି ଅଧରେ ଆପଣା ପୁଅ ଭାର୍ଯ୍ୟା ରକ୍ତରେ ଭାସୁଥିବାର ଦୃଶ୍ୟ ସୁଖକର ମଣିବ ?

ଭାରତର ଶତକଡ଼ା ନବେ ଲୋକ ଯେ ଗରିବ ଏବଂ ପୃଥିବୀ ଲୋକସଂଖ୍ୟାର ଏହିପରି ବା ଏଥିରୁ କିଛି କମ୍ ଅନୁପାତ ଲୋକ ଯେ ଅଭାବ ଅନଟନ ଭିତରେ ଯୁଗ ଯୁଗ ଧରି ଋଣ ହୋଇ ପଡ଼ିଛନ୍ତି, ପୁଣି ଯେତେ ସ୍ଲୋଗାନ ତାଙ୍କଆଗେ ଗାଇଲେ ହେଁ ବଦ୍ଧ ପୋଖରୀକୁ ଢେଳା ଫିଙ୍ଗିଲାପରି ତାହା ସେମାନଙ୍କର ଶାନ୍ତ ପ୍ରକୋଷ୍ଠକୁ ବିଚଳିତ କରିବା ଯେ ସହଜ ନୁହେଁ, ଏଥିରୁ ବଳି ତାଙ୍କ ଶାନ୍ତିପ୍ରିୟତାର ବଡ଼ ପ୍ରମାଣ କ'ଣ ଥାଇପାରେ ?

ସମାଜତତ୍ତ୍ୱ ଗବେଷଣା କରୁଥିବା କେହି କେହି ମତ ଦିଅନ୍ତି, ପୃଥିବୀରେ ଯେତେ କିଛି ଅଶାନ୍ତି ଓ ଗଣ୍ଡଗୋଳ, ତାହା ଅତି ଅଳ୍ପସଂଖ୍ୟକ ଲୋକହିଁ ଘଟାଇଥାନ୍ତି ଏବଂ ସେ ସମସ୍ତେ ପ୍ରାୟ ଆଦର୍ଶବାଦୀ । ଦେଶ ଜାତି ପ୍ରେମର ଦୋହାଇ ଦେଇ ଏହି କେତେଜଣ ଆଦର୍ଶବାଦୀହିଁ ପୃଥିବୀରେ ଯେଉଁ ଭୀଷଣ ପୈଶାଚିକ ଘଟଣାରାଶିର କାରଣ ହୋଇଅଛନ୍ତି, ଗୋଟି ଗୋଟିକରି ତାହାକୁ ବାଢ଼ି ବସିଲେ କେହି ଶୁଣି ତାଜୁବ ହେବ । ଯେତେ ବିକଳ ବୀଭତ୍ସ ନିର୍ମମ ଓ ନିସ୍ତାଟ ହେଲେ ମଧ୍ୟ ସତଟାକୁ ସଯତ୍ନରେ ଘୋଡ଼ାଇ ରଖିବା ପାଇଁ ଆଦର୍ଶବାଦ ପରି ସୁନ୍ଦର ସୁକୁମାର ଚିତ୍ତାକର୍ଷକ ଘୋଡ଼ଣିଟିଏ ବୋଧହୁଏ ଆଉ ଦ୍ୱିତୀୟ ନାହିଁ । ପ୍ରଥମ ମହାଯୁଦ୍ଧଟାକୁ ସବୁ ଦେଶର ସବୁ ଶ୍ରେଣୀ ଲୋକ ନିନ୍ଦା କରିଛନ୍ତି । ଲେଖକ ଓ ସମ୍ପାଦକମାନେ ଏହି ବର୍ବରତାକୁ ସଭ୍ୟ ମନୁଷ୍ୟ ପରିତ୍ୟାଗ କରିବାପାଇଁ ଶହେ ମୁହଁରେ ଘୋଷିଚନ୍ତି ।

ସବୁ ଦେଶର ବକ୍ତା ଓ ରାଜନୀତିକମାନେ ଭବିଷ୍ୟତ ଯୁଦ୍ଧକୁ ଏଡ଼ିବାପାଇଁ ପ୍ରରୋଚନା ଦେଇଛନ୍ତି । ନିରସ୍ତ୍ରୀକରଣର ସଭା ବସି କେତେ ଆଲୋଚନା ହୋଇଯାଇଛି । ତଥାପି ୧୯୧୮ ମସିହା ନଭେମ୍ବର ମାସଠାରୁ ୨୦ ବର୍ଷ ହେଲା ପ୍ରତି ଦେଶର ମୃତ ସୈନିକଙ୍କୁ ସମ୍ମାନ ଦେଖାଇବାକୁ ମହାସମାରୋହରେ ସବୁ ଦେଶରେ ଉତ୍ସବ କରାଯାଉଛି ଏବଂ ପ୍ରକାରାନ୍ତରେ ଆଗାମୀ ଯୁଦ୍ଧ ପାଇଁ ସବୁ ଦେଶର ଲୋକଙ୍କୁ ଉତ୍ସାହ ଦେବାରେ ତ୍ରୁଟି ନାହିଁ । ଧର୍ମ ଓ ନୈତିକତାର ଆଦର୍ଶ ତଳେ ଦୈନିକ ହଜାରଟା ଠକାମି ପ୍ରତି ଲୋକଙ୍କୁ ଅଙ୍ଗେ ନିଭାଇବାକୁ ପଡ଼ୁଛି ଏବଂ ତାହାକୁ ପ୍ରାଚୀନ ରୀତି ତଳେ ରଖିଦେଇ ରକ୍ଷା ପାଇବାକୁ ହୁଏତ ଗୋଟାଏ ବାଟ ଅଛି । କିନ୍ତୁ ଏ ରୂପ ଉତ୍ସବ ଯେ ପୃଥିବୀ ଉପରେ ସର୍ବଶ୍ରେଷ୍ଠ ସୁସଭ୍ୟ, ସୁଶିକ୍ଷିତ, ସୁବିଚାରକ ବୋଲାଉଥିବା ଜାତିମାନଙ୍କର ସୁଚିନ୍ତିତ କାମ, ପୁଣି ସରକାରୀ ଢାଲ ଢୋଲ ପିଟି ସବୁ ଦେଶରେ ପାଳିତ ହେଉଅଛି, ଏ କାମପାଇଁ କ୍ଷମା ଖୋଜିବାକୁ ଗଲେ ବିଶ୍ୱବ୍ରହ୍ମାଣ୍ଡର କେଉଁ କୋଣରେ ତାହା ମିଳିବ ଭଲା ?

ପୃଥିବୀର ଏହି ଅଳ୍ପ-ସଂଖ୍ୟକ ବୁଦ୍ଧିଜୀବୀଙ୍କୁ କୁହାଳିଆ ଶ୍ରେଣୀରେ ଧରାଯାଇପାରେ । ଏମାନେ ନିଜେ ହାଡ଼ଭଙ୍ଗା କଠିନ କାମ କରିବାକୁ ଯେତେ ପାରଗ ନୁହନ୍ତି, ଅନ୍ୟକୁ ତାହା କରିବାକୁ ଫୁସୁଲାଇ ପାରିବାରେ ବେଶି ତତ୍ପର । ଅତି ବଡ଼ ଧନୀ ଓ ବ୍ୟବସାୟୀ ମାଲିକମାନଙ୍କ ପରି ଏମାନେ ଭୁଞ୍ଜା ଘୁଙ୍ଗୁଡ଼ି ପକେଇ ବେଶି ଭୋଜନରେ ମରନ୍ତି ନାହିଁ । କିନ୍ତୁ ଯାହାଙ୍କର କିଛି ନାହିଁ, ତାଙ୍କୁ ନିରାହାରରେ ମରିବା ପାଇଁ ଉତ୍ସାହ ଉତ୍ତେଜନା ଦିଅନ୍ତି ଢେର । ନିଜର ମାରିବାକୁ ସୁବିଧା ସାହସ ନ ଥିବାରୁ ଅନ୍ୟକୁ ମାରିବା ପାଇଁ ତିଆରି କରନ୍ତି । କିଛି ପୁଛିଁ ଜାଣିବା ଛଡ଼ା ସେମାନେ ଆଉ କିଛି ଜାଣନ୍ତି ନାହିଁ । ଅବଶ୍ୟ ସବୁବେଳେ ଆପଣାର ଦେହକୁ ଓ ଧନ ସମ୍ପତ୍ତିକୁ ଜଗି ରଖି ଚତୁରତା ଗୁଣରେ ଯଥାର୍ଥରେ ପୁଇଁ ଚଙ୍ଗୁଡ଼ି ବକନ୍ତି ଏମାନେ, କାରଣ ଉକ୍ତ ଶ୍ରେଣୀର ସବୁଗୁଡ଼ିକ ପ୍ରାୟ ପଣ୍ଟ ଚଙ୍ଗୁଡ଼ି କାରବାରବାଲା ।

ମଫସଲ ଗାଁରେ ଟାଉଟରଗିରି କରିବାଠାରୁ ଆରମ୍ଭ କରି କୋର୍ଟ କଚେରୀରେ ଓକିଲାତି ଏବଂ ବ୍ୟବସ୍ଥାସଭା କିମ୍ବା ପାର୍ଲିଆମେଣ୍ଟରେ ରାଜନୈତିକ ବାକ୍‌ସ୍ଫୂର୍ତ୍ତି କରିବା ପର୍ଯ୍ୟନ୍ତ ଏଇ ପୁଇଁ ଚଙ୍ଗୁଡ଼ି ବକିବା ଲୋକ ଭର୍ତ୍ତି ହୋଇ ଅଛନ୍ତି । କଥାର ଗୁରୁଗୀରେ କଠୋର କର୍କଶ ବାସ୍ତବକୁ ମଧ୍ୟ ଏକ କୋମଳ ମୁଲାଏମ ଘୋଡ଼ଣି ଭିତରେ ସଜାଇ ରଖିବାକୁ ଏମାନେ ଅଭ୍ୟସ୍ତ । ଲକ୍ଷ ଲକ୍ଷ ଭଙ୍ଗା କୁଡ଼ିଆର ପ୍ରତିନିଧି ହୋଇ ସରକାରୀ ରାଜଧାନୀଗୁଡ଼ିକର କୋଠାବାଡ଼ି ଗ୍ଲେକଚକ୍ୟ ଠିକ୍ ଯେମିତି ଏକ ନିର୍ଲଜ୍ଜ ଘୋଡ଼ଣିର କାମ କରିଥାଏ । ଏ ସବୁ ହାସଲ କରିବାକୁ କଥାର କାଇଦା ତାଙ୍କର ବଡ଼ ଅସ୍ତ୍ର । କୌଣସି ବିଷୟରେ ତାଙ୍କର ନିଜର ପାଣ୍ଡିତ୍ୟ ବା ଅଭିଜ୍ଞତା ଦରକାର ନାହିଁ, କାରଣ ସବୁ ବିଷୟରେ ପଣ୍ଡିତ ଓ ଅଭିଜ୍ଞ ଲୋକର ପରାମର୍ଶ ପାଇବା ସବୁବେଳେ

ତାଙ୍କ ହାତ ପାଉଣାରେ । ଇତିହାସ, ବିଜ୍ଞାନ, ସାହିତ୍ୟ, ଯାହା ଖୋଜନ୍ତୁ ସବୁ ବିଷୟରେ ଶସ୍ତାରେ ତାଙ୍କୁ ପରାମର୍ଶ ମିଳିପାରେ । ଆଉ ତେବେ କ'ଣ ଦରକାର ତାଙ୍କର ? ଚିକିତ୍ସା-ବିଜ୍ଞାନ ? ସେଥିପାଇଁ ବଡ଼ ବଡ଼ ଚିକିତ୍ସା ବ୍ୟବସାୟୀ ବା କର୍ମଚାରୀଙ୍କର ତ ଅଭାବ ନାହିଁ । ଆଇନ୍ କାନୁନ୍ ? ବିଚାରାଳୟରେ ପ୍ରଧାନ ବିଚାରପତି, ଏଡ୍‌ଭୋକେଟ ଜେନେରାଲ ବା ଲର୍ଡ଼ ଚାନ୍‌ସେଲର ସେଥିପାଇଁ ନିଯୁକ୍ତ ଅଛନ୍ତି । ଧର୍ମ, ଦର୍ଶନ, ଏପରି କି ରାଜନୀତି ସମ୍ବନ୍ଧେ ମଧ୍ୟ ତାଙ୍କର ଗଭୀର ଜ୍ଞାନ ଅର୍ଜନ କରିବାର କି ଗରଜ ଅଛି ? ଆଉ କ'ଣ ଧନ ? ଧନର ପୁଣି କି ଅଭାବ ?

ଧନୀମାନଙ୍କର ଧନର ସୁରକ୍ଷା ଯେ ତାଙ୍କର ବଡ଼ କାମ ! ଖାଲି ଅଶିକ୍ଷିତ ଚୋରି ଡକାଏତଙ୍କ ଆକ୍ରମଣରୁ ନୁହେଁ, ଶିକ୍ଷିତ ଭଦ୍ରଲୋକଙ୍କ ଆକ୍ରମଣରୁ ମଧ୍ୟ । ଯଥାର୍ଥରେ ବଡ଼ ବଡ଼ ମିଲ୍ ମାଲିକ, ବ୍ୟବସାୟୀ ଓ ବ୍ୟାଙ୍କରମାନଙ୍କର ଏଜେଣ୍ଟଗିରି କରନ୍ତି ଏହିମାନେ, ଏବଂ ପୃଥିବୀରେ ପ୍ରାୟ ସବୁ ସ୍ୱାଧୀନ ଦେଶ ହିଁ ପ୍ରଧାନତଃ ସେହି ଧନିକମାନଙ୍କ ଅଧୀନରେ ରହିଥିବାରୁ, ବ୍ୟବସାୟୀଙ୍କ ସ୍ୱାର୍ଥକୁ ଜଗିବାପାଇଁ ପୁଣି ଆଉ ସବୁ ଦେଶରେ ତାଙ୍କର ଜିନିଷଗୁଡ଼ିକ ଭଲ କାଟତି ପାଇଁ ଏହି ସରକାରୀ ଏଜେଣ୍ଟ ଅନ୍ୟ ଦେଶ ଏଜେଣ୍ଟଙ୍କ ସଙ୍ଗେ ସଭା କରନ୍ତି, ଆଲୋଚନା କରନ୍ତି, ତର୍କ କରନ୍ତି, ଚୁକ୍ତିପତ୍ର ଲେଖି ତହିଁରେ ଦସ୍ତଖତ କରନ୍ତି ଏବଂ ପର ମୁହୂର୍ତ୍ତରେ ଦରକାର ପଡ଼ିଲେ ଗୋଟାଏ ଚୁକ୍ତିକୁ ଚିରି ଅନ୍ୟ ଏକ ଦେଶ ସଙ୍ଗେ ଆଉ ଗୋଟିଏ ଚୁକ୍ତିରେ ନାଁ ଲେଖନ୍ତି କିମ୍ବା କୌଣସି ଚୁକ୍ତି ଦ୍ୱାରା ସିଦ୍ଧାନ୍ତ ସମ୍ଭବ ନ ହେଲେ ସବୁ ଚୁକ୍ତିକୁ ଦଳି ତା' ସଙ୍ଗେ ମଣିଷର ମସ୍ତିଷ୍କ ଓ ବୁଦ୍ଧିବିଚାରକୁ ମଧ୍ୟ ଉତ୍ସର୍ଗ କରନ୍ତି ଆଦିମକାଳରୁ ପ୍ରଚଳିତ ଏକମାତ୍ର ଦେହ ଓ ଧନବଳ ଉପରେ । କାରଣ ସେଥିରେ ତାଙ୍କ ନିଜର କିଛି କ୍ଷତି ନାହିଁ । ଧନିକର ଧନହାନି ଓ ନିର୍ଦ୍ଧନର ପ୍ରାଣହାନି ହିଁ ସବୁ ଲଢ଼େଇର ଶେଷ ଫଳ ହୋଇଥାଏ । ଯେଉଁମାନେ ଧନ କମାନ୍ତି, ଆଉ ଯେ ଧନ ଜମାନ୍ତି, ସେହିମାନେ ହିଁ ଯୁଦ୍ଧଭୂଇଁରେ ସୈନିକ ହୋଇ ମରନ୍ତି କିମ୍ବା ଯୁଦ୍ଧର ସବୁ ଖର୍ଚ୍ଚ ତୁଲନ୍ତି । ଅଥଚ ଯୁଦ୍ଧ ହେବା ନ ହେବାର ବିଚାର ବ୍ୟବସ୍ଥା ଏହି ସରକାରୀ ଏଜେଣ୍ଟମାନଙ୍କ ମର୍ଜି ଉପରେ ହିଁ ନିର୍ଭର କରେ ।

ଇଂଲଣ୍ଡ, ଆମେରିକା, ଜାପାନ, ଜର୍ମାନୀ ଆଦି ନାମଜାଦା ବ୍ୟବସାୟୀ ଦେଶମାନଙ୍କର ସରକାରଗୁଡ଼ିକ କହି-ପୁଛି-ଜାଣିଲା ଏଜେଣ୍ଟମାନଙ୍କ ଦ୍ୱାରା ହିଁ ଚାଲୁଥିବାର ଦେଖାଯାଏ । ଅବଶ୍ୟ ଜାପାନ, ଜର୍ମାନୀ, ଇଟାଲୀ, ତୁର୍କି ବା ଚାଇନା ସରକାରର ଚାଳକମାନେ ଖାଲି କହି-ପୁଛି-ଜାଣିଲା ଲୋକ ନୁହନ୍ତି । ଭଲରୂପେ ହାତଗୋଡ଼ ଚଳାଇବା ବିଷୟରେ ମଧ୍ୟ ସେମାନେ ଧୁରନ୍ଧର । ସେଥିପାଇଁ ତାଙ୍କ ଦ୍ୱାରା ପରର ହାତଗୋଡ଼ ଛିଡ଼ିବାର ଭୟ ଯେମିତି ଅଛି, ଆପଣାର ହାତଗୋଡ଼ ଭାଙ୍ଗିବାର ଆପଦ ମଧ୍ୟ ସେଥିରୁ କମ୍ ନୁହେଁ । ନିଜର ପୁଇଁଚଙ୍ଗୁଡ଼ି ବିକିବା ପାଇଁ ସେମାନେ

ଖାଲି ମୁହଁ ନୁହେଁ, ଦେହକୁ ମଧ୍ୟ ବିସର୍ଜନ ଦେଇପାରନ୍ତି । ଅବଶ୍ୟ ସ୍ପର୍ଦ୍ଧା ସାହସ ପାଇଁ ସେମାନେ ସାବାସର ଯୋଗ୍ୟ ହେଲେ ହେଁ, ପକ୍କା ବ୍ୟବସାୟୀ ହିସାବରେ ତାଙ୍କ ଆସନ ଇଂଲଣ୍ଡ ଓ ଆମେରିକାର ଅନେକ ତଳେ । କାରଣ ଇଂଲଣ୍ଡ ଆମେରିକା ପରି କହି-ପୁଛି-ଜାଣିବାର କାଏଦାକୁ ପୁରି ହାସଲ କରି ପାରିବାର ଯୋଗ୍ୟତା ସେମାନେ ଅର୍ଜି ନାହାନ୍ତି । କହୁଁ କହୁଁ ପଦ ପଦକେ ହାଣମାରି ଓ ଲଢ଼େଇ କଥା ତାଙ୍କ ମୁହଁରୁ ବାହାରିପଡେ, ଚଙ୍ଗୁଡ଼ି ବକବା କଥା ଏକାବେଳକେ ପାସୋରି ଯାଏ । ମଝିରେ ମଝିରେ ଭାରତବର୍ଷର ନାମ ବିଦେଶୀ ପତ୍ର ପତ୍ରିକାରେ ଆଜିକାଲି ଦେଖିବାକୁ ମିଳୁଥିଲେ ହେଁ, ଏ ସବୁ ଦେଶ ସଙ୍ଗେ ତାହାର ତୁଳନା ହୋଇ ନ ପାରେ । କାରଣ ତାହାର ବାସ୍ତବ ସ୍ୱରୂପ ଯାହା ଅଛି, ସେ ଖାଲି ଗୋଟାଏ ଗୁମ୍ଫା ମାତ୍ର । ଏହି ଗୁମ୍ଫା ବା ମସ୍ତିଚକା ଭିତରେ ଯେତିକି ସତ୍ୟ ପରିଚୟ ସେ ଆଜିଯାଏ ପାଇଛି, ତହିଁରେ ଗାଁ ପଧାନ ଠାରୁ ଆରମ୍ଭ କରି ପ୍ରଧାନ ମନ୍ତ୍ରୀଙ୍କ ପର୍ଯ୍ୟନ୍ତ କହିପୁଛି ଜାଣିବାକୁ ଚେଷ୍ଟା କରୁଥିବାର ଏଥିଭିତରେ କେତେକ ପ୍ରମାଣ ମିଳିଛି ।

କିନ୍ତୁ ସେ ପ୍ରମାଣ ଭାରତର କବିତା ଦର୍ଶନ ଆଦି ବିଦ୍ୟାଚର୍ଚ୍ଚା ଠାରୁ ବଡ଼ ପ୍ରମାଣ ନୁହେଁ । ଭାରତର ପୁରୁଣା ତୀର୍ଥ ଓ ମନ୍ଦିର ପରି ତାହାର ଅତୀତ ବିଦ୍ୟାଚର୍ଚ୍ଚାରେ ମଧ୍ୟ କିଛି ବାସ୍ତବତା ଥିଲା । ଏକ୍ଷଣି ପୃଥିବୀ ମାନଚିତ୍ରରେ ଭାରତର ବର୍ତ୍ତମାନ ଗୁମ୍ଫାରେ ଆବୃତ ଥିଲେ ହେଁ ତାହାର କଥଞ୍ଚିତ୍ ପରିଚୟ ଯେ କବିତା ଓ ନୀତିଚର୍ଚ୍ଚାରେ ପ୍ରକାଶିତ ହୋଇଅଛି, ଏ କଥା ଅସ୍ୱୀକାର୍ଯ୍ୟ ନୁହେ । ସାହିତ୍ୟ ଓ ବିଜ୍ଞାନ କ୍ଷେତ୍ରରେ ଏ ଯୁଗରେ କେତେଜଣ କୃତୀ ବ୍ୟକ୍ତିଙ୍କର ନାମ ଦେଶର ସୀମା ପାର ହୋଇଅଛି । ଅର୍ଥାତ୍ ଆଖିରେ ପଡ଼ିବା ଭଳି ବସ୍ତୁ ଭାରତବର୍ଷରେ ଯଦି କିଛି ଥାଏ, ତା'ହେଲେ ପହିଲେ ଏହି ବିଦ୍ୟାଚର୍ଚ୍ଚାକୁ ହିଁ ଧରିବାକୁ ହେବ । ହାତଗୋଡ଼ ଚଳାଇବା ସମ୍ବନ୍ଧେ ଶିଶୁଠାରୁ ମଧ୍ୟ ସେ ହୀନ, କହିପୁଛି ଜାଣିବାକୁ ବାକି ଅଛି ତାର ଢେର । ପ୍ରବନ୍ଧର ଆଦ୍ୟରେ ଯେଉଁ ଶ୍ରେଣୀବିଭାଗ କରାଯାଇଥିଲା, ସେ ଅନୁସାରେ ଭାରତବର୍ଷର ସ୍ଥାନ ତୃତୀୟ ଶ୍ରେଣୀରେ । ତାହାର ମୁହଁ ବା ହାତ ଗୋଡ଼ର ବ୍ୟବହାର ସବୁଠୁଁ କମ୍ ।

ଭାରତର ସବୁ କିସମର ଦେବତାଗୋଠରେ ବିଦ୍ୟାର ଦେବତାଙ୍କୁ ଯେମିତି କଳ୍ପନା କରାଯାଇଛି, ସେହି ଆଦର୍ଶ ଓ ଆଭିଜାତ୍ୟକୁ ଏ ଦେଶବାସୀ ଧର୍ମତଃ ମାନି ଚାଲି ଆସିଛନ୍ତି । ତେଣୁ ହୁଏତ ସେ କମାକାର ଗଜାନନ ଅବା ଲମ୍ବୋଦର ସାଜି ମୂଷିକ ବାହନ ଉପରେ ତିନି ବ୍ରହ୍ମାଣ୍ଡ ବୁଲୁଥିବାର କଳ୍ପନା କରୁଛି । ନଇଲେ ବୀଣାବାଦିନୀ ବାଣୀଙ୍କର ନାସ୍ତିତ୍ୱ ପାଖେ ମୁଣ୍ଡ ନୁଆଁଇ ରହୁଛି । ଯେତେ ବିଦ୍ୟାବାଗୀଶ ହେଲେହେଁ ତାହାର ଆଦର୍ଶ ଏହିପରି ସ୍ଥାଣୁ ବା ଅଚଳ କିମ୍ବା ଏ ଦେଶର ନାରୀ ପରି ତାହାର

ଲକ୍ଷ୍ୟ ଜଣେ ସଚଳ ସବଳ ଆଶ୍ରୟଦାତା ସ୍ୱାମୀ । ବିଦ୍ୟା-ଚର୍ଚ୍ଚା ଅବସ୍ଥାରେ ରହି ତାହାକୁ ଏହି ରୂପ ଆଦର୍ଶ ଓ ଲକ୍ଷ୍ୟ ଯେନ ଗଢ଼ କରିବାକୁ ହେଉଅଛି । କାରଣ ତୁଚ୍ଛା ବିଦ୍ୟାଚର୍ଚ୍ଚାର ଫଳ ସାଧାରଣତଃ ଏହାହିଁ ହୋଇଥିବାର ଦେଖାଯାଏ । ଏହି ଗୋଟିଏ ଦିଗରୁ ବିଚାର କଲେ ଭାରତବର୍ଷ ପୃଥିବୀର ଆଉ ସବୁ ଦେଶ ତୁଳନାରେ ନିହାତି ପଛରେ ନୁହେଁ । ମେଧାବୀ ହିସାବରେ ଏ ଦେଶର ଛାତ୍ର ଅନ୍ୟ କୌଣସି ଦେଶ ଛାତ୍ରଠାରୁ ଅଳ୍ପ ପାଠ ମନେ ରଖିପାରେ ନାହିଁ । ଆପଣା ଦେଶର ମହତ୍ତ୍ୱ ଓ ମର୍ଯ୍ୟାଦା ଅଳ୍ପ ବୁଝେ ନାହିଁ । ମୁଖିଆ ହିସାବରେ ଏ ଦେଶର ଓକିଲ, ଡାକ୍ତର, ବ୍ୟବସ୍ଥା ସଭାର ସଭ୍ୟ, ଧନିକ ବା ପଣ୍ଡିତର ଦକ୍ଷତା ମଧ୍ୟ ଊଣା ନୁହେଁ ।

ତଥାପି ପୃଥିବୀର ଆଉ ସବୁ ଦେଶ ସଙ୍ଗେ ଏ ଦେଶ ଯେ ସମାନ କଚ୍ଛ ପକାଇ ପାରୁନାହିଁ, ତାହାର କାରଣ ଅନ୍ୟ ବାଟ ନ ଥିବାରୁ ଏଠା ମୁଖିଆ ଲୋକଙ୍କର ମୁଖର ଅଭାବ ବୁଝିବାକୁ ହେବ । କବି, ପଣ୍ଡିତ, ବୈଜ୍ଞାନିକ, ଦାର୍ଶନିକ, ଶିକ୍ଷକ, କଳକାରଖାନା ବା ଜାହାଜ ଏରୋପ୍ଲେନର ଚାଳକ ଏ ଦେଶରେ ଅଭାବ ହେବ ନାହିଁ । ଏ ଦେଶ ଲୋକେ ପୃଥିବୀର ଆଉ କେଉଁ ଦେଶଠାରୁ ବାଣିଜ୍ୟ, ଉଦ୍ଭାବନ, ଆବିଷ୍କାର ଦିଗରେ ନିହାତି ପଛରେ ପଡ଼ିବେ ନାହିଁ । ଯେଉଁ ଦିଗରେ ଯାହା ଅଭାବ ଥିବ, ତାହାକୁ ପୂରଣ କରିବାକୁ ମଧ୍ୟ ତାଙ୍କୁ ବେଶୀ ସମୟ ଲାଗିବ ନାହିଁ ।

ଏ କଥାଟା ଜାତି ବିଷୟରେ ଯେମିତି, ବ୍ୟକ୍ତି ସମ୍ବନ୍ଧେ ମଧ୍ୟ ସେମିତି । ପୃଥିବୀର ଆଉ ସବୁ ଦେଶ ସଙ୍ଗେ ଭାରତବର୍ଷର ତୁଳନା କଲେ ଯାହା ଦେଖୁଁ, ଭାରତର ଆଉ ସବୁ ପ୍ରଦେଶ ସଙ୍ଗେ ଓଡ଼ିଶାର ତୁଳନା କଲେ ମଧ୍ୟ ସେଇଆ । ଓଡ଼ିଶାର ଅନ୍ୟ ଅଭାବଯାକ ବୋଧହୁଏ ଗୌଣ ହୋଇପଡ଼ନ୍ତା; ସେ ଯେବେ ମାନ୍ଦ୍ରାଜ, ବଙ୍ଗ, ବିହାର ପ୍ରଭୃତି ପ୍ରଦେଶମାନଙ୍କ ସଙ୍ଗେ ଖାଲି ଟିକିଏ ଚତୁରତାର ସହିତ କହି ପୂଚ୍ଛି ଜାଣନ୍ତା ।

# ଆମ ସାମ୍ପ୍ରତିକ ସାହିତ୍ୟ : ଗୋଟିଏ ଅନ୍ତର୍ଦୃଷ୍ଟି

**ବେଣୁଧର ରାଉତ**

୧.

ପୃଥିବୀର, ସ୍ଥୂଳତଃ, ଅଧିକାଂଶ ଜାତିର ସାଂପ୍ରତିକ ସାହିତ୍ୟରେ ଏବେ କେତେ ବର୍ଷ ହେଲା—'ଆଧୁନିକତା' ଗୋଟିଏ ପର୍ଯ୍ୟାୟ ବା ଅବସ୍ଥା । ଅବଶ୍ୟ ଉର୍ଦ୍ଦୁ, ଆରବୀଗୋଷ୍ଠୀୟ, ଦକ୍ଷିଣ ମାର୍କିନ ବା କେତେକ ଆଫ୍ରିକୀୟ ସାହିତ୍ୟ ପର ଅନେକେ ଆଧୁନିକତାର ଉଗ୍ରତାରୁ ମୁକ୍ତ; ପକ୍ଷାନ୍ତରେ ସେଗୁଡ଼ିକ ପରମ୍ପରା ଅଥବା ପରିପାର୍ଶ୍ୱ ସହିତ ବିଶେଷଭାବରେ ସଂଶ୍ଳିଷ୍ଟ । ପାଶ୍ଚାତ୍ୟ ଓ ମାର୍କିନ ସାହିତ୍ୟ ଏହି 'ଆଧୁନିକତାବାଦ'ର ଅଗ୍ରଣୀ । ସେଥିରୁ, ବିଶେଷତଃ ଇଂରେଜୀ ସାହିତ୍ୟରୁ ପ୍ରାପ୍ତ ପ୍ରେରଣା ଓ ପ୍ରଭାବରେ ଭାରତୀୟ ପ୍ରାନ୍ତୀୟ ସାହିତ୍ୟମାନଙ୍କରେ ତଦନୁଘଟିତ ଆଧୁନିକତା ପରିସ୍ଫୁଟ । ତେବେ ଏହି ଆଧୁନିକତାର ସର୍ବମୁଖ୍ୟ ପ୍ରକଟିତ ଲକ୍ଷଣ ହେଉଛି—ବ୍ୟକ୍ତିର ଓ ତାର ପରିପାର୍ଶ୍ୱର ତଥା ବିଶ୍ୱର ଅନ୍ତରଙ୍ଗ-ବହିରଙ୍ଗ ସଂଘର୍ଷ, ଦ୍ୱନ୍ଦ୍ୱ, ବିକ୍ଷୋଭଣ, ପରିବର୍ତ୍ତନ, ପ୍ରଗତି ଇତ୍ୟାଦିର ଓତପ୍ରୋତ ଚେତନାଜନିତ ପ୍ରମୂର୍ତ୍ତିତା । ସ୍ଥୂଳତଃ କୁହାଯାଇପାରେ ନିଜର-ଓ-ପରିପାର୍ଶ୍ୱର ଦାୟିତ୍ୱ, ସଙ୍କଟବୋଧ ଏବଂ ତାର ଆନୁଷଙ୍ଗିକ ଧର୍ମାବଳୀ । ପୁଣି ଏ ସମସ୍ତରେ ଦହନ, ଜ୍ୱାଳା ଓ ଯନ୍ତ୍ରଣା ସାହିତ୍ୟରେ କିପରି ରୂପ ନେଇପାରେ, ଏବଂ ଏହା ସଙ୍ଗେ ତହିଁରୁ ବେଦନା ଓ ସଂବେଦନା କିପରି ସଞ୍ଜାତ ହୋଇପାରେ—ଏହି ପରିପ୍ରେକ୍ଷୀରେ ଏଲିଅଟ୍ ହିଁ କେତେ ଦଶକ ହେଲା ମୁଖ୍ୟ ଆଧୁନିକ କବିରୂପେ ସର୍ବଜନ ପରିଗଣିତ ତଥା ଅନୁକୃତ ହୋଇ ଆସିଛନ୍ତି । ତଥାପି ତାଙ୍କର ପ୍ରଭାବ ଯଥେଷ୍ଟ ମଉଳି ପଡ଼ିଲଣି । ତାର କାରଣ, ସମ୍ଭବତଃ, ବେଦନା ଓ ସମ୍ବେଦନାର ଅତିକ୍ରାନ୍ତ କୌଣସି ଆଧ୍ୟାତ୍ମିକ ବା ଆତ୍ମୋତ୍ସର୍ଗୀ ମହତ୍ତ୍ୱର ଅଭାବ । ଏ ଶ୍ରେଣୀର ଅଭାବ ବାଲ୍ମୀକି, ବ୍ୟାସ, କାଳିଦାସ, ଦାନ୍ତେ, ଭର୍ଜିଲ୍, ସେକ୍ସପିଅର ବା ଟଲଷ୍ଟୟ ପ୍ରଭୃତିଙ୍କଠାରେ ନ ଥିବାରୁ ସେମାନେ ନିତ୍ୟ-ନୂତନ ତଥା ନିତ୍ୟ-ସାଂପ୍ରତିକ କବି, ସ୍ରଷ୍ଟିକାର ।

ଏହି ବିବେଚନାରେ ଲକ୍ଷ୍ୟ କଲେ ଜାଣିହେବ ଯେ, ଆମର ପ୍ରାନ୍ତୀୟ ସାହିତ୍ୟ ସମୂହରେ ଆମର ପରମ୍ପରାଗତ କିମ୍ବା ପରିପାର୍ଶ୍ୱଗତ ଏକପ୍ରାଣତା ଓ

ଅନବଚ୍ଛିନ୍ନତାର ନିଜସ୍ୱ ନିତାନ୍ତ ଅଳ୍ପ, କିନ୍ତୁ ଅନୁକୃତ ଓ ଛଳନାଘଟିତ ପାଶ୍ଚାତ୍ୟ ପରସ୍ୱ ପ୍ରଚୁର । ଆମ ସାହିତ୍ୟ-ଉପବନରେ ବିଦେଶୀ ବୃକ୍ଷ ମର୍ମନ୍ତୁଦଭାବରେ ଅସଂଖ୍ୟ; ମର୍ମନ୍ତୁଦ—କାରଣ, ପ୍ରାୟ ଦେଶୀ ବୃକ୍ଷ ସହିତ ଏଗୁଡ଼ିକର ସହାବସ୍ଥାନ ପର୍ଯ୍ୟନ୍ତ ନାହିଁ; ଆପଣାର କରିବାଭଳି କି ଆପଣାର ହେବାଭଳି ପାରସ୍ପରିକ ଅବସ୍ଥା ଅବଧି ଉପୁଜି ନାହିଁ । ବରଂ ସେଗୁଡ଼ିକର ଉତ୍ପାଟନଜନିତ ଶୂନ୍ୟସ୍ଥାନରେ ଯେପରି ଏଗୁଡ଼ିକର ସ୍ଥିତି ! ସାହିତ୍ୟର ଚିରନ୍ତନ ସ୍ୱଭାବ—'ସହିତଭାବ' ବା 'ସହିତସଂପର୍କ' ଏଥିରୁ ବିଚ୍ଛିନ୍ନ । ଫଳତଃ, ଏ କ୍ଷେତ୍ରରେ, ସେ ସ୍ୱଭାବର ଅନୁସାରୀ ଓ ଅନ୍ତରଙ୍ଗ ପାର୍ଶ୍ୱର ଆବେଦନଧର୍ମିତା ଆମର ହୃଦୟସଞ୍ଚାରୀ ହୋଇ ପାରିନାହିଁ । ଏହି 'ସହିତ-ସମ୍ପର୍କ'ର ପରିସର ଭିତରେ ଆସିବା କଥା, ପ୍ରାକ୍ତନ ଓ ବର୍ତ୍ତମାନ କାଳର ଅନୁଭବ ଏବଂ ଆଗାମୀ କାଳର ସମ୍ଭାବନା ଓ ବିଶ୍ୱାସ । ଶିଳ୍ପବିପ୍ଳବ ଓ ବୈଜ୍ଞାନିକ ପ୍ରଗତିରେ, ଦୁଇଟି ମହାଯୁଦ୍ଧର ପରିଣତିରେ ଓ ବିବିଧରୂପର ଶୀତଳ ଯୁଦ୍ଧର ପ୍ରତିକ୍ରିୟାରେ ପାଶ୍ଚାତ୍ୟ ଜାତିଗୋଷ୍ଠୀ ବହୁ ଅଭିଜ୍ଞତା ଓ ବେଦନା ଅଙ୍ଗେ ନିଭାଉଛନ୍ତି । ତାଙ୍କର ଏ ସଂଘର୍ଷ ଜାତିର, ଜୀବନର —ତେଣୁ ଏହା ତାଙ୍କ ସାହିତ୍ୟର ମର୍ମଗାଥା ହୋଇପଡ଼ିଛି । ତେଣୁ ଗୋଟାଏ ବିପର୍ଯ୍ୟସ୍ତ ଅବସ୍ଥାରେ ଆତ୍ମ-ବିକେନ୍ଦ୍ରିତା, ଆତ୍ମଖଣ୍ଡିତା, ବ୍ୟକ୍ତି-ବିଚ୍ଛିନ୍ନତା, ସ୍ଥିତିବାଦିତା, ଆତ୍ମ-ପୀଡ଼ନ ବା ଆତ୍ମ-ରତି ପ୍ରଭୃତି ବହୁ ବର୍ଣ୍ଣର ଜୀବନଭଙ୍ଗୀ ପାଶ୍ଚାତ୍ୟ ସାହିତ୍ୟରୁ ଉପଲବ୍ଧ ହେଉଛି ।

ପାଶ୍ଚାତ୍ୟ ସାହିତ୍ୟ କ୍ଷେତ୍ରରେ ମଧ୍ୟ ଏବେ ବହୁ ନୂତନ କବି, ସାହିତ୍ୟିକ ନୂତନତାର ବ୍ୟର୍ଥ ସୃଷ୍ଟିରେ ମାତିଛନ୍ତି କିମ୍ବା ଏଲିଏଟୋତ୍ତର ପ୍ରମୁଖ କବି ସାହିତ୍ୟିକଙ୍କର ଅନୁକରଣରେ ଲିପ୍ତ ଅଛନ୍ତି । ଏ ଶ୍ରେଣୀର କବିଙ୍କୁ ଲକ୍ଷ୍ୟକରି ଏବେ ଅଧ୍ୟାପକ, କବି ଆର୍କିବାଲ୍ଡ଼୍ ମାକ୍‌ଲିଶ୍ ତାଙ୍କର 'କବି ଓ ନୂତନ ଯୁଗ' ନିବନ୍ଧରେ କହିଛନ୍ତି, "ଏ କବିମାନଙ୍କୁ ଏଇ କେତେ ବର୍ଷ ହେଲା ଗୋଟାଏ ନୂଆ ରୀତିବାଦ ଓ ପ୍ରଚଳିତ ଧାରା ମାଡ଼ି ବସିଲାଣି; ଏମାନେ ମଧ୍ୟ ମେଷଙ୍କ ପରି ତାହା ନିର୍ବିଚାରରେ ସ୍ୱୀକାର କରି-ନେଉଛନ୍ତି ।" ଏବଂ ଏମାନଙ୍କ ଆଚରଣ ତୁଲ୍ୟ, ପାଶ୍ଚାତ୍ୟ ସାହିତ୍ୟର କିଏ ସ୍ୱର୍ଣ୍ଣ କିଏ ଶ୍ୟାମିକା —ଏପରି ବିଚାର-ନିର୍ବିଶେଷରେ, ଆମ ସାହିତ୍ୟମାନଙ୍କରେ, ଆମ ଆଧୁନିକ-ମାନଙ୍କ ଦ୍ୱାରା ଅନୁକୃତ ଭଙ୍ଗୀ ବା ପ୍ରତିଧ୍ୱନି ବ୍ୟତୀତ ଆମର ସ୍ୱତନ୍ତ୍ର ଜୀବନଭଙ୍ଗୀ କିମ୍ବା ଜୀବନବୋଧ କ'ଣ ଅଛି ? ଭର୍ଜିଲ୍‌ଙ୍କ କଥା—Sequitur Patrem non passibus acquis (He follows his father with unequal steps) ଆମ ସାହିତ୍ୟରେ ହିଁ ଘଟିଛି; କେବଳ ଅନୁଧାବନ, ଅନୁକରଣ କରିବାର ପ୍ରାଣାନ୍ତକ ଚେଷ୍ଟା କରାଯାଇଛି; ପଦକ୍ଷେପର ବିଷମ ଓ ବିଶୃଙ୍ଖଳ ଭଙ୍ଗୀରେ ଗତିର ସାବଲୀଳ, ସ୍ୱଚ୍ଛନ୍ଦ ଲାଳିତ୍ୟ ନାହିଁ । କହିଲେ ହୁଏ – ଆମର ଜାତୀୟ ସ୍ୱାତନ୍ତ୍ର୍ୟ ଓ ଜାତୀୟ ସଂପର୍କ ତହିଁରେ ପ୍ରାୟ ନାହିଁ । ତେଣୁ ଏ ପ୍ରକାର ଆଧୁନିକତାର ଗ୍ରାହକ

ନିତାନ୍ତ ମୁଷ୍ଟିମେୟ ଏବଂ ସେମାନେ କେତେ ପରିମାଣରେ ଆନ୍ତରିକ, ତାହା କହିହେବ ନାହିଁ ।

ଆମ ସାହିତ୍ୟରେ ଜାତୀୟ ସ୍ୱାତନ୍ତ୍ର୍ୟ ନାହିଁ କାହିଁକି, ବିବେଚନା କରାଯାଉ । ବହୁକାଳ ପରାଧୀନ ରହି ଆସିଥିବା ଯୋଗୁ, ସ୍ୱାଧୀନତାଲାଭ ପରେ ମଧ୍ୟ, ବଂଶାନୁଗୁଣ ପରି ଆମ ଜାତିର ପରନିର୍ଭରଶୀଳତା ଓ ପରାପେକ୍ଷତା ତିଷ୍ଠି ରହିଛି ।

କୌଣସି ଉଦ୍‌ବୁଦ୍ଧ ଜାତି ଉଦାସୀନ ନୁହେଁ । କିନ୍ତୁ ଆମେ ନିତାନ୍ତ ଉଦାସୀନ । ସେଥିପାଇଁ ଜାତୀୟ ସଙ୍ଗୀତ ଗାନ ହେବାବେଳେ ପ୍ରେକ୍ଷାଗୃହରୁ ଆମୂର୍ଖଶିକ୍ଷିତ ଅନେକେ ଉଠିଆସନ୍ତି; ଜାତୀୟ ପତାକାର ଉତ୍ତୋଳନ ବେଳେ ଅନେକେ ତାକୁ ସମ୍ମାନ ଦେବାକୁ ଆସନ୍ତି ନାହିଁ । ଆମର ଶିକ୍ଷିତଗୋଷ୍ଠୀ ମୁଖ୍ୟତଃ ସ୍ୱାର୍ଥକେନ୍ଦ୍ରିକ ଓ ଆତ୍ମସର୍ବସ୍ୱ ଏବଂ ଅପରଗୋଷ୍ଠୀ ଉଦାସୀନ । ଆମର ଜାତି-ରୂପ ପ୍ରକୃତିରେ ଏହା ହିଁ,—ବିକଳ ତଥା ଅବହେଳିତ । ଏଥିରେ ବେଦନା-ବୋଧ ନାହିଁ । ସଂଘର୍ଷର ପ୍ରଶ୍ନ ନାହିଁ, ବହୁ ସଙ୍କଟର ସ୍ଥିତି ଓ ଉପଲକ୍ଷ ସତ୍ତ୍ୱେ ସଙ୍କଟ-ଚେତନା ନାହିଁ ।

ସ୍ଥାନ ଅଛି ଅଙ୍ଗୀକାରର—ସ୍ଥାନ ଅଛି ସାଧନାର । ଏ ଅବସ୍ଥାରେ, ଆମ ବାଙ୍‌ମୟ ସୃଷ୍ଟିର, କଳା ସୃଷ୍ଟିର କି ରୂପ ହୋଇପାରେ ? ଅଧିକନ୍ତୁ ଆମର ଜାତୀୟ ସାହିତ୍ୟ (ଆଲେଖ୍ୟ କଳା ମଧ୍ୟ) ସମ୍ଭବିବ ବା କାହୁଁ ?—ବିଶ୍ୱଜନୀନ ବା ଆନ୍ତର୍ଜାତିକ ସାହିତ୍ୟ ତ ଦୂରର କଥା; ଜାତି ପ୍ରତି ସମ୍ମାନ ଓ ବେଦନା ନ ଥିଲେ ଅନ୍ତର୍ଜାତି ପ୍ରତି, ବିଶ୍ୱ ପ୍ରତି ମଧ୍ୟ ତାହା ଉପୁଜିବ କାହୁଁ ? ପୁଣି, ଆନ୍ତରିକତା ସତ୍ତ୍ୱେ, ସଙ୍କଟ, ସଂଘର୍ଷ ଓ ବେଦନାର ଅଙ୍ଗୀକୃତ କ୍ଷୋଭ ଯଦି ସାମୟିକ ହୁଏ—ତା ହେଲେ ମଧ୍ୟ ତଦ୍‌ଭବ ସୃଷ୍ଟି ଦୀର୍ଘକାଳ ଅର୍ଥବାହୀ ହୋଇ ରହି ନ ପାରେ । ଏହାର ଉଦାହରଣ; ଏଲ୍‌ଅଟ୍‌ମାର୍ଗୀ କବିମାନେ । ଏପରି ସ୍ଥଳେ ବିଶ୍ୱଠାରୁ ଆଦର ଲାଭ କରିବାର ଆଶା ଆମ ପକ୍ଷରେ ବିଡ଼ମ୍ବନା ମାତ୍ର ।

ଜାତିର ସଂଘର୍ଷ ନ ଥିଲେ ବ୍ୟକ୍ତିର ସଂଘର୍ଷ-ଚେତନା ଆସିବ ନାହିଁ । ଜାତିର ସଙ୍କଟ ନ ଥିଲେ ବ୍ୟକ୍ତିର ସଙ୍କଟ-ଚେତନା ମଧ୍ୟ ଆସିବ ନାହିଁ । ସଂଘର୍ଷ ଓ ସଙ୍କଟରୁ ଆଧୁନିକ ସାହିତ୍ୟ ବଳିଷ୍ଠ, ପ୍ରଗତିବନ୍ତ ରୂପ ନେଲେ, ଆମର ଅବସ୍ଥା କଣ ହୋଇଥିବା କଥା — ତାହା ବିଚାର୍ଯ୍ୟ । ଆମେ ସଙ୍କଟ ପ୍ରତି ଅବହିତ ନୋହୁଁ କିମ୍ବା ସଂଘର୍ଷ ପ୍ରତି ଉତ୍ସୁକ ନୋହୁଁ । ସେଥିପାଇଁ ଆମେ ନିଜକୁ ପ୍ରଗତିଶୀଳ କହିବାବେଳେ ଆତ୍ମବିଶ୍ଳେଷଣ କରିବା କାମ୍ୟ । ନିଜ ଭିତରେ ଆମେ ଦେଖିବା, ଆମର ତହିଁର ଅଭିଜ୍ଞତା ନାହିଁ କି ଅନୁଭବ ନାହିଁ । ଏ ଅନୁଭବ ପ୍ରତ୍ୟକ୍ଷ ରୂପରେ ନ ହେଲେ ବି ପରୋକ୍ଷ ସୂତ୍ରରେ ଆମର ନାହିଁ । ଏପରି କି ଆମ ଆଧୁନିକମାନେ ଚଳନ୍ତି ସ୍ଥିତିବାଦୀ ଓ ତତ୍ତ୍ୱସଦୃଶ ଢଙ୍ଗରେ ଯେତେବେଳେ ଜୀବନକୁ ଦୁଃଖାବହ,

ଅର୍ଥହୀନ ବା ଉଦ୍ଭଟ ଆଦି ଦୃଷ୍ଟିରେ ଘେନଥାନ୍ତି, ତାହା ବିନା ଚିନ୍ତାରେ, ବିନା ଦ୍ୱିଧାରେ — ତଥା ଆଧୁନିକତାର ଫେସନ୍‌ପ୍ରବଣତାରେ ଏବଂ ଗଡ୍ଡାଲିକା-ପ୍ରବାହ ନ୍ୟାୟରେ କରାଯାଇଥାଏ । ଏଥିରେ ହୃଦ୍‌ବୋଧ ନ ଥାଏ କି ପ୍ରତ୍ୟୟ ନ ଥାଏ କି ନିଷ୍ଠା ନ ଥାଏ । ତେଣୁ ଏହି ଆଧୁନିକତା, ପରିଣାମତଃ, ଆମ ସାଂପ୍ରତିକ ସାହିତ୍ୟରେ ଅନୁକୃତ ଅଥବା ଅଭିମୀତ ମାତ୍ର ।

ଅଥଚ ଆମର ପ୍ରଚୁର କ୍ଷେତ୍ର ଅଛି — ଆମେ ଜାତିପ୍ରାଣରେ ସଂକଟବୋଧ ଜାଗ୍ରତ କରିପାରିବା; ସଂଘର୍ଷ ସାଧନ କରିପାରିବା — ଯାହା ଫଳରେ ଓ ଯାହା ବଳରେ ଜାତି ଉଦ୍‌ବୁଦ୍ଧ ଓ ସମୃଦ୍ଧ ହେବ । ସେଥିପାଇଁ ଜାତୀୟ ଓ ନିଜସ୍ୱ ସାହିତ୍ୟ-ମହାଭାରତର ଆଦିପର୍ବ ହୁଅନ୍ତା — ଚିନ୍ତା ତଥା ବୈୟକ୍ତିକ ଏବଂ ଜାତୀୟ ଆତ୍ମବିଶ୍ଳେଷଣ ।

ଦେଶଭାର ମୁଣ୍ଡରେ ନେବାପାଇଁ ତରୁଣଗୋଷ୍ଠୀ ନିଜକୁ ପ୍ରସ୍ତୁତ କରିବାକୁ ଉତ୍ସାହୀ ନୁହନ୍ତି । କିମ୍ବା ଯୁବନେତୃତ୍ୱ ତିଆରି ହେବାରେ ଆମ ଗଣତାନ୍ତ୍ରିକ ପଦ୍ଧତିରେ କିଛି ତ୍ରୁଟି ଅଛି; ବିଚ୍ୟୁତି ବା ଅନ୍ତରାୟ ଅଛି — ତାହା ସୁଧାରିବାପାଇଁ ପ୍ରଗତିଶୀଳମାନେ ଚେଷ୍ଟିତ ନୁହନ୍ତି । ରାଜନୀତି କିନ୍ତୁ ସମାଜର ଅନ୍ୟାନ୍ୟ ସମସ୍ୟାଠାରୁ ଆରମ୍ଭ କରି ସାହିତ୍ୟ କଳା ଆଦି ପର୍ଯ୍ୟନ୍ତ କୌଣସି ସଂବନ୍ଧରେ ଆମେ ମୂଲ୍ୟ ବିଚାର କରୁନାହୁଁ, ଯେହେତୁ ଆମର ମୂଲ୍ୟବୋଧ ସଚେତନ ଓ ସକ୍ରିୟ ହେଉନାହିଁ ।

କବି ମାକ୍ଲିଶ୍ ଏଭଳି ଅବସ୍ଥାକୁ ଏକକାଳୀନ ଦୁଇଟି ଟୋପି ବା ଦୁଇଟି ପ୍ୟାଣ୍ଟ ପିନ୍ଧି ନ ପାରିବା ପରି ବ୍ୟାପାର ବୋଲି କହନ୍ତି, ଏଥିରେ କୌଣସି ଭୂମିକା ନା ପାଏ ମର୍ଯ୍ୟାଦା, ନା ପାଏ ମୂଲ୍ୟ । ତେବେ, ଏ ଅବସ୍ଥା ଘଟିଥାଏ ସଂକଟବୋଧ, ମୂଲ୍ୟବୋଧ ତଥା ବିଷୟପ୍ରତି ଆନ୍ତରିକତା ଓ ବେଦନାର ଅଭାବରୁ ।

ପୁନଶ୍ଚ, ଆମେ ପ୍ରଗତି କରୁଛୁଁ ବୋଲି ସମସ୍ତେ ଜାଣନ୍ତି । କିନ୍ତୁ ବିଶ୍ଳେଷଣରେ କୁହାଯାଇପାରିବ — ଏହା ଠିକ୍ ପ୍ରଗତି ନା ଗତି ମାତ୍ର । ଜାପାନ, (ପ) ଜର୍ମାନୀ, ଇସ୍ରାଏଲ ପ୍ରଭୃତି ଉଦ୍‌ବୁଦ୍ଧ ଜାତିମାନେ ଯେପରି ଜୀବନ-ଚଞ୍ଚଳ, ବେଗବନ୍ତ ଓ ଉଚୈବେର୍ଦ୍ଧ-ସାଧକ; ଆମ ଉଦାସୀନ, ଈର୍ଷା-ପ୍ରବଣ ବିଶୃଂଖଳ ଜାତି କଣ ସେହିପରି ? କିଏ ଆମ ଜାତିରେ ଉଦ୍‌ବୁଦ୍ଧ ? — ଚାଳକ ନା ଚାଳିତ ? ବରଂ ଗୋଟିଏ ଉଦ୍‌ବୁଦ୍ଧ ଜାତିର ବେଗବିରୋଧୀ ମଧ୍ୟଯୁଗୀୟ ଅବକ୍ଷୟ-ଲକ୍ଷଣ ଆମ ଜାତିରେ ଦେଖାଦେଇଛି; ତାହାର ବୃଦ୍ଧି ଘଟିଛି ପୁଣି ଆମର ସ୍ୱାଧୀନତା ପରେ 'ତାହା ହେଉଛି — ଆଧ୍ୟାତ୍ମିକତା ଲାଭ ନାମରେ ବିଭିନ୍ନ ଗୁରୁଙ୍କ ଆବିର୍ଭାବ, ଏବଂ ଯଥାଶ୍ରୟୀ ଶିଷ୍ୟଙ୍କ ଗୁରୁପୂଜା । ଅଥଚ ଆଧ୍ୟାତ୍ମିକତା ବୈୟକ୍ତିକଭାବେ ଅନୁଭବ୍ୟ ଓ ସାଧ୍ୟ । ଅନ୍ୟଥା — ଗୋଷ୍ଠୀ, ବକ୍ତୃତା ବା ପ୍ରଚାରବାଦ ଦ୍ୱାରା କେତେକଙ୍କ କାଞ୍ଚନ ସାମୟିକ ପ୍ରସିଦ୍ଧିପ୍ରାପ୍ତି ବ୍ୟତୀତ

ଏଥିରେ ପ୍ରକୃତ ଆଧ୍ୟାତ୍ମିକ ବିକାଶ ହୁଏ କି ନାହିଁ ବିଚାର୍ଯ୍ୟ । ଅବଶ୍ୟ ଏ ଉପାୟରେ ମୈତ୍ରୀବୋଧ ଓ ସେବାକାର୍ଯ୍ୟ ସମ୍ଭବପାରେ ( ଯାହା ହୁଏ ନାହିଁ ); କିନ୍ତୁ ଏହାଦ୍ୱାରା ପରିଣାମରେ ନାନା କଳଙ୍କ ଓ ଦୁଷ୍କ୍ରିୟା ଦେଶରେ ସଂକ୍ରମିତ ହୁଏ । ଇତିହାସ ଏହାର ସାକ୍ଷ୍ୟ ଦେଇଆସିଛି । ଅନ୍ତତଃ ସ୍ରଷ୍ଟା ଏଥିରୁ ଅବଶ୍ୟ ମୁକ୍ତ ରହିବା କଥା, କାରଣ କବି, ଶିଳ୍ପୀ ବା ସାହିତ୍ୟିକ—ଯେଉଁ ଭୂମିକାରେ ଥାଉ ପଛକେ, ସ୍ରଷ୍ଟାର ବଡ଼ ସମ୍ପଦ ଓ ସମ୍ବଳ ହେଉଛି—ମୁକ୍ତ ମନ । ମୁକ୍ତ ମନ ବେଦନାଶୀଳ ଓ ଏହି ମୁକ୍ତ ମନ ହିଁ ସର୍ବତୋଭାବରେ ସ୍ରଷ୍ଟାର ଅସଲ ଶକ୍ତି । ତାହାହିଁ ଆମର ଲୋଡ଼ା । ଆମ ସାଂପ୍ରତିକ ଲେଖକଗୋଷ୍ଠୀ ମଧ୍ୟରେ ଅନେକେ ପ୍ରତିଭାଧର, ସନ୍ଦେହ ନାହିଁ । ମାତ୍ର ସେମାନେ ସୃଷ୍ଟି-ସଚେତନ ନ ହୋଇ ପାଶ୍ଚାତ୍ୟ ସମାଲୋଚକ-ସଚେତନ ତଥା ସମାଲୋଚନା—ସଚେତନ ହୋଇପଡ଼ୁଥିବା ଯୋଗୁ ତାଙ୍କର ସ୍ୱତନ୍ତ୍ର ଓ ସୃଷ୍ଟିଶୀଳ ପ୍ରତିଭାର ଏହିପରି ଦୁରବସ୍ଥା ବୋଲି ମନେହୁଏ । ପୃଥିବୀର ପ୍ରଗତିଶାଳୀ ଜାତିଙ୍କ ଶୃଙ୍ଖଳା, ସଂଘର୍ଷ ପ୍ରଭୃତି 'ବୋଲି'ର ଏମାନେ ଅଭିନୟ କରିବା ଯୋଗୁ ତାହା ଜାତିର ପ୍ରାଣ ସ୍ପର୍ଶ କରୁନାହିଁ । ଏ ଅଭିନୟ ବୌଦ୍ଧିକ ଏବଂ ମାନସିକ ନ ହୋଇ ହୃଦୟ-ଘଟିତ ଭଲ ହୁଅନ୍ତା ! ତେଣୁ ଆମର ସାଂପ୍ରତିକ ସାହିତ୍ୟ ଅବକ୍ଷୟର ଗଣ୍ଡିରେ ହିଁ ଆବଦ୍ଧ ରୂପରେ ନିଃପ୍ରତିଦ୍ୱନ୍ଦ୍ୱୀ ହୋଇ ରହିଛି ।

ଆମ ସାହିତ୍ୟ ସଂପୂର୍ଣ୍ଣ ମୁକ୍ତ ହେବା ଉଚିତ । ତାହା ଦେଶର, କାଳର 'ସହିତ-ସଂପର୍କ'ରେ ସ୍ୱତନ୍ତ୍ର, ଜୀବନ୍ତ ଓ ବଳିଷ୍ଠ ହେବା ପ୍ରୟୋଜନ । ଏଥିପାଇଁ ମୁକ୍ତମନା ସ୍ରଷ୍ଟାର ପ୍ରଥମ ଓ ପ୍ରଧାନ କାମ୍ୟ ହେଉଛି—ଏଠି ବିବେଚିତ ଦାୟିତ୍ୱ । ସ୍ରଷ୍ଟାକୁ ବେଢ଼ି ରହିଥିବା ଦେଶକାଳପାତ୍ର-ଗତ ପରିପାର୍ଶ୍ୱର ଏହି 'ଦାୟିତ୍ୱ'-ସ୍ୱୀକାରକୁ 'ପ୍ରତିଭୂ'-ସାମର୍ଥ୍ୟ ବୋଲି କୁହାଯାଇଛି । କେଉଁ କାଳର କୌଣସି ମୁକ୍ତମନା ଋଷିକବିର ଏହି ସତ୍ୟାନୁଭବ ଓ ବିଚାରଣା ଏ କାଳର ବି ସତ୍ୟ; ସବୁ କାଳର ସତ୍ୟ ।

ଏଥିପାଇଁ ଆମ ଆଧୁନିକମାନଙ୍କର ସଙ୍କଟଚେତନା ଶାଣିତ ହେଲେ, ସଙ୍ଘର୍ଷ ହିଁ ନୂତନ ଓ ଶୁଭଙ୍କର ରୂପରେ ଦେଖାଦେବ । ଜୀବନ୍ତସ୍ୱାତନ୍ତ୍ର୍ୟ ସ୍ରଷ୍ଟା-ଜୀବନରେ ପରିଣାମ ସାହିତ୍ୟ, କଳା ବା ସୃଷ୍ଟିକୁ ଏଥିରୁ ବିଚ୍ଛିନ୍ନ ବୋଲି ଧେନଲେ, କେବଳ ଆଧୁନିକତା ଓରଫ୍ ସାଂପ୍ରତିକତାରେ ସ୍ରଷ୍ଟାମାନେ ବିଳୟ ଭଜିବା ବ୍ୟତୀତ ଗତ୍ୟନ୍ତର ନାହିଁ । ଆମ ସାହିତ୍ୟ ମଧ୍ୟ ଅବକ୍ଷୟପ୍ରବାହରୁ ନିଷ୍କୃତିଲାଭ କରିବ ନାହିଁ ।

---

✳ ରଜତ ଜୟନ୍ତୀ ସ୍ମରଣିକା—୧୯୬୯, ଉତ୍କଳ ବିଶ୍ୱବିଦ୍ୟାଳୟ ।

# ଶିକ୍ଷା ଓ ସମସ୍ୟା

● ହରେକୃଷ୍ଣ ମହତାବ

ଦେଶରେ ଶିକ୍ଷା ବିଷୟଟିକୁ ଯେପରି ଭାବରେ ବିଚାର କରାଯାଉଛି, ସେଥିରେ ବହୁସଂଖ୍ୟକ ଲୋକ ଭବିଷ୍ୟତରେ ଏକ ଅନିଶ୍ଚିତ ଅବସ୍ଥାରେ ପହଞ୍ଚିଯାଇ ପାରନ୍ତି । ଏହି ଆଶଙ୍କାରେ ସେ ବିଷୟଟି ଏଠାରେ ଆଲୋଚନା କରୁଛି । ମୁଁ ଶିକ୍ଷାବିତ୍ ନୁହେଁ; କିନ୍ତୁ ଶିକ୍ଷା ମଧ୍ୟ ଏପରି ଏକ ବିଷୟ ନୁହେଁ ଯେ ତାକୁ ଜଣେ ସାଧାରଣ ଜ୍ଞାନରୁ ଦେଶର ସମୂହ ହିତ ଦୃଷ୍ଟିରୁ ବିଚାର କରିପାରିବ ନାହିଁ । ଦୁଃଖର ବିଷୟ; ଅତି ଗୁରୁତ୍ୱପୂର୍ଣ୍ଣ ସମସ୍ୟାମାନ, ଯେଉଁଥିରେ ଖାଲି ବର୍ତ୍ତମାନ ନୁହେଁ ଦେଶର ଭବିଷ୍ୟତ ମଧ୍ୟ ନିହିତ ଅଛି, ପ୍ରଚାରମୂଳକ ଦୃଷ୍ଟିକୋଣରୁ ସମାଧାନ କରିଦେବାର ଉଦ୍ୟମ ହେଉଛି । ସମ୍ୟକ୍ ଚିନ୍ତା ପ୍ରୟୋଗ କରି ସମସ୍ୟାର ସମାଧାନ ଦିଗରେ ଉଦ୍ୟମ ହେଉନାହିଁ କହିଲେ ଚଳେ । ଇଂରେଜ ରାଜତ୍ୱ ସମୟରେ ଯେତେବେଳେ ଦେଶରେ ଚିନ୍ତାଧାରା ଅତି ଗତାନୁଗତିକ ହୋଇଗଲା, ସେତେବେଳେ ପ୍ରଖର ଚିନ୍ତା ଆବଶ୍ୟକ ବୋଲି ନେତାମାନେ ଉଦ୍‌ବୋଧନ ଦେଇଥିଲେ । ଆଜି ମଧ୍ୟ ସେହିପରି ଚିନ୍ତା ଓ ବିଚାରକ୍ଷେତ୍ରରେ ଯେଉଁ ନିଶ୍ଚଳତା ପ୍ରକାଶ ପାଇଛି, ସେଥିରେ ସେ ଉଦ୍‌ବୋଧନ ମନେ ପକାଇବାର କଥା । ବିଭିନ୍ନ ବିଷୟରେ ପ୍ରଖର ଚିନ୍ତା ପ୍ରକାଶିତ ହେଉ, ତା'ହେଲେ ବହୁ ସମସ୍ୟାର ସମାଧାନର ବାଟ ଖୋଲିଯିବ ବୋଲି ମନେ ହୁଏ ।

ଶିକ୍ଷା ଏକ ସମସ୍ୟା ହୋଇ ଛିଡ଼ା ହୋଇଛି, କାହିଁକି ନା ସବୁ ରକମର ଶିକ୍ଷା ଏ ଦେଶରେ ପ୍ରଚଳିତ ଓ ସବୁଥିରେ ଶାସନର ଉତ୍ସାହ ଓ ସାହାଯ୍ୟ । ଓଡ଼ିଶାରେ ସ୍କୁଲ୍ କହିଲେ ବୁଝାଏ ପ୍ରାଥମିକ ସ୍କୁଲ୍, ମୌଳିକ ସ୍କୁଲ୍, ଟୋଲ, ମକ୍ତବ, ଆଶ୍ରମ ସ୍କୁଲ୍ ଓ ଆଉକିଛି ହୁଏତ ଥାଇପାରେ । ଏ ସବୁଥିରୁ ଉତ୍ତୀର୍ଣ୍ଣ ହୋଇଗଲେ ତା'ପରେ ଆସୁଛି ସେକେଣ୍ଡେରି ସ୍କୁଲ୍ ଓ ବିଶ୍ୱବିଦ୍ୟାଳୟର ଶିକ୍ଷା ଓ ତା' ସହିତ ପ୍ରତିଦ୍ୱନ୍ଦ୍ୱିତା କରୁଛି ମୌଳିକ ବିଦ୍ୟାଳୟର ପରବର୍ତ୍ତୀ ଶିକ୍ଷା । ଏ ସବୁ ମଝିରେ ଟେକ୍‌ନିକାଲ୍ ସ୍କୁଲ୍ ଉପରେ ମଧ୍ୟ ଜୋର ଦିଆହେଉଛି । ଏ ସବୁର କାହାରି ସାଙ୍ଗରେ ସମ୍ବନ୍ଧ ନାହିଁ । ଇଂରେଜ ରାଜତ୍ୱରେ ଯେଉଁ ଶିକ୍ଷା ପ୍ରବର୍ତ୍ତିତ ଥିଲା, ଯାହାକୁ ଏ ପ୍ରବନ୍ଧରେ ପ୍ରଚଳିତ

ଶିକ୍ଷାପଦ୍ଧତି ବୋଲି ବୁଝାଯିବ, ସେଥିରେ ମୂଳରୁ ଶେଷଯାଏଁ ଗୋଟିଏ କ୍ରମ ନିର୍ଣ୍ଣୀତ ହୋଇଛି । ସେପରି ଅନ୍ୟ ଶିକ୍ଷାପଦ୍ଧତିମାନଙ୍କରେ ନାହିଁ । ଟୋଲ, ମକ୍ତବ୍ ପ୍ରଭୃତିକୁ ବର୍ତ୍ତମାନ ଆଲୋଚନାରୁ ବାଦ ଦିଆହୋଇଛି । କାରଣ ସେ ସବୁର ସ୍ଥାନ ସ୍ୱତନ୍ତ୍ର । ସାଧାରଣ ଶିକ୍ଷାପଦ୍ଧତିରେ ତା'ର ସ୍ଥାନ ନାହିଁ । ସେହିପରି ଆଶ୍ରମ ସ୍କୁଲ୍ ମଧ୍ୟ ଆଟବିକ ଜାତିମାନଙ୍କ ମଧ୍ୟରେ ନବ ଜାଗରଣ ଆଣିବା ହେଉଛି ସେ ସବୁ ବିଦ୍ୟାଳୟର ଉଦ୍ଦେଶ୍ୟ । ତେଣୁ ତାହା ସାଧାରଣ ଶିକ୍ଷାପଦ୍ଧତିର ବହିର୍ଭୂତ । ବାକି ରହିଯାଉଛି ପ୍ରଚଳିତ ଶିକ୍ଷାପଦ୍ଧତି ଓ ମୌଳିକ ଶିକ୍ଷା ପଦ୍ଧତି ଏ ଦୁଇ ଭିତରେ ବିଚାର । ପ୍ରଚଳିତ ଶିକ୍ଷାପଦ୍ଧତି ଦୋଷାବହ ବୋଲି ଜାତୀୟ ଆନ୍ଦୋଳନ ବେଳେ ଏହା ବିରୋଧରେ ତୁମୁଳ ପ୍ରଚାର ଚାଲିଥିଲା ଓ ଜାତୀୟ ନେତାମାନେ ବାସ୍ତବିକ ବିଶ୍ୱାସ କରୁଥିଲେ ଯେ, ଉକ୍ତ ଶିକ୍ଷାପଦ୍ଧତି ଭାରତର ଜାତୀୟତା ଧ୍ୱଂସ କରିଦେଇଛି । ସେହି ଶିକ୍ଷାପଦ୍ଧତି ସ୍ଥାନରେ ମହାତ୍ମାଗାନ୍ଧୀଙ୍କ ପରିକଳ୍ପିତ ମୌଳିକ ଶିକ୍ଷାପଦ୍ଧତିର ପ୍ରବର୍ତ୍ତନ । ହାତକାମ ଜରିଆରେ ଶିକ୍ଷାଦାନ ହେଉଛି ମୌଳିକ ଶିକ୍ଷାପଦ୍ଧତି । ଏ ପ୍ରକାର ଶିକ୍ଷାପଦ୍ଧତି ଅନ୍ୟ ଅନେକ ଦେଶରେ ପ୍ରଚଳିତ ଅଛି । କିନ୍ତୁ ତା ସାଙ୍ଗରେ ବିଶ୍ୱବିଦ୍ୟାଳୟ ଶିକ୍ଷା ମଧ୍ୟ ଅନ୍ୟତ୍ର ପ୍ରବର୍ତ୍ତିତ ଅଛି । ଭାରତରେ ବିଶ୍ୱବିଦ୍ୟାଳୟ ଶିକ୍ଷା ପରିବର୍ତ୍ତନରେ ମୌଳିକ ଶିକ୍ଷା ପ୍ରବର୍ତ୍ତନ ପାଇଁ ଅନେକ ବିଜ୍ଞ ବ୍ୟକ୍ତି ଉତ୍ସାହୀ । ମୌଳିକ ଶିକ୍ଷାର ପରିଣତି ସ୍ୱରୂପ କେତେକ ସ୍ଥାନରେ ସେହି ଧରଣର ବିଶ୍ୱବିଦ୍ୟାଳୟ ମଧ୍ୟ ସ୍ଥାପିତ ହେଉଛି । ଭାରତ ସରକାରଙ୍କ ବାରମ୍ବାର ଘୋଷିତ ନୀତି ହେଉଛି ମୌଳିକ ଶିକ୍ଷାର ପ୍ରବର୍ତ୍ତନ । ପ୍ରାଦେଶିକ ସରକାରମାନେ ମୌଳିକ ଶିକ୍ଷା ବିସ୍ତାର ଦିଗରେ ପ୍ରଭୂତ ଅର୍ଥ ବ୍ୟୟ କରୁଛନ୍ତି । ତଥାପି ପ୍ରଚଳିତ ଶିକ୍ଷା ବିସ୍ତାର ଲାଭ କରି ଚାଲିଛି । ମିଡ଼ିଲ ସ୍କୁଲ୍, ହାଇସ୍କୁଲ୍ ଓ କଲେଜ ସଂଖ୍ୟା କ୍ଷିପ୍ରଗତିରେ ବଢ଼ି ବଢ଼ି ଚାଲିଛି ଅସ୍ୱାଭାବିକ ଉପାୟରେ । ଏହାର ଗତିରୋଧ ସରକାରଙ୍କ ଶିକ୍ଷାବିଭାଗ କରୁ ନ ଥିଲେ ଏହା ଆହୁରି ବଢ଼ିଯାଆନ୍ତା । ଜନସାଧାରଣଙ୍କ ଉତ୍ସାହ ଓ ସାହାଯ୍ୟରେ ଏଣେ ପ୍ରଚଳିତ ଶିକ୍ଷାପଦ୍ଧତି ଦୋଷାବହ ବୋଲି ଲୋକାପବାଦ ମଧ୍ୟ ଦୁର୍ନିବାର । ଏହି ଅବସ୍ଥାରେ ଶିକ୍ଷା ସମସ୍ୟା ପଡ଼ିଛି । ଏ ଦିଗରେ କୌଣସି ଦୃଢ଼ ସିଦ୍ଧାନ୍ତ ନୀତି ଅବଲମ୍ବନ କରିବା ମଧ୍ୟ ସରକାରଙ୍କ ଆଡ଼ୁ ଦେଖା ଯାଉନାହିଁ; ତେଣୁ ସେ ସମସ୍ୟାର ପୁଙ୍ଖାନୁପୁଙ୍ଖ ଆଲୋଚନା ଆବଶ୍ୟକ ।

ଆଗେ ବିଚାର କରିବାର କଥା, ଶିକ୍ଷାର ଉଦ୍ଦେଶ୍ୟ କଅଣ ? ଶିକ୍ଷାବିତ୍‌ମାନେ ଶିକ୍ଷାର ଉଦ୍ଦେଶ୍ୟକୁ ଯେ ଭାଷାରେ କହନ୍ତୁ ପଛକେ, ସାଧାରଣ ବ୍ୟାବହାରିକ ଦୃଷ୍ଟିରୁ ବୁଝିବାକୁ ହେଲେ ଶିକ୍ଷାର ଉଦ୍ଦେଶ୍ୟ ଏହା ହିଁ ବୁଝାଯିବ ଯେ ଯାହା ଲାଭ କରି ଜଣେ ନିଜର ସ୍ୱାର୍ଥ ବୁଝି ତାକୁ ସଂରକ୍ଷଣ କରିପାରିବ ଓ ସମାଜର ସ୍ୱାର୍ଥ ସାଧନ ଦିଗରେ ଯଥାଶକ୍ତି କିଛି କରିବ । ସଂଘର୍ଷମୟ ଜୀବନରେ ନିଜର ସ୍ୱାର୍ଥକୁ ଜାଣିବା ପାଇଁ ଜ୍ଞାନ ଦରକାର ଓ କର୍ମ କରିବାର ଶକ୍ତି ମଧ୍ୟ ଆବଶ୍ୟକ । ପୁଣି ଆଧୁନିକ ଜଗତରେ ବ୍ୟକ୍ତି

ବିଶେଷର ସ୍ୱାର୍ଥ ଏତେ ପରୋକ୍ଷ ହୋଇଗଲାଣି ଯେ, ତାକୁ ବୁଝିବା ପାଇଁ ତଦନୁରୂପ ଜ୍ଞାନ ଆବଶ୍ୟକ । ସମାଜର ସ୍ୱାର୍ଥ କଅଣ ତାକୁ ବୁଝିବା ପାଇଁ ଓ ସେ ସ୍ୱାର୍ଥସାଧନରେ, ଯଥାଶକ୍ତି ସାହାଯ୍ୟ କରିବା ପାଇଁ ସେହିପରି ଜ୍ଞାନ ଓ କର୍ମ କରିବାର ଶକ୍ତି ଆବଶ୍ୟକ । ଏହି ଜ୍ଞାନ ଓ କର୍ମ କରିବାର ଶକ୍ତି ଉପାର୍ଜ୍ଜନ ପାଇଁ ଯେଉଁ ଶିକ୍ଷା ଆବଶ୍ୟକ, ତାହା ଏକ କାଳ୍ପନିକ ଅବସ୍ଥାକୁ ଯେପରି ରୂପ ଧରିବ ନାହିଁ । ଯେଉଁ ଦେଶରେ ବା ଯେଉଁ ସମାଜରେ ଯେପରି ପରିସ୍ଥିତି, ଶିକ୍ଷା ତାହାର ସହିତ ଖାପ ଖାଇବା ଉଚିତ । ନଚେତ୍ ସେ ଶିକ୍ଷା ଅବାସ୍ତବ ହୋଇଯିବ ବା ସେ ଶିକ୍ଷା ପ୍ରଚଳନରେ ବିଭ୍ରାଟ ଘଟିବ । ସେହି ଦୃଷ୍ଟିରୁ ସେ ଶିକ୍ଷା ଦୋଷାବହ । ଏହି ସମ୍ପର୍କରେ ଜଣେ ବିଶିଷ୍ଟ ବିଷୟବୁଦ୍ଧିସମ୍ପନ୍ନ ଶିକ୍ଷାବିତ୍ ଯାହା କହିଛନ୍ତି ତାହା ପ୍ରଣିଧାନର ବିଷୟ । ଡକ୍ଟର ଫ୍ରେଡ଼ରିକ୍ ଟି ଗେଟସ୍ ଅର୍ଥ ଉପାର୍ଜନରେ ଯେପରି ସାଫଲ୍ୟ ଲାଭ କରିଥିଲେ, ଶିକ୍ଷା ବିଷୟରେ ମଧ୍ୟ ତାଙ୍କର ସେହିପରି ପ୍ରବୀଣତା ଥିଲା । ଚିକାଗୋ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ସେ । ସେ ଆମେରିକାର ଦକ୍ଷିଣ ପ୍ରଦେଶମାନଙ୍କରେ ସ୍କୁଲଶିକ୍ଷା ବିସ୍ତାର ବିଷୟ ଗବେଷଣା କରି ଖ୍ରୀ: ୯୦୫ ରେ ନିମ୍ନଲିଖିତ ମତ ପ୍ରକାଶ କରିଥିଲେ— ଆମ୍ଭେମାନେ ଏ ଅଞ୍ଚଳରେ ସ୍କୁଲ୍ ଖୋଲିବା କଥା ଭାବୁଛୁଁ; କିନ୍ତୁ ସ୍କୁଲ୍ ସବୁ ଯେଉଁଥିରୁ ଚଳିବ ଅର୍ଥାତ୍ ଜମି, ତା ବିଷୟ ଭାବିବା ଆଗେ ଆମର କର୍ତ୍ତବ୍ୟ — ଆଗେ ଜମିର ଉନ୍ନତି ସାଧିତ ହେଲେ, ତା ପରେ ସ୍କୁଲ୍, ଗୀର୍ଜା ଓ ଅନ୍ୟାନ୍ୟ ସାମାଜିକ ଅନୁଷ୍ଠାନ କଥା । ସ୍କୁଲ୍ ସବୁ ଲୋକଙ୍କ ଉପାର୍ଜନ ପଛେ ପଛେ ଯିବା ଉଚିତ, ଅନ୍ୟଥା ଏସବୁ ଦରିଦ୍ରତା ଉପରେ କରଧାର୍ଯ୍ୟ କଲାଭଳି ହୋଇଯିବ ।

(Seaman A. Knatt by Joseph Baily, published by Columbia University Press, Newyork)

ଏହାର ତାତ୍ପର୍ଯ୍ୟ ଏହି ଯେ, ସାଧାରଣ ଲୋକଙ୍କ ଅର୍ଥନୈତିକ ପରିସ୍ଥିତି ସହିତ ଶିକ୍ଷାର ଘନିଷ୍ଠ ସମ୍ବନ୍ଧ ରହିବା ଉଚିତ । ସାଧାରଣଙ୍କ ଅର୍ଥନୈତିକ ପରିସ୍ଥିତି କହିଲେ ବୁଝାଏ ଦେଶର ବର୍ତ୍ତମାନ ଅବସ୍ଥା ଓ ଏହାର ପରିକଳ୍ପିତ ଅର୍ଥନୀତି । ଦେଶପାଇଁ ଯେ ପ୍ରକାର ଅର୍ଥନୈତିକ ପରିକଳ୍ପନା ଯୋଜନା ଗୃହୀତ ହେବ ତଦନୁସାରେ ଶିକ୍ଷା ସଂଗଠିତ ହେବା ଉଚିତ । ଅନ୍ୟଥା ସେ ଶିକ୍ଷ ଅବାସ୍ତବ ଓ ଅନୁରୂପ ଶିକ୍ଷା ବିନା ଯୋଜନା ମଧ୍ୟ କାର୍ଯ୍ୟକାରୀ ହେବ ନାହିଁ । ଏହି ଦୃଷ୍ଟିରୁ ସବୁ ଦେଶରେ ଶିକ୍ଷାପଦ୍ଧତି ଗଢ଼ିହୋଇଛି । ମୋଟ କଥା, ଶିକ୍ଷା ଗୋଟିଏ କାଳ୍ପନିକ ବସ୍ତୁ ବା ଏବ୍‌ଷ୍ଟ୍ରେକ୍ଟ ଜିନିଷ ନୁହେଁ, ଏହା ଏକ ବାସ୍ତବ ବା କଙ୍କ୍ରିଟ୍ କାର୍ଯ୍ୟକ୍ରମ । ଏହି ଦୃଷ୍ଟିରୁ ଭାରତର ଶିକ୍ଷା ପ୍ରତି ଦୃଷ୍ଟି ଦିଆଯାଉ ।

ପୂର୍ବକାଳରେ ବୈଜ୍ଞାନିକ ଯୁଗ ପୂର୍ବରୁ ଅକ୍ଷର ଚିହ୍ନିବା ବା ବହି ବା ପୋଥି ପଢ଼ିବା ସର୍ବସାଧାରଣଙ୍କ ପାଇଁ ଦରକାର ପଡ଼ୁ ନଥିଲା । ସବୁଠାରୁ ବେଶୀ ହେଲେ ଅକ୍ଷର

ଚଳ୍ତି ପଣିକିଆ, ହରଣ, ଗୁଣନ, ଓଡ଼ାଙ୍କ, ଫେଡ଼ାଙ୍କ, କୂଟା, ଭଉଁରିଆ ଇତ୍ୟାଦି କେତୋଟି ବିଷୟ ଜାଣିନେଲେ ଆଉ ବେଶି ଜାଣିବା ଦରକାର ପଡ଼ୁ ନ ଥିଲା । ଏତିକିରେ ଜଣେ ନିଜର ସ୍ୱାର୍ଥକୁ ଜଗି ପାରୁଥିଲା ଓ ଅନ୍ୟକୁ ମଧ୍ୟ ସାହାଯ୍ୟ କରିପାରୁଥିଲା । ସାଧାରଣ ଶିକ୍ଷାର ସ୍ତର ଅଳ୍ପ ଲୋକେ ସଂସ୍କୃତ ପଢ଼ି ପଣ୍ଡିତ ହେଉଥିଲେ, କିଏ ବା କବି ହେଉଥିଲେ; କିନ୍ତୁ ସେ ପ୍ରକାର ଯୋଗ୍ୟତା ଅସାଧାରଣ ଓ ଦେବଦେବୀଙ୍କ ବର ବୋଲି ବିବେଚିତ ହେଉଥିଲା । ସାଧାରଣ ଶିକ୍ଷା ଦେବାପାଇଁ ମାଟିବଂଶ ଅବଧାନମାନେ ଥିଲେ ଓ ସେମାନେ ନିପୁଣ ଶିକ୍ଷକ ମଧ୍ୟ ଥିଲେ । ଏମାନେ ଯେଉଁ ଚାଟଶାଳୀ କରୁଥିଲେ, ସେଥିରେ କୃଷି ବା ହାତକାମ ଜରିଆରେ ଶିକ୍ଷା କଥା ବି ନ ଥିଲା । ତଥାପି ଚାଟଶାଳୀରୁ ପାଠପଢ଼ି ଲୋକେ ନିଜ ନିଜର ଜୀବିକା ଅନୁସରଣ କରୁଥିଲେ । ମହାରଣା ଶିଳ୍ପଶାସ୍ତ୍ର ବୁଝି ସ୍ୱପ୍ନକୁ ରୂପ ଦେଇ ପାରୁଥିଲେ, ଚାଷୀ ମାଟି ଚିହ୍ନି ପାଗଯୋଗ ବିଚାର କରି ଦେଶକୁ ଶସ୍ୟଭରା ମଧ୍ୟ କରିପାରୁଥିଲା । କୃଷିପ୍ରଧାନ ଦେଶର ତତ୍କାଳୀନ ଅର୍ଥନୈତିକ ସ୍ଥିତି ସହିତ ସେ ଶିକ୍ଷା ଖାପ ଖାଉଥିଲା । ତା'ପରେ ଆସିଲା ଇଂରେଜ ରାଜତ୍ୱ ଓ ବୈଜ୍ଞାନିକ ଯୁଗ । ଏ ଦୁଇଟି ସମସାମୟିକ ଭାବରେ ଏ ଦେଶରେ ସାମାଜିକ ତଥା ଅର୍ଥନୈତିକ ସ୍ଥିତି ଉପରେ ପ୍ରଭାବ ପକାଇବାରେ ଲାଗିଲେ । ଇଂରେଜମାନେ ଚାହିଁଲେ ଏ ଦେଶକୁ ସେମାନଙ୍କ ବିଚାରଧାରା ଅନୁସାରେ ପୁନର୍ନିର୍ମାଣ କରିବା ପାଇଁ । ସେ ବିଚାରଧାରା ପର୍ଯ୍ୟବସିତ ବିଜ୍ଞାନ ଯୁଗ ପ୍ରସୂତ ଯନ୍ତ୍ରଶିଳ୍ପର ବିକାଶ ଉପରେ । ଏହା କାର୍ଯ୍ୟ କଲା ନିରଙ୍କୁଶ ଭାବରେ କିଛି ଅଳ୍ପକାଳ ପାଇଁ ନୁହେଁ—ଦୀର୍ଘ ପ୍ରାୟ ଦୁଇଶହ ବର୍ଷ କାଳ । ଏହାର ପ୍ରତିକ୍ରିୟା ସମାଜରେ କିଅଣ ହୋଇଛି ଦେଖାଯାଉ ।

ବର୍ଣ୍ଣାଶ୍ରମର ଉଚ୍ଚନୀଚ ଭେଦବିଚାରରେ ଜର୍ଜ୍ଜରିତ ସମାଜର ଆର୍ତ୍ତନାଦ ଶୁଭେ ପ୍ରାଚୀନ ସାହିତ୍ୟରୁ । ଶୂଦ୍ରର କାତରୋକ୍ତିରେ ଯେ କୌଣସି ଶୂଦ୍ରର ଲେଖା ମୁଖରିତ । ଏକାଦଶ ଶତାବ୍ଦୀରେ ରମାଇ ପଣ୍ଡିତ ବର୍ଣ୍ଣନା କରିଛନ୍ତି ବର୍ଣ୍ଣାଶ୍ରମର ସେ ସମୟର ପରିଣତି । ଝାହି ଝାହି ରବ କରି ଲୋକେ ମୁସଲମାନ ହୋଇଛନ୍ତି । କିନ୍ତୁ ସେଥିରେ ଧର୍ମ ପରିବର୍ତ୍ତନ ନିହିତ ଥିଲା । ସେ ମଧ୍ୟ କଷ୍ଟଦାୟକ । ଶେଷରେ ଇଂରେଜ-ମାନେ ଯେଉଁ ବୈଧାନିକ ଶାସନ ଚଳାଇଲେ ସେଥିରେ ତଳ ସ୍ତରର ଲୋକେ ଟିକେ ନିଃଶ୍ୱାସ ମାରିଲେ । ଯେଉଁ ଶିକ୍ଷା ଇଂରେଜମାନେ ପ୍ରବର୍ତ୍ତନ କଲେ ସେଥିରେ ତଳ ସ୍ତରରେ ଲୋକେ ଆଲୋକର ରେଖା ଦେଖିବାକୁ ପାଇଲେ । ଦରିଦ୍ର ହେଉ, ନିମ୍ନ ଶ୍ରେଣୀର ଲୋକ ହେଉ, ଯେ ହେଉ ସେ ଇଂରେଜି ଶିକ୍ଷା ପାଇଲେ ହିଁ ଧର୍ମ ବା କୁଳାଚାର ପରିବର୍ତ୍ତନ ନ କରି ଶାସନରେ ସ୍ଥାନ ପାଇପାରିଲା, ସମାଜରେ ମଧ୍ୟ ମୁଣ୍ଡ ଟେକିପାରିଲା । ବର୍ଣ୍ଣାଶ୍ରମର ଉଚ୍ଚନୀଚ ଭେଦକୁ ପ୍ରଚଳିତ ଶିକ୍ଷା ସମୂଳେ ଆଘାତ କରିଛି ଏଥିରେ ସନ୍ଦେହ ନାହିଁ । ପ୍ରଚଳିତ ଶିକ୍ଷା ଯୋଗେ ପୂର୍ବ ବର୍ଣ୍ଣାଶ୍ରମ ଆଉ ମୁଣ୍ଡ

ଟେକିପାରିବ ନାହିଁ । ଆଜି ଯେ ଗୃହଆଡ଼େ ମାଇନର ସ୍କୁଲ୍, ହାଇସ୍କୁଲ୍, କଲେଜ କରିବା ପାଇଁ ସାଧାରଣ ଉତ୍ସାହ ଓ ଏହିସବୁ ସ୍କୁଲ୍‌ରେ ପଢ଼ିବା ପାଇଁ ଅତି ଗରିବ ଲୋକଙ୍କର ମଧ୍ୟ ଅଦମ୍ୟ ପିପାସା ତା'ର ମୂଳ କାରଣ ହେଉଛି ସାମାଜିକ ବୈଷମ୍ୟରୁ ଖାହି ପାଇବାପାଇଁ ଅନ୍ତରର କାମନା । ଆର୍ଥିକ ଉନ୍ନତିର ଆଶା ତ ସେଥିରେ ଅଛି; କିନ୍ତୁ ସେଥିରେ ସାମାଜିକ ବୈଷମ୍ୟରୁ ରକ୍ଷା ପାଇବା ପନ୍ଥା ମଧ୍ୟ ମୁଖ୍ୟ ଭାବରେ ଅଛି । ଏହି ହେଉଛି ପ୍ରଚଳିତ ଶିକ୍ଷା ପକ୍ଷରେ ଯୁକ୍ତି ।

ପ୍ରଚଳିତ ଶିକ୍ଷା ଯୋଗେ ବେକାର ସମସ୍ୟା ସୃଷ୍ଟି ହେଉଛି ବା ବୃଦ୍ଧି ପାଉଛି ବୋଲି ଏକ ସାଧାରଣ ଧାରଣା ଓ ଅନେକ ବିଜ୍ଞ ବ୍ୟକ୍ତି ମଧ୍ୟ ଏହି କଥାଟିକୁ ଚିନ୍ତାଶୂନ୍ୟ ଭାବରେ କହିଥାନ୍ତି । କିନ୍ତୁ ଏହା ଭ୍ରମାତ୍ମକ । ଦେଶରେ ଦରିଦ୍ରତା ଭରିରହିଛି । କପାଳକୁ ଆଦରି ବା ନିଜ ପାଇଁ ସ୍ଥାନ ଖୋଜିବାରେ ଅସମର୍ଥ ହୋଇ ଯେଉଁ ଲୋକ ଗାଁ ଗହଳରେ ଯଥାତଥା ଚଳିଯାଉଛି ବା ଉପାସେ ଭୋକେ ପଡ଼ି ରୋଗଗ୍ରସ୍ତ ହୋଇ ନୀରବରେ ଦୁନିଆଁ ଛାଡ଼ି ଚାଲିଯାଉଛି, ସେହି ଲୋକ ପ୍ରଚଳିତ ଶିକ୍ଷା ପାଇ ଆସି ଯେତେବେଳେ ନିଜର ସ୍ଥାନ ଟିକିଏ ଖୋଜିବାପାଇଁ ଏଠି ସେଠି ହେଉଛି; ସେ ହୋଇଯାଉଛି ଅପେକ୍ଷାକୃତ ଧନୀ ଓ କ୍ଷମତାବାନ୍ ଲୋକଙ୍କର ଚିନ୍ତାର କାରଣ । ସେତିକି ଚିନ୍ତା ସହ୍ୟ ନ ହେଉଥିବାରୁ ସେ ଲୋକଟି କାହିଁକି ଗାଁରେ କୌଣସି ପ୍ରକାର ନ ଚଳିଲା, ସେ ପ୍ରଶ୍ନ ଉଠୁଛି । ତା'ପରେ ଯେତେବେଳେ ଉତ୍ତର ମିଳୁଛି ସେ କହି ବୋଲିପାରେ ବା ଦରଖାସ୍ତ ଲେଖି ଜାଣେ, ସେତେବେଳେ ତା'ର ଶିକ୍ଷାଟାକୁ ମଧ୍ୟ ଦୋଷ ଦିଆଯାଉଛି । ବେକାର ସମସ୍ୟାଟି ହେଉଛି ବାସ୍ତବିକ ଦରିଦ୍ରତାର ସମସ୍ୟା; ସେଥିରେ ପ୍ରଚଳିତ ଶିକ୍ଷାକୁ ଦୋଷଦେବା ଅଯୁକ୍ତିକର । କିନ୍ତୁ ଏହା ସତ୍ୟ ଯେ ପ୍ରଚଳିତ ଶିକ୍ଷା ଦେଶର ଦରିଦ୍ରତା ସମାଧାନ କରିପାରୁ ନାହିଁ । କେବଳ କେତେଜଣଙ୍କୁ ଚାକିରି ଯୋଗାଇବା ଛଡ଼ା ଅନ୍ୟ କୌଣସି ପ୍ରକାର ଉପାର୍ଜ୍ଜନପନ୍ଥା ପ୍ରଚଳିତ ଶିକ୍ଷା ଦେଖାଇ ପାରୁନାହିଁ । ଏହାର ଅର୍ଥ ହେଉଛି ଏହି ଯେ ପ୍ରଚଳିତ ଶିକ୍ଷା ବା ଯେଉଁ ଶିକ୍ଷା ଇଂରେଜମାନେ ପ୍ରବର୍ତ୍ତନ କରିଛନ୍ତି, ସେ ଶିକ୍ଷା ଏ ଦେଶର ଅର୍ଥନୈତିକ ପରିସ୍ଥିତି ସହିତ ଖାପ ଖାଉନାହିଁ ।

ଏଇଠି ଅଳ୍ପକେ ବିଚାର କରାଯାଉ, ଦେଶର ଅର୍ଥନୈତିକ ପରିସ୍ଥିତି କଅଣ ? ଦେଶ କୃଷିପ୍ରଧାନ; ତେଣୁ କୃଷି-ସଭ୍ୟତା ଉପରେ ପ୍ରତିଷ୍ଠିତ ଥିଲା ଏହାର ଅର୍ଥନୀତି, ଯେପରି ଅନ୍ୟ କୃଷିପ୍ରଧାନ ଦେଶମାନଙ୍କରେ ଥିଲା । କିନ୍ତୁ ଯେପରି ଶିଳ୍ପ ସଭ୍ୟତା ସବୁ ଦେଶରେ ପ୍ରଭାବ ପକାଉଛି, ସେହିପରି ତାର ପ୍ରଭାବ ଭାରତରେ ମଧ୍ୟ ପଡ଼ୁଛି । ବିଶେଷତଃ ଇଂରେଜ ରାଜତ୍ୱରେ ଦୁଇଶହ ବର୍ଷ ରହି ଆସିଥିବାରୁ ଶିଳ୍ପ-ସଭ୍ୟତା ଭାରତୀୟ ଜୀବନକୁ ବେଶି ପରିମାଣରେ ପ୍ରଭାବିତ କରିଛି; କୃଷି ସଭ୍ୟତାରେ ଜୀବନ ନିର୍ବାହର ଧରଣ ବା ଷ୍ଟାଣ୍ଡାର୍ଡ଼ ଅଫ୍ ଲିଭିଙ୍ଗ୍ ଶିଳ୍ପ-ସଭ୍ୟତାର

ଜୀବନନିର୍ବାହର ଧରଣଠାରୁ ପୃଥକ୍ । ଗୋଟିକୁ ଉଚ୍ଚ ଅନ୍ୟଟିକୁ ନୀଚ ବୋଲି କହିବା ଯୁକ୍ତିଯୁକ୍ତ ନୁହେଁ । କିନ୍ତୁ ଯଦି ସାଂସାରିକ ସୁଖସ୍ୱାଚ୍ଛନ୍ଦ୍ୟକୁ ପ୍ରମାଦ ବୋଲି ମନେ କରାହୁଏ, ତେବେ ଶିଳ୍ପ ସଭ୍ୟତା ଉଚ୍ଚ ଅର୍ଥାତ୍ ସେଥିରେ ସାଂସାରିକ ସୁଖସ୍ୱାଚ୍ଛନ୍ଦ୍ୟ ବେଶି ଅଛି ଓ କୃଷିସଭ୍ୟତାରେ ତା'ଠାରୁ କମ୍ ଅଛି । ଭାଗ୍ୟବାଦ, ଈଶ୍ୱରବିଶ୍ୱାସ, ସହଜ ଓ ସରଳ ଜୀବନଯାପନ ଏସବୁ କୃଷି ସଭ୍ୟତାର ସ୍ତମ୍ଭ । ମହାତ୍ମାଗାନ୍ଧି ଏହି କୃଷି ସଭ୍ୟତା'ର ଚରମ ଆଦର୍ଶ ଦେଶ ଆଗରେ ରଖିଥିଲେ; କିନ୍ତୁ ଏ ସଭ୍ୟତାକୁ ଶିଳ୍ପ-ସଭ୍ୟତା ଏପରି ଆଘାତ ଦେବାରେ ଲାଗିଛି ଯେ, ଶେଷରେ ଏହା ତିଷ୍ଠିପାରିବ କି ନା ସନ୍ଦେହ । ଶିଳ୍ପ-ସଭ୍ୟତା ଯୋଗେ ଯେଉଁ ସୃଷ୍ଟିଧ୍ୱଂସକାରୀ ବିଶ୍ୱଯୁଦ୍ଧମାନ ହୋଇଯାଉଛି, ଏଥିରେ ସାରା ପୃଥିବୀରେ କୃଷି ସଭ୍ୟତା ପ୍ରବଳ ବେଗରେ ଆଘାତ ପାଉଛି । ବିଶେଷତଃ ବିଗତ ମହାଯୁଦ୍ଧ କୃଷି ସଭ୍ୟତାର ମୁଣ୍ଡରେ ମରଣ ପ୍ରହାର ଦେଇଛି ବୋଲି ମନେହୁଏ । ତା'ର ନିଦର୍ଶନ ମିଳେ ଭାରତରେ ଜୀବନ ନିର୍ବାହ ଧରଣ ଗତ ୫୭ ବର୍ଷରେ ଯେପରି ଭାବରେ ବଦଳିଛି, ସେଥିରୁ । ସାଂସାରିକ ସୁଖସ୍ୱାଚ୍ଛନ୍ଦ୍ୟ ଦିଗରେ ବେଶୀ ଦୃଷ୍ଟି । ସମସ୍ତେ ଚାହାନ୍ତି ଜୀବନରେ ସୁଖ ଓ ନିଜ ଆତ୍ମକୁ ଅପେକ୍ଷା ନ କରି ସମସ୍ତେ ଚାଲିଛନ୍ତି ଜୀବନର ଦୁଃଖ ଦୂର କରି ସୁଖର ଅନ୍ୱେଷଣରେ । ତ୍ୟାଗର ପ୍ରଶ୍ନ ବର୍ତ୍ତମାନ ନାହିଁ । ଭବିଷ୍ୟତ ସୁଖପାଇଁ ବର୍ତ୍ତମାନ ଉଦ୍ୟମ କରିବା ଦରକାର ବୋଲି ମଧ୍ୟ କେହି କହୁନାହାନ୍ତି । କେହି ମନେ କରୁନାହାଁନ୍ତି । ଏହା ଯେ କେବଳ ସାଧାରଣଙ୍କ ମନ ଓ କାର୍ଯ୍ୟର ଗତି, ତା ନୁହେଁ ଏହାହିଁ ବର୍ତ୍ତମାନ ଦେଶର ନେତୃତ୍ୱ । ରାଜନୈତିକ ଦଳ ନିର୍ବିଶେଷରେ ଦେଶ ଆଗରେ ଶିଳ୍ପ ସଭ୍ୟତାନୁରୂପ ଜୀବନଧାରଣର ଆଦର୍ଶ ରଖା ହୋଇଛି ଓ ସେହି ଦିଗରେ ସବୁ କାର୍ଯ୍ୟକ୍ରମ ଚାଲିଛି । ଗ୍ରାମରେ ଜୀବନ ନିର୍ବାହ ଧରଣ ସମ୍ବନ୍ଧରେ ଦେଶର ନେତୃତ୍ୱ ତଥା ଶାସନର ଲକ୍ଷ୍ୟ ଜଣାପଡ଼େ ଗ୍ରାମଗୋଷ୍ଠୀ ଯୋଜନାରୁ । ଶିଳ୍ପପ୍ରଧାନ ଦେଶରେ କୃଷିଜୀବୀମାନେ ଯେଉଁ ଧରଣରେ ଚାହାନ୍ତି ସେହି ଧରଣ ଭାରତରେ ପ୍ରବର୍ତ୍ତନ କରାହେଉଛି । ଶିଳ୍ପ ସଭ୍ୟତାରେ ଯେ ଜୀବନ ଦେଶରେ ସାଧାରଣ ଜୀବନ ନିର୍ବାହର ଧରଣ ସମ୍ବନ୍ଧରେ ଦେଶର ନେତୃତ୍ୱ ଓ ଶାସନର ଧାରଣା ଜଣାପଡେ । ଶାସନରେ କର୍ମଚାରୀମାନଙ୍କ ବେତନରୁ ଓ ନାନାବିଧ କାର୍ଯ୍ୟରେ ନିଯୁକ୍ତି ପାଇଁ ଦରକାର ପଡୁଥିବା ଯୋଗ୍ୟତାରୁ ବିଶ୍ୱବିଦ୍ୟାଳୟର ଶିକ୍ଷା ହେଉଛି ମାନଦଣ୍ଡ । ସବୁ ନିଯୁକ୍ତି ପାଇଁ, ଏପରି କି ଧାନକୁଟା ପ୍ରବର୍ତ୍ତନ ପାଇଁ ଗ୍ରାଜୁଏଟ ଆବଶ୍ୟକ ହେଉଛନ୍ତି । ଗ୍ରାମ କର୍ମୀ ପାଇଁ ମାସିକ ଶହେଟଙ୍କା ତ୍ୟାଗସୂଚକ ବେତନ ବୋଲି କୁହାଯାଇଛି । ଏ ସବୁଥିରୁ ସ୍ପଷ୍ଟ ଜଣାପଡ଼ିବ ଯେ ଶିକ୍ଷା ସଭ୍ୟତାର ଯେଉଁ ଜୀବନ ନିର୍ବାହ ଧରଣ ତାହାହିଁ ଭାରତରେ ପ୍ରବର୍ତ୍ତିତ ହୋଇଛି । ସର୍ବସମ୍ମତିକ୍ରମେ ଏହି ଧରଣ ଆଡ଼କୁ ଦେଶ ମୁହିଁଛି । କିନ୍ତୁ ସେ ପ୍ରକାର ଜୀବନ ନିର୍ବାହ ପାଇଁ ଆୟ କୁଲାଉ ନାହିଁ । ଏହାହିଁ ହେଉଛି ଅସନ୍ତୋଷର କାରଣ । ବେକାର

ସମସ୍ୟା ଉତ୍କଟ ହେଉଛି, ଏଇଥିପାଇଁ ଆଶାନୁରୂପ ଆୟ କରି ନ ପାରୁଥିବା ଲୋକ ମଧ୍ୟ ବେକାର ଭିତରେ ଗଣ୍ୟ । ଏହି ହେଉଛି ଦେଶର ଅର୍ଥନୈତିକ ପରିସ୍ଥିତି ଓ ଏହାର ଅନୁରୂପ ଶିକ୍ଷା ହେବା ଉଚିତ ।

ଆଗରୁ କହିଛି ଯେ, ପ୍ରଚଳିତ ଶିକ୍ଷା ଦ୍ୱାରା ଦେଶର ଦରିଦ୍ରତା ସମସ୍ୟାର ସମାଧାନ ହୋଇପାରୁନାହିଁ ଓ ଏ ଶିକ୍ଷା ଦେଶର ଅର୍ଥନୈତିକ ଅବସ୍ଥା ସହିତ ଖାପ ଖାଉନାହିଁ, କିନ୍ତୁ ମୌଳିକ ଶିକ୍ଷା ପଦ୍ଧତି ଦେଶର ଦରିଦ୍ରତାର ପ୍ରଶ୍ନ ସମାଧାନ କରି ପାରିବ କି ? ସେ ଶିକ୍ଷା ଦେଶର ଅର୍ଥନୈତିକ ପରିସ୍ଥିତିର ଅନୁରୂପ କି ? ପ୍ରଥମ କଥା ମୌଳିକ ଶିକ୍ଷା ପ୍ରବର୍ତ୍ତିତ ହେବା ପୂର୍ବରୁ ତାହା ଶାସନ ଦ୍ୱାରା ଗୃହୀତ ହେବା ଉଚିତ । ଅର୍ଥାତ୍ ସେ ଶିକ୍ଷାରୁ ଉତ୍ତୀର୍ଣ୍ଣ ହେଉଥିବା ଲୋକେ ଶାସନର କୌଣସି ବିଭାଗରେ କାର୍ଯ୍ୟ କରିବା ପାଇଁ ଯୋଗ୍ୟ ବୋଲି ବିବେଚିତ ହେବା ଉଚିତ; ଦ୍ୱିତୀୟତଃ ମୌଳିକ ଶିକ୍ଷା ସହିତ ବିଶ୍ୱବିଦ୍ୟାଳୟ ଶିକ୍ଷାର ସମ୍ବନ୍ଧ ନିର୍ଣ୍ଣୀତ ହେବା ଉଚିତ । ଉପରେ ବିଶ୍ୱ-ବିଦ୍ୟାଳୟର ଶିକ୍ଷା ଦରକାର କରୁଥିବ, ଶାସନ ତଳେ ମୌଳିକ ଶିକ୍ଷା ପ୍ରବର୍ତ୍ତିତ ହେଉଥିବ, ଏହା ଫଳରେ ଯେଉଁମାନେ ମୌଳିକ ବିଦ୍ୟାଳୟରେ ପଢ଼ିବେ ସେମାନେ ଅତୋଭ୍ରଷ୍ଟ ତତୋଭ୍ରଷ୍ଟ ହୋଇଯିବେ । ବିଶ୍ୱବିଦ୍ୟାଳୟ ଶିକ୍ଷା ସ୍ଥାନରେ ଅନ୍ୟ କି ଶିକ୍ଷା ପ୍ରବର୍ତ୍ତିତ ହେଲେ ମୌଳିକ ଶିକ୍ଷା ସହିତ ତାହା ଖାପ୍ ଖାଇବ, ତାହା ନିର୍ଣ୍ଣୀତ ହୋଇ ସେହି ଶିକ୍ଷାକୁ ଶାସନ ଗ୍ରହଣ କରିନେବା ଆବଶ୍ୟକ । ଅର୍ଥାତ୍ ମୌଳିକ ଶିକ୍ଷାର ପରିଣତି ସ୍ୱରୂପ ଯେଉଁ ପ୍ରକାରର ବିଶ୍ୱବିଦ୍ୟାଳୟ ଶିକ୍ଷା ପ୍ରବର୍ତ୍ତିତ ହେବ, ସେଥିରେ ଇଂରେଜି ରହିବ ନାହିଁ । ତେଣୁ ଶାସନରୁ ଇଂରେଜି ଉଠାଇବାର ବ୍ୟବସ୍ଥା ହେବା ଉଚିତ । ଡାକ୍ତରି, ଇଞ୍ଜିନିୟରିଂ ପ୍ରଭୃତି ଶିକ୍ଷା ସହିତ ମୌଳିକ ଶିକ୍ଷାର ସମ୍ବନ୍ଧ ନିର୍ଣ୍ଣୀତ ହେବା ଉଚିତ । ଏ ସବୁ ହେଲେ ଯାଇ ମୌଳିକ ଶିକ୍ଷା ପଦ୍ଧତି ବର୍ତ୍ତମାନ ପ୍ରଚଳିତ ଶିକ୍ଷାର ସ୍ଥାନ ନେଇ ପାରିବ । ତା ପୂର୍ବରୁ ଶାସନର ବଳ ପ୍ରୟୋଗ କରି ମୌଳିକ ଶିକ୍ଷା ପଦ୍ଧତି ପ୍ରବର୍ତ୍ତନ କଲେ ଫଳ ହେବ ଏହି ଯେ ପୂର୍ବ ବର୍ଣ୍ଣାଶ୍ରମ ବର୍ତ୍ତମାନ ରୂପାନ୍ତର ଗ୍ରହଣ କରି କେତେକ ଉଚ୍ଚବର୍ଣ୍ଣର ଶିକ୍ଷିତ ହୋଇ ସବୁ ସୁବିଧା ଉଠାଇବେ, ଆଉ କେତେକ ନୀଚ ବର୍ଣ୍ଣର ଶିକ୍ଷିତ ହୋଇ କପାଳକୁ ଆଦରି ପଡ଼ିରହିବେ । ଏହା କେହି ବରଦାସ୍ତ କରିବେ ନାହିଁ । ଏ ପ୍ରକାର ବର୍ଣ୍ଣଭେଦ ବିରୋଧରେ ଆନ୍ଦୋଳନ କରିବାର ଅଧିକାର ପ୍ରତ୍ୟେକର ଅଛି । ପ୍ଲାନିଂ କମିଶନ ହୁଅନ୍ତୁ, ପ୍ରଧାନମନ୍ତ୍ରୀ ହୁଅନ୍ତୁ ବା ଯେ ହେଉନ୍ତୁ ଉପରୋକ୍ତ ପ୍ରକାର ବର୍ଣ୍ଣଭେଦ ପାଇଁ ସେମାନେ ଦାୟୀ ହୋଇ ଯାଉଛନ୍ତି, ଏହା ଗଭୀର ପରିତାପର ବିଷୟ ।

ତା' ପରେ ଦେଖାଯାଉ ମୌଳିକ ଶିକ୍ଷା ପଦ୍ଧତି, ଯେପରି ଏହା ଚାଲିଛି; ତାହା ଦେଶର ଅର୍ଥନୈତିକ ପରିସ୍ଥିତିର ଅନୁରୂପ କି ନୁହେଁ । ଗ୍ରାମଗୋଷ୍ଠୀ ଯୋଜନାନ୍ତର୍ଭୁକ୍ତ ଗୋଟିଏ ଅଞ୍ଚଳକୁ ଆଖି ଆଗରେ ରଖାଯାଉ । ଭଲ ଡାକ୍ତର, ଭଲ ଲେଡ଼ି ଡାକ୍ତର, ପକ୍କା ରିକ୍ରିଏସନ୍ କ୍ଲବ ବା ବିନୋଦ ମନ୍ଦିର,

ଯାତାୟାତ ପାଇଁ ମଟରଗାଡ଼ିର ବ୍ୟବହାର, ସୁନ୍ଦର ଭାବରେ ନିର୍ମିତ ହାଟ ଗ୍ରାମକର୍ମୀର ବେତନ ମାସିକ ଶହେ କୋଡ଼ିଏ ଟଙ୍କା, ଏସବୁ ଭିତରେ ସାଧାରଣ ଗ୍ରାମବାସୀ କରି ସୂତା କାଟି ଧାନ କୁଟି ଲୋକ ଚଳିପାରିବ ତ ? ସୂତା କାଟିବା, ଗୃହ, ଧାନ କୁଟିବା ଇତ୍ୟାଦି ବ୍ୟବସାୟରୁ ଜଣେ ଉକ୍ତ ଅବସ୍ଥାରେ ଚଳିବାପାଇଁ ଉପାର୍ଜ୍ଜନ କରିପାରିବ ତ ? କଦାପି କରିପାରିବ ନାହିଁ । କେତେକ ଭଲରେ ଚଳିବେ, ଆଉ ଅନେକେ କମ୍‌ରେ ଚଳିବେ, ଏହା କଅଣ କାହାର ଧ୍ୟେୟ ହେବା ଉଚିତ ? ଗୋଟିଏ ପ୍ଲେଟରେ ସରୁ ଚାଉଳ, ମୋଟ ଚାଉଳ ଦୁଇପ୍ରକାର ବ୍ୟବସ୍ଥା ହେଲେ ଘର ଯେପରି ଭାଙ୍ଗେ, ସେହିପରି ଦେଶ ମଧ୍ୟ ଭାଙ୍ଗିଯିବ । ଆଜି ଅଜ୍ଞାତ ଭାବରେ ଏକ ଚିନ୍ତାଧାରା ପ୍ରଖର ଭାବରେ ଚାଲିଛି ଯେ, ବହୁସଂଖ୍ୟକ ଲୋକ ସୂତା କାଟି ଧାନ କୁଟି କୌଣସି ପ୍ରକାରେ ଚଳନ୍ତୁ ଓ ଆଉ ଅଳ୍ପ କେତେକ ବେଶ୍ ସୁଖ ସ୍ୱାଚ୍ଛନ୍ଦ୍ୟରେ ଚଳନ୍ତୁ ଏହାହିଁ ସମାଜର ବ୍ୟବସ୍ଥା, ଅନିବାର୍ଯ୍ୟ । ଏହା ବିରୋଧରେ ଦରକାର ପଡ଼ିଲେ ବିପ୍ଳବ ପଛେ ହେଉ କିନ୍ତୁ ଏହା ବରଦାସ୍ତ କରି ନ ଯାଉ । ଅର୍ଥନୈତିକ ପରିସ୍ଥିତିର ଅନୁରୂପ ଶିକ୍ଷା ହୁଅନ୍ତା, ଯଦି ପିଲାଦିନୁଁ କଳକବ୍‌ଜା ଚଳାଇବା, ମରାମତି କରିବା ଇତ୍ୟାଦି ଶିକ୍ଷା ଦିଆଯାଆନ୍ତା । ଯେ ଭଲ ପାରନ୍ତା, ସେ ବଡ଼ ଇଞ୍ଜିନିଅର ହୋଇଯାଆନ୍ତା । ଯେ ନ ପାରନ୍ତା ସେ ମିସ୍ତ୍ରୀ ହୁଅନ୍ତା । ଗ୍ରାମପାଇଁ ଗାଁଗହଳରେ କି ପ୍ରକାର ଉନ୍ନତ ଧରଣର ଯନ୍ତ୍ରପାତି ତିଆରି ହୋଇପାରନ୍ତା, ସେ ଦିଗରେ ପିଲାଦିନୁ ମନ କାମ କରନ୍ତା, ବୁଦ୍ଧି ପ୍ରୟୋଗ କରି ଯନ୍ତ୍ର ବାହାର କରି ପଥରରୁ ସୁଦ୍ଧା ପାଣି ବାହାର କରିବାର ଉତ୍ସାହ ପିଲାଦିନୁଁ ମନରେ ଜାଗ୍ରତ ହୁଅନ୍ତା—ଏହି ବାଟରେ ଶିକ୍ଷା ଗଲେ ତାହା ଅବସ୍ଥାନୁରୂପ ହୁଅନ୍ତା । ଓଡ଼ିଶାରେ ଲୁହା କାରଖାନା ହେଉଛି, ହଜାର ହଜାର ମିସ୍ତ୍ରୀ, ହଜାର ହଜାର କାରିଗର ଦରକାର ପଡ଼ିବେ । ମୌଳିକ ବିଦ୍ୟାଳୟ ଏହା ଯୋଗାଇ ପାରିବ ତ ? ଶିଳ୍ପ, ଶାସନ, ସବୁ କ୍ଷେତ୍ରରେ ଲୋକ ଯୋଗାଇବା ପାଇଁ ମୌଳିକ ବିଦ୍ୟାଳୟ ଯୋଗ୍ୟ ତ ? ଏ ପ୍ରଶ୍ନର ଉତ୍ତର ଉପରେ ନିର୍ଭର କରେ ମୌଳିକ ବିଦ୍ୟାଳୟର ଆବଶ୍ୟକତା ।

ଏହା ଯଦି ପରିକଳ୍ପନା ଥାଏ ଯେ ଶିଳ୍ପ, ଶାସନ ବା ଅନ୍ୟ କୌଣସି ଗୁରୁତ୍ୱପୂର୍ଣ୍ଣ ଓ ଉପାର୍ଜନକ୍ଷମ କାର୍ଯ୍ୟ ପାଇଁ ଅନ୍ୟ ଶିକ୍ଷା ଓ ଉପରୋକ୍ତ କାମ ପାଇଁ ଅକ୍ଷମ ଯେଉଁମାନେ ସେହିମାନଙ୍କ ପାଇଁ ମୌଳିକ ଶିକ୍ଷା ତେବେ ବି ମଧ୍ୟ ତାହା ପ୍ରମାଦପୂର୍ଣ୍ଣ । ପିଲାଦିନୁ କିପରି ଜଣାଯିବ, କିଏ କ୍ଷମ ଓ କିଏ ଅକ୍ଷମ ? ଗ୍ରାମବାସୀ ବା ଗ୍ରାମବାସୀଙ୍କ ମଧ୍ୟରେ ଯେ ଗରିବ, ସେହି ଜନ୍ମଦୋଷ ଯୋଗୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟପାଇଁ ଅକ୍ଷମ ବୋଲି ଭାବିବା କେତେ ବଡ଼ ଅନ୍ୟାୟ କଳ୍ପନା କରିହେଉ ନାହିଁ ।

ଉପରୋକ୍ତ ଆଲୋଚନାରୁ ଜଣାଯିବ ଯେ, ଦେଶର ଅର୍ଥନୈତିକ ପରିସ୍ଥିତିର ସମ୍ମୁଖୀନ ହେବାପାଇଁ ଶିକ୍ଷାର ଯୋଜନା ବର୍ତ୍ତମାନ ସୁଦ୍ଧା ହୋଇନାହିଁ । ଏହା

ନିଶ୍ଚିତ କଥା ଯେ ଅର୍ଥନୈତିକ ଯୋଜନା ଓ ଶିକ୍ଷା ପରସ୍ପର ସଂଲଗ୍ନ ବିଷୟ । ଗୋଟିକୁ ଛାଡ଼ି ଅନ୍ୟଟି ଚାଲିପାରିବ ନାହିଁ । ଯେଉଁମାନେ ମନେ କରୁଛନ୍ତି ଯେ, ଭାରତରେ କୃଷି-ସଭ୍ୟତାର ଆଦର୍ଶ କାର୍ଯ୍ୟ କରୁ ଓ ତଦନୁସାରେ ଅର୍ଥନୀତି ତଥା ଜୀବନଧାରଣ ପରିଚାଳିତ ହେଉ, ସେମାନଙ୍କର ଉଚିତ ହେଉଛି ଆଗେ ଦେଶର ନେତୃତ୍ୱ ଓ ଶାସକଙ୍କୁ ସେହି ମତାବଲମ୍ବୀ କରାନ୍ତୁ, ସେ ପର୍ଯ୍ୟନ୍ତ ସେମାନଙ୍କ କାର୍ଯ୍ୟକ୍ରମକୁ ପରୀକ୍ଷା ଅବସ୍ଥାରେ ରଖନ୍ତୁ ବା ଟୋଲ ମକ୍ତାବ୍ ପ୍ରଭୃତି ଅନୁଷ୍ଠାନମାନଙ୍କ ସ୍ଥାନରେ ରଖନ୍ତୁ । ଅନ୍ୟଥା ଦେଶରେ ବର୍ଣ୍ଣାଶ୍ରମର ରୂପାନ୍ତର ଅଭିନୀତ ହେବାକୁ ଯାଉଛି—ଯାହାର ପରିଣାମ ଅତି ହାନିକାରକ ।

---

* ଝଙ୍କାର—ପଞ୍ଚମ ବର୍ଷ, ଦ୍ୱାଦଶ ସଂଖ୍ୟା

# ବିପ୍ଳବ

## କୃଷ୍ଣଚରଣ ବେହେରା

**ଆ**ଜିକାଲି କଥାକଥାକେ ଗୁରିଆଡ଼େ 'ବିପ୍ଳବ' ଓ 'ବିପ୍ଳବୀ' ଶବ୍ଦ ଉଚ୍ଚାରିତ ହୋଇଥାଏ । ଅମୁକ କବି ଆଧୁନିକ ସାହିତ୍ୟ-ଇତିହାସରେ ବିପ୍ଳବ ସୃଷ୍ଟି କରିଛନ୍ତି, ଅମୁକ ମହାପାତ୍ର ଜଣେ ବିପ୍ଳବୀ ଛାତ୍ରନେତା, ତରୁଣିଆ ଟେକ୍‌ସଟାଇଲସ୍ ହାଲି ଫେସନରେ ବିପ୍ଳବ ଆଣିଛନ୍ତି, ଗମନାଗମନ କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ସୁପର-ସୋନିକ୍ ଏରୋପ୍ଲେନ୍‌ର ଆକାଶ ଯାତ୍ରା, ବ୍ୟାଙ୍କ ଜାତୀୟକରଣ ଦ୍ୱାରା ଦେଶର ଅର୍ଥନୈତିକ କ୍ଷେତ୍ରରେ ମହାବିପ୍ଳବ—ଏ ଭଦ୍ର ବ୍ୟକ୍ତିଙ୍କି ଜାଣନ୍ତି କି ? ଏ ହେଉଛନ୍ତି ଜନସେବକ ଶ୍ରୀ ପଟ୍ଟନାୟକ ଇତ୍ୟାଦି ଇତ୍ୟାଦି । 'ବିପ୍ଳବୀ' କଥାଟା ଏବେ କିଏ ବ୍ୟବହାର ନ କରୁଛି ଏବଂ କେଉଁଠି ବ୍ୟବହୃତ ନ ହେଉଛି, କହିହେବ ନାହିଁ ।

କିନ୍ତୁ ବିପ୍ଳବ କଥାଟା ସବୁବେଳେ ଯେ ଠିକ୍ ଅର୍ଥରେ ବ୍ୟବହାର କରା-ଯାଉଛି, ତହିଁରେ ଏହି ଆଲୋଚକର ଘୋର ସନ୍ଦେହ ଅଛି । ଆଜିକାଲି ଶିକ୍ଷାନୁଷ୍ଠାନ-ମାନଙ୍କରେ ଶୃଙ୍ଖଳା ଶବ୍ଦ ପରି ସମାଜରେ 'ବିପ୍ଳବ' ବିଶେଷ ଭାବରେ ଅପବ୍ୟବହୃତ ଏକ ଶବ୍ଦ । ଅଧ୍ୟକ୍ଷ, ମନ୍ତ୍ରୀ ବା ନିଜର ଗୁରୁଜନ ସ୍ଥାନୀୟ ଅଭିଭାବକଙ୍କୁ ଅପମାନିତ କରି ଛାତ୍ରନେତା ଯେତେବେଳେ ନିଜକୁ 'ବିପ୍ଳବୀ' ବୋଲିଉଛନ୍ତି, ଅଥବା ତରୁଣିଆ ଟେକ୍‌ସଟାଇଲସ୍ ସଭ୍ୟ ମନୁଷ୍ୟର ଆବ୍ରୁ ଓ ରୁଚିବୋଧକୁ ଭ୍ରୂକ୍ଷେପ ନ କରି ଫେସନ୍‌ରେ ବିପ୍ଳବ ଆସୁଥିବାର ବଡ଼ାଇ କରୁଛନ୍ତି, ସେତେବେଳେ 'ବିପ୍ଳବ' କଥାଟିର ନିଶ୍ଚିତରୂପେ ଅପବ୍ୟବହାର କରାଯାଉ ନାହିଁ କି ?

'ବିପ୍ଳବ' କଥାଟିର ଅର୍ଥ ବଡ଼ ଗମ୍ଭୀର ଓ ତାତ୍ପର୍ଯ୍ୟପୂର୍ଣ୍ଣ । ଏହାର ଅର୍ଥ ଭଲ ଦିଗକୁ ଗମନ କରିବା ବା ଲମ୍ଫ ଦେବା । ଉନ୍ନତି ଦିଗରେ ଉତ୍ତରଣ ହେଉଛି ଏହାର ପ୍ରକୃତ ମର୍ମ । ଏବେ 'ବିପ୍ଳବ' ଅର୍ଥରେ ଅନେକ ଭଙ୍ଗାରୁଜା ଓ ଉତ୍ତେଜନାମୂଳକ କାର୍ଯ୍ୟକୁ ବୁଝାଉଛନ୍ତି । ହିଂସାକାଣ୍ଡ, ଭଙ୍ଗାରୁଜା ବା ଉତ୍ତେଜନାମୂଳକ କାର୍ଯ୍ୟ ବିପ୍ଳବ ମଧ୍ୟରେ ଅତ୍ୟନ୍ତ ଗୌଣ ଓ ନଗଣ୍ୟ ସ୍ଥାନ ପାଇଥାଏ । ପ୍ରାଥମିକ ଅବସ୍ଥାରେ ଏକ ଉପାୟ ରୂପେ ଏପରି କାର୍ଯ୍ୟକଳାପ ବେଳେ ବେଳେ ଗୃହୀତ ହୋଇଥାଏ; ମାତ୍ର

ବିପ୍ଳବର ଅସଲ ଲକ୍ଷ୍ୟ ଗଠନମୂଳକ ଓ ସର୍ଜନାତ୍ମକ; ଏହା ନାସ୍ତିବାଚକ ନୁହେଁ, ଅସ୍ତିବାଚକ । ବିପ୍ଳବ ଭାଙ୍ଗିବା ଠାରୁ ଗଢ଼ିବା କାର୍ଯ୍ୟଟି ଅଧିକ କରିଥାଏ । ବିପ୍ଳବ ଫଳରେ କୌଣସି ଜାତି ବା ସମାଜ, ଯେଉଁ କଲ୍ୟାଣର ପରିବର୍ତ୍ତନ ଦିଗକୁ ଲକ୍ଷ୍ୟଦିଏ; ସେହି ପରିବର୍ତ୍ତନ ଉତ୍କୃଷ୍ଟତର, ବ୍ୟାପକ ଓ ସୁଦୂରପ୍ରସାରୀ ହୋଇଥାଏ । ଚଳିତ ଶତାବ୍ଦୀର ଦ୍ୱିତୀୟ ଦଶକରେ ସଂଘଟିତ ରୁଷିଆର ସମାଜତାନ୍ତ୍ରିକ ବିପ୍ଳବ, ଅଥବା ଅଷ୍ଟାଦଶ ଶତାବ୍ଦୀ ଶେଷଭାଗରେ ସଂଘଟିତ ଇଂଲଣ୍ଡର ଶିଳ୍ପବିପ୍ଳବ ଏହାର ଉତ୍କୃଷ୍ଟ ଉଦାହରଣ ।

ଯେଉଁ ବିପ୍ଳବ କେବଳ ଧ୍ୱଂସାକାଣ୍ଡ, ଭଙ୍ଗାରୁଜା ଓ ଉତ୍ତେଜନାମୂଳକ କାର୍ଯ୍ୟରେ ପର୍ଯ୍ୟବସିତ ହୋଇ ରହେ, ଯାହାର କୌଣସି ମହତ୍ତର ଗଠନମୂଳକ ଲକ୍ଷ୍ୟ ନ ଥାଏ, ତାହାକୁ 'ବିପ୍ଳବ' ଆଖ୍ୟାଦେବା ଠିକ୍ ହେବ ନାହିଁ । ତାହାକୁ 'ବିଦ୍ରୋହ' କିମ୍ବା ଆନ୍ଦୋଳନ ବୋଲିଯାଇ ପାରେ । ଇଂରେଜୀ ଭାଷାରେ ସେଥିସକାଶେ **Mutiny, Rebellion, Coup-de-tat, Insurrection** ପ୍ରଭୃତି କଥା ବ୍ୟବହୃତ ହୋଇଥାଏ ।

ବିଦ୍ରୋହ, ଆନ୍ଦୋଳନ, **Mutiny, Rebellion, Coup-de-tat, Insurrection** ଆଦି ମଧ୍ୟରେ କ୍ଷଣିକ ବିକ୍ଷୋଭ, ଉନ୍ମାଦନା-ଉତ୍ତେଜନା, ଭଙ୍ଗାରୁଜା କାର୍ଯ୍ୟ ଯେତେ ପ୍ରାଧାନ୍ୟ ପାଇଥାଏ, ଜାତି ବା ଦେଶର ମଙ୍ଗଳ ପାଇଁ କୌଣସି ମହାନ୍ ସୁନିର୍ଦ୍ଦିଷ୍ଟ ଲକ୍ଷ୍ୟ ସେତେ ସ୍ଥାନ ପାଇ ନ ଥାଏ । ଖୁବ୍ ବେଶି ହେଲେ, ଆମ୍ଭେମାନେ ଏ ସବୁକୁ ବିପ୍ଳବର ଗୌଣ ଓ ପ୍ରାଥମିକ କାର୍ଯ୍ୟକଳାପ ନାମରେ ଅଭିହିତ କରିପାରୁ । ଆମର କେତେକ ଐତିହାସିକ ୧୮୫୭ ମସିହାର ସିପାହୀ ବିଦ୍ରୋହକୁ ଭାରତର ପ୍ରଥମ ସ୍ୱାଧୀନତା ବିପ୍ଳବ ବୋଲି କହିଛନ୍ତି । କିନ୍ତୁ ସିପାହୀ ବିଦ୍ରୋହର କୌଣସି ନିର୍ଦ୍ଦିଷ୍ଟ ମହତ୍ତର ଉଦ୍ଦେଶ୍ୟ ନ ଥିବାରୁ ଏବଂ ସେହି ଉଦ୍ଦେଶ୍ୟ ପୂରଣ ପାଇଁ ବ୍ୟାପକ ଓ ସୁସଂହତ ଉଦ୍ୟମର ଅଭାବ ଥିବାରୁ ତାହାକୁ 'ବିପ୍ଳବ' ଆଖ୍ୟା ନ ଦେବାହିଁ ଯୁକ୍ତିଯୁକ୍ତ । ସେହିପରି ଏକଦା ହିଟ୍‌ଲର୍ ଓ ମୁସୋଲିନୀ ନିଜ ନିଜ ଦେଶରେ ମହାନ୍ ବିପ୍ଳବମାନ ସଂଘଟିତ କରାଉଥିବାର ମନେ କରୁଥିଲେ । ହିଟ୍‌ଲର ତ ଥରେ ଡାକ-ପୁକାରରେ କହିଥିଲେ, ଆମେ ସବୁ ବର୍ବର ହୋଇ ରହିବାକୁ ଚାହୁଁ ମଧ୍ୟ । ଏହା ଆମର ଏକ ସମ୍ମାନସୂଚକ ପଦବୀ । ଆମେ ହିଁ ପୃଥିବୀକୁ ପୁନଃଯୌବନ ଦେବା । ପୃଥିବୀ ଆଜି ମୁମୂର୍ଷୁ । ସେହି ପୃଥିବୀକୁ ଧ୍ୱଂସ କରିବା ଆମର ଏକମାତ୍ର କାମ—ପ୍ରକୃତ ବିପ୍ଳବୀ ତୁଣ୍ଡରୁ ଏଭଳି କଥା ଶୁଣାଯାଏନା । ବିପ୍ଳବୀ ବର୍ବର ଅସଭ୍ୟ ହେବ କାହିଁକି ? କାହିଁକି ବା ସେ ପୁନଃଯୌବନ ଦେବା ଆଶାରେ ପୃଥିବୀକୁ ଧ୍ୱଂସ କରିବ ? ପୁନଃଯୌବନ ଦେବାପାଇଁ ଧ୍ୱଂସ ନୁହେଁ, ପରିଶୋଧନ ବା ପରିମାର୍ଜନ ହିଁ ଆବଶ୍ୟକ । ଆମ ପୁରାଣରେ ଯେଉଁ ପ୍ରଳୟ କଥା

ବୋଲାଯାଇଛି, ତାହା ହେଉଛି ଏହି ପରିଶୋଧନ ବା ପରିମାର୍ଜନ । ସେଥିପାଇଁ ପ୍ରଳୟର ଦେବତା ମହେଶ୍ୱରଙ୍କ ନାମ ଶିବ ବା ମଙ୍ଗଳ । ବାଇବେଲ୍‌ରେ ସେହି ବିଷୟ 'ମହାଜଳ ପ୍ଳାବନ' ରୂପେ କଥିତ । ଚାଳିଶଦିନ କାଳ ଜଳପ୍ଳାବିତ ହୋଇ ରହିଲାପରେ ଈଶ୍ୱରଙ୍କ ଇଚ୍ଛା ଅନୁଯାୟୀ ପୃଥିବୀ ପରିଶୋଧିତ ହେଲା ଏବଂ ନୋ ସପରିବାର ସେହି ପୃଥିବୀରେ ନବଜୀବନ ଯାପନ କରିବାରେ ଲାଗିଲେ । ଇସଲାମ୍ ଧର୍ମରେ 'କେୟାମତ୍' କଥାଟିର ମୋଟାମୋଟି ଅର୍ଥ ସେଇୟା । ତେଣୁ ବିପ୍ଳବର କାର୍ଯ୍ୟ ଧ୍ୱଂସ ନୁହେଁ, ପରିଶୋଧନ ବା ପରିମାର୍ଜନ । ଏହି ପରିଶୋଧନ ପରିମାର୍ଜନ, ପ୍ରକ୍ରିୟାରେ ଯେତିକି ଲୋଡ଼ା ପଡ଼େ, ସେତିକି ମାତ୍ର ନଷ୍ଟଭ୍ରଷ୍ଟ ହୋଇଥାଏ । ପ୍ରକୃତ ବିପ୍ଳବଗର୍ଭରେ ନୂତନ ସୃଷ୍ଟିର ଅଙ୍କୁର ବିଦ୍ୟମାନ ଥାଏ । ପରବର୍ତ୍ତୀ କାଳରେ ତାହା ଦେଶ ତଥା ଜାତିପାଇଁ ସୁନା ଫସଲ ଫଳାଇଥାଏ । ହିଟ୍‌ଲରଙ୍କ ତଥାକଥିତ ବିପ୍ଳବୀ ଭୂମିକା ଜର୍ମାନ ଦେଶ ପାଇଁ କି ସୁନା ଫସଲ ଫଳାଇ ପାରିଛି, ତାହା ଆପଣମାନଙ୍କୁ ଭଲ ଭାବରେ ଜଣା ।

ଅନେକଙ୍କ ଧାରଣା — ବିପ୍ଳବ ସବୁବେଳେ ଡଙ୍କା ବଜାଇ ଆସେ, ଡାକପୁକାରରେ ସଂଘଟିତ ହୁଏ; କିନ୍ତୁ ବିପ୍ଳବ ମଧ୍ୟ ନୀରବରେ ଭୁମି ଭୁମି ଘଟିପାରେ, ନିଃଶବ୍ଦ ଶବ୍ଦତରଙ୍ଗ ବା ଅଲଟ୍ରାସୋନିକ୍ ଭଳି କାର୍ଯ୍ୟ କରିପାରେ । ଊନବିଂଶ ଶତାବ୍ଦୀରେ ପତନଶୀଳ ସମାଜରେ ଶିକ୍ଷା, ଶାସନ, ଅର୍ଥନୀତି ଆଦି ବିଭିନ୍ନ କ୍ଷେତ୍ରରେ ଯେଉଁ ବିପ୍ଳବ ଆସିଥିଲା, ତାହା ଡାକ-ପୁକାରରେ ହଟଚମଟ ଲଗାଇ ସଂଘଟିତ ହୋଇନାହିଁ ବୋଲି ଐତିହାସିକମାନେ ତାହାକୁ କେବଳ 'ସଂସ୍କାର' ନାମରେ ଅଭିହିତ କରି ସନ୍ତୁଷ୍ଟ ରହିଛନ୍ତି । କିନ୍ତୁ ଧର୍ମର ଶାନ୍ତ ସୁନ୍ଦର ଆବରଣତଳେ ବଙ୍ଗ-ଦେଶର ବ୍ରାହ୍ମସମାଜ, ମହାରାଷ୍ଟ୍ରର ପ୍ରାର୍ଥନା ସମାଜ ଏବଂ ଉତ୍ତରଭାରତର ଆର୍ଯ୍ୟସମାଜ, ଭାରତର ଅଧୋଗାମୀ ଜାତୀୟଜୀବନରେ ଯେଉଁ କ୍ରାନ୍ତିକାରୀ ପରିବର୍ତ୍ତନ ଆଣିଥିଲେ, ଏହି ଆଲୋଚକ ମତରେ ତାହା ପ୍ରକୃତରେ ଏକ ନୀରବ ବିପ୍ଳବ । ଅସ୍ପୃଶ୍ୟ ଶୂଦ୍ର ନାମରେ ଜାତିର ଏକ ବିପୁଳ ଅଂଶ ଯୁଗ ଯୁଗ କାଳ ନିପୀଡ଼ିତ ଅଧଃପ ୍ତିତ ହୋଇ ରହିଥିଲେ । ଶଙ୍କରାଚାର୍ଯ୍ୟଙ୍କ ଭଳି ମନୀଷୀ ମଧ୍ୟ କହିଥିଲେ — ଶୂଦ୍ର ହେଉଛି ପାଦ ଥିବା ଏକ ଶ୍ମଶାନ । ସେ ଯଦି ବେଦବାକ୍ୟ ଶୁଣେ, ତେବେ ଜଉ କିମ୍ବା ସୀସାଦ୍ୱାରା ତାହାର କାନକୁ ମୁଦି ଦେବାକୁ ହେବ । (ବ୍ରହ୍ମସୂତ୍ର ଶାଙ୍କର ଭାଷ୍ୟ ୧ । ୩ । ୩୮) ସେହି ପାଦ ଯୁକ୍ତ ଶ୍ମଶାନ — ଏକ ଅଭିଶପ୍ତ ମାନବଗୋଷ୍ଠୀକୁ ମହାତ୍ମା ଗାନ୍ଧୀ ଏବେ 'ହରିଜନ' ଆଖ୍ୟା ଦେଇ ସମାଜରେ ମର୍ଯ୍ୟାଦାବନ୍ତ ଆସନରେ କିପରି ପ୍ରତିଷ୍ଠିତ କରାଇଦେଲେ, ତାହା ଆମେ ସ୍ୱଚକ୍ଷୁରେ ଦେଖିଲୁଁ । ଧୀରେ ଧୀରେ ନୀରବରେ ଏପରି ସାମାଜିକ ବିପ୍ଳବ ବିଶ୍ୱ ଇତିହାସରେ ଖୁବ୍ କମ୍ ସଂଘଟିତ ହୋଇଥିବାର ଦେଖାଯାଏ । ସଂପ୍ରତି ବିନୋବାଜୀ, ଜୟପ୍ରକାଶ ପ୍ରମୁଖ ଜନସେବକ ବୃନ୍ଦ ସେହିପରି ଆଉ ଏକ ନୀରବ ବିପ୍ଳବର ସୂତ୍ରପାତ କରିଛନ୍ତି । ଚମ୍ବଲ ଉପତ୍ୟକାର ଶହ ଶହ ନରଘାତକ ଦୁର୍ଦ୍ଦାନ୍ତ

ଡକାୟତଙ୍କର ହୃଦୟ ପରିବର୍ତ୍ତନ ଓ ଆତ୍ମସମର୍ପଣ ବିପ୍ଳବ ଇତିହାସରେ ଏକ ନୂତନ ଅଧ୍ୟାୟ ସୃଷ୍ଟି କରିଛି ।

କେବଳ ଜାତି ବା ସମଷ୍ଟି ଜୀବନରେ ନୁହେଁ, ବ୍ୟକ୍ତି ବା ବ୍ୟଷ୍ଟି ଜୀବନରେ ମଧ୍ୟ ବିପ୍ଳବ ଆସିଥିଲା । ସଚେତନ ବ୍ୟକ୍ତିର ସମ୍ବେଦନଶୀଳ ମନ ହିଁ ବିପ୍ଳବର ସୂତିକା-ଗୃହ ଏବଂ ଦୁଃଖ ଦୈନ୍ୟ ଅଭାବ ଅସନ୍ତୋଷ ହିଁ ସେହି ବିପ୍ଳବର ଧାତ୍ରୀ । ଗୋଟିଏ ପ୍ରଦୀପରୁ ଅନ୍ୟ ଗୋଟିଏ ପ୍ରଦୀପ ପ୍ରଜ୍ୱଳିତ ହୋଇଗଲା ପରି ବିପ୍ଳବ ପ୍ରଥମେ ଜଣେ ବ୍ୟକ୍ତି ବା ବ୍ୟଷ୍ଟି ମନରେ ଜନ୍ମଲାଭ କରି ଜାତି ବା ସମଷ୍ଟି ମଧ୍ୟରେ କ୍ରମଶଃ ସଞ୍ଚାରିତ ହୋଇଥାଏ । ପ୍ରାୟ ଅଢ଼େଇହଜାର ବର୍ଷ ତଳେ ଶାକ୍ୟସିଂହ ଗୌତମ, ମଣିଷର ଦୁଃଖପାପ ଦୂରୀକରଣ ପଥ ଖୋଜିବାପାଇଁ ସମସ୍ତ ରାଜ ଐଶ୍ୱର୍ଯ୍ୟ ପାଦରେ ଏଡ଼ିଦେଇ ଆସିଲେ । ତାଙ୍କ ମନରେ ଜାଗରୂକ ବିପ୍ଳବ ସାରା ଭାରତ ଓ ଭାରତ ବାହାରେ କ୍ରମେ ପରିବ୍ୟାପ୍ତ ହୋଇଗଲା । ଗତ ଶତାବ୍ଦୀରେ ସେହିପରି ଗଞ୍ଜାମ ବଡ଼ଖେମୁଣ୍ଡିର ରାଜପୁତ୍ରଙ୍କ ଜୀବନରେ ସଂଘଟିତ ବିପ୍ଳବ ତାଙ୍କୁ ଓଲାଶୁଣୀ ପର୍ବତର ସିଦ୍ଧ ଅରକ୍ଷିତ ଦାସରେ ପରିଣତ କରିଥିଲା ଏବଂ ତାଙ୍କ ଶହ ଶହ ଭକ୍ତଙ୍କୁ ସେହି ବିପ୍ଳବର ବାଣୀ ଉଦ୍‌ବୁଦ୍ଧ ଓ ଉନ୍ମାଦିତ କରିଥିଲା । ଅଷ୍ଟାଦଶ ଶତାବ୍ଦୀ ଶେଷ ଭାଗରେ ସଂଘଟିତ ବିଖ୍ୟାତ ଫରାସୀ ବିପ୍ଳବର ଉଦ୍‌ଗାତା ଥିଲେ ମଣ୍ଟେସ୍କ୍ୟୁ, ଭଲ୍‌ଟେୟାର, ରୁଷୋ ପ୍ରମୁଖ ଅଳ୍ପ କେତେକ ଦୂରଦ୍ରଷ୍ଟା ସଚେତନ ବ୍ୟକ୍ତି । ସେମାନେ ଗୋଟା ଫରାସୀ ଜାତିକୁ ବିପ୍ଳବ-ମନ୍ତ୍ରରେ ଦୀକ୍ଷିତ କରାଇଥିଲେ । ସେଦିନ ଚରମପନ୍ଥୀ ରାଜନୀତିଜ୍ଞ ଅରବିନ୍ଦ ଘୋଷ ଆପଣା ଜୀବନର ଯେଉଁ ବିପ୍ଳବ ବଳରେ 'ମହାଯୋଗୀ ଶ୍ରୀ ଅରବିନ୍ଦ'ରେ ପରିଣତ ହେଲେ, ସେହି ବିପ୍ଳବର ବାଣୀ ଆଜି ବିଶ୍ୱର ସୁଧୀମଣ୍ଡଳୀକୁ ଉଦ୍‌ବୁଦ୍ଧ ଓ ଅନୁପ୍ରାଣିତ କରୁଛି । ତେଣୁ ବିପ୍ଳବ କେବଳ ଜାତି ବା ସମଷ୍ଟି-ନିର୍ଭର ନୁହେଁ, ବ୍ୟକ୍ତି ବା ବ୍ୟଷ୍ଟି-ନିର୍ଭର ମଧ୍ୟ । ବ୍ୟକ୍ତି ବା ବ୍ୟଷ୍ଟି ଜୀବନରେ ବିପ୍ଳବ ଦେଖାଦେଇ କେବଳ ସେଇଠି ତା ସୀମାବଦ୍ଧ ହୋଇ ରହି ନ ପାରେ । ଜାତି ବା ସମଷ୍ଟି ଜୀବନରେ ପର୍ଯ୍ୟବସିତ ହେବାରେ ହିଁ ତାହାର ସାର୍ଥକତା; ବିପୁଳ ବ୍ୟାପକ ପ୍ରକାଶ ଓ ଫଳଶ୍ରୁତିରେ ତାହାର ପରିପୂର୍ଣ୍ଣତା ।

ଶିକ୍ଷା, ସାହିତ୍ୟ, ଶାସନ, ଅର୍ଥନୀତି, ଧର୍ମ, ଶିଳ୍ପକଳା ଆଦି ଜାତୀୟ ଜୀବନର ବିଭିନ୍ନ କ୍ଷେତ୍ରରେ ବିପ୍ଳବ ସଂଘଟିତ ହୋଇପାରେ; କିନ୍ତୁ ବିଶ୍ୱ ଇତିହାସ ପର୍ଯ୍ୟାଲୋଚନା କଲେ ଆମେ ଦେଖିବା ଯେ—ବରାବର ବିପ୍ଳବ କଥାଟା ମୁଖ୍ୟତଃ ଶାସନ ଓ ରାଜନୀତି କ୍ଷେତ୍ରରେ ସୀମାବଦ୍ଧ ହୋଇ ରହି ଆସିଛି । ତେଣୁ 'ବିପ୍ଳବ' ଶବ୍ଦଟି କାଳକ୍ରମେ ଏକ ବିଶେଷ ଅର୍ଥ ଆହରଣ କରି ନେଇଛି । ସେହି ବିଶେଷ ଅର୍ଥଟି ହେଲା—ସମାଜ ତଥା ଶାସନ ବ୍ୟବସ୍ଥାର ଆମୂଳ ପରିବର୍ତ୍ତନ ସାଧନାଲାଗି ସେହି ସମାଜର ଉନ୍ନତ ଓ ଅଗ୍ରଗାମୀ ଶ୍ରେଣୀର ଲୋକଙ୍କ ଦ୍ୱାରା ପୁରାତନ ଶାସକ ଶ୍ରେଣୀଠାରୁ

ରାଷ୍ଟ୍ର କ୍ଷମତା ହାସଲ କରିବା । କେବଳ ରାଷ୍ଟ୍ର କ୍ଷମତା ହାସଲ ବିପ୍ଳବର ଉଦ୍ଦେଶ୍ୟ ନୁହେଁ; ତତ୍ସଙ୍ଗେ ସଙ୍ଗେ ସମାଜ ଓ ଶାସନ ବ୍ୟବସ୍ଥାର ଆମୂଳଚୂଳ ପରିବର୍ତ୍ତନ ମଧ୍ୟ ଏହାର ଲକ୍ଷ୍ୟ । ବିପ୍ଳବ ସଙ୍ଗେ ସଙ୍ଗେ ସେହି ବିପ୍ଳବ-ବିରୋଧୀ ବିପ୍ଳବ ବା ପ୍ରତିବିପ୍ଳବ (Counter-revolution) ମଧ୍ୟ ସଂଘଟିତ ହୋଇପାରେ । ବିପ୍ଳବ ଓ ପ୍ରତିବିପ୍ଳବ ମଧ୍ୟରୁ ଯେଉଁଟି ଶକ୍ତିଶାଳୀ ବା ଲକ୍ଷ୍ୟ ଦିଗରୁ ମହତ୍ତର, ତାହାହିଁ ଶେଷରେ ଜୟଲାଭ କରିଥାଏ । ବିପ୍ଳବ କେବେ ଆପେ ଆପେ ସଂଘଟିତ ହୋଇପାରେ ନା, ଏଇଥିପାଇଁ ବ୍ୟଷ୍ଟି ତଥା ସମଷ୍ଟିର ସକ୍ରିୟ ଓ ସଚେତନ ପ୍ରଚେଷ୍ଟା ଆବଶ୍ୟକ । ୧୭୭୬ ମସିହାରେ ଘଟିଥିବା ଆମେରିକାନ୍ ବିପ୍ଳବ, ୧୭୮୯ ମସିହାରେ ଫରାସୀ ବିପ୍ଳବ, ୧୯୧୭ ମସିହାରେ ସଂଘଟିତ ରୁଷିଆର ସମାଜତାନ୍ତ୍ରିକ ବିପ୍ଳବ ପ୍ରଭୃତି ଏହାର ଜ୍ୱଳନ୍ତ ଦୃଷ୍ଟାନ୍ତ ।

ପ୍ରତିଷ୍ଠିତ ରାଷ୍ଟ୍ରଶକ୍ତି ବା ଶାସନ ବ୍ୟବସ୍ଥାର ସକ୍ରିୟ ପ୍ରତିରୋଧ ମାନବ ସଭ୍ୟତାର ଇତିହାସରେ ଅତି ପୁରୁଣା କଥା । ସଭ୍ୟତାର ପ୍ରାରମ୍ଭ କାଳରୁ ଭିନ୍ନ ଭିନ୍ନ ରୂପରେ ରାଜା, ଦଳପତି, ଶାସନ, ରାଷ୍ଟ୍ରଗଠନ ପ୍ରଭୃତିର ଆବଶ୍ୟକତା ଅନୁଭୂତ ହୋଇଛି ଏବଂ ରାଜା ପ୍ରଜାପୀଡ଼କ ହେଲେ କିମ୍ବା ଶାସନ ଜନବିରୋଧୀ ହେଲେ ପ୍ରତିବାଦର ସ୍ୱର ଧ୍ୱନିତ ହୋଇଅଛି । ଏ ସଂପର୍କରେ ରାମାୟଣ ଉତ୍ତରାକାଣ୍ଡରେ ଏକ ଚମତ୍କାର ଗଳ୍ପ ରହିଛି । ରାଜାହୀନ ବିଶ୍ୱବାସୀ ଜଣେ ନରପୁଙ୍ଗବଙ୍କୁ ରାଜାରୂପେ ଦେବାପାଇଁ ବ୍ରହ୍ମାଙ୍କ ନିକଟରେ ଗୁହାରି କରିଥିଲେ । ତହୁଁ ବ୍ରହ୍ମା ଇନ୍ଦ୍ର-ବରୁଣ-ଯମ-କୁବେର ପ୍ରଭୃତି ଦେବତାଙ୍କଠାରୁ ତିଳ ତିଳ କରି ଶକ୍ତି ସଂଗ୍ରହ କରି ନୃପତିଟିଏ ଜାତ କଲେ ଏବଂ ପୃଥିବୀର ସୁଶାସନ ପାଇଁ ତାଙ୍କୁ ବିଶ୍ୱବାସୀଙ୍କୁ .ଅର୍ପଣ କଲେ । ମନୁସ୍ମୃତିର ସପ୍ତମ ଅଧ୍ୟାୟରେ ମଧ୍ୟ ଅନୁରୂପ ପ୍ରସଙ୍ଗ ଦେଖିବାକୁ ମିଳେ । ସେହି ରାଜାଙ୍କୁ ମନୁ "ମହତୀ ଦେବତା ହ୍ୟେଷା ନର ରୂପେଣ ତିଷ୍ଠତି" ବୋଲି କହି ତାଙ୍କ ପ୍ରତି କୌଣସି ପ୍ରକାର ଦ୍ୱେଷ, ଅପମାନ ନ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । କିନ୍ତୁ ଏଠାରେ ବିଶେଷ ଉଲ୍ଲେଖଯୋଗ୍ୟ ଯେ —ଯେଉଁ ରାଜା ଅତ୍ୟାଚାରୀ, ପ୍ରଜାପୀଡ଼କ, ତାଙ୍କ ପ୍ରତି ମନୁ ସତର୍କବାଣୀ ଶୁଣାଇଛନ୍ତି । ସେହି ସତର୍କବାଣୀର ଭାଷା ହେଉଛି—

ମୋହାଦ୍ରାଜା ସ୍ୱରାଷ୍ଟ୍ରଂ ଯଃ କର୍ଷୟତ୍ୟନବେକ୍ଷୟା ।
ସୋଽଚିରାଦ୍ ଭ୍ରଶ୍ୟତେ ରାଜ୍ୟାଜ୍ଜୀବିତାଚ ସବାନ୍ଧବଃ ॥—୭।୧୧୧

ଅର୍ଥାତ୍ ଯେଉଁ ରାଜା ମୋହବଶରେ ଆପଣା ରାଜ୍ୟ ଦେଖାଶୁଣା ନ କରି ଖାଲି ରାଜସ୍ୱ ନେବାରେ ଲାଗିଥାଏ, ସେ ଶୀଘ୍ର ରାଜ୍ୟଭ୍ରଷ୍ଟ ହୁଏ ଏବଂ ସବାନ୍ଧବ ଜୀବନଭ୍ରଷ୍ଟ ମଧ୍ୟ

ହୋଇଥାଏ । କେଉଁ ଉପାୟରେ ରାଜା ରାଜ୍ୟଭ୍ରଷ୍ଟ ଓ ଜୀବନଭ୍ରଷ୍ଟ ହେବେ, ସେ ବିଷୟରେ ଆଚାର୍ଯ୍ୟ ମନୁ ସ୍ପଷ୍ଟଭାବେ କିଛି କହି ନ ଥିଲେ ହେଁ, ଏହା ଯଦ୍ଦ୍ୱାରା ପ୍ରତିପନ୍ନ ହେଉଛି ଯେ—ସେତେବେଳେ ଲୋଡ଼ା ପଡ଼ିଲେ ପ୍ରତିଷ୍ଠିତ ରାଜଶକ୍ତିର ମଧ୍ୟ ପ୍ରତିବାଦ-ପ୍ରତିରୋଧ କରାଯାଉଥିଲା ।

ମହାଭାରତରେ ଆମେ ଦେଖୁଁ—ଶ୍ରୀକୃଷ୍ଣ, ଧୃତରାଷ୍ଟ୍ର, ଭୀଷ୍ମ ପ୍ରମୁଖ ନେତୃସ୍ଥାନୀୟ ବ୍ୟକ୍ତି ବିଭିନ୍ନ ସମୟରେ ଲୋକମତ ସମ୍ପର୍କରେ ସଚେତନ ରହିଛନ୍ତି—ପ୍ରଜାମାନଙ୍କ ପ୍ରତିକ୍ରିୟା ବିଷୟରେ ସତର୍କତା ଅବଲମ୍ବନ କରିଛନ୍ତି । ପ୍ରଜାମେଳି ବା ରାଷ୍ଟ୍ରବିପ୍ଳବକୁ ଏଡ଼ାଇ ଚାଲିବା ବ୍ୟତୀତ ଏହାର ଉଦ୍ଦେଶ୍ୟ ଆଉ କ'ଣ ହୋଇପାରେ ? ପଶାଖେଳରେ ହାରି ପାଣ୍ଡବମାନେ ଯେତେବେଳେ ରାଜଧାନୀ ଛାଡ଼ି ବନ ଗମନ କରୁଛନ୍ତି, ସେତେବେଳେ ରାଜା ଧୃତରାଷ୍ଟ୍ରଙ୍କ ମତିଗତି ବେଶ୍ ତାତ୍ପର୍ଯ୍ୟପୂର୍ଣ୍ଣ । ଅସ୍ତବ୍ୟସ୍ତ ହୋଇ ସେ ବାରମ୍ବାର ବିଦୁରଙ୍କୁ ପଚାରୁଛନ୍ତି—ପାଣ୍ଡବଙ୍କ ବନଗମନରେ ପ୍ରଜାମାନେ କ'ଣ କହୁଛନ୍ତି ? ରାଜ୍ୟବାସୀଙ୍କର ଏଥିରେ ପ୍ରତିକ୍ରିୟା କ'ଣ ? ଇତ୍ୟାଦି ଇତ୍ୟାଦି । ଏପରିକି ମହାଭାରତ ଯୁଦ୍ଧକୁ ମଧ୍ୟ ଦୁର୍ଯ୍ୟୋଧନଙ୍କ ଶାସନ ବିରୁଦ୍ଧରେ ଏକ ପ୍ରଚଣ୍ଡ ପ୍ରତିବାଦ ବୋଲାଯାଇପାରେ । ଜିଣିଲେ ରାଜ୍ୟଲାଭ, ମଲେ ସ୍ୱର୍ଗଲାଭ, ତେଣୁ 'ଯୁଦ୍ଧାୟ କୃତ ନିଶ୍ଚୟଃ'—ଏହାକୁ ତତ୍କାଳୀନ ଏକ ବିପ୍ଳବର ଧ୍ୱନି ବା ସ୍ଲୋଗାନ ରୂପେ ଗ୍ରହଣ କରାଯାଇପାରେ । ଖ୍ରୀଷ୍ଟପୂର୍ବ ପ୍ରାୟ ଦ୍ୱିତୀୟ ଶତାବ୍ଦୀରେ ଚନ୍ଦ୍ରଗୁପ୍ତ ମୌର୍ଯ୍ୟଙ୍କ ରାଜତ୍ୱ କାଳରେ ଭାରତରେ ରାଜଶକ୍ତି ବା ଶାସନ ବ୍ୟବସ୍ଥାର ପ୍ରତିବାଦ-ପ୍ରତିରୋଧ ଇତ୍ୟାଦି ଯେ ଅଜଣା ନ ଥିଲା, କୌଟିଲ୍ୟଙ୍କ ଅର୍ଥଶାସ୍ତ୍ରର 'କଣ୍ଟକ ଶୋଧନ' ଶୀର୍ଷକ ଚତୁର୍ଥ ଅଧିକରଣ ଏବଂ 'ବ୍ୟସନାଧିକାରିକ' ଶୀର୍ଷକ ଅଧିକରଣରୁ ସ୍ପଷ୍ଟ ଜଣାପଡ଼େ ।

ରାଜଶକ୍ତି ବା ଶାସନବ୍ୟବସ୍ଥାର ପ୍ରତିରୋଧ-କାର୍ଯ୍ୟରେ ମଧ୍ୟ-ଯୁଗର ଇତିହାସ ବେଶ୍ ଚଳଚଞ୍ଚଳ । ଦିଲ୍ଲୀସ୍ଥ କେନ୍ଦ୍ରଶାସନ ତଥା ଅନ୍ୟାନ୍ୟ ପ୍ରାନ୍ତୀୟ ଶାସନ ବିରୁଦ୍ଧରେ ଦେଶ ଭିତରୁ ତଥା ବାହାରୁ ପ୍ରତିବାଦ ଓ ପ୍ରତିରୋଧ ହୋଇଛି ବାରମ୍ବାର । କେତେବେଳେ ବ୍ୟକ୍ତିଗତ ବିବାଦ-କଳହ, କେତେବେଳେ ପରସ୍ପରବିରୋଧୀ ଧର୍ମଧାରଣା, ଆଉ କେତେବେଳେ ବା ଦେଶୀ ବିଦେଶୀ ମନୋଭାବ ଏଥିରେ ଇନ୍ଧନ ଯୋଗାଇଛନ୍ତି । ଷୋଡ଼ଶ ଶତାବ୍ଦୀର ଐତିହାସିକ ଅବୁଲ୍‌ଫାଜଲ 'ଆଇନ ଆକବରୀ'ରେ ଲେଖିଛନ୍ତି ଯେ, ହିନ୍ଦୁମାନେ ଯେପରି ବିଶ୍ୱସ୍ତ ବନ୍ଧୁ, ସେହିପରି ଶକ୍ତିଶାଳୀ ଶତ୍ରୁ ମଧ୍ୟ । ତୁଚ୍ଛାତିତୁଚ୍ଛ କାରଣରୁ ସେମାନେ ବହୁ ପ୍ରୟୋଗ ପାଇଁ ପ୍ରସ୍ତୁତ ହୋଇଯାଆନ୍ତି । ହିନ୍ଦୁସ୍ଥାନ ଓ ଅନ୍ୟ ଦେଶର ରାଜକନ୍ୟାମାନଙ୍କ ସହିତ ଆକବରର ବିବାହ-ବନ୍ଧନରେ ଆବଦ୍ଧ ହେବା ଫଳରେ ଦେଶ ମଧ୍ୟରେ ରାଜଶକ୍ତି ବିରୁଦ୍ଧରେ ପ୍ରବଳ ପ୍ରତିରୋଧରୁ ନିଜକୁ ବଞ୍ଚାଇ ରଖି ପାରିଛନ୍ତି ଏବଂ ଦେଶ ବାହାରେ ଶକ୍ତିଶାଳୀ ବନ୍ଧୁତାର ଐକ୍ୟ ଗଢ଼ିପାରିଛନ୍ତି । ଏଥିରୁ

ଶାସନ ବ୍ୟବସ୍ଥାର ତତ୍କାଳୀନ ସ୍ଥିତି ଏବଂ ସେ ଦିଗରେ ଆକବରଙ୍କ ସତର୍କ କାର୍ଯ୍ୟ ପନ୍ଥା ସଂପର୍କରେ ପରିଚୟ ମିଳେ । ପାଶ୍ଚାତ୍ୟ ଦେଶପ୍ରତି ଦୃଷ୍ଟିପାତ କଲେ, ଆମେ ପରିସ୍ଥିତିର ପ୍ରାୟ ସମାନ ଚିତ୍ର ଦେଖିବାକୁ ପାଇବା । ରାଜଶକ୍ତି ଓ ଚର୍ଚ୍ଚ ଦୁହେଁ ଯାକ ମିଶି ଯେଉଁ ରାଷ୍ଟ୍ର ସୁପ୍ରତିଷ୍ଠିତ କରିଥିଲେ, ତାହା ମୂଳରେ ବାରମ୍ବାର ଆସି ଧକ୍କା ବାଜିବାରେ ଲଗିଲା । ସପ୍ତଦଶ ଓ ଅଷ୍ଟାଦଶ ଶତାବ୍ଦୀର ଇଂଲଣ୍ଡ ବିପ୍ଳବ, ଫରାସୀ ବିପ୍ଳବ, ଶିଳ୍ପ ବିପ୍ଳବ ପ୍ରଭୃତି ଫଳରେ Inquisitionର ଅର୍ଗଳ ଧୂଳିସାତ୍ ହେବା ସଙ୍ଗେ ସଙ୍ଗେ ସେହି ରାଷ୍ଟ୍ରଶକ୍ତିର ମୂଳଦୁଆ ଧସିପଡ଼ିଲା । କୁପରନିକସ୍, ଗାଲିଲିଓ, ଜନ୍ ଲକେ ପ୍ରମୁଖ କେତେକ ଇଉରୋପୀୟ ମନୀଷୀ ଥିଲେ ସେହି ଆଘାତକାରୀ ଶକ୍ତିର ମୂଳ ଉତ୍ସ ।

ଏହିଠାରୁ ପ୍ରତିଷ୍ଠିତ ଶାସନ-ବ୍ୟବସ୍ଥା ବା ଶାସକ ବିରୁଦ୍ଧରେ ପ୍ରତିବାଦ ପ୍ରତିରୋଧ କରିବା, ଶାସିତର ଏକ ଅଧିକାର ବୋଲି ବିବେଚିତ ହେଲା — ରାଷ୍ଟ୍ରଶକ୍ତିର ଏକ ଆବଶ୍ୟକ ଅଙ୍ଗରୂପେ ବ୍ୟକ୍ତିସତ୍ତା ସ୍ୱୀକୃତି ଲାଭ କଲା । ବିପ୍ଳବର ଇତିହାସରେ ଏହା ଏକ ନୂତନ ଦିଗନ୍ତ ବୋଲିବାକୁ ହେବ । ରାଷ୍ଟ୍ରଶକ୍ତି ଓ ଶାସନ-ବ୍ୟବସ୍ଥା ସଂପର୍କରେ ଶାସିତ ବ୍ୟକ୍ତିର ଏହି ଅଧିକାର ବା ନୈତିକ ଦାୟିତ୍ୱର ଧାରଣା ନିଶ୍ଚିତରୂପେ ଭାରତୀୟ ନୁହେଁ । ଏହି ଧାରଣା ଭାରତବାସୀମାନେ ହେହି ବିଦେଶ ଭୂମିରୁ ଲାଭ କରିଛନ୍ତି ବୋଲି ସ୍ୱୀକାର କରିବାକୁ ହେବ ।

କ୍ରମେ ବିଶ୍ୱର କେତେକ ଶକ୍ତିଶାଳୀ ଦେଶରେ ଗଣତନ୍ତ୍ର ଶାସନ ପ୍ରତିଷ୍ଠିତ ହେଲା, ଶାସକ-ଶାସିତ ସମ୍ପର୍କରେ ଉନ୍ମୂଳ ପରିବର୍ତ୍ତନ ସଂଘଟିତ ହେଲା । ଊନବିଂଶ ଶତାବ୍ଦୀ ପ୍ରଥମ ଭାଗରେ ଜନ୍ ଷ୍ଟୁଆର୍ଟ ମିଲଙ୍କର ସୁପରିଚିତ On Liberty ଗ୍ରନ୍ଥ ଏବଂ ହେନେରୀ ଡେଭିଡ୍ ଥୁରୋଙ୍କର ପ୍ରସିଦ୍ଧ Civil Disobedience ଗ୍ରନ୍ଥ ପ୍ରକାଶିତ ହେବା ଫଳରେ ଶାସକ-ଶାସିତ ସମ୍ପର୍କର ଏହି ଧାରଣା ବିଶ୍ୱଦରବାରରେ ସୁପ୍ରତିଷ୍ଠିତ ହୋଇଗଲା । "ଶାସନକ୍ଷେତ୍ରରେ ଶାସିତର ମତ ଓ ସ୍ୱୀକୃତି ସରକାର ନିଶ୍ଚୟ ଗ୍ରହଣ କରିବେ । ଯେ ପର୍ଯ୍ୟନ୍ତ ରାଷ୍ଟ୍ର ବ୍ୟକ୍ତିସତ୍ତାକୁ ଏକ ଉଚ୍ଚତର ସ୍ୱାଧୀନ ଶକ୍ତି ବୋଲି ସ୍ୱୀକାର ନ କରିଛି ଏବଂ ତଦନୁଯାୟୀ ବ୍ୟକ୍ତି ସହିତ କାରବାର ନ କରିଛି, ସେ ପର୍ଯ୍ୟନ୍ତ ଏକ ପ୍ରକୃତ ମୁକ୍ତ ଓ ମହତ୍ତର ରାଷ୍ଟ୍ର ଗଠିତ ହୋଇ ନ ପାରେ । ଏହି ଉଚ୍ଚତର ସ୍ୱାଧୀନ ବ୍ୟକ୍ତିସତ୍ତାରୁ ହିଁ ରାଷ୍ଟ୍ର ନିଜର ସକଳ ଶକ୍ତି ଓ କର୍ତ୍ତୃତ୍ୱ ଆହରଣ କରିଥାଏ ।"—ଥୁରୋଙ୍କର ଏହି କ୍ରାନ୍ତିକାରୀ ଉକ୍ତି ଏବେ ସୁଦ୍ଧା ବିଶ୍ୱର ମୁକ୍ତିକାମୀ ଜନତା ନିକଟରେ ଆଦର୍ଶସ୍ଥାନୀୟ ହୋଇ ରହିଛି ।

ତଥାପି ଏହି ପରିସ୍ଥିତିରେ ମଧ୍ୟ ରାଷ୍ଟ୍ରଶକ୍ତି ଓ ଶାସନସଂସ୍ଥା ବିରୁଦ୍ଧରେ ପ୍ରତିବାଦ ପ୍ରତିରୋଧ ଉଣା ହେଲା ନାହିଁ । ନାନା କ୍ଷେତ୍ରରେ ନାନାରୂପରେ ବିପ୍ଳବର ବହ୍ନି ଆତ୍ମପ୍ରକାଶ କଲା । ଏବେ ଆମେମାନେ ଦେଖୁଛୁ— ଇଂଲଣ୍ଡ ଓ ଆମେରିକାର ସୁପ୍ରତିଷ୍ଠିତ ଗଣତାନ୍ତ୍ରିକ ସରକାର ବିରୁଦ୍ଧରେ ମଧ୍ୟ କେତେଥର ପ୍ରତିରୋଧ-ପ୍ରତିବାଦ ହୋଇ-

ଗଲଣି; ଭିଏତ୍ନାମ ସମସ୍ୟା ଯେପରି ସମଗ୍ର ମାର୍କିନ୍ ଯୁକ୍ତରାଷ୍ଟ୍ରରେ ସରକାରଙ୍କ ବିରୁଦ୍ଧରେ ଏବେ ଯେଉଁ କାଣ୍ଡ-କାରଖାନା ହୋଇଗଲା, ତାହା ଆମ ସ୍ମୃତିରେ ସତେଜ ହୋଇ ରହିଛି । ତାହାହେଲେ ପ୍ରଶ୍ନ ଉଠୁଛି — ପାର୍ଲାମେଣ୍ଟାରୀ ଗଣତନ୍ତ୍ର ଶାସନରେ ଯେଉଁଠି ସଂଖ୍ୟାଧିକ ବ୍ୟକ୍ତିଙ୍କ ସମର୍ଥନରେ ଜନପ୍ରିୟ ସରକାର ପ୍ରତିଷ୍ଠିତ ହୋଇଛି, ସେଠାରେ ପ୍ରତିବାଦ-ପ୍ରତିରୋଧ ହେଉଛି କାହାର ? — କରୁଛି ବା କିଏ ? ଗଣତନ୍ତ୍ର ଶାସନରେ ସଂଖ୍ୟାନ୍ୟୂନ ଗୋଷ୍ଠିର ସ୍ୱାର୍ଥ ବ୍ୟାହତ ହେବାର ସମ୍ଭାବନା ଥିବାରୁ, ସେମାନେ ଏହି କାର୍ଯ୍ୟରେ ଅଗ୍ରସର ହେବା ସ୍ୱାଭାବିକ; କିନ୍ତୁ ସଂଖ୍ୟାନ୍ୟୂନ ଗୋଷ୍ଠୀ ଯେ ସବୁବେଳେ ଏଥିରେ ମାତିଛନ୍ତି, ତାହା କହିହେବ ନାହିଁ । ସରକାରଙ୍କ ସମର୍ଥକ ଗୋଷ୍ଠୀ ମଧ୍ୟ ଗଣତନ୍ତ୍ର ଶାସନରେ ପ୍ରତିବାଦ-ପ୍ରତିରୋଧ କରିପାରନ୍ତି । ହଁ, ଆମ୍ଭମାନଙ୍କର ସ୍ମରଣ ରଖିବା ଦରକାର ଯେ — କେବଳ ମାତ୍ର ଗଣତନ୍ତ୍ର ଶାସନରେ ହିଁ ଏପରି ବିରୋଧାଭାସ ସମ୍ଭବ । ଅନ୍ୟ କୌଣସି ପ୍ରକାର ଶାସନତନ୍ତ୍ର ତଳେ ସରକାରଙ୍କ ସମର୍ଥକମାନେ ସେହି ସରକାରଙ୍କ ବିରୁଦ୍ଧରେ ପ୍ରତିବାଦ-ପ୍ରତିରୋଧ କରିବା ସମ୍ଭବ ନୁହେଁ । ଏଠାରେ ରାଷ୍ଟ୍ର — କ୍ଷମତା ଦଖଲ କରିବା ସେମାନଙ୍କର ଲକ୍ଷ୍ୟ ନୁହେଁ । ଲକ୍ଷ୍ୟ ହେଉଛି — ସଂଖ୍ୟାନ୍ୟୂନ, ସଂଖ୍ୟାଧିକ ସମସ୍ତଙ୍କର ମଙ୍ଗଳ । ଏକ ଉଦାର ମାନବୀୟ ଦୃଷ୍ଟିକୋଣ ଘେନି ସେମାନେ ଶାସନରେ ଥିବା ନିଜ ଦଳର ସଂସ୍କାର ବା ସଂଶୋଧନ ପାଇଁ ଏପରି ପନ୍ଥା ଗ୍ରହଣ କରିଥାନ୍ତି ।

କିନ୍ତୁ ସେହି ଊନବିଂଶ ଶତାବ୍ଦୀ ପ୍ରଥମ ଭାଗରେ ଇଉରୋପ ଭୂଖଣ୍ଡରୁ ବିପ୍ଳବର ଏକ ତାତ୍ତ୍ୱିକ ଗ୍ରନ୍ଥ ପ୍ରକାଶ ପାଇଲା, ଯାହାର ସ୍ୱର ଟିକିଏ ଭିନ୍ନ ଧରଣର । ୧୮୪୭ ମସିହାରେ ମାର୍କସ ଓ ଏଙ୍ଗେଲସଙ୍କ ଲିଖିତ ସୁପରିଚିତ Communist manif sto ସମାଜତାନ୍ତ୍ରିକ ଶାସନ-ବ୍ୟବସ୍ଥାର ଆଦର୍ଶ ବିଶ୍ୱସମକ୍ଷରେ ଉପସ୍ଥାପିତ କଲା । ଆଧୁନିକ ଜଗତରେ ଆର୍ଥନୀତିକ ବୈଷମ୍ୟ ହିଁ ଶ୍ରେଣୀସଂଘର୍ଷର କାରଣ । ସେହି ଶ୍ରେଣୀ-ସଂଘର୍ଷକୁ ଠିକ୍ ବାଟରେ ପରିଚାଳିତ କରି ସମାଜତାନ୍ତ୍ରିକ ଶାସନ ବ୍ୟବସ୍ଥା ମଧ୍ୟରେ ମେହନତି ଜନତାର ଏକନାୟକତ୍ୱ ବା Dictatorship of the Proletariat ପ୍ରତିଷ୍ଠା କରିବାକୁ ପଡ଼ିବ । କମ୍ୟୁନିଷ୍ଟ ମେନିଫେଷ୍ଟୋ ଦୃପ୍ତ କଣ୍ଠରେ ଘୋଷଣା କଲା — କେବଳ ମାତ୍ର ପ୍ରଚଳିତ ସମାଜ ବ୍ୟବସ୍ଥାକୁ ବଳପୂର୍ବକ ଉଚ୍ଛେଦ କରିବା ଦ୍ୱାରା ଏହି ଲକ୍ଷ୍ୟ ସାଧିତ ହୋଇପାରେ । କମ୍ୟୁନିଷ୍ଟ ବିପ୍ଳବର ଆତଙ୍କରେ ଶାସକଶ୍ରେଣୀ ଥର ଥର ହେଉ ! ହେ ବିଶ୍ୱର ମେହନତି ଜନତା, ସମସ୍ତେ ଏକଜୁଟ ହୁଅ ! ଶୃଙ୍ଖଳ ବ୍ୟତୀତ ତୁମର ଅନ୍ୟ କିଛି ହରାଇବାର ନାହିଁ । ସମଗ୍ର ବିଶ୍ୱ ତୁମର ଅଧିକାର ପାଇଁ ରହିଛି । ସହସା ଆଧୁନିକ କାଳରେ ଏହାହିଁ ହୋଇ ଉଠିଲା ବିପ୍ଳବର ବେଦବାଣୀ । ଚଳିତ ଶତାବ୍ଦୀର ଦ୍ୱିତୀୟ ଦଶକରେ ସଂଘଟିତ ଋଷିଆ ବିପ୍ଳବ ଏବଂ ଚତୁର୍ଥ ଦଶକରେ ସଂଘଟିତ ଚୀନା ବିପ୍ଳବର ଏହାହିଁ ହେଲା ତାତ୍ତ୍ୱିକ ଭିତ୍ତି ।

ଏଠାରେ ଲକ୍ଷ୍ୟ କରିବାର କଥା ଯେ—ବିପ୍ଳବର ଏକ ଉପାୟ ବା ବାହନରୂପେ ହିଂସା ଓ ବଳପ୍ରୟୋଗକୁ ଆନୁଷ୍ଠାନିକ ସ୍ୱୀକୃତି ଦିଆଗଲା । ମାର୍କସ-ବାଦର ଅନ୍ୟତମ ପ୍ରୟୋଗକର୍ତ୍ତା ଲେନିନ ଯୁକ୍ତି କରିଥିଲେ—ରାଷ୍ଟ୍ର ବା ସରକାରୀ କର୍ତ୍ତୃତ୍ୱ ବଳପ୍ରୟୋଗର ଯନ୍ତ୍ର ଛଡ଼ା ଅନ୍ୟ କିଛି ନୁହେଁ । ତେଣୁ ଯେସାକୁ ତେସା ନ୍ୟାୟରେ ସେହି ବଳପ୍ରୟୋଗର ଯନ୍ତ୍ର ବିରୁଦ୍ଧରେ ଲଢ଼େଇ ପଡ଼ିଲେ, ବଳପ୍ରୟୋଗ ନ କରାଯିବ କାହିଁକି ? ମାଓ-ସେ-ତୁଙ୍ଗ ଆଉ ଗୋଟିଏ ପାଦ ଆଗକୁ ଯାଇ ଘୋଷଣା କଲେ—ବନ୍ଧୁକର ନଳୀ ହିଁ ସମସ୍ତ ଶକ୍ତିର ଉତ୍ସ । × × × କୃଷକ ଓ ଶ୍ରମିକ ସଙ୍ଗଠନ କରିଆରେ ସଶସ୍ତ୍ର ବିପ୍ଳବ ଚଳାଇଯାଅ ! ତତ୍ତ୍ୱ ଓ ଆଦର୍ଶ ବିଷୟରେ ବେଶି ମଥା ଖେଳାଅ ନା ! ଯେ ଯେତେ ଚିନ୍ତା କରେ, ସେ କେତେ ମୂର୍ଖ ହୁଏ । ପ୍ରତିରୋଧ ଓ ବଳପ୍ରୟୋଗର ଏହି ନୂତନ ଯନ୍ତ୍ର ପୃଥିବୀର କେତେକ ଦେଶକୁ ଯେ ଅନୁପ୍ରାଣିତ ନ କରିଛି, ତାହା କହିହେବ ନାହିଁ । ଭାରତରେ ଏଇ ପଞ୍ଚମ ଦଶକରେ ସଂଘଟିତ ତେଲେଙ୍ଗାନା ଅଭ୍ୟୁତ୍ଥାନ ଏବଂ ଷଷ୍ଠ ଦଶକରେ ନକ୍ସାଲ୍ ପନ୍ଥାର ପ୍ରବର୍ତ୍ତନ ଏହି ମତାଦର୍ଶର ଫଳଶ୍ରୁତି ବ୍ୟତୀତ ଅନ୍ୟ କ'ଣ ହୋଇପାରେ ?

ହିଂସା, ରକ୍ତପାତ ଓ ବଳପ୍ରୟୋଗ ବ୍ୟତିରେକେ ବିପ୍ଳବ ସଂଘଟିତ ହୋଇପାରେ, ଏହା ହିଁ ଆଧୁନିକତମ ଧାରଣା । ପ୍ରାଚୀନ କାଳରୁ ମଧ୍ୟଯୁଗ ଦେଇ ଆଧୁନିକ କାଳ ପର୍ଯ୍ୟନ୍ତ ବିଶ୍ୱ ଇତିହାସରେ ଯେତେଯେତେ ବିପ୍ଳବ ସଙ୍ଘଟିତ ହୋଇଛି, ତହିଁରେ ଊଣାଧିକେ ହିଂସା, ରକ୍ତପାତ, ଆତଙ୍କ, ଉତ୍ତେଜନା ଇତ୍ୟାଦି ଅନୁସୃତ ହୋଇଛି । କମ୍ୟୁନିଷ୍ଟ ମତାଦର୍ଶ-ଅନୁସାରୀ ବିପ୍ଳବରେ ତାହାର ଚରମ ପ୍ରକାଶ ଆମେମାନେ ଲକ୍ଷ୍ୟ କରିବା । ଆଜି ମାନବସଭ୍ୟତା ବିକାଶର ଶୀର୍ଷ ଦେଶରେ ଉପନୀତ ହୋଇଥିଲାବେଳେ ଏବଂ ମାନବିକତାର ମହିମା ଚତୁର୍ଦ୍ଦିଗରେ ଉଦ୍‌ଘୋଷିତ ହେଉଥିଲାବେଳେ, ଏହି ସାଙ୍ଘାତିକ ମତାଦର୍ଶର ଅସାରତା ଉପଲବ୍ଧି କରାଯାଉଛି । ଜୀବନ ପ୍ରତି ସମାଜ—ସମାଜ ପ୍ରତି ଗଭୀର ଶ୍ରଦ୍ଧା ହେତୁ ମଣିଷ ବିପ୍ଳବ-ପଥରେ ଆଗୁସାର ହୋଇଥାଏ । ତେଣୁ ସେହି ଜୀବନକୁ ନଷ୍ଟ କରି—ସମାଜକୁ ଭ୍ରଷ୍ଟ ଓ ଆତଙ୍କଗ୍ରସ୍ତ କରି ବିପ୍ଳବ କରାଯାଇପାରେ କିପରି ? ଆଧୁନିକ ଯୁଗରେ ବିପ୍ଳବର ତତ୍ତ୍ୱଦ୍ରଷ୍ଟା ଗୁରୁ ମାର୍କସ ବାରମ୍ବାର କହିଥିଲେ— ବିପ୍ଳବକୁ ଘେନି ଖେଳ ନା ! ତଥାପି ମାର୍କସଙ୍କ ଶିଷ୍ୟମାନେ ବିପ୍ଳବକୁ ଘେନି ବରାବର ଖେଳୁଥିବାର ଦେଖାଯାଏ । ରୁଷିଆର ସମାଜତାନ୍ତ୍ରିକ ବିପ୍ଳବରେ ହଜାର ହଜାର ସୈନ୍ୟ ଓ ଶ୍ରମିକ ନିହତ ହୋଇଥିବାର ଜଣାପଡ଼ିଛି । କିଛିଦିନ ତଳେ ମାଓ-ସେ-ତୁଙ୍ଗ ନିର୍ବିକାର ଚିତ୍ତରେ କହିଛନ୍ତି—ଜୀବନ ହାନି ପାଇଁ ଭାଲେଣି କରି ଲାଭ ନାହିଁ । × × × ଏପରିକି ପୃଥିବୀରେ ଯଦି ଆଣବିକ ଯୁଦ୍ଧ ଲାଗିଯାଏ; ଚୀନର ତିରିଶ କୋଟି ଲୋକ ହୁଏତ ମରିବେ । ତଥାପି ଆମର ଆହୁରି ତିରିଶ କୋଟି ଲୋକ ବଞ୍ଚି ରହିବେ । ମଣିଷ

ଜୀବନକୁ ଯେନ ଏପରି ଖେଳ ଖେଳିବା ମୂଢ଼ତାର ପରିଚୟସୂଚକ ନୁହେଁ କି ? ଭାରତରେ ସମ୍ପ୍ରତି ନକ୍‌ସାଲପନ୍ଥୀ ପ୍ରତି ଜନସମର୍ଥନ ହ୍ରାସ ହିଂସାଶ୍ରୟୀ ବିପ୍ଳବୀମାନଙ୍କ ପ୍ରତି ଏକ ଚେତାବନୀ ନୁହେଁ କି ?

ବିପ୍ଳବ ଯେ ହିଂସା, ଆତଙ୍କ, ରକ୍ତପାତ ବ୍ୟତିରେକେ ସାର୍ଥକଭାବରେ ସଂଘଟିତ ହୋଇପାରେ, ତାହା ଏବେ ଆମରି ଆଖିଆଗରେ ପୃଥିବୀର ଦୁଇଟି ଦେଶରେ ପ୍ରମାଣିତ ହୋଇଯାଇଛି । ଭାରତରେ ମହାତ୍ମା ଗାନ୍ଧୀ ଏବଂ ମାର୍କିନ୍ ଯୁକ୍ତରାଷ୍ଟ୍ରରେ ମାର୍ଟିନ୍ ଲୁଥର କିଙ୍ଗ୍ ସେହିପରି ବିପ୍ଳବର ଥିଲେ କର୍ଣ୍ଣଧାର । ତଥାପି ଏହି ଆଲୋଚକର ବିଶ୍ୱାସ, ବିପ୍ଳବ କ୍ଷେତ୍ରରେ ବେଳେ ବେଳେ ହିଂସା ଲୋଡ଼ା ପଡ଼ିଥାଏ । ଆଲୋଚନା ଆରମ୍ଭରେ ଏ ବିଷୟରେ ସୂଚନା ଦେଇଛି; କିନ୍ତୁ ବିପ୍ଳବ ସମୟରେ ସେହି ହିଂସାର ନିର୍ବାଧ, ନିର୍ବିଗ୍ନର ପ୍ରୟୋଗ ଉଚିତ ନୁହେଁ । ବିପ୍ଳବୀ ହସ୍ତର ଅସ୍ତ୍ର ସର୍ଜନ୍ ହସ୍ତର ଛୁରି ସଦୃଶ । ସର୍ଜନ ଯେପରି ରୋଗ ନିରାମୟ ଲାଗି ଶରୀରର ଯେ କୌଣସି ସ୍ଥାନରେ ଯଥେଚ୍ଛାଭାବରେ ଛୁରି ଚଳାଏ ନା, ପ୍ରକୃତ ବିପ୍ଳବୀ ମଧ୍ୟ ସେହିପରି ନିର୍ବୋଧ, ନିର୍ବିଗ୍ନର ଭାବରେ ହିଂସାର ଅସ୍ତ୍ର ପ୍ରୟୋଗ କରେନା । ଯେଉଁଠି ଯେତିକ ପରିମାଣରେ ହିଂସା ପ୍ରୟୋଗ କଲେ, ବିପ୍ଳବର ଲକ୍ଷ୍ୟ ସାଧିତ ହୋଇ ପାରିବ, ସେ ସେଥିପ୍ରତି ସତର୍କ ଥାଏ । ପୁଣି ରାଜନୀତି କ୍ଷେତ୍ରରେ ଧର୍ମଘଟ, ଅସହଯୋଗ, ବନ୍ଦ, ଘେରାଉ ପ୍ରଭୃତିକୁ ମଧ୍ୟ କେହି କେହି ହିଂସାର ଏକ ରୂପ ବୋଲି କହୁଛନ୍ତି । ସେ ଯାହାହେଉ, ହିଂସା ରକ୍ତପାତ ଆଦି ବିପ୍ଳବର ବିସ୍ତୀର୍ଣ୍ଣ ଆକାଶରେ ଏକ ଚଲାବାଦଲ, ଏକ ଅସ୍ଥାୟୀ ଚଳମାନ ବିଭାବ । ଏହା ସ୍ଥାୟୀ ଭାବରେ ରହି ନ ପାରେ । ସ୍ନାୟୁତତ୍ତ୍ୱବିଦମାନଙ୍କ ମତରେ—ଜଣେ ମଣିଷ-ଜୀବନରେ ବା ଏକ ସମାଜଜୀବନରେ ଦୀର୍ଘକାଳବ୍ୟାପୀ ହିଂସା, ଆତଙ୍କ, ଉତ୍ତେଜନା ସ୍ଥାନ ପାଇପାରେନା । ତାହା ଯଦି ହୁଏ, ତେବେ ବ୍ୟକ୍ତି ନିଜର ସ୍ୱାଭାବିକ ମାନସିକ ସ୍ଥିତି ହରାଇ ବସିବ, ଗୋଟା ସମାଜଟା ହୁଏତ ଏକ ପାଗଳା-ଗାରଦରେ ପରିଣତ ହୋଇଯିବ । ସେଥିପାଇଁ ଆଜିର ପ୍ରଗତିଶୀଳ ବିଶ୍ୱଧାରଣାରେ ଅହିଂସ ବିପ୍ଳବ ହିଁ ଆଦର୍ଶସ୍ଥାନୀୟ । ବର୍ତ୍ତମାନ ଓ ଭବିଷ୍ୟତର ବିଶ୍ୱକଲ୍ୟାଣ ପାଇଁ ଉଦ୍ଦିଷ୍ଟ ଏହି ପ୍ରକାର ବିପ୍ଳବକୁ ଆମ୍ଭେମାନେ 'ଶୀତଳ ବିପ୍ଳବ' ଆଖ୍ୟା ଦେଇପାରିବା । *

---

* ଝଙ୍କାର— ନଭେମ୍ବର ୧୯୭୨

# ସଂସ୍କୃତି ଓ ସାହିତ୍ୟ

● ପଠାଣି ପଟ୍ଟନାୟକ

**ପ୍ରକୃତି ବିରୁଦ୍ଧରେ ବିଦ୍ରୋହ :**

ମନୁଷ୍ୟେତର ପ୍ରାଣୀ ସମସ୍ତେ ଭୌଗୋଳିକ ପରିବେଶର ଅଧୀନ । ତାହାକୁ ଅତିକ୍ରମ କରି କୌଣସି ନୂତନ ପଦକ୍ଷେପ ଗ୍ରହଣ କରିବା ସେମାନଙ୍କ ପକ୍ଷରେ ସମ୍ଭବ ନୁହେଁ । ଜଳଚର ପ୍ରାଣୀ ଜଳଭାଗରେ ବାସକରେ ଏବଂ ନିଜର ଶକ୍ତି ଜାହିର କରିଥାଏ । ସ୍ଥଳଭାଗରେ ସ୍ଥଳଚର ପ୍ରାଣୀ ନିଜର ପ୍ରଭାବ ବିସ୍ତାର କରିବାକୁ କ୍ଷମ ହୁଏ । ଜଙ୍ଗଲର ରାଜା ସିଂହ ଓ ବାଘ ଜଳଭାଗରେ ଅତ୍ୟନ୍ତ ଅସହାୟ ଏବଂ ଜଳଭାଗର ଶକ୍ତିଶାଳୀ ଅଧିବାସୀ କୁମ୍ଭୀର ସ୍ଥଳଭାଗରେ ତିଷ୍ଠି ରହିପାରେ ନାହିଁ । ସେହିପରି ଆକାଶରେ କୁଳାୟ ରଚନା କରୁଥିବା ପକ୍ଷୀଗଣ ଜଳ ଓ ସ୍ଥଳ ଭାଗରେ ନିଜର ସ୍ୱାତନ୍ତ୍ର୍ୟ ପ୍ରତିଷ୍ଠା କରିପାରନ୍ତି ନାହିଁ । ମାତ୍ର ଏସବୁ କ୍ଷେତ୍ରରେ ଜୀବସଂସାରର ସର୍ବଶ୍ରେଷ୍ଠ ପ୍ରାଣୀ ମନୁଷ୍ୟ ସ୍ୱତନ୍ତ୍ର ପ୍ରତିଭାର ଅଧିକାରୀ । ସେ ସ୍ଥଳ, ଜଳ ଓ ଆକାଶପଥ ସର୍ବତ୍ର ନିଜର ଶକ୍ତି ଓ ସାମର୍ଥ୍ୟ ପ୍ରକାଶ କରିଆସିଛି । ଅନନ୍ତ ଅନ୍ତରୀକ୍ଷରେ ପରିଭ୍ରମଣ କରି ନୂତନ ଆବିଷ୍କାର ପାଇଁ ସେ ଆଜି ବ୍ୟାକୁଳ । ଗ୍ରହରୁ ଗ୍ରହାନ୍ତରକୁ ଯାତ୍ରା କରିବାପାଇଁ ସେ ଆଜି ଅସମ୍ଭବ ମଣୁ ନାହିଁ । ମହାସାଗରର ଅତଳ ପ୍ରଦେଶ କିମ୍ବା ପୃଥିବୀର ସର୍ବୋଚ୍ଚ ପର୍ବତର ସୁଉଚ୍ଚ ଅଞ୍ଚଳ—ଏସବୁ ଆଧୁନିକ ମନୁଷ୍ୟ ପକ୍ଷରେ ଅଗମ୍ୟ ହୋଇ ରହି ନାହିଁ । ନିଜର ସାଧନାବଳରେ ମନୁଷ୍ୟ ଏକ ବିଶାଳ ପରମ୍ପରା ସୃଷ୍ଟି କରିଅଛି । ସେ କାଳର ପ୍ରାଚୀନ ଗିରିଗୁହାର ମନୁଷ୍ୟ ଆଜି ରକେଟ ଯୁଗର ଅନ୍ତରୀକ୍ଷ ଯାତ୍ରୀରେ ପରିଣତ ହୋଇଅଛି । ବହୁକାଳ ପର୍ଯ୍ୟନ୍ତ ମନୁଷ୍ୟ ଶିକାରୀ ଭାବରେ ଯାଯାବର ଜୀବନଯାପନ କରିଥିଲା । ଏହି ଜୀବନରେ ସେ ପଶୁଶିକାର ପାଇଁ ପଥର ତିଆରି ଅସ୍ତ୍ର ଉଦ୍ଭାବନ କରିଥିଲା । ମାତ୍ର ଏହି ଶିକାର ଜୀବନରେ ସେ ସନ୍ତୁଷ୍ଟ ହେଲା ନାହିଁ । ସେ ଶିକାର ପରିତ୍ୟାଗ କରି କୃଷିଭିତ୍ତିକ ସମାଜ ଜୀବନର ପ୍ରତିଷ୍ଠା କଲା । ବହୁକାଳ ପର୍ଯ୍ୟନ୍ତ ଏହି କୃଷି-ସଭ୍ୟତାର ଯୁଗ ଚାଲିଆସିଥିଲା । ଏହାପରେ ଆରମ୍ଭ ହେଲା ଶିଳ୍ପବିପ୍ଳବ । ବିଜ୍ଞାନ ବଳରେ ମନୁଷ୍ୟ ଅପୂର୍ବ ଶକ୍ତିର ଅଧିକାରୀ । ଯନ୍ତ୍ରଯୁଗରେ ଚରମ ସଫଳତା ଅର୍ଜନ କରି ସେ ଏକ ବିଶାଳ ଭୋଗାବଳୀ ସମାଜର ନିୟନ୍ତ୍ରା

ହୋଇଅଛି । ଭୌତିକ ଐଶ୍ୱର୍ଯ୍ୟର ଅଧିକାରୀ ହୋଇ ମନୁଷ୍ୟ କେବଳ ବାହ୍ୟ ସଭ୍ୟତାର ପ୍ରାଣ ପ୍ରତିଷ୍ଠାତା ନୁହେଁ, ସେ ଜୀବନର ଉଚ୍ଚ ମୂଲ୍ୟବୋଧ ଏବଂ ଆଦର୍ଶ ଜରିଆରେ ବିଶାଳ ସଂସ୍କୃତି ଏବଂ ପରମ୍ପରାର ଉତ୍ତରାଧିକାରୀ ହେବାର ସୌଭାଗ୍ୟ ଅର୍ଜନ କରିଅଛି । ଏ ଯୁଗର ଜଣେ ବିଶିଷ୍ଟ ଚିନ୍ତାନାୟକ ଗର୍ବି ଥରେ କହିଲେ— Yes, we are taught to fly in the air like birds and swim in the water like the fishes, but how to live on the earth we do not know." ଏହି ମାଟିଗୋଡ଼ି ଧରାକୁ ବିଜ୍ଞାନବଳରେ ମନୁଷ୍ୟ ଐଶ୍ୱର୍ଯ୍ୟ ଶ୍ରୀମଣ୍ଡିତ କରିଦେଇଛି ସତ୍ୟ, ତଥାପି ସେ ନିଜେ ସୁଖୀ ହୋଇ ପାରୁନାହିଁ । ତାହାର ଜୀବନରେ ଅସଂଖ୍ୟ ଅଶାନ୍ତି ଏବଂ ଦୁର୍ବିସହ ଜୀବନର ବିକଟ ସମସ୍ୟା । ଏ ଦୁଃଖରେ ମନୁଷ୍ୟ-ସମାଜକୁ ତାର ସର୍ବଶ୍ରେଷ୍ଠ ସୃଷ୍ଟି ସାହିତ୍ୟ କେବଳ ରକ୍ଷା କରିପାରେ ।

**ସାହିତ୍ୟ ଓ କଳାର ଅଭ୍ୟୁଦୟ :**

ମନୁଷ୍ୟେତର ପ୍ରାଣୀ ପ୍ରବୃତ୍ତି ପରିଚାଳିତ । ସେମାନେ ସ୍ୱାଧୀନଭାବରେ ଚିନ୍ତା-କରିପାରନ୍ତି ନାହିଁ । ସ୍ୱାଧୀନ ଚିନ୍ତାର ପ୍ରୟୋଗ ଫଳରେ ମନୁଷ୍ୟ ନିଜକୁ ପଶୁଠାରୁ ଭିନ୍ନ କରିପାରିଅଛି, ତାହାର ବ୍ୟକ୍ତିତ୍ୱର ବିକାଶ ସମ୍ଭବ ହୋଇଅଛି । ଏହି ଚିନ୍ତା, ପରିକଳ୍ପନା ଏବଂ ବିବେକର ପ୍ରୟୋଗ କରି ସଂସ୍କୃତିସମ୍ପନ୍ନ ମନୁଷ୍ୟ କଳା, ସାହିତ୍ୟ, ସ୍ଥାପତ୍ୟ, ଭାସ୍କର୍ଯ୍ୟ ଏବଂ ସଙ୍ଗୀତର ସୃଷ୍ଟି ମାଧ୍ୟମରେ ନିଜକୁ ନାନାରୂପରେ ପ୍ରକାଶ କରିବାପାଇଁ ଉଦ୍ୟମ କରିଅଛି । ପରେ ପରେ ସେ ସୃଷ୍ଟି କରିଛି ଲିପି । ଲିପି ଜରିଆରେ ମନୁଷ୍ୟର ଉନ୍ନତ ଚିନ୍ତା ଲିପିବଦ୍ଧ ହୋଇ ପରବର୍ତ୍ତୀ ବଂଶଧରଙ୍କୁ ଅନୁପ୍ରାଣିତ କରିବା ସମ୍ଭବପର ହୋଇଅଛି । ଅନନ୍ତକାଳର ଯାତ୍ରାପଥରେ ସ୍ମୃତି ହୋଇଛି ସଭ୍ୟ ମନୁଷ୍ୟର ସଂସ୍କୃତିର ଜନନୀ । ସ୍ମୃତିର ସ୍ମାରକୀ ପାଇଁ ବିଭିନ୍ନ ଉପାୟରେ ଯୁଗଭେଦରେ ଙ୍ପାସ୍ତୁ ରଚନା କରାଯାଇ ନ ଥିଲେ ସଂସ୍କୃତିର ସ୍ତମ୍ଭ ପ୍ରୋତ୍ଥିତ ହୋଇ ନ ଥାନ୍ତା । ଏହି ସଂସ୍କୃତିର କଳାଗତ ପ୍ରକାଶ ଲିପି ଜରିଆରେ ସାହିତ୍ୟ ରୂପେ ଚରିତାର୍ଥ ହୋଇଅଛି । ସଭ୍ୟତାର ପ୍ରଗତିପଥରେ ପରମ୍ପରାର ପ୍ରଭାବ ଅନସ୍ୱୀକାର୍ଯ୍ୟ । ଐତିହ୍ୟ ଓ ପରମ୍ପରା ମାନବ ସମାଜର ବିକାଶ ଓ ଆତ୍ମବିଶ୍ୱାସ ପ୍ରତିଷ୍ଠା ଦିଗରେ କମ୍ ସହାୟକ ନୁହେଁ । ସାହିତ୍ୟ ମାଧ୍ୟମରେ ସମାଜ ଓ ସଂସ୍କୃତିର ପରମ୍ପରା ଧୀରେ ଧୀରେ ପ୍ରବାହିତ ହେଲା । ଆଦାନପ୍ରଦାନ ସୂତ୍ରରେ ସାହିତ୍ୟ ସୃଷ୍ଟି କଲା ଚେତନାବୋଧ । ଗୋଷ୍ଠୀଗତ, ସମାଜଗତ ସମୂହ ଚେତନା ସାହିତ୍ୟ ମାଧ୍ୟମରେ ରୂପାୟିତ ହେଲା । ତେଣୁ ସାହିତ୍ୟ ହେଲା ସହିତରେ ବର୍ତ୍ତିମାନ । ସାହିତ୍ୟରେ ସାମାଜିକ ମନୁଷ୍ୟର ଜୀବନ-ଜିଜ୍ଞାସା ପରିସ୍ଫୁଟ ହେଲା । ସେ ନିଜକୁ ଏବଂ ସମାଜକୁ ଆବିଷ୍କାର କରିବାକୁ ଚେଷ୍ଟା କଲା ସାହିତ୍ୟ ଓ କଳା ମାଧ୍ୟମରେ ।

ମନୁଷ୍ୟର ସୂକ୍ଷ୍ମ ଅନୁଭୂତିର ରସାଳ ରୂପାୟନ ହେଲା ସାହିତ୍ୟ, ସଙ୍ଗୀତ, ଭାସ୍କର୍ଯ୍ୟ, ସ୍ଥାପତ୍ୟ, ଚିତ୍ରକଳା ଇତ୍ୟାଦି । ଏହିଠାରେ ମନୁଷ୍ୟ ନିଜର ସ୍ୱତନ୍ତ୍ର ବିଭୂତି ଓ ଐଶ୍ୱର୍ଯ୍ୟ ସୃଷ୍ଟିକଲା । ମାନବେତର ପ୍ରାଣୀ-ସଂସାରରେ ପରମ୍ପରା ନାହିଁ । ତେଣୁ ସେମାନଙ୍କର ବିକାଶ ହୋଇପାରୁନାହିଁ । ସେମାନେ ପ୍ରବୃତ୍ତି ପରିଚାଳିତ ହୋଇ ଚଳପ୍ରଚଳ ହେଉଅଛନ୍ତି । ପରମ୍ପରାର ସୂତ୍ର ଧରି ମନୁଷ୍ୟ କେବଳ ସଭ୍ୟ ହେଲାନାହିଁ, ସେ ପ୍ରତ୍ୟେକ ବିଷୟରେ ପ୍ରଶ୍ନ କରିବାକୁ ଶିଖିଲା । ପ୍ରଶ୍ନ ପ୍ରମାଣ କରିଆରେ ସେ ଇଚ୍ଛାକଲା ସମସ୍ୟାର ରହସ୍ୟ ଉଦ୍‌ଘାଟନ ଓ ସମାଧାନ କରିବାପାଇଁ । ଏହିପରି ସେ ହେଲା ବିଜ୍ଞାନୀ । ବୈଜ୍ଞାନିକ ଆବିଷ୍କାର ଓ ଉଦ୍‌ଭାବନ ବଳରେ ମନୁଷ୍ୟ ହେଲା ଅସୁମାରି ଶକ୍ତିର ଅଧିକାରୀ ।

### ବିଜ୍ଞାନ ଓ ମନୁଷ୍ୟ :

ବିଜ୍ଞାନବଳରେ ମନୁଷ୍ୟ ଆଜି ଅସମ୍ଭବକୁ ସମ୍ଭବ କରିବାକୁ ଶିଖିଅଛି । ହଜାର ହଜାର ବର୍ଷର କୃଷି-ସଭ୍ୟତାରେ ଅଥବା ଶିକାର-ସଭ୍ୟତାରେ ମନୁଷ୍ୟ ଯେତିକି ଅଗ୍ରସର ହୋଇ ନ ଥିଲା, ଆଜି ମାତ୍ର କେତୋଟି ବର୍ଷରେ ସେ ସୀମାହୀନ ପଥରେ ଅଧିକ ପ୍ରଗତି ହାସଲ କରିପାରିଅଛି । ମନୁଷ୍ୟ ସମାଜ ଆଜି ସମଗ୍ର ପୃଥିବୀକୁ ଏକ ବୋଲି ଅନୁଭବ କରୁଅଛି । ପୃଥିବୀର ଦୂରତ୍ୱ ଆଜି ସେ ଆଦୌ ଅନୁଭବ କରିପାରୁ ନାହିଁ । ରେଡ଼ିଓ, ଟେଲିଭିଜନ, ଟେଲିଫୋନ, ଶୂନ୍ୟରେ ସମ୍ବାଦପ୍ରେରଣ, ରକେଟଯାନରେ ଚଳପ୍ରଚଳନ ପ୍ରଭୃତି କରିଆରେ ପୃଥିବୀର ଏକ ପ୍ରାନ୍ତରୁ ଅନ୍ୟ ପ୍ରାନ୍ତ ସହିତ ସଂପର୍କ ସ୍ଥାପନ ଅତ୍ୟନ୍ତ ସହଜ ହୋଇପଡ଼ିଅଛି । ଯାନ୍ତ୍ରିକ ସମାଜରେ ଐଶ୍ୱର୍ଯ୍ୟ ଯୋଗେ ମନୁଷ୍ୟର ସୁଖ ଓ ସମୃଦ୍ଧିର ସୀମା ନାହିଁ । ଭୋଗବାଦୀ ସମାଜର ଚରମ ଅବସ୍ଥାରେ ସେ ଆଜି ପହଞ୍ଚି କୁବେରର ସମ୍ପତ୍ତିର ଅଧିକାରୀ ହୋଇଅଛି, ସ୍ୱର୍ଗୀୟ ବିଭୂତି ସତେ ଅବା ଲାଭ କରିଅଛି । ବିଜ୍ଞାନର ଏହି ଆଶୀର୍ବାଦ ଓ ଅବଦାନ ଅନସ୍ୱୀକାର୍ଯ୍ୟ ହେଲେହେଁ ବିଜ୍ଞାନୀ ମନୁଷ୍ୟ ଏକ-ପ୍ରକାର ମନୁଷ୍ୟତାକୁ ହରାଇ ଯନ୍ତ୍ର ହୋଇପଡ଼ୁଅଛି ଏବଂ ଯନ୍ତ୍ରରାକ୍ଷସର ଅଧୀନ ହୋଇ ବେଳେ ବେଳେ ଅତ୍ୟନ୍ତ ଦୟନୀୟ ଅବସ୍ଥାରେ ନିଜର ଜୀବନକୁ ନିୟନ୍ତ୍ରଣ କରୁଅଛି । ସଭ୍ୟତାର ବିକାଶପଥରେ ଏହାଠାରୁ ବଳି ଦୁର୍ଭାଗ୍ୟର କଥା ଆଉ କଣ ଅଛି ? ଏହି ଶତାବ୍ଦୀ ମଧ୍ୟରେ ଦୁଇଟି ବିଶ୍ୱଯୁଦ୍ଧର ଦାରୁଣ ଘନଘଟା ମାନବସମାଜ ଅତ୍ୟନ୍ତ କାତର ଭାବରେ ଅନୁଭବ କରିଅଛି ଏବଂ ମାରଣାସ୍ତ୍ର ସୃଷ୍ଟି କରିବାରେ ପ୍ରବଳ ପ୍ରତିଯୋଗିତା କରି ସଭ୍ୟ ରାଷ୍ଟ୍ରଗୁଡ଼ିକ ଏକପ୍ରକାର ପାଗଳାମି ଆରମ୍ଭ କରିଦେଇଅଛନ୍ତି । ସଭ୍ୟତାର ପ୍ରାଣପ୍ରାଚୁର୍ଯ୍ୟ ସଭ୍ୟ ମନୁଷ୍ୟକୁ ଏପରି ଅନ୍ଧୀଭୂତ କରିଦେଇଅଛି ଯେ, ସେ ଯୁଗ ଯୁଗର ସୃଷ୍ଟି ସଂସ୍କୃତିର ଧାରାକୁ ବିଲୁପ୍ତ କରିଦେବାକୁ ଆଦୌ ଦୁଃଖିତ ହେଉନାହିଁ । ପୃଥିବୀର

ଇତିହାସରେ ବାରମ୍ବାର କେତେ ଶକ୍ତିଶାଳୀ ସଭ୍ୟତାର ଅଭ୍ୟୁଦୟ ହୋଇ ଲୁପ୍ତ ହୋଇଯିବାର ପ୍ରମାଣ ରହିଅଛି । ତଥାପି ଇତିହାସର ସଙ୍କେତ ମନୁଷ୍ୟ ବୁଝୁନାହିଁ । ସଂସ୍କୃତିର ଅନ୍ତର୍ନିହିତ ବାଣୀ ତାର ସଭ୍ୟତା-ମୋହଗ୍ରସ୍ତ ମନକୁ ଅନୁପ୍ରାଣିତ କରି-ପାରେ ନାହିଁ । ଆସୁରି ଶକ୍ତିରେ ବଳୀୟାନ ସମାଜ ଅନ୍ୟ ସମାଜ ଓ ସଂସ୍କୃତିକୁ କାବୁ କରିନେବାପାଇଁ ସତତ ଉଦ୍ୟମ କରୁଥିଲେ ହେଁ ସେହି ସମାଜରେ ଯାନ୍ତ୍ରିକ ଜୀବନର ଦୁଃଖାନୁଭୂତି ଅତ୍ୟନ୍ତ ତୀବ୍ର ହେଉଥିବାର ଲକ୍ଷ୍ୟ କରାଯାଉଅଛି । ଏହାର ପ୍ରଧାନ କାରଣ ହେଲା ଯନ୍ତ୍ରଯୁଗରେ ଭୌତିକ ଐଶ୍ୱର୍ଯ୍ୟ ପାଇଁ ମନୁଷ୍ୟ ସମାଜ ବ୍ୟାକୁଳ ହେଉଥିଲେ ହେଁ ନୈତିକ ଜୀବନର ଅବବୋଧ ପାଇଁ ତାର ଆଗ୍ରହ ନାହିଁ । ବେଳେ ବେଳେ ମନେ ହୋଇଥାଏ; ସତେ ଯେପରି ନୈତିକ ମନୁଷ୍ୟ ପଦେ ପଦେ ଆତ୍ମହତ୍ୟା କରୁଅଛି । ଆଧ୍ୟାତ୍ମିକ ଜୀବନରେ ଗ୍ଲାନି ଉପସ୍ଥିତ ହେଲେ ମାନସିକ ରାଜ୍ୟରେ ଭୟଙ୍କର ବିକ୍ଷୁବ୍ଧ ଭାବନାର ଉଦୟ ହୁଏ । ଏ ଅଶାନ୍ତି କୌଣସି ପ୍ରକାରେ ବାହ୍ୟ ଐଶ୍ୱର୍ଯ୍ୟରେ ପ୍ରଶମିତ ହେବାର ନୁହେଁ । କେବଳ ସେତିକି ନୁହେଁ; ଏ ଯନ୍ତ୍ରଯୁଗରେ ମାନବର ବୌଦ୍ଧିକ ମନ ସହିତ ତାର ଆଧ୍ୟାତ୍ମିକ ମନ ସମତାଳରେ ଗତି କରି ପାରୁ-ନାହିଁ । ସେଥିପାଇଁ ଜୀବନଚର୍ଯ୍ୟାରେ ଆଜି ଏତେ ପରିମାଣରେ ଅସମାନତା, ଅଶାନ୍ତି, ବିଦ୍ରୋହ ଏବଂ ବିଦ୍ୱେଷର କୁହୁଡ଼ି । ଚନ୍ଦ୍ରଲୋକରୁ ପଥରଖଣ୍ଡ ଆଣି ଆଧୁନିକ ମନୁଷ୍ୟ ଗବେଷଣାରତ । ମଙ୍ଗଳ ଗ୍ରହର ଅତି ନିକଟରେ ଏ ଯୁଗ ରକେଟଯାନୀ ଆଲୋକଚିତ୍ର ଉତ୍ତୋଳନ କରୁଅଛି । ଏଥିପାଇଁ ସଭ୍ୟ ରାଷ୍ଟ୍ରଗଣ ଅର୍ବୁଦ ଅର୍ବୁଦ ମୁଦ୍ରା ବ୍ୟୟ କରିବା-ପାଇଁ କୁଣ୍ଠିତ ହେଉନାହାନ୍ତି, ଅଥଚ ଏହି ମାଟିଗୋଡ଼ି ଧରଣୀବକ୍ଷରେ କୋଟି କୋଟି ଲୋକ ହା, ଅନ୍ନ ହା ଅନ୍ନ, ବାସ୍ତୁହରା, ରୋଗ ଓ ଅସଭ୍ୟତାର, ଧର୍ମାନ୍ଧତା ଓ କୁସଂସ୍କାରର ଶିକାର ହୋଇ ଅତ୍ୟନ୍ତ ଦୟନୀୟ ଜୀବନ ଯାପନ କରୁଥିଲା ବେଳେ ସେମାନଙ୍କର ଦୁଃଖ ଅପନୋଦନ ପାଇଁ ସେହି ପରିମାଣରେ ବ୍ୟାକୁଳତା ଫୁଟି ପାରୁନାହିଁ । ମନୁଷ୍ୟର ଜୀବନ ମନୁଷ୍ୟ ନିକଟରେ ଆଜି କେତେ ମୂଲ୍ୟହୀନ ହୋଇପଡ଼ିଛି ପରି ! କାରଖାନା ଶ୍ରମିକର ଜୀବନ ଅପେକ୍ଷା ଗୋଟିଏ ଯନ୍ତ୍ରର ଆକର୍ଷଣ ସଭ୍ୟ ଓ ଅହଂକାରୀ ମନୁଷ୍ୟ ନିକଟରେ କେତେ ବେଶି !! ଖଟିଖିଆ ଶୋଷିତ ଅବହେଳିତ ଜୀବନ ପାଇଁ ମାର୍ମିକ ପ୍ରେରଣା ଉଦୟ ନ ହେଲେ ମାନବର ଦୁଃଖ ଦୂରୀଭୂତ ହେବ ନାହିଁ । ଯନ୍ତ୍ରରାକ୍ଷସର କବଳରେ ସେ ସୁଖ ଓ ଐଶ୍ୱର୍ଯ୍ୟ ମଧ୍ୟରେ ତହିକ ବିକଳ ହେଉଥିବ ସିନା, ଏ ଦୁଃଖରୁ ତାର ପରିତ୍ରାଣ ନାହିଁ । ସେଥିପାଇଁ ଯନ୍ତ୍ରଯୁଗରେ ବଡ଼ କଥା ହେଲା ଯନ୍ତ୍ରକୁ ନିୟନ୍ତ୍ରଣ କରିବା, ଯନ୍ତ୍ରର ଅଧୀନ ନ ହୋଇ ଯନ୍ତ୍ରକୁ ଆୟତ୍ତ କରିବା । ମନୁଷ୍ୟର ଯାନ୍ତ୍ରିକ ବୁଦ୍ଧି ଯଦି ମାନବଧର୍ମୀ ଅନୁଚିନ୍ତାରେ ଅନୁପ୍ରାଣିତ ନ ହୁଏ, ଅନାବିଳ ପ୍ରେମଧର୍ମରେ ଉଦ୍‌ବେଳିତ ହେବାକୁ ଶିକ୍ଷା ନ କରେ, ତେବେ ସଭ୍ୟ ମନୁଷ୍ୟ ଶକ୍ତିଶାଳୀ ଏବଂ ଭୋଗୀ ହେଲେହେଁ ମୃତ୍ୟୁର ଗହ୍ୱର ମଧ୍ୟରେ ଅବିରତ କଲବଲ ହେଉଥିବ ସିନା !

## ସମସ୍ୟା ଓ ସଂଘର୍ଷ :

ରକେଟଗାମୀ ମନୁଷ୍ୟ ଅନନ୍ତ ଅନ୍ତରୀକ୍ଷରେ କୋଟି କୋଟି ମାଇଲ ପଥ ଅତିକ୍ରମ କରି ବିହାର କରୁଥିଲେ ହେଁ କେତେ ବ୍ୟାକୁଳ ହୋଇ କାମନା କରୁଛି ଏହି ଧୂଳି ଧୂସରିତ ଧରଣୀକୁ ଫେରି ଆସିବା ପାଇଁ । ବୁଦ୍ଧିଜୀବୀ ମନୁଷ୍ୟ ତେବେ କଅଣ କାମନା କରୁଛି ? ଏହି ମାନସିକ ସଂଘର୍ଷର ପରିପ୍ରେକ୍ଷୀରେ ସାଂପ୍ରତିକ ଜାଗତିକ ସମସ୍ୟାର ଆଲୋଚନା ଆବଶ୍ୟକ । ଏହାକୁ ଯଦି କେହି କେବଳ ବୌଦ୍ଧିକ ସମସ୍ୟାର ଅଙ୍ଗୀଭୂତ କରି ବାଦ୍ ଦେଇଦିଏ, ତେବେ ତାହା ପ୍ରମାଦପୂର୍ଣ୍ଣ ହେବ ବୋଲି ଜଣାଯାଉଅଛି । ବାସ୍ତବିକ ଏହା ଏକ ନୈତିକ ଓ ଭାବଧର୍ମୀ ସମସ୍ୟା । ଆଧୁନିକ ସମାଜରେ ମାନବର ପ୍ରବଞ୍ଚନାର ସୀମା ନାହିଁ । ଅନନ୍ତକାଳରୁ ଧର୍ମ ଓ ଦର୍ଶନ ଜରିଆରେ ସଭ୍ୟତାର ମାନଦଣ୍ଡ ସ୍ଥିରୀକୃତ ହୋଇଆସିଛି । ଧର୍ମଭାବନା ଜରିଆରେ ମନୁଷ୍ୟ ସଂସ୍କୃତିର ରୂପାୟନ ସମ୍ଭବ ହୋଇଅଛି । ମାତ୍ର ଏକଥା କଅଣ ସତ୍ୟ ନୁହେ ଯେ, ଧର୍ମନାମରେ ଅସଂଖ୍ୟ ଅବିଚାର ମାନବ ଜୀବନକୁ ପଙ୍ଗୁ କରି ଦେଇଅଛି । ଧର୍ମଧ୍ୱଜାଧାରୀ ମୁଷ୍ଟିମେୟ ପୁରୋହିତ, ଯାଜକ ଅଥବା ମୌଲବୀ ସମାଜକୁ ଶୋଷଣ ଏବଂ ଶାସନ କରି ଆସିଅଛନ୍ତି । କେବଳ ସେତିକି ନୁହେଁ; ସାମନ୍ତବାଦୀ ସମାଜରେ ଏହି ଧର୍ମବିଶ୍ୱାସକୁ ପ୍ରଧାନ ଅସ୍ତ୍ରରୂପେ ପ୍ରୟୋଗ କରି ମନୁଷ୍ୟ-ହତ୍ୟାର ଅଭିଯାନ କେତେକାଳ ଚାଲି ଆସିଥିଲା । ଧାର୍ମିକ ବ୍ୟକ୍ତି ଯେଉଁ ଧର୍ମର, ଯେଉଁ ସମାଜର ହୁଅନ୍ତୁ ପଛକେ, ସେ ସମସ୍ତଙ୍କର ନମସ୍ୟ ଏବଂ ବରେଣ୍ୟ । ଆଜି କେବଳ ନୁହେଁ, ଆଦିମ କାଳରୁ ଦୁଇଟି ଧର୍ମର ଲୋକଙ୍କ ମଧ୍ୟରେ ତୀବ୍ରତର ବିଭେଦ, ସଂଘର୍ଷ ଓ ଅବିଶ୍ୱାସ ଲାଗିରହିଛି । ଧର୍ମଚର୍ଚ୍ଚା ମାଧ୍ୟମରେ ପତିତ ମନୁଷ୍ୟ ସ୍ୱର୍ଗର ସନ୍ଧାନ ପାଇବାପାଇଁ ଅବସର ପାଏ ନାହିଁ । ତାକୁ ଧର୍ମ ନାମରେ ନାରକୀୟ ଆସୁରୀ କାର୍ଯ୍ୟରେ ଲିପ୍ତ କରିଦିଆଯାଏ । ସେ ଧର୍ମନାମରେ ନରକପଥର ଯାତ୍ରୀ ହେବାପାଇଁ ଆଦୌ କୁଣ୍ଠିତ ହୁଏ ନାହିଁ । ବାସ୍ତବିକ ଏହି ପରିପ୍ରେକ୍ଷୀରେ ଅଧାର୍ମିକ ଲୋକ ଆଜି ବହୁତ ସୁଖୀ । ଧର୍ମଭାବନାର ଅଭାବରେ ସେ ଅସଭ୍ୟ ହୋଇପାରେ, ମାତ୍ର ସେ ଅସୁର ହେବ ନାହିଁ ! ବାସ୍ତବିକ ଧାର୍ମିକ ଲୋକର ପ୍ରଭାବ ଥିଲେ ଧର୍ମ ନାମରେ ଏହିପରି ମତାନ୍ଧତା ପୃଥିବୀରେ ବିକଟ ସମସ୍ୟା ସୃଷ୍ଟି କରୁ ନ ଥାନ୍ତା । ଧର୍ମ ନାମରେ ସ୍ୱର୍ଗର ଅନୁସନ୍ଧାନ କରିବାକୁ ଯାଇଁ ଆଜି ଏତେ ସଂଘର୍ଷ ଓ ରକ୍ତପାତ ସମ୍ଭବ ହୋଇଅଛି; ମାତ୍ର ଧର୍ମକୁ ଭୁଲି ଧରାକୁ ଭଲପାଇ ପାରିଲେ, ଏହି ପୃଥିବୀରେ ସ୍ୱର୍ଗ ରଚନା କରିବାପାଇଁ ବିଳମ୍ବ ହେବନାହିଁ ।

## ସାହିତ୍ୟ ଓ ନେତୃତ୍ୱ :

ସଭ୍ୟତାର ଚକ୍ରତଳେ ଅନେକ ସଂସ୍କୃତି ବିଲୁପ୍ତ ହୋଇଯିବାର ଦୁଃଖାତ୍ମକ କାହାଣୀ ଲିପିବଦ୍ଧ ହୋଇଅଛି । ମାତ୍ର ଯେଉଁଠାରେ ସଂସ୍କୃତି ଚିର ଜାଗ୍ରତ ଏବଂ

ସଭ୍ୟତାର ପୋଷାକ ପରିବର୍ତ୍ତନ ସତ୍ତ୍ୱେ ଅମଳିନ ଏବଂ ପୂର୍ଣ୍ଣ ତେଜରେ ଦେଦୀପ୍ୟମାନ, ସେଠାରେ ସେହି ସଂସ୍କୃତିର ପରିପ୍ରକାଶ ସାହିତ୍ୟ ଅତ୍ୟନ୍ତ ଶକ୍ତିଶାଳୀ ହୋଇଅଛି ବୋଲି ମନେ କରାଯାଇଥାଏ । ଏଠାରେ ସାହିତ୍ୟରେ ନେତୃତ୍ୱ ପ୍ରସଙ୍ଗଟି ଆପେ ଆପେ ସ୍ମରଣ ହେବା ସ୍ୱାଭାବିକ । ଉଦାହରଣ ସ୍ୱରୂପ, ଭାରତ ଏବଂ ଚୀନ ପରି କେତେକ ପ୍ରାଚୀନତମ ସଭ୍ୟତାର ଉଦାହରଣ ଦିଆଯାଇପାରେ । ଏହି ସଂସ୍କୃତି ଏତେ ପ୍ରାଚୀନ କାଳର ହେଲେ ହେଁ ନିରବଚ୍ଛିନ୍ନ ଭାବରେ ଯେ ପ୍ରଗତି ପଥରେ ଅଗ୍ରସର ହୋଇଅଛି, ଏହାର ଅନ୍ତର୍ନିହିତ ରହସ୍ୟ କଣ ? ହୋଇପାରେ, ସଭ୍ୟତାର ସୀମାହୀନ ଗତିପଥରେ ଏହି ସମାଜ ଓ ସଭ୍ୟତା ଅତ୍ୟନ୍ତ ଉଦାର ହେବାପାଇଁ ଶିକ୍ଷା କରିଅଛି; ସମନ୍ୱୟଧର୍ମୀ ଭାବନାରେ ଅନୁପ୍ରାଣିତ ହୋଇଅଛି । ଏ ଦେଶରେ ଅନେକ ରାଷ୍ଟ୍ରବିପ୍ଳବ ଏବଂ ଧର୍ମବିପ୍ଳବ ହୋଇଅଛି । ବହୁ ଜାତି, ଉପଜାତି, ଅଭିଯାନକାରୀ ଏ ଦେଶକୁ ଅଧିକାର କରି ପ୍ରଭୁତ୍ୱ ଜାହିର କରିଛନ୍ତି । ବହୁ ରଙ୍ଗ ଏବଂ ଗୋଷ୍ଠୀର ଲୋକ ଏହି ବିଶାଳ ଦେଶରେ ନିଜସ୍ୱ କଳା, ସ୍ଥାପତ୍ୟ, ଶାସନ ଓ ସାହିତ୍ୟ ପ୍ରତିଷ୍ଠିତ କରିବାପାଇଁ ଉଦ୍ୟମ କରିଛନ୍ତି । ରାଜନୀତିର ଆବର୍ତ୍ତନ ଓ ଝଡ଼ଝଞ୍ଜାରେ ଅସଂଖ୍ୟ ନଗରୀର ଜୀବନ-ସାଧନା ଓଲଟ ପାଲଟ ହୋଇଯାଇଛି, ତଥାପି ଦେଶର ସାଧାରଣ ଜୀବନରେ ସଂସ୍କୃତିର ମୂଳ ସତ୍ତା, ଅନ୍ତର୍ନିହିତ ସୌନ୍ଦର୍ଯ୍ୟ ସତେଜ ରହିଅଛି । ତେଣୁ ଏହି ଦେଶର ସଭ୍ୟତା ଓ ସଂସ୍କୃତିର ମୂଳମନ୍ତ୍ର ହେଲା ସମନ୍ୱୟବାଦ । ଯୁଗେ ଯୁଗେ ସାହିତ୍ୟ ଓ କଳା ଏହି ସମନ୍ୱିତ ଭାବନାକୁ ପ୍ରତିପାଦନ କରିଆସିଅଛି ।

ସେଥିପାଇଁ ଭାରତୀୟ ସଂସ୍କୃତି ଓ ସାହିତ୍ୟ କାଳେ କାଳେ ଭୌତିକ ଆଦର୍ଶ ପଛରେ ପାଗଳ ହୋଇ ଅନୁଧାବନ କରିନାହିଁ । ଦେବତାଙ୍କ ରାଜ୍ୟରେ ଧନର ଅଧିକାରୀ କୁବେରଙ୍କୁ ସେ ସର୍ବୋଚ୍ଚ ଆସନ ପ୍ରଦାନ କରିନାହିଁ, ସେଠାରେ ଶ୍ମଶାନବାସୀ ମହାଯୋଗୀ ମହାଦେବ ସର୍ବୋଚ୍ଚ ଆସନର ଅଧିକାରୀ ହୋଇଛନ୍ତି । ଜୀବନଦର୍ଶନର ଏହି ତତ୍ତ୍ୱରେ ଭାରତୀୟ ସମାଜ ଭୌତିକ ଐଶ୍ୱର୍ଯ୍ୟରେ ଉନ୍ମତ୍ତ ହୋଇନାହିଁ, ସେ ଅତ୍ୟନ୍ତ ବ୍ୟାକୁଳ ଭାବରେ ଆତ୍ମାର ଉନ୍ନତିପାଇଁ ସାଧନା କରିଅଛି । ବିଶ୍ୱପ୍ରେମର ସାଧନା କରିଆରେ ସେ ସମଗ୍ର ମନୁଷ୍ୟସମାଜକୁ ଆଲିଙ୍ଗନ କରିବାପାଇଁ ଅଗ୍ରସର ହୋଇଅଛି । ଭୋଗସର୍ବସ୍ୱ ସମାଜରେ ତ୍ୟାଗର ମହିମା ଏହି ସମାଜକୁ ଅଧିକ ଅନୁପ୍ରାଣିତ କରିଅଛି । ସେଥିପାଇଁ ଆଧ୍ୟାତ୍ମିକ ରାଜ୍ୟରେ ଶାନ୍ତି, ସୁଖ, ପ୍ରେମ, ସ୍ନେହ, ସହାନୁଭୂତି, ଅଧିକ ଆଚରଣୀୟ ବୋଲି ମନେ କରାଯାଉଥିଲା । ଭାରତୀୟ ସାହିତ୍ୟର ତାହାହିଁ ଥିଲା ମହାନ୍ ବାଣୀ । *

---

* ଜୀବନରଙ୍ଗ— ଅଗଷ୍ଟ, ୧୯୭୨

# ସାକାର ଓ ନିରାକାର

**● ଚୈତନ୍ୟାନନ୍ଦ କର**

ପରଂବ୍ରହ୍ମ ସତ୍ୟ । ଯାହାର ସତ୍ତା ଚିରନ୍ତନ ଥାଏ, ସେ ସତ୍ୟ । ସୁତରାଂ ପରଂବ୍ରହ୍ମଙ୍କ ଚିରନ୍ତନ ସତ୍ତା ବା ଅସ୍ତିତ୍ୱ କେହି ଅସ୍ୱୀକାର କରିପାରିବେ ନାହିଁ । ଅସତ୍ୟରୁ ସତ୍ୟର ଉଦ୍ଭବ ଯେପରି କେବେହେଁ ସମ୍ଭବପର ନୁହେଁ, ସତ୍ୟରୁ ଅସତ୍ୟର ଉଦ୍ଭବ ସେହିପରି କେବେହେଁ ସମ୍ଭବପର ନୁହେଁ । ମନ୍ଦରୁ ଭଲ କିମ୍ବା ଭଲରୁ ମନ୍ଦ କଦାପି ଉଦ୍ଭୂତ ହୋଇ ନ ପାରେ,—ଗୋବରଖାତରେ କେବେହେଁ ପଦ୍ମ ଜନ୍ମେ ନାହିଁ, କି ପଦ୍ମରୁ କେବେହେଁ ଗୋବରପୋକ ଜନ୍ମେ ନାହିଁ । ପରଂବ୍ରହ୍ମଙ୍କ ଇଚ୍ଛାରୁ ହିଁ ସୃଷ୍ଟି । ଯେ ସତ୍ୟ, ତାଙ୍କର ଇଚ୍ଛା ଅସତ୍ୟ ନୁହେଁ—ସତ୍ୟ ସୁତରାଂ ସେ ଇଚ୍ଛାର ଫଳ ଏ ସୃଷ୍ଟି ଅସତ୍ୟ ନୁହେଁ ବରଂ ନିଶ୍ଚୟ ସତ୍ୟ । ତାଙ୍କର ନିଜର କୌଣସି ପରିବର୍ତ୍ତନ ନାହିଁ; ମାତ୍ର ତାଙ୍କର ସୃଷ୍ଟି ନିତ୍ୟ ପରିବର୍ତ୍ତନଶୀଳ ଏବଂ ସେହି ପରିବର୍ତ୍ତନଶୀଳତା ହିଁ ସୃଷ୍ଟିର ବୈଚିତ୍ର୍ୟ । ସୃଷ୍ଟିର ପରିବର୍ତ୍ତନଶୀଳତା ଥିଲେହେଁ ତାର ସତ୍ତା ବା ଅସ୍ତିତ୍ୱ ସତ୍ୟ । ବୃକ୍ଷର କାଷ୍ଠ ଭସ୍ମରେ ପରିଣତ ହୁଏ । ତାହା ବୃକ୍ଷର ଅବସ୍ଥାନ୍ତର ମାତ୍ର; ଭସ୍ମ ରୂପରେ ତାର ସତ୍ତା ରହେ ।

ଜୀବଜଗତରେ ପରିଦୃଶ୍ୟମାନ ଓ ଅପରିଦୃଶ୍ୟମାନ ଜଗତରେ ଯାହା ଯାହା ଅଛି, ତାହା ସମସ୍ତ ଆକାରବିଶିଷ୍ଟ । ସେଥିମଧ୍ୟରୁ କେହି କେହି ଚକ୍ଷୁର ଗୋଚରୀଭୂତ ଏବଂ କେହି କେହି ଜ୍ଞାନରେ ନିର୍ଦ୍ଧାରିତ; କିନ୍ତୁ ସ୍ରଷ୍ଟାଙ୍କ ସତ୍ତାର ଆକୃତି କେହି ଚକ୍ଷୁରେ କିମ୍ବା ଜ୍ଞାନରେ ଧାରଣା କରିପାରନ୍ତି ନାହିଁ, କି ଅବଧାରଣା କରିପାରନ୍ତି ନାହିଁ । ତେଣୁ ସେ ବାଙ୍ମନସାତୀତ, ସୁତରାଂ ନିରାକାର । ସପ୍ତବିତସ୍ତି ପରିମିତ ମାନବ ଅବଶ୍ୟ ସ୍ୱଳ୍ପବିସ୍ତାରିତକାୟ ପ୍ରାଣୀ । ହସ୍ତୀ ଜିରାଫ ଓ ଉଷ୍ଟ୍ର ପ୍ରଭୃତି ବନ୍ୟ-ଜନ୍ତୁମାନଙ୍କ ତୁଳନାରେ ସେ ଅବଶ୍ୟ କ୍ଷୁଦ୍ରକାୟ; କିନ୍ତୁ ପିମ୍ପୁଡ଼ି ଓ ଜିଆ ପ୍ରଭୃତି କିମ୍ବା ତଦପେକ୍ଷା ସାନ ସାନ ପ୍ରାଣୀ ମାନବର ସ୍ୱରୂପ କଦାପି କଳନା କରିପାରନ୍ତି ନାହିଁ, କି ତାର ଆକାର ଧାରଣା କରିପାରନ୍ତି ନାହିଁ । ସୁତରାଂ ସେମାନଙ୍କ ପକ୍ଷରେ ମାନବର ଦେହ ଅଚିନ୍ତ୍ୟ ହେବା ସମ୍ଭବପର ନୁହେଁ ।

କେଶାଗ୍ରଠାରୁ ପାଦାଙ୍ଗୁଷ୍ଠର ନଖାଗ୍ର ପର୍ଯ୍ୟନ୍ତ ଯାହା ଯାହା ବିନ୍ୟସ୍ତ ରହି ଗୋଟିଏ ରୂପ ଗଠିତ ହୋଇଅଛି, ତା'ହାର ନାମ ମାନବ ଦେହ ଏବଂ ତାର ଅନୁଭୂତର ଜ୍ଞାନ ବା ଚୈତନ୍ୟ ହିଁ ତାର ଆତ୍ମା । ଦେହ ଓ ଆତ୍ମାର ଏପରି ଅବଚ୍ଛେଦ୍ୟ ସମ୍ବନ୍ଧ ଯେ, ଗୋଟିଏ ନ ରହିଲେ, ଅନ୍ୟଟି କଦାପି ରହିପାରେ ନାହିଁ । ଚୈତନ୍ୟ ନ ଥିଲେ, ଦୈହିକ କ୍ରିୟା ନିଷ୍ପନ୍ଦ ହୁଏ ଏବଂ ଦୈହିକ କ୍ରିୟାର ନିଷ୍ପନ୍ଦତା ହିଁ ଚୈତନ୍ୟହୀନତା ବା ମୃତ୍ୟୁ । ସୁତରାଂ ଯେ ଚୈତନ୍ୟଶୂନ୍ୟ ବା ଆତ୍ମାବିହୀନ, ଏପରି ଦେହ ନାହିଁ ଏବଂ ଯେ ଦେହବିହୀନ, ଏପରି ଆତ୍ମା ନାହିଁ । ବାସ୍ତବରେ ଦେହରେ ହିଁ ଆତ୍ମା ଥାଏ ଏବଂ ଆତ୍ମା ବା ଚୈତନ୍ୟ ଦେହର ଅସ୍ତିତ୍ୱ ପ୍ରତିପାଦନ କରେ । ଅତଏବ ସଚ୍ଚିଦାନନ୍ଦ, ପରଂବ୍ରହ୍ମ, ପରମାତ୍ମାଙ୍କର ଯେ ଅଧିଷ୍ଠାନଭୂତ ଦେହ ନାହିଁ, ଏହା ବୋଲିଯାଇ ନ ପାରେ ।

ସେହି କ୍ଷୁଦ୍ରକାୟ ମାନବର ଦେହରେ ଅସଂଖ୍ୟ ଲୋମକୂପ ଏବଂ ଲୋମରାଜି ପୂରି ରହିଅଛି । ମାନବର କେଜାଣି କେତେ ଶିରାପ୍ରଶିରା ଅଛି । ଆହୁରି ଅସ୍ଥି ଓ ମଜ୍ଜା ପ୍ରଭୃତି କେତେ କଅଣ ଏବଂ ଅଙ୍ଗପ୍ରତ୍ୟଙ୍ଗ ରହିଅଛି । ସେ ସମସ୍ତ ବିନ୍ୟାସର ସମାବେଶ ହିଁ ମାନବ ଦେହ ବା ମାନବାତ୍ମାର ଅଧିଷ୍ଠାନଭୂତ ଦେହ । ସେ ପ୍ରକାର ଗଠିତରୂପକୁ ଦେଖିଲେ, ତାହା ମାନବର ଦେହ ନୁହେଁ ବୋଲି କେହି କହିପାରନ୍ତି ନାହିଁ । ମନୁଷ୍ୟ ଚାଲେ, ହାତ ହଲାଏ, ଆଖି ପିଛୁଳାଡେ ଇତ୍ୟାଦି ପ୍ରକାର ମାନବିକ କାର୍ଯ୍ୟର ନାମ ଦୈହିକ କ୍ରିୟା ବା ଦୈହିକ କାର୍ଯ୍ୟ । ଚନ୍ଦ୍ରସୂର୍ଯ୍ୟଙ୍କର ଉଦୟାସ୍ତ, ଅନନ୍ତ ନାକ୍ଷତ୍ରିକ ଜଗତର ବୈଚିତ୍ର୍ୟମୟୀ ଗତିବିଧି, ଜଳର ଉଚ୍ଛ୍ୱାସ ପ୍ରବାହ, ଅଙ୍କୁରୋଦ୍‌ଗମ ଏବଂ ପ୍ରାଣୀମାନଙ୍କର ଆଗମନ ଓ ପ୍ରତିଗମନ ପ୍ରଭୃତି ସୃଷ୍ଟିର ଯାବତୀୟ କାର୍ଯ୍ୟହିଁ ସ୍ରଷ୍ଟାଙ୍କର ଦୈହିକ କ୍ରିୟା ବା ଦୈହିକ କାର୍ଯ୍ୟ । ଦୈହିକ କ୍ରିୟା ଅଛି, ଅଥଚ ଦେହ ନାହିଁ, ଏହା ଏକାନ୍ତ ଅସଙ୍ଗତ । ସକ୍ରିୟ ଦେହ ଅଛି, ଅଥଚ ଚୈତନ୍ୟ ନାହିଁ । ଏହା ଯେପରି ଅସଙ୍ଗତ, ଚୈତନ୍ୟ ବା ଆତ୍ମା ଅଛି, ଅଥଚ ଦେହ ନାହିଁ, ଏହା ସେହିପରି ଅସଙ୍ଗତ । ସୁତରାଂ ପରମାତ୍ମା ଅଛନ୍ତି, ଅଥଚ ତାଙ୍କର 'ସର୍ବବ୍ୟାପକ ଦେହ ନାହିଁ, ଏହା ବୋଲିଯାଇ ନ ପାରେ । ବସ୍ତୁତଃ, ସୁବିନ୍ୟସ୍ତ ଅନନ୍ତ ବ୍ରହ୍ମାଣ୍ଡର ସମାବେଶ ହିଁ ପରମାତ୍ମଙ୍କର ଆକାର ବା ଦେହ ଏବଂ ସେଥିରେ ସେ ସଚ୍ଚିଦାନନ୍ଦ । ମାତ୍ର ଯେଉଁ ଆକୃତିର ବା ଯେଉଁ ବିରାଟ ରୂପର ପ୍ରତି ଲୋମକୂପରେ ମାଳ ମାଳ ବ୍ରହ୍ମାଣ୍ଡ, ସେ ବିରାଟରୂପ ଏହି ପରିମିତ ଧରଣୀର କ୍ଷୁଦ୍ରାଦପି କ୍ଷୁଦ୍ର, ଅତି କ୍ଷୁଦ୍ର ମାନବ ପକ୍ଷରେ ସ୍ୱଭାବତଃ ଅନନୁଧ୍ୟେୟ, ଅବ୍ୟକ୍ତ, ଅଚିନ୍ତ୍ୟ ଓ ଅନଧିବେଦ୍ୟ; ସୁତରାଂ ପରମାତ୍ମା ନିରାକାର । ଯାହାଙ୍କର ଆକାର ନିଃଶେଷରେ ବା' ସମ୍ୟକ୍‌ରୂପେ ଅଥବା ଯଥାଯଥ ଭାବରେ କେହି ଧାରଣାଦି କରି ନ ପାରେ, ସେ ନିରାକାର । ସେହି ନିରାକାରଙ୍କର ଗୋଟିଏ ଲୋମକୂପର କୋଟି କୋଟି ଅଂଶ ମଧ୍ୟରୁ ଗୋଟିଏ ଅଂଶର

କେଉଁ ଗୋଟିଏ କୋଣରେ ଆମ୍ଭେମାନେ ଅଧିବାସୀ, ସୁତରାଂ ତାଙ୍କର ଅନନ୍ତ ବିରାଟ ରୂପ ଧାରଣା କରିପାରିବା ଆମ୍ଭମାନଙ୍କ ପକ୍ଷରେ ଏକାନ୍ତ ଅସମ୍ଭବପର । ପୁଣି ମାନବ ଯେ କେତେ କ୍ଷୁଦ୍ର, ତାହା ଏଥିରୁ ଅନୁମିତ ହୋଇପାରେ । କିନ୍ତୁ ମାନବ ନିଜକୁ ଶ୍ରେଷ୍ଠ ମଣେ କାହିଁକି ? ଶାନ୍ତ ଧରାରେ ମାନବ କ୍ଷୁଦ୍ର ହେଲେହେଁ ତାହାର ଯେଉଁ ସମସ୍ତ ଗୁଣ ଓ ଭଗବତ୍ ପ୍ରୀତି ଯୋଗୁଁ ସେ ଧରାବାସୀ ଜୀବମାନଙ୍କ ମଧ୍ୟରେ ନିଜକୁ ଶ୍ରେଷ୍ଠ ବୋଲି ମଣେ, ସେହି ସମସ୍ତ କାରଣରୁ ସେ ଯେ ଅଗଣିତ ବ୍ରହ୍ମାଣ୍ଡୋଦର ମଧ୍ୟରେ ସର୍ବଶ୍ରେଷ୍ଠ, ଏହା କିଏ କହିବ ? ମାନବ ଯେବେ ତାହା କହିବ, ତେବେ ତାହା ପକ୍ଷରେ ତାହା ଆତ୍ମଶ୍ଳାଘାର ପ୍ରଖ୍ୟାପନ ମାତ୍ର ।

ଅଚିନ୍ତ୍ୟାବ୍ୟକ୍ତ ସମସ୍ତ ଜଗଦାଧାର ରୂପର ଧାରଣା କଦାପି ସମ୍ଭବପର ନୁହେଁ । ସେ ସମସ୍ତ ଜଗଦଙ୍ଗର ଶିରାପ୍ରଶିରାରେ ଚୈତନ୍ୟରୂପେ ପ୍ରକଟିତ ରହି-ଅଛନ୍ତି । ତେଣୁ ସାଧନ ଭଜନର ବା ଭାବଭକ୍ତିର ସୁକରତା ନିମିତ୍ତ ସାଧକ ଭକ୍ତର ନିଜ ନିଜ ପକ୍ଷରେ ରୁଚି ଅନୁସାରେ ମୂର୍ତ୍ତିକଳ୍ପନା କରି ଆରାଧନା କରିବା ଯେ ଦୋଷାବହ, ଏହା ବୋଲିଯାଇ ନ ପାରେ । ପିମ୍ପୁଡ଼ିଟିଏ ଆମ୍ଭମାନଙ୍କ ଦେହର କୌଣସି ଅଂଶରେ ଗୁଲିବା ମାତ୍ରକେ ଆମ୍ଭେମାନେ ଚୈତନ୍ୟର ପ୍ରଭାବରେ ତାହା ଅବଗତ ହେଉଁ ଏବଂ ଚନ୍ଦନ ଟିକିଏ ମାତ୍ର ଲଗାଇଦେଲେ ମଧ୍ୟ ତାହାର ଶୀତଳତା ଅନୁଭବ କରୁଁ ।ପୁଣି ଦେହର ସେହି ସେହି ଅଂଶ ଆମ୍ଭମାନଙ୍କୁ ଖୋଜିବାକୁ ହୁଏନାହିଁ । ସେହିପରି ଆମ୍ଭେମାନେ ଯାହାଙ୍କର ଶିରାପ୍ରଶିରାର ଅଂଶ, ଆମ୍ଭମାନଙ୍କର ମାନସିକ ଓ ଶାରୀରିକ କାର୍ଯ୍ୟ, ସେ ତାଙ୍କର ମହାଚୈତନ୍ୟର ପ୍ରଭାବରେ ଅବଗତ ହୁଅନ୍ତି । ମନରେ ପାପ କିମ୍ବା ପୁଣ୍ୟର ଉଦୟ ହେଉ ହେଉ ଯେଉଁ ସର୍ବଜ୍ଞ ଅବଗତ ହୁଅନ୍ତି, ମୂର୍ତ୍ତି ସମକ୍ଷରେ ଜଗନ୍ମାତା ଓ ଜଗନ୍ନାଥ ପ୍ରଭୃତି ତାଙ୍କର ନାମୋଚ୍ଚାରଣପୂର୍ବକ ଆରାଧନା-ପରାୟଣ ହେଲେ କିମ୍ବା ସେହି ସେହି ନାମରେ ସ୍ତବସ୍ତୁତି କଲେ ସେ ଯେ ଅବଗତ ହୁଅନ୍ତି ନାହିଁ, ଏହା କଅଣ ସମ୍ଭବପର ହୋଇପାରେ ? ସାକାରବାଦୀ ମୂର୍ତ୍ତି ପରିକଳ୍ପନା କରନ୍ତି ଏବଂ ସେହି ମୂର୍ତ୍ତିରେ ଚକ୍ଷୁ, କର୍ଣ୍ଣ ଓ ପାଦପାଣି ପ୍ରଭୃତି ବହିରିନ୍ଦ୍ରିୟମାନ କଳ୍ପନା କରନ୍ତି । କିନ୍ତୁ ଯେଉଁମାନେ ଆକାର ସ୍ୱୀକାର କରନ୍ତି ନାହିଁ ବା ଈଶ୍ୱରଙ୍କର କୌଣସି ରୂପ ନାହିଁ ବୋଲି କହନ୍ତି, ସେମାନଙ୍କର ସ୍ତବପ୍ରାର୍ଥନାଦିରେ କିମ୍ବା ଉପାସନାରେ ଈଶ୍ୱରଙ୍କର ଚକ୍ଷୁକର୍ଣ୍ଣ ଓ ପାଦପାଣିର ଅବତାରଣା ଓ ବନ୍ଦନା ଥାଏ ।

ଅନନ୍ତ ନାକ୍ଷତ୍ରିକ ଜଗତ, ଅନନ୍ତ ଗଗନର ଅସୀମ ରୂପ କେହି ପରିକଳ୍ପନା କରିପାରନ୍ତି ନାହିଁ । ଉପରକୁ ଚାହିଁଲେ ସେଥିରେ ଯେତିକି ଅଂଶ ଚକ୍ଷୁର ଗୋଚରୀଭୂତ ହୁଏ, ତାହାକୁ ଗଗନ ବୋଲି କହୁଥାଉଁ । କିନ୍ତୁ ତାହା ବୋଲି ଯେ ବିରାଟ ଗଗନର ଅସୀମତ୍ୱ ବିସ୍ମୃତ ହେଉଁ, ଏହା ବୋଲିଯାଇ ନ ପାରେ । ଚକ୍ଷୁର ଗୋଚରୀଭୂତ, କ୍ଷୁଦ୍ର କାଷ୍ଠପାଷାଣମୟୀ ମୂର୍ତ୍ତି ଯେ ବିଶ୍ୱମୂର୍ତ୍ତିଙ୍କର ବିରାଟ ରୂପ, ଏହା ସାକାରବାଦୀ ବିଶ୍ୱାସ

କରନ୍ତ ନାହିଁ କି ସ୍ୱୀକାର କରନ୍ତ ନାହିଁ । ଶିଶୁ ତାର ପିତାମାତା, ଭାଇଭଉଣୀ ଓ ଆତ୍ମୀୟସ୍ୱଜନମାନଙ୍କୁ ପ୍ରତ୍ୟକ୍ଷ ଦେଖେ ଏବଂ ଅତି ଶୈଶବକାଳରୁ ସେମାନଙ୍କୁ ନିଜର ବୋଲି ମଣିଥାଏ । ତେଣୁ ସେ ସେହିମାନଙ୍କୁ ହିଁ ତାର ରକ୍ଷାକର୍ତ୍ତା ବୋଲି ମନେ କରିଥାଏ ଏବଂ ତାହା ହିଁ ତା'ର ବିଶ୍ୱାସ । ଦାଣ୍ଡରେ ଖେଳୁଥିବାବେଳେ ଅପର କାହାରିକି ଦେଖିଲେ କିମ୍ବା ଭୟର କାରଣ କିଛି ପଡ଼ିଥିଲେ ସେ ଧଇଁସଇଁ ହୋଇ ଧାଇଁଯାଏ ଏବଂ ଯେଉଁମାନେ ତାର ବିଶ୍ୱାସର ପାତ୍ର, ସେହିମାନଙ୍କ ମଧ୍ୟରୁ ଯାହାକୁ ପାଏ ତାହାକୁ କୁଣ୍ଢେଇପକାଏ । କାରଣ ତାହାର ବିଶ୍ୱାସ ଯେ, ସେ ତାର ରକ୍ଷାକର୍ତ୍ତା; ସେ ନିଶ୍ଚୟ ବିପଦରୁ ରକ୍ଷା କରିବ । ଶିଶୁ ତାକୁ କୁଣ୍ଢେଇଲେ କିମ୍ବା ତାର କୋଳରେ କାଖରେ ରହିଲେ ତାର ସମସ୍ତ ଭୟଭ୍ରାନ୍ତି ଚାଲିଯାଏ ।

ବିଶ୍ୱାସରେ ଯେଉଁମାନେ ଶିଶୁ ବା ଅପକ୍ୱ, ଅର୍ଥାତ୍ ଯେଉଁମାନେ ପରମହଂସ ଅବସ୍ଥାରେ ଉପନୀତ ହୋଇ ନ ଥାନ୍ତି, ସେମାନଙ୍କ ପକ୍ଷରେ ମୂର୍ତ୍ତି ସେହିପରି ବିଶ୍ୱାସର ପାତ୍ର । ମୂର୍ତ୍ତିରେ ଚକ୍ଷୁ ନିବଦ୍ଧ ଥିଲେ ହେଁ ଏବଂ ମୂର୍ତ୍ତି ସମକ୍ଷରେ ନିବେଦନ ଜ୍ଞାପନ କରୁଥିଲେ ହେଁ ନିରାକାରବାଦୀ ଯେଉଁ ବେଦମନ୍ତ୍ରରେ ବା ବାକ୍ୟରେ କିମ୍ବା ଯେଉଁ ନାମରେ ପରମାତ୍ମାଙ୍କର ଉପାସନା କରନ୍ତି, ସାକାରବାଦୀ ନିବଦ୍ଧ ମନରେ ସେହି ବେଦମନ୍ତ୍ର ବା ସେହି ବାକ୍ୟ କିମ୍ବା ସେହି ସେହି ନାମ ଉଚ୍ଚାରଣ କରି ପୂଜା ଆରାଧନା କରନ୍ତି । ସୁତରାଂ ପଦାର୍ଥ ଏକ, କେବଳ ପାତ୍ର ଭିନ୍ନ ଭିନ୍ନ ମାତ୍ର । ପୁଣି ଭାଷାଗତ ପାର୍ଥକ୍ୟ ଯୋଗୁଁ ଭିନ୍ନ ଭିନ୍ନ ଜାତିରେ ସେହି ଏକମାତ୍ର ପଦାର୍ଥର ନାମ ଭିନ୍ନ ଭିନ୍ନ । ସୁତରାଂ ସାକାରବାଦୀ ଓ ନିରାକାରବାଦୀମାନଙ୍କ ମଧ୍ୟରେ ପରସ୍ପର ପ୍ରତି ପରସ୍ପରର ଅବଜ୍ଞା ପ୍ରଦର୍ଶନ ବା ନିନ୍ଦାବାଦ ଅହେତୁକ ବୋଲି ବିବେଚିତ ହୁଏ ।

ଅଳ୍ପକେ ସନ୍ତୁଷ୍ଟ ହେବା ମାନବର ଧର୍ମ ନୁହେଁ; ଅସୀମ ବା ଅନନ୍ତର ଅଭିମୁଖୀନ ହେବା ହିଁ ତାର ଧର୍ମ । ସେ ଉତ୍ତରୋତ୍ତର ଉନ୍ନତିକାମୀ । ସାନ୍ତ ଓ ସାମାନ୍ୟ ପଦାର୍ଥରେ ମାନବର ଆତ୍ମା ପ୍ରୀତ ହୁଏ ନାହିଁ କି ସେହି ସେତିକରେ ସେ ତୁଷ୍ଟ ହୁଏ ନାହିଁ ! ସଂସାରରେ ଯେ ଯେତେ ବିଜୟୀ, ତାର ବିଜିଗୀଷା ତେତେ ବେଶି; ଯେ ଯେତେ ପଣ୍ଡିତ, ତାର ପାଣ୍ଡିତ୍ୟ ଲିପ୍ସା ତେତେ ବେଶୀ । ସେହିପରି ଯେ ଯେଉଁ ପରିମାଣରେ ସାଧକ ବା ଭକ୍ତ, ସେ ତେତେ ଅଧିକ ପରିମାଣରେ ଅନନ୍ତତ୍ୱର ଅଭିମୁଖୀନ । ଯାହାର ମନ ଯେତେ, ତାର ପ୍ରଭୁ ତେତେ; ଅର୍ଥାତ୍ ଯାହାର ମନ ଯେତେ ଉଦାର, ଉନ୍ନତ, ସେ ପ୍ରଭୁଙ୍କର ଅନନ୍ତତ୍ୱର ତେତେ ଉପଲବ୍ଧି କରିପାରେ ! ପକ୍ଷାନ୍ତରରେ ଯାହାର ପ୍ରଭୁ ଯେତେ, ତାର ମନ ତେତେ; ଅର୍ଥାତ୍ ଯେ ଯେ ପରିମାଣରେ ପ୍ରଭୁଙ୍କ କୃପା ପାଇବାକୁ ବ୍ୟାକୁଳ ହୁଏ ବା ଯେ ଯେ ପରିମାଣରେ ପ୍ରଭୁଙ୍କୁ ଚିନ୍ତୁଥାଏ, ତାର ମନ ତେତେ ଉନ୍ନତ ହେଉଥାଏ । ସାଧକ ଭକ୍ତ ସାନ୍ତରୁ "ନେତି"ର ଝଙ୍କାରରେ ଅନନ୍ତ ଦିଗକୁ ଉଡ଼୍ଡୀୟମାନ

ହେବା ହିଁ ସାକାରବାଦତାର ଶୁଭ ଲକ୍ଷଣ । ପୁଣି ଅନନ୍ତ ବ୍ରହ୍ମାଣ୍ଡୋଦର ମଧ୍ୟରେ ସର୍ବତ୍ର ରୂପ, ରସ, ଗନ୍ଧ, ସ୍ପର୍ଶ ଓ ଶବ୍ଦ ପୂରି ରହିଅଛି । ସେଥିରେ ନିରାକାରଙ୍କ ପ୍ରକାଶ ଉପଲବ୍ଧି କରି ତାଙ୍କର ଉପାସନା କରିବା ହିଁ ନିରାକାରବାଦତାର ଶୁଭ ଲକ୍ଷଣ । କିନ୍ତୁ ଏ ଯୋଡ଼ିକ ମଧ୍ୟରୁ ପ୍ରଥମଟି ସହଜ ପନ୍ଥା ବୋଲି ଆର୍ଯ୍ୟଋଷିଗଣ ସେହି ପନ୍ଥା ପ୍ରଦର୍ଶନ କରିଯାଇଛନ୍ତି । ବିନା ଅବଲମ୍ବନରେ କେହି ପ୍ରକାଣ୍ଡ ବୃକ୍ଷରେ ଆରୋହଣ କରିପାରେ ନାହିଁ କିମ୍ବା ନିମ୍ନ ସ୍ତରମାନ ଅତିକ୍ରମ ନ କରି କେହି କେବେ ଶିଖରର ଶିଖରରେ ପହଞ୍ଚିପାରେ ନାହିଁ । ଉଡ଼ାଜାହାଜ ଭୂତଳରୁ ଉଠୁଛି ଏବଂ ଉଠି ଉଠି ଆକାଶରେ ଉଡ଼ୁଛି ।

ସାକାରବାଦୀ ଓ ନିରାକାରବାଦୀ ଏହି ଉଭୟ ସମ୍ପ୍ରଦାୟ ମଧ୍ୟରେ ଯେ ପ୍ରକାର ଅବଜ୍ଞା ବା ନିନ୍ଦାବାଦ ଲକ୍ଷିତ ହୁଏ, ତଦପେକ୍ଷା ତାହା ସାକାରବାଦୀମାନଙ୍କ ମଧ୍ୟରେ ଅଧିକ ପରିମାଣରେ ପରିଲକ୍ଷିତ ହୁଏ । ପୁରାଣ ନିଚୟ ହିଁ ସେଥିର କାରଣ । ପୁରାଣ ହିଁ ବୈଷ୍ଣବ, ଶୈବ ଓ ଶାକ୍ତ ପ୍ରଭୃତି ସମ୍ପ୍ରଦାୟର ସ୍ରଷ୍ଟା । ପ୍ରତ୍ୟେକ ସମ୍ପ୍ରଦାୟର ଶାସ୍ତ୍ରରେ ଅପର ସମ୍ପ୍ରଦାୟର ଧର୍ମମତ ଓ ଉପାସ୍ୟ ଦେବତାଙ୍କର ମାହାତ୍ମ୍ୟ ଖର୍ବ ହୋଇଅଛି । ଶାକ୍ତ ଶାସ୍ତ୍ରର ମତ ଯେ, ଭଗବତୀ ହିଁ ବ୍ରହ୍ମା, ବିଷ୍ଣୁ ଓ ଶିବ ପ୍ରଭୃତି ଦେବତାମାନଙ୍କର ଉଦ୍ଭବକାରିଣୀ; ବୈଷ୍ଣବ ଶାସ୍ତ୍ର କହେ, ଦେବଦେବୀ ଓ ବେଦ ବିଷ୍ଣୁଙ୍କଠାରୁ ଉତ୍ପନ୍ନ; ଶୈବଶାସ୍ତ୍ର ମହାଦେବଙ୍କୁ ସମସ୍ତ ଦେବଦେବୀଙ୍କର ସୃଷ୍ଟିକର୍ତ୍ତା ବୋଲି ପ୍ରକାଶ କରେ । କୌଣସି ଶାସ୍ତ୍ର କହେ, ବିଷ୍ଣୁ ହିଁ ଆଦିକାରଣ ଏବଂ ତାଙ୍କର ଆଦେଶରେ ଅପରାପର ଦେବଗଣ ସ୍ୱୀୟ ସ୍ୱୀୟ କାର୍ଯ୍ୟରେ ନିରନ୍ତର ନିଯୁକ୍ତ । କୌଣସି ଶାସ୍ତ୍ରର ମତ ଯେ; ମହାଦେବ ହିଁ ଆଦିକାରଣ—ତାଙ୍କର ଦ୍ୱାରା ବ୍ରହ୍ମା ଓ ବିଷ୍ଣୁ ପ୍ରଭୃତି ନିଜ ନିଜ କାର୍ଯ୍ୟରେ ନିଯୁକ୍ତ ରହିଅଛନ୍ତି । କୌଣସି ଶାସ୍ତ୍ର କହେ, କାଳୀଙ୍କ କୃପାରୁ ବିଷ୍ଣୁ ପାଳନର କର୍ତ୍ତୃତ୍ୱ ଲାଭ କରିଅଛନ୍ତି । କୌଣସି ଶାସ୍ତ୍ରରେ ବିଷ୍ଣୁ ପୂଜା ନିଷିଦ୍ଧ, ପୁଣି କୌଣସି ଶାସ୍ତ୍ରରେ ବିଷ୍ଣୁ ଭିନ୍ନ ଅନ୍ୟ ସକଳ ଦେବଦେବୀପୂଜା ନିଷିଦ୍ଧ ହୋଇଅଛି । ପୁରାଣସାର ଭାଗବତ ସୁଦ୍ଧା ଶାକ୍ତ ମତରେ ଭଗବତୀ ମାହାତ୍ମ୍ୟ ବର୍ଣ୍ଣନାର ଶାସ୍ତ୍ର । ଏ ପ୍ରକାର ପରସ୍ପର ବିରୁଦ୍ଧ ମତବାଦମାନ ପୁରାଣମାନଙ୍କରେ ପରିଲକ୍ଷିତ ହୁଏ ଏବଂ ଏହା ହିଁ ସାମ୍ପ୍ରଦାୟିକ ବିଦ୍ୱେଷ ସୃଷ୍ଟିର ପ୍ରଧାନ କାରଣ ।

ପୁରାଣମାନ ଆଲୋଚନା କଲେ ପ୍ରତିପନ୍ନ ହୁଏ ଯେ, ଅଷ୍ଟାଦଶ ପୁରାଣ ଜଣେ ରଚନା କରି ନାହାନ୍ତି । କାରଣ ବିନା ପରିଣତ-ପ୍ରଜ୍ଞାରେ କେହି ଶାସ୍ତ୍ର ରଚନା କରି ନାହାନ୍ତି । ସୁତରାଂ ସେ ପ୍ରକାର ପରିଣତପ୍ରଜ୍ଞ ବ୍ୟକ୍ତିଙ୍କର ମତ କଦାପି ଦ୍ୱିଧା ବା ବହୁଧା ହୋଇ ନ ପାରେ । ତେଣୁ ବ୍ୟାସଦେବ ସମସ୍ତ ଅଷ୍ଟାଦଶ ପୁରାଣର ରଚୟିତା ବୋଲି ସ୍ୱୀକାର କଲେ ପ୍ରକାରାନ୍ତରରେ ତାଙ୍କ ପ୍ରତି ଅବଜ୍ଞା ପ୍ରଦର୍ଶନ ହୁଏ । ଭିନ୍ନ ଭିନ୍ନ ମନସ୍ୱୀ ଭିନ୍ନ ଭିନ୍ନ ପୁରାଣ ପ୍ରଣୟନ କରି ସ୍ୱ-ଧର୍ମମତର ଶ୍ରେଷ୍ଠତ୍ୱ

ପ୍ରତିପାଦନ ଉଦ୍ଦେଶ୍ୟରେ ପ୍ରସିଦ୍ଧ ବ୍ୟାସଦେବଙ୍କ ନାମରେ ତାହା ପ୍ରଚ୍ଚାର କରିଥିବାର ଅନୁମାନ ଅଯୌକ୍ତିକ ହୋଇ ନ ପାରେ । ସେମାନେ ସେମାନଙ୍କର ଉପାସ୍ୟ ଦେବଙ୍କର ମାହାତ୍ମ୍ୟ ବର୍ଣ୍ଣନା କରି ପରସ୍ପର ମଧ୍ୟରେ କଟାକ୍ଷପାତର ସୂତ୍ରପାତ କରି ଯାଇଅଛନ୍ତି । ସୁତରାଂ ଶାସ୍ତ୍ରାନୁସାରେ କିଏ ବଡ଼ ଏବଂ କିଏ ସାନ, ଏହା ନିରୂପଣ କରି ହୁଏ ନାହିଁ । ଶାସ୍ତ୍ରପ୍ରମାଣ ଅପେକ୍ଷା ପ୍ରତ୍ୟକ୍ଷ ପ୍ରମାଣର ବଳ ବେଶି ହେଲେ ହେଁ କେହି କେବେ ସେ ସମସ୍ତଙ୍କୁ ଦେବଦେହରେ ଦେଖିନାହିଁ କି ଦେଖିପାରିବ ନାହିଁ; ସୁତରାଂ ସେମାନଙ୍କ ମଧ୍ୟରେ କିଏ ଶ୍ରେଷ୍ଠ ଏହା ନିରୂପଣ କରିହେବ ନାହିଁ । ଏ ସମ୍ବନ୍ଧରେ ଗୋଟିଏ ଗଳ୍ପ ଅଛି । ଥରେ ଜଣେ ରାଜାଙ୍କର ନିମନ୍ତ୍ରଣରେ ନାନା ସ୍ଥାନର ପ୍ରସିଦ୍ଧ ପ୍ରସିଦ୍ଧ ପଣ୍ଡିତଗଣ ତାଙ୍କ ସଭାରେ ଉପସ୍ଥିତ ହୋଇଥିଲେ । ସଭାର ଆରମ୍ଭରେ ରାଜା ସମବେତ ପଣ୍ଡିତମାନଙ୍କୁ ସମ୍ବୋଧନ କରି କହିଲେ, "ଦେବ-ଦେବୀଙ୍କ ମଧ୍ୟରେ କିଏ ଶ୍ରେଷ୍ଠ, କି କିଏ ଶ୍ରେଷ୍ଠା, ତାହା ଆପଣମାନେ ନିରୂପଣ କରନ୍ତୁ ।" ରାଜାଙ୍କ ପ୍ରଶ୍ନ ଉତ୍ତାରୁ ସଭାଗୃହ ଯୁକ୍ତିତର୍କରେ ମୁଖରିତ ହୋଇଗଲା । ସେମାନଙ୍କ ମଧ୍ୟରୁ କେତେକ ପଣ୍ଡିତ ବିଷ୍ଣୁଙ୍କର ଶ୍ରେଷ୍ଠତା ପ୍ରତିପାଦନ କଲେ । କେତେକ ପଣ୍ଡିତ ଶିବଙ୍କର ଏବଂ କେତେକ କାଳୀ, ଦୁର୍ଗା ପ୍ରଭୃତିଙ୍କର ଶ୍ରେଷ୍ଠତା ପ୍ରତିପାଦନର ପ୍ରୟାସ କଲେ, ପୁଣି କେହି କେହି ବ୍ରହ୍ମାଙ୍କର ଶ୍ରେଷ୍ଠତା ପ୍ରତିପାଦନ କରିବା ବିଷୟରେ ପଶ୍ଚାତ୍ପଦ ହେଲେ ନାହିଁ । ତେଣୁ ପ୍ରଶ୍ନର ପ୍ରକୃତ ସମାଧାନ ହୋଇପାରିଲା ନାହିଁ । ସେହି ସଭାରେ ଜଣେ ଶାନ୍ତପ୍ରକୃତିକ ପଣ୍ଡିତ ନୀରବ ଭାବରେ ଉପବେଶନ କରି-ଥିଲେ । ରାଜା ତାଙ୍କୁ ପ୍ରଶ୍ନ କରନ୍ତେ ସେ କହିଲେ, "ମହାରାଜ ! ଯେଉଁମାନେ ଦେବଦେବୀଙ୍କୁ ଦେଖିଅଛନ୍ତି, ସେମାନେ ସ୍ୱ ସ୍ୱ ମତ ପ୍ରକାଶ କରିଅଛନ୍ତି । ମହାରାଜ ! ମୁଁ କେବେ କୌଣସି ଦେବଦେବୀଙ୍କି ଦେଖି ନାହିଁ । ସେ ସମସ୍ତଙ୍କୁ ଯେବେ କୌଣସି ଏକ ସ୍ଥାନରେ କିମ୍ବା ପୃଥକ୍ ପୃଥକ୍ ଭାବରେ ଦେଖିଥାନ୍ତି, ତେବେ ସେମାନଙ୍କ ମଧ୍ୟରେ କିଏ ଶ୍ରେଷ୍ଠ ଓ କିଏ ଶ୍ରେଷ୍ଠା କିମ୍ବା କିଏ ବଡ଼ ଓ କିଏ ସାନ, ତାହା କହିପାରନ୍ତି ।" ଏଇ ଉତ୍ତର ପାଇ ରାଜା ନିରୁତ୍ତର ହେଲେ ଏବଂ ସେ ଶାସ୍ତ୍ରସମ୍ବଳ ତାର୍କିକ ପଣ୍ଡିତଗଣ ଲଜ୍ଜିତ ହେଲେ ।

ବହୁଯୁଗ ପୂର୍ବେ ଇତିହାସପ୍ରସିଦ୍ଧ ଉତ୍କଳର ଗଜପତି ରାଜା ଶ୍ରୀ ଅନଙ୍ଗଭୀମ ଦେବଙ୍କ ସମୟରେ ଏହିପରି ଗୋଟିଏ ପ୍ରଶ୍ନ ଉତ୍ଥାପିତ ହୋଇଥିଲା ଏବଂ ତାହା ପଣ୍ଡିତମାନଙ୍କର କେବଳ ଯୁକ୍ତିତର୍କରେ ପର୍ଯ୍ୟବସିତ ହୋଇଥିଲା । ବାଳିକା ରାଜକନ୍ୟା ଶ୍ରୀମତୀ ଚନ୍ଦ୍ରିକା ସେହି ସଭାରେ ଉପସ୍ଥିତ ଥିଲେ । ସେ ସର୍ବଶେଷରେ କହିଲେ, "ଯୁକ୍ତିତର୍କଜାଲରେ ଲକ୍ଷ୍ୟ ଗୁଡ଼େଇ ପୁଡ଼େଇ ହୋଇଗଲେ ତାର ସ୍ୱରୂପ ଲୁଚିଯାଏ । ମୋ ମତରେ, ଦେବଦେବୀମାନଙ୍କ ମଧ୍ୟରେ କେହି କାହାରିଠାରୁ ସାନ ନୁହେଁ, କି କେହି କାହାରିଠାରୁ ବଡ଼ ନୁହେଁ; ବରଂ ସେମାନେ ପୃଥକ୍ ପୃଥକ୍

ନୁହନ୍ତି । ସେ ସମସ୍ତ ନାମ ଗୋଟିଏ ଶକ୍ତିର ପୃଥକ୍ ପୃଥକ୍ କାର୍ଯ୍ୟାନୁସାରେ କଳ୍ପିତ ହୋଇଅଛି । କର୍ଯ୍ୟ ଅନୁଯାରେ ଗୋଟିଏ ମାତ୍ର କୃଷକର ଭିନ୍ନ ଭିନ୍ନ ନାମ ଥାଏ, ଯଥା—କୃଷକ ଯେଉଁ ସମୟରେ ହଳ ବୁଲାଏ, ସେତେବେଳେ ସେ ହଳିଆ, ଯେତେବେଳେ ଧାନ ବୁଣେ, ତେତେବେଳେ ସେ ବୁଣାଳୀ, ଯେତେବେଳେ କ୍ଷେତରେ ପାଣି ଦିଏ ଓ ଜଗେ, ସେତେବେଳେ ସେ ପାଳକ ଓ ରକ୍ଷକ । କାଟିଲା-ବେଳେ ସେ କଟାଳୀ ଇତ୍ୟାଦି, କାର୍ଯ୍ୟ ଅନେକ; ମାତ୍ର କୃଷକ ସେହି ଜଣେ ମାତ୍ର ।”

ଆଧୁନିକ ଯୁଗରେ ସାକାରବାଦୀମାନଙ୍କ ମଧ୍ୟରେ ଏ ପ୍ରକାର ଉଦାର ମତବାଦୀ ଅବଶ୍ୟ ଅଳ୍ପ ନାହାନ୍ତି । ସେମାନଙ୍କର ଉଦାର ମତ ଯେ, ଯେ ବ୍ରହ୍ମା, ସେ ବିଷ୍ଣୁ, ସେ ଶିବ, ସେ ଦୁର୍ଗା । ଏକମାତ୍ର ପରମେଶ୍ୱର ବିଭିନ୍ନ ଦେବତା ରୂପରେ ପ୍ରକାଶିତ ହୋଇଥାନ୍ତି । ସେମାନେ ସର୍ବ ଦେବଦେବୀଙ୍କର ଏକତ୍ୱ ପ୍ରତିପାଦନ କଲେହେଁ ପୁରାଣମାନଙ୍କରେ ତାହା ପ୍ରଦର୍ଶିତ ହୋଇନାହିଁ । ସାକାରବାଦୀ ଶୈବ ହୋଇନ୍ତୁ ବା ବୈଷ୍ଣବ ହୋଇନ୍ତୁ କିମ୍ବା ଶାକ୍ତ ହୋଇନ୍ତୁ, ଯେ ଯେଉଁ ଦେବଦେବୀଙ୍କ ପୂଜାର୍ଚ୍ଚନା କରନ୍ତୁ ପଛକେ, ଭାବଭକ୍ତି ସେମାନଙ୍କର ହୃଦୟର ଏକମାତ୍ର ଓ ପ୍ରଧାନ ସମ୍ବଳ ହେବା ଯେ ଉଚିତ, ଏହା କେହି ଅସ୍ୱୀକାର କରିପାରିବେ ନାହିଁ । ଗୀତାରେ ଭଗବଦୁକ୍ତିରୂପେ ବର୍ଣ୍ଣିତ ଅଛି ଯେ, “ଯେ ଯଥା ମାଂ ପ୍ରପଦ୍ୟନ୍ତେ ତାଂ ସ୍ତଥୈବ ଭଜାମ୍ୟହଂ ।” ଅର୍ଥାତ୍ ଯେ ଯେପରି ମୋତେ ଭଜେ, ମୁଁ ତାକୁ ସେହିପରି ଅନୁଗ୍ରହ କରେ-କିମ୍ବା ମୋତେ ଯେ ଯେଉଁ ରୂପରେ ଭଜେ, ମୁଁ ତାକୁ ସେହି ରୂପରେ ପ୍ରସନ୍ନ ହୁଏ । ଏହି ଉକ୍ତିରେ ସାକାରବାଦୀ ସକଳ ସମ୍ପ୍ରଦାୟର ବିଦ୍ୱେଷର ନିରର୍ଥକତା ପ୍ରତିପାଦିତ ହୋଇଅଛି । କାରଣ ଯେବେ ବ୍ରହ୍ମା ବୋଲି ଡାକିଲେ ସେ ଶୁଣିବେ, ବିଷ୍ଣୁ ବୋଲି ଡାକିଲେ ସେ ଶୁଣିବେ, ଶିବ ବୋଲି ଡାକିଲେ ସେ ଶୁଣିବେ, ପୁଣି ଦୁର୍ଗା, କାଳୀ, ଭଗବତୀ ପ୍ରଭୃତି ବୋଲି ଡାକିଲେ ସେ ଶୁଣିବେ, ତେବେ ବଡ଼ କେହି ନୁହନ୍ତି କି ସାନ କେହି ନୁହନ୍ତି । ସୁତରାଂ ପରସ୍ପର ପ୍ରତି ପରସ୍ପରର ବିଦ୍ୱେଷ ନିତାନ୍ତ ଅମୂଳକ ଓ ଅକାରଣ ।

ପୁଣି ଗୀତାର ସେହି ଉକ୍ତିରେ ସାକାରବାଦୀ ଓ ନିରାକାରବାଦୀ ଏହି ଉଭୟ ସମ୍ପ୍ରଦାୟର ବିବାଦ ମୀମାଂସିତ ହୋଇଅଛି । ସେହି ଉକ୍ତିରୁ ପ୍ରତିପନ୍ନ ହେବ ଯେ, ଯେ ତାଙ୍କୁ ସାକାର ଭାବରେ ଭଜେ, ସେ ତା ପ୍ରତି ପ୍ରସନ୍ନ ହୁଅନ୍ତି ଏବଂ ଯେ ନିରାକାର ଭାବରେ ଭଜେ, ତା ପ୍ରତି ମଧ୍ୟ ପ୍ରସନ୍ନ ହୁଅନ୍ତି । ସାକାରବାଦୀ ଭାବ-ଭକ୍ତି ବଳରେ ସାକାରଭାବରେ ଯାହାଙ୍କର ଦର୍ଶନଲାଭ କରନ୍ତି, ନିରାକାରବାଦୀ ତାହାର ବଳରେ ନିରାକାରଭାବରେ ଯେ ତାଙ୍କର ଦର୍ଶନଲାଭ କରିପାରନ୍ତି ନାହିଁ, ଏହା କହିବା ଧୃଷ୍ଟତା ମାତ୍ର । କାର୍ଯ୍ୟ ଦେଖିଲେ କାରଣ ସ୍ୱତଃ ସ୍ମୃତିପଥାରୂଢ଼ ହୋଇଥାଏ । କୁଲାୟ ଦେଖିଲେ ପକ୍ଷୀ ମନେପଡ଼େ । ନୈସର୍ଗିକ କାର୍ଯ୍ୟ ସନ୍ଦର୍ଶନରେ ବିମୁଗ୍ଧ

ହୋଇ, ଯେ ଜଗତର କର୍ତ୍ତାଙ୍କୁ ମନେକରେ ଏବଂ ତାଙ୍କର ସର୍ବଶକ୍ତିମତ୍ତା ଅନୁଭବ କରି ଭକ୍ତିତଦ୍‌ଗତ ଚିତ୍ତରେ ପ୍ରଣତ ହୁଏ, ସେ କେବେହେଁ ତାଙ୍କର ଦୟାରୁ ବଞ୍ଚିତ ହୁଏ ନାହିଁ; ବରଂ ତାହାହିଁ ତାଙ୍କ ଦୟାଲାଭର ସର୍ବଶ୍ରେଷ୍ଠ ଓ ଶ୍ରେଷ୍ଠ ସୋପାନ । ଯେଉଁମାନେ ସେହି ସୋପାନରେ ରହି ନିରାକାରଭାବରେ ତାଙ୍କୁ ଭଜନ୍ତି, ସେ ସେମାନଙ୍କ ହୃଦୟରେ ଚୈତନ୍ୟ ସ୍ୱରୂପ ପ୍ରକଟିତ ହୋଇ ସେମାନଙ୍କୁ କୃତାର୍ଥ କରନ୍ତି । ସୁତରାଂ ଉଭୟ ଦଳର ବିବାଦଭଞ୍ଜନ ନିମିତ୍ତ ସେ ଶ୍ଳୋକର ଏକ ପ୍ରକାର ଅର୍ଥ ଅକାଟ୍ୟ ଯୁକ୍ତି; କିନ୍ତୁ ଶ୍ଳୋକଟିର ଅର୍ଥ ଯଦି ଏପରି କରିବାକୁ ହୁଏ ଯେ, ଯେ ମୋତେ ସକାମଭାବରେ ଭଜେ, ମୁଁ ତାକୁ ଦୟା କରେ ଏବଂ ଯେ ନିଷ୍କାମ ଭାବରେ ଭଜେ, ମୁଁ ତାକୁ ଦୟା କରେ, ତେବେ ତାହା ଆଉ ଏକ ପ୍ରକାର ସ୍ୱତନ୍ତ୍ର କଥା । ତାହା ଏଥିର ଆଲୋଚ୍ୟ ନୁହେଁ ।

ଆମ୍ଭମାନଙ୍କ ମଧ୍ୟରେ ସାକାରବାଦ ଓ ନିରାକାରବାଦ ଏହି ଉଭୟବାଦ ରହିଅଛି । ପ୍ରତିମାରେ ଦେବତାଙ୍କର ଆବିର୍ଭାବ ଓ ଅଧିଷ୍ଠାନ କେହି ପ୍ରତ୍ୟକ୍ଷ କରି-ପାରନ୍ତି ନାହିଁ, କିନ୍ତୁ ବିଶ୍ୱାସ କରନ୍ତି । ସୁତରାଂ ଦେବଦେବୀଙ୍କ ପୂଜାର୍ଚ୍ଚନା ବିଶ୍ୱାସର ଭିତ୍ତି ଉପରେ ପ୍ରତିଷ୍ଠିତ । ସେହି ବିଶ୍ୱାସର ସଂପ୍ରସାରଣ ଫଳରେ ବିଶ୍ୱାସୀ ଭକ୍ତ ସର୍ବଜୀବନରେ ଜଳେ, ସ୍ଥଳେ ଓ ଶୂନ୍ୟ ଗଗନରେ ସେହି ସତ୍ୟ ସ୍ୱରୂପ, ପ୍ରାଣ ସ୍ୱରୂପ ପରମ ଦେବତାଙ୍କର ସତ୍ତା ଜ୍ଞାନଚକ୍ଷୁରେ ସନ୍ଦର୍ଶନ କରି କୃତାର୍ଥ ହୋଇଥାନ୍ତି । ସର୍ବତ୍ର ସେହି ସତ୍ତାରେ ବିଶ୍ୱାସ କରି ଏବଂ ଜ୍ଞାନଚକ୍ଷୁରେ ସେହି ସତ୍ୟ ସ୍ୱରୂପ ଉପଲବ୍‌ଧି କରି ନିରାକାରବାଦୀ ବା କୃତାର୍ଥ ନ ହେବ କାହିଁକି ? ସୁତରାଂ ଉଭୟତଃ ବିଶ୍ୱାସ ହିଁ ମୂଳ ଉପାଦାନ । ମନୁଷ୍ୟ ଅଭ୍ୟାସର ବଶବର୍ତ୍ତୀ । ସାନ୍ତରୁ ଅନନ୍ତ ଆଡ଼କୁ ଯିବାପାଇଁ ସାକାରବାଦୀ ଅଭ୍ୟାସ ଯୋଗ ନ କଲେ ତାର ଶକ୍ତି ହ୍ରାସ ହୁଏ; ସୁତରାଂ ପ୍ରବଳ ବସ୍ତୁଧାରଣାର କ୍ଷମତା ତାର ରହେ ନାହିଁ । ନିରାକାରବାଦୀ ସମ୍ପ୍ରଦାୟ ମଧ୍ୟରୁ ଯେଉଁମାନେ ଆଭ୍ୟାସିକ ଦୋଷରୁ କିମ୍ବା ଅଭ୍ୟାସହୀନତାରୁ ପରମାତ୍ମାଙ୍କ ସତ୍ତା ସର୍ବତ୍ର ଅନୁଭବ କରିପାରିବାର କ୍ଷମତା ପ୍ରାପ୍ତ ହୋଇପାରନ୍ତି ନାହିଁ, ଆମ୍ବ କି ପ୍ରକାର ପଦାର୍ଥ ଏବଂ ତାର ରୂପ ରସ ଗନ୍ଧ ଓ ସ୍ୱାଦ କିପରି, କିଛି ନ ଦେଖି ଓ କିଛି ନ ଜାଣି କେବଳ ଆମ୍ବ ଆମ୍ବ ହୋଇପାରନ୍ତି କିମ୍ବା ଆମ୍ବର ବର୍ଣ୍ଣନା ପାଠ କରି ଆମ୍ବ ସମ୍ବନ୍ଧରେ କଳ୍ପନା କରିପାରନ୍ତି, ସେମାନେ "ଇତୋଭ୍ରଷ୍ଟସ୍ତତୋଭ୍ରଷ୍ଟଃ" କାରଣ ଯେଉଁ ଅନନ୍ତ ଜ୍ଞାନାତୀତ, ବିନା ପ୍ରୟାସରେ ତାଙ୍କର ସତ୍ତା କେହି କୌଣସିମତେ ଉପଲବ୍‌ଧି କରି ନ ପାରେ । ପୁଣି ଯେଉଁମାନେ ମୂର୍ତ୍ତିପୂଜକ, ସେମାନଙ୍କର ମନରୁ ଝଙ୍କୃତ ନ ହୋଇ କେବଳ ମୁଖରୁ ଉଚ୍ଚାରିତ ହେଲେ ଓ ସେମାନଙ୍କର ମନ ଯତ୍ରତତ୍ର ରହିଲେ ସେମାନେ ମଧ୍ୟ "ଇତୋଭ୍ରଷ୍ଟସ୍ତତୋଭ୍ରଷ୍ଟଃ" । ସୁତରାଂ ଉଭୟ ପ୍ରକାରର ଉପାସନାରେ ବିଶ୍ୱାସମୂଳକ ନିଷ୍ଠା, ଅଭ୍ୟାସ ଓ ଅନୁରାଗ ନ ରହିଲେ ଉପାସନା ଅକାରଣ ।

ସ୍ଥୂଳ ମଧ୍ୟରେ ସୂକ୍ଷ୍ମର ଅନୁସନ୍ଧାନ ହିଁ ମୂର୍ତ୍ତିପୂଜକର ଲକ୍ଷ୍ୟ ହେବା ଆବଶ୍ୟକ । ସ୍ଥୂଳ ଚକ୍ଷୁରେ ଗୋଚରୀଭୂତ ଏବଂ ସୂକ୍ଷ୍ମ ଜ୍ଞାନର ଗୋଚରୀଭୂତ । ଅନନ୍ତ ଗଗନରେ ଧ୍ରୁବ ନକ୍ଷତ୍ରର ଅନୁସନ୍ଧାନ ସମୟରେ ମାନବ ପ୍ରଥମେ ଗଗନକୁ ଚାହେଁ । ଗଗନର ଯେତିକ ଅଂଶ ତାର ଗୋଚରୀଭୂତ ହୁଏ, ତାହାର ମଧ୍ୟରେ ସେ ଧ୍ରୁବ ନକ୍ଷତ୍ର ଖୋଜେ ଏବଂ ଖୋଜିଲେ ପାଏ । ତାହା ଚକ୍ଷୁର ଗୋଚରୀଭୂତ ହେଲେ ହେଁ, ସାକାରରେ ନିରାକାର ଅନ୍ୱେଷଣର ଶିକ୍ଷା ବା ଅଭ୍ୟାସ ହିଁ ଯେ ସେଥିରେ ମୂଳ ଉଦ୍ଦେଶ୍ୟ, ତାହା ପ୍ରତିପାଦନ କରେ । ସେହି କାରଣରୁ ହିନ୍ଦୁମାନଙ୍କର ବିବାହ ବେଦିରେ ଧ୍ରୁବ ନକ୍ଷତ୍ର ପ୍ରଦର୍ଶନ ଛଳରେ ସ୍ଥୂଳରୁ ସୂକ୍ଷ୍ମ ଅନୁସନ୍ଧାନର ଶିକ୍ଷା ପ୍ରଦତ୍ତ ହୋଇଥାଏ ।

ମୋର ଚକ୍ଷୁ, କର୍ଣ୍ଣ, ନାସା, ହସ୍ତ, ପଦ ପ୍ରଭୃତି ଅବୟବମାନ ପୃଥକ୍ ଆକୃତିବିଶିଷ୍ଟ ଓ ପୃଥକ୍ ପୃଥକ୍ ଭାବରେ ବିନ୍ୟସ୍ତ; କିନ୍ତୁ ମୁଁ ମୋର ସେ ସମସ୍ତ ଅଙ୍ଗପ୍ରତ୍ୟଙ୍ଗର ସମଷ୍ଟି ଭିତରେ ଏବଂ ବାହାରେ ଜଣେ ପୁରୁଷ ରୂପରେ ବିଦ୍ୟମାନ ରହିଅଛି । ସେହିପରି ସମସ୍ତ ଜଗଦାଧାର ମୂର୍ତ୍ତିଙ୍କର ଜଗତ୍ ସକଳ ପୃଥକ୍ ପୃଥକ୍ ହେଲେ ହେଁ ସେ ସମସ୍ତଙ୍କର ଭିତରେ ଏବଂ ବାହାରେ ପରମାତ୍ମା ବ୍ରହ୍ମରୂପରେ ବିଦ୍ୟମାନ ରହିଅଛନ୍ତି । ମୁଁ ଯେପରି ମୋର ଗୋଟିଏ ଗୋଟିଏ ଅଙ୍ଗରେ ଗୋଟିଏ ଗୋଟିଏ ପ୍ରକାରର କାର୍ଯ୍ୟ କରେ, ପରମାତ୍ମା ସେହିପରି ତାଙ୍କର ଗୋଟିଏ ଗୋଟିଏ ଅଂଶରେ ଗୋଟିଏ ଗୋଟିଏ ପ୍ରକାର କାର୍ଯ୍ୟ କରନ୍ତି । ସୂର୍ଯ୍ୟ ଆଲୋକ ଦିଏ, ପୃଥିବୀ ଆବାସୋପଯୋଗିନୀ ହୁଏ, ଜଳ ପ୍ରବାହିତ ହୁଏ ଇତ୍ୟାଦି । ମୋର କୌଣସି ଅଙ୍ଗରେ କେହି ଆଘାତ କଲେ ସେ ଆଘାତରେ ମୋର ସେହି ଅଙ୍ଗଟି କେବଳ ଆହତ ବା ଅବଜ୍ଞାତ ହୁଏ ନାହିଁ, ମୁଁ ଆହତ ବା ଅବଜ୍ଞାତ ହୁଏ । ସେହିପରି ପରଂବ୍ରହ୍ମଙ୍କର କୌଣସି ଅଂଶକୁ ଅବଜ୍ଞାତ କଲେ, ସେଥିରେ ତାଙ୍କର ଅବଜ୍ଞା ହୁଏ । ମୁଁ ଯେପରି ମୋର ଶରୀରରେ ଶ୍ରେଷ୍ଠ, ସେ ସେହିପରି ତାଙ୍କର ବିରାଟ ରୂପ ମଧ୍ୟରେ ଶ୍ରେଷ୍ଠ । ମୁଁ ପ୍ରସନ୍ନ ହେଲେ ମୋର ଅଙ୍ଗପ୍ରତ୍ୟଙ୍ଗ ପ୍ରସନ୍ନ ହୋଇରହେ । ସେହିପରି ସେ ପ୍ରସନ୍ନ ଥିଲେ ସମସ୍ତ ଜଗତ ପ୍ରସନ୍ନ ହୋଇ ରହେ ।

ସୁପୁତ୍ର ଓ ସୁମତି କନ୍ୟା ପିତାମାତାଙ୍କର ସମକ୍ଷରେ ନମସ୍କାର କଲେ, ତାହା ପିତାମାତା ଜାଣନ୍ତି; ପୁଣି କେହି ତାଙ୍କର ପ୍ରତ୍ୟେକ ଅଙ୍ଗକୁ ନମସ୍କାର କଲେ ତାହା ମଧ୍ୟ ସେ ଜାଣନ୍ତି । ମାତ୍ର ହେ ଚକ୍ଷୁପିତା, ନମସ୍କାର; ହେ କର୍ଣ୍ଣପିତା, ନମସ୍କାର; ହେ ପାଦପିତା ନମସ୍କାର—ଏହିପରି ଅଙ୍ଗପ୍ରତ୍ୟଙ୍ଗ, ଶିରାପ୍ରଶିରା, ଅସ୍ଥିମଜ୍ଜା ଓ ମେଦରକ୍ତ ପ୍ରଭୃତି ମାତା ପିତାଙ୍କଠାରେ ଯାହା ଯାହା ଅଛି, ସେ ସମସ୍ତ ଗୋଟି ଗୋଟିକରି ଡାକି ନମସ୍କାର କରୁଁ କରୁଁ ସମୟ ସରିଯାଏ; ସୁତରାଂ ପିତାମାତାଙ୍କର କୋମଳ ମଧୁର ବଚନ ଶୁଣିବାକୁ ସୁଯୋଗ ମିଳେ ନାହିଁ । ପିତାମାତାଙ୍କ ସମ୍ମୁଖରେ ନମସ୍କାର କଲେ, ଅଙ୍ଗପ୍ରତ୍ୟଙ୍ଗର ସମଷ୍ଟି ସହିତ ସେ ନମସ୍କାର ପ୍ରାପ୍ତ ହୁଅନ୍ତି ।

ଅସଂଖ୍ୟ ଲୋମକୂପପୂର୍ଣ୍ଣ ମାନବଦେହ ଅସଂଖ୍ୟ ଶିରାପ୍ରଶିରାରେ ଗଠିତ । ତାହା ସବୁ ଶରୀର ରକ୍ଷାର ଗୋଟିଏ ଗୋଟିଏ ପଥ । ସେହି ପଥଗୁଡ଼ିକ ନିର୍ମଳ ଓ ସତେଜ ରହିଲେ ଆମ୍ଭମାନଙ୍କର ଶରୀର ସୁସ୍ଥ ହୋଇ ରହେ । ସେହିପରି ମନର ପଥଗୁଡ଼ିକ ନିର୍ମଳ ଓ ନିଷ୍ପାପ ହେଲେ ଆମ୍ଭେମାନେ ମାନସିକ ସୁସ୍ଥ ହେଉ । ଏହି ଉଭୟବିଧ ସୁସ୍ଥତାରେ ହିଁ ଆମ୍ଭେମାନେ ସୁଖୀ ହୋଇଥାଉଁ । ସୁତରାଂ ଆମ୍ଭେମାନେ ଯେଉଁ ବିରାଟ ପୁରୁଷଙ୍କର ଅଂଶବିଶେଷ, ଆମ୍ଭମାନଙ୍କର ଶାରୀରିକ ଓ ମାନସିକ ନିର୍ମଳ, ବିଶୁଦ୍ଧ ଓ ନିଷ୍ପାପ ସୁଖ ହିଁ ତାଙ୍କର ସୁଖ ।

ଉପସଂହାରରେ ବକ୍ତବ୍ୟ ଏହି ଯେ, ଆସ୍ତିକତାରେ ସାକାରବାଦୀ ଓ ନିରାକାରବାଦୀ ଏହି ଉଭୟ ସମ୍ପ୍ରଦାୟ କେହି କାହାର ଠାରୁ ନ୍ୟୂନ ନୁହନ୍ତି । ସାକାରବାଦୀ ଯେଉଁ ମୂର୍ତ୍ତିର ସମ୍ମୁଖୀନ ହୋଇ ଆରାଧନା କରନ୍ତି ସେହି କ୍ଷୁଦ୍ର ମୂର୍ତ୍ତି ଯେ ଜଗଦାଧାର, ଏହା କଦାପି ମନେ କରନ୍ତି ନାହିଁ । ସେହି ମୂର୍ତ୍ତିରେ ସେମାନେ ଯାହାଙ୍କୁ ଆବାହନ କରିଥାନ୍ତି ତାଙ୍କୁ ହିଁ ଜଗନ୍ମାତା ବା ଜଗନ୍ନାଥ ନାମରେ ସମ୍ବୋଧନ କରିଥାନ୍ତି । ସୁତରାଂ ସାମ୍ପ୍ରଦାୟିକ ବିଦ୍ୱେଷ ଯେ ଅହେତୁକ, ଏହା ନିଃସନ୍ଦେହରେ ବୋଲାଯାଇପାରେ । ଜଳକୁ ପାନ କଲେ ତୃଷ୍ଣା ନିବାରଣ ହୁଏ; ମାତ୍ର ଜଳଶବ୍ଦର ବ୍ୟୁତ୍ପତ୍ତିର ତର୍କବିତର୍କ ଦ୍ୱାରା ତାହା କଦାପି ସମ୍ଭବପର ନୁହେଁ ।

---

# ଜନ-ଜୀବନ ଓ ଜନ-ସାହିତ୍ୟ

● ଚିତ୍ତରଞ୍ଜନ ଦାସ

ଜନ-ସାହିତ୍ୟ, ଅର୍ଥାତ୍ ଜନଗଣର ସାହିତ୍ୟ । ଆଗେ ସାହିତ୍ୟ ଭିତରେ ଜନଗଣର ସ୍ଥାନ ନ ଥିଲା । ରାଜପ୍ରାସାଦର ପରିଚର୍ଯ୍ୟା ପାଇଁ କେତେକ ଇତର ଲୋକଙ୍କୁ ବାଧ୍ୟ ହୋଇ ଭୃତ୍ୟ ରୂପେ ନିଯୁକ୍ତ କରି ରଖାଯାଏ । ସେହିପରି ଆମ ପ୍ରାଚୀନ କବି ଓ ମହାକବିମାନେ ହୁଏତ ବାଧ୍ୟ ହୋଇ ସାଧାରଣ ଇତର ଲୋକମାନଙ୍କୁ ସେମାନଙ୍କ କାବ୍ୟ ଓ ନାଟକମାନଙ୍କରେ କିଞ୍ଚିତ୍ ସ୍ଥାନ ଦେଉଥିଲେ । ସାହିତ୍ୟର ମର୍ଯ୍ୟାଦା ହାନି ହେବାର ଭୟରେ ସେମାନେ ଏହି ସାଧାରଣ ପାତ୍ରପାତ୍ରୀଙ୍କୁ ରାଜା ଓ ରାଜଗଣଙ୍କଠାରୁ ପୃଥକ୍ କରି ଦେଖାଇବା ଲାଗି ସବୁମତେ ଚେଷ୍ଟା କରିଥିଲେ । ନାଟକର ନାୟକ-ନାୟିକା ସେତେବେଳେ ରାଜାରାଣୀ, ରାଜକୁମାର ଓ ରାଜକନ୍ୟାଙ୍କ ବ୍ୟତୀତ ଆଉ କେହି କବି କଳ୍ପନାର ନାୟକ ଓ ନାୟିକା ହୋଇପାରି ନ ଥିଲେ—ଶୁଦ୍ଧ କାବ୍ୟାଲଙ୍କାରମଣ୍ଡିତ ସଂସ୍କୃତ ଭାଷାରେ କଥାବାର୍ତ୍ତା କରୁଥିଲେ । ଦାସଦାସୀମାନେ ଅଣସଂସ୍କୃତ ଏକ କଥିତ ଭାଷାରେ କଥାବାର୍ତ୍ତା କରୁଥିଲେ । କଥିତ ଭାଷାରେ ଅଲଙ୍କାର ଓ ରସ ଖଞ୍ଜିବା ସମ୍ଭବ ବୋଲି ସେ କାଳର କବିମାନେ ହୁଏତ କଳ୍ପନା ହିଁ କରି ପାରୁ ନ ଥିଲେ । ଇଉରୋପର ମଧ୍ୟଯୁଗରେ ବି ସାହିତ୍ୟ ସୃଜନର ସ୍ୱୀକୃତ ସଭାରେ ପ୍ରଧାନତଃ ଏହି ନୀତି ଚାଲିଥିଲା । ସେତେବେଳେ କାବ୍ୟ, ସାହିତ୍ୟ, ଗଣିତ ଓ ଦର୍ଶନ ସବୁ ଲାଟିନ୍ ଭାଷାରେ ଲେଖା ହେଉଥିଲା । ଲାଟିନ୍ ଭାଷାରେ ନ ଡାକିଲେ ଗୀର୍ଜା ଭିତରେ ଭଗବାନ ଅବତୀର୍ଣ୍ଣ ହେଉ ନ ଥିଲେ । ଲାଟିନ୍ ନ ଜାଣିଥିବା ଜନଗଣ କେବଳ ଲାଟିନ୍ ବୁଝୁଥିବା ଭଗବାନଙ୍କ ସହିତ ଆପଣାର ଆଧ୍ୟାତ୍ମିକ ଦୁଃଖ ସୁଖ ହେବାକୁ ବାଧ୍ୟ ହେଉଥିଲେ । ଅର୍ଥାତ୍ ସାହିତ୍ୟ କହିଲେ, ସେତେବେଳେ କେବଳ କେତେଜଣ ଉଚ୍ଚବଂଶୀୟ ଓ ଉଚ୍ଚପଦସ୍ଥ ଭାଗ୍ୟବାନଙ୍କର ଅବସର ବିନୋଦନ ଲାଗି ଏକ ସାଧନାକୁ ହିଁ ବୁଝାଉଥିଲା ଏବଂ ସାହିତ୍ୟ ସଭାର ବାହାରେ ଅବର୍ଗୀୟ ଓ ଅଜାଡିଆ ହୋଇ ରହିଯାଉଥିବା ଜନସମୁଦ୍ର ସେହି ବିନୋଦନକୁ ହିଁ ସାହିତ୍ୟ ବୋଲି ମାନି ନେଉଥିଲେ । କହିବା ବାହୁଲ୍ୟ, ଏହି କାରଣରୁ ସେତେବେଳେ ଭାଗ୍ୟ ହିଁ ସାହିତ୍ୟର ସର୍ବପରମ ନାୟକ ହୋଇ ରହିଥିଲା ।

ଜନ-ସାହିତ୍ୟ ଏବର କଥା । ନାଟକ ଓ ଉପନ୍ୟାସରେ ଜନଗଣ ଲାଗି ଜାଗା ଛାଡ଼ିଦେବାର ପ୍ରବୃତ୍ତି ସାହିତ୍ୟ ଜଗତରେ ଅତି ଏବର ପ୍ରବୃତ୍ତି । ସାହିତ୍ୟରେ ଜନଗଣର ଭାଷାକୁ ଯଥାସମ୍ଭବ ସ୍ୱୀକୃତି ଦେବା ମଧ୍ୟ ଅତି ଏବର କଥା । ତଥାପି ଅନ୍ତତଃ ଆମ ଦେଶରେ ସ୍ୱୀକାର କରିବାକୁ ହେବ ଯେ ଜନ-ସାହିତ୍ୟ କହିଲେ ଜନଗଣର ସାହିତ୍ୟ ଆଜି ମଧ୍ୟ ବୁଝାଇବ ନାହିଁ । କାରଣ ଆମ ଦେଶର ଅଧିକ ସଂଖ୍ୟକ ଜନତା (ଓଡ଼ିଶାରେ ଶହେରେ ପ୍ରାୟ ଅଶୀଜଣ) ପକ୍ଷରେ ସାହିତ୍ୟ କ'ଣ ଯେ କୌଣସି ଛପା ଅକ୍ଷର ପଢ଼ିବା ଏ ପର୍ଯ୍ୟନ୍ତ ସମ୍ଭବ ହୋଇନାହିଁ । କାରଣ ସେମାନେ ପଢ଼ି ଜାଣି ନାହାନ୍ତି । ଚଶମାକୁ ଆମେ ଯେତେ ଶସ୍ତା, ସୁଲଭ ବା ସୁଦୃଶ୍ୟ ଢଙ୍ଗ ଢଙ୍ଗ କରି ଗଢ଼ି ଥୋଇଦେଲେ ମଧ୍ୟ ଅନ୍ଧ ମଣିଷ ତାହା ଦ୍ୱାରା କିପରି ଉପକୃତ ହୋଇପାରିବ ? ଅଧିକାଂଶ ମଣିଷ ଅନ୍ଧ ହୋଇ ରହିଥିବା ଏକ ଦେଶରେ ଆମେ ଗୋଟାଏ ଜନତା ଚଶମା ଷ୍ଟୋର ଖୋଲିଦେଲେ ତଦ୍ଦ୍ୱାରା ଆଉ ଯିଏ ଉପକୃତ ହେଉ ପଛକେ ଜନତା ବା ଜନଗଣ କଦାପି ଉପକୃତ ହେବ ନାହିଁ । ଆଗେ ଆମ ଦେଶର ଲୋକମାନେ କୁଆଡ଼େ ଶୁଣି ଶୁଣି ବେଦ, ପୁରାଣ ମନେରଖି ପାରୁଥିଲେ । ସେଇଥିଲାଗି ପଣ୍ଡିତମାନେ ବେଦକୁ ଶ୍ରୁତି ବୋଲି କହିଛନ୍ତି । ଆଜି ମଧ୍ୟ ଆମ ଦେଶରେ ଏପରି ଅନେକ ଗୁଣୀ ମଣିଷ ଅଛନ୍ତି, ଯେଉଁମାନେ କେବଳ ଶୁଣି ଶୁଣି ଚମ୍ପୂ ଓ ଛାନ୍ଦମାନ ମନେ ରଖିପାରନ୍ତି, ତୁଳସୀଦାସଙ୍କ ରାମାୟଣ ପଢ଼ାଇ ଦେଇପାରନ୍ତି, ଜ୍ଞାନଦେବଙ୍କର ଜ୍ଞାନେଶ୍ୱରୀକୁ ମଧ୍ୟ ଆବୃତ୍ତି କରି ଥୋଇଦେଇ ପାରନ୍ତି । ଆମ ସଂସ୍କୃତି ପରମ୍ପରାର ନାନା ଶ୍ରେୟ ଭିତରୁ ଏଇଟି ହେଉଛି ଗୋଟିଏ । ଏହି ଦୃଷ୍ଟିରୁ ଆମେ ଏହି ଦେଶରେ ସାହିତ୍ୟକୁ ମଧ୍ୟ ଶ୍ରୁତି ବୋଲି କହିପାରିବା । ଅନ୍ତତଃ ଏ ଦେଶର ବହୁସଂଖ୍ୟକ ଲୋକଙ୍କ ପାଇଁ ସାହିତ୍ୟ ଆଜି ବି ମୁଖ୍ୟତଃ ଶ୍ରୁତି ହୋଇ ରହିଛି ।

ତେଣୁ ଏପରି ପରିସ୍ଥିତିରେ ଜନସାହିତ୍ୟ କହିଲେ ଆମେ ଆପାତତଃ ଜନଗଣର ସାହିତ୍ୟ ବୋଲି ବୁଝିବା ନାହିଁ । ଜନଗଣ ଲାଗି ସାହିତ୍ୟ ବୋଲି ବୁଝିବା । ଆମ ସାହିତ୍ୟ ଜରିଆରେ ଆମେ ଜନଗଣ ଲାଗି କଣ ସବୁ ଆଣିଦେବାର ବା ବାଢ଼ିଦେବାର ବାସନା ରଖିବା ? ଜନଗଣଙ୍କୁ ହିଁ ଆପଣାର ଯଜମାନ ବୋଲି ଗ୍ରହଣ କରିଥିବା ସାହିତ୍ୟିକ ଆପଣା ସାହିତ୍ୟରେ କାହାକୁ ଧ୍ୟେୟ ବୋଲି ମାନିବ ? ସେ ଜନଗଣଙ୍କୁ ପ୍ରଧାନତଃ କେଉଁ ଦୃଷ୍ଟିରେ ଦେଖିବ, ତାହାରି ଉପରେ ହିଁ ଏହି ଧ୍ୟେୟର ନିର୍ଣ୍ଣୟ କରିବା ଅନେକ ପରିମାଣରେ ନିର୍ଭର କରୁଛି ' ସବୁ ଦେଶର ବା ସବୁ ଯୁଗର ସାହିତ୍ୟ ମଣିଷକୁ ବା ଜନଗଣକୁ ସମାନ ଦୃଷ୍ଟିରେ ଦେଖନ୍ତି ନାହିଁ । ସବୁ ସାହିତ୍ୟିକ ବି ମଣିଷକୁ ସମାନ ଦୃଷ୍ଟିରେ ଦେଖନ୍ତି ନାହିଁ । ଆମ ସ୍କୁଲରେ ପଢ଼ୁଥିବା ପିଲାଙ୍କ ଲାଗି ହିଁ ଭୂଗୋଲ ଓ ଭୂଗୋଲ ସହଚର ଉଭୟ ବହି ଲେଖା-ଯାଏ । ଭୂଗୋଲ ପ୍ରତି ପିଲାର ଆଗ୍ରହ ଓ ଉତ୍ସୁକତା ବଢ଼ାଇବା ଲାଗି ଜଣେ

ଭୂଗୋଳ ବହି ଲେଖିପାରେ । ଗଧ ବା ସହଜରେ ପରୀକ୍ଷାର ନଦୀ ସନ୍ତରଣ କରିବାକୁ ଚାହୁଁଥିବା ପିଲାମାନଙ୍କ ଲାଗି ଭୂଗୋଳ ସହଚର ବି ଲେଖାଯାଇ ପାରେ । ଏହି ଦୁଇ ସ୍ତରର ଲେଖକ ପିଲାମାନଙ୍କୁ ସମାନ ଦୃଷ୍ଟିରେ ଦେଖନ୍ତି ନାହିଁ । ଜ୍ଞାନର ଆଗ୍ରହ ବଢ଼ାଇବା ଉଦ୍ଦେଶ୍ୟରେ ପ୍ରଥମ ଗୋଷ୍ଠୀର ଲେଖକ ବହି ଲେଖନ୍ତି । ଦ୍ୱିତୀୟ ଗୋଷ୍ଠୀ ଜ୍ଞାନର ବୋଝକୁ ଯେନତେନ ପ୍ରକାରେଣ ଛାତ୍ରର ମୁଣ୍ଡ ଉପରୁ ଉତାରି ଦେବାକୁ ହିଁ ବହି ଲେଖନ୍ତି । ଛାତ୍ର ଭିତରେ ଜଣେ ଜ୍ଞାନାର୍ଜନର ଶ୍ରଦ୍ଧା ବଢ଼ାଏ, ବେଗ ବଢ଼ାଏ, ତାକୁ ଅଧିକ ଅନ୍ୱେଷଣ ଲାଗି ପ୍ରବୃତ୍ତ କରାଏ । ଆଉଜଣେ ଛାତ୍ର ଭିତରେ ରହି ଛାତ୍ରକୁ କୁମନ୍ତ୍ରଣା ଦେଉଥିବା ଆଳସ୍ୟ ଓ ଆହୁରି ନାନାବିଧ ଦୁର୍ବଳତା ଓ ଅସହାୟତାର ବେଶ୍ ଫାଇଦା ଉଠାଏ । ଜଣେ ଅଧିକ ଜାଣିବାର ଅସନ୍ତୋଷ ଆଣିଦିଏ । ଆଉଜଣେ ଅଳପକରେ କାମ ସାରିଦେବାର ଫିକର ବତାଇ ଦିଏ, ଶୀତଳ କରିଦିଏ । ଆମ ସାହିତ୍ୟକ ମଧ୍ୟ ମନକଲେ ଏଇଟା କରିପାରେ ବା ସେଇଟା ବି କରିପାରେ । ନିଆଁ ଲଗାଇ ଦେଇପାରେ, ଶୀତଳ ବି କରିପାରେ ।

ସ୍ୱାଧୀନତାର ପରବର୍ତ୍ତୀକାଳରେ ଆମ ଦେଶରେ ମଣିଷ ହେବାର ସାଧନା ଯେତିକି, ମଜା କରିବାର ସାଧନା ବି ତେତିକି ବଢ଼ିଚି । ଦୁଇଟି ମଧ୍ୟରୁ ଆମେ ମଜା କରିବାର ସାଧନାକୁ ହିଁ ଆମ ବ୍ୟବହାରରେ ଯେ ଅଧିକ ପରିମାଣରେ ଲଗାଇଚି, ଅନେକ ଦୃଷ୍ଟିରୁ ବିଚାର କଲେ ଆମ ମନରେ ହୁଏତ ଏପରି ଏକ ସଂଶୟ ଉପସ୍ଥିତ ହୋଇଥାଏ । ଗତ ସେହିକାଳର ପଇସା, ନେତୃତ୍ୱ ଓ ରାଜନୀତି ପରି ସେହି କାଳର ସାହିତ୍ୟ ମଧ୍ୟ ଆମ ଦେଶରେ ମଣିଷ ଗଢ଼ିବାର ସାଧନ ଅପେକ୍ଷା ମଜା ବତାଇବାର ସାଧନ ହିସାବରେ ହିଁ ଅଧିକ ବ୍ୟବହୃତ ହୋଇଚି । ଆପଣାର ଏକ ନାଟକରେ ସେକ୍ସପିଅର ସର୍କସ ଶବ୍ଦର ପ୍ରୟୋଗ କରି ଆମକୁ ଯାହା ବୁଝାଇବାର ଚେଷ୍ଟା କରିଚନ୍ତି, ଏଠାରେ ମଜା କହିଲେ ମୁଁ ସାଧାରଣତଃ ତାହା ହିଁ ବୁଝୁଚି ଭୋଜନ ଓ ସର୍କସକୁ ସେ ମଣିଷ ମନର ନାନା ଅସନ୍ତୋଷକୁ ଶାନ୍ତ କରିଦେବାର ସାଧନ ବୋଲି କହିଛନ୍ତି । ପେଟକ ଜାଗାରେ ମଣିଷକୁ ଦୁଇପେଟ ଭୋଜନ ଦିଅ, ମୁଣାଏ ଜାଗାରେ ଦୁଇମୁଣା ସର୍କସ ଅର୍ଥାତ୍ ମଉଜ କରିବାର ସାଧନ ଯୋଗାଇଦିଅ । ତେବେ ସିଏ ତୁମ ଆସନରେ ବଶ ହୋଇ ରହିବ । ଆପଣା ଭିତରର ମଣିଷଟା ଉପବାସୀ ପଡ଼ିଥିଲେ ମଧ୍ୟ ସେ କୌଣସି ପ୍ରକାର ଅନ୍ତର୍ଗତ ଅସନ୍ତୋଷ ଅନୁଭବ କରିପାରିବ ନାହିଁ । ସେ ଅଧିକ କିଛି ଚାହିଁବ ନାହିଁ । କୌଣସି ବିଦ୍ରୋହ ବା ଅଶାନ୍ତିକୁ ମନ କରିବ ନାହିଁ । ଅଫିମ ଖାଇଥିବା ନେଉଳ ପରି ସିଏ ତୁମର ପିଣ୍ଡା ଓ ତୁମର ଗୋହିରୀର ସୀମା ଭିତରେ ହିଁ ରହିଥିବ । ଜନଗଣ କହିଲେ ଆମ ଦେଶରେ ଯେଉଁ ମଣିଷମାନଙ୍କୁ ବୁଝାଇବା ଉଚିତ, ଆଜି ସେମାନଙ୍କ ଭିତରୁ ଅଧିକାଂଶଙ୍କର ପେଟ ବି ପୂରୁନାହିଁ । ତେଣୁ କେବଳ ମଣିଷ ହେବାର ଭୋକକୁ ନୁହେଁ, ପେଟର ଭୋକ ଭୁଲାଇବାକୁ ମଧ୍ୟ ଆଜି ଆମ ଦେଶରେ ଆହୁରି ଅଧିକ ମଜାର

ଆବଶ୍ୟକତା ରହିଚ ବୋଲି ହୁଏତ ଅନେକେ ସ୍ୱୀକାର କରୁଛନ୍ତି । ସମାଜର ଯେଉଁ ବର୍ଗ ବା ଯେଉଁ ବ୍ୟକ୍ତିମାନେ ସମାଜକୁ ସବୁଦିନ ସକାଶେ ଠିକ୍ ଏହିପରି ଭାବରେ ରଖିବାକୁ ହିଁ ଆପଣାର ସ୍ୱାର୍ଥ ଦୃଷ୍ଟିରୁ ଉଚିତ ବୋଲି ଭାବୁଛନ୍ତି, ସେମାନେ ମଉଜ ବଢାଇବାର ଏହି ଅଭିଯାନରେ ଅଗ୍ରଣୀ ହୋଇ ବାହାରିବା କଥା । ଆମେ ସାହିତ୍ୟିକମାନେ ଏବେ ଅଳ୍ପବହୁତେ ସେହିମାନଙ୍କର ପେଷଣିଆ ହୋଇ ବାହାରି ନାହୁଁ ତ ?

ସ୍ୱାଧୀନତା ପରବର୍ତ୍ତୀ କାଳରେ ଆମର ସଙ୍ଗୀତ, ଆମର ସିନେମା ଓ ଆମର ତଥାକଥିତ ଲୋକପ୍ରିୟ ସାହିତ୍ୟର ବେପାର ପ୍ରଧାନତଃ ଯେଉଁ ମାର୍ଗରେ ଗତିକରି ଆସିଚ, ସେଥିରୁ ଆମେ ଏହିପରି ଏକ ମନ୍ତବ୍ୟ କରିବସିଲେ କାହାର ମନରେ ବେଶୀ ଆଘାତ ଲାଗିବ ନାହିଁ ତ ?

ମୁଁ ଭାବେ, ସାହିତ୍ୟ ହେଉଛି ପ୍ରଧାନତଃ ଭୋକ ସୃଷ୍ଟି କରିବାପାଇଁ, ଭୋକ ମାରିଦେବାପାଇଁ ନୁହେଁ । ନିଆଁ ଲଗାଇ ଦେବାପାଇଁ, ଶୀତଳ କରିଦେବାପାଇଁ ନୁହେଁ । ତା'ନ ହେଲେ ନାନା ନୂତନ ଭୋକର ସନ୍ଦେଶ ବହନ କରି ଆସିଥିବା ଆମର ଜାତୀୟତା, ଆମର ସାମୂହିକ ଜୀବନର ଏକାଧିକ କ୍ଷେତ୍ରରେ ପ୍ରଧାନତଃ ଆମର ଭୋକକୁ ଭୁଲାଇ ରଖିବାର ସାଧନ ରୂପେ ବ୍ୟବହୃତ ହେଉଥିବା ପରି ଆମର ସାହିତ୍ୟ ମଧ୍ୟ ବଡ଼ ବିଡ଼ମ୍ବନାରେ ପଡ଼ିଯିବ । ଆମ ସାହିତ୍ୟିକମାନେ ବି ବଡ଼ ବିଡ଼ମ୍ବନାରେ ପଡ଼ିଯିବେ । ଏହି ଜାଲରେ ପଡ଼ିଗଲେ ସେମାନେ ଆପଣାର ଧର୍ମ ହରାଇ ବସିବେ ଏବଂ ଧର୍ମ ହରାଇ ବସିଲେ ସେମାନେ ହୁଏତ ପୂଜା ବା ପୁରସ୍କାର ପାଇବେ ପଛକେ, ମାତ୍ର ସେମାନଙ୍କର ବାଣୀ ଅମର ହୋଇ ପାରିବ ନାହିଁ । ସେମାନଙ୍କର ସାହିତ୍ୟସୃଷ୍ଟି ଜୀବନର ଅଭିବୃଦ୍ଧିରେ କୌଣସି ସହଯୋଗ କରିପାରିବ ନାହିଁ ଆମ ଦେଶର ଜାତୀୟ ପତାକା ପରି ସେମାନେ ଲମ୍ବା ବାଉଁଶ ଅଗରେ ବନ୍ଧାହୋଇ ଉଚ୍ଚରେ ଉଡ଼ିବେ ସିନା, ମାତ୍ର ଭୂଇଁ ଉପରେ ଚାଲିଯାଉଥିବା ମଣିଷ ସେମାନଙ୍କ ଆଡ଼କୁ ମୁହଁଟେକି ଅନାଇବାର ଆବଶ୍ୟକତା ହିଁ ଅନୁଭବ କରିବ ନାହିଁ । ଜନ-ସାହିତ୍ୟ ମଧ୍ୟ ଏହିପରି ଭୋକ ଭୁଲାଇବାର ଫନ୍ଦି ଭିତରେ ପଡ଼ିଯାଇପାରେ । ଜନଗଣର ନାମକୁ ଆପଣା ସହିତ ଯୋଡ଼ି ରଖିଥିଲେ ମଧ୍ୟ ତଥାପି ଏହା ଜନଗଣର ମନକୁ ଶୀତଳ ଓ ଦହଗଡ଼ା କରିଦେବାରେ ବେଶ ସାହାଯ୍ୟ କରିପାରେ । ଯେତେବେଳେ ଦେଶର ନାମ ନେଇ ଆମ ଦେଶରେ ଆଜି ଦେଶବାସୀଙ୍କର ଭୋକ ଭୁଲାଇବା ସମ୍ଭବ ହେଉଛି, ଜନତାର ନାମ ନେଇ ସେହିପରି ଜନଗଣର ଭୋକ ଭୁଲାଇବା ବି ସମ୍ଭବ ନ ହେବ କାହିଁକି ? ସିଆଣିଆ ମଣିଷ ସବୁ କରିପାରେ । ବିଶେଷତଃ ଏହି ଦେଶ ଓ ଏହି ସଂସ୍କୃତିକୁ ଗଢ଼ିଥିବା ଜନଗଣ ଯେତେବେଳେ କର୍ମଫଳ ଭାଗ୍ୟକୁ ମାନି ରହିଛନ୍ତି, ସେତେବେଳେ ସିଆଣିଆ ମଣିଷ ଏଠି କଣ କରି ନ ପାରେ ?

ସଭ୍ୟ ସାହିତ୍ୟ ହେଉଛି ସିଆଣିଆ ମଣିଷର ସାହିତ୍ୟ । ସଭ୍ୟ ସାହିତ୍ୟକୁ ସୁଲଭ, ସରଳ ଓ ଚକ୍ ଚକ୍ କରି ହାଟବାଟରେ ନେଇ ଲଟେଇ ଦେଲେ ତାହା ଜନ-ସାହିତ୍ୟ ହୋଇଯାଏ ନାହିଁ । ଏଥିଲାଗି ଜନଗଣକୁ ଓ ଜନମନକୁ ଆପଣାର ଯଜମାନ ବୋଲି ମାନିବାକୁ ହୁଏ । ଜନଗଣର ଭୋକ ବୁଝିବାକୁ ହୁଏ । ସେମାନଙ୍କ ଭିତରେ ନୂଆ ଭୋକମାନ ସୃଷ୍ଟି କରିବାକୁ ହୁଏ ସେମାନଙ୍କର ଗାଆଁ ବା ବସ୍ତିର ସଡ଼କକୁ ନେଇ ସାମୂହିକ ଜୀବନର ବଡ଼ ସଡ଼କ ସହିତ ମିଶାଇ ଦେବାକୁ ହୁଏ । ସେମାନଙ୍କ ସାନ ଓ ସନ୍ତୁଷ୍ଟ ଘରଟିରେ ନୂଆ ଆହ୍ୱାନ ଓ ନୂଆ ଆବଶ୍ୟକତାର କବାଟ ଓ ଝରକା-ମାନ ଲଗାଇ ଦେବାକୁ ହୁଏ । ଯେଉଁ ସାହିତ୍ୟ ଏପରି କରିପାରେ, ତାହାକୁ ହିଁ ଆମେ ଜନ-ସାହିତ୍ୟ କହିବା । "ମଣିଷର ଜୀବନ ଅନିତ୍ୟ, ମଣିଷର ଆବଶ୍ୟକତାଗୁଡ଼ିକ ଅପୂରଣୀୟ ଓ ମଣିଷର ଆଶା ହେଉଛି ବୈତରଣୀ ନଦୀ; ତେଣୁ ଜୀବନ ଥିବାଯାକ ଅଧିକ ଆଶା ନ କରି ଅଧିକ ବାଟ ନ ଖୋଜି ତୁମକୁ ଯେତିକ ମିଳୁଛି, ତୁମେ ସେତିକ ମଜା ମାରିନିଅ । ସେତିକ ଖୁସି କରିନିଅ ଓ ତାହାକୁ ହିଁ ସାର୍ଥକତା ବୋଲି ଗ୍ରହଣ କର – ଏହିପରି କହୁଥିବା ସାହିତ୍ୟ ହେଉଛି ଶୀତଳ କରିଦେବାର ସାହିତ୍ୟ । ଏପରି ସାହିତ୍ୟର ଦାନା ପେଟ ଭିତରକୁ ଗଲେ ମଣିଷ ଗଧ ହୋଇଯାଏ । ତାର ହୃଦୟ ଦଣ୍ଡରା ହୋଇଯାଏ । ତାର ଜୀବନବାସନା ତେଣା ହରାଇ ବସେ ।

ଜନସାହିତ୍ୟ ଜନଗଣକୁ ନୂଆ ହେବାର ପ୍ରେରଣା ଦେଉ, ବଡ଼ ସାହିତ୍ୟର ସୁଲଭ ନକଲମାନ ପ୍ରସ୍ତୁତ କରି ଜନଗଣର ମନକୁ ଭୁଲାଇ ନ ଦେଉ । ଜନସାହିତ୍ୟ ନୂତନ ବିସ୍ତାର ଦେଉ, ନୂତନ ମାର୍ଗ ଅନ୍ୱେଷଣ କରିବାର ପ୍ରବୃତ୍ତି ଜାଗ୍ରତ କରୁ । ନୂତନ ଅସନ୍ତୋଷର ଇଙ୍ଗିତ ଦେଇଯାଉ । ଏ ଦେଶର ଜନଗଣକୁ ଆଜି ଅନେକ ବାଟ ଯିବାକୁ ବାକି ରହିଛି । ଏ ଦେଶରେ ସଭ୍ୟତା, ସଂସ୍କୃତି ଓ ସାହିତ୍ୟ ସବୁ ଅଛି । ମାତ୍ର ତଥାପି ଦେଶର ଜନଗଣ ଏଗୁଡ଼ିକୁ ଏପର୍ଯ୍ୟନ୍ତ ନିଜର କରିପାରି ନାହାନ୍ତି । ହୁଏତ ପ୍ରଧାନତଃ ସେଇଥିଲାଗି ହିଁ ଆମ ସାହିତ୍ୟକ ତା'ର ଆପଣା ଦେଶରେ ମଧ୍ୟ ପ୍ରାୟ ବିଦେଶୀ ପରି ହୋଇ ରହିଚ । ଆମ ଦେଶରେ ଶାସନ ବି ଚାଲିଚ । ଆଜି ସେହି ଶାସନ ଚଳାଉଥିବା ସାଆନ୍ତମାନେ ମଧ୍ୟ ଜନଗଣଙ୍କ ଆଖିରେ ଏ ପର୍ଯ୍ୟନ୍ତ ଅଜାଢ଼ଆ ହୋଇ ରହିଛନ୍ତି । ଆମ ଦେଶରେ ସଭା ହେଉଚ । ସଂସ୍କୃତି ଓ ସାହିତ୍ୟକୁ ନେଇ କେତେ ଉତ୍ସବ ଓ ସଂକୀର୍ତ୍ତନମାନ ହେଉଚ । ତଥାପି ଦେଶର ଜନଗଣ ଯେପରି ଆମର ଏହି ସବୁ କାର୍ଯ୍ୟକଳାପକୁ ପ୍ରଧାନତଃ ପୋଷାକୀ କାରବାର ବୋଲି କହି ଦୂରଛଡ଼ା ହୋଇ ରହିଛନ୍ତି । ଯା'ଲାଗି ଦେଶର ନବବିଧାନ ହେଉଚ, ଯା'ଲାଗି ଏହି ଦେଶକୁ ନୂଆକରି ଗଢାଯାଉଚ, ସତେ ଯେମିତି ତାର ସେ କଥା ବି ମନେ ନାହିଁ । ସଂସାରର ସବୁ ନୂଆ ବିଚାର, ନୂଆ ସ୍ୱପ୍ନ ଓ ନୂଆ ବିଶ୍ୱାସ ସ୍ରୋତ ପରି ହୋଇ ଆଜି ଜନଗଣର ଜୀବନ ପରିଧି ଭିତରେ ପ୍ରବେଶ କରୁ । ଯେ କୌଣସି ଜନ-ସାହିତ୍ୟର ମୂଳତଃ ଏହାହିଁ ଧେୟ ହୋଇ

ରହିବା ଉଚିତ । ଏହି ସ୍ରୋତର ସ୍ପର୍ଶ ବାଜି ଜନଗଣର ବି ଜୀବନ ବିଶ୍ୱାସ ବଢୁ । ତାର ନିଦ ଭାଙ୍ଗୁ । ଉଦାସୀନତା ଭାଙ୍ଗୁ । ନୂଆ ନାମରେ ଆମ ଦେଶରେ ଆଜଯାଏ ଯେଉଁ ସାଆନ୍ତିଆ ଅନ୍ୟାୟଗୁଡ଼ାକ ଚାଲିଚି, ତାକୁ ଭାଗ୍ୟ ବୋଲି ମାନି ନ ନେବାକୁ ଜନଗଣ ଭିତରେ ନୂଆ ଆଖି ଖୋଲିଯାଉ । ଏହା ଜନ-ସାହିତ୍ୟର କାର୍ଯ୍ୟ । ବର୍ତ୍ତମାନ ଆମ ଦେଶରେ ବା ପ୍ରଦେଶରେ ଯେତେ କବିତା, ଉପନ୍ୟାସ ବା ଗଳ୍ପ ଛପା ହୋଇ ବାହାରୁଚି, ଏଣିକି ତାହାର ଦଶଗୁଣ ବି ବାହାରୁ; ପ୍ରାଚୀନ ଓ ନବୀନ ଉଭୟ ସାହିତ୍ୟର ଦଶଗୁଣ ଅନୁଶୀଳନ ହେଉ, ମାତ୍ର ଏହି ସବୁର ଜରିଆରେ ମଣିଷ ହିସାବରେ ମଣିଷର ଖୋଜଗୁଡ଼ାକୁ ଭୁଲି ହୋଇ ନ ଯାଉ । ପୁରାତନ ଭାଗ୍ୟବାଦକୁ କାଢ଼ି ଆସିଥିବା ନିଶାରେ ଆଧୁନିକ ସାହିତ୍ୟିକ ଜନଗଣକୁ ଯେପରି କୌଣସି ଆଧୁନିକ ଭାଗ୍ୟବାଦର ଅସହାୟତା ଭିତରେ ପକାଇ ନ ଦେଉ । ସାହିତ୍ୟ ଜନଗଣକୁ ସବଳ କରାଉ । ତାର ମନରେ ବିଶ୍ୱାସ ଭରିଦେଉ । ଆମର ଭାଷା ଯେତେ ପ୍ରାନ୍ତୀୟ ବା ଯେତେ ଆଞ୍ଚଳିକ ହେଲେ ମଧ୍ୟ ତାହାର ମାଧ୍ୟମରେ ଯେପରି ବିଶ୍ୱର ସକଳ ବିପୁଳତା ଓ ପ୍ରାଣମୟତାକୁ ଆପଣା ନୀଡ଼କୁ ଆମନ୍ତ୍ରିତ କରିନେଇ ଆସିବାର ସାମର୍ଥ୍ୟ ଆମର ସାହିତ୍ୟ ଭିତରେ ଆସୁ ।

ଏ ପର୍ଯ୍ୟନ୍ତ ଆମ ସାହିତ୍ୟ ପ୍ରାଧାନତଃ ବିନୋଦନ ସାହିତ୍ୟ ହୋଇ ରହିଚି । ଏହାକୁ ଜନସାହିତ୍ୟରେ ରୂପାନ୍ତରିତ କରିବା କାମ ହେଉଛି ଏ ଯୁଗର ପ୍ରତ୍ୟେକ ସାହିତ୍ୟିକର । ଯଥାର୍ଥ ସାହିତ୍ୟ ମାତ୍ରକେ ଜନସାହିତ୍ୟ ହେବା ଉଚିତ । ତେଣୁ ଜନସାହିତ୍ୟ ଶବ୍ଦଟା ହୁଏତ ଏକ ପୁନରାବୃତ୍ତି ପରି ମନେ ହୋଇପାରେ । ତଥାପି ଗତ ଅନେକ ଶତାବ୍ଦୀ ଧରି ଆମେ ମଣିଷକୁ ସାହିତ୍ୟଠାରୁ ଏତେ ଦୂରରେ ରଖି ଆସିଚୁ ଯେ ବର୍ତ୍ତମାନ ହୁଏତ ସାହିତ୍ୟକୁ ମନୁଷ୍ୟାଭିମୁଖୀ କରିବାର କର୍ତ୍ତବ୍ୟକୁ ଆମେ ଏକ ବିଶେଷ ଆବଶ୍ୟକତା ବୋଲି ଅନୁଭବ କରୁଛୁ । ଜନ-ସାହିତ୍ୟ ଜନଗଣର ମନକୁ ତିଆରି କରିବାର ଦାୟିତ୍ୱ ଗ୍ରହଣ କରୁ । କୌଣସି ଶାସନ ଲାଗି ନିର୍ଭର ହେବାଲାଗି ନୁହେଁ; ମାତ୍ର ସବୁ ଶାସନକୁ ମଣିଷର ଓ ଜୀବନର ଅଭିବୃଦ୍ଧି ଉଦ୍ଦେଶ୍ୟରେ ଲଗାଇ ପାରିବାର ଶକ୍ତି ହାସଲ କରିବା ପାଇଁ ଏହା ଜନଗଣର ମନକୁ ଅନୁରୂପ ଭାବେ ତିଆରି କରୁ । ପ୍ରତ୍ୟେକ ମଣିଷ ତାର ଆପଣା ଭିତରେ ରହିଥିବା ଅତୁଳ ସମ୍ଭାବନାମୟ ମନୁଷ୍ୟ ଶକ୍ତିକୁ ଆବିଷ୍କାର କରି ଶିଖୁ । ଏହା ହେଉଚି ଏ ଯୁଗର ସବଳତମ ଆହ୍ୱାନ ।

---

ଜନସାହିତ୍ୟ—ଶାରଦୀୟ ସଂଖ୍ୟା, ୧୯୬୭

# ଗାଡ଼ି ଛାଡ଼ିଦେଲା

● ଚନ୍ଦ୍ରଶେଖର ରଥ

ସମସ୍ତ ସମୟରେ ଦେଖିବାକୁ ମିଳେ ଯେ ଷ୍ଟେସନ ଦାଣ୍ଡରେ ଖୁବ୍ ହାଲିଆ ଓ ଝାଳ ସରସର ହୋଇ ଜଣେ କେହି ଦୂରେଇ ଯାଉଥିବା ରେଲଗାଡ଼ିଟି ଆଡ଼କୁ ବିକଳରେ ଚାହିଁ ରହିଛି । ଦୂର ମୋଡ଼ରେ ଗାଡ଼ିଟି ବଙ୍କେଇ ଯାଇ ଅଦୃଶ୍ୟ ନ ହେବାଯାଏଁ ତାଙ୍କ ଅପଲକ ଆଖିରେ ସେଇ ଦିଗକୁ ଚାହିଁ ଠିଆ ରହିଥିବାର ଦେଖାଯାଏ । ତା'ପରେ ପରାସ୍ତ ଓ ବିଡ଼ମ୍ବିତ ଲୋକଟି ଗୋଟିଏ ମାତ୍ର ଦୀର୍ଘ ନିଃଶ୍ୱାସରେ ସତେ ଯେମିତି ପାଣିଫୋଟକା ପରି ଉଭେଇ ଯିବ ! ସେ କିନ୍ତୁ ଉଭେଏ ନାହିଁ । ଖୁବ୍ ସାନ୍ତୁଡ଼ି ଯାଏ ଓ ଖୁବ୍ ଅସହାୟ ଦେଖାଯାଏ । ଅହରହ ଛୁଟି ଚାଲିଥିବା ସଂସାର ସହିତ ସେ ତାଳଦେଇ ପାରେନାହିଁ । ତା'ର ଯୋଗାଯୋଗ ଫିଟି ଯାଇଛି । ଫଳତଃ ତା' ଜୀବନର ସମଗ୍ର ସମ୍ଭାବନା ସାମୂହିକ ଭାବରେ କାହିଁକୁ ଘୁଞ୍ଚି ଯାଇଛି । ତେଣିକି ଏହି ଏକ ମୁହାଁ ଧାଉଁଥିବା ଜଗତଟାକୁ ନା ରୋକି ହୁଏ ନା ଟପି ହୁଏ । ସେ ପଛେଇଯାଏ । ତା'ର ଜୀବନର ଧାଡ଼ି ବଦଳେଇବାକୁ ସେ ବାଧ୍ୟ ହୁଏ । ନୂଆ ରାସ୍ତାରେ ବହୁବାର ସେ ଏଇ ଦୁର୍ଯୋଗକୁ ମନେପକାଏ । ବାହୁନା ହୁଏ ଏବଂ ଗୋଟିଏ ହତାଶାର ସୁର ତୋଳି କହେ ଯେ ତାର ଗାଡ଼ି ଫିଟିଗଲା । ତାକୁ ଫଳରେ ବଡ଼ ଅସହାୟ ଲାଗେ, ଅସଂପୂର୍ଣ୍ଣ ଲାଗେ ।

ସେ ଜୀବନସାରା କ୍ଷୁବ୍ଧ ହୁଏ ଏବଂ ଅନୁଭବ କରେ ଯେ ସେ ଯେଉଁ ଏମିତିକ ସେମିତି ହୋଇ ପାରିଥାନ୍ତା ତା' ଆଉ ସମ୍ଭବ ହୋଇପାରିଲା ନାହିଁ ।..

ଅଳ୍ପ ବହୁତ ଆମେ ସମସ୍ତେ ଏ ଦୁର୍ଦ୍ଦଶା ଭୋଗିଛୁ । କିଏ ଆଇ. ଏ ଏସ୍ ରେ ଠିକ୍ ବେଳେ ଦରଖାସ୍ତ ଦେଇପାରିନାହିଁ ତ କିଏ ବେଳ ଉଣ୍ଟି ନିଲାମ୍ ହାଙ୍କି ପାରିନାହିଁ । ସମସ୍ତଙ୍କର ଗାଡ଼ି ଛାଡ଼ି ଦେଇଛି ଏବଂ ଫଳ ହୋଇଛି ଆମରଣ ମନସ୍ତାପ ଏବଂ ଅସନ୍ତୋଷ । ସାଧାରଣ ଭାଷାରେ ଆମେ ତାକୁ ସୁଯୋଗ ବୋଲି କହିଥାଉ ଏବଂ ସେଇଟା କୁଆଡ଼େ ଜୀବନରେ ଥରେ ମାତ୍ର ଆସେ । ତାକୁ ହରେଇଲେ ପଶାଖେଳର ହାର ହୋଇଗଲା । ଫଳରେ ଅଜ୍ଞାତବାସ ଭୋଗିବାକୁ ପଡ଼ିପାରେ, ଘୋର ବିପର୍ଯ୍ୟୟ ସହିବାକୁ ପଡ଼ିପାରେ । ଏଣୁ ଏ ସବୁ ଜାଣିଶୁଣି କେହି କେବେ ସୁଯୋଗ ହରାଏ

ନାହିଁ (୩) ହରାଏ କେବଳ ଅଣାୟତ୍ତ ହୋଇ (୮) ପରିସ୍ଥିତିର ଚକାନ୍ତରେ (୯) ଘୋର ଅନିଚ୍ଛା ସତ୍ତ୍ୱେ ଏବଂ (୫) ସମୟ ସମୟରେ ଅହରହ ଆପ୍ରାଣ ଚେଷ୍ଟା ସତ୍ତ୍ୱେ ମଧ୍ୟ । ଏମିତ ଅନିବାର୍ଯ୍ୟ ପରାଜୟ ହେଲେ ମନ ପିତା ଧରିଯାଏ ଏବଂ ନିରୁପାୟ ହୋଇ ଭାଗ୍ୟ ନିନ୍ଦା କରିବା ଛଡ଼ା ଅନ୍ୟ ପନ୍ଥା ନ ଥାଏ । କିନ୍ତୁ ଟେକ୍‌ସିରେ ଚଢ଼ିଲାବେଳକୁ ହାତମୁଣାଟା ନେବାକୁ ପାସୋର ହୋଇ ନ ଥାନ୍ତା ବା ବକ୍‌ସିବଜାର ଛକଠି ସେଇ ପୁରୁଣା ସାଙ୍ଗଟା ହଠାତ୍ ହାବୁଡ଼ି ନ ଥାନ୍ତା ବା ଧରାଯାଉ ସବୁଦିନ ଦେଢ଼ଘଣ୍ଟା ଡେରିରେ ଆସୁଥିବା ଏକ୍‌ସପ୍ରେସ ଏକାବେଳେ ଠିକ୍ ସମୟରେ ନ ଆସି ମାତ୍ର ଦଶ ମିନିଟ ଡେରିରେ ଆସିଥାନ୍ତା ତେବେ କଲିକତାରେ ଇଣ୍ଟରଭ୍ୟୁ ହରେଇବାର ଆଶଙ୍କା ନ ଥିଲା । କିନ୍ତୁ ଯୋଗ ତ ନାହିଁ । ଏ ବାଜିକି ଅବଶ୍ୟ ହାରିବାକୁ ହେବ ଯୁଧିଷ୍ଠିର ପରି, ନିଜ ଦୋଷରୁ ନୁହେଁ; ଗୋଟାଏ ଦୁର୍ଜ୍ଜୟ ଶକ୍ତିର ଅଭିସନ୍ଧି ଫଳରେ ।

କାର୍ଯ୍ୟଟିଏ ଥିଲେ ତା'ର ଅବଶ୍ୟ କାରଣଟିଏ ଅଛି । ଦୃଶ୍ୟ ହେଉ, ଅଦୃଶ୍ୟ ହେଉ ଏ କାରଣ ବ୍ୟତିରେକ କାର୍ଯ୍ୟର ଅସ୍ତିତ୍ୱ ନାହିଁ । ଏପରି ବୁଝିବା ତାର୍କିକ ଲୋକେ କାରଣର କାରଣ ଖୋଜି ଖୋଜି ହାଲିଆ ହୋଇଗଲେ ଗୋଟିଏ ଅକାରଣ କାରଣ ବା ପରମ କାରଣରେ ପହଞ୍ଚି ତୁନିପଡ଼ି ବସିଯାଆନ୍ତି । ଯାହାର ଗାଡ଼ି ଛାଡ଼ିଦେଇଥାଏ, ସେ ବିଗୃହ୍ୟ ମଧ୍ୟ ଖୋଜି ଖୋଜି ବେଳେ ବେଳେ ଏଇ ମୂଳରେ ଆସି ପହଞ୍ଚିଯାଏ ଯୁକ୍ତି ବଳରେ ଏବଂ ସେଇଠି ପହଞ୍ଚିଗଲେ ପରାଜୟଟା ଆଉ ବାଧେ ନାହିଁ । ଯଦି ଅମୁହାଁ ବଣ ଭିତରେ ହେଣ୍ଟାଳୁଥିବା ସିଂହ ଯେ କି ଅକ୍ଳେଶରେ ଆମକୁ ଗୋଟିକଯାକ ଢୋକି ଦେଇପାରେ ଆସି ଅବହେଳାକ୍ରମେ ଖାଲି ଟିକିଏ ପେଲିଦିଏ ସେଥିରେ ଆଉ ପରାଜୟର ତୀବ୍ରତା ନ ଆସି ବରଂ କୃତଜ୍ଞତା ଆସିବା ଉଚିତ ନୁହେଁ କି ? କଣ୍ଟା ବୁଦାରେ ଛିଟିକିପଡ଼ି କିଛି ରକ୍ତସ୍ରାବ ହେଲେ ମଧ୍ୟ ମନକୁ ବୋଧେଇବାକୁ ବହୁ ଯୁକ୍ତି ଆସି ଯୁଟିଯାଏ । ସେହିପରି ଗାଡ଼ିଟା ସିନା ଛାଡ଼ିଦେଲା । ସେଥିରେ ଯାଇଥିଲେ ହୁଏତ ପ୍ରାଣ ନ ଯାଇଥାନ୍ତା ବୋଲି କିଏ କହିବ ? ଅତଏବ ଯାହା ଘଟିଛି ତାହା ଘଟିବା ଉଚିତ । ବିକଳ୍ପ ଚିନ୍ତା କରି ବୃଥାରେ କେବଳ ମନରେ ଅଶାନ୍ତି ଲୋଡ଼ି ଅଣାଯାଏ । ଏ ଯୁକ୍ତିରେ କ'ଣ ଭଲ କୁହାଯାଏ ? କୁହାଯାଏ ଯେ ମଣିଷଟି ଗୋଟିଏ କଣ୍ଢିନ୍ନାନ ଜୀବ । ତା'ର ଜ୍ଞାନ ବୋଲି କିଛି ନାହିଁ । ଏଣୁ ନିର୍ବୋଧଟି କେବଳ କିଛି ଦେଖି ବୁଝି ନ ପାରି ଏମିତି ବିକଳ ହୋଇଥାଏ । ଏହି ପରମ କାରଣ କିନ୍ତୁ ସବୁ ଜାଣେ, ସବୁ ଦେଖେ ଏବଂ ଯାହା କରେ ତାହା ମଙ୍ଗଳ ପାଇଁ କରେ । ଏ ଢଗରେ ଚିନ୍ତା କରୁଥିବା ଲୋକଙ୍କ ପାଇଁ ମୃତ୍ୟୁଟା ସୁଦ୍ଧା ଅମୃତ ସୋପାନ । ସେମାନେ ଆଉ ଗାଡ଼ିଟାଏ ଫିଟିଯିବା ଉପରେ କାହିଁକି ବା ଦୃଷ୍ଟିପାତ କରିବେ ବରଂ କୃତଜ୍ଞତାରେ କର ଯୋଡ଼ିହୋଇ ଲୁହ ଗଡ଼ାଇବେ । ଏମାନଙ୍କ ଦୃଷ୍ଟିଭଙ୍ଗୀ ଅସାଧାରଣ । ତାଙ୍କ ସହିତ ସାଧାରଣ ମଣିଷର ମେଳ ଖୁବ୍ କମ୍ । ଏଣୁ

# ଗାଡ଼ି ଛାଡ଼ିଦେଲା

● ଚନ୍ଦ୍ରଶେଖର ରଥ

ସମୟ ସମୟରେ ଦେଖିବାକୁ ମିଳେ ଯେ ଷ୍ଟେସନ ଦାଣ୍ଡରେ ଖୁବ୍ ହାଲିଆ ଓ ଝାଳ ସରସର ହୋଇ ଜଣେ କେହି ଦୂରେଇ ଯାଉଥିବା ରେଲଗାଡ଼ିଟି ଆଡ଼କୁ ବିକଳରେ ଚାହିଁ ରହିଛି । ଦୂର ମୋଡ଼ରେ ଗାଡ଼ିଟି ବଙ୍କେଇ ଯାଇ ଅଦୃଶ୍ୟ ନ ହେବାଯାଏଁ ତାଙ୍କୁ ଅପଲକ ଆଖିରେ ସେଇ ଦିଗକୁ ଚାହିଁ ଠିଆ ରହିଥିବାର ଦେଖାଯାଏ । ତା'ପରେ ପରାସ୍ତ ଓ ବିଡ଼ମ୍ବିତ ଲୋକଟି ଗୋଟିଏ ମାତ୍ର ଦୀର୍ଘ ନିଃଶ୍ୱାସରେ ସତେ ଯେମିତି ପାଣିଫୋଟକା ପରି ଉଭେଇ ଯିବ ! ସେ କିନ୍ତୁ ଉଭେଏ ନାହିଁ । ଖୁବ୍ ଶ୍ରାନ୍ତକ୍ଳାନ୍ତ ଯାଏ ଓ ଖୁବ୍ ଅସହାୟ ଦେଖାଯାଏ । ଅହରହ ଛୁଟି ଚାଲିଥିବା ସଂସାର ସହିତ ସେ ତାଳଦେଇ ପାରିନାହିଁ । ତା'ର ଯୋଗାଯୋଗ ଫିଟି ଯାଇଛି । ଫଳତଃ ତା' ଜୀବନର ସମଗ୍ର ସମ୍ଭାବନା ସାମୂହିକ ଭାବରେ କିଞ୍ଚିତ୍ ଘୁଞ୍ଚି ଯାଇଛି । ତେଣିକି ଏହି ଏକ ମୁହାଁ ଧାଉଁଥିବା ଜଗତଟାକୁ ନା ରୋକି ହୁଏ ନା ଟପି ହୁଏ । ସେ ପଛେଇଯାଏ । ତା'ର ଜୀବନର ଧାଡ଼ି ବଦଳେଇବାକୁ ସେ ବାଧ୍ୟ ହୁଏ । ନୂଆ ରାସ୍ତାରେ ବହୁବାର ସେ ଏଇ ଦୁର୍ଯୋଗକୁ ମନେପକାଏ । ବାହୁନ ହୁଏ ଏବଂ ଗୋଟିଏ ହତାଶାର ସୁର ତୋଳି କହେ ଯେ ତାର ଗାଡ଼ି ଫିଟିଗଲା । ତାକୁ ଫଳରେ ବଡ଼ ଅସହାୟ ଲାଗେ, ଅସଂପୂର୍ଣ୍ଣ ଲାଗେ ।

ସେ ଜୀବନସାରା ଛଟ ଛଟ ହୁଏ ଏବଂ ଅନୁଭବ କରେ ଯେ ସେ ଯେଉଁ ଏମିତିକି ସେମିତି ହୋଇ ପାରିଥାନ୍ତା ତା' ଆଉ ସମ୍ଭବ ହୋଇପାରିଲା ନାହିଁ ।

ଅଳ୍ପ ବହୁତ ଆମେ ସମସ୍ତେ ଏ ଦୁର୍ଦ୍ଦଶା ଭୋଗିଛୁ । କିଏ ଆଇ. ଏ ଏସ୍ ରେ ଠିକ୍ ବେଳେ ଦରଖାସ୍ତ ଦେଇପାରିନାହିଁ ତ କିଏ ବେଳ ଉଣ୍ଡି ନିଲାମ୍ ହାଙ୍କି ପାରିନାହିଁ । ସମସ୍ତଙ୍କର ଗାଡ଼ି ଛାଡ଼ି ଦେଇଛି ଏବଂ ଫଳ ହୋଇଛି ଆମରଣ ମନସ୍ତାପ ଏବଂ ଅସନ୍ତୋଷ । ସାଧାରଣ ଭାଷାରେ ଆମେ ତାକୁ ସୁଯୋଗ ବୋଲି କହୁଥାଉ ଏବଂ ସେଇଟା କୁଆଡେ ଜୀବନରେ ଥରେ ମାତ୍ର ଆସେ । ତାକୁ ହରେଇଲେ ପଶାଖେଳର ହାର ହୋଇଗଲା । ଫଳରେ ଅଜ୍ଞାତବାସ ଭୋଗିବାକୁ ପଡ଼ିପାରେ, ଘୋର ବିପର୍ଯ୍ୟୟ ସହିବାକୁ ପଡ଼ିପାରେ । ଏଣୁ ଏ ସବୁ ଜାଣିଶୁଣି କେହି କେବେ ସୁଯୋଗ ହରାଏ

ନାହିଁ । ହୁଏ଼ତ କେବଳ ଅଶାନ୍ତିର ହୋଇ ପରିସ୍ଥିତିର ଚକ୍ରାନ୍ତରେ ଘୋର ଅନିଚ୍ଛା ସତ୍ତ୍ୱେ ଏବଂ ଅସମୟ ସମୟରେ ଅହରହ ଆପ୍ରାଣ ଚେଷ୍ଟା ସତ୍ତ୍ୱେ ମଧ୍ୟ । ଏମିତି ଅନିବାର୍ଯ୍ୟ ପରାଜୟ ହେଲେ ମନ ପିତା ଧରିଯାଏ ଏବଂ ନିରୁପାୟ ହୋଇ ଭାଗ୍ୟ ନିନ୍ଦା କରିବା ଛଡ଼ା ଅନ୍ୟ ପନ୍ଥା ନ ଥାଏ । କିନ୍ତୁ ଟେକ୍‌ସିରେ ଚଢ଼ିଲାବେଳକୁ ହାତମୁଣାଟା ନେବାକୁ ପାସୋରି ହୋଇ ନ ଥାନ୍ତା ବା ବକ୍‌ସିବକ୍ସର ଛକଟି ସେଇ ପୁରୁଣା ସାଙ୍ଗଟା ହଠାତ୍ ହାବୁଡ଼ି ନ ଥାନ୍ତା ବା ଧରାଯାଉ ସବୁଦିନ ଦେଢ଼ଘଣ୍ଟା ଡେରିରେ ଆସୁଥିବା ଏକ୍‌ସପ୍ରେସ ଏକାବେଳେ ଠିକ୍ ସମୟରେ ନ ଆସି ମାତ୍ର ଦଶ ମିନିଟ ଡେରିରେ ଆସିଥାନ୍ତା ତେବେ କଲିକତାରେ ଇଣ୍ଟରଭ୍ୟୁ ହରେଇବାର ଆଶଙ୍କା ନ ଥିଲା । କିନ୍ତୁ ଯୋଗ ତ ନାହିଁ । ଏ ବାଜିକ ଅବଶ୍ୟ ହାରିବାକୁ ହେବ ଯୁଧିଷ୍ଠିର ପରି, ନିଜ ଦୋଷରୁ ନୁହେଁ; ଗୋଟାଏ ଦୁର୍ଜ୍ଞେୟ ଶକ୍ତିର ଅଭିସନ୍ଧି ଫଳରେ ।

କାର୍ଯ୍ୟଟିଏ ଥିଲେ ତା'ର ଅବଶ୍ୟ କାରଣଟିଏ ଅଛି । ଦୃଶ୍ୟ ହେଉ, ଅଦୃଶ୍ୟ ହେଉ ଏ କାରଣ ବ୍ୟତିରେକ କାର୍ଯ୍ୟର ଅସ୍ତିତ୍ୱ ନାହିଁ । ଏପରି ବଳିବା ତାର୍କିକ ଲୋକେ କାରଣର କାରଣ ଖୋଜି ଖୋଜି ହାଲିଆ ହୋଇଗଲେ ଗୋଟିଏ ଅକାରଣ କାରଣ ବା ପରମ କାରଣରେ ପହଞ୍ଚି ତୁନିପଡ଼ି ବସିଯାଆନ୍ତି । ଯାହାର ଗାଡ଼ି ଛୁଟିଦେଇଥାଏ, ସେ ବିଚରା ମଧ୍ୟ ଖୋଜି ଖୋଜି ବେଳେ ବେଳେ ଏଇ ମୂଳରେ ଆସି ପହଞ୍ଚିଯାଏ ଯୁକ୍ତି ବଳରେ ଏବଂ ସେଇଠି ପହଞ୍ଚିଗଲେ ପରାଜୟଟା ଆଉ ବାଧେ ନାହିଁ । ଯଦି ଅମୁହାଁ ବଣ ଭିତରେ ହେଣ୍ଟାଳୁଥିବା ସିଂହ ଯେ କି ଅକ୍ଲେଶରେ ଆମକୁ ଗୋଟିକିଯାକ ଢୋକି ଦେଇପାରେ ଆସି ଅବଜ୍ଞାଭରେ ଖାଲି ଟିକିଏ ପେଲିଦିଏ ସେଥିରେ ଆଉ ପରାଜୟର ତୀବ୍ରତା ନ ଆସି ବରଂ କୃତଜ୍ଞତା ଆସିବା ଉଚିତ ନୁହେଁ କି ? କଣ୍ଟା ବୁଦାରେ ଛିଟିକିପଡ଼ି କିଛି ରକ୍ତସ୍ରାବ ହେଲେ ମଧ୍ୟ ମନକୁ ବୋଧେଇବାକୁ ବହୁ ଯୁକ୍ତି ଆସି ଯୁଟିଯାଏ । ସେହିପରି ଗାଡ଼ିଟା ସିନା ଛୁଟିଦେଲା । ସେଥିରେ ଯାଇଥିଲେ ହୁଏତ ପ୍ରାଣ ନ ଯାଇଥାନ୍ତା ବୋଲି କିଏ କହିବ ? ଅତଏବ ଯାହା ଘଟିଛି ତାହା ଘଟିବା ଉଚିତ । ବିକଳ୍ପ ଚିନ୍ତା କରି ବୃଥାରେ କେବଳ ମନରେ ଅଶାନ୍ତି ଲୋଡ଼ି ଅଣାଯାଏ । ଏ ଯୁକ୍ତିରେ କ'ଣ ଭଲ କୁହାଯାଏ ? କୁହାଯାଏ ଯେ ମଣିଷଟି ଗୋଟିଏ କିଞ୍ଚିନ୍ମାତ୍ର ଜୀବ । ତା'ର ଜ୍ଞାନ ବୋଲି କିଛି ନାହିଁ । ଏଣୁ ନିର୍ବୋଧଟି କେବଳ କିଛି ଦେଖି ବୁଝି ନ ପାରି ଏମିତି ବିକଳ ହୋଇଥାଏ । ଏହି ପରମ କାରଣ କିନ୍ତୁ ସବୁ ଜାଣେ, ସବୁ ଦେଖେ ଏବଂ ଯାହା କରେ ତାହା ମଙ୍ଗଳ ପାଇଁ କରେ । ଏ ଦିଗରେ ଚିନ୍ତା କରୁଥିବା ଲୋକଙ୍କ ପାଇଁ ମୃତ୍ୟୁଟା ସୁଦ୍ଧା ଅମୃତ ସୋପାନ । ସେମାନେ ଆଉ ଗାଡ଼ିଟାଏ ଫିଟିଯିବା ଉପରେ କାହିଁକି ବା ଦୃଷ୍ଟିପାତ କରିବେ ବରଂ କୃତଜ୍ଞତାରେ କର ଯୋଡ଼ିହୋଇ ଲୁହ ଗଡ଼ାଇବେ । ଏମାନଙ୍କ ଦୃଷ୍ଟିଭଙ୍ଗୀ ଅସାଧାରଣ । ତାଙ୍କ ସହିତ ସାଧାରଣ ମଣିଷର ମେଳ ଖୁବ୍ କମ୍ । ଏଣୁ

ସାଧାରଣ ଦୃଷ୍ଟିରେ ଏମାନେ ହସନ୍ତି ସତେ ବା ଯେମିତି ଗୁଡ଼ାଏ ଖଣ୍ଡିଆଖାବରାକୁ ମୋଟା ପଲସ୍ତରାଟାଏ ଦେଇ ଘୋଡ଼େଇ ଦେଉଛନ୍ତି । ବିଲୁଆର ଲାଙ୍ଗୁଡ଼ ଛୁଡ଼ିଗଲେ ତାକୁ ଉଶ୍ୱାସ ଲାଗେ ବୋଲି କହନ୍ତି । ସେ ଯାହାହେଉ ପଛକେ ଏ ମଙ୍ଗଳବାଦୀ ଗଣ୍ଡାକ ଗୁଡ଼ାଏ ଭହ୍ୱଳବିକଳରୁ ଅନ୍ତତଃ ନିଷ୍କୃତି ପାଇଯାଆନ୍ତି । ତାଙ୍କର ଦୃଷ୍ଟିଭଙ୍ଗୀ ଜୀବନର ପ୍ରତ୍ୟେକ ପ୍ରତିକୂଳ ପରିସ୍ଥିତି ଉପରେ ନୂଆ ରଙ୍ଗ ମଡ଼େଇକୁ ଗ୍ରହଣ କରିନିଏ । ସେଥିରେ ହତାଶା ବା ନିରାଶାକୁ ସ୍ଥାନ ଦିଆଯାଏ ନାହିଁ । ଯଦି ଅସହାୟ ଭାବରେ ନିହାତି ଦୁର୍ଦ୍ଦିନ ସହିବାକୁ ପଡ଼େ, ବିରୋଧ କରି ତାକୁ ଜିଣିଲା ଭଳି ବାହାରେ ବଳ ନ ଥାଏ, ତେବେ ତାକୁ ଏମିତି ଆପଣେଇ ନେଲେ କ୍ଷତି କ'ଣ ? ସେଥିରେ ତା'ର ଦାଢ଼ଟା ତ ଅନ୍ତତଃ ମରିଯିବ ।

ଜୀବନରେ ଯେଉଁମାନଙ୍କର ଗାଡ଼ି ଛୁଟିଛି ଦେଇଛି ସେମାନଙ୍କୁ ଏ ପ୍ରକାର ଅଦୃଷ୍ଟ-ଦର୍ଶନ ବେଶ୍ ମାନେ । ସେମାନେ ନିଜକୁ ବେଶ୍ ମନ୍ତ୍ରମୁଗ୍ଧ କରି, ବରଫ ବେଢ଼ା ଭିତରେ ରୁନ୍ଧି କାଲୁଆ କରି ଗୁଡ଼ାଏ ଅନୁତାପ ଜ୍ୱାଳାରୁ ବଞ୍ଚିଯାଆନ୍ତି । ନିଶାଖୋର୍ ଲୋକ ଯେମିତି ଟିକିଏ ନିଜକୁ ଭୁଲିଯିବାପାଇଁ ଗୁଡ଼ାଏ ତାଡ଼ିଲା ବିଷ ପିଇଯାଏ, ସେମିତି ଦର୍ଶନରୁ ଟେଳାଏ ପକେଇ ଆଖି ମିଟି ମିଟି କରି ଅନେଇଲେ ସବୁ ନୂଆ ନୂଆ ଲାଗେ । ଏଇଟା ବି ଗୋଟାଏ ସେମିତି ମନଭୁଲାଣ ନୁହେଁ କି ? ରୋଗୀ ଅଣାୟତ୍ତରେ ଔଷଧ ଗିଳିଲା ପରି ବଡ଼ଭାଗ ନିରାଶ ଲୋକ ଏହାର ଆଶ୍ରା ଲୋଡ଼ି ନିଅନ୍ତି ।

ସେମାନଙ୍କୁ ଏମିତି ଦ'କଡ଼ାର ବୋଲି ମଣୁଥିବା ଲୋକେ ଜାନନ୍ତୁ ମାନନ୍ତୁ ଯେ ତାଙ୍କ ଭିତରୁ କେତେଜଣ ବେଶ୍ ଗମ୍ଭୀର ପାଣିର ଜୀବ । ସେଗୁଡ଼ିକ ମୋଟ ଉପରେ ଜୀବନପ୍ରତି ଉଦାସୀନ । ମାଟି ପାଣି ସଂସାରର ସୁଖ ଦୁଃଖ ତାଙ୍କୁ ବିଚଳିତ କରିପାରେ ନାହିଁ ! ତାଙ୍କ ମନରେ ଉଚ୍ଚାଟର ଉକାଣ୍ଠି ଧରେ ନାହିଁ । ଏଣୁ ସେମାନେ ସେପରି କୌଣସି ସୁଯୋଗ ଆସିବା ବା ତାକୁ ହରେଇ ଦେବା କଥା ଜାଣି ପାରନ୍ତି ନାହିଁ । ସେମାନଙ୍କ ଜୀବନଟା ଭିତର ମୁହାଁ । ବାହାରର ପ୍ରତିଯୋଗିତା, ଦ୍ୱନ୍ଦ୍ୱ, ଜୟ, ପରାଜୟ ସେ ଭିତରେ ପଶିପାରେ ନାହିଁ । ସେଗୁଡ଼ିକ ଆତ୍ମାରାମ ଜଡ଼ଭରତ ଶ୍ରେଣୀର ଲୋକ । ସଂସାରର ଶୋଭାଯାତ୍ରାକୁ ଦୂରରୁ ନିର୍ଲିପ୍ତ ହୋଇ ଦେଖିବା ହିଁ କେବଳ ତାଙ୍କର ଧର୍ମ । ସେମାନଙ୍କୁ ଭିଡ଼ି ଓଟାରି ଆଣି ପାଲିଙ୍କି ବୁହାଇଲେ ସେମାନେ ତାଲ ରକ୍ଷା କରି ପାରିବେ ନାହିଁ । ଜୀବନରେ ଅଭିଳାଷ ବା କାମନା ଯାହାର ନାହିଁ ବା ଆଉ ପ୍ରକାରେ କହିଲେ ହାତ ପାଇଲା ଭଳି ଶ୍ରେଷ୍ଠ ବଡ଼ ଲକ୍ଷ୍ୟ ଯାହାର ନାହିଁ ତା' ପାଇଁ ସୁଯୋଗର ମଧ୍ୟ ଅର୍ଥ କିଛି ନାହିଁ । ଯଦି ଜଣେ ଯାତ୍ରା କରିବାକୁ ପ୍ରସ୍ତୁତ ନୁହେଁ, ତା'ପାଇଁ ପଚିଶଟା ଗାଡ଼ି ଆସିଲେ କେତେ ବା ଛୁଟିଦେଲେ କେତେ ! ଧରି ସେମାନେ ସେଇ ଷ୍ଟେସନ ମାଷ୍ଟର ଭଳି 'ଗାଡ଼ି

ଯିବା ଆସିବା କେବଳ ଠିଆହୋଇ ଦେଖନ୍ତି । ମୋଟ ଉପରେ ଗୋଟାଏ ଚଳାଚଳ ବିଷୟରେ ସେମାନେ ହୁଏତ ସଚେତନ, କିନ୍ତୁ କୌଣସି ଗୋଟିଏ ଗାଡ଼ି ଛାଡ଼ିଦେବାର ବିଶେଷ ତାତ୍ପର୍ଯ୍ୟ ତାଙ୍କ ମନକୁ ଛୁଇଁପାରେ ନାହିଁ । ନ ଛୁଇଁବା କଥା ।

ଦୁଇଟି ଅଲଗା ଅଲଗା ସୂଅରେ ଯୋଡ଼ିଏ ବିନ୍ଦୁ ପରସ୍ପର ଆଡ଼କୁ ପାଖେଇ ଆସୁଛନ୍ତି । ସମୟର କୌଣସି ଗୋଟିଏ ମୁହୂର୍ତ୍ତରେ ହୁଏତ ମିଶିଯାନ୍ତେ, କିନ୍ତୁ ତା' ହେଉ ନାହିଁ କାରଣ ସମୟ ଆଉ ଏକ ସୂଅ । ଆମ ଭିତରେ ବାହାରେ ଏତେ ପ୍ରକାର ପ୍ରବାହ ଯେ ତାକୁ ବୁଝି ବସିଲେ ବୁଦ୍ଧି ହଟିଯାଏ । କୌଣସି ବସ୍ତୁ ତ ସ୍ଥିର ନୁହେଁ । ଅଣୁ ପରମାଣୁଠାରୁ ଆରମ୍ଭ କରି ଆକାଶରେ ଗ୍ରହ ନକ୍ଷତ୍ର ପର୍ଯ୍ୟନ୍ତ ସମସ୍ତଙ୍କ ଯେମିତି କିଏ ତଡ଼ିନେଇ ଚାଲିଛି । ଏପ୍ରକାର ଧାଁ ଦଉଡ଼ ଭିତରେ ଯଦି ଯୋଜନା ଅନୁସାରେ କିଛି ଘଟିଗଲା ତାହା ହିଁ ସବୁଠାରୁ ବେଶି ବିସ୍ମୟକର । ଏଇ ଧରନ୍ତୁ ସେ ରେଳ ଛାଡ଼ିଦେବା କଥା । କେଉଁ ଅପନ୍ତରା ଭିତରୁ ଗାଡ଼ି, ମଟର ଧରି ଆସି ଷ୍ଟେସନ୍‌ରେ ରେଳ ଚଢ଼ିବା କେତେ ପ୍ରକାର ପ୍ରବାହର ମିଶାଗୋଳିଆ କଥା—ଏ ଜଟିଳ ଛନ୍ଦ ଭିତରେ ଗାଡ଼ି ଛାଡ଼ିଦେବା ବରଂ ଖୁବ୍ ସ୍ୱାଭାବିକ ! ସବୁ ଯୋଗାଯୋଗ ହୋଇ ଗାଡ଼ି ଚଢ଼ିବା ଅଦ୍ଭୁତ ବ୍ୟାପାର !

ଅନେକେ ଅଛନ୍ତି ଯେଉଁମାନଙ୍କୁ ଏ ସବୁ ଗତି ଦିଶେ । ତାଙ୍କୁ ଦିଶେ ସବୁ ଘୂରୁଛି; ସବୁ ଦୂରେଇ ଯାଉଛି । ଯାହା ଅଚଳ ପରି ଦିଶୁଛି ତା' କେବଳ ସେମିତି ଦିଶୁଛି ମାତ୍ର । ତା ଭିତରେ ଅହରହ ଅଣୁପରମାଣୁର ଘୂର୍ଣ୍ଣନ ଚାଲିଛି । ଟିକିଏ ତଳେଇ ଦେଖିଲେ ପ୍ରକୃତରେ ଅନନ୍ତ କାଳର ସୂଅରେ ଏ ଅନନ୍ତ ଧାଁ ଧଉଡ଼କୁ ନେଇ ହିଁ ଏ ଜଗତଟା ଆମ ଭିତରେ ରକ୍ତର ଧାର ବୁଲେ, ତା ଭିତରେ କଣିକା ବୁଲନ୍ତି । ଆବେଗର ତାଡ଼ନାରେ ଆମେ ଘୂରି ବୁଲୁ । ଏ ପୃଥିବୀ ଘୂରେ, ସୂର୍ଯ୍ୟ ଘୂରେ, ଗ୍ରହ ନକ୍ଷତ୍ର ଘୂରନ୍ତି ଗୋଟେ ବାରୁଦ ହାଣ୍ଡି ଫୁଟିଲାବେଳେ ତା ଧୂଆଁ ଭିତରେ ରହିଗଲେ ଯେମିତି ସବୁ ଚାରିଆଡ଼େ ଛିଆଡ଼ି ହୋଇ ପଡ଼ିବାର ଅନୁଭୂତି ଆସନ୍ତା, ଏ ପ୍ରାୟ ସେହିପରି । ଏ ଦୁର୍ବାର ଗତି କାହିଁକି ? ଏମିତି ତଡ଼ି ନେଇ ନେଇ କେଉଁଠି ପହଞ୍ଚେଇବ ନା ଖାଲି ଘୂରି ଘୂରି ବୁଲିବା ହିଁ ଏ ସୃଷ୍ଟିଟାର ଲକ୍ଷ୍ୟ ? ଯା'ର ଉତ୍ତର ଦେବା ଭାରି କଷ୍ଟ । କିନ୍ତୁ ଏ ଗତିଟା ଜଣାପଡ଼େ କେମିତି ? ସ୍ଥିତି ନ ଥିଲେ ତା' ଗତି ଜଣାପଡ଼ିବ ନାହିଁ । ନିଜେ କୌଣସି ସ୍ଥିର ବିନ୍ଦୁରେ ରହିଲେ ଯିନା ତେଣିକି ସବୁ ଘୂର୍ଣ୍ଣନ ଦିଶିବ । ସେପରି ସ୍ଥିର ବିନ୍ଦୁଟିଏ ତ ଏ ସଂସାରରେ କୁତ୍ରାପି ନାହିଁ । ଯଦି କୌଣସିଠାରେ କିଏ ନିକାଳେ ସେପରି ସ୍ଥିର ବିନ୍ଦୁଟିଏ ଆସିଯାଏ, ତେବେ ସମଗ୍ର ବିଶ୍ୱ ହଠାତ୍ ଧ୍ୱଂସ ହୋଇଯିବ । କାଳ ନିସ୍ତରଙ୍ଗ ହୋଇଯିବ । ତେଣିକି କଣ ହେବ ନ ହେବ କହି ହେଉନାହିଁ । ମୋଟ ଉପରେ ତାହା ଏକ ଅସମ୍ଭବ ଅବସ୍ଥା । ତେବେ ଆମେ ଗତି ବିଷୟ ଜାଣୁ କିପରି ? ତା'

କେବଳ ଆପେକ୍ଷିକ ଦୃଷ୍ଟିରୁ । ଗୋଟିଏ ଆପେକ୍ଷିକ ସ୍ଥିତିରୁ ଆପେକ୍ଷିକ ଗତିକୁ ବୁଝିବା କଥା । ସେ ମଧ୍ୟ କେବଳ ପ୍ରତୀତ ହୋଇପାରେ । ଆମ ଭିତରେ ଯେଉଁ ଯନ୍ତ୍ରଟା ଜାଣେ ବା ଜାଣିବା କାର୍ଯ୍ୟରେ ବ୍ୟବହୃତ ହୁଏ ସେଇଟା ମଧ୍ୟ ଗୋଟାଏ ଅସ୍ଥିର ତରଙ୍ଗ ଭଳିଆ ଜିନିଷ । ଆମକୁ ଦିଶେ ସୂର୍ଯ୍ୟ ଚାଲୁଛି । ଆମେ ଯୁକ୍ତିରେ ବୁଝୁ ଯେ ପୃଥିବୀ ଚାଲୁଛି । ଆଉ ତଳକୁ ଦେଖିଲେ ଉଭୟେ ଚାଲିଛନ୍ତି । ଏମିତି ବୁଝୁ ବୁଝୁ ହଠାତ୍ ପ୍ରଶ୍ନ ଉଠେ –"ଚାଲିଛନ୍ତି କି ?"

ଯା ଉପରେ ଆଉ ଖେଣ୍ଡାଏ ପୋଥି । ପ୍ରକୃତରେ କିଛି ଚାଲନାହିଁ । ସବୁ ସେମିତି କେବଳ ଲାଗୁଛି । ଏ ଜଗତ୍‌ଟା ଗୋଟାଏ ପ୍ରତୀତି । ଗୋଟାଏ ପ୍ରହେଳିକା — ଯାହା ଦିଶୁଛି ସେ ସବୁ ମିଥ୍ୟା । କେବଳ ଅବିଦ୍ୟା ବୋଲି ଗୋଟାଏ କୁହୁକରୁ ଉତ୍ପନ୍ନ । ନିଦରେ ବୁଡ଼ିଥିଲେ ଯେମିତି ବହୁ ବହୁ କଥା ଦିଶେ ମାତ୍ର ଆଖି ଫିଟେଇ ଦେଲେ ସବୁ କୁଆଡ଼େ ଉଭେଇଯାଏ ସେପରି ଏ ସୃଷ୍ଟି । କେବଳ ଗୋଟାଏ ଭ୍ରମ । ଦଉଡ଼ିଟାକୁ ସାପ ବୋଲି ବିଚାରିବା ଯାହା, ପ୍ରାୟ ସେହିପରି । ଆମେ ଆମର ମୂଳ ସତ୍ୟରେ ସବୁବେଳେ ଅଛୁ । ସେଇଟା ହିଁ ଏକମାତ୍ର ସତ୍ୟ । ସେଥିରେ ଆମେ ସବୁବେଳେ ଥିଲୁ, ଅଛୁ ଏବଂ ରହିବୁ । ଏ ସମୟଟା ମଧ୍ୟ ଭ୍ରମ । କାଳ-ଗତିର ଏ ପରଳ ଆଡ଼େଇ ଦେଲେ ଆମେ ହିଁ ସେହି । ଏଣୁ ସ୍ଥିତି ସତ୍ୟ, ଗତି ମିଥ୍ୟା । ଏ ପ୍ରକାର ମଧ୍ୟ କେତେ ଜଣ ବୁଝିଛନ୍ତି । ସେମାନେ ଜୀବନକୁ ଗୋଟାଏ ସ୍ୱପ୍ନ ପରି ଦେଖୁଥାନ୍ତି । ତେମନ୍ତ ଦ୍ରଷ୍ଟାଙ୍କ ପାଇଁ ଗାଡ଼ିଟାଏ ଛାଡ଼ିଦେବା କି ବା ଛାର କଥା ।

ଆମେ କିନ୍ତୁ ସାଧାରଣ ମଣିଷ ଭାବରେ ଗୁଡ଼ାଏ ଯୋଜନାକୁ ନେଇ ବଞ୍ଚୁ । ସେଇ ଯୋଜନା ପଛରେ ଧାଇଁବା ହେଲା ଆମ ଜୀବନର ଅର୍ଥ । ଏଥିରୁ କୌଣସି ଯୋଜନା ଯଦି ଗୋଟିଏ ସୁଯୋଗ ହରେଇବା ଦ୍ୱାରା ଭଣ୍ଡୁର ହୋଇଗଲା ତେବେ ଆମକୁ ଧକ୍କା ଲାଗିବା କଥା । ସେ ଯୋଜନାଟା ସହିତ ଗୋଟା ଏ ପ୍ରକାର ଏକାତ୍ମଭାବ ହୋଇଯାଇଥିବାରୁ ତାକୁ ଜୀବନରୁ କାଢ଼ି ନେଇଗଲେ ଅଙ୍ଗହାନି ହେଲା ପରି ଲାଗିବା କଥା । ସୁଯୋଗ ହରାଇ ତାକୁ ଝୁରି ଝୁରି ଜୀବନସାରା ମନସ୍ତାପ କରିବା କଥା । ଅନେକ ସମୟରେ ସୁଯୋଗ ଆସେ ଏବଂ ଯାଏ ଆମ ଅଜାଣତରେ । ବହୁ ପରେ ଆମେ ବୁଝୁ ଯେ ସେ ଆସିଥିଲା । ସେଥିରେ ମଧ୍ୟ ଗୁଡ଼ାଏ ହା ହତାଶ ହେବାକୁ ହୁଏ । ଏ ସବୁ ମୂଳରେ ସେଇ ଯୋଜନାସର୍ବସ୍ୱ ଜୀବନ । ଖାଇବା, ପିନ୍ଧିବା, କୋଠାବାଡ଼ି କରିବା, ଧନ ଦଉଲତ କରିବା, ନିଜେ ଓ ନିଜର ସମସ୍ତଙ୍କୁ ଆମେ ଯାହା ସୁଖ ବୋଲି ବୁଝୁ ସେଥିରେ ବୁଡ଼େଇ ରଖିବା ହେଲା କେତେଗୁଡ଼ିଏ ମୂଳ ଯୋଜନା । ଏମାନଙ୍କ ଜୀବନରେ ଗୋଟାଏ ଆଭିମୁଖ୍ୟ ସଜାଡ଼ି ଧରନ୍ତି ଓ ଆମକୁ ପଛରୁ ଠେଲନ୍ତି । ଏ ଫାନ୍ଦରେ ନ ପଡ଼ିବ ଏମିତି ପୁଅ କେହି ନାହିଁ । ତେବେ ଏ ଅସଂଖ୍ୟ ଯୋଜନା ଭିତରେ କିଏ କେଉଁଟାକୁ କେତେବେଳେ ଗୁରୁତ୍ୱ ଦେଇଥାଏ, ସେ ଅନୁସାରେ ତା' ପଛରେ ଗୋଡ଼ାଏ । ବହୁ

ଶ୍ରମ, ବହୁ ଅଶାନ୍ତି, ବହୁ ପରାଜୟ ସାଙ୍ଗକୁ ଅନେକ ସଫଳତା ଓ ଆନନ୍ଦ ମଧ୍ୟ ଆସି ପହଞ୍ଚେ । ପ୍ରତି ମୁହୂର୍ତ୍ତରେ ପ୍ରସ୍ତ ପ୍ରସ୍ତ ହୋଇ ଆଲୁଅ ଅନ୍ଧାର ତାକୁ ଘୋଡାଇ ଚାଲିଥାଏ । ମନେହୁଏ ଯେ ଏସବୁ ଯୋଜନା ଉପରେ ତାର କୌଣସି ମାଲିକପଣିଆ ନାହିଁ ବରଂ ସେଗୁଡ଼ିକ ଗୋଟିଏ ଗୋଟିଏ ଅଦୃଶ୍ୟ ପ୍ରବାହ ସେଥିରୁ କେଉଁଟା କେତେବେଳେ ଆସି ମଣିଷର ମନ ପ୍ରାଣକୁ ବୁଡେଇଦିଏ, ଟାଣି ନେଇଯାଏ । ବହୁ ଅସହାୟ ଅବସ୍ଥାରେ କେବଳ ଗୋଟାଏ ଅନେକ ସୁଅର ମଥିତ ଆନ୍ଦୋଳନ ଉପରେ ସେ ଭାସୁଥାଏ । ଯେଉଁ ସୁଅ ଯେତେବେଳେ ଟାଣ ପଡ଼ିଗଲା ସେ ମୁହଁରେ ସେ ସବୁବେଳେ ତଡ଼ିହୋଇ ଚାଲିଥାଏ । ତାର ସେଥିରେ ଆପତ୍ତି ବା କ'ଣ ? ସ୍ରୋତର ହାବୁକାରେ ଉଚ୍ଛାଟ ଓ ଆବେଗ ତେଜିଉଠେ । ସେଥିରେ ସେ ମଜ୍ଜିଯାଏ । ଏଇ ସୁଅ ମୁହଁରେ ତଡ଼ି ହୋଇ ଗଲାବେଳେ ତାକୁ ସଂସାରର ବାକି ସବୁ କିଏ ପ୍ରତିକୂଳ ତ କିଏ ଅନୁକୂଳ ପରି ବୋଧ ହୁଅନ୍ତି । ଅନୁକୂଳକୁ କେନ୍ଦ୍ରକରି ମନରେ ସ୍ୱପ୍ନ ଗଜେଇ ଉଠେ । ସେ ଆଉ ଏକ ପ୍ରବାହର ପ୍ରଥମ ପ୍ରକାଶ । ଫଳରେ ଗାଡ଼ି ଛାଡ଼ିଦେଲେ ତା'ର ସ୍ୱପ୍ନରେ ଆଘାତ ଲାଗେ । ସେ ବିକଳ ହୋଇ ଉଠେ, ଆଉ ଗୋଟିଏ ସୁଅ ତାକୁ ତଡ଼ି ନ ଦେବା ପର୍ଯ୍ୟନ୍ତ । ଯଦି ଆଉ ଥରେ ପୁରୁଣା ସୁଅ ମୁହଁରେ ସେ ପୁଣି କେବେ ପଡ଼ିଯାଏ, ତେବେ ନଷ୍ଟ ସୁଯୋଗ ପୁଣି ଅନୁତାପ ସୃଷ୍ଟି କରେ ।

କଲିକତାକୁ ପରୀକ୍ଷା ଦେଇ ଯାଉଥିବା ଜଣକ ଗାଡ଼ି ଧରିପାରେ ନାହିଁ ଫଳତଃ ସେ ହୁଏତ ରେଲ୍‌ୱେରେ ଯେଉଁ ଉଚ୍ଚ ପାହ୍ୟା କାମ ପାଇଥାନ୍ତା ତାହା ନ ପାଇ ଫେରିଆସେ । ପରିସ୍ଥିତି ତାକୁ ନେଇ ହାଇସ୍କୁଲ ଶିକ୍ଷକ କରି ଥୋଇଦିଏ । ସାଧାରଣ ମୂଲ୍ୟବୋଧ ତାକୁ ସେଇ ପୁରୁଣା ସ୍ରୋତ ଆଡ଼କୁ ଖୋଲି ଧରେ । ସେ ସେଥିରେ ପଡ଼ି ପୁରୁଣା ସ୍ୱପ୍ନରେ ଘାରିହୁଏ, ଏବଂ ମନ ଭିତରେ ଖାଲି ଭାବୁଥାଏ ସେଇ ଗାଡ଼ି ଛାଡ଼ିଦେବା କଥା—"ଇସ୍, ଯଦି ନ ଛାଡ଼ିଥାନ୍ତା ତେବେ କାହିଁରେ କ'ଣ ହୋଇ ସାରନ୍ତାଣି ।"

ଜୀବନରେ ବହୁ ଜ୍ୱାଳା । ଯେ ଯାହାର ବେଳ ଜାଣି ଆସି ପ୍ରସ୍ତେ ପୋଡ଼ି ଦେଇଯାନ୍ତି । ଗାଡ଼ି ଧରି ନ ପାରିବା ମଧ୍ୟ ଗୋଟିଏ ଅଦ୍ଭୁତ ଜ୍ୱାଳା । ତା' ବୋଧହୁଏ କେବଳ ଥରେ ମାତ୍ର ଘଟିଥାଏ । କିନ୍ତୁ ବହୁ ସହସ୍ର ଥର ସେ ଲହୁଡ଼ି ମାରି ଜୀବନକୁ ବିପଦଗ୍ରସ୍ତ କରେ । ପ୍ରତ୍ୟେକ ଥର ତା'ର ପାଉଣା ଗୋଟିଏ ଦୀର୍ଘ ଶ୍ୱାସ । ଅବଶ୍ୟ ଯଦି କେହି ସେମିତି ଏ ସଂସାରରୁ ହୁଗୁଳି ଯାଇଛି, ତା ପ୍ରଶ୍ନ ଅଲଗା, କାରଣ ତାର ମୂଲ୍ୟବୋଧ ଅଲଗା ।

---

# ପରିବର୍ତ୍ତନ ଓ ପ୍ରଗତି

● ବିପିନବିହାରୀ ସିଂହ

ଏ ଜଗତରେ କୌଣସି ବସ୍ତୁର ସ୍ଥିରତା ନାହିଁ । ଯାହା ପୂର୍ବେ ଥିଲା ତାହା ବର୍ତ୍ତମାନ ନାହିଁ; ଯାହା ଏଇଠି ଏବଂ ଏକ୍ଷଣି ଅଛି, ପରମୁହୂର୍ତ୍ତରେ ତାହାର ବିନିମୟ ଘଟୁଅଛି । ସ୍ଥାବର ଅସ୍ଥାବର, ସଜୀବ ନିର୍ଜୀବ, ବିଶ୍ୱବ୍ରହ୍ମାଣ୍ଡର ତାବତୀୟ ବିଭାଗରେ ପରିବର୍ତ୍ତନ ସ୍ରୋତ ଅହର୍ନିଶ ଚାଲିଅଛି । ବାଷ୍ପୀୟ ପଦାର୍ଥର ତରଳତା, ତରଳ ପଦାର୍ଥର କାଠିନ୍ୟ ଘଟୁଅଛି; ପୁଣି କଠିନ ପଦାର୍ଥ ଦ୍ରବୀଭୂତ ଓ ବାଷ୍ପୀଭୂତ ହେଉଅଛି । ଯାହା ଏକ କାଳରେ ଜ୍ୱଳନ୍ତ ବାଷ୍ପପିଣ୍ଡ ଥିଲା, ତାହା କ୍ରମଶଃ ଶୀତଳତା ପ୍ରାପ୍ତ ହୋଇ ଆମ୍ଭମାନଙ୍କର ଆବାସଭୂମିରେ ପରିଣତ ହୋଇଅଛି । ଯାହା ପୂର୍ବେ ଗୋଟିଏ ନୀହାରିକାମଣ୍ଡଳ ଥିଲା, କାଳକ୍ରମେ ତହିଁରୁ ନାନା ଗ୍ରହର ଉତ୍ପତ୍ତି । ଆଜି ବିଶ୍ୱରେଣୁ ଛିନ୍ନ ବିଚ୍ଛିନ୍ନ ହୋଇ ବିବିଧ ନକ୍ଷତ୍ରମଣ୍ଡଳରେ, ପୁଣି ନକ୍ଷତ୍ରମଣ୍ଡଳ ଖଣ୍ଡବିଖଣ୍ଡ ହୋଇ ଭିନ୍ନ ଭିନ୍ନ ନକ୍ଷତ୍ରରେ ବିକଶିତ ହେବାର ସୂଚନା ପଦାର୍ଥ-ବିଜ୍ଞାନରୁ ମିଳେ । ଜୀବନ୍ତ ଜଗତରେ ପ୍ରାଣୀ ପ୍ରାଣୀର ସଙ୍ଗମରେ କେତେ ନୂତନ ଜାତୀୟ ପ୍ରାଣୀର ସୃଷ୍ଟି ହେଉଅଛି. କେତେ ଲୋପ ପାଇଅଛି । କେତେ ବର୍ତ୍ତମାନ; ପୁଣି କେତେ ଭବିଷ୍ୟତର ଗର୍ଭରେ ନିହିତ, ତାହା କଳ୍ପନା କରିବା ସାଧାତୀତ । ଯାହା ସ୍ଥିତିଶୀଳ, ତାହା ବସ୍ତୁତଃ ଅନ୍ୟରୂପ ଅଟେ । ସାଧାରଣତଃ ଗୃହୀତ ସ୍ଥବିର ଜଡ ପଦାର୍ଥରେ ମଧ୍ୟ ଆଣବିକ (Electron) ଆଲୋଡ଼ନ ନିୟତ ବିଦ୍ୟମାନ । ପ୍ରସ୍ତର ପ୍ରାଚୀର ବେଷ୍ଟିତ ନିର୍ବାତ ନିଷ୍କମ୍ପ ପୁଷ୍କରିଣୀ ଜଳ ନିଶ୍ଚଳ ବସ୍ତୁତୁଲ୍ୟ ବୋଧହୁଏ; ମାତ୍ର ପ୍ରକୃତରେ ତାହା ଗତି ପ୍ରତିରୋଧର ସଙ୍କେତ ଅଟେ । ଦୃଶ୍ୟମାନ ନିଶ୍ଚଳତା ଶକ୍ତି ପ୍ରତିଶକ୍ତିର ଦ୍ୱନ୍ଦ୍ୱ କ୍ଷେତ୍ର । ଏ ସମସ୍ତ ବିଷୟ ଚିନ୍ତାକଲେ ସହଜରେ ଅନୁମିତ ହୁଏ, ଗତିଶୀଳତା ପ୍ରତ୍ୟେକ ପଦାର୍ଥର ଧର୍ମ । କେହି ଏକ ସ୍ଥାନରେ, ଏକ ଅବସ୍ଥାରେ, ଏକ ରୂପରେ, ଏକ ପ୍ରକାରରେ, ଏକ ଶ୍ରେଣୀରେ ଆବଦ୍ଧ ରହିବାକୁ ଲୋଡ଼େ ନାହିଁ ।

ପରିବର୍ତ୍ତନ ଗୋଟିଏ ପ୍ରାକୃତିକ ଘଟଣା, ଏହା ନିଃସନ୍ଦେହରେ କୁହାଯାଇପାରେ । କିନ୍ତୁ ଏହାର ସ୍ୱରୂପ କିପରି ? ଏ କଅଣ ସମୂହ ପରିବର୍ତ୍ତନ ନା

ଆଂଶିକ ? ଏତଦ୍ୱାରା ପଦାର୍ଥର ସମୂଳ ବିନାଶ ଘଟୁଅଛି କି ? ବାହାରରୁ ଦେଖିଲେ ଏହି ପ୍ରକାର ବୋଲି ମନେ ହୁଏ । ମନେ ହୁଏ, ଯେପରି ଏକର ପ୍ରସ୍ଥାନ, ଅନ୍ୟର ଆଗମନ ଏବଂ ଯାହା ଆବିର୍ଭୂତ, ତାହା ତତ୍‌କ୍ଷଣାତ୍ ତିରୋହିତ କିନ୍ତୁ ଉତ୍ତମରୂପେ ପରୀକ୍ଷା କଲେ ବୁଝାଯାଏ ଯେ, ପଦାର୍ଥରେ ସ୍ଥାୟୀ ଅସ୍ଥାୟୀ ଉଭୟ ଭାବ ରହିଅଛି । ଏକ ଶକ୍ତି ଅନ୍ୟ ଶକ୍ତିରେ ରୂପାନ୍ତରିତ ହେଉଅଛି । ପାର୍ଥିବ ସୁପ୍ତ ଶକ୍ତି କାର୍ଯ୍ୟକାରୀ ଶକ୍ତିରେ, ପାଦାର୍ଥିକ ମିଶ୍ରଣ ରାସାୟନିକ ସଂଯୋଗରେ, ପୁଣି ରାସାୟନିକ ଶକ୍ତି ଜୈବ-ଶକ୍ତିରେ ସତତ ପରିବର୍ତ୍ତିତ ହେଉଅଛି; କିନ୍ତୁ ଶକ୍ତିଭେଦରେ ଶକ୍ତିର ପରିମାଣ ଜଗତରେ ଅକ୍ଷୁଣ୍ଣ ରହିଅଛି । ପ୍ରକୃତି ଜଗତରେ ପ୍ରତ୍ୟେକ ବସ୍ତୁ ପରିବର୍ତ୍ତନଶୀଳ ଏବଂ ବସ୍ତୁ ବସ୍ତୁ ମଧ୍ୟରେ ପ୍ରଭେଦ ଅନେକ । କିନ୍ତୁ ମାଧ୍ୟାକର୍ଷଣ ନିୟମ ଅକାଟ୍ୟ । ଏହା ସମସ୍ତଙ୍କ ପ୍ରତି ପ୍ରଯୋଜ୍ୟ । ଆକର୍ଷଣ- ପ୍ରତିକର୍ଷଣ-ଧର୍ମ ପ୍ରତ୍ୟେକ ପଦାର୍ଥଠାରେ ଚିରକାଳ ରହିଅଛି । ପୁଣି ବସ୍ତୁ-ଗୁଣ-ସମ୍ବନ୍ଧ ନିତ୍ୟ, ଯଦିଚ ଗୁଣର ତାରତମ୍ୟ ସ୍ୱୀକାର୍ଯ୍ୟ । ଏହି ହେତୁରୁ ପାଦାର୍ଥିକ ପ୍ରକ୍ରିୟାକୁ ଆମ୍ଭେମାନେ ଦୁଇଭାଗରେ ବିଭକ୍ତ କରୁଁ; ଅପ୍ରଧାନ ଓ ପ୍ରଧାନ । ଯାହା ଅସ୍ଥାୟୀ, ତାହା ଅପ୍ରଧାନ । ଯାହା ସ୍ଥାୟୀ ତାହା ପ୍ରଧାନ । ମନୁଷ୍ୟର ରୂପ, ବୟସ, ଉଚ୍ଚତାର ପରିବର୍ତ୍ତନ ଘଟିଲେ ମଧ୍ୟ ତାହାର ଜାତି ଧର୍ମ ବିନଷ୍ଟ ହେଉନାହିଁ । ଔପାଧିକ ଅନିତ୍ୟତା ମଧ୍ୟରେ ମୌଳିକ ଧର୍ମର ନିତ୍ୟତା ବିରାଜିତ ଅଛି । ଭେଦରେ ଅଭେଦ ନିର୍ଣ୍ଣୟ କରିବା, ଅସାରରୁ ସାର ପୃଥକ୍ କରିବା ଏବଂ କି ଉପାୟରେ ଏହା ନିର୍ଣ୍ଣୀତ ହେବ, ତାହା ସ୍ଥିର କରିବା ପଣ୍ଡିତମାନଙ୍କର କାର୍ଯ୍ୟ ।

ଏହି ବିଶାଳ ଜାଗତିକ ସ୍ରୋତ ଗୋଟାଏ ରୋଗୀର ପ୍ରଳାପ କି ଅନିର୍ଦ୍ଦିଷ୍ଟ ପ୍ରବାହ ନୁହେଁ । ଜଗଦ୍‌ବ୍ୟାପୀ ପରିବର୍ତ୍ତନ ଅର୍ଥଯୁକ୍ତ, ସହେତୁକ ବିଷୟ । ପରିବର୍ତ୍ତନ ଘଟୁଅଛି; କାରଣ ପରିବର୍ତ୍ତନର ପ୍ରୟୋଜନ ରହିଅଛି । ଏବଂ ସେ ପ୍ରୟୋଜନ ଏହି ଯେ, ପ୍ରତ୍ୟେକ ବସ୍ତୁ ଯାହା ହେବା ଉଚିତ, ଯାହା ହେବାପାଇଁ ଲୋଡ଼େ, ସେ ତାହା ନୁହେଁ । ପ୍ରତ୍ୟେକ ପଦାର୍ଥ ଅଭାବଗ୍ରସ୍ତ, ଅସମ୍ପୂର୍ଣ୍ଣ । ସେଥିରେ କିଛି ନା କିଛି କଳଙ୍କ ରହିଅଛି । ପୂର୍ଣ୍ଣତା ଲାଭ କରିବା, ପୂର୍ଣ୍ଣାବୟବର ଅଙ୍ଗୀଭୂତ ହେବା ପଦାର୍ଥର ଧର୍ମ; ଏବଂ ନିୟତ ପରିବର୍ତ୍ତନ ମାର୍ଗ ଦେଇ ପ୍ରତ୍ୟେକ ପଦାର୍ଥ ସେହି ଦିଗରେ ଧାବମାନ । ନଦୀ ସାଗରାଭିମୁଖୀ, ଯାବତୀୟ ପାର୍ଥିବ ବସ୍ତୁ ପୃଥିବୀ-କ୍ରୋଡ଼ାଭିମୁଖୀ । ମାନବଠାରେ ମାନବିକ ଗୁଣ ଅଛି । ପୁଣି ତାହା ସହିତ ଅମାନବିକ ବିଷୟ ମଧ୍ୟ ସଂଲଗ୍ନ ଅଛି । ମନୁଷ୍ୟର ପରିବର୍ତ୍ତନ ମୂଳରେ ଏହି ପରସ୍ପର-ପ୍ରତିଷେଧକ ଗୁଣଦ୍ୱୟ ବିଦ୍ୟମାନ । ମନୁଷ୍ୟ ନିଜ ଆସନ ପାଇବାଲାଗି ବ୍ୟାକୁଳ; କିନ୍ତୁ ହିଂସା, ଦ୍ୱେଷ, ଲାଲସା, ପିପାସା ପ୍ରଭୃତି ପାଶବିକ ପ୍ରବୃତ୍ତି ମନୁଷ୍ୟକୁ ପଶୁଆଡ଼କୁ ଟାଣିନେବା-ପାଇଁ ତତ୍ପର । ଜ୍ଞାନ, ଶିକ୍ଷା, ସ୍ୱଭାବ, ଅଭ୍ୟାସ, ଅନୁଭୂତି, ଅଭିଜ୍ଞତା ଦ୍ୱାରା ମନୁଷ୍ୟର

ଯାହା ପରିବର୍ତ୍ତନ ଘଟୁଅଛି, ତାହାର ଫଳରେ ସେ ଜୟ ପରାଜୟର ମାର୍ଗ ଦେଇ ଏବଂ କ୍ରମେ ବୃଦ୍ଧିପ୍ରାପ୍ତ ହୋଇ ଅସମ୍ପୂର୍ଣ୍ଣରୁ ପୂର୍ଣ୍ଣାବସ୍ଥା ପାଇବାରେ ସମର୍ଥ ହେଉଅଛି । ଯେଉଁ ମୁହୂର୍ତ୍ତରେ ଅମାନବିକ କ୍ଷମତା ଆତ୍ମସ୍ୱାଧୀନ ହେବ, ଯେଉଁ ମୁହୂର୍ତ୍ତରେ ଉକ୍ତ କ୍ଷମତା ମାନବିକ ପ୍ରଗତିର ଅନ୍ତରାୟ ନ ହୋଇ ସେଥିପ୍ରତି ସହାୟ ହେବ, ସେହି ମୁହୂର୍ତ୍ତରେ ମାନବିକ ଧର୍ମ ପୂର୍ଣ୍ଣଭାବରେ ବିକଶିତ ହେବ । ଏବଂ ଯେବେ ଏହା ଘଟେ ତେବେ ସେହି ମୁହୂର୍ତ୍ତରୁ ମାନବର ଆଉ ପରିବର୍ତ୍ତନ ଘଟିବ ନାହିଁ, କାରଣ ପରିବର୍ତ୍ତନର ଆବଶ୍ୟକତା ରହିବ ନାହିଁ । ପ୍ରତ୍ୟେକ ପଦାର୍ଥ ଶକ୍ତିମାନ୍ ଏବଂ ଶକ୍ତି ପ୍ରୟୋଗରୁ ପଦାର୍ଥରେ ଅବସ୍ଥା ପାର୍ଥକ୍ୟ ଜନ୍ମେ । ପରିବର୍ତ୍ତନ ପଦାର୍ଥର ଶକ୍ତିମତ୍ତାର ପରିଚାୟକ ଏବଂ ସେହି ଅନ୍ତର୍ନିହିତ ଶକ୍ତି ତାହାକୁ ଅପୂର୍ଣ୍ଣତାରୁ ପୂର୍ଣ୍ଣତା ଆଡ଼କୁ ଘେନି ଯାଉଅଛି ।

ଅତଏବ ପରିବର୍ତ୍ତନ ପରିବର୍ତ୍ତନର ହେତୁ ନୁହେଁ । ପରିବର୍ତ୍ତନରେ ଯାହାର ଆରମ୍ଭ, ତାହାର ସମାପ୍ତି ପରିବର୍ତ୍ତନରେ ନାହିଁ । ପରିବର୍ତ୍ତନ ଜାଗତିକ ପନ୍ଥା, ଲକ୍ଷ୍ୟ ନୁହେଁ । ଯାହା ବିଭିନ୍ନ ଅବସ୍ଥାରେ ରୂପାନ୍ତରିତ ହେଉଅଛି, ଅଥଚ ନିଜର ନିଜତ୍ୱ ରକ୍ଷା କରିବାରେ କ୍ଷମ ହେଉଅଛି, ସେହି ପଦାର୍ଥ ପରିବର୍ତ୍ତନର ଯଥାର୍ଥ ହେତୁ; ଏବଂ ଉକ୍ତ ପଦାର୍ଥ ସାହାଯ୍ୟରେ ପରିବର୍ତ୍ତନାବଳୀର ଉପଯୁକ୍ତ ସ୍ଥାନ ଆମ୍ଭେମାନେ ନିର୍ଦ୍ଦେଶ କରିପାରୁଁ । ଶୈଶବରୁ ଯୌବନରେ, ଯୌବନରୁ ବାର୍ଦ୍ଧକ୍ୟରେ ଉପନୀତ ହେଲେ, ଅନେକ ପରିବର୍ତ୍ତନ ଆମ୍ଭମାନଙ୍କର ଦୃଷ୍ଟିଗୋଚର ହୁଏ; କିନ୍ତୁ କେବଳ ଶୈଶବ-ଯୌବନ ସମ୍ପର୍କଦ୍ୱାରା ବା କେବଳ ଯୌବନ-ବାର୍ଦ୍ଧକ୍ୟ ସମ୍ପର୍କ ଦ୍ୱାରା ଏପରି ପରିବର୍ତ୍ତନର ଠିକ୍ ଅର୍ଥ ବୋଧଗମ୍ୟ ହୁଏ ନାହିଁ । ସେଥିପାଇଁ ମୂଳ ପଦାର୍ଥର ଆଶ୍ରୟ ଆବଶ୍ୟକ । ଶୈଶବ ଯୌବନ-ବାର୍ଦ୍ଧକ୍ୟ ବ୍ୟକ୍ତିବିଶେଷର ଅବସ୍ଥାଭେଦ । ବ୍ୟକ୍ତିର ବିନା ସାହାଯ୍ୟରେ ବୟସ ବିପର୍ଯ୍ୟୟର ଫଳାଫଳ ବୁଝିବା ଅସାଧ୍ୟ । ଯେଉଁଠାରେ ବ୍ୟକ୍ତିର ଅଭାବ, ସେଠାରେ ଏପରି ବିଭିନ୍ନତା ଅସମ୍ଭବ; ଏବଂ ଏହି ବିଭିନ୍ନତା ମଧ୍ୟରେ ବ୍ୟକ୍ତିର ଏକତ୍ୱ ଚିରସଂସ୍ଥିତ । ଶିଶୁ ଯୁବା, ଯୁବା ବୃଦ୍ଧ ହେବାଦ୍ୱାରା ଏକ ବ୍ୟକ୍ତି ତଦ୍‌ଭିନ୍ନ ବ୍ୟକ୍ତିରେ ପରିଣତ ହୁଏ ନାହିଁ । ନାନା ଭାବରେ ପରିବର୍ତ୍ତିତ ହେଲେ ମଧ୍ୟ ବ୍ୟକ୍ତିର ବିନାଶ ଘଟେ ନାହିଁ । ସେହି ବ୍ୟକ୍ତି ନଶ୍ୱର ଘଟନାର ଅବିନଶ୍ୱର ବସ୍ତୁ ।

ପ୍ରଗତି ଏକ ପଦାର୍ଥର କ୍ରମିକ ପରିପୁଷ୍ଟି । ପ୍ରଗତିଦ୍ୱାରା ପଦାର୍ଥ ଆଦ୍ୟ ଅବସ୍ଥାରୁ ଅନ୍ତିମ ଅବସ୍ଥାରେ ଉପନୀତ ହୁଏ । ଯେ ଯାହା ଅଛି ଯଦି ତନ୍ମାତ୍ରରେ ନିବଦ୍ଧ ରହେ; ତେବେ ତାହାର ପ୍ରଗତି ନାହିଁ । ପ୍ରଗତି ବସ୍ତୁରେ ପରିବର୍ତ୍ତନ ଆଣେ । ହେଲେହେଁ ପ୍ରଗତି ଓ ପରିବର୍ତ୍ତନ ବିଭିନ୍ନ ଅର୍ଥଜ୍ଞାପକ । ବସ୍ତୁବସ୍ତୁର ଯୋଗବିୟୋଗ ଘଟିଲେ, ବସ୍ତୁର ଶରୀରମାନ ବୃଦ୍ଧିପ୍ରାପ୍ତ ହେଲେ, ଯେଉଁ ଅବସ୍ଥାନ୍ତର ଜନ୍ମେ, ତାହାକୁ ବସ୍ତୁର ପଦୋନ୍ନତି କୁହାଯାଇ ନ ପାରେ । ଯଦି ମୋହର ଗୃହରେ ଗୋଟିଏ କୋଠରୀ

ଥାଏ ଏବଂ ମୁଁ ଆଉ ଗୋଟିଏ ନିର୍ମାଣ କରେ, ତେବେ ଏତାଦୃଶ ସଂଖ୍ୟାବୃଦ୍ଧି ଗୋଟିଏ ପରିବର୍ତ୍ତନ । କିନ୍ତୁ ତାହା ଗୃହର ଅଭିବୃଦ୍ଧି ନିର୍ଦ୍ଦେଶକ ନୁହେଁ; କାରଣ ଗୃହ ନାମତଃ ଏକ, ପଦାର୍ଥତଃ ଅନେକ । ଯଦ୍ୟପି ଅନେକ କୋଠରୀ ଏକତ୍ରୀକୃତ, ତଥାପି ଏମାନେ ପୃଥକତ୍ୱ ସୂଚକ । ବର୍ଷା ଋତୁରେ ନଦୀର କଳେବର ବୃଦ୍ଧିପ୍ରାପ୍ତ ହୁଏ । ମାତ୍ର ତଦ୍ଦ୍ୱାରା ଜଳପରିମାଣର ଆଧିକ୍ୟ ସୂଚିତ ହୁଏ; ନଦୀର ପ୍ରଗତି ସୂଚିତ ହୁଏ ନାହିଁ । ଯେଉଁଠାରେ ପଦାର୍ଥ ପଦାର୍ଥର ସମଷ୍ଟି ବିଦ୍ୟମାନ, କିନ୍ତୁ ପାଦାର୍ଥିକ ଏକତ୍ୱ ଅବିଦ୍ୟମାନ, ସେଠାରେ ପ୍ରଗତି ଅବିଦ୍ୟମାନ । ପ୍ରଗତି ବଳରେ ସରଳବସ୍ତୁ ଜଟିଳ ଆକାର ଧାରଣ କରେ; ପୁଣି ସେହି ଜଟିଳତାରେ ଏକ ପ୍ରାଣ ନିୟତ ପଲ୍ଲବିତ ହେଉଥାଏ । କେବଳ ଜୀବନ୍ତବସ୍ତୁ ପ୍ରତି ପ୍ରଗତି ଶବ୍ଦ ପ୍ରଯୁଜ୍ୟ । ଜୀବନ୍ତ-ବସ୍ତୁର ସଂବୃଦ୍ଧି ସଙ୍ଗେ ବିଭିନ୍ନ ଅଙ୍ଗ ପ୍ରତ୍ୟଙ୍ଗ ସୃଷ୍ଟି ଓ ପୁଷ୍ଟ ହୁଏ; ଏବଂ ଏହି ଅବୟବ ଗୁଡ଼ିକର କର୍ମ ବିଭିନ୍ନ ହେଲେହେଁ ସେହି ମୂଳ ପଦାର୍ଥର ପ୍ରାଣ ସଂରକ୍ଷଣ, ପ୍ରାଣ ସଂବର୍ଦ୍ଧନ ସମସ୍ତଙ୍କର ଏକମାତ୍ର ଧର୍ମ । ବିଭିନ୍ନ ଶାଖାପ୍ରଶାଖା ପତ୍ରପୁଷ୍ପ ବିକଶିତ ହେବା ବୃକ୍ଷର ପ୍ରଗତି । ବୃକ୍ଷର ପ୍ରତ୍ୟେକ କଳେବର ବିଭାଗରେ ସେହି ଏକ ପ୍ରାଣ ବିରାଜିତ ।

ସଂସାରର ପରିବର୍ତ୍ତନ ସ୍ରୋତ ସର୍ବଦା ଏକମୁଖୀ ନୁହେଁ । ସାଗରତରଙ୍ଗ ତୁଲ୍ୟ ଏହାର ଜୁଆର ଭଟ୍ଟା ଉଭୟ ଦିଗ ରହିଅଛି । ଛେଦବିଚ୍ଛେଦ, ରୋଗବାର୍ଦ୍ଧକ୍ୟ, କ୍ଷୟସଂହାର ପ୍ରଭୃତି ଗୋଟିଏ ଗୋଟିଏ ପରିବର୍ତ୍ତନ; କିନ୍ତୁ ଏଗୁଡ଼ିକ ପାଦାର୍ଥିକ ଅବନତିର ଚିହ୍ନ—ଉନ୍ନତିର ନୁହେଁ । ପ୍ରଗତି ପରିବର୍ତ୍ତନ ସାପେକ୍ଷ; କିନ୍ତୁ ପରିବର୍ତ୍ତନ ମାତ୍ର ପ୍ରଗତିସୂଚକ ନୁହେଁ । ଜାଗ୍ରତ ମନୁଷ୍ୟ ସୁପ୍ତ ହେଲେ, ପୌଢ଼ ଶିଶୁ ତୁଲ୍ୟ ଆଚରଣ କଲେ, ସଭ୍ୟଜାତି ଅସଭ୍ୟ ପ୍ରଣାଳୀର ଆଶ୍ରୟ ନେଲେ, ଯେଉଁ ଅବସ୍ଥାନ୍ତର ଜନ୍ମେ, ତାହା ନିମ୍ନଗତିସୂଚକ । ତାହାକୁ ବ୍ୟକ୍ତିର ବା ଜାତିର ଅଭିବୃଦ୍ଧି କୁହାଯାଇ ନ ପାରେ । ବ୍ୟକ୍ତିଗତ, ଜାତିଗତ ପରିବର୍ତ୍ତନ ଦ୍ୱାରା କେତେବେଳେ ଜୟ, କେତେ-ବେଳେ ପରାଜୟ, କେତେବେଳେ ଉନ୍ନତି, କେତେବେଳେ ଅବନତି ସୂଚିତ ହୁଏ । ଅହଲ୍ୟା ପାଷାଣରେ ପରିଣତ ହେବାଦ୍ୱାରା ପଦାର୍ଥର ଅଧୋଗତି ଘଟେ । ଏହାର ପୁନଃ ପରିବର୍ତ୍ତନ ସମ୍ପାଦିତ ହେଲେ, ପାଦାର୍ଥିକ ଜମ ଉଚ୍ଚସ୍ତରରେ ଆରୂଢ଼ ହୁଏ ।

ବସ୍ତୁ, ବ୍ୟକ୍ତି, ଜାତି, କେହି ସଂବୃଦ୍ଧି ବିବୃଦ୍ଧି ବିପର୍ଯ୍ୟୟରୁ ଏକାବେଳକେ ମୁକ୍ତ ନୁହେଁ । ପ୍ରତ୍ୟେକ ପରିବର୍ତ୍ତନକୁ ପାଦାର୍ଥିକ ଉନ୍ନତି ରୂପେ ସ୍ୱୀକାର କରିବା ସମ୍ପୂର୍ଣ୍ଣ ରୂପେ ଅସତ୍ୟ । ପରିବର୍ତ୍ତନର ମୂଲ୍ୟ, ପରିବର୍ତ୍ତନର ମାପ, ପୌନଃପୁନିକ ପରିବର୍ତ୍ତନରେ ବା ପରିବର୍ତ୍ତନର ପରିମାଣରେ ଅଥବା ପରିବର୍ତ୍ତନର ଜଟିଳତାରେ ନାହିଁ; ତାହା ଉଦ୍ଦେଶ୍ୟ ସିଦ୍ଧିରେ ଅଛି । ଅବସ୍ଥା ବୈଷମ୍ୟରେ ନାହିଁ; ବୈଷମ୍ୟ ପରିପାଟୀରେ ଅଛି । ଯେଉଁ ପରିବର୍ତ୍ତନ ଲକ୍ଷ୍ୟ ବସ୍ତୁ ଆଡ଼କୁ ଘେନିଯାଏ, ତାହା ଲକ୍ଷ୍ୟ ବସ୍ତୁ ପ୍ରାପ୍ତିରେ ସହାୟତା କରେ, ତାହା ବୃଦ୍ଧିମୂଳକ । ଯାହା ସେଥିରେ ଅନ୍ତରାୟ, ତାହା ଅପଚୟ

ସୂଚକ । ପୁରାତନ ଭାଙ୍ଗିଲେ, ନୂତନର ଅବତାରଣା ହେଲେ, ଏପରି ପରିବର୍ତ୍ତନ ଘଟିଲେ ବା କେହି ପରିବର୍ତ୍ତନର ସୂଚନା ଦେଲେ ପରୀକ୍ଷା କରିବାକୁ ହେବ । ତାହା ପୂର୍ବାବସ୍ଥା ଅପେକ୍ଷା ସମୀଚୀନ କି ଅର୍ବାଚୀନ, ହିତକର କି ଅହିତକର; ଏବଂ ଯଦି ହିତକର ହୁଏ, କେଉଁ ଗୁଣରେ କେତେ ପରିମାଣରେ ହିତକର । ବର୍ତ୍ତମାନ ଅବସ୍ଥାକୁ ଅନୁଭବ କରି ଯେ କୌଣସି ପରିବର୍ତ୍ତନ ଜୟଧ୍ୱନିରେ ବରଣ କରିବା, ଯେ କୌଣସି ଅବସ୍ଥାନ୍ତର ସୁଖକର ରୂପେ ଆଦର କରିବା, ଅନ୍ଧ ଲୋକର କାର୍ଯ୍ୟ । କଥିତ ଅଛି ଗୋଟିଏ କୃଷକ ବୃଦ୍ଧା ଜନନୀର ଶରୀର ଉତ୍ତପ୍ତ ହେବା ଅନୁଭବ କରି ତାହାକୁ କିଛିକାଳ ଜଳ ନିମଗ୍ନ କରି ରଖିଲା । ଏତଦ୍ୱାରା ବୃଦ୍ଧାର ଯେଉଁ ଭିନ୍ନ ଅବସ୍ଥା ଆସିଲା, ସେଥିରେ ତାହାର ମଙ୍ଗଳ ନ ଘଟି ଅମଙ୍ଗଳ ହିଁ ଘଟିଲା । ଜ୍ୱରରୋଗ ସାନ୍ନିପାତିକ ସଙ୍କଟରେ ପରିଣତ ହେଲା । ପରିବର୍ତ୍ତନ ଫଳରେ କେତେବେଳେ ଭଲ, କେତେବେଳେ ମନ୍ଦ, କେତେବେଳେ ପୁଣି ମନ୍ଦ ସ୍ଥାନରେ ମନ୍ଦତର ଘଟଣା ସଂଘଟିତ ହୁଏ । ପୁଣି ଏକ ମନ୍ଦରୁ ନିଷ୍କୃତି ପାଇବା ଲାଗି ଅନେକ ସମୟରେ ପରିବର୍ତ୍ତନ ଦ୍ୱାରା ବୃହତ୍ତର ମନ୍ଦ ଆନୀତ ହୁଏ । ନେଉଳ ପୋଷିଥିବା ଲୋକଟି ନେଉଳର ବିନାଶ ଘଟାଇ, ନେଉଳର ଖାଦ୍ୟାର୍ଥ ଗୃହକୁ ଆନୀତ ସାପ ବେଙ୍ଗ ପ୍ରଭୃତି ଅସନା ବିଷୟରୁ ରକ୍ଷା ପାଇଲା ସତ୍ୟ; କିନ୍ତୁ ଗୃହରେ ସାପ ପଶିବାର ବାଟ ପରିଷ୍କାର କରିଦେଲା ।

ପ୍ରାକୃତିକ ପରିବର୍ତ୍ତନ ସୂକ୍ଷ୍ମ, ଏତେ ସୂକ୍ଷ୍ମ ଯେ ଅବସ୍ଥା କିପରି ପରିବର୍ତ୍ତିତ ହେଉଅଛି ଓ କେତେ ପରିମାଣରେ ପରିବର୍ତ୍ତିତ ହେଉଅଛି, ତାହା ସ୍ଥିର କରିବା ସାଧ୍ୟାତୀତ । କିନ୍ତୁ ଯାହା ସୂକ୍ଷ୍ମ ତାହା ଉପର୍ଯ୍ୟୁପରି ପୁଞ୍ଜୀଭୂତ ହୋଇ ସ୍ଥୂଳ ଆକାର ଧାରଣ କଲେ ସାଧାରଣଙ୍କର ଅନୁଭୂତିକୁ ଆସେ । ଏହି କାରଣରୁ ଅନେକ ସମୟରେ ପୂର୍ବାପର ଅବସ୍ଥା ତୁଳନା କରି ଏବଂ ଏମାନଙ୍କର ବ୍ୟବଧାନାତିଶଯ୍ୟ ଉପଲବ୍ଧି କରି ଏ ଦୁଇ ଅବସ୍ଥାକୁ ଆମ୍ଭେମାନେ ପରସ୍ପରଠାରୁ ପୃଥକ୍ ପୃଥକ୍ ସ୍ଥାନ ଦେଇଥାଉଁ । କେଉଁ ମୁହୂର୍ତ୍ତରେ ଶୀତର ଶେଷ, କେଉଁ ମୁହୂର୍ତ୍ତରେ ଗ୍ରୀଷ୍ମର ଆରମ୍ଭ ତାହା ନିର୍ଣ୍ଣୟ କରିବାରେ ଆମ୍ଭେମାନେ ଅସମର୍ଥ । ହେଲେହେଁ ଶୀତ, ଗ୍ରୀଷ୍ମ ଓ ବର୍ଷା ଯେ ସମ୍ପୂର୍ଣ୍ଣ ଭାବରେ ଭିନ୍ନ ପଦାର୍ଥ, ଏମାନଙ୍କ ମଧ୍ୟରେ ଯେ ଅଭେଦ୍ୟ ପ୍ରାଚୀର ବିରାଜିତ, ତାହା ନୁହେଁ । ଋତୁର କ୍ରମ ଅବିଚ୍ଛିନ୍ନ । ବୀଜ ସହିତ ଚେରର, ଚେର ସହିତ ଅଙ୍କୁରର, ଅଙ୍କୁର ସହିତ ବୃକ୍ଷର, ଏହିପରି ଘଟଣା ଘଟଣା ପରସ୍ପର ସଂଲଗ୍ନ; କେହି କାହାରଠାରୁ ପୃଥକ୍ ଭାବରେ ଅବସ୍ଥିତ ନୁହେଁ । ନାନା ଅବାନ୍ତର ବିଷୟରେ ଜଡ଼ିତ ଥାଇ ସୁଦ୍ଧା ଏକ ଘଟଣା ଅନ୍ୟ ଘଟଣା, ସୁଦୂର ଘଟଣା ସହିତ ମଧ୍ୟ ସଂପୃକ୍ତ । କୌଣସି କୌଣସି ଘଟଣା ଏକ କାଳରେ ବିଦ୍ୟମାନ, କିଏ ପୂର୍ବବର୍ତ୍ତୀ, କିଏ ପରବର୍ତ୍ତୀ, କିଏ ଏକରୁ ଜନ୍ୟ ପୁଣି ଅନ୍ୟର ଜନକ । ଏହିପରି ଘଟଣା ଘଟଣା ପରସ୍ପର ସମ୍ପର୍କଯୁକ୍ତ । ତେବେ କେହି

ନିକଟ, କେନ୍ଦ୍ର ବା ଦୂର ସମ୍ପର୍କୀୟ । ଘଟନା ଅନେକ, ପରିବର୍ତ୍ତନ ଅନେକ; କିନ୍ତୁ ଇତରେତର-ସମ୍ପର୍କ-ନିବଦ୍ଧ । ଯଦିଚ ପ୍ରତ୍ୟେକ ବସ୍ତୁର ପରିବର୍ତ୍ତନ ଘଟୁଅଛି, ବସ୍ତୁ-ବସ୍ତୁ ଜାତି-ଜାତି ପରିବର୍ତ୍ତନ ମଧ୍ୟରେ ଏକ ଅଚ୍ଛେଦ୍ୟ ବନ୍ଧନ ସର୍ବଦା ନିହିତ ରହିଅଛି । ଜାଗତିକ ପରିବର୍ତ୍ତନ ଗୋଟିଏ ଅଖଣ୍ଡ ଧାରାବାହିକ ପ୍ରବାହ । ଯଦି ପାଦାର୍ଥିକ ପରିବର୍ତ୍ତନ ପରସ୍ପର ସମ୍ବନ୍ଧାନ୍ୱିତ ହୁଏ, ଯଦି ପରିବର୍ତ୍ତନ ପରମ୍ପରା ମଧ୍ୟରେ ଅବିଭାଜ୍ୟ ସମ୍ପର୍କ ଥିବାର ବିଜ୍ଞାନ-ସମ୍ମତ ହୁଏ, ତେବେ ସ୍ୱୀକାର କରିବାକୁ ହେବ ଯେ ଏହି ଅନନ୍ତ ଘଟନା ବିପର୍ଯ୍ୟୟ ଏକ ଅଭ୍ୟନ୍ତରିକ ସତ୍ତାର ବିଭିନ୍ନ ବିଭାଗ । ଏକ ଘଟନା ଅନ୍ୟ ଘଟନା ଉପରେ ସାକ୍ଷାତ ବା ଅସାକ୍ଷାତ ଭାବରେ ପ୍ରଭାବ ବିସ୍ତାର କରି ରହିଅଛି । ପାରମ୍ପର୍ଯ୍ୟ ସାହଚର୍ଯ୍ୟ-ସମ୍ବନ୍ଧାନ୍ୱିତ ଘଟନାନିଚୟ ଏକ ଅନ୍ତରତମ ପଦାର୍ଥର ଅବସ୍ଥା ବିଶେଷ । ପଦାର୍ଥ ଯେ କେତେ ପ୍ରକାରରେ, କେତେ ପରିମାଣରେ ପରିବର୍ତ୍ତିତ ହେଉଅଛି, ତାହା ଚିନ୍ତା କଲେ ବିସ୍ମୟରେ ଅଭିଭୂତ ହେବାକୁ ହୁଏ; କିନ୍ତୁ ଯେତେ ପରିବର୍ତ୍ତିତ ହେଲେ ମଧ୍ୟ ପଦାର୍ଥର ପୂର୍ଣ୍ଣ କ୍ଷୟ ନାହିଁ । କେତେ ସ୍ତର, କେତେ ଅବସ୍ଥା ବ୍ୟତିକ୍ରମ କରି, ଭୋଗୀ ତ୍ୟାଗୀର ଆସନ ଅଧିକାର କରେ, ଏହା କଳନା କରିବା ଦୁରୂହ । ରାଜପୁତ୍ର ଗୌତମ ଓ ସନ୍ନ୍ୟାସୀ ବୁଦ୍ଧଦେବଙ୍କ ମଧ୍ୟରେ ଆକାଶ ପାତାଳ ପ୍ରଭେଦ । ହେଲେହେଁ ଏ ଦୁଇ ରୂପ ଏକ ପୁରୁଷର ପ୍ରତିକୃତି ।

ସାଂସାରିକ ପରିବର୍ତ୍ତନ ଅସାର ସ୍ୱପ୍ନକ୍ରୀଡ଼ା କି ନର୍ତ୍ତକୀର ଫାନ୍ଦ ନୁହେଁ । ଏ ବିଶ୍ୱନୃତ୍ୟ ଗୋଟିଏ ରହସ୍ୟମୟ ବିଷୟ ଏବଂ ଏହାର ରହସ୍ୟ କେବଳ ଦୃଶ୍ୟ ବା ଅଙ୍ଗ ପରିବର୍ତ୍ତନରେ ନାହିଁ । ସାରା ଜଗତରେ ଯେଉଁ ଉଦ୍ଦାମ ଉଚ୍ଛ୍ୱାସ, ଯେଉଁ ଗତି ଶୃଙ୍ଖଳା ଲକ୍ଷିତ ହୁଏ, ତାହା ବିଶ୍ୱଗତିର ଗୋଟିଏ ପାର୍ଶ୍ୱମାତ୍ର । ଅନ୍ୟ ପାର୍ଶ୍ୱପ୍ରତି ଦୃଷ୍ଟିଦେଲେ ଏହାର ରହସ୍ୟ ଉଦ୍‌ଘାଟିତ ହୁଏ । ଯାହା ବିଶ୍ୱକୋଳାହଳ ରୂପେ ଆଭାସିତ, ତାହାର ଅଭ୍ୟନ୍ତରରେ ବିଶ୍ୱସଙ୍ଗୀତ ନିହିତ । ଯାହା ଦୃଶ୍ୟତଃ ପରିବର୍ତ୍ତନ-ଶୀଳ, ତାହାର ଗହ୍ୱରରେ ଅକ୍ଷୁଣ୍ଣ ଶକ୍ତି ବିଦ୍ୟମାନ । ଜାଗତିକ ଚପଳତା ଜାଗତିକ ସତ୍ୟର ମୁଖବନ୍ଧ ସ୍ଥିରତା ଓ ଅସ୍ଥିରତା, ସ୍ଥାୟିତା ଓ ଅସ୍ଥାୟିତା ପରସ୍ପର ଜଡ଼ିତ । ପରିବର୍ତ୍ତନ ସତ୍ତାର ଇତିହାସ; ସତ୍ତା ପରିବର୍ତ୍ତନର ଧର୍ମ ଅସ୍ଥାୟୀର ଗତି ସ୍ଥାୟୀ ଦିଗରେ । ଅଦମ୍ୟ ଅଶାନ୍ତି, ସ୍ଥାୟୀ ଶାନ୍ତିର ପୂର୍ବତମ ସ୍ତର । କ୍ଷଣିକ ଘଟନା ନିତ୍ୟର ଜୀବନସ୍ଫୁଲିଙ୍ଗ । ଯାହା କ୍ଷଣିକ ତାହା ଅନେକ; ଯାହା ଅନେକ, ତାହା ଏକର ପ୍ରକ୍ରିୟା । କ୍ଷଣିକର ମଧ୍ୟଦେଇ, କ୍ଷଣିକର ସାହାଯ୍ୟରେ ନିତ୍ୟ ବସ୍ତୁର ନିତ୍ୟତା ରକ୍ଷିତ, ମାର୍ଜିତ ଓ ପରିପକ୍ୱ ହେଉଅଛି । ଏହି ଅନନ୍ତ ଆବର୍ତ୍ତନ ପ୍ରବାହରେ, ଜାଗତିକ କ୍ରିୟା ପ୍ରକ୍ରିୟା, ଜନ୍ମ-କର୍ମ ଉତ୍ଥାନ-ପତନର ଅନ୍ତରାଳରେ ଜାଗତିକ ଆତ୍ମା ଚିର ପ୍ରକଟିତ । ଗତିରେ ସ୍ଥିତିର, ଅନିତ୍ୟରେ ନିତ୍ୟର, ବିବର୍ତ୍ତନରେ ସନାତନର ପ୍ରାଧାନ୍ୟ ଉପଲବ୍ଧି କରିବା ବିଶ୍ୱସୃଷ୍ଟିର ଗୂଢ଼ ତତ୍ତ୍ୱ ।

# କମ୍-ଭୁତ

● ଗୋପୀନାଥ ମହାନ୍ତି

ନିତଦିନିଆ ଦେଖାର ଧରଣି ଉପରେ ଚମକ ଫୁଟାଇ ଆସେ, ଯେତେ ଅଚିହ୍ନା, ଯେତେ ଅସାଧାରଣ, ଯେତେ ଅଢଙ୍ଗ, ଯେତେ ଅଖାଡ଼ୁଆ, ସବୁ ରୂପରେ । କିଏ ଜାଣିଥିଲା, ଆକାଶ କଣରେ ମେଘମେଞ୍ଚାକ ଦିଶିବ ଘୋଡ଼ା ପରି, ହାତୀ ପରି, ପୁଣି ଘୋଡ଼ାର ଥିବ ଗୋଜା ଗୋଜା ଯୋଡ଼ାଏ ଶିଙ୍ଘ, ମିଁ ମିଁ କା ମାଣିକରଜା ପରି, ପୁଣି ହାତୀର ଲାଙ୍ଗୁଡ଼ ଲେଟିଯିବ ଗୋଡ଼ ତଳେ ତଳେ । ହୁଏତ ହାତୀ ଲାଙ୍ଗୁଡ଼ରେ ଟଣା ହୋଇ ଚାଲିବ ଧୋବଲା ବଉଦର ଗୋଟାଏ ବଡ଼ ମହାଦେଶ, ଯାହା ଇଉରୋପ ନୁହେଁ, କି ଉତ୍ତର ଆମେରିକା ନୁହେଁ; କିନ୍ତୁ ଦୁଇଟା ମହାଦେଶର ମଝାମଝି ଗୋଟାଏ ସାଲିସ, ଗୋଟାଏ ଫିକର । ଏତେ ଅପରୂପ-ପୁଣି ସେହି ନେଳି ଆକାଶରେ, ଯେଉଁଠି ଜହ୍ନ ଆଲୁଅର ଜୁଆର ଲହଡ଼ି ଭାଙ୍ଗେ, ଆଉ ବିଞ୍ଚିହୋଇ ପଡ଼େ ଭଙ୍ଗା ଫେଣର ଭସାମେଘ ।

ସବା ଉପରେ ଗାଦି ମାଡ଼ି ବସିଛି କମ୍-ଭୂତ, ଆକାଶର ମଥାମଣି ଜହ୍ନ ଉପରେ; ଆଉ ଯେତେ କବି, ଯେତେ ଶିଳ୍ପୀ, ଯେତେ ସଉକୀ ଚାହିଁ ବସିଛନ୍ତି ତଳର ଏ ପୃଥିବୀରେ, ତାଙ୍କରି ଆଡ଼କୁ ଚାହିଁ ଚାହିଁ ହସୁଛି, କଣେଇ କଣେଇ, ବଙ୍କେଇ ବଙ୍କେଇ ଜହ୍ନ ମଝିରେ ସେଇଟା କଣ ? ସେଇଟା କଣ ଠେକୁଆ ? ନା ପାହାଡ଼ ? ନା ଝାଟିଝିଟା ଆଉ ମଶାଲ ଧରି ଜହ୍ନର ମଣିଷ । ସେଇଟା କିଛି ନୁହେଁ, ସେଇଟା କମ୍-ଭୂତ ।

ସୁନ୍ଦର ଆଖି-ଦରଶାର ବନ୍ଧ ଡେଇଁ ଗୋଟାଏ କଣ ଲମ୍ବିଯାଏ । ଛବି ଉପରେ ଅହେତୁକୀ ରଙ୍ଗ-ମେଞ୍ଚା ପରି । ଲମ୍ବି ଚାଲିଥାଏ, କମର ଅଗ ଶେଷ ନ ମାନି । ଲମ୍ବି ଚାଲିଯାଏ, ମପାଚୁପା ଗଢ଼େଇ ନକ୍ସାର ବାଡ଼ ଡେଇଁ । ଶେଷରେ ଦାଅଁ ହୁଏ ମାଙ୍କଡ଼, ପୋଷା ହୁଏ ଅରଣା, ଛବି ହୁଏ ମେଞ୍ଚା ମେଞ୍ଚା ରଙ୍ଗର ଅସନା ସମଷ୍ଟି, ଗୀତ ହୁଏ ଘୋଘା ଗୋଳମାଳ, କୋଇଲିର କୁହୁ କୁହୁ ହୁଏ ଗଧ ଭେରଣ୍ଡା ।

ଦୁନିଆର ସବୁ ହୋଇଥାଆନ୍ତା ଆମ ଆଇନ୍‌ରେ ସୁନ୍ଦର । ତା' ନ ହୋଇ ଠାଏ ଠାଏ ଖାଲି ବଙ୍କା ଟେମଣା, ଆବଡ଼ା ଖାବଡ଼ା, ଗେଞ୍ଜା ଗୋଜା, ଦାନ୍ତୁରି ଗ୍ରହଣଖଣ୍ଡିଆ । ଲତାର ଲଳିତ କଳା ଭ୍ରୁକୁଞ୍ଚିଆ ମାରେ । ଫୁଲ ହୁଏ କେମ୍ପା କୁଜା ।

ପ୍ରକୃତିର ଆଇନ୍‌ର ଫାଙ୍କେ ଫାଙ୍କେ ରହିଯାଏ ବେ-ଆଇନ; ନ ହେଲେ କି ଅଦିନରେ ବରଷା, ରୂପରେ ବିରୂପ । କେହି କହିବେ ସୃଷ୍ଟିର ବୈଚିତ୍ର୍ୟ; କିନ୍ତୁ ସେ ବିଚିତ୍ରତା ଯେଉଁ ସବୁ ସୂତାରେ ଗୁନ୍ଥା ହୋଇଛି, ତା' ରହିଯାଏ ସବୁଦିନେ ଅଛପା, ଖାଲି ମନର ଶାନ୍ତି ପାଇଁ ଆମେ ଧରିନେଉଁ ମିଟିଏ ମିଟିଏ ସବୁ ଖିଅ— ଅନ୍ଧକାରରେ ଦୂର ବାଟୋଇ ଭାବେ ଯେପରି ଚିରଗୁଣୀ ଆଲୁଅକୁ ଶଗଡ଼ର ଲଣ୍ଠନ ବୋଲି ।

'ଆଉ ପ୍ରକୃତି ଭିତରେ ଠାଏ ଠାଏ ନ କହି ନ ପୋଛି ବାହାରିପଡ଼େ ସେହି କିମ୍ଭୂତ, ଝଲଝଲା, ଅଥରପା, ଅଖାଡ଼ୁଆ, ଅରଣା; ବନ୍ଧବାଡ଼ର ଭେଡ଼ା ଡେଇଁ ସେ ପାଖେ ଠିଆହୁଏ; ଅଚ୍ଛିଣ୍ଡା ଗୁହାଣୀରେ ଥରେ ଗୁହିଁଦେଇ ମାଡ଼ି ଚାଲିଯାଏ, ଅନ୍ଧାର ଆଲୁଅ ମିଟିଆଁ ମିଟି ।

ଆଖି ପାଏ ନାହିଁ । ମନ ଭିତରର ସଞ୍ଚା ବିଶ୍ୱାସ ଧାରଣା. ଦୋହଲାଇ ଦେଇଯାଏ; କେତେ ଆଦରର କେତେ ଯୁଗ ଯୁଗର ବସାଣି (deposit) ସଂସ୍କାର ସଂସ୍କୃତି ଓଲଟପାଲଟ କରିଯାଏ, ଅତି ଯତନରେ ସଜଡ଼ା ମଥାର କବରୀ ।

ମନ ଆପେ ଆପେ ଲେଉଟି ଆସେ କିମ୍-ଭୂତର ପରିକଳ୍ପନାରୁ । ମୁଣ୍ଡବୁଲା ପାହାଡ଼ ତଳର ଡେଉ ଉପରୁ ଆଖି ଚାଲିଯାଇ ବିଶ୍ରାମ କରେ ଫୁଲଫୁଟା ବଗିଚା ଉପରେ । ଯେଉଁଠି ମଣିଷର ଯତ୍ନରେ ଫୁଲଫୁଟିଛି ଅଗଣିତ ମନମାଫି ସଜା, ମନମାଫି କଟାଛଣ୍ଟା, ଯେଉଁଠି ମଣିଷର ମରଜି ଯୋଗାଇ ଅରଣା ଘାସ ହୋଇଛି ସାବୁଜା ଶେଯ, ସମା···ନ ।

ଖାଲି ଯେ ଦିଶନ୍ତା ପ୍ରକୃତିରେ କିମ୍ଭୂତ . ଥାଏ ତା ନୁହେଁ; ସବୁଠି କିମ୍ଭୂତ । ତଳେଇ ତଳେଇ ଦେଖିଲେ ତ ଯାହା ଅତି ସାଧାରଣ, ତା' ଭିତରେ ସୁଦ୍ଧା ପଦେ ପଦେ କିମ୍-ଭୂତ । ତା'ଛଡ଼ା ସାଧାରଣ ମୋଟା ଦୃଷ୍ଟିରେ ଦେଖିଲେ ବି ଚେହେରାରେ, ବ୍ୟବହାରରେ, ହାବଭାବରେ, ସବୁଠି ମିଳେ କିମ୍-ଭୂତ । ଲୋକଟି ସଙ୍ଗେ ଏଇ ପହିଲି ଦେଖା । ଦେଖିଲେ ମନେହୁଏ—କିମ୍ଭୂତ । ବାଳଗୁଡ଼ାକ ଫୁର୍ ଫୁର୍ ଉଡ଼ୁଛି, ସେମେଟା ସେମେଟା ରଙ୍ଗ, ବେକଟା ସତେ କି କିଏ ରଞ୍ଜାଦେଇ ବଢ଼େଇଛି । ଜଙ୍ଗଲିଆ ଭ୍ରୂଲତା ତଳେ ଘଟାଟୋପ ପରି ଆଖିପତା ଘୋଗ୍ରାଇ ରଖିଛି ଗାରଡ଼ିଆ ଆଖିର ଗୁହାଣୀ । ବାଙ୍କୁଲି ନାକ ନକ ନକ କରୁଛି । ପୁଣି ଚାଲିବାର କେମିତି ଗୋଟାଏ ଦୋହଲିବା ଢଙ୍ଗ ଦେଖିଲେ ମନେପଡ଼େ ଭଆଁ ବଢ଼ିଲା ନଈରେ ଭାସିଲା କାଠ । କଥାବାର୍ତ୍ତା, ଚାଲିଚଳନ, ହାବଭାବ, କିମ୍-ଭୂତ ।

ଅଧିକ କିଛି ନୁହେଁ—ଆକାଶର କମ୍-ଭୂତ ଓହ୍ଲାଇଛି ଦୁନିଆର ମଣିଷ ଉପରକୁ, ଦୁନିଆର କମ୍ଭୂତ ଚଢ଼ିଛି ଆକାଶର ବଉଦ ଉପରେ ସବୁ ଧରାବନ୍ଧା ନିତଦିନିଆ ଧାରଣା ଉପରେ ସେଇ କମ୍-ଭୂତ !

କେଉଁଠୁ ତାର ଜନ୍ମ ? କେଉଁ ଅଜଣା ଦରିଆର ଢେଉର ହାବୁକା ଏଇ କମ୍-ଭୂତ ।

ସାଧାରଣ ମଣିଷର ସରଳ ମନ ଉପରେ ହଠାତ୍ ସେ ଆଘାତ କରେ । ମୁହୂର୍ତ୍ତେ ତାର ନିତଦିନିଆ ଧାରଣାକୁ ଦୂରକୁ ଫିଙ୍ଗି ମଣିଷ ଆଖି ରଗଡ଼ି ରଗଡ଼ି ଚାହେଁ, କିଛି ଅନ୍ତ ପାଏ ନାହିଁ କାହିଁକି ? ଆକାଶର ବଉଦ ସବୁଦିନେ ଏଇ ରୂପରେ ତାର ଆଖି ଆଗରେ ଠିଆ ହୁଏ ନାହିଁ । ବାଟର ବାଟୋଇ ଏଇ ଭେକରେ ସବୁଦିନେ ତାର ଧାରଣା ଆଗରେ ଚାଲିଯାଏ ନାହିଁ । ସବୁଦିନେ ଦେଖେ ନାହିଁ, ଭାବେ ନାହିଁ । ତେଣୁ ମଣିଷ ହଠାତ୍ ଚମକିପଡ଼ି ଭାବେ, "ଏ କ'ଣ ?" ତାର ନିତଦିନିଆ ଧାରଣା ଭିତରେ ଏ ରୂପ ସହଜେ ମିଶିଯାଏ ନାହିଁ ଫୁଲ ବଗିଚାରେ ସାରୁ ଗଛର ଯେହେତୁକି ଫୁଲଟି ଯେପରି ମିଶେନାହିଁ ସେମିତି ସାରୁ ଫୁଲର ନିଜର କିଛି ବିଶେଷ ଗୁଣ ବିଶେଷ କଥା ଅଛି ଏ କଥା ମଣିଷ ଭାବିବାକୁ ଅବସର ପାଏ ନାହିଁ । ତାର ଦେହସହା ଧାରଣାରେ ଫୁଲ ବଗିଚା ଯେପରି ହେବ, ସେହି ଧାରଣା ଉପରେ ଦମ୍ଭ ହୋଇ ଠିଆହୋଇ ଏ ବେଢ଼ଙ୍ଗ ଅତିଥିକୁ ଦୂରରୁ ସମାଦର କରେ "ଦୂର ପଲା, ଦୂର ପଲା ।"

ସାଧାରଣ ମଣିଷ ମୋଟାମୋଟି କରି ସବୁକଥା ଦେଖେ । ଉପରୁ ଉପରୁ ଦେଖେ, ଆଉ ବୁଝେ ଏପରି ଭାବରେ ଯହିଁରେ ତାର ବୁଦ୍ଧି ମରମ ଭାବ ଓ ଅନ୍ୟାନ୍ୟ ଶକ୍ତି ତାର ଜାଣତରେ ଖରଚ ନ ହେବ, ବୁଦ୍ଧିର ପରିଶ୍ରମ ସେ ଜାଣିଶୁଣି କରିବ ନାହିଁ କୌଣସି ସାଧାରଣ କଥା ବୁଝିବା ପାଇଁ । ରାତି ପାହିଲା । ଆଲୁଅ ଆସିଲା । ତାର ନୂଆ ବିଚିତ୍ରତା କଣ, ତା' ନିରେଖି ବୁଝିବାକୁ ଅବସର ନାହିଁ । ଦିନ ଗୋଟାକ ଏମିତି ଏମିତି ଚାଲିଯିବ । ଯେତେବେଳେ ବାହାର ପ୍ରକୃତି ଜୋର ଜବରଦସ୍ତି କରି ମଣିଷର ମନ ଉପରେ ବା ଇନ୍ଦ୍ରିୟ ଉପରେ ଜବରିଆ ପ୍ରକୋପ କରିବ, ସେତି ମଣିଷ ତାକୁ ମାନିନେବ । ମାନିନେବ, ସକାଳର ସୁଲୁ ସୁଲିଆ ବାଆ; ଗୁଲୁଗୁଲିଆ ଆଲୁଅ, ଆଉ ପ୍ରକୃତିର ଚହଲିଲା ଚହଲିଲା ନିଦୁଆ ନିଦୁଆ ଚାହାଣି ମନ ଗୋଟାକ ଉପତି କରିଯାଉଛି, ମାନିନେବ, ଦି'ପହରର ପୋଡ଼ି ଝାଞ୍ଜିବେଳେ ଗଛଆଡ଼େ କିଆଁ ପରି ଖରା ବସନ୍ତର ବାରତା ଯେବେ ନିଘଞ୍ଚ ଡାଳରୁ କୋଇଲି କହିବ, ମଣିଷ ମାନିନେବ କୋଇଲିର ଡାକ ଭାରି ସୁନ୍ଦର ।

କିନ୍ତୁ ସେତିକି ବେଶି ନୁହେଁ । ମୋଟାମୋଟି ଭାବ ଘେନିଯାଇ ଠିକ ବିଚିତ୍ରତାକୁ ମୁଣ୍ଡ ଟେକି ଚାହିଁବ ବି ନାହିଁ ଅଲପେ । ଏଇ 'ସାଧାରଣ' ଢଙ୍ଗରେ ଚାଲି ଚାଲି ମଣିଷ ତାର ନିଜତି ଗଢ଼ିଛି ଏଇ 'ସାଧାରଣ ପାଇଁ ତାର ମୋଟାମୋଟି ଜୀବନର

ମୋଟାମୋଟି ଅଭିଜ୍ଞତା ବଳରେ, ସବୁ କଥାର ଦରଦାମ ସେ ଠିକଣା କରେ' ଏଇ ସାଧାରଣ ଅଭିଜ୍ଞତା ଉପରେ ତାର ନ୍ୟାୟ ବିଚାର ହେଲାଣି ବନ୍ଧାଗତ । ତାର ଜୀବନ ହେଲାଣି ରୁଟିନ୍‌ବନ୍ଧା ଧାରା, ଏଇ ଧାରା, ଏଇ ଅଭିଜ୍ଞତା ଯେମିତି ଯୁଗ ଯୁଗ ଧରି ଗୁଡ଼ି ବିଚାରବାର ସଂସ୍କରଣ ସାଇତା ହୋଇ ଆସିଛି; କିନ୍ତୁ ଏ ବିଚାରଧାରାର ମୂଳରେ ରହିଛି ମଣିଷର ସେଇ "ମୋଟା ମୋଟି" ଦେଖା, ଯାହା ଆପେ ଆପେ ହୋଇଛି ମନ ଉପରେ ବାହାର କଥାର ହାବୁକା ବାଜି, ଆପେ (ପ୍ରତିଘାତ) ଉତ୍ତାର ମାତ ହୋଇ ଯେତିକି ଚିନ୍ତା ଯେତିକି ଅନୁଭୂତି ବାହାରିଛି, ତାହା ଦ୍ୱାରା ଯୁଗ ଯୁଗର "ସାଧାରଣ" ଅଭିଜ୍ଞତାରେ ତିଆରି ହୋଇଛି ସାଧାରଣ ଧାରା (Norm) ।

ଅତଏବ ଦୁନିଆର ଦଶଲୋକେ ଗୋରୁ ପଲ ପରି ଗୁଳିଛି ଆମେ ସେଇ ପୁରୁଣା ବାଟରେ ସବୁଥିରେ ଆମର ଧାରଣାରେ ସଂସ୍କାର ରହିଛି । ଯାହା ଏ ଗୁଳାବନ୍ଧା ଧାରଣାରେ ନ ପଡ଼ିବ ସେ ହେବ "ବେନିଙ୍ଗ" ତାକୁ ଜାଗା ଦେବାକୁ ବନ୍ଧାଗତର ଧାରଣା ଭିତରେ ରାହା ନାହିଁ । ସେ କମ୍‌-ଭୂତ ।

କିନ୍ତୁ ଏପରି ତ କେହି କେହି ଅଛନ୍ତି, ଯେଉଁମାନଙ୍କୁ ଦଶପଲର ବନ୍ଧା ବାଟ ଲାଗେ ଅଡ଼ୁଆ, ବନ୍ଧାଗତର ସଂସ୍କାର ସଭ୍ୟତା ଲାଗେ ଅଶୁଦ୍ଧ । ପଣ୍ଡିତଙ୍କ "ଡେଙ୍ଗା" ପରି ସେମାନଙ୍କର ନିଆରା କଣରେ ବସା, ସାଧାରଣର ମୋଟା ସୁନ୍ଦର ସେମାନଙ୍କର ସୁନ୍ଦର ନୁହେଁ, ଘନ ବରଷାର ମୋହ ଆମ୍ବ ମାଳ କାଦୁଅ ପାଣି ପଙ୍କରେ ମୋଟ ତୋଫାନର କୁହାଟ ଆକାଶଫଟା ବିଜୁଳିର ହସ ସେମାନଙ୍କୁ କରେ କୂଳରୁ ବାହାର ଖାଁ-ଖାଁ ମଶାଣି ଭୂଇଁରେ ଚକ୍ ଚକ୍ ହାଡ଼ କଙ୍କାଳ ଭିତରେ ସେମାନେ ଖୋଜନ୍ତି ସୁନ୍ଦରମା । ସେମାନଙ୍କ ରୁଚି ଅଲଗା ଦୁନିଆର ବନ୍ଧାଗତରେ ବନ୍ଧା ନୁହେଁ । ଦୁନିଆ ସେମାନଙ୍କୁ ତରକି ତରକି ଚାହେଁ । ଦୁନିଆ ଆଖିରେ ସେମାନଙ୍କ ମୁଣ୍ଡରେ ଗୋଳମାଳ ରହିଛି, ଦୁନିଆ ଆଖିରେ ସେମାନେ ଜୀଅନ୍ତା ଭୂତ, କମ୍‌ଭୂତ, ଦୁନିଆ ସଙ୍ଗେ ସେମାନେ ଆଖିକୁ ଆଖି ମିଳାଇ ଦେଖି ପାରନ୍ତି ନାହିଁ ।

ଏତିକି ଯେଉଁ କମ୍‌-ଭୂତ ଗୁଣ, ସେ ଦୁନିଆର ସୁନେଲି ଧାରା ଭାଙ୍ଗିଦିଏ ଏପରି ଲୋକ ବାସ୍ତବିକ ତ ପାଗଳ । ଦୁନିଆ ଯାହାକୁ ସ୍ଥିର ଶାନ୍ତ ମୋଟାମୋଟି ଧାରଣାର ମଣିଷ ବୋଲି କଣାପରେ ଧରି ନେଇ ସାରିଛି, ଏମାନେ ସେଥିରୁ ବାହାର; ତେଣୁ ଆପେ ଆପେ ସେମାନେ "ଭଲ ମଣିଷ" ନାଁଟି ହରାଇଲେ, ମନ ଭିତରେ କୌଣସି ଗୋଟାଏ ଗୁଣ ଏମାନଙ୍କର ଅଧିକ ବଳି ପଡ଼ିଛି । ସବୁ ଭାବ ଭିତରେ ଯେଉଁ ପୋଷଣର ସଂଯମ ରହିଛି ତା ସେମାନଙ୍କର ଭୁଟିଛି । ତେଣୁ ସେମାନେ କମ୍‌-ଭୂତ, ଗୋଟାଏ ଗୁଣ ବଢ଼ିଛି, ତେଣୁ ସାଧାରଣରେ ସେ ଗୁଣର ଯେପରି କ୍ରିୟା ତାଠୁ ଆହୁରି କିଛି ଅଧିକା ବାହାରିଛି । ଯାହା ସଚରାଚର ଆଖିରେ ପଡ଼େ ନାହିଁ । ସେଇ ବଳକା ଶକ୍ତି ଅପର ମୋଟା-ମୋଟି ସ୍ତରରେ ଭାବଗୁଡ଼ିକକୁ ଘୋଡ଼ାଇ

ଦେଇଛି, ଅତଏବ ମପାଚୁପା ବିଧାନର ବାଡ଼ ଭଙ୍ଗି ଆକାର ଯେପରି ଦିଶୁଛି, ସେଥିରେ ଲୋକଟିକୁ ସହଜରେ ବୁଝାଯିବ—"କମ୍-ଭୂତ" ସେଇ କମ୍-ଭୂତ ଭାଙ୍ଗିଛି ହସାଖି ଦୁନିଆର ଲୁହାର ବାଡ଼, ଓଲଟାଇ ଦେଇଛି ଦୁନିଆର ସବୁ ନ୍ୟାଯ୍ୟ ବ୍ୟବହାର ନିକିତି ।

ଯେଉଁଠି ଛବି ଛପିକା କମ୍-ଭୂତର ଗୁଣ ହଠାତ୍ ବାହାରି ପଡ଼େ, ସେଠି କଳା ଉପରେ ସେ ବଡ଼ ପ୍ରଭାବ ପକାଏ, ତାର ପ୍ରକାଶର ଗତି ଆଉ ଢମ ଉପରେ, ପ୍ରକାଶର ଉପକରଣ ଉପରେ, ତାର ଧାରଣା ଉପରେ, ସବୁନ୍ତଙ୍କୁ ସେ ନିଜର ରଙ୍ଗରେ ରଙ୍ଗାଇ ଦିଏ, ସମସ୍ତଙ୍କୁ ନିଜର ଧାରଣାରେ ବାଟେଇଦିଏ ।

କଳାର ଗଢ଼ିବା ମାଟି ଉପରେ କମ୍‌ଭୂତ ତାର ଅପରୂପ ରୂପ ପିଟି ଦେଇଯାଏ; ତେଣୁ ଗଢ଼ଣ ଦିଶେ ଆଗ ପରି । କଥାଟି ଆରମ୍ଭ ହେଲା; ଆଗ ମଝି ଦେଇ ଧୀରେ ସୁସ୍ଥେ ଶେଷ ଅଙ୍କକୁ ନଇଁଯାଆନ୍ତା । ତା ନାହିଁ, ଯେଉଁଠି କେତେ କଥା ରହିଛି ଅବୁଝା, ସେଇଠି ପଡ଼ିଲା ପୂର୍ଣ୍ଣଚ୍ଛେଦ । ନାୟିକାର ମୁଣ୍ଡବନ୍ଧା ସରିନାହିଁ । ନାୟକ ତାର ସଫଳତା ପାଇଛି; କିନ୍ତୁ ପାଇନାହିଁ ତେଣେ ପ୍ରତିଦ୍ୱନ୍ଦ୍ୱୀ ଯେ ଥିଲା ଧଡ଼ି ତଳେ । ତାର ଭାଗ୍ୟ ଖୋଲିବା ଉପରେ । ଏପରି ଯେଉଁ ସନ୍ଦେହର ମଣ୍ଡନ ସଞ୍ଜି, ସେତିକବେଳେ ଶୁଖିଲା କଲମରୁ କାଳି, କଥା ସରିଲା ।

ନୋହିଲେ ଘଟଣାର ପରସ୍ପର ସହିତ ସମ୍ବନ୍ଧ ଥିଲା ପରି ଲାଗୁନାହିଁ, ଦଶଲୋକଙ୍କ କଥା ଯେପରି ବୁଝାହେଉଛି ଏହା ମୁହଁରେ; କିନ୍ତୁ ଦଶଟା ଶବ୍ଦରେ କମ୍ ଭୂତର ପ୍ରଭାବରୁ କେତେ ନୂଆ ରୂପ ଆମେ ଦେଖୁ ନିତି ନିତି ।

କଳ୍ପନାରେ ସେହିପରି, ଯେପରି କଥା-ଗଢ଼େଇରେ, ଚିରଦିନ ଯେଉଁଠି ଯେତେପ୍ରକାର ଧରାବନ୍ଧା ବର୍ଣ୍ଣନା ଶୁଣି ଶୁଣି କାନରେ ଅଭ୍ୟାସ ପଡ଼ିଗଲାଣି, ଆଜି କମ୍-ଭୂତ କବି ଦେବେ ନୂଆ କଥା, ଅ-କଥା । ବିରହରେ ହସ ପୁଣି ଫୁଲ ସାଜ, ମିଳନରେ ଆଖିରେ ଲୁହ । ପ୍ରଣୟର ଶେଷ ପହୁଞ୍ଚାରେ ବସନ୍ତର ମଳୟ ନୁହେଁ, କୋଇଲି ନୁହେଁ, ଖାଲି ମାଟି କାଦୁଅର ଗାଁ ବାଟ ଯେଉଁଠି ଗୋରୁପଲ ଚାଲିଛନ୍ତି ରଡ଼ି ରଡ଼ି, ପୂନେଇଁର ଚନ୍ଦ୍ର ଚାହୁଁ ନାହିଁ ଆନନ୍ଦର ପୁଲକରେ ସୁନ୍ଦରୀମାର ଅଞ୍ଜଳି ଧରି । ପୂନେଇଁର ଚନ୍ଦ୍ର ଆଜି ଭିକାରୁଣୀ !

ଭିତରର ଆତ୍ମା ତାର ଥଣ୍ଡା, ବରଫ ପରି ଥଣ୍ଡା, ବାହାରର ଛାଇ ଯେପରି ମଡ଼ା ମୁହଁର ଶୁଖିଲା ହସ, ସ୍ନେହବିଜଡ଼ିତ ଚାହାଣି ନୁହେଁ ଅଭିସାରିକାର, ଚାହାଣି ତାର କରୁଣ, ଭିତରର ଶୂନ୍ୟତାର ଗୋଟାଏ ନିର୍ଜୀବ ଦୁର୍ବଳ ଛାଇ, ଆଖିର ଚାହାଣି ନୁହେଁ, ପଥରର ଛାଇ । ପୁଣି ସେହିପରି ଦୁନିଆର ସୁନ୍ଦରିମାର ସହଜ ଢମ ଲାଗେ ରେଲଗାଡ଼ିର ଅନବରତ ଘଡ଼୍ ଘଡ଼୍ ପରି କମ୍-ଭୂତ, ସଜ ପବନ ଲାଗେ ସାବୁଜା ଘାସର ଶାଉଁଳିଆ ରଙ୍ଗ ପରି ।

ପୃନେଉଁର ଗୃହ ପୁଣି ଭିକାରୁଣୀ, ସଜ ସପନ ପୁଣି ସାବୁଜ । ଘାସ । କେଉଁଟା ହେଲା କପର ? ସବୁ କମ୍-ଭୂତ ।

କଲାର ଥାଏ ଯେଉଁ କଅଁଳ ମରମ ଭାବ, କମ୍-ଭୂତର ହାତ ବାଜି ସେ ପୁଣି ହୋଇଯାଏ ଅରଣା । କେଉଁଠି ମରମ ଭାବ ମିଶେ ଚନ୍ଦ୍ରାରେ, କେଉଁଠି ରୂପ ମିଶେ ରସରେ । କେଉଁଠି ସାତପାଞ୍ଚ ଭାବର ଥିର ମଣିଷ ଦିଶେ ଗୋଟାଏ ଭାବର ଝଣ୍ଡିଆ-ଭୂତ ପରି । ସାଧାରଣ ମିଶାମିଶି, ଯୋଖାଯୋଖି, ଖେଳାଖେଳି ଯେଉଁ ପୂର୍ଣ୍ଣତା ତାକୁ ହରାଇ ହୁଏ ଗୋଟାଏ ଗୁଣ, ଗୋଟାଏ ଭାବ, ଗୋଟାଏ ଖିଆଲର ସୂକ୍ଷ୍ମ ଗୁଣ, ଯାହା ସଚରାଚର ସାଧାରଣଙ୍କୁ ଦୁନିଆରେ ଦିଶେ ନାହିଁ ।

କମ୍-ଭୂତର ଧରଣ ବହୁତ । ଯାହା ବାଡ଼ ଭିତରେ ରହିଛି, ହୁଡା ଯେତେ ବଡ଼ ହେଉ ପଛେ, ଶେଷରେ ଗଣାଗଣି କରି ହିସାବ ରଖା ହୋଇପାରେ, ବା, ଯାହା ବାଡ ସେ ପାଖେ ରହିଲା, ତାକୁ ଗଣିବା କାଠିକର ପାଠ ।

ଲୋକେ କହନ୍ତି, କମ୍-ଭୂତ କୁଆଡ଼େ ସିଧା-ବାଟରୁ ଅବାଟକୁ ଅସୁନ୍ଦର ବାଟକୁ ଗ୍ଳଲିଯାଏ । ସେ ତ କମ୍-ଭୂତ ହେଲେ ହିଁ ମଡ଼ାବାଟରୁ ଅମଡ଼ା କଥା ଆପେ ଆପେ ଉଠିବ; କିନ୍ତୁ ସବୁ ଅମଡ଼ା ବାଟ କଅଣ ଅସୁନ୍ଦର ? ଆମର ଦେଖା ପରଖା ଜଣେଇ (ଅଭିଜ୍ଞତା) ବାହାରେ, କଣ ଆଉ ଆଉ ବାଟ ନାହିଁ, ଯାହା ଆମର ଅଜଣା; କିନ୍ତୁ ଜଣା କଥାଠୁଁ ଆହୁରି ଭଲ, ଆହୁରି ସରସ ? ଯୁଗକୁ ଯୁଗ ବାଟ ବଦଳୁଛି, କିନ୍ତୁ ପୂର୍ବେ ଯାହା ଥିଲା, ତାଠୁଁ ଆଜି ଯାହା ହେଲାଣି, ସେ କଣ ଅସୁନ୍ଦର ?

ଲୋକେ କହନ୍ତି, କମ୍-ଭୂତ ଅପୂର୍ଣ୍ଣ । ପୂର୍ଣ୍ଣତା ଥିଲେ ଗୁରିଆଡର କଥା ଥାଏ; ପୁଣି ଏପରି ସମ୍ବନ୍ଧ ରଖିଥାଏ, ଯହିଁରେ ଫୁଲ ଦିଶିବ ଫୁଲ ପରି, ମଣିଷ ଦିଶିବ ମଣିଷ ପରି, କମ୍-ଭୂତ, ଏ ସମ୍ବନ୍ଧ ଭାଙ୍ଗିଯାଏ । ଫୁଲକୁ ଫୁଲ ରହିଛି; କିନ୍ତୁ ଗୋଟାଏ ନାଲି ପାଖୁଡ଼ା ମୋଡ଼ି ମୋଡ଼ି ହୋଇ ସମସ୍ତିଙ୍କ ଉପରେ ରାଜୁତି କଲାଣି । କଲାରେ ସେହିପରି ତରହର ଗୋଟାଏ ଗୁଣ ଅନ୍ୟ ସୁଗୁଣଗୁଡ଼ିକୁ ଘୋଡ଼ାଇ ପକାଇଛି । ସମସ୍ତେ ସାଧାରଣରେ ଯେଉଁ ଯେଉଁ ଉପକରଣକୁ ଯେପରି ଭାବରେ ମିଶାଇ ସଜାଇଥାଆନ୍ତି, କମ୍‌ଭୂତ କଲାରେ ସେପରି ମିଶାମିଶି ନାହିଁ ।

କିନ୍ତୁ 'ପୂର୍ଣ୍ଣତା' ବିଷୟରେ ସମସ୍ତଙ୍କର ଧାରଣା ଏକ ନୁହେଁ । ସାଧାରଣଙ୍କର, ସାଧାରଣ ବୁଝାଳିଙ୍କର ଧାରଣାର ବାହାରେ ମଧ୍ୟ ପୂର୍ଣ୍ଣତା ରହିପାରେ, ଯାହା ସେମାନଙ୍କ ମୋଟାମୋଟି ପୂର୍ଣ୍ଣତାଠାରୁ ଅଲଗା, ହୁଏତ ଆହୁରି ପୂର୍ଣ୍ଣ । ବନ୍ଧାଗତର ସଙ୍କେତ ସବୁବେଳେ ଠିକ୍ ନୁହେଁ । ବନ୍ଧା ବାଟର ବାଟୋଇମାନେ ସେହି ମାନ୍ଧାତାଙ୍କ ଅମଳରୁ ଗୋଟାଏ ପାଖରୁ ବାଟକରର ନିତିଦେଖା ଗଛପତର, ଘରବାର, କୋଠା ଇଟା ଦେଖି ଦେଖି ଗ୍ଳଲିଛନ୍ତି । ସେଇ ଦେଖାରୁ ସେମାନେ ବାଟକରର ନିତି ଦେଖା ଜିନିଷ ବିଷୟରେ ଧାରଣା କରିଛନ୍ତି । ସେଇ ଗୋଟାଏ ଦିଗରୁ ତାଙ୍କର ପୂର୍ଣ୍ଣତାର

ଧାରଣା । ବେକରେ ଯୁଗ ଯୁଗର ଯାଉଁଳ, କାନ୍ଧରେ ଯୁଗ ଯୁଗର ବୋଝ, ସାମନାରେ ଯୁଗ ଯୁଗର ଲକ୍ଷ୍ୟସ୍ଥାନ ବାଟ, ଯହିଁରେ ଘୂରି ଘୂରି ଗୃଲଥିବା ହେଉଛି ସୃଷ୍ଟିର ଆଉ ସଂସାରର ନିୟମ । ଅବାଟ ବାଟ ଭାଙ୍ଗିଯିବା, ବାଟ ସେ କରରେ କୁଦ ଉପରେ ବସି ଆରପାଖୁ ନିତ ଦେଖା ଜନପ ଦେଖିବା କାହିଁ ଏତେ କଥା କରିବାକୁ ସମସ୍ତଙ୍କର ଅବସର ? ଠିଆହୋଇ ଗୃହିଁବାକୁ ଡର ନାହିଁ ବୁଲପଡ଼ି ହେଲାରେ ଦେଖି ଦେଖି ଏଠି ସେଠି ମୁହଁ ମାରି ଯିବାକୁ ସୁବିଧା ନାହିଁ । ଯାହାର ଯେପରି ସୁବିଧା ହେବ, ଦୁନଆର ଜ୍ଞାନ ଉପରେ ଯାହାର ଆସିବ ବଳକା ଚେତା, ତା କଥା ନାଲି ସତକରି ଦଶଜଣ ବାଛୋଇ ବିଶ୍ୱାସ କରିବେ ନାହିଁ ସତ; ତା ବୋଲି ତାର କଣ ଭୁଲ ?

ଲୋକେ କହନ୍ତି, କମ୍-ଭୁତ କଳାରୁ କଳାର ଆନନ୍ଦ ମିଳେ ନାହିଁ । କାହିଁ କବିଏ ଲେଖନ୍ତି ଗୋଲପ ଫୁଲ କଥା, ବାସ-ଚନ୍ଦ୍ରିକା ମଧୁ-ମାଳତୀର କଥା, କେତେ ସୁନ୍ଦର କଥା, କମ୍-ଭୁତ କବି ଲେଖିବେ ଅସନା ଅପୋଗ୍ରୁ ମଲମୁଣ୍ଡିଆଙ୍କ କଥା, ବରଷା ଛୁଆଁ ଖତଗଦାର ମାଟିଆ ଗୋବର ଛତୁ କଥା, କଣ୍ଟାବାଇଁଶି ବଣର କଥା, ଯେତେ ନଉଛୁଣା ଯାବତ୍ ସବୁ । ଅତଏବ କମ୍-ଭୁତ ଭିତରେ ଆନନ୍ଦ ନାହିଁ; ଏଇ ସମସ୍ତଙ୍କ ସଫା ଜବାବ ।

କିନ୍ତୁ ଆନନ୍ଦ ବିଷୟରେ ମଧ୍ୟ ଦଶଜଣଙ୍କ ମତ ମତ ଦେନ ଚଳିହେବ ନାହିଁ । କଳା-ଶକ୍ତି ଯଦି ପ୍ରକୃତରେ ଅବତାର ପାଇଥାଏ ତେବେ କଳାର ଭିତର ଦେଖାସାର ସାତଗୁଣ ଆପେ ଆପେ ଫୁଟି ବାହାରିବ । ସତ ଆଉ ଆନନ୍ଦ, ଏ ଦୁଇଟି ଏକ ସଙ୍ଗରେ ଗୁନ୍ଥା ହୋଇଅଛି । କମ୍-ଭୁତ କଳା କଳାରୁ ବାହାର ନୁହେଁ; କଳାର ଗୋଟିଏ ରୂପ ମାତ୍ର । ତା ପରେ ଆନନ୍ଦ ବିଷୟରେ ସମସ୍ତଙ୍କର ସମାନ ଧାରଣା ନୁହେଁ, ଅନେକ ସମୟରେ ଅନେକ କଥା ଏତେ ଦୂର ଆନନ୍ଦ ପାଇ ବନ୍ଧା-କଥା ହୋଇଯାଇଛି ଯେ, ସେ ଲାଗେ ଅତି ନୀରସ, ସାଧାରଣ ଲୌକିକତା ପରି ।

ପୂର୍ବକାଳରେ ଯେଉଁ ସବୁ ବନ୍ଧେଇ ବର୍ଣ୍ଣନା ଥିଲା, ତାର ଫଳ ଠିକ୍ ସେମିତି ହେଲା । ବସନ୍ତ ବର୍ଣ୍ଣନା କରିବାକୁ ଯାଇ କିଏ ନ ଲେଖୁଥିଲା ପଳାଶ ଅଶୋକ ଫୁଲର କଥା, ଭଅଁର କଥା, ଅମ୍ବ ବଉଳ ଆଉ କୋଇଲି କଥା ? ସେଇ ବର୍ଣ୍ଣନା, ଘୋରଡେଇ ପୋରଡେଇ, ଏ ପୋଥିରେ ସେ ପୋଥିରେ ସବୁ ପୋଥିରେ । ଲେଖାଳି ଯେତେବେଳେ ଲେଖୁଥିଲେ, ସେମାନେ କଣ କଳା-ଶକ୍ତିର ପ୍ରେରଣାରେ ପାଗଳ ହୋଇ ଏତେ କଥା ଲେଖୁଥିଲେ, ନା ଶଠି ମୁଣ୍ଡରେ ଓଁଟି ପରି ସେମାନେ ଏ ସବୁ ମାମୁଲି ଗତ ବୋଲି ମାନ ନେଇଥିଲେ ? ସବୁ ପ୍ରକାର ବନ୍ଧେଇ ବର୍ଣ୍ଣନା, ବନ୍ଧା-ଗତ ଗ୍ରୁଡ଼ିଗଲେ ପୁରୁଣା ଆନନ୍ଦର ଧାରଣା ଦେନ ଟିକିଏ ଅସୁବିଧା ଘଟିପାରେ । ଯେଉଁମାନେ ଏକାଥରକେ ଆଖି ବୁଜେଇ ନକୁଛା କମ୍ ମୁଣ୍ଡ ଖର୍ଚ୍ଚ କରି କଳାରୁ ଆନନ୍ଦ ପାଆନ୍ତି, ସେମାନଙ୍କ

ପକ୍ଷରେ, କମ୍-ଭୁତ କଳା ଧରନଏ, ବୁଝାଳି ଉଚିତ ଅବଧାନରେ ବୁଝିବାକୁ ଡାଆରେ । ବୁଝାଳି ସେଥିଲାଗି ନିଜ ଭିତରର ବନ୍ଧା-ଗତିର ଦୁର୍ବଳତା ଭାଙ୍ଗିବାକୁ ପ୍ରସ୍ତୁତ । ବୁଝାଳି ସବୁ ଆଗନ୍ତୁରା ଧାରଣା ପଛକୁ ପକାଇଛନ୍ତି । ଏତେ କଲେ ଆନନ୍ଦ ଅଟକି ରହିବ ନାହିଁ, ଯଦି ପ୍ରକୃତ କଳା ହୋଇଥାଏ; କିନ୍ତୁ ଏତିକ ଲାଗି ଧୈର୍ଯ୍ୟ ଦରକାର ।

ଶିଳ୍ପୀ କାହାର ଆଇନ୍‌ରେ ବନ୍ଧା ନୁହେଁ, କାହାର ମର୍ଜି ଯୋଗାଇବାକୁ କିଣା ନୁହେଁ । ଯେଉଁ ବାଟ ତାକୁ ଦିଶିବ, ସେଇବାଟେ ସେ ଯିବ । ତହିଁରେ ଆଇନ୍ ଅମାନ୍ୟ ହେଲେ ତାର ଖାତିର ନାହିଁ । ତେଣୁ ଶିଳ୍ପୀକୁ ସହାନୁଭୂତି ଦେଇ ଖୋଲାଡାଳି ଦେଖିବାକୁ ମନ କରି ଲାଗିଲେ ତାର ହାତକାମର ବୁଝାଶୁଝା ହେବ, ପରେ ଦରଦାମ ବା ହୋଇପାରେ । ବାହାରର ଆଇନ୍, ଦଶ ଲୋକଙ୍କ ଅଧ-ଦେଖା ଉପରେ ଠାଉରିଆ ଧାରଣା ଯେନି ଦେଖିବାର ଦିଗ ନ ବଦଳାଇ ଲାଗିଲେ ଶିଳ୍ପୀର ଉଚିତ ବୁଝାମଣା ହେବ ନାହିଁ; କାରଣ ଲୋକଙ୍କୁ ଯାହା ଠିକ୍, 'ଲୋକକୁ' ତା ଠିକ୍ ନ ହୋଇପାରେ ବିଶେଷରେ କଳାରେ, ଯେଉଁଠିକି ନିଧାର୍ଯ୍ୟ ନିକତି ନାହିଁ ।

କାନ୍ଥରେ ଛବି ଅଙ୍କା ହୋଇଛି, ଡାଉରେ, କଳାରେ, ଚୂନରେ, ଜାତିଜାତିକା ଛବି ଯେଉଁଠି ମଣିଷ, ଗାଈ, ଘୋଡ଼ା, ଗଛ, କିଛି ଠିକ୍ ବୁଝାପଡ଼ୁ ନାହିଁ । ବାଟର ବାଟୋଇ ଥରେ ଗ୍ରହିଁଦେଇ ହସି ହସି ବାଟ ଗ୍ଲେ । ପୁଣି ସେପରି ଛବି ନାମଜାଦା ଛବି ଘରମାନଙ୍କରେ ଦେଖେ, ବଡ଼ ବଡ଼ ନାଁ ବଡ଼ ବଡ଼ ଶିଳ୍ପୀ । ଆଁ କରି ଗ୍ହେଁ; କିଛି ବୁଝି ନ ପାରି ଦୂରରୁ ଭକ୍ତିର ଆଞ୍ଜୁଳା ଟେକେ ।

ସରୁ ସରୁ ଆଙ୍ଗୁଠିରେ ନୂଆ ବୋହୂଟି ପକାଏ ଚିତା ଗୋବର-ନିପା ମାଟି ଭୂଇଁରେ, ଧଳା ପିଠୋଉ କଥା କହେ । କେତେ ଜାତିର ଛବି ଫୁଟିଉଠେ — ଫୁଲ, ଫଳ, ଗଛ, ଚଢ଼େଇ । ସବୁ ସତ ସତ ହୁଏ ନାହିଁ; କିନ୍ତୁ ସୁନ୍ଦର ଦିଶେ । କାହିଁର କିଣ ସଙ୍କେତ ଲୁଚି ରହେ, ଭୂଇଁର ପ୍ରତି ଦାଗରେ ମନର କେତେ ଖିଆଲ, ସପନର କେତେ ଆଭାସ ! ପଣ୍ଚରିଲେ ଚିତା କୁଟାଳି କହିପାରିବ ନାହିଁ, ଚଢ଼େଇ ମୁଣ୍ଡୁଳାର ଧଳା ଭଉଁରି ମଝିରେ ଡାଉ ଠୋପାଟି କି ଉପକାରରେ ଲାଗିବ, କିଣ ତାର ସଙ୍କେତ, କିଣ ତାର ଭାଷା । କଳା ସେପରି କମ୍-ଭୁତ ! କିନ୍ତୁ ସୁନ୍ଦର ଦିଶେ । କେତେ ଲୋକ ଭଲ ପାଆନ୍ତି, କେତେ ଲୋକ ଗ୍ରେଟ ମନର ଟିକି ଖିଆଲଟିକୁ ଗୋଡ଼ରେ ଠେଲି ଦିଅନ୍ତି । କିନ୍ତୁ କାହାର ଭୁଲ୍ ? କାହାର ଠିକ୍ ? ଯେ ରସ ଯେନିପାରେ, ସେ ଚନ୍ଦ୍ରାରି କହିବ ଠିକ୍ ? କାହାର ଆଇନ୍‌ରେ ବିଗ୍ଚର ହେବ ।

କିନ୍ତୁ ଅସୁବିଧା ପଡ଼େ ସେଇଠି, ଯେଉଁଠି କଳାର ରୂପ ଏପରି ଅସ୍ପଷ୍ଟ ଯେ, ଅତି ଶୀଘ୍ର ଧରି ହେବ ନାହିଁ । ଯଦି ପ୍ରତି ଚନ୍ଦ୍ରାରିଙ୍କର ଏପରି ଶକ୍ତି ଥାନ୍ତା ଯେ ଯାହା କରୁ, ଯାହା ଲେଖୁ, ବାହାରକୁ ଯେତେ ବେଢ଼ଙ୍ଗ, ବେ-ସୁରୀ

ଲାଗୁ, ତାର ଉଆର' ବେଲରେ ପ୍ରତିଷ୍ଠିଅ ସେମାନେ ଧରିପାରନ୍ତେ । ତା ହେଲେ ପୃଥିବୀରେ କଳାର ଜୁଆର ଆସନ୍ତା, ସବୁ କଥାରେ କଳାର ରସ ଧେନ ହୁଅନ୍ତା; କିନ୍ତୁ ତା ସମ୍ଭବ ନୁହେଁ—ସାଧାରଣରେ ସମ୍ଭବ ନୁହେଁ । ଯେତେଠି ଯେତେବେଳେ ସମ୍ଭବ ହୋଇଛି, ସେତେଠି କଳାର ପାଖ ପଶିବା ଘଟିଛି, ସେତେଠିଁ ଦର୍ଶକଙ୍କର 'ଧଳା', 'କଳା' ବୋଲି ପ୍ରମାଣ ପାଇଛି । ସେଇ ଦର୍ଶଲୋକେ ଶେଷରେ ତାକୁ 'କଳା' ବୋଲି ଧେନପାରିଛନ୍ତି । ସେଇମାନେ ପୁଣି ବୁଝିପାରିଛନ୍ତି, ଯାହାକୁ ତସ୍ପୁ ବେ ଲ ଫୋପାଡ଼ି ଦେଉଥିଲେ, ତାହାର ଭିତରେ ରହିଛି କଳାର ମୂଳ ଗୁଣ ।

କିନ୍ତୁ ପ୍ରକୃତରେ ଯଦି କଳା-ଶକ୍ତି ଶିଳ୍ପୀ ଉପରେ ଉଇଁଥାଏ ତେବେ କଳାର ମୂଳ ଗୁଣ ଟିକିଏ ବେଶି ପରିଷ୍କାର ହୋଇ ଦେଖାପଡ଼ିବ । ମଣିଷର ମୂଳ-ଗୁଣ ଉପରେ ଟଣା-ଓଟରା ପଡ଼ି ବେଶି ଜୋରରେ ତାର ରୂପ ପ୍ରକାଶିବ । ଅତଏବ ଖାଲି କିମ୍-ଭୂତ ହେଲେ ଚଳିବ ନାହିଁ; କିମ୍-ଭୂତ କଳା ହେବା ଦରକାର । ଅଧେ କଳିଆର ମନ୍ତ୍ରି ହେଉଛି ଶୁଦ୍ଧ କିମ୍-ଭୂତକୁ କିମ୍-ଭୂତ କଳାର ଆସନରେ ବସାଇବା ପାଇଁ ଦାବୀ କରିବା । କଳାର ମୂଳ-ଗୁଣ ଯେଉଁଠି ନାହିଁ, ଖାଲି ପ୍ରକାଶର ଉପାୟରେ କିମ୍-ଭୂତ କଲେ କିଛି ଫଳ ନାହିଁ । ନୂଆ ଧରଣ ଦେଖି ବିରକ୍ତି ଆସିବ, ଚମକ ଆସିବ; କିନ୍ତୁ ଫଳ ହେବ ନାହିଁ । ନଈବଢ଼ିରେ ଭାସନ୍ତା କାଠି-କୁଟା, ଜୀବନ ନାହିଁ, ଚେର ଧରିପାରିବ ନାହିଁ ଯୁଗ ଯୁଗର ମଣିଷ ଅଭିଜ୍ଞତାର ଭୂଇଁରେ ।

ଶିଳ୍ପୀର ଦୁର୍ବଳତା, କିମ୍-ଭୂତର ଦୋଷ ନାହିଁ । ପ୍ରତି ନୂଆ କଥା ତ ଆସେ କିମ୍-ଭୂତ ବେଶରେ । ଶିଳ୍ପୀ ସଙ୍କେତ ଦେଇ ଖାଲି ଶାଢ଼ୀର ଧଡ଼ି ଆଙ୍କି ଫୁଟାଇଲେ ସୁନ୍ଦରମା, ନୋହିଲେ ଆଖିର ଚାହାଣିକୁ ଛବି ଭିତରେ ବଡ଼ତି ଦେଇ ଦେଖାଇଲେ ମନର ଭାବ । ଦେହ ତୁଳନାରେ ଗୋଟିଏ ଗୋଟିଏ ଅଙ୍ଗର ଏ ଉତ୍କର୍ଷ କଳା ସାଧାରଣଙ୍କ ଆଖିରେ ବିରୂପ ସଙ୍କେତ କଳା । ମନର ଭାବ, ଉପମା, ଏ ସବୁ ପାଇଲା ବେଶି ପ୍ରଶ୍ରୟ, ସୁନ୍ଦରୀ ମୂର୍ତ୍ତିରେ ହରିଣର ଆଖି, ଶୁଆ ଥଣ୍ଟର ନାକ ଆଙ୍କି । ଅଂଶର ପରସ୍ପର ସମ୍ବନ୍ଧ ଭିତରେ ଗୋଲମାଲ ଘଟିଲା; କିନ୍ତୁ ସେ ହେଲା ଉଚ୍ଚ କଳା ।

କଳାରେ ନୂଆ ନୂଆ ଯେତେ **ism**, ସବୁ ପ୍ରଥମେ ଆସିଲା କିମ୍-ଭୂତ ବେଶରେ ।

ଖାଲି ସେତିକି ନୁହେଁ, ରୁଟିନବନ୍ଧା ସାଧାରଣ ନିୟମ ପରେ ଯାହା କିଛି ନୂଆ; ସବୁ କିମ୍ଭୂତ । ଗୃହଶାଳୀରେ ସହଜ ମନର ଭାବ ଦାବୀ ସଭ୍ୟ ହୋଇ ସମସ୍ତେ ବସିଛନ୍ତି । ଗୋଟିଏ ପିଲା ବଡ଼ପାଟିରେ ହସି ଉଠିଲା । ସେଇ ହେଲା କିମ୍ଭୂତ । ଅବଧାନଙ୍କ ବେତ ଗର୍ଜିଉଠିଲା । ସେ କିମ୍ଭୂତ ନୁହେଁ, ସେ ସାଧାରଣ ନିୟମ । ସେହିପରି ଆକାଶର କଳା ବଉଦ ଘୁଞ୍ଚିଯାଇ ମୁହୂର୍ତ୍ତେ ପରିଷ୍କାର ଜହ୍ନ ଆଲୁଅ

ଅନ୍ଧାରୁଆ ନଈ-ପଠା ଉପରେ ସୋରିଷ ଫୁଲ ବିଛି ଚାଲିଗଲା । ସେଇ କିମ୍-ଭୂତ । ଘନ ରାତିରେ ମୁହୂର୍ତ୍ତେ ଜହ୍ନ ଆଲୁଅ ଖେଳିଗଲା, ଆକାଶର ବଉଦଗୁଡ଼ାକ ଦୋହଲି ଗଡ଼ିଗଲେ । ସକାଳ ହେଲା ବୋଲି କାଉ ଆଖି ମିଟି ମିଟି କରି ଡାକିଲା— "କାଆ କାଆ —"ସେଇ କିମ୍‌ଭୂତର ଉଦ୍‌ବୋଧନ ।

କଳାର ସୁଅ ଯେବେ ଶଇଥିଲା ପଡ଼େ, ଅନୁହତ ଆଶ୍ଚର୍ଯ୍ୟର ଚମକ ଘେନି ନୂଆ ସୁଅ ଆସେ । ପଢ଼ିଲେ ଲୋକେ ଭାବନ୍ତି କିମ୍-ଭୂତ ! ତହିଁ ଆଡେରଇ ଯାଏ । ସେଇ ହୁଏ ନୂଆ କଳା, ସେଇ ଶିଳ୍ପୀ ହୁଏ ନୂଆ ଯୁଗର ଶିଳ୍ପୀ; କିନ୍ତୁ ବନ୍ଧାଗତର ମୋହ ତୁଟି ତୁଟି ବେଳଯାଏ । ଯେତେବେଳକୁ ତୁଟେ, ସେତେବେଳକୁ ଶିଳ୍ପୀର ହାଡ଼ କଙ୍କାଳ ଉପରେ ମାଟି ଜମିବଣି, ଘାସ ଉଠିବଣି । କଣ୍ଟା ଅଗସ୍ତି ଫୁଲ ଝଡ଼ିବଣି । ଶିଳ୍ପୀ ତାର କର୍ତ୍ତବ୍ୟ କରିଛି । ଅସୀମର ପ୍ରେରଣାକୁ ପ୍ରକାଶ କରିଛି । ସେଇ ତାର ଶେଷ କଥା । ତା ପରେ ସତ ଯଦି ସେ ବଞ୍ଚିଥିବ, ଦିନେ ନା ଦିନେ ଅଜ୍ଞାତର ମାଟି ମୁରୁଗୁ ଭିତରୁ କଷ୍ଟସ୍ଥ ସେ ଠିକ୍ ଠିକ୍ ହୋଇ ଆଖି ଝଲସିବ ।

ଯାହାର କିଛି ନୂଆ କଥା କହିବାକୁ ଅଛି, ସେ ହେବ କିମ୍‌ଭୂତ । ଯେ କୌଣସି କଥା ବିଶେଷ କରି ଝୁଙ୍କି ଧରିବସିବ, ସେ ହେବ କିମ୍-ଭୂତ । ଯେତେ ବିଶେଷ, ସମସ୍ତେ କିମ୍‌ଭୂତ । ସେମାନେ ଗୋଟାଏ ଖିଅ ଧରନ୍ତି, ମୋଟାମୋଟି ଗୋଲଆମିଶାର "ପୂର୍ଣ୍ଣତା"କୁ ଯାକି ଧରିଥାନ୍ତି ।

କିନ୍ତୁ ଉଞ୍ଚକୁ ନ ଉଠିଲେ କିଛି ଫଳ ନାହିଁ । ଉଞ୍ଚକୁ ଉଠିବାକୁ ହେଲେ ଗୋଟିଏ ଖିଅ ଧରିବାକୁ ହେବ । ସବୁ ଖିଅକୁ ମଣିଷର ଶକ୍ତି ନାହିଁ । ଗୋଟାକୁ ଭଲକରି ଟାଣି ପାରିଲେ ସବୁ ଆପେ ଆପେ ଆସିବ । 'ସବୁ'କୁ ମେଞ୍ଚାକରି ଧରିବାକୁ ଚେଷ୍ଟାକଲେ କିଛି ଫଳ ହେବ ନାହିଁ ।

ଅତଏବ ଶିଳ୍ପୀ ଦୁନିଆର ସୁନେଲି ବାଡ଼ ଭାଙ୍ଗି ପଦାକୁ ଯାଏ । ସେଥିପାଇଁ କେତେ କଥା ଶୁଣିବାକୁ ହୁଏ; କିନ୍ତୁ ତହିଁକି ଛଳ ନାହିଁ । ବାଡ଼ ଭାଙ୍ଗିବାକୁ ଲାଗେ ଧ୍ୱଂସର ଶକ୍ତି; କିନ୍ତୁ କିମ୍-ଭୂତ ଧ୍ୱଂସକୁ ଧରି ନେଇଛି ସାଧାରଣ କଥା ବୋଲି । ଧ୍ୱଂସ ନ କଲେ,ପୁରୁଣା ନଭାଙ୍ଗିଲେ ନୂଆ ଗଢ଼ାହେବ କିପରି ?

କିମ୍‌ଭୂତର ଚମକର କାରଣ କେତେ ଅଂଶରେ ଧ୍ୱଂସର ଚମକ ।—ଧ୍ୱଂସ ଯାହାର ଇଙ୍ଗିତ ନୂଆ ସୃଷ୍ଟିର ସୂଚନା, ନୂଆ ଉପାୟର, ନୂଆ ଦେଖିବା ଧରଣର, ନୂଆ ପ୍ରକାଶର । ପୁରୁଣାକୁ ଭାଙ୍ଗି ନୂଆ ପାଇଁ ଜାଗା କରିବା ଏଇ ତ ଦୁନିଆର ନିୟମ । ଦୁନିଆର ଗତି ଚାଲିଛି ନୂଆରୁ ନୂଆକୁ । ତେଣୁ ଗତି ଭିତରେ ଆଗୁସାରି ହୋଇ ଚାଲିଛି କିମ୍-ଭୂତ, ସାଧାରଣ ଦେଖାର ତଳେ ତଳେ । ଦୁନିଆର ଭଉଁରିରେ ପଡ଼ି ଭାବିହୁଏ ନାହିଁ, ଅବସର ନାହିଁ । ଆଉ ଯେତେବେଳେ ଭିତରର

କମ୍-ଭୂତ ବାହାରର ମୋଟା-ପ୍ରକାଶରେ ପ୍ରକାଶ ପାଇ ନିତିଦିନିଆ ଦେଖା ଆଗରେ ଠିଆ ହୁଏ, ସେତେବେଳେ ମଣିଷ ପରତେ ଯାଏ ନାହିଁ । ପରତେ ଯିବାକୁ ମନ ଭିତରେ ଟଣା ଓଟରା ଲାଗେ, କାରଣ ବାହାରର ଶାନ୍ତ ସ୍ଥିର ସମତୁଲ ସଂସାର ଭିତରେ କମ୍-ଭୂତ ଲାଗେ ଅଚିହ୍ନା ବିଦେଶୀ ପରି । କମ୍-ଭୂତକୁ ମାନିନେଲେ ନିଜର ଏତେ ଦିନର ଜୀବନର ମୀତକୁ ତା ସଙ୍ଗେ ଖାପ ଖୁଆଯାଇ ପାରିବ ନାହିଁ ।

କିନ୍ତୁ କମ୍‌ଭୂତକୁ କଣ ହତାଦର କରିହେବ ?

କମ୍‌ଭୂତର ଗୁଣ ପ୍ରାଚୀନ ଭାରତ ବୁଝିଥିଲା; ତେଣୁ କମ୍‌ଭୂତର ଶେଷ ଆଦର୍ଶ ମହାଦେବ—କମ୍-ଭୂତର ଶ୍ରେଷ୍ଠ ସଙ୍କେତ ; ଶିଳ୍ପୀ ବୁଝିଥିଲେ, ତେଣୁ ସେଓ କମ୍‌ଭୂତ—

"ବପୁର୍ବିରୂପାକ୍ଷମଲକ୍ଷ୍ୟଜନ୍ମତା
ଦିଗମ୍ବରତ୍ୱେନ ନିବେଦିତଂ ବସୁ ।"

ସେଇ ହେଲେ ଶାଶ୍ୱତ ଯୁବକର ଅବତାର । ସେଇ ପାଉଁଶବୋଳା ଦେହ, ସେଇ ବୁଢ଼ା ଷଣ୍ଢଚଢ଼ା ମଶାଣି-ବୁଲା ବାବାଜୀ, ତାଙ୍କର ସାପ-ଲହ-ଲହ ହାତରେ ସମର୍ପି ଦେଲେ ଶିରୀଷ ଫୁଲର ରାଜକୁମାରୀ । ମଶାଣି-ଚିତା ପାଉଁଶ-ହାଡ଼ ଦିଶୁଛି ଚକ୍ ଚକ୍, ଖଣ୍ଡିଆଭୂତ ଭଉଁରି ଖେଳୁଛି, ମଲ୍ଲମଣିପର ମେଞ୍ଚା ମେଞ୍ଚା ଅଲରା ବାଳ ଯେନ ଯେତେ ଅମଙ୍ଗଳ ସବୁ ପୂରି ରହିଛି । ତଥାପି ଯୁଗ ଯୁଗର ଅମଙ୍ଗଳକୁ ପାରି କରି ମଙ୍ଗଳ କରିଛି ସେ, କଣ୍ଠରେ ଧରିଛି ଯୁଗ ଯୁଗର ହଳାହଳ, ପ୍ରଳୟ ଭିତରେ ଯେପରି ତାର ଜନ୍ମ । ବନ୍ଧାଗତର ସବୁ ସୁନେଲି ବଢ଼ସାପାଖେ କିନ୍ତୁ ତାର ପ୍ରଳୟର ଝଡ଼ । ଖାଲି ପ୍ରଳୟ ପାଇଁ ନୁହେ, ସେ ପ୍ରଳୟ ଉଦ୍ଦେଶ୍ୟ ରହିଛି ଆଗକୁ ମରଣକୁ ଜିତିଛି, ଅନ୍ଧାରକୁ ଜିତିଛି, କମ୍-ଭୂତ ପ୍ରକଟର ଉଦ୍ଦେଶ୍ୟ ରହିଛି ଆଲୁଅରେ ତେଜରେ—

"ଅକିଞ୍ଚନଃ ସନ୍ ପ୍ରଭବଃ ସ ସମ୍ପଦାଂ
ତ୍ରିଲୋକନାଥଃ ପିତୃସଦ୍ମଗୋଚରଃ
ସ ଭୀମରୂପଃ ଶିବ ଇତ୍ୟୁଦୀର୍ଯ୍ୟତେ ।"

ଆଲୁଅ ବାଟରେ ବାଟୋଇ, ଅନ୍ଧାର ଯାହାର ଉଦ୍ଦେଶ୍ୟ ପାଇଁ ଉପାୟ, ପ୍ରଳୟ ଯାହାର ସୃଷ୍ଟି ପାଇଁ ଅସ୍ତ୍ର, ଅମଙ୍ଗଳ ଯାହାର ମଙ୍ଗଳ ପାଇଁ ସୂଚନା । ଭୟ ନାହିଁ, ଧ୍ୱଂସର ଅରଣା ଦଳ ତାର ଖେଳ ସାମଗ୍ରୀ । ଶାଶ୍ୱତ-ଯୁବକର ଅବତାର

ସେ—ପ୍ରଳୟ କରେ, ପୁଣି ପ୍ରଳୟ ପରେ ସର୍ଜନ କରେ, ଯାହାର ନାହିଁ ଅଜ୍ଞାନ ଶିଶୁର ଉଦ୍ଦେଶ୍ୟ-ହୀନ ଅସ୍ଥିରତା ବା ଶିଥିଳ ବୃଦ୍ଧାର ଆପଣା-ଭୁଲା ମାଳା ହସ, ଦୁର୍ବଳ ସନ୍ତୋଷ, ଯେଉଁ ସନ୍ତୋଷ ମରଣକୁ ଆଦର ନଏ ଚଳନ୍ତ ପ୍ରଥାର ସୁନା ଶିଙ୍କୁଳି ପର, ସେଇ ଭୀମ, ପୁଣି ସେଇ ଶିବ, ସେଇ କର୍ମ-ଭୂତ—ଯାହାର ଆସ୍ଥାନ ରୁପେଲି କୈଳାସର ଡେଙ୍ଗ, ଦେବତାରୁ ତଳ ବେଦରେ, ପୁଣି ଅଙ୍ଗାରପାଉଁଶ, କୋକେଇ-ହାଣ୍ଡି-ହାଡ଼ବାଳର ଖାଲ ଢ଼ିପ ମଶାଣିଭୂଇଁରେ ।

---

* ସହକାର—ଅଷ୍ଟାଦଶ ଭାଗ, ପଞ୍ଚମ ସଂଖ୍ୟା

# ସମାଲୋଚନା ସାହିତ୍ୟ

● ଶ୍ରୀନିବାସ ମିଶ୍ର

ସମାଲୋଚନାର ଅର୍ଥ ହେଉଛି ସମ୍ୟକ ରୂପେ ଆଲୋଚନା । ଅନ୍ୟ ପକ୍ଷରେ ଏହା ବିଚାରର ଧର୍ମକୁହିଁ ବୁଝାଇଥାଏ । କବିତା, ନାଟକ, ଉପନ୍ୟାସ ପ୍ରଭୃତି ବିଭିନ୍ନ ସାହିତ୍ୟିକ ବିଭାଗମାନଙ୍କର ନିରପେକ୍ଷ ଅନୁଶୀଳନ ଓ ବିଚାର ସମାଲୋଚନା ସାହିତ୍ୟ ନାମରେ ଅଭିହିତ । ସାହିତ୍ୟ ସମାଲୋଚକ ମୂଳତଃ ଜଣେ ବିଶେଷଜ୍ଞ ଏବଂ ସେ କୌଣସି ଏକ ସାହିତ୍ୟିକ ରଚନାର ଦୋଷ ଗୁଣକୁ ବିଗ୍ରହ କରି ତାହା ଉପରେ ନିଜର ମନ୍ତବ୍ୟ ପ୍ରକାଶ କରିଥାନ୍ତି । ବିଭିନ୍ନ ସାହିତ୍ୟିକ ବିଭାଗମାନଙ୍କ ସହିତ ସମାଲୋଚନା ସାହିତ୍ୟ ମଧ୍ୟ ସମାଲୋଚିତ ହୋଇଥାଏ । ଗଳ୍ପ, ଉପନ୍ୟାସ, ନାଟକ, କାବ୍ୟ ପ୍ରଭୃତି ମୌଳିକ ସାହିତ୍ୟରେ ବିଭିନ୍ନ ଶୈଳୀ ମାଧ୍ୟମରେ ଜୀବନର ଚିତ୍ର ଅନବଦ୍ୟ ଭାବରେ ରୂପାୟିତ ହୋଇଥାଏ । ସେହିପରି ସମାଲୋଚନା ସାହିତ୍ୟରେ ଉଲ୍ଲିଖିତ ସାହିତ୍ୟାବଳୀର ଅନ୍ତର୍ନିହିତ କଳା ବିଶ୍ଳେଷଣମୂଳକ ଏକ ଚିତ୍ର ମଧ୍ୟ ଆମ ସମ୍ମୁଖରେ ଉପସ୍ଥାପିତ କରାହୁଏ ।

ସମାଲୋଚନା ସାହିତ୍ୟର ପ୍ରସାର ସଙ୍ଗେ ସଙ୍ଗେ ସମାଲୋଚନାର ସମାଲୋଚନା ମଧ୍ୟ ସୃଷ୍ଟି ହେଉଛି । ଇଂରାଜୀ ସାହିତ୍ୟରେ ମିଲ୍‌ଟନଙ୍କର "ପାରାଡ଼ାଇଜ ଲଷ୍ଟ"ର ବିଚାର କଲେ ସ୍କରର୍, ତାଙ୍କ ବିଚାରର ସମାଲୋଚନା ହେଲା ମାଥ୍ୟୁ ଆର୍‌ନୋଲ୍‌ଡଙ୍କ ଦ୍ୱାରା । ଏହା ସଙ୍ଗେ ସଙ୍ଗେ ସମାଲୋଚନା ସାହିତ୍ୟର ଇତିହାସ ମଧ୍ୟ ପ୍ରଣୟନ କରାଯାଉଛି । କିନ୍ତୁ କେବଳ ସମାଲୋଚନା ସାହିତ୍ୟ ଅଧ୍ୟୟନ କରି ସଂପୃକ୍ତ କବିଙ୍କ ବିଷୟରେ ଆମେ ପୂର୍ଣ୍ଣ ଧାରଣା କରିପାରିବୁ ନାହିଁ । ସେଥିନିମନ୍ତେ ତାଙ୍କର ମୂଳ ଗ୍ରନ୍ଥ ଆମକୁ ଆଲୋଚନା କରିବାକୁ ହେବ । ମୂଳଗ୍ରନ୍ଥ ପାଠ ନ କଲେ ସମାଲୋଚନା ସାହିତ୍ୟ ମଧ୍ୟ ଅବୋଧ ରହିବ କିମ୍ବା ପୂର୍ଣ୍ଣ ହୃଦ୍‌ବୋଧ ହୋଇପାରିବ ନାହିଁ । ତଥାପି କେତେକ ପାଠକ ମୂଳଗ୍ରନ୍ଥ ଅଧ୍ୟୟନ ନ କରି ସମାଲୋଚନା ସାହିତ୍ୟ ପାଠରେ ସନ୍ତୁଷ୍ଟ ଓ ତୃପ୍ତ ହୋଇଥାନ୍ତି । କିନ୍ତୁ ଏପରି ପଦ୍ଧତି ପ୍ରତିଫଳିତ କରିବାର ଯୋଗ୍ୟ ନୁହେଁ । ତାହାହେଲେ ଜଣାଗଲା, ସମାଲୋଚକ

ନିଜର ସମାଲୋଚନାମୂଳକ ଶୃଙ୍ଖଳାଦ୍ୱାରା ଲେଖକଙ୍କର ମୂଳଗ୍ରନ୍ଥଠାରୁ ପାଠକ-ମାନଙ୍କୁ ଦୂରକୁ ନେଇଯାଆନ୍ତି ଓ ନିଜେ ପାଠକ ଓ ଗ୍ରନ୍ଥକାରଙ୍କ ମଧ୍ୟରେ ଜଣେ ମଧ୍ୟସ୍ଥ ଭାବରେ କାର୍ଯ୍ୟ କରିଥାଆନ୍ତି । ସାଧାରଣତଃ ସମାଲୋଚକଙ୍କ ସମ୍ବନ୍ଧରେ ଏହି ବିରୁଦ୍ଧାତ୍ମକ ଯୁକ୍ତି ଉତ୍ଥାପିତ ହୋଇଥାଏ, ତଥାପି ସମାଲୋଚନାର ଉପଯୋଗିତା ଓ ଉପକାରିତା ଯେ ଯଥେଷ୍ଟ, ତାହା ଅସ୍ୱୀକାର୍ଯ୍ୟ ନୁହେଁ ।

ମୌଳିକ ସାହିତ୍ୟ ଓ ସମାଲୋଚନା ସାହିତ୍ୟ ମଧ୍ୟରେ ବିଭେଦ କୃତ୍ରିମ ମାତ୍ର । ସାହିତ୍ୟ ହେଉଛି ମାନବ ଜୀବନର ସମାଲୋଚନା ବା ପ୍ରକାଶ । କିନ୍ତୁ ବ୍ୟକ୍ତିତ୍ୱ ଜୀବନର ଏକ ମୁଖ୍ୟ ବିଭାବ । ସୁତରାଂ କବି ବା ଲେଖକଙ୍କର ବ୍ୟକ୍ତିତ୍ୱକୁ ତଳେଇ ଦେଖି, ଆଲୋଚନା କରୁଥିବା ସମାଲୋଚକ ବାସ୍ତବରେ ଉକ୍ତ କବି ବା ନାଟ୍ୟକାର ଯେଉଁ ଦୃଷ୍ଟିକୋଣରୁ ଜୀବନକୁ ପର୍ଯ୍ୟାଲୋଚନା କରିଥାନ୍ତି ସେହି ଭାବରେ ପ୍ରକୃତରେ ଜୀବନକୁ ସମାଲୋଚନା କରିଥାଆନ୍ତି । କୌଣସି ଏକ ମହତ୍ କାର୍ଯ୍ୟ ଯେପରି ଦୀପ୍ତିମନ୍ତ, ଖଣ୍ଡେ ଉତ୍କୃଷ୍ଟ ପୁସ୍ତକ ସେହିଭଳି ଜୀବନ୍ତ । ପ୍ରକୃତ ସମାଲୋଚନା ତାର ବିଷୟବସ୍ତୁ ଓ ପ୍ରେରଣା ଜୀବନଠାରୁ ଆହରଣ କରିଥାଏ, ସୁତରାଂ ଏହା ଏକଭାବରେ ମୌଳିକ ସୃଷ୍ଟି ପ୍ରକ୍ରିୟାକ୍ଷମ ବୋଲି କୁହାଯାଇ ପାରେ ।

ସମାଲୋଚନା ସାହିତ୍ୟର ଉପକାରିତା ବା ଅପକାରିତା ସମ୍ବନ୍ଧରେ ଏତିକି କୁହାଯାଇ ପାରେ ଯେ, ଏହା ଏକ ପକ୍ଷରେ ଆମର ଯେପରି ସହାୟକ, ଅନ୍ୟ ପକ୍ଷରେ ଆମ ପ୍ରତି ସେପରି ଗୋଟିଏ ବନ୍ଧନପାଶ । ବ୍ୟବହାର ଦ୍ୱାରା ଶନ୍ଧୁମିତ୍ର ଭଳି ଏହା ଆମର ଉପକାରୀ ବା ଅପକାରୀ ହୋଇଥାଏ ।

ସମାଲୋଚନାର ଉପକାରିତା ସମ୍ବନ୍ଧରେ କୁହାଯାଇପାରେ ଯେ, ଏହା ସାହାଯ୍ୟରେ ଆମେ ବିରାଟ ଗ୍ରନ୍ଥମାନଙ୍କ ସହ ସ୍ୱଳ୍ପସମୟ ମଧ୍ୟରେ ପରିଚିତ ହୋଇ ସେମାନଙ୍କର ସାର ଗ୍ରହଣ କରିପାରୁ । ସୁତରାଂ ଜୀବନକାଳର ସ୍ୱଳ୍ପତା ଦୃଷ୍ଟିରୁ ସମାଲୋଚନା ସାହିତ୍ୟ ଆମର ଅତୀବ ସହାୟକ । ତାହାଛଡ଼ା ପୃଥିବୀର ବିଭିନ୍ନ ଭାଷାଗୁଡ଼ିକୁ ଆୟତ୍ତ କରି ସେହି ସମସ୍ତ ଭାଷାରେ ଲିଖିତ ଗ୍ରନ୍ଥମାନଙ୍କୁ ହୃଦୟଙ୍ଗମ କରିବା ଆୟାସସାଧ୍ୟ । ତେଣୁ ଇଂରେଜୀ ଭଳି କୌଣସି ଏକ ବିଶ୍ୱବିଦିତ ଭାଷାକୁ ଆୟତ୍ତ କଲେ ଆମେ ଫ୍ରାନ୍ସ, ଋଷିଆ, ଜର୍ମାନୀ ପ୍ରଭୃତି ଦେଶର ସମୃଦ୍ଧ ସାହିତ୍ୟର ଆଲୋଚନା ମଧ୍ୟ ପଢ଼ି ସେ ସମସ୍ତ ସାହିତ୍ୟର ମହତ୍ତ୍ୱ ଉପଲବ୍ଧିକ୍ଷମ ହେବୁ । ଅଷ୍ଟାଦଶ ଶତାବ୍ଦୀରେ ଭୋଲ୍‌ଟେୟାର ପ୍ରାୟ ୬୭୦ ଖଣ୍ଡି ଗ୍ରନ୍ଥ ଲେଖିଥିଲେ । ଏ ସମସ୍ତ ଅଧ୍ୟୟନ କରିବା ଆମ ପକ୍ଷରେ ସମ୍ଭବ ହୋଇ ନ ପାରେ; ମାତ୍ର ଲର୍ଡ୍ ମର୍ଲିଙ୍କର ଭୋଲଟେୟାର ସମ୍ବନ୍ଧୀୟ ଦୁଇଶତ ପୃଷ୍ଠାର ପୁସ୍ତକ ପଢ଼ିଲେ ଆମେ ଆଲୋଚିତ ଲେଖକଙ୍କ ସମ୍ପର୍କରେ ଗୋଟାଏ ଧାରଣା କରିପାରିବୁ ।

ସମାଲୋଚନାର ଉପକାରିତା ସମର୍ଥନମୂଳକ—ଏ ଯୁକ୍ତି ସତ୍ତ୍ୱେ ଏହା କୁହାଯାଇପାରେ ଯେ, ମୌଳିକ ସାହିତ୍ୟ ସହ ସିଧାସଳଖ ସମ୍ବନ୍ଧ ହେଲା ଆମର ପ୍ରଧାନ ବିଷୟ । ସମାଲୋଚନା ସାହିତ୍ୟ ସହ ଆମର ଯେଉଁ ସମ୍ବନ୍ଧ, ତାହା ମୁଖ୍ୟ ନୁହେଁ, ଗୌଣ । ତେଣୁ ବହୁ ପଣ୍ଡିତ ମୌଳିକ ସାହିତ୍ୟ ଅନୁଶୀଳନ ଉପରେ ଗୁରୁତ୍ୱ ଆରୋପ କରି ସମାଲୋଚନା ସାହିତ୍ୟ ଉପରେ ନିର୍ଭର କରିବାକୁ ବିମୁଖ ହୋଇଥାନ୍ତି । ଥରେ ଜଣେ ଛାତ୍ର ଆମେରିକାର ଜନୈକ ଅଧ୍ୟାପକଙ୍କୁ ପ୍ରଶ୍ନ କରିଥିଲେ,

ମହାଶୟ !

**Yimon of Athens** ଉପରେ ଲେଖାହୋଇଥିବା ଉତ୍କୃଷ୍ଟ ପୁସ୍ତକ କଅଣ ଓ ସଙ୍ଗେ ସଙ୍ଗେ ଉକ୍ତ ଅଧ୍ୟାପକ ଉତ୍ତର ଦେଇଥିଲେ ଏହା ହେଉଛି କେବଳ ମାତ୍ର **Yimon of Athens.** ଏଠାରେ ମୂଳଗ୍ରନ୍ଥ ଅଧ୍ୟୟନ-ଗତ ପ୍ରାଧାନ୍ୟ ଦ୍ୟୋତିତ ।

ତଥାପି ସମାଲୋଚନାର କର୍ତ୍ତବ୍ୟ ସମ୍ପାଦନମୂଳକ ଉପାଦେୟତା ଉପେକ୍ଷଣୀୟ ନୁହେଁ । ଏହାର ପ୍ରଧାନ କାର୍ଯ୍ୟ ହେଲା ପାଠକମାନଙ୍କ ମନରେ ଆନନ୍ଦ ଦାନ ସଙ୍ଗେ ସଙ୍ଗେ ସାହିତ୍ୟଜନିତ ପ୍ରେରଣାରେ ସେମାନଙ୍କୁ ଉଦ୍‌ବୋଧନ । ଜୀବନର ଗୁରୁତ୍ୱ ବିଷୟରେ କବି ବା ଲେଖକ ଆମକୁ ସଙ୍କେତ ଦେଲା ବେଳେ ସମାଲୋଚକ ଜୀବନର ସମାଲୋଚନାମୂଳକ ଏହି ସାହିତ୍ୟର ଅର୍ଥ ବା ଭାବ ସମ୍ବନ୍ଧରେ ଆମକୁ ଇଙ୍ଗିତ ଦେଇଥାନ୍ତି । କବି ବା ନାଟ୍ୟକାରମାନଙ୍କର ରଚନାର ଅନ୍ତର୍ନିହିତ ଭାବର ପରିସ୍ଫୁଟତା ଓ ବହିଃପ୍ରକାଶ ହେଉଛି ସମାଲୋଚକଙ୍କର ଦାୟିତ୍ୱ । ଯେତେବେଳେ ଜ୍ଞାନର ଗରିମା ଓ ଗାମ୍ଭୀର୍ଯ୍ୟରେ ସମାଲୋଚକ ସାଧାରଣ ପାଠକ ସମାଜକୁ ଅତିକ୍ରମ କରି ସେମାନଙ୍କୁ ନୂତନ ଆଲୋକର ସନ୍ଧାନ ଦେଇଥାନ୍ତି, ସେତେବେଳେ ସେ ହୁଅନ୍ତି ଆମର ପୂଜ୍ୟ । ସମାଲୋଚକ ବିଶେଷ ଭାବରେ ଅନ୍ତର୍ଦୃଷ୍ଟି, ଅବବୋଧ ଓ ନିଖୁଣ ଦେଖିବାର ଶକ୍ତିଯୁକ୍ତ । ସେ ପାଠକମାନଙ୍କର ପଥଦ୍ରଷ୍ଟା ଓ ବନ୍ଧୁଭାବରେ ସେମାନଙ୍କ ସହ ସମ୍ପୃକ୍ତ । ସେମାନଙ୍କର ଅବବୋଧ ବା ଜ୍ଞାନ ଶକ୍ତିକୁ ସେ ବର୍ଦ୍ଧିତ କରିଥାଆନ୍ତି । ପାଠକମାନଙ୍କର ଅନ୍ତର୍ଦୃଷ୍ଟି ଓ ବିଚାର ଶକ୍ତିକୁ ବର୍ଦ୍ଧିତ କରିବା ନିମନ୍ତେ ସମାଲୋଚକଙ୍କର ସହାୟତା ସେମାନଙ୍କ ପକ୍ଷରେ କମ୍ ମୂଲ୍ୟବାନ ନୁହେଁ ।

ସମାଲୋଚନା ଦ୍ୱାରା ମୁଖ୍ୟତଃ ଦୁଇଟି କାର୍ଯ୍ୟ ସମ୍ପାଦିତ ହୋଇଥାଏ । ଅର୍ଥପ୍ରକାଶ ଓ ବିଚାର । ସମାଲୋଚକଙ୍କର କାର୍ଯ୍ୟ ବିଶାଳ ଓ କଷ୍ଟକର । ଆଲୋଚ୍ୟ ଗ୍ରନ୍ଥ ମଧ୍ୟରେ ନିବିଡ଼ ଭାବରେ ପ୍ରବେଶ କରି ଏହାର ଶକ୍ତି ଓ ସୌନ୍ଦର୍ଯ୍ୟ ପ୍ରଭୃତି ଗୁଣାବଳୀ ବିଷୟରେ ପୂର୍ଣ୍ଣ ଅବଧାରଣା କରି, ଏହାର

ଅନ୍ତର୍ନିହିତ ଓ ସ୍ଥାୟୀ ବା କ୍ଷଣିକ ବିଭବ ମଧ୍ୟରେ ପାର୍ଥକ୍ୟ ନିରୂପଣ କରି, ଏହାର ଅର୍ଥକୁ ବିଶ୍ଳେଷଣ କରି, ସିଧାସଳଖ ବିଚାର ଦ୍ୱାରା ଏହା ମଧ୍ୟରେ ଥିବା କଳାଗତ ବା ନୀତିଗତ ବୈଶିଷ୍ଟ୍ୟଗୁଡ଼ିକୁ ଉନ୍ମୋଚନ କରି ଲେଖକ ଏଗୁଡ଼ିକ ମଧ୍ୟରେ ଯୋଗସୂତ୍ର ରକ୍ଷା କରିବା ଦ୍ୱାରା ସ୍ୱୀୟ ରଚନା ପାଠକ କିପରି ଭାବରେ ପ୍ରଦର୍ଶିତ କରିପାରିଛନ୍ତି, ସେ ସମସ୍ତ ପାଠକ ସମାଜ ଆଗରେ ଯଥାର୍ଥ ଉପସ୍ଥାପନ କରିବା ହେଉଛି ସମାଲୋଚକଙ୍କର କାର୍ଯ୍ୟ । ଲେଖକଙ୍କ ରଚନା ମଧ୍ୟରେ ଯାହା ଅପ୍ରଚ୍ଛନ୍ନ ଭାବରେ ଥାଏ, ସମାଲୋଚକ ତାକୁ ସ୍ପଷ୍ଟ କରିଦିଅନ୍ତି । ଆଲୋଚ୍ୟ ଗ୍ରନ୍ଥର ବିଭିନ୍ନ ବିଭାବ ଉତ୍ତମରୂପେ ବିଶ୍ଳେଷଣ କରି, ବିଚାରପୂର୍ବକ ସମାଲୋଚକ ପାଠକମାନଙ୍କୁ ଗ୍ରନ୍ଥର ବିଷୟବସ୍ତୁ, ଭାବ, ରଚନା-ଚାତୁରୀ ସହ ଉତ୍ତମରୂପେ ପରିଚିତ କରାଇଦେଇ ପୁସ୍ତକର ଯଥାଯଥ ବିଚାରଗତ ପ୍ରଶଂସା ଓ ନିନ୍ଦାର ଭାର ପାଠକମାନଙ୍କ ଉପରେ ଛାଡ଼ିଦେବେ । ଓ୍ୱାଲ୍‌ଟର୍ ପେଟର୍ କହନ୍ତି, କବି ବା ଚିନ୍ତକରଙ୍କର ମହତ୍ତ୍ୱ ଅନୁଭବ କରିବା, ଏହାକୁ ପୃଥକ ପୃଥକ ଭାବରେ ବିଚାର କରିବା ଓ ଏହାକୁ ପ୍ରକାଶ କରିବା ହେଉଛି ସମାଲୋଚକଙ୍କର ତିନୋଟି ପ୍ରଧାନ ଦାୟିତ୍ୱ ।

ପ୍ରଥମରେ ଆଲୋଚ୍ୟ ଗ୍ରନ୍ଥର ପରିଶୀଳନ, ଦ୍ୱିତୀୟରେ ଆଲୋଚ୍ୟ ଗ୍ରନ୍ଥ ସମ୍ବନ୍ଧରେ ବିଭିନ୍ନ ଘଟଣା ସଂଗ୍ରହ, ତୃତୀୟରେ ଲେଟକଙ୍କର ଅନ୍ୟ ଗ୍ରନ୍ଥ ସହିତ ଆଲୋଚିତ ଗ୍ରନ୍ଥର ତୁଳନାତ୍ମକ ବିଚାର କରି ଉକ୍ତ ଗ୍ରନ୍ଥର ଯଥାର୍ଥ ସ୍ଥାନ ନିରୂପଣ ପ୍ରତି ସମାଲୋଚକ ଅବହିତ ହେବେ । ମୋଟ ଉପରେ ତାଙ୍କର ମୁଖ୍ୟ ଉଦ୍ଦେଶ୍ୟ ହେବ ନିଜେ ଜାଣିବା, ଅନ୍ୟମାନଙ୍କୁ ଜଣାଇବା । ତଥାପି ନିଜର ରୁଚି ଦିଗରୁ ସେ କୌଣସି ସ୍ପଷ୍ଟ ମନ୍ତବ୍ୟ ଆଲୋଚ୍ୟ ଗ୍ରନ୍ଥ ଉପରେ ପ୍ରକାଶ କରି ଉକ୍ତ ମନ୍ତବ୍ୟକୁ ଗ୍ରହଣ କରିବା ନିମନ୍ତେ ସାଧାରଣ ପାଠକଙ୍କୁ ବାଧ୍ୟ କରିବେ ନାହିଁ ।

ଲର୍ଡ଼ ମାକଲେ ସମାଲୋଚକ ଭାବରେ ନିଜର ଦାୟିତ୍ୱକୁ ଜଣେ ସମ୍ରାଟ ବା king-at-arms ସହିତ ତୁଳନା କରିଅଛନ୍ତି । ସମାଲୋଚକ ସାହିତ୍ୟିକ ନିୟମାବଳୀସହ ସୁପରିଚିତ ଥିବେ ଏବଂ ଏହି ନିୟମଗୁଡ଼ିକର ମାନଦଣ୍ଡରେ ବିଭିନ୍ନ କବିମାନଙ୍କୁ ବିଚାର କରି ପ୍ରତି କବିଙ୍କୁ ତାଙ୍କର ନ୍ୟାଯ୍ୟ ଆସନ ପ୍ରଦାନ କରିବାରେ ସେ କୁଣ୍ଠା ପ୍ରକାଶ କରିବେ ନାହିଁ । ମୋଲ୍‌ଟନ୍ ସମାଲୋଚନାର ଧାରା ସମ୍ବନ୍ଧରେ ବିଚାର କରିବାକୁ ଯାଇ inductive criticism ବା ଅନୁମାନଜନକ ସମାଲୋଚନା ଉପରେ ଗୁରୁତ୍ୱ ଦେଇଥାନ୍ତି । ତାଙ୍କ ମତରେ ଆଧୁନିକ ବିଜ୍ଞାନର ବଳଶାଳୀ ପ୍ରଭାବରେ ସମସ୍ତ କାର୍ଯ୍ୟ ନିୟମାନୁମୋଦିତ ହେବା ବାଞ୍ଛନୀୟ ।

ତେଣୁ ସମାଲୋଚନା ଯେତେବେଳେ ସାହିତ୍ୟର ବିଚାରରେ ନିରତ, ସେତେବେଳେ ତାହା ନିୟମାନୁମାନଜନକ ହୋଇ ବୈଜ୍ଞାନିକ ଅନୁଶୀଳନ ଉପରେ ପ୍ରତିଷ୍ଠିତ

ହେବା ବିଧେୟ । ଏଭଳି ସମାଲୋଚନା ତାଙ୍କ ମତରେ ସାହିତ୍ୟର ଏକ ଅଙ୍ଗ ନୁହେଁ; ବରଂ ଏହା ବିଜ୍ଞାନର ଏକ ବିଭାଗ । ତେଣୁ ସମାଲୋଚନା ବୈଜ୍ଞାନିକ ନିର୍ଭୁଲତା ଓ ନିରପେକ୍ଷତାର ଅନୁଗାମୀ ହୋଇ ସର୍ବଥା ନିୟମାନୁସରଣ ହେବା ଉଚିତ । ଏ ଧରଣର ସମାଲୋଚନା ବିଚାରମୂଳକ ସମାଲୋଚନା ବା **judicial criticism**ଠାରୁ ଭିନ୍ନ ।

ସାଧାରଣତଃ ସାହିତ୍ୟର ସମାଲୋଚନା କଲାବେଳେ ଆମ୍ଭେମାନେ ଯାହା ଉପାଦାନ ପାଉଁ, ତାହାର ଉପାଦେୟତା, ଦୋଷ ଓ ଗୁଣ ନିରୂପଣ କରିଥାଉ । ଏହା କିପରି ହେବା ବିଧେୟ ଏହା ଆମର ବିଚାରର ଅଙ୍ଗୀଭୂତ ହେବା ବାଞ୍ଛନୀୟ ନୁହେଁ । ବୈଜ୍ଞାନିକ ବିଭିନ୍ନ ବସ୍ତୁର କ୍ରମବିକାଶ ସ୍ଥିରୀକୃତ ହେଲା ଭଳି ସାହିତ୍ୟ ଗୋଟିଏ କ୍ରମବିକାଶର ଫଳ; ବିଭିନ୍ନ ପରିବର୍ତ୍ତନ ମଧ୍ୟ ଦେଇ ଏହାର ଇତିହାସ ଅଗ୍ରଗତି କରିଥାଏ । ସମାଲୋଚକର କାର୍ଯ୍ୟକଳାପକୁ **Taine** ଜଣେ ଉଦ୍ଭିଦତତ୍ତ୍ୱବିତ୍‌ର କାର୍ଯ୍ୟ ସଙ୍ଗରେ ତୁଳନା କରିଅଛନ୍ତି । ଉଦ୍ଭିଦତତ୍ତ୍ୱବିତ୍ ଯେପରି ଉଦ୍ଭିଦ ଜଗତକୁ ନିଜର ବିଷୟବସ୍ତୁ ରୂପେ ଗ୍ରହଣ କରି ନେଇ ଥାଆନ୍ତି, ସେପରି ସମାଲୋଚକ ସାହିତ୍ୟକୁ ତାଙ୍କର ବିଷୟବସ୍ତୁ ରୂପେ ଗ୍ରହଣ କରି ତାର ଅନୁଶୀଳନ ଓ ବିଚାରରତ ହୋଇଥାନ୍ତି ।

ମାଥ୍ୟୁ ଆର୍ଣ୍ଣୋଲଡ୍‌ଙ୍କ ଭଳି ଆଧୁନିକ ସମାଲୋଚକ କବିଙ୍କୁ ପ୍ରଶଂସା ବା ନିନ୍ଦା କରିବା ଅପେକ୍ଷା କବିଙ୍କର କୃତିକୁ ଉତ୍ତମରୂପେ ଅବବୋଧ କରି ପ୍ରକାଶ କରିବା ସଙ୍ଗେ ସଙ୍ଗେ ପାଠକମାନଙ୍କୁ ଏହାକୁ ଉତ୍ତମରୂପେ ହୃଦୟଙ୍ଗମ କରାଇବା ଉପରେ ଅଧିକ ଗୁରୁତ୍ୱ ଦେଇଥାନ୍ତି । ସେ କହନ୍ତି, କୌଣସି ଏକ ପ୍ରସିଦ୍ଧ ଗ୍ରନ୍ଥକୁ ଆଲୋଚନା କଲାବେଳେ ଆମ୍ଭେମାନେ ଉଦାର ମନୋଭାବ ସମ୍ପନ୍ନ ହୋଇ, କୁସଂସ୍କାରଚ୍ଛନ୍ନ ଚକ୍ଷୁଦ୍ୱାରା ଆବୃତ ନହୋଇ ଉନ୍ମୁକ୍ତ ଚକ୍ଷୁ-ବିଶିଷ୍ଟ ହେବୁ । ଶଂସିତ ଗ୍ରନ୍ଥ ଅତି ଉତ୍କୃଷ୍ଟ ଶ୍ରେଣୀର କି ନୁହେଁ, ତାର ବିଚାର କଲାବେଳେ ସମାଲୋଚକ ସାଧୁ ଓ ଶିଷ୍ଟ ଭାବରେ ଅନୁରାଗୀ ହୃଦୟରେ ସହଜ ଓ ସୁପ୍ରଶସ୍ତ ଜ୍ଞାନ ଶକ୍ତିର ସାହାଯ୍ୟ ଗ୍ରହଣ କରିବେ । କବି ଓ ସମାଲୋଚକ ଉଭୟଙ୍କର ଜୀବନ ତଥା ଜଗତ ସମ୍ବନ୍ଧରେ ପରିପକ୍ୱ ଜ୍ଞାନ ଥିବା ଅବଶ୍ୟକ । ଆଧୁନିକ ଜଗତରେ ଜୀବନ ଓ ଜଗତ ଉଭୟର ପରିସ୍ଥିତି ଅତ୍ୟନ୍ତ ଜଟିଳ ହେଉଥିବାରୁ ଆଧୁନିକ କବିଙ୍କର ବିଶେଷ ଭାବରେ ସମାଲୋଚନାମୂଳକ ଦୂର-ଦୃଷ୍ଟି ଥିବା ଆବଶ୍ୟକ । ତା' ନହେଲେ ତାଙ୍କ ସାହିତ୍ୟ ନିଃସ୍ୱ, ନିର୍ଜୀବ ଓ କ୍ଷଣସ୍ଥାୟୀ ହୋଇ ପଡ଼ିବ । ଏହି କାରଣରୁ ଗେଟେ ଓ ବାଇରନ୍ ଉଭୟଙ୍କର ସାହିତ୍ୟ ଉତ୍ପାଦନ ଶକ୍ତି ସମାନ ଥିଲେ ସୁଦ୍ଧା ଉପରୋକ୍ତ ଦୁଇଟି ବିଷୟ ସହି ବିଶେଷ ଅଭିଜ୍ଞ ଥିବାରୁ ଗେଟେ ବାଇରନଙ୍କ ଅପେକ୍ଷା ଅଧିକ ସମ୍ମାନିତ ହୋଇ

ପାରଛନ୍ତି । ଓ୍ୱାଡ଼ସ୍‌ଓ୍ୱାର୍ଥ ଅଧିକ ଗ୍ରନ୍ଥ ଅଧ୍ୟୟନ କରିଥିଲେ ଆହୁରି ବିବିଧ ଓ ପ୍ରଶସ୍ତ କ୍ଷେତ୍ରରେ ତାଙ୍କର ଲେଖନୀ ନିୟୋଜିତ କରି ପାରିଥାଆନ୍ତେ । ସୁତରାଂ ଅଭିଜ୍ଞତାର ଆହରଣ ଲାଗି ବହୁବିଧ ଗ୍ରନ୍ଥ ଅଧ୍ୟୟନରେ ଉପାଦେୟତା ରହିଛି । କିନ୍ତୁ ସେକ୍‌ସପିଅର ବହୁ ଗ୍ରନ୍ଥ ଅଧ୍ୟୟନ ନ କରିଥିଲେ ସୁଦ୍ଧା ଜୀବନ ଓ ଜଗତ ସମ୍ବନ୍ଧରେ ତାଙ୍କର ଅଭିଜ୍ଞତା ଏତେ ସୁଦୂରପ୍ରସାରୀ ହୋଇଥିଲା ଯେ ତାଙ୍କୁ ସାଧାରଣତଃ **Myrid minded Shakespeare** କୁହାଯାଇଥାଏ । ଫଳତଃ ସେ ତାଙ୍କର ଅମର ନାଟକାବଳୀରେ ବହୁବିଧ ଚିତ୍ର ଦେଇ ଯାଇଅଛନ୍ତି । ତେଣୁ ଦେଖାଗଲା, ସାହିତ୍ୟ-ସୃଷ୍ଟି ଓ ସମାଲୋଚନା କ୍ଷେତ୍ରରେ, ଜୀବନ ଓ ଜଗତ ସହ ଅଭିଜ୍ଞତା ଏକାନ୍ତ ଆବଶ୍ୟକ । ସାହିତ୍ୟ ଯଦି ଜୀବନର ସମାଲୋଚନା ହୁଏ, ସାହିତ୍ୟିକ ସତ୍ୟ ଓ ସାହିତ୍ୟିକ ସୌନ୍ଦର୍ଯ୍ୟଗତ ନିୟମ ଦ୍ୱାରା ନିର୍ଦ୍ଧାରିତ ସମାଲୋଚନା ଯଦି ସାହିତ୍ୟକୁ ନିୟନ୍ତ୍ରିତ କରେ, ତେବେ ସମୟର ଅଗ୍ରଗତିରେ ମଧ୍ୟ ସାହିତ୍ୟ ସ୍ଥାୟୀ ହୋଇ ପାଠକ-ସମାଜକୁ ଆନନ୍ଦ ଓ ପ୍ରେରଣା ଦେଉଥିବ । ଏହି ଆନନ୍ଦ ଓ ପ୍ରେରଣା ଦାନର ସାମର୍ଥ୍ୟ ଯଥାର୍ଥରେ ସାହିତ୍ୟର 'ଜୀବନଗତ ସମାଲୋଚନା' ପରିମାଣ ଉପରେ ନିର୍ଭର କରେ । ସେଇଥିପାଇଁ ମାଥ୍ୟୁ ଆରନୋଲଡ଼ ଏହି 'ଜୀବନଗତ ସମାଲୋଚନା' ଉପରେ ଏତେ ଗୁରୁତ୍ୱ ଦେଇଅଛନ୍ତି ।

ବିଚାରମୂଳକ ସମାଲୋଚନା ଉପରେ ଅନାସ୍ଥା ପ୍ରଦର୍ଶନ କରି ନିୟମାନୁମୋଦିତ ସମାଲୋଚନାରେ ଆସ୍ଥା ପୋଷଣ କରୁଥିବା ମୋଲଟନଙ୍କ ମତକୁ ହଡ଼ସନ ପସନ୍ଦ କରିନାହାନ୍ତି । ମୋଲଟନଙ୍କ ସମାଲୋଚନା ପଦ୍ଧତିରେ କୌଣସି ଏକ ନିର୍ଦ୍ଦିଷ୍ଟ ବିଷୟରୁ ସାଧାରଣ ବିଷୟ ସମ୍ବନ୍ଧରେ ସିଦ୍ଧାନ୍ତରେ ଉପନୀତ ହେବା ପ୍ରଣାଳୀର ଫଳ ଯେତେ ମୂଲ୍ୟବାନ ହେଉନା କାହିଁକି, ଏହି ଫଳକୁ ନେଇ ସାହିତ୍ୟାନୁଶୀଳନକାରୀ ଛାତ୍ର ଚରିତାର୍ଥ ହୋଇ ପାରିବେ ନାହିଁ । ସମାଲୋଚନାର ଏକ ମୁଖ୍ୟ ଉପାୟ ରୂପେ ଏହି ପଦ୍ଧତିକୁ ଗ୍ରହଣ କରାଗଲେ ସୁଦ୍ଧା ଅନ୍ୟ ନିୟମଗୁଡ଼ିକ ପରିବର୍ତ୍ତେ ଏହା ପୂର୍ଣ୍ଣରୂପେ ବ୍ୟବହୃତ ହୋଇ ପାରିବ ନାହିଁ । ସମାଲୋଚନାରେ ବୈଜ୍ଞାନିକ ଅନୁଶୀଳନ—ପଦ୍ଧତି ସମ୍ପର୍କରେ ଆମେ ଯାହା କହୁନା କାହିଁକି, ସାହିତ୍ୟର ବିଚାର ସାର୍ବଜନୀନ । ଅନୁମାନଜନିତ ବୈଜ୍ଞାନିକ ସମାଲୋଚନାର ପୂର୍ଣ୍ଣତା ବିଚାରମୂଳକ ସମାଲୋଚନା ଉପରେ ନିର୍ଭର କରିଥାଏ । ବିଚାରମୂଳକ ସମାଲୋଚନା ହେଉଛି—ଯଥାର୍ଥରେ ହୃଦୟ ସହକାରେ ଅନୁଶୀଳନ । ସମାଲୋଚକମାନଙ୍କୁ ସହୃଦୟ ଭାବରେ ଆବହମାନ କାଳରୁ ଅଭିହିତ କରା ହୋଇଛି, ଫଳତଃ ଏ ବିଚାରମୂଳକ ସମାଲୋଚନାର ଗୁରୁତ୍ୱ ସ୍ୱୀକୃତ । ସମାଲୋଚକ ବାସ୍ତବରେ ଜଣେ ବିଚାରକ । ଗ୍ରନ୍ଥଟିକୁ ଉତ୍ତମରୂପେ ଅଧ୍ୟୟନ କରି ଗ୍ରନ୍ଥକର୍ତ୍ତାଙ୍କର ଅବସ୍ଥା, ଜୀବନ ଦର୍ଶନ, ସମସାମୟିକ ପରିସ୍ଥିତି ସମସ୍ତର ଅନୁଶୀଳନ କରି ସେ ଅନୁରାଗୀ ହୃଦୟରେ କେବଳ

ଧରାବନ୍ଧା ନିୟମର ଆଶ୍ରୟ ନ ନେଇ ସାହିତ୍ୟର ସୁବିଚାର କରିବେ । ଆଧୁନିକ ସମାଲୋଚନା କ୍ଷେତ୍ରରେ ଏହି ବିଚାରମୂଳକ ସମାଲୋଚନା ଅଧିକ ଆଦୃତ ହେଉଛି ।

ସମାଲୋଚକ ବିଭିନ୍ନ କବିଙ୍କ ସହିତ ଆମ୍ଭମାନଙ୍କୁ ପରିଚିତ କରାଇ ଦେଉଥିବାରୁ ତାଙ୍କର ରଚନା ଆମର ଯେ ପ୍ରିୟ, ଏଥିରେ କୌଣସି ସନ୍ଦେହ ନାହିଁ । ମାତ୍ର ଏହା ହେଲା ସମାଲୋଚନା ସାହିତ୍ୟର ଗୋଟିଏ ବିଭବ । ଆଉ ଗୋଟିଏ ବିଭବ ହେଉଚି ସମାଲୋଚକ ସ୍ୱୀୟକୃତି ମଧ୍ୟରେ ନିଜର ବ୍ୟକ୍ତିତ୍ୱକୁ ପରିସ୍ଫୁଟ କରିଥାଆନ୍ତି । ସମାଲୋଚନାଗତ ସାହିତ୍ୟ ମଧ୍ୟରେ ଆମେ ସମାଲୋଚକଙ୍କର ଆତ୍ମପ୍ରକାଶ ଅନୁଭବ କରିପାରିଥାଉଁ ଓ ଏହି ଭାବରେ ଏହାର ମୂଲ୍ୟ ସର୍ବଥା ଚିରନ୍ତନ ଓ ଉଚ୍ଚସ୍ଥାନୀୟ । ସମାଲୋଚକଙ୍କ ବ୍ୟକ୍ତିତ୍ୱ ସଙ୍ଗେ ସଙ୍ଗେ ତାଙ୍କର ଆଲୋଚନାଗତ ଭାବନା, ପ୍ରଣାଳୀ ଓ ଲକ୍ଷ୍ୟ ଏ ସମସ୍ତ ବିଷୟ ଆମେ ଅବଗତ ହୋଇଥାଉଁ । କୌଣସି କବିଙ୍କ ଉପରେ ସମାଲୋଚକଙ୍କର ଏକ ନିର୍ଦ୍ଦିଷ୍ଟ ମନ୍ତବ୍ୟ ଆମର ଗ୍ରହଣୀୟ ନ ହୋଇ ଅସନ୍ତୋଷର କାରଣ ହୋଇପାରେ, ମାତ୍ର ସେହି ସମାଲୋଚକଙ୍କର ଅନ୍ତରର ସ୍ୱତଃସ୍ଫୁର୍ତ୍ତି ପ୍ରକାଶ-ଭାବରେ ସେହି ମନ୍ତବ୍ୟଗୁଡ଼ିକ ଆମ ନିକଟରେ ଚିତ୍ତାକର୍ଷକ ହୋଇ ଆଦରଣୀୟ ହେବେ ନିଶ୍ଚୟ । ଏହି କଥା ମାଥ୍ୟୁ ଆରନୋଲଡ୍‌ଙ୍କ ପକ୍ଷରେ ଯେପରି ସତ୍ୟ, ବିଭିନ୍ନ ଖ୍ୟାତନାମା ସମାଲୋଚକମାନଙ୍କ ପକ୍ଷରେ ମଧ୍ୟ ସେହିପରି ବାସ୍ତବ । ଏଥିରୁ ଜଣାଯାଏ, ସମାଲୋଚନା ମୂଳତଃ ପାଠକମାନଙ୍କ ପ୍ରାଣରେ ସାହିତ୍ୟର ହୃଦ୍‌ବୋଧ ନିମନ୍ତେ ଏକ ଉପାୟ ହେଲେହେଁ ଏହାକୁ କେବଳ ଏକ ପଦ୍ଧତି ବା ସହାୟକ ରୂପେ ଗ୍ରହଣ କରିବା ସମୀଚୀନ ହେବନାହିଁ । ଏହା ନିଜେ ମଧ୍ୟ ଏକପ୍ରକାର ସାହିତ୍ୟ ଏବଂ ଏହି ଭାବରେ ଏହା ବିଚାରଯୋଗ୍ୟ ହୋଇ ଆଦୃତ ହେବାର ଉପଯୁକ୍ତ ।

ସବୁ ଧରଣ ସାହିତ୍ୟରେ ଲେଖକର ବ୍ୟକ୍ତିତ୍ୱ ମୂଳୀଭୂତ ବିଷୟ ହୋଇଥିବାରୁ ସମାଲୋଚନା ସାହିତ୍ୟରେ ଆମର ଦୃଷ୍ଟି ପ୍ରଥମେ ପଡ଼ିଥାଏ ସମାଲୋଚକର ବ୍ୟକ୍ତିତ୍ୱ ଉପରେ । ଅର୍ଥପ୍ରକାଶକ ବା ବ୍ୟାଖ୍ୟାକାରୀ ଏବଂ ବିଚାରକ ଭାବରେ ସମାଲୋଚକର ଯୋଗ୍ୟତା ବିଚାର କରିବା ଆମର ପ୍ରଧାନ କାର୍ଯ୍ୟ । ସମାଲୋଚକ ନିଜର ସମାଲୋଚନା ଦ୍ୱାରା ପାଠକମାନଙ୍କୁ ଅନୁପ୍ରାଣିତ କରିପାରୁ ନ ଥିଲେ କୌଣସି ପୁସ୍ତକ ବା କବିଙ୍କ ସମ୍ବନ୍ଧରେ ତାଙ୍କର ବିବରଣୀ ପାଠକମାନଙ୍କର ଆଦରଣୀୟ ହୋଇପାରିବ ନାହିଁ । ସୁତରାଂ ତାଙ୍କର ଯୋଗ୍ୟତା ସର୍ବଥା ବିଚାର୍ଯ୍ୟ ।

ସମାଲୋଚକଙ୍କର ଯୋଗ୍ୟତା ନିରୂପଣ ପ୍ରସଙ୍ଗରେ ଏହା ସର୍ବବାଦୀ-ସମ୍ମତ ଯେ, ସମାଲୋଚନାର ଆଦର୍ଶ ସମ୍ବନ୍ଧରେ ସମାଲୋଚକ ଅବହିତ ଥିବା ବିଧେୟ । ପ୍ରକୃତ ସମାଲୋଚକଙ୍କର ମାନସିକ ସତର୍କତା ଓ ଶିଷ୍ଟତା ଥିବା ଉଚିତ । ତାଙ୍କର ଅନ୍ତର୍ଦୃଷ୍ଟି ତୀକ୍ଷ୍ଣ ହୋଇଥିବ ଏବଂ ବିଭିନ୍ନ ବିଷୟକୁ ଶୀଘ୍ର ହୃଦ୍‌ବୋଧ କରିବାକୁ ସେ ସମର୍ଥ ଥିବେ । ଅନୁଶୀଳନ ନିମନ୍ତେ ଆବଶ୍ୟକ ଉପାଦାନଗୁଡ଼ିକୁ ନିର୍ବାଚନ

କରି ଗ୍ରହଣ କରିବାରେ ସେ ଦକ୍ଷ ହୋଇଥିବେ । ମାଥ୍ୟୁ ଆରନୋଲଡ୍ କହନ୍ତି, ଗୋଟିଏ ରଚନାର ପ୍ରକୃତ ରୂପକୁ ଯଥାର୍ଥ ଭାବରେ ଅବଲୋକନ କରିବାରେ ହିଁ ସମାଲୋଚକଙ୍କର ସାମର୍ଥ୍ୟ ପ୍ରକଟିତ ହୋଇଥାଏ । ଏହାକୁ ଉପଲବ୍ଧି କରିବାରେ ସେ କୌଣସି ପ୍ରକାର ମତାନ୍ଧତାର କୁହେଳିକାମୟ ଆବରଣ ମଧ୍ୟରେ ଆବୃତ ହୋଇଯିବେ ନାହିଁ । ମୋଟ ଉପରେ କହିବାକୁ ଗଲେ ସେ ବ୍ୟକ୍ତିଗତ ରୁଚି, ଶିକ୍ଷା, ଆଗ୍ରହ, ଦଳ, ଗୋଷ୍ଠୀ, ଶ୍ରେଣୀ, ଜାତି ପ୍ରଭୃତି ବିଭିନ୍ନ ସଂକୀର୍ଣ୍ଣ ଆବେଷ୍ଟନୀ ମଧ୍ୟରେ ଆବଦ୍ଧ ନ ହୋଇ ପକ୍ଷପାତିତା ଦୋଷଶୂନ୍ୟ ହୋଇଥିବେ । କିନ୍ତୁ ଏ ସମସ୍ତ ଦୋଷର ଦୂରୀକରଣ କୌଣସି ଜଣେ ସମାଲୋଚକଙ୍କ ଦ୍ୱାରା ସାଧିତ ହେବାର ଦୃଷ୍ଟାନ୍ତ ବିରଳ । ସମାଲୋଚକ ଲେଖକଙ୍କ ରଚନାର ଲକ୍ଷ୍ୟ ଓ ପଦ୍ଧତି ସହି ସହାନୁଭୂତି ପ୍ରଦର୍ଶନ କରୁଥିବା ଉଚିତ । ଆଲୋଚ୍ୟ ରଚନା ପ୍ରତି ଏହି ସହାନୁଭୂତି ଥିଲେ ସମାଲୋଚନା ସାହିତ୍ୟ ଆମର ଚିତ୍ତାକର୍ଷକ ଓ ଆଦରଣୀୟ ହୁଏ ଏବଂ ଏହାର ଅଭାବରେ ଏହା ନୀରସ ଓ ଉପେକ୍ଷଣୀୟ ହୋଇଥାଏ ।

ବିଖ୍ୟାତ ଇଂରାଜୀ ପ୍ରାବନ୍ଧିକ ଓ ସମାଲୋଚକ ଜନ୍‌ସନ୍‌ଙ୍କଠାରେ ଏହି ଗୁଣ ଓ ଦୋଷ ଉଭୟର ସମନ୍ୱୟ ସାଧିତ ହୋଇଥିଲା । ସେ ଯେତେବେଳେ ପୋପ୍ ବା ଆଡ଼ିସନ୍‌ଙ୍କର ସମାଲୋଚନା କରିଛନ୍ତି, ଏହି ଲେଖକମାନଙ୍କ ପ୍ରତି ତାଙ୍କର ସହାନୁଭୂତି ଯୋଗୁ ସେମାନଙ୍କ ରଚନା ସମ୍ବନ୍ଧରେ ଆଲୋଚିତ ସନ୍ଦର୍ଭ ଆମର ଆଦରଯୋଗ୍ୟ ହୋଇଅଛି । ଅନ୍ୟ ପକ୍ଷରେ ମିଲଟନ ବା ଗ୍ରେଙ୍କ ଉପରେ ତାଙ୍କ ସମାଲୋଚନା ବିଗୃହି ଏହି ସହାନୁଭୂତି ଅଭାବରୁ ଆମର ଆଦର ହରାଇ ବସେ । କୋଲରିଜ୍ ସେକସ୍‌ପିଅର୍‌ଙ୍କର ଜୀବନ ଦର୍ଶନ ଉଦ୍‌ଘାଟନ କରିବା ପରିବର୍ତ୍ତେ ସ୍ୱୀୟ ଜୀବନ ଦର୍ଶନକୁ ରୂପ ଦେଇଛନ୍ତି । ତେଣୁ ଏହା ତେତେ ଉଚ୍ଚସ୍ତରର ନୁହେଁ । ବିଖ୍ୟାତ ସମାଲୋଚକ ମାଥ୍ୟୁ ଆରନୋଲଡ୍ ମଧ୍ୟ ସ୍ଥଳ ବିଶେଷରେ ଏହି ଧରଣର ପକ୍ଷପାତିତାରୁ ମୁକ୍ତ ନୁହନ୍ତି । ତାଙ୍କର ପ୍ରାଥମିକ ଶିକ୍ଷା ଅକସ୍‌ଫୋର୍ଡ଼ଠାରେ ହୋଇଥିବାରୁ ସେ ଗ୍ରୀକ୍ ପଣ୍ଡିତମାନଙ୍କର ମହତ୍ତ୍ୱକୁ ବିଶେଷ ଭାବରେ ସ୍ୱୀକାର କରୁଥିଲେ । ଫଳତଃ କେତେକ ସ୍ଥାନରେ ପୁରାତନ ସାହିତ୍ୟ ପ୍ରତି ତାଙ୍କର ଅଧିକ ଅନୁରକ୍ତି ପ୍ରକାଶ ପାଉଥିଲା । ଏହି ଭାବରେ ଦେଖିଲେ ସମାଲୋଚକଙ୍କର ଏକଦେଶ-ଦର୍ଶିତା ତାର ଦୃଷ୍ଟିକୋଣ ଓ ନିରପେକ୍ଷତା ଉପରେ ବାଧା ସୃଷ୍ଟି କରିଥାଏ ।

ସମାଲୋଚକଙ୍କର ଯୋଗ୍ୟତା କେବଳ ତାଙ୍କର ବିଧିପ୍ରଦତ୍ତ ଗୁଣାବଳୀ ଉପରେ ନିର୍ଭର କରି ନ ଥାଏ । ସମାଲୋଚନା ନିମନ୍ତେ ଆଉ କେତେଗୁଡ଼ିଏ ଉପାଦାନ ମଧ୍ୟ ଆବଶ୍ୟକ । ବିଧିବଦ୍ଧ ସମାଲୋଚନା ପାଇଁ ପାଣ୍ଡିତ୍ୟ ଏବଂ ବୈଜ୍ଞାନିକ ପଦ୍ଧତିରେ ବ୍ୟାବହାରିକ ଶିକ୍ଷା ଆବଶ୍ୟକ । କଳାର ସମାଲୋଚକଙ୍କ ଭଳି ସାହିତ୍ୟିକ ସମାଲୋଚକଙ୍କ ନିମନ୍ତେ ସ୍ୱତନ୍ତ୍ର ଶିକ୍ଷା ଦରକାର । ଏଠାରେ ଶିକ୍ଷା କହିଲେ ଜ୍ଞାନର

ଆହରଣ ସଙ୍ଗେ ସଙ୍ଗେ ମସ୍ତିଷ୍କର ସୁନିୟନ୍ତ୍ରଣକୁ ବୁଝାଉଅଛି । ଦୃଷ୍ଟିକୋଣର ପରିପ୍ରସାର ଏବଂ ବିଚାରର ଶକ୍ତିର ଯଥାର୍ଥ ପନ୍ଥାନୁସରଣ ନିମନ୍ତେ ଜ୍ଞାନ ଆବଶ୍ୟକ ଏବଂ ସେହି ଜ୍ଞାନକୁ କାର୍ଯ୍ୟକାରୀ ଓ ଫଳପ୍ରଦ କରିବା ନିମନ୍ତେ ସମାଲୋଚକଙ୍କର ମାନସିକ ସୁନିୟନ୍ତ୍ରଣ ପ୍ରୟୋଜନ । ଅନ୍ୟ ସମସ୍ତ ବିଷୟ ସମାନ ଥିଲେ ସୁଦ୍ଧା ତାଙ୍କର ଜ୍ଞାନ ଓ ଶୃଙ୍ଖଳାର ପରିମାଣ ଅନୁସାରେ ଅର୍ଥପ୍ରକାଶକ ଓ ବିଚାରକ ଭାବରେ ସମାଲୋଚକ ଉଚ୍ଚସ୍ଥାନ ଲାଭ କରିପାରିବେ ଏବଂ ଯଦି ଏହି ଦୁଇଟିର ଅଭାବ ତାଙ୍କଠାରେ ପରିଲକ୍ଷିତ ହୁଏ, ତାହାହେଲେ ତାଙ୍କ ମନ୍ତବ୍ୟ ଯେତେ ଚିତ୍ତାକର୍ଷକ ଓ ସୂଚନାତ୍ମକ ହେଉନା କାହିଁକି, ତାହା ଗୁରୁତ୍ୱପୂର୍ଣ୍ଣ ହେବ ନାହିଁ ।

ସମାଲୋଚକଙ୍କର ଶିକ୍ଷା ଓ ଶୃଙ୍ଖଳାର ଆବଶ୍ୟକତା ବିଷୟରେ ଗୋଟିଏ ଦୃଷ୍ଟାନ୍ତ ଦିଆଯାଇପାରେ । ଇଂଲଣ୍ଡ ଓ ଆମେରିକାରେ ଅଧିକାଂଶ ସ୍ଥାନରେ ସମ୍ବାଦପତ୍ରମାନେ ସାହିତ୍ୟିକ ସମାଲୋଚନ ରେ ଭାଗ ନେଇଥାଆନ୍ତି । ଆମ ଦେଶରେ ମଧ୍ୟ କ୍ରମେ ଏହାର ପ୍ରସାର ଘଟୁଛି । ସମାଲୋଚନା ସାହିତ୍ୟର ପ୍ରସାର ଏ ଉପାୟରେ ସାଧିତ ହେଉଥିଲେ ସୁଦ୍ଧା କେତେଗୁଡ଼ିଏ ମନ୍ଦଫଳ ମଧ୍ୟ ଏହାଦ୍ୱାରା ଘଟିଥାଏ । ତାହା ବୁଝାଇବାର ଆବଶ୍ୟକତା ନାହିଁ । କୌଣସି ନୂତନ ପୁସ୍ତକ ପ୍ରକାଶିତ ହେଲେ ସମ୍ବାଦପତ୍ରର ସାହାଯ୍ୟ ନେଇ ତହିଁରେ ଶସ୍ତା ଦରର ସମାଲୋଚନାମୂଳକ ମନ୍ତବ୍ୟ ପ୍ରକାଶ କରିହୋଇଥାଏ । ସମାଲୋଚକ ବିସ୍ମୟ ଓ ଉତ୍ତେଜନା ମଧ୍ୟରେ ବୁଡ଼ି ରହିଥାନ୍ତି । ଅଧିକାଂଶ ସମୀକ୍ଷକ ନିଜର ଦାୟିତ୍ୱ ସମ୍ବନ୍ଧରେ ପୂର୍ଣ୍ଣ ଅବହିତ ନଥାନ୍ତି । ସ୍ୱୀୟ ମତର ଗୁରୁତ୍ୱ ଓ ଯଥାର୍ଥତା ସେ ପୂର୍ଣ୍ଣ ଭାବରେ ମଧ୍ୟ ଉପଲବ୍ଧି କରିବାକୁ କ୍ଷମ ହୋଇ ନ ଥାନ୍ତି । ଉପଯୁକ୍ତ ଶିକ୍ଷା ଓ ସମାଲୋଚନା ସମୟର ମାନସିକ ଶୃଙ୍ଖଳା ଦ୍ୱାରା ଏଗୁଡ଼ିକ ବହୁ ପରିମାଣରେ ଦୂରୀଭୂତ ହୋଇପାରିବ ।

କୌଣସି ସମାଲୋଚକଙ୍କର ଗ୍ରନ୍ଥକୁ ବିଧିବଦ୍ଧ ଭାବରେ ଆଲୋଚନା କଲାବେଳେ, କେତୋଟି ବିଷୟ ଆମକୁ ଆଖି ଆଗରେ ରଖିବାକୁ ପଡ଼ିବ । ସମାଲୋଚକଙ୍କର ବ୍ୟକ୍ତିଗତ ଗୁଣ ଓ ସମାଲୋଚନାଗତ ଉପାଦାନ ପ୍ରତି ଆମେ ଅବହିତ ହେବା ବାଞ୍ଛନୀୟ । କୌଣସି ଏକ ଗ୍ରନ୍ଥ ବା କୌଣସି ଗ୍ରନ୍ଥକାରଙ୍କୁ ବିଚାର କଲାବେଳେ ସମାଲୋଚକ କିପରି ଭାବରେ ଏଗୁଡ଼ିକର ସାହାଯ୍ୟ ନେଇଛନ୍ତି, ତାହା ଆମେ ଲକ୍ଷ୍ୟ କରିବା । ତାହାଛଡ଼ା ସମାଲୋଚକ କୌଣସି ଏକ ବିଷୟ ବା ବିଭାବ ପ୍ରତି ଅଧିକ ଆକୃଷ୍ଟ ହେଲେ ବା ତାଙ୍କ ଚକ୍ଷୁରେ ଉକ୍ତ ବିଷୟଟି ଅଧିକ ମୂଲ୍ୟବାନ ତଥା ଗୁରୁତ୍ୱପୂର୍ଣ୍ଣ ବୋଧ ହେଲା, ଏହାର ଯୁକ୍ତିଯୁକ୍ତତା ଓ ଉପାଦେୟତା କେତେ ଓ ଏହି ପ୍ରକାର ପକ୍ଷପାତ ମତର ମୂଳ କେଉଁଠାରେ, ତାହା ଆମକୁ ବିଚାର କରିବାକୁ ହେବ । ଅନ୍ୟ ପକ୍ଷରେ ସମାଲୋଚକଙ୍କର ବିଚାରର ଗୁରୁତ୍ୱ ବା ଦୃଢ଼ତା ଆମର ପ୍ରଣିଧାନଯୋଗ୍ୟ ହେବ । କେଉଁ ସାଧାରଣ ମତଗତର ଆଶ୍ରୟ ନେଇ ସେ

ସମାଲୋଚନାରେ ପ୍ରବୃତ୍ତ ହୋଇଅଛନ୍ତି, ତାହା ମଧ୍ୟ ଲକ୍ଷ୍ୟ କରିବାର ବିଷୟ । ସମାଲୋଚକ ସତ୍ ଉଦ୍ଦେଶ୍ୟ ହୃଦୟରେ ପୋଷଣକରି ଗ୍ରନ୍ଥକର୍ତ୍ତାଙ୍କ ହୃଦୟଙ୍ଗମ କରିବା ଓ ପାଠକ ସାଧାରଣଙ୍କୁ ତାଙ୍କର ମହତ୍ତ୍ୱ ଅବବୋଧ କରାଇବା ନିମନ୍ତେ ବ୍ରତୀ ହୋଇପାରିଥାନ୍ତି, କିମ୍ବା ଲେଖକଙ୍କ ପ୍ରତି ଯଥାର୍ଥ ନ୍ୟାୟ ଓ ସମ୍ମାନ ପ୍ରଦର୍ଶନ କରିବା ନିମନ୍ତେ ତାଙ୍କର ଆକାଂକ୍ଷା ଥାଇପାରେ । ଅନ୍ୟ ପକ୍ଷରେ ଲେଖକଙ୍କ ରଚନାକୁ ଆଶ୍ରୟ କରି ସମାଲୋଚକ ସ୍ୱୀୟ ପାଣ୍ଡିତ୍ୟ, ବହୁ ଶାସ୍ତ୍ରଦର୍ଶିତା ଓ ଚତୁରତା ପ୍ରଦର୍ଶନ କରିବା ନୀତି ମନରେ ପୋଷଣ କରିପାରିଥାନ୍ତି । ସେ ସହାନୁଭୂତିଶୀଳ ହୋଇପାରନ୍ତି, ଯାହା ଭଲ ତାହା ଦେଖାଇବା ନିମନ୍ତେ ଉଦ୍‌ଗ୍ରୀବ ହୋଇ ପାରିଥାନ୍ତି, କିମ୍ବା ସେ ଗ୍ରନ୍ଥକର୍ତ୍ତାଙ୍କର ଦୋଷ ଓ ତ୍ରୁଟିଗୁଡ଼ିକ କେବଳ ପଦାରେ ପକାଇଦେବା ଉଦ୍ଦେଶ୍ୟ ନେଇ ସମାଲୋଚନାର ଆଶ୍ରୟ ନେଇ ପାରିଥାନ୍ତି । ସମାଲୋଚକ କୌଣସି କବି ଓ ଲେଖକଙ୍କର କୃତିକୁ ବିଚାର କଲାବେଳେ ତାଙ୍କର ଉଲ୍ଲିଖିତ ଉଦ୍ଦେଶ୍ୟଗୁଡ଼ିକ ଥାଇପାରେ । ସମାଲୋଚକଙ୍କର କର୍ତ୍ତବ୍ୟ ସମ୍ବନ୍ଧରେ ଆଡ଼ିସନ୍ କହିଥିଲେ, ସମାଲୋଚକ ଅପୂର୍ଣ୍ଣତା ବା ତ୍ରୁଟିଗୁଡ଼ିକ ଅପେକ୍ଷା ଗୁଣଗୁଡ଼ିକର ମହତ୍ତ୍ୱ ଅନୁସରଣ କରିବା ବିଧେୟ । ଲେଖକଙ୍କର ରଚନା ମଧ୍ୟରେ ଥିବା ଅନ୍ତର୍ନିହିତ ସୌନ୍ଦର୍ଯ୍ୟର ଆବିଷ୍କାର କରିବା ଏବଂ ଉଲ୍ଲେଖଯୋଗ୍ୟ, ଚମତ୍କାର ତଥା ସୌନ୍ଦର୍ଯ୍ୟ-ମୂଳକ ପ୍ରସଙ୍ଗଗୁଡ଼ିକୁ ସାଧାରଣ ପାଠକ ସମାଜ ସମକ୍ଷରେ ପରିବେଷଣ କରିବା ବାସ୍ତବରେ ସମାଲୋଚକର କାର୍ଯ୍ୟ । ସାଧାରଣତଃ ସମାଲୋଚନାରେ ଦୋଷର ନିନ୍ଦନ ଅପେକ୍ଷା ଗୁଣର ବନ୍ଦନ ହୃଦୟଗ୍ରାହୀ ଓ ବାଞ୍ଛନୀୟ ।

ଅନ୍ୟ ସାହିତ୍ୟିକ ବିଭାଗ ଭଳି ସମାଲୋଚନା ସାହିତ୍ୟ ଅଧ୍ୟୟନ କଲା-ବେଳେ ଆମେ କୌଣସି ଏକ ସମାଲୋଚକଙ୍କୁ ଅନ୍ୟ ସମାଲୋଚକଙ୍କ ସହିତ ତୁଳନା କରି ତୁଳନାତ୍ମକ ସାମ୍ୟ ଓ ବୈଷମ୍ୟ ପ୍ରଦର୍ଶନ କରିବା ଉଚିତ । ଆମେ କୌଣସି ଏକ ସମାଲୋଚକଙ୍କର ଗ୍ରନ୍ଥକୁ ସମାଲୋଚକମାନଙ୍କ ଗ୍ରନ୍ଥ ପାର୍ଶ୍ୱରେ ରଖି ତୁଳନା କରିବା । କୌଣସି ଏକ ଯୁଗର ସମାନ ଧରଣର ସାହିତ୍ୟିକ ଗ୍ରନ୍ଥ ବା ସମାଲୋଚନା ପୁସ୍ତକ ପ୍ରଭୃତିର ତୁଳନା ଫଳରେ ସମାଲୋଚନା କ୍ଷେତ୍ରରେ ଆମକୁ ବିଶେଷ ସାହାଯ୍ୟ ମିଳିପାରିବ । ଏହିପରି ତୁଳନାତ୍ମକ ଅଧ୍ୟୟନ ଓ ଅନୁଶୀଳନ ଫଳ ଅତ୍ୟନ୍ତ ଚମତ୍କାରକ ଓ ଆନନ୍ଦପ୍ରଦ ହେବ ।

ବ୍ୟକ୍ତିଗତ ଭାବରେ ସମାଲୋଚକଙ୍କୁ ଏହି ଭାବରେ ବିଚାର କରିବା ଫଳରେ, ସମାଲୋଚନା ସାହିତ୍ୟର ଇତିହାସ ଅଧ୍ୟୟନ କରିବାରେ ଆମକୁ ସୁଯୋଗ ମିଳିବ । ଏହାଦ୍ୱାରା ଆମେ ଆହୁରି ଏକ ଚମତ୍କାରକ କାର୍ଯ୍ୟକ୍ଷେତ୍ର ପାଇପାରିବା, ଯୁଗ ଯୁଗ ଧରି ମନୁଷ୍ୟ ସମାଜ ସାହିତ୍ୟ ସମ୍ବନ୍ଧରେ ଯାହା ଉପଲବ୍ଧି କରିଆସିଛନ୍ତି । ଏହାର ଲକ୍ଷ୍ୟ ଓ ନୀତି ସମ୍ବନ୍ଧରେ ସେମାନଙ୍କର ଯାହା ଧାରଣା କିମ୍ବା ଏହାର ଘଟଣାବସ୍ତୁ

ବା ରଚନାପଦ୍ଧତି ପ୍ରଭୃତିରେ ସାହିତ୍ୟିକମାନଙ୍କର ମତ ଓ ମନ୍ତବ୍ୟ, ଏ ସମସ୍ତ ଆମ ସମ୍ମୁଖରେ ଆସି ଉପନୀତ ହେବ । ଏ ସମସ୍ତ ପରିବର୍ତ୍ତିନ ସାହିତ୍ୟିକ ସମାଲୋଚନାର ଇତିହାସରେ ଲିପିବଦ୍ଧ ରହିବାର ଯୋଗ୍ୟ । ସମାଲୋଚନାମୂଳକ ମତ ବା ମନ୍ତବ୍ୟର ଇତିହାସ ଆଲୋଚନା କରିବା ଦ୍ୱାରା ଆମ ଜ୍ଞାନର ପରିସର ପରିବର୍ଦ୍ଧିତ ହୋଇଥାଏ ଏବଂ ଏହା ମଧ୍ୟ ସାହିତ୍ୟର ଇତିହାସ ରଚନା କରିବା ସମୟରେ ଅତ୍ୟନ୍ତ ସହାୟକ ହୋଇଥାଏ ।

ଏଠାରେ ଗୋଟିଏ କଥା ଉଲ୍ଲେଖଯୋଗ୍ୟ । ସମାଲୋଚନା ଫଳରେ ଲେଖକମାନଙ୍କ ମଧ୍ୟରେ ସାମାନ୍ୟ ସଂଯମ ଓ ଦିଗ୍‌ନିର୍ଣ୍ଣୟ ବ୍ୟତୀତ ମୌଳିକ ସାହିତ୍ୟର ବିକାଶରେ ସମାଲୋଚନାର କାର୍ଯ୍ୟ ତେତେ ଗୁରୁତ୍ୱପୂର୍ଣ୍ଣ ବା ଉଲ୍ଲେଖ-ଯୋଗ୍ୟ ନୁହେଁ । ଏହା ସାହିତ୍ୟିକ ରଚନା ସୃଷ୍ଟି ଦିଗରେ କୌଣସି ମୌଳିକ ପ୍ରେରଣା ଦେବାକୁ ଅକ୍ଷମ । ସାଧାରଣତଃ ମୌଳିକ ରଚନା ଆଗରେ ପଥପ୍ରଦର୍ଶନ କରିଥାଏ ଓ ସମାଲୋଚନା ଏହାର ଅନୁସରଣ କରିଥାଏ । ଯେଉଁଠାରେ କବି ନିଜେ ସମାଲୋଚକ, ସେଠାରେ ସେ କବି ଭାବରେ ଅଧିକ ଖ୍ୟାତି ଅର୍ଜନ କରି-ପାରିଥାନ୍ତି । କାରଣ ତାଙ୍କର ପ୍ରତିଭାର ସ୍ୱାଭାବିକ ସ୍ଫୁରଣ କାବ୍ୟ, କବିତା, ନାଟକ, ଉପନ୍ୟାସ ପ୍ରଭୃତି ମୌଳିକ ସାହିତ୍ୟ ସୃଷ୍ଟିରେ ଅଧିକ ଭାବରେ ହୋଇପାରିଥାଏ । ଏ ଦିଗରେ ଓ୍ୱାଡ଼ସ୍‌ଓ୍ୱାର୍ଥ, ମାଥ୍ୟୁ ଆରନୋଲଡ୍ ଓ ହ୍ୱାଇଟ୍‌ମ୍ୟାନ୍ ପ୍ରଭୃତିଙ୍କୁ ଇଂରାଜୀ ସାହିତ୍ୟର ଉଦାହରଣସ୍ୱରୂପ ଉଲ୍ଲେଖ କରାଯାଇପାରେ । ବଙ୍ଗ ସାହିତ୍ୟରେ ରବୀନ୍ଦ୍ରନାଥ ନିଜର ଗୀତି କବିତାରେ ଯେତେ ଖ୍ୟାତି ଅର୍ଜନ କରିଛନ୍ତି, ସମାଲୋଚନାମୂଳକ ରଚନାରେ ତେତେ ପ୍ରସିଦ୍ଧିଲାଭ କରିନାହାନ୍ତି । ଓଡ଼ିଆ ସାହିତ୍ୟରେ ମାୟାଧର ମାନସିଂହଙ୍କୁ ମଧ୍ୟ ଏ ପ୍ରସଙ୍ଗରେ ବିଚାର କରାଯାଇପାରେ । 'କମଳାୟନ'ରେ ଯେଉଁ କବି-ପ୍ରତିଭାର ସ୍ୱରୂପ ଆମେ ଦେଖିବାକୁ ପାଉଁ ସମା-ଲୋଚନାମୂଳକ 'କବି ଓ କବିତା'ରେ କବିଙ୍କର ବିଚାରଗତ ପ୍ରଚେଷ୍ଟାରେ ସେହି ଦୂରଦୃଷ୍ଟିର ଅଭାବ ଆମକୁ ହତାଶ କରିଥାଏ ।

କୌଣସି ଗ୍ରନ୍ଥର ସାହିତ୍ୟିକ ମୂଲ୍ୟ ସମ୍ବନ୍ଧରେ ଆମ ମନରେ ନାନା ଦ୍ୱନ୍ଦ୍ୱ ଆସିଥାଏ । କେଉଁ କେଉଁ ସାହିତ୍ୟିକ ବିଭବ ଓ ବିଭାବ ଥିଲେ କୌଣସି ଏକ ଗ୍ରନ୍ଥ ଚିରନ୍ତନ ସାହିତ୍ୟ ହୋଇପାରିବ, ତାହା ସର୍ବଥା ବିଚାର୍ଯ୍ୟ । ଆମେ ଚିରନ୍ତନ ସାହିତ୍ୟ ଭାବରେ ଯାହାକୁ ଆଖ୍ୟାତ କରୁ, ଇଂରାଜୀ ସାହିତ୍ୟରେ **classic** ଭାବରେ ତାହା ଗୃହୀତ । ସାଧାରଣ କେତେକଙ୍କର ଧାରଣା ଯେ **classic** ହେଉଛି ପୁରାତନ ସାହିତ୍ୟ ଓ ସେମାନେ ପୁରାତନ ଓ ନୂତନ ସାହିତ୍ୟ ମଧ୍ୟରେ ଗୋଟିଏ ବିଭେଦ ସୃଷ୍ଟି କରିବସନ୍ତି; କିନ୍ତୁ ଏକଥା ମନେରଖିବା ଉଚିତ ଯେ, **classic** କୌଣସି ଗୋଟିଏ ନିର୍ଦ୍ଦିଷ୍ଟ ଯୁଗର ସାହିତ୍ୟ ନୁହେଁ । ଏହା ବାସ୍ତବରେ ଚିରନ୍ତନ

ସାହିତ୍ୟ । ଏହି ଚିରନ୍ତନ ସାହିତ୍ୟର ସଂଜ୍ଞା ନେବାକୁ ଯାଇ ହଡସନ୍ କହନ୍ତି ଯେ, ଯେଉଁ ଗ୍ରନ୍ଥ କାଳଚକ୍ରର ପରୀକ୍ଷାକୁ ଅତିକ୍ରମ କରି ଚିର ଦୀପ୍ତିମାନ ଏବଂ ଯାହାର ଦୃଢ଼ ଭିତ୍ତି ସାପେକ୍ଷତା ଓ ଚିରନ୍ତନତା ତଥା ସାର୍ବଜନୀନ ଭାବର ପ୍ରତିଷ୍ଠା ଓ ପ୍ରସାର ତାହାକୁ ଦେଶ, କାଳ, ପାତ୍ରର ସୀମା ଅତିକ୍ରମ କରାଇ ନେଇ ମାନବସମାଜରେ ଅମର ଜୀବନ ପ୍ରତିଷ୍ଠା ନିମନ୍ତେ ସୁଯୋଗ ଦେଇଥାଏ, ତାହା ହେଉଛି ଯଥାର୍ଥରେ ଚିରନ୍ତନ ସାହିତ୍ୟ । ଯଥାର୍ଥରେ ଚିରନ୍ତନ ସାହିତ୍ୟ ମାନବ ସମାଜର ବାର୍ତ୍ତାବହ ଓ ପଥପ୍ରଦର୍ଶକ, ମାନବର ସୁଖ-ଦୁଃଖରେ ସହାନୁଭୂତିଶୀଳ ଓ କର୍ମକ୍ଷେତ୍ରରେ ପ୍ରେରଣାଦାୟକ । ଏଭଳି ସାହିତ୍ୟ କାଳର ନ ହୋଇ ହୁଏ କାଳନ୍ତର, ମୁଷ୍ଟିମେୟଙ୍କର ନ ହୋଇ ସମଗ୍ର ମାନବ ସମାଜର ଆଶା ଓ ଆକାଂକ୍ଷାର ସ୍ଥଳ ହୋଇଥାଏ ।

ଲଙ୍ଗିନସ୍ କହନ୍ତି, ଯେଉଁସବୁ ଗ୍ରନ୍ଥ ସମସ୍ତଙ୍କର ଓ ସର୍ବକାଳର ଆଦରଣୀୟ, ସେହିଗୁଡ଼ିକୁ ବାସ୍ତବରେ ଆମେ ମହନୀୟ ବୋଲି ମନେକରିବା । ଯେଉଁ ଗ୍ରନ୍ଥ, ବିଭିନ୍ନ ରୁଚି, ରୀତିନୀତି, ଆଶା ଆକାଂକ୍ଷା, ଯୁଗ ଓ ଭାଷାଭାଷୀ ବ୍ୟକ୍ତିମାନଙ୍କ ମଧ୍ୟରେ ସମଭାବରେ ରେଖାପାତ କରିବାକୁ ସମର୍ଥ ହୋଇଥାଏ, ଏତେ ବିଭିନ୍ନତା ମଧ୍ୟରେ ସୁଦ୍ଧା ଐକ୍ୟ ଆନୟନ କରିବାରେ କୃତକାର୍ଯ୍ୟ ହୋଇଥାଏ, ସେହି ଗ୍ରନ୍ଥ ବାସ୍ତବରେ ଆମର ନମସ୍ୟ ଓ ତାହା ଚିରନ୍ତନ ସାହିତ୍ୟ ଆଖ୍ୟାଧାରୀ ।

ସବୁ ଦେଶରେ ଓ ସବୁ କାଳରେ "Survival of the Fittest" ଅର୍ଥାତ୍ ଯୋଗ୍ୟ ବ୍ୟକ୍ତିର ସଂସାର କ୍ଷେତ୍ରରେ ପ୍ରତିଷ୍ଠା ବାସ୍ତବରେ ସମର୍ଥିତ ହୋଇ ଆସିଛି । ସାହିତ୍ୟ ସମାଲୋଚନାରେ ଏ କଥାଟି ବିସ୍ମୃତ ହେବାର ନୁହେଁ । ଏହି ସତ୍ୟଟି ପ୍ରାଣୀଜଗତ ପ୍ରତି ପ୍ରଯୁଜ୍ୟ ହେଲେ ମଧ୍ୟ ସାହିତ୍ୟ କ୍ଷେତ୍ରରେ ଏହାର ଉପାଦେୟତା ତେତେ ନ୍ୟୂନ ନୁହେ । ଯେ କୌଣସି ଜୀବଜନ୍ତୁ ତୁଲ୍ୟ ଖଣ୍ଡେ ଗ୍ରନ୍ଥ ବିଭିନ୍ନ ଅବସ୍ଥା ମଧ୍ୟରେ ନିଜର ଉପଯୋଗିତା ପ୍ରତିପାଦନ କରିବା କାରଣରୁ ହିଁ ପ୍ରଥମରେ ବଞ୍ଚିରହେ ଅର୍ଥାତ୍ ବିଭିନ୍ନ ଅବସ୍ଥା ସହ ଖାପ୍ ଖାଇଲା ଭଳି ଘଟଣା ଏଥିରେ ସନ୍ନିବିଷ୍ଟ ହୋଇଥାଏ । ଅନ୍ୟପକ୍ଷରେ ଅଭିପ୍ରେତ ପାଠକମାନଙ୍କ ପ୍ରାଣରେ ବିମଳାନନ୍ଦ ସୃଷ୍ଟି କରି ସେମାନଙ୍କଠାରେ ଚିତ୍ତାକର୍ଷକ ହୋଇପାରିବା ଭଳି ଶକ୍ତି ଓ ସାମର୍ଥ୍ୟ ଏହାର ସ୍ଥାୟିତ୍ୱରେ ସାହାଯ୍ୟ କରେ । ଆଗରୁ କୁହାଯାଇଛି, କେତେକ ଗ୍ରନ୍ଥ ଚଳଣି, ଅଭିରୁଚି, ଏପରିକି ସଭ୍ୟତାର ପରିବର୍ତ୍ତନରେ ମଧ୍ୟ ବଞ୍ଚି ରହିବାର ଶକ୍ତି ଧାରଣ କରିଥାନ୍ତି । କାରଣ ସେମାନେ ନୈତିକ ଓ କୃଷ୍ଟିସମ୍ପନ୍ନ ଜୀବନ ଯାପନର ଉନ୍ନତିମୂଳକ ପରିସ୍ଥିତି ମଧ୍ୟରେ ଆପଣାକୁ ପୂର୍ଣ୍ଣରୂପରେ ଉପଯୋଗୀ କରି ମିଶାଇ ନେଇଥାନ୍ତି । ସେହି ଗ୍ରନ୍ଥମାନଙ୍କରେ ସମସାମୟିକ ଯୁଗ ଓ ସମାଜ ସଙ୍ଗେ ଅଖିଳ ମାନବ ସମାଜ ନିମନ୍ତେ 'ମୂର୍ତ୍ତିମନ୍ତ ବାର୍ତ୍ତା' ଯୁଗ ଯୁଗ ଧରି ବିଦ୍ୟମାନ ଥାଏ ।

ଜୀବନର ଭାବଧାରା ଯେଉଁମାନଙ୍କର ସଙ୍କୀର୍ଣ୍ଣ ଓ ଯେଉଁମାନଙ୍କର ଦୃଷ୍ଟି ଜୀବନର କ୍ଷଣିକ ସତ୍ୟ ଉପରେ ନିବଦ୍ଧ, ସେହିମାନେ କୌଣସି ଗୋଟିଏ ନିର୍ଦ୍ଦିଷ୍ଟ ସାମୟିକ ସମସ୍ୟା ଉପରେ ନିଜର ଲେଖନୀ ଚାଳନା କରିଥାନ୍ତି । ତେଣୁ ଚିରନ୍ତନ ସାହିତ୍ୟ ସୃଷ୍ଟି ସେମାନଙ୍କ ପକ୍ଷରେ ଅସମ୍ଭବ ହୋଇପଡ଼େ । ସେମାନଙ୍କ ସାହିତ୍ୟ ସୃଷ୍ଟି ସ୍ଥାନୀୟ ଓ କ୍ଷଣସ୍ଥାୟୀ ହୋଇଥାଏ, ଅର୍ଥାତ ଏହା ସ୍ଥାନ ଓ କାଳର ସଙ୍କୀର୍ଣ୍ଣ ସୀମାକୁ ଅତିକ୍ରମ କରିବାକୁ ଅସମର୍ଥ ହୁଏ । କିନ୍ତୁ ସ୍ଥାନୀୟ ଘଟଣାକୁ କଥାବସ୍ତୁ ରୂପେ ଗ୍ରହଣ କରିଥିଲେ ସୁଦ୍ଧା ଯେଉଁ ରଚନାମାନଙ୍କରେ ନିରବଚ୍ଛିନ୍ନ ଜୀବନର ରହସ୍ୟ ଗର୍ଭିତ ହୋଇଥାଏ ଏବଂ ସ୍ଥାନୀୟ ତଥା କ୍ଷଣସ୍ଥାୟୀ ଘଟଣାକୁ ମଧ୍ୟ କୃତିତ୍ୱ ସହକାରେ ସଂଯୋଜିତ କରାଯାଇଥାଏ—ସର୍ବୋପରି ଏହି ସଂଯୋଜନା ମଧ୍ୟରେ ଲେଖକଙ୍କର ଗଭୀର ଅନ୍ତର୍ଦୃଷ୍ଟି ଓ ଅସାଧାରଣ ଶକ୍ତି ସନ୍ନିବିଷ୍ଟ ହୋଇଥାଏ, ସେହି ରଚନାହିଁ ସାର୍ବଜନୀନ ଓ ଚିରସ୍ଥାୟୀ ହୋଇପାରେ । ଲେଖକ ଅପ୍ରତିଦ୍ୱନ୍ଦ୍ୱୀ ଅନ୍ତର୍ଦୃଷ୍ଟି, ଅର୍ଥ ଗ୍ରହଣ ଶକ୍ତି ଓ ସାମର୍ଥ୍ୟର ସାହାଯ୍ୟରେ ସାର୍ବଜନୀନ ଓ ଚିରସ୍ଥାୟୀ ଘଟଣାବସ୍ତୁ ନିର୍ବାଚନ କରିବାକୁ କ୍ଷମ ହୋଇଥିବେ । ସ୍ଥାନ, କାଳ, ପାତ୍ର ନିର୍ବିଶେଷରେ ପରିଦୃଷ୍ଟ ମାନବିକ ଅନୁଭୂତି, ଆଶା, ଆକାଂକ୍ଷା, ବିପ୍ଳବ, ଆନନ୍ଦ ସାହିତ୍ୟ ସୃଷ୍ଟିରେ ସହାୟକ ଓ ଏହି ଗୁଡ଼ିକୁ କେନ୍ଦ୍ର କରି ସାହିତ୍ୟରେ ଘଟଣା ବୈଚିତ୍ର୍ୟର ସମାବେଶ କରାହୋଇଥାଏ । ଏଗୁଡ଼ିକ ମାନବ ଜୀବନର ସାଧାରଣ ଭିତ୍ତି ଏବଂ ଶତ ଶତ ବର୍ଷର ଅଗ୍ରଗତିରେ ଯୁଗରୁଚିର ପରିବର୍ତ୍ତନ ହେଲେ ସୁଦ୍ଧା ଏଗୁଡ଼ିକର ମହତ୍ତ୍ୱ ମ୍ଳାନ ହେବନାହିଁ କିମ୍ବା ଦେଶାଚାରର ବିଭିନ୍ନତା ଏହାର ଗୁରୁତ୍ୱକୁ ପୁରାତନ ବା ଜୀର୍ଣ୍ଣ କରିବାକୁ କ୍ଷମ ହେବନାହିଁ । ଏହି ସମସ୍ତ ବିଷୟ ଯେ କୌଣସି ଚିରନ୍ତନ ପୁସ୍ତକର ମହତ୍ତ୍ୱ ନିରୂପଣ ପ୍ରସଙ୍ଗରେ ବିଚାର କରିବାର କଥା । ଏ ଦିଗରୁ ଦାନ୍ତେଙ୍କର ଡିଭାଇନ୍ କମେଡ଼ି ବା ସ୍ୱର୍ଗୀୟ ମିଳନାନ୍ତ କାବ୍ୟ, ମିଲ୍‌ଟନଙ୍କର ପାରାଡ଼ାଇଜ୍ ଲଷ୍ଟ, ହୋମରଙ୍କର ଇଲିଅଡ଼ ଓ ଓଡ଼େସି, ସେକସ୍‌ପିଅରଙ୍କର ବିୟୋଗାନ୍ତ ନାଟକାବଳୀ, ଭାରତୀୟ ସାହିତ୍ୟରେ ରାମାୟଣ, ମହାଭାରତ ପ୍ରମୁଖ ମହାକାବ୍ୟ, କାଳିଦାସଙ୍କର ଅମର ନାଟକାବଳୀ ଓ କାବ୍ୟସମୂହ ବାସ୍ତବିକ୍ ଅନୁଧ୍ୟେୟ ଓ ଏଗୁଡ଼ିକ ଚିରନ୍ତନ ସାହିତ୍ୟ ଭାବରେ ଦେଶ, କାଳ, ପାତ୍ରର ସୀମାକୁ ଅତିକ୍ରମ କରି ଚିର ସମ୍ମାନିତ ହେଉଥିବେ । ଓଡ଼ିଆ ସାହିତ୍ୟରେ ପୁରାଣ କବି ସାରଳାଦାସ, ଭାଗବତକାର ଜଗନ୍ନାଥ ଦାସ ପ୍ରମୁଖଙ୍କ ରଚନା ଆମର ବିଚାର ପ୍ରସଙ୍ଗକୁ ଆସିଥାଏ ।

ଯେ କୌଣସି ବିଷୟରେ ସମୟ ହିଁ ପ୍ରକୃଷ୍ଟ ବିଚାରକ । ତେଣୁ କୌଣସି ସାହିତ୍ୟଗତ ଅବଦାନର ମହତ୍ତ୍ୱ ନିରୂପଣରେ ସମୟ ହେଉଛି ଏକ ବିଶିଷ୍ଟ ଉପାଦାନ । କିନ୍ତୁ ଆଧୁନିକ ଜଗତରେ ଆମର ସମାଲୋଚନା ପିପାସା ଏତେଦୂର ବୃଦ୍ଧିପ୍ରାପ୍ତ ହୋଇଛି, ଯାହା ଫଳରେ ଆମେ କୌଣସି ଏକ ଗ୍ରନ୍ଥର ମୂଲ୍ୟ ଓ ମହତ୍ତ୍ୱ

ସମୟ ଦ୍ୱାରା ନିରୂପିତ ହେବା ନିମନ୍ତେ ସ୍ଥିର କରି ନିର୍ଦ୍ଦିଷ୍ଟ ଭାବରେ ଅପେକ୍ଷା କରି ନ ପାରୁ । ଏହା ଧୈର୍ଯ୍ୟ ସାପେକ୍ଷ ଓ ଆମ ରୁଚିର ପରିପନ୍ଥୀ । କିନ୍ତୁ ଆଧୁନିକ ରୁଚି ଓ ରୀତିନୀତି ମଧ୍ୟରେ ଯାହା ଆମର ଚିତ୍ତବିନୋଦକ ଓ ହୃଦ୍ୟ ହେଉଛି, ତାହା କେତେ ଶତ ବର୍ଷ ପରେ ଯେ ପାଠକମଣ୍ଡଳୀକୁ ସମାନ ଆନନ୍ଦ ଦାନ କରି ସେମାନଙ୍କଠାରୁ ସମପରିମାଣରେ ଆଦର ଲାଭ କରିବାକୁ କ୍ଷମ ହେବ, ସେ ବିଷୟରେ ଆମେ ନିର୍ଭରଯୋଗ୍ୟ ପ୍ରତିଶ୍ରୁତି ଦେଇପାରିବା ନାହିଁ ।

କୌଣସି ସାହିତ୍ୟରୁ ସୃଷ୍ଟ ସମାଲୋଚନା ସାହିତ୍ୟ ଜୀବନରୁ ସୃଷ୍ଟ ମୌଳିକ ସାହିତ୍ୟ ଅପେକ୍ଷା ଅଧିକ ସମ୍ମାନ ଲାଭ କରିବାକୁ କ୍ଷମ ହେବ ନାହିଁ ଏବଂ ଜୀବନ୍ତ ସାହିତ୍ୟ ବାସ୍ତବରେ ଅତୁଳନୀୟ । କବିତା, ନାଟକ କିମ୍ବା କଥା ସାହିତ୍ୟ ରାଜ୍ୟରେ ବିଶ୍ୱର ବିଖ୍ୟାତ ଗ୍ରନ୍ଥମାନଙ୍କ ସହ ଆମର ପରିଚିତି ଓ ଘନିଷ୍ଠତା କୌଣସି କବିତା, ନାଟକ କିମ୍ବା ଉପନ୍ୟାସର ବିଚାର ବେଳେ ଆମର ଯଥେଷ୍ଟ ସହାୟକ ହେବ । ଫଳତଃ ଆମେ ଆମର ଆଲୋଚ୍ୟ କବିତା, ନାଟକ ପ୍ରଭୃତିର ବାସ୍ତବ ମହତ୍ତ୍ୱ ନିରୂପଣ କରିପାରିବା । ଉତ୍ତମ ସାହିତ୍ୟ ଅଧ୍ୟୟନ ଫଳରେ କୁ ଓ ସୁ ମଧ୍ୟରେ ଗୋଟିଏ ପାର୍ଥକ୍ୟ ନିରୂପଣ କରିବାକୁ ଆମେ ସମର୍ଥ ହୋଇପାରିବୁ । ବହୁ ଗ୍ରନ୍ଥ ଅଧ୍ୟୟନ ଫଳରେ ଆମର ଜ୍ଞାନ ଭଣ୍ଡାର ବର୍ଦ୍ଧିତ ଓ ସମାଲୋଚନାର କ୍ଷେତ୍ର ପ୍ରସାରିତ ହୋଇଯିବ । କୌଣସି ଧରାବନ୍ଧା ନିୟମର ବଶବର୍ତ୍ତୀ ହେବା ଓ ମାଥ୍ୟୁ ଆର୍ନୋଲଡ୍‌ଙ୍କ କଥାରେ ପରୀକ୍ଷାର ଉପାୟ ସ୍ୱରୂପ **Touch-Stone** ବା କଷଟି ପଥରର ବ୍ୟବହାର କରି କବିଙ୍କର କୃତିର ମହତ୍ତ୍ୱ ନିରୂପଣ କରିବା ତେତେ ଯୁକ୍ତିଯୁକ୍ତ ନୁହେଁ । ଜଣେ ବିଖ୍ୟାତ ଫରାସୀ ଲେଖକ କହିଥିଲେ, ସାହିତ୍ୟକୁ କୌଣସି ପ୍ରକାର ସଙ୍କୀର୍ଣ୍ଣ ଭାବନାଗତ ଅତ୍ୟାଚାରରୁ ରକ୍ଷା କରିବା ଏବଂ ରୁଚିରେ ଯେ ପାର୍ଥକ୍ୟ ଓ ବୈଭିନ୍ନ୍ୟ ରହିବା ଉଚିତ ନୁହେଁ, ଏ ପ୍ରକାର ଧାରଣା ଓ ମତାନ୍ଧତା ସମାଲୋଚନାରୁ ଦୂରୀଭୂତ କରିବାହିଁ ସମାଲୋଚନାର ପ୍ରକୃତ ଉଦ୍ଦେଶ୍ୟ ଭାବରେ ଗୃହୀତ ହେବ । ବିଜ୍ଞାନର ଧରାବନ୍ଧା ନିୟମ ପ୍ରୟୋଗ ଭଳି ପଦ୍ଧତିର ଆଶ୍ରୟ ଗ୍ରହଣ ସମାଲୋଚନାରେ ଆଦୌ ବାଞ୍ଛନୀୟ ନୁହେଁ । କୌଣସି ଗୋଟିଏ ରଚନା ଠିକ୍ ଯେଉଁ ଭାବରେ ବିଦ୍ୟମାନ, ସେହି ଭାବରେ ଦେଖିବାକୁ ଆର୍ନୋଲଡ୍ କହିଛନ୍ତି । କିନ୍ତୁ କୌଣସି ରଚନାକୁ ପାଠକ ବାହ୍ୟଚକ୍ଷୁରେ ପାଠ କଲେ ସୁଦ୍ଧା ବାସ୍ତବରେ ତା'ର ମୂଲ୍ୟ ନିରୂପଣ କରିଥାଏ । ପାଠକର ଅନ୍ତର୍ନିହିତ ପ୍ରବୃତ୍ତି ଓ ସେ ନିଜର ମାନସପଟରେ ବାସ୍ତବରେ ସେହି ରଚନାକୁ ଦର୍ଶନ କରିଥାନ୍ତି । ତେଣୁ ପାଠକ ନିଜର ଚରିତ୍ର ବା ରୁଚିର ମାନଦଣ୍ଡରେ କୌଣସି ସାହିତ୍ୟିକ ରଚନାର ବିଚାର କରିଥାଏ । ସାହିତ୍ୟ ବ୍ୟକ୍ତିତ୍ୱରୁ ସୃଷ୍ଟ ଓ ବ୍ୟକ୍ତିବିଶେଷଙ୍କର ରୁଚିର ତାରତମ୍ୟ ଅନୁସାରେ ଏହା ସେମାନଙ୍କଠାରେ ଉପନୀତ ହୋଇ ସେମାନଙ୍କ ଦ୍ୱାରା ଗୃହୀତ ହୋଇଥାଏ । ସାହିତ୍ୟ ବିଭିନ୍ନ ଅକାରରେ

ବିଭିନ୍ନ ବିଷୟର ଅବତାରଣା କରିଥାଏ । ସୁତରାଂ ଏହା ଆମ୍ଭମାନଙ୍କର ସହାନୁଭୂତି ପାଇବା, ଅନୁଭୂତିକୁ ଉଦ୍ଦୀପିତ କରିବା ଏବଂ ଆମର ପ୍ରବୃତ୍ତିର ଜାଗରଣ ଆନୟନ କରିବା ବିଧେୟ । ବିଭିନ୍ନ ବିଷୟବସ୍ତୁ ଗ୍ରହଣ କରି ବିଭିନ୍ନ ଭାବରେ ଏହା ଆମର ଆଦର ଲାଭ କରୁଛି । ତେଣୁ କୌଣସି ସାହିତ୍ୟିକ ରଚନାର ବିଚାର ବେଳେ ଆମର ଆଦର, ଅନାଦର, ନିନ୍ଦା, ପ୍ରଶଂସା—ଏ ସମସ୍ତର ତାରତମ୍ୟ ନିଶ୍ଚୟ ରହିବ । ଏହି ଶେଷ ଫଳରୁ ଅନ୍ୟ ବାଟ ନାହିଁ । ସମାଲୋଚନାରୁ ବ୍ୟକ୍ତିଗତ ଉପାଦାନକୁ ଆମେ ଦୂର କରି ପାରିବା ନାହିଁ । ତେଣୁ କୌଣସି ବୈଶିଷ୍ଟ୍ୟବିହୀନ ସାମ୍ୟମୂଳକ ମନ୍ତବ୍ୟରେ ଉପନୀତ ହେବା ସାହିତ୍ୟ ସମାଲୋଚନା କ୍ଷେତ୍ରରେ ସମ୍ଭବପର ନୁହେଁ । କିନ୍ତୁ ଏ ସବୁ ବୈଭିନ୍ନ୍ୟ ସତ୍ତ୍ୱେ ଆମେ ଆମର ରୁଚିକୁ ମାର୍ଜିତ କରିପାରିବା ଓ ଆମର ବିଚାର-ଧାରାକୁ ସଂଯତ କରିପାରିବା । ବିଧିବଦ୍ଧ ଶିକ୍ଷା ଫଳରେ ଏଗୁଡ଼ିକ ସୁଶୃଙ୍ଖଳିତ ଓ ସୁପରିଚାଳିତ ହୋଇ ପାରିବେ । ସୁତରାଂ ସାହିତ୍ୟ ସମାଲୋଚନା କ୍ଷେତ୍ରରେ ଶିକ୍ଷା-ମୂଳକ ଅଭ୍ୟାସ ଏକ ପ୍ରଧାନ ବିଷୟ । ଏହି ଅଭ୍ୟାସହିଁ ଆମର ପଥପ୍ରଦର୍ଶକ ହେବ । ସାହିତ୍ୟର ବ୍ୟାପକ ଅଧ୍ୟୟନ ଆମର ଏକାନ୍ତ ସହାୟକ ଓ ସାହିତ୍ୟକୁ ଯଦି ଜୀବନର ଚିତ୍ତ ବିନୋଦକ ଓ ଆନନ୍ଦଦାୟକ ଭାବରେ ଆମେ ଗ୍ରହଣ କରୁଥାଉଁ, ତେବେ ଏହି ଅଧ୍ୟୟନଗତ ଅଭ୍ୟାସର ପ୍ରାଧାନ୍ୟହିଁ ଯଥେଷ୍ଟ ପ୍ରଣିଧାନଯୋଗ୍ୟ । ଏହି ବିଷୟ ବିସ୍ମୃତ ହେଲେ ସମାଲୋଚନା ଶୁଷ୍କ, ନୀରସ ହେବ ଓ ସମାଲୋଚକ ନିଜର ଦାୟିତ୍ୱ ସୁସମାହିତ କରିବାକୁ କ୍ଷମ ହେବେ ନାହିଁ ।

# ଯେଉଁମାନେ ଏ ସଙ୍କଳନକୁ ସମୃଦ୍ଧ କରିଛନ୍ତି

**ରାଧାନାଥ ରାୟ**

(୧୮୪୮-୧୯୦ ) ଓଡ଼ିଆ ସାହିତ୍ୟରେ ରାଧାନାଥ ରାୟ କବି ଭାବରେ ସୁପରିଚିତ । ମାତ୍ର ତାଙ୍କର ପ୍ରସିଦ୍ଧ କାବ୍ୟଗୁଡ଼ିକ ପ୍ରକାଶିତ ହେବାର ବହୁ ପୂର୍ବରୁ ସେ 'ବିବେକୀ' ଓ 'ଇତାଲୀୟ ଯୁବା' ଗଦ୍ୟ ଦୁଇଟି ରଚନା କରିଥିଲେ । ଦୁଃଖର କଥା ଯେ, ରାଧାନାଥଙ୍କ କାବ୍ୟାଲୋଚନା କ୍ଷେତ୍ରରେ ଗଦ୍ୟଲେଖାର ମୂଲ୍ୟ ହୀନପ୍ରଭ ହୋଇଯାଇଅଛି । ମାତ୍ର 'ବିବେକୀ' ପରି ଏକ ଭାବସମ୍ବଳିତ ଗଦ୍ୟ ଲେଖା ଓଡ଼ିଆ ସାହିତ୍ୟରେ ଅନନ୍ୟସାଧାରଣ କହିଲେ ଅତ୍ୟୁକ୍ତି ହେବ ନାହିଁ । 'ବିବେକୀ'ର ରଚନାକାଳ ୧୮୭୩ ସାଲ ବୋଲି ଜାଣାଯାଇଅଛି । ଆଲୋଚ୍ୟ ସଙ୍କଳନର 'ବହିର୍ଦୁଃଖ ଓ କର୍ତ୍ତବ୍ୟ ବିଗ୍ରହ' ଏହି ବିବେକୀ ପ୍ରବନ୍ଧର ଏକ ଅଂଶବିଶେଷ ମାତ୍ର । ଊନବିଂଶ ଶତାବ୍ଦୀର ଗଦ୍ୟ ଲେଖା ହିସାବରେ ଏହି ଶୈଳୀର ଏକ ସ୍ୱକୀୟ ମହିମା ଲକ୍ଷ୍ୟ କରାଯାଇପାରେ ।

**ନବକିଶୋର ଦାସ**

ଜନ୍ମ—୧୨ । ୧୨ । ୧୯୧୨ । ଏକାଧାରରେ ଜଣେ କବି, ନାଟ୍ୟକାର, ଔପନ୍ୟାସିକ ଓ ପ୍ରାବନ୍ଧିକ । ଭାରତୀୟ ପି. ଇ. ଏନ. ଓ ନବ୍ୟବାଣୀ ଆନ୍ଦୋଳନ ସହିତ ଅତ୍ୟନ୍ତ ନିବିଡ଼ ଭାବରେ ସଂପୃକ୍ତ । ବହୁକାଳ ଉତ୍କଳ ସମ୍ମିଳନୀ ଓ ଉତ୍କଳ ସାହିତ୍ୟ ସମାଜର କର୍ମକର୍ତ୍ତା ଥିଲେ । ପ୍ରକାଶିତ ପୁସ୍ତକ ପ୍ରାୟ ୧୫ ରୁ ଅଧିକ । ୧୯୩୫ ରେ 'ମଞ୍ଜରୀ' କବିତା ସଙ୍କଳନ ପ୍ରକାଶିତ ହେଲା ପରେ ସେ ବିଖ୍ୟାତ ହୋଇଥିଲେ । ୧୯୩୭ ରେ ତାଙ୍କ ଲିଖିତ ନାଟକ 'କୁହୁକବଂଶୀ' ଆତ୍ମପ୍ରକାଶ କରିଥିଲା । 'ଉତ୍କଳ-ଗୌରବ ମଧୁସୂଦନ' ତାଙ୍କର ଏକ ଉଲ୍ଲେଖଯୋଗ୍ୟ କୃତି । 'ଆମ୍ଭର ଝଡ଼' ଉପନ୍ୟାସ ପ୍ରକାଶିତ ହେଲା ୧୯୫୫ ଖ୍ରୀଷ୍ଟାବ୍ଦରେ । ୧୯୫୭ ରେ ପ୍ରବନ୍ଧ ସଙ୍କଳନ 'ବିଶ୍ୱବାଣୀ' ପ୍ରକାଶିତ ହୋଇଅଛି । ତେବେ ପ୍ରବନ୍ଧ ପରିଚୟରେ ସ୍ଥାନ ପାଇଥିବା ପ୍ରବନ୍ଧ ଏ ପର୍ଯ୍ୟନ୍ତ କୌଣସି ସଙ୍କଳନରେ ସ୍ଥାନ ପାଇ ନ ଥିଲା । ଦାର୍ଶନିକ ଅଭିମୁଖ୍ୟ ପାଇଁ ଶ୍ରୀଯୁକ୍ତ ଦାସଙ୍କ ପ୍ରବନ୍ଧ ସ୍ୱତନ୍ତ୍ର ଆସନ ଦାବୀ କରିଥାଏ ।

## ବ୍ରଜବିହାରୀ ମହାନ୍ତି

ସ୍ୱର୍ଗତ ବ୍ରଜବିହାରୀ ମହାନ୍ତି ସାଂପ୍ରତିକ ଓଡ଼ିଆ ସାହିତ୍ୟରେ ଜଣେ ପ୍ରଭାବଶାଳୀ ଓ ଶକ୍ତିଶାଳୀ ପ୍ରବନ୍ଧ ଲେଖକ । ତାଙ୍କ ଲିଖିତ ଦୁଇଟି ପ୍ରବନ୍ଧ ପୁସ୍ତକ 'ଚିନ୍ତା' ଓ 'ସାଧନା' ବହୁକାଳ ବିଶ୍ୱବିଦ୍ୟାଳୟର ଉଚ୍ଚ ଶ୍ରେଣୀରେ ପାଠ୍ୟ ହୋଇ ରହିଥିଲା । ମନନଶୀଳତା ଏବଂ ଭାବୁକତା ପାଇଁ ଶ୍ରୀଯୁକ୍ତ ମହାନ୍ତିଙ୍କର ପ୍ରବନ୍ଧ ଚିରସ୍ମରଣୀୟ ହୋଇ ରହିବ ।

## ଭଗବାନ ପତି

ଜନ୍ମ—୫।୭।୧୯୦୩। ସବୁଜ ସାହିତ୍ୟ କାଳରେ ଭଗବାନ ପତି 'ସହକାର'ର ସମ୍ପାଦନାରେ ଏକ ଉଲ୍ଲେଖଯୋଗ୍ୟ ଅଂଶ ଗ୍ରହଣ କରି ଚିରସ୍ମରଣୀୟ ହୋଇଅଛନ୍ତି । ଏକାଧାରରେ କବି ଓ ନିବନ୍ଧଲେଖକ ହିସାବରେ ସୁପରିଚିତ । "ବସନ୍ତ କୋକିଳ" ନାମରେ ସେ ସାହିତ୍ୟ ଦରବାରରେ ଅଧିକ ପ୍ରଚାରିତ ହୋଇଥିଲେ । ତାଙ୍କ ପ୍ରକାଶିତ ଗଦ୍ୟଲେଖାଗୁଡ଼ିକ ଏବେ ମଧ୍ୟ ପୁସ୍ତକାକାରରେ ସଙ୍କଳିତ ହୋଇନାହିଁ । ଏହି ସଙ୍କଳନରେ ଏହିପରି ଏକ ମୂଲ୍ୟବାନ୍ ରଚନା ସ୍ଥାନ ଗ୍ରହଣ କରିଅଛି ।

## କାଳନ୍ଦୀଚରଣ ପାଣିଗ୍ରାହୀ

ଜନ୍ମ—୧୯୦୧ । ଗଳ୍ପ, ଉପନ୍ୟାସ, ପ୍ରବନ୍ଧ, ନାଟକ ଓ କବିତା ପ୍ରଭୃତି ସାହିତ୍ୟର ପ୍ରତ୍ୟେକ ବିଭାଗରେ ଲେଖନୀ ଚାଳନା କରି ଏହି ଯଶସ୍ୱୀ କଳାକାର ସୁପ୍ରତିଷ୍ଠିତ । ପ୍ରବନ୍ଧ ରଚନାରେ ତାଙ୍କର ସ୍ୱକୀୟ ଶୈଳୀ ଆଲୋଚକଙ୍କର ଦୃଷ୍ଟି ଆକର୍ଷଣ କରିଥାଏ । ତାଙ୍କର ଅଧିକାଂଶ ପ୍ରବନ୍ଧ ସାହିତ୍ୟ ସମ୍ବନ୍ଧୀୟ ହେଲେହେଁ ଏହି ସଙ୍କଳନର ପ୍ରବନ୍ଧ ସ୍ୱକୀୟ ମହିମାରେ ମହିମାନ୍ୱିତ । 'କହିପୁଚ୍ଛି ଜାଣେ ଯେ' ପରି ପ୍ରବନ୍ଧ ସାମ୍ପ୍ରତିକ ଓଡ଼ିଆ ସାହିତ୍ୟରେ ଖୁବ୍ କମ ଲିଖିତ ହୋଇଅଛି ।

## ବେଣୁଧର ରାଉତ

ଜନ୍ମ—୧୯୨୫ । ଅତ୍ୟାଧୁନିକ କବି ଭାବରେ ସୁପରିଚିତ । ପ୍ରକାଶିତ କବିତାପୁସ୍ତକ 'ପିଙ୍ଗଳାର ସୂର୍ଯ୍ୟ' । ସାମୟିକ ଗଦ୍ୟ ରଚନାରେ ମନୋନିବେଶ କରିଥିଲେ ହେଁ ଏପର୍ଯ୍ୟନ୍ତ ତାଙ୍କର କୌଣସି ଗଦ୍ୟଲେଖା ସଙ୍କଳିତ ହୋଇନାହିଁ । ପ୍ରକାଶିତ ଗଦ୍ୟ ଓ ସମାଲୋଚନା ସ୍ୱଳ୍ପ ହେଲେହେଁ ଗୁଣାତ୍ମକ ବିଚାରରେ ସେ-ଗୁଡ଼ିକ ଅତ୍ୟନ୍ତ ମୂଲ୍ୟବାନ୍ ଏବଂ ମୌଳିକ ସୃଷ୍ଟି ସମୀକ୍ଷାର ଅଧିକାରୀ । ସଙ୍କଳିତ ପ୍ରବନ୍ଧରେ ଏହିପରି ଦୃଷ୍ଟିଭଙ୍ଗୀ ଅତ୍ୟନ୍ତ ଉପଭୋଗ୍ୟ ।

## ହରେକୃଷ୍ଣ ମହତାବ

ଜନ୍ମ—୨୧ । ୧୧ । ୧୮୯୯ । ବିଶିଷ୍ଟ ରାଜନୀତିଜ୍ଞ ଭାବରେ ସୁପରିଚିତ । ଶ୍ରୀଯୁକ୍ତ ମହତାବଙ୍କର ଓଡ଼ିଆ ସାହିତ୍ୟକୁ ଦାନ ଉଲ୍ଲେଖଯୋଗ୍ୟ । ସେ ଆଜୀବନ ସାମ୍ବାଦିକତା କରିଛନ୍ତି ଏବଂ ସାହିତ୍ୟର ପ୍ରାୟ ପ୍ରତ୍ୟେକ ବିଭାଗରେ ଲେଖନୀଚାଳନା କରିଛନ୍ତି । ଝଙ୍କାର ମାସିକ ଓ ପ୍ରଜାତନ୍ତ୍ର ଦୈନିକର ପ୍ରାଣପ୍ରତିଷ୍ଠାତା ହିସାବରେ ସେ ସୁପରିଚିତ । ସ୍ୱାଧୀନତା ପରେ ଦେଶର ପୁନର୍ଗଠନରେ ଅତି ନିବିଡ଼ ଭାବରେ ଜଡ଼ିତ ଥିବାରୁ ଶିକ୍ଷା ସମସ୍ୟା ସମ୍ପର୍କରେ ତାଙ୍କର ଆଲୋଚନା କେତେକ ମୌଳିକ ଦୃଷ୍ଟିଭଙ୍ଗୀର ପରିଚୟ ଦେଇଥାଏ ।

## କୃଷ୍ଣଚରଣ ବେହେରା

ଜନ୍ମ—୧ । ୭ । ୧୯୩୨ । ଅଧ୍ୟାପକ ଡକ୍ଟର ଶ୍ରୀ ବେହେରା ଜଣେ ପ୍ରତିଷ୍ଠିତ ଗଳ୍ପ ଲେଖକ, ଗବେଷକ ଏବଂ ସୁପରିଚିତ ଅଧ୍ୟାପକ । ଏକାଧାରରେ ସେ କେବଳ ଜଣେ କବି ଓ କଥାକାର ନୁହନ୍ତି, ସମାଲୋଚନା ଏବଂ ସମସ୍ୟାଧର୍ମୀ ରଚନା ଲେଖିବାରେ ସେ ସ୍ୱତନ୍ତ୍ର ସ୍ୱୀକୃତିର ଅଧିକାରୀ ହୋଇଅଛନ୍ତି ।

## ପଠାଣି ପଟ୍ଟନାୟକ

ଜନ୍ମ—୧୯ । ୯ । ୧୯୨୮ । ଅଧ୍ୟାପକ ପଟ୍ଟନାୟକ ସାଂପ୍ରତିକ ସାହିତ୍ୟ ସମାଲୋଚନା କ୍ଷେତ୍ରରେ ସୁପରିଚିତ । ତାଙ୍କର ସମ୍ବାଦଧର୍ମୀ ଶୈଳୀ ଅତ୍ୟନ୍ତ ଶାଣିତ ଓ ପ୍ରାଣବନ୍ତ ।

## ଦୈତାରି କର

ଏକଦା ଶ୍ରୀ କର ପ୍ରାଚୀନ 'ସହକାର' ପତ୍ରିକାରେ ଉଚାଙ୍ଗ ତଥ୍ୟ ସମ୍ବଳିତ ପ୍ରବନ୍ଧ ପ୍ରକାଶ କରି ଯଶସ୍ୱୀ ହୋଇଥିଲେ । ସଙ୍କଳନରେ ପ୍ରକାଶିତ ପ୍ରବନ୍ଧ କୌଣସି ପୁସ୍ତକରେ ପ୍ରକାଶିତ ହୋଇ ନ ଥିବାରୁ ଆଲୋଚକମାନଙ୍କର ଦୃଷ୍ଟି ଆକର୍ଷଣ କରିବା ସମ୍ଭବ ନ ଥିଲା । ବର୍ତ୍ତମାନର ପାଠକ ଏହା ଦ୍ୱାରା ଏକ ମୂଲ୍ୟବାନ୍ ପ୍ରବନ୍ଧ ପାଠ କରିବାର ସୁଯୋଗ ଲାଭ କରିବେ ।

## ଚିତ୍ତରଞ୍ଜନ ଦାସ

ଜନ୍ମ—୩ । ୧୦ । ୧୯୨୩ । ଗବେଷକ ଚିତ୍ତରଞ୍ଜନ ଦାସ ଜଣେ ପ୍ରତିଭାଶାଳୀ ଲେଖକ । ବହୁକାଳ ପାଶ୍ଚାତ୍ୟ ବିଶ୍ୱବିଦ୍ୟାଳୟରେ ସେ ଅଧ୍ୟୟନ କରିବାର ସୁଯୋଗ

ଲାଭ କରିଥିଲେ । ବଳିଷ୍ଠ ସମାଲୋଚକ ଓ ଗବେଷକ, ଶକ୍ତିଶାଳୀ ଅନୁବାଦକ, ବହୁ ସାର୍ଥକ ଭ୍ରମଣକାହାଣୀର ଲେଖକ ହିସାବରେ ଶ୍ରୀ ଦାସ ସ୍ୱନାମଧନ୍ୟ ।

## ଚନ୍ଦ୍ରଶେଖର ରଥ

ଜନ୍ମ—୧୯୨୯ । ପ୍ରବନ୍ଧ ରଚନାରେ ସାଂପ୍ରତିକ ସାହିତ୍ୟରେ ତାଙ୍କର ପ୍ରକାଶଭଙ୍ଗୀ ଓ ଶୈଳୀ ସମ୍ପୂର୍ଣ୍ଣ ସ୍ୱତନ୍ତ୍ର ଏବଂ ଅତ୍ୟନ୍ତ ଶକ୍ତିଶାଳୀ । ପ୍ରକାଶିତ ପୁସ୍ତକ 'ଯନ୍ତ୍ରାରୂଢ଼' ଓ 'ମନଅରଣ୍ୟ' ରେ ସେ ଏହି ସ୍ୱକୀୟ ରଚନାଶୈଳୀର ସାର୍ଥକ ପରୀକ୍ଷା କରି ଯଶସ୍ୱୀ ହୋଇଅଛନ୍ତି ।

## ବ ନବିହାରୀ ସାହୁ

ଆଜୀବନ ଦର୍ଶନର ଅଧ୍ୟାପକ ଥାଇ ଓଡ଼ିଆ ପ୍ରବନ୍ଧ ସାହିତ୍ୟର ସମୃଦ୍ଧିକଳ୍ପେ ଲେଖନୀ ଚାଳନା କରିଆସିଥିଲେ । ଚିନ୍ତାଗର୍ଭକ ପ୍ରବନ୍ଧ ରଚନା କରିବାରେ ସେ ପ୍ରସିଦ୍ଧି ଅର୍ଜନ କରିପାରିଛନ୍ତି ।

## ଗୋପୀନାଥ ମହାନ୍ତି

ଜନ୍ମ ୦ । ୪ । '୧୪ । ସାହିତ୍ୟ ଏକାଡେମୀ ଓ ଜ୍ଞାନପୀଠ ପୁରସ୍କାରପ୍ରାପ୍ତ ଏହି ପ୍ରତିଭାଶାଳୀ ଓ ଅତ୍ୟନ୍ତ ଯଶସ୍ୱୀ ଲେଖକଙ୍କୁ ଓଡ଼ିଆ ପାଠକ ମାନେ ଜଣେ ଔପନ୍ୟାସିକ ଏବଂ ଗାଳ୍ପିକ ବୋଲି ଜାଣନ୍ତି । ମାତ୍ର ପ୍ରବନ୍ଧ ରଚନାରେ ଶ୍ରୀଯୁକ୍ତ ମହାନ୍ତିଙ୍କର ସ୍ୱକୀୟ ରଚନାଶୈଳୀ ଅତ୍ୟନ୍ତ ପ୍ରଣିଧାନଯୋଗ୍ୟ । ଏ କ୍ଷେତ୍ରରେ ସୃଷ୍ଟିସମ୍ପଦ ସ୍ୱଳ୍ପ ହେଲେହେଁ କଳାଗତ ଐଶ୍ୱର୍ଯ୍ୟ ଅତୁଳନୀୟ ।

## ଶ୍ରୀନିବାସ ମିଶ୍ର

ଜନ୍ମ-୧୯୨୭ । ସୁପରିଚିତ ଅଧ୍ୟାପକ ଡକ୍ଟର ଶ୍ରୀନିବାସ ମିଶ୍ର ଜଣେ ଶକ୍ତିଶାଳୀ ପ୍ରବନ୍ଧ ଲେଖକ ଓ ସମାଲୋଚକ । ତୀକ୍ଷ୍ଣ ଅନୁଶୀଳନ ଏବଂ ମୌଳିକ ଦୃଷ୍ଟିଭଙ୍ଗୀ ଯୋଗୁ ଅଧ୍ୟାପକ ମିଶ୍ରଙ୍କର ପ୍ରବନ୍ଧଗୁଡ଼ିକ ଅତ୍ୟନ୍ତ ହୃଦୟଗ୍ରାହୀ ଏବଂ ରସୋତ୍ତୀର୍ଣ୍ଣ । ପ୍ରକାଶିତ ପ୍ରବନ୍ଧ ପୁସ୍ତକ 'ସାହିତ୍ୟ କଥା' ।